ମେଲାଣିର ବେଳା

ଆତ୍ମଜୀବନୀ

ସୁଧାଂଶୁ ଶେଖର ଦାସ

ଚାରି କୋଣ | four corners

Digitized by PPRACHIN, SOA

ମେଲାଣିର ବେଳା

ଏକ ଆତ୍ମଜୀବନୀ

Digitized by PPRACHIN, SOA

Digitized by PPRACHIN, SOA

ମେଲାଣିର ବେଳା

ସୁଧାଂଶୁ ଶେଖର ଦାସ

ଚାରି କୋଣ

Digitized by PPRACHIN, SOA

ମେଲାଣିର ବେଳା
ସର୍ବାଧିକାର © ସୁଧାଂଶୁ ଶେଖର ଦାସ, ୨୦୧୧

ପ୍ରକାଶକ: ଚାରି କୋଣ, ଭୁବନେଶ୍ୱର

ବିତରକ :
ଜ୍ଞାନଯୁଗ ପବ୍ଲିକେଶନ, ଏନ୍ ୬-୪୨୮
ଆଇ.ଆର୍.ସି. ଭିଲେଜ୍
ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫
ଫୋନ - ୨୫୫୬୧୦୭

ମୁଦ୍ରଣ:
ଶିକ୍ଷା ପ୍ରକାଶନୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ : ୨୦୧୧
ମୂଲ୍ୟ: ୧୦୦ ଟଙ୍କା

Melanira Bela
© Sudhansu Sekhar Das

Published by:
Four Corners, Bhubaneswar

Distributed by:
Gnanajuga Publication, Bhubaneswar

Printed at:
Siksha Prakashani, Bhubaneswar

Price: Rs. 100

Digitized by PPRACHIN, SOA

ସୂଚୀପତ୍ର

୧)	ସ୍ମୃତି ପାରା	୧୩
୨)	ଗଣିତ ଶିକ୍ଷକ	୧୯
୩)	ଗାଁରୁ କଟକ	୨୭
୪)	ପିଲାଦିନ	୩୫
୫)	ସ୍କୁଲ ଜୀବନ	୪୮
୬)	କଲେଜ ଜୀବନ	୬୧
୭)	ବୃତ୍ତି-ସାମ୍ପାଦିକତା	୭୧
୮)	ସ୍ୱାଧୀନ ବୃତ୍ତି-ଶିଳ୍ପ	୮୮
୯)	ପ୍ରଥମଭାଗ୍ୟ ପରୀକ୍ଷା	୯୯
୧୦)	ବ୍ରିଡ଼ିଂ ଫାର୍ମ	୧୧୯
୧୧)	କୁକୁଡ଼ା ଶିଳ୍ପ ପାଇଁ ପାଣିପାଗ	୧୨୯
୧୨)	ଲଂଗ ଜଂପ/ହାଇ ଜଂପ ଓ ଖଣ୍ଡିଆ ଖାବରାର କାହାଣୀ	୧୪୩
୧୩)	କୁକୁଡ଼ା ଚାଷୀ ସଂଗଠନ	୧୮୪
୧୪)	ଅନ୍ତିମ ପରିଚ୍ଛେଦ	୧୮୫
୧୫)	ଦ୍ୱିତୀୟ ଜୀବନ	୨୨୦
୧୬)	ମେଲାଣିର ବେଳା	୨୨୭

Digitized by PPRACHIN, SOA

Digitized by PPRACHIN, SOA

ମୁଖବନ୍ଧ

ମେଲାଣିର ବେଳା ଏକ କ୍ରମବିକଶିତ ଜୀବନର ଧାରା ବିବରଣୀ ନୁହେଁ, ଯଦିଓ ଏଥିରେ ଶୈଶବ, କୈଶୋର ଓ ପରିଣତ ଜୀବନର କିଛି ସମୟାନୁକ୍ରମିକ ଘଟଣା ଓ ଅନୁଭୂତି ସାମିଲ । ଏହା ମୁଖ୍ୟତଃ ଘଟଣାବଲମ୍ବୀ: କେତେଗୁଡ଼ିଏ ମୁଖ୍ୟ ଓ ମୋଡ଼ ବଦଳାଇଥିବା ଘଟଣାର ଏକ ମନବୋଧ ଚଉତିଶା ।

କର୍ମ ଓ କର୍ମଫଳର ସଂଧାନ ଓ ଅଧ୍ୟୟନ ଏଇ ଆତ୍ମଜୀବନୀର ଏକ ମୁଖ୍ୟ ସ୍ୱର । କର୍ମରେ ଅପକର୍ମ ମଧ୍ୟ ନିହିତ । ଅପକର୍ମର ବିଚାର ଏତେ ସହଜ ନୁହେଁ । କିନ୍ତୁ ମଣିଷ ମନ ଏମିତି ଗୋଟିଏ ଜିନିଷ ଯେ ସଫେଇ ଦେବା ସତ୍ତ୍ୱେ, ବୁଝେଇ ପାରିବା ସତ୍ତ୍ୱେ, ଗୋଟିଏ ଗୋଟିଏ ତଥା କଥିତ ସଫଳ କର୍ମକୁ ମନ ଅପକର୍ମ ବୋଲି ନିଭୃତରେ ସ୍ୱୀକାର କରି ଅବଚେତନର ଗହୀରରେ ପୋତି ରଖେ । ବହୁ ବର୍ଷ ପରେ ହେଉ ବା ଅଳ୍ପ ସମୟ ଭିତରେ ହେଉ କୌଣସି କଷଣ, ଦଣ୍ଡ, ଦୁଃଖ ଭୋଗିବାକୁ ପଡ଼ିଲେ ତାକୁ ସେଇ ପୁରୁଣା ଅପକର୍ମର ପରିଣାମ ବୋଲି ଗ୍ରହଣ କରିବାକୁ ମନ ତିଆରି ହୋଇଯାଏ ।

ଘଟଣାମାନଙ୍କ ଭିତରେ ଏଇ କାରଣାତ୍ମକ ଯୋଗସୂତ୍ର ଖୋଜିବା 'ଚନ୍ଦ୍ର' ଚରିତ୍ରର ବୈଶିଷ୍ଟ୍ୟ ।

(୨)

ଆତ୍ମଜୀବନୀ ଲେଖିବା ପରମ୍ପରା ବହୁ ପ୍ରାଚୀନ । ବିଶ୍ୱାସ କରାଯାଏ, ପଞ୍ଚମ ଶତାବ୍ଦୀରେ ସେଣ୍ଟ ଅଗଷ୍ଟିନଙ୍କ 'କନଫେସନ୍ସ' ପୃଥିବୀର ସବୁଠାରୁ ପ୍ରାଚୀନତମ ଆତ୍ମଜୀବନୀ । ଦ୍ୱାଦଶ ଶତାବ୍ଦୀରେ ପ୍ରକାଶିତ ପିଟର ଆବେଲାର୍ଡ଼ଙ୍କ ଆତ୍ମଜୀବନୀ ଲେଖା ହେବା ବେଳକୁ ଆତ୍ମଜୀବନୀ ଆଉ ପାପ ସ୍ୱୀକାର ଓ ଅନୁଶୋଚନାର ତାଲିକା ନ ହୋଇ ଆତ୍ମ-ଜିଜ୍ଞାସାର ମାଧ୍ୟମ ହୋଇ ଯାଇଥିଲା । ଆଧୁନିକ ଯୁଗରେ ଏହା ସାହିତ୍ୟ ଏବଂ ସ୍ଥଳ ବିଶେଷରେ ଆତ୍ମବଡ଼ିମା ଓ ଆତ୍ମ ସଫେଇର ମାଧ୍ୟମ ଭାବରେ ବ୍ୟବହୃତ ହେବାର ଉଦାହରଣ ଅନେକ । କିନ୍ତୁ ଶହଶହ ଅପାଠ୍ୟ (ଓ କୁପାଠ୍ୟ) ଆତ୍ମଜୀବନୀ ମଧ୍ୟରୁ ଏମିତି ସବୁ ଆତ୍ମଜୀବନୀ ବାରି ହୋଇ ଯାଆନ୍ତି ଯାହାକୁ ପଢ଼ିବା ମାତ୍ରେ ପାଠକ ନିର୍ବିଘ୍ନରେ ଅନ୍ୟ ଏକ ସମୟ, ଅନ୍ୟ ଏକ ସମାଜ, ଅନ୍ୟ ଏକ ସଂସ୍କୃତିର ଚିତ୍ରରେ ବୁଡ଼ିଯାଏ । ଫ୍ରାଙ୍କ ମାକୋର୍ଟ(Frank

Digitized by PPRACHIN, SOA

McCourt) ଙ୍କ ଆତ୍ମଜୀବନୀ *ଏଞ୍ଜେଲାସ ଆସେସ୍* (Angela's Ashes) ପଢ଼ି କିଏ ଉଦ୍‌ବେଳିତ, ଆନ୍ଦୋଳିତ ନ ହୋଇଛି ? କେଉଁଠି ଆର୍ୟଲ୍ୟାଣ୍ଡ, କୋଉଠି ଓଡ଼ିଶା, କୋଉଠି ଖ୍ରୀଷ୍ଟିୟାନ କ୍ୟାଥଲିକ ଧର୍ମ, କୋଉଠି ହିନ୍ଦୁ ଧର୍ମ - କିନ୍ତୁ ଦାରିଦ୍ର୍ୟର କଷାଘାତ ସବୁଠି ସମାନ, ପିଲାଦିନର ରାଗରୁଷା, ଭଲ ପାଇବା, ମାନ ଅଭିମାନ ସବୁଠି ସମାନ । ସେମିତି ଟୋବାୟାସ ଓଲ୍‌ଫ (Tobias Wolff))ଙ୍କ ଆତ୍ମଜୀବନୀ *ଦିସ୍ ବଏସ୍ ଲାଇଫ୍* (This Boy's Life) ପଢ଼ିଲାବେଳେ ଏକ ଭଗ୍ନ, ବିପର୍ଯ୍ୟସ୍ତ ଆମେରିକୀୟ ପରିବାରରେ କେବଳ ମାଆଦ୍ୱାରା ପାଳିତ ଏକ ପ୍ରତ୍ୟୁତପନ୍ନମତି ପିଲାର ଆତ୍ମକାହାଣୀ ପଢ଼ିଲାବେଳେ ତା ଅନୁଭୂତି ସହିତ ଏକ ଆତ୍ମିକ ଯୋଗସୂତ୍ର ସ୍ଥାପନ କରିବା କଣ କଷ୍ଟ ସାପେକ୍ଷ ? ମାକୋର୍ଟ ଓ ଓଲ୍‌ଫ ସେଇ ଧରଣର ଲେଖକ ଓ ଆତ୍ମଜୀବନୀକାର ଯେଉଁମାନେ ଅତି ସହଜରେ ସେମାନଙ୍କ ବ୍ୟକ୍ତିଗତ ଅନୁଭୂତି ଓ ଉପଲବ୍ଧିକୁ ଏକ ସାର୍ବଜନୀନତାର ସ୍ୱାଦ ଆଣି ଦେଇଥାନ୍ତି - ଯାହା ଫଳରେ ଯିଏ ବହିଟିକୁ ଯେଉଁଠି ପଢ଼ିଲେ ବି ଆଦୌ କୌଣସି ଅଜଣା ଅଚିହ୍ନା ସଂସାରରେ ବିଚରଣ କରୁଛି ବୋଲି ମଣି ନ ଥାଏ ।

*ମେଲାଣିର ବେଳ*ରେ ଅଛି ଏଇ ଭଳି ଏକ ସଫଳତା ପାଇଁ ଆନ୍ତରିକ ପ୍ରଚେଷ୍ଟା ।

(୩)

ବହୁ ବ୍ୟବସାୟୀ ସେମାନଙ୍କ ଆତ୍ମଜୀବନୀ ଲେଖିଛନ୍ତି । (ଆତ୍ମଜୀବନୀ ଲେଖିବା କାହାରି - ବିଶେଷକରି ନେତା, ମନ୍ତ୍ରୀ, ଉଚ୍ଚପଦାଧିକାରୀ, ପ୍ରଶାସକ - ଏକଚାଟିଆ ଅଧିକାର ନୁହେଁ । ପ୍ରତି ଲୋକର - ଶିଳ୍ପୀ, କବି, ଲେଖକ, ବୈଜ୍ଞାନିକ ଲଗାଏତ କିଛି ନ କରିଥିବା ଲୋକ - ତା ଆତ୍ମଜୀବନୀ ଲେଖିବା ଅଧିକାର (ଓ ଦାୟିତ୍ୱ) ମୌଳିକ । ଏଥିରେ ସଫଳ-ବିଫଳ, ବିଖ୍ୟାତ-ଅଖ୍ୟାତ, ଏସବୁ ବିଚାରର କୌଣସି ଗୁରୁତ୍ୱ ନାହିଁ । ଫ୍ରାଙ୍କ ମାକୋର୍ଟ ଜଣେ ସାଧାରଣ ଶିକ୍ଷକ ଥିଲେ ।

ମୁଁ ପଢ଼ିଥିବା ବ୍ୟବସାୟୀଙ୍କ ଆତ୍ମଜୀବନୀ ଭିତରେ ବେଶି ନୁହେଁ ଚାରି ପାଞ୍ଚଟି ମାତ୍ର ବହି ଅଛି: ଆକି ମୋରିତା (Akio Morita)ଙ୍କ *ମେଡ୍ ଇନ ଜାପାନ* (Made in Japan), ମାଟ୍ଟେଓ ଜୁସେପ୍ ଅଲିଭେରି (Matteo Giusuppe Oliveri)ଙ୍କ *ଅଟୋବାଓଗ୍ରାଫି ଅଫ୍ ଏ ବେୟାରଫୁଟ ବିଜିନେସ୍‌ମ୍ୟାନ* (Autobiography of a Barefoot Business-man), ଡ଼ୋନାଲ୍ଡ ଟ୍ରମ୍ପ (Donald Trump)ଙ୍କ *ଦି ଆର୍ଟ ଅଫ୍ ଦି ଡ଼ିଲ୍*

Digitized by PPRACHIN, SOA

(The Art of the Deal) ଓ ରିଚାର୍ଡ୍ ବ୍ରାନ୍‌ସନ୍(Richard Branson)ଙ୍କ *ଲୁଜିଂ ମାଇଁ ଭର୍ଜିନିଟି* (Losing My Virginity)।

ଏଗୁଡ଼ିକ ସହିତ *ମେଲାଣିର ବେଳା* ପଢ଼ିଲା ପରେ, ପାଠକ ହିସାବରେ ଆମେ ଜାଣୁ ଯେ (୧) ବ୍ୟବସାୟୀର ଜୀବନ ସ୍ଥିର ନୁହେଁ; ବ୍ୟବସାୟୀର ଜୀବନ ଘଟଣା ବହୁଳ ଓ ଘଟଣାର ସୁଅ ବେଗବାନ, ଅନ୍ୟ କୌଣସି ବୃତ୍ତି ବେଉଷା ଅପେକ୍ଷା ଢ଼େର ବେଶି; (୨) ସଫଳତା ଓ ଅସଫଳତା ଉଭୟେ କ୍ଷିପ୍ର ଓ ନିମିଷକ ଭିତରେ ଉପୁଜି ଥାଏ; (୩) ବହୁ ସମୟରେ ସଫଳତା/ଅସଫଳତା ନିଜ ଉପରେ ନିର୍ଭର କରି ନଥାଏ; (୪) ବ୍ୟବସାୟୀକୁ ବହୁ ଲୋକଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ - ଖାଉଟି, ଅନ୍ୟ ବ୍ୟବସାୟୀ, ନେତା, ପ୍ରଶାସକ ଓ ସରକାରୀ କର୍ମଚାରୀ; ଓ ଏ ସମସ୍ତଙ୍କୁ ବିଭିନ୍ନ ବାଗରେ ସମ୍ଭାଳିବା ପାଇଁ, ସନ୍ତୁଷ୍ଟ ରଖିବା ପାଇଁ ବ୍ୟବସାୟୀକୁ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରିବାକୁ ପଡ଼ିଥାଏ।

ପ୍ରଥମ ପିଢ଼ିର ବ୍ୟବସାୟୀ ପକ୍ଷରେ ଏ ଯୁଗରେ ବ୍ୟବସାୟ ଆରମ୍ଭ କରିବା ଓ ତାକୁ ସଫଳ ଭାବେ କୌଣସି ଅନୈତିକ କାମରେ ଗୋଡ଼ ନ ପୁରାଇ ଚଳାଇ ରଖିବା ସେତିକି ସହଜ ବୋଧହୁଏ ଯେତିକି ହୋଇଥିବ ତ୍ରେତୟା ଯୁଗରେ ଲଙ୍କାରେ ହରି ନାମ କୀର୍ତ୍ତନ କରିବା। ସରକାରୀ କଳ ନିୟନ୍ତ୍ରଣ ସର୍ବସ୍ୱ; ସେ କଳକୁ ଚଳାଉଥିବା ବେଶି ଭାଗ କର୍ମଚାରୀ ମୁଖ୍ୟତଃ ନିସ୍ପୃହ - ସ୍ଥଳବିଶେଷରେ ଉତ୍ସାହ ଓ ସାହାଯ୍ୟ ଦେବା ପରିବର୍ତ୍ତେ ପ୍ରତିରୋଧ ସୃଷ୍ଟି କରିବାରେ ସେମାନଙ୍କ ଆନନ୍ଦ।

ବ୍ୟବସାୟ ଅର୍ଥ ନାନା ଅସୁବିଧାର ମୁକାବିଲା କରିବା - ନାନା ପ୍ରକାର ନିୟମ, ନାନା ପ୍ରକାର କାନୁନ, ଗୋଟିଏ ନିୟମ ଏ ବାଟେ ତ ଗୋଟିଏ କାନୁନ ସେ ବାଟେ; ଏ ନିୟମ ପାଳିଲେ କିଛି ଫଳ ହେବନି, ସେ କାନୁନ ନ ମାନିଲେ ବିପଦ, ସବୁ କାନୁନ ମାନିଲେ ବ୍ୟବସାୟ ଚଳେଇବା ମିଛ। ତାଛଡ଼ା ସବୁ ସରକାରୀ କର୍ମଚାରୀଙ୍କ ଧାରଣା ଯେ ବ୍ୟବସାୟୀ ମାତ୍ରେ ଧୂର୍ତ୍ତ, ଚତୁର, ଅଜସ୍ର କଳା ଟଙ୍କା ପଇସାର ମୋଫତ୍ ମାଲିକ। (ତେଣୁ ସେଇଥିରୁ କିଛି ଉତ୍କୋଚ ଆକାରରେ ଦାବି କରିବା ସେମାନଙ୍କ ପୈତୃକ ହକ୍, ଅଧିକାର!) ହାତ ଚିକ୍କଣ କରିବାକୁ ସମସ୍ତେ ତିଆର। ବ୍ୟବସାୟୀକୁ ଶିଖିବାକୁ ପଡ଼ିଥାଏ ସାପକୁ ବଶ କରିବା ମନ୍ତ୍ର: କୋଉ ଗଦ କାହାକୁ କାଟୁ କରିବ। କାହାକୁ କାମିନୀ, କାହାକୁ କାଞ୍ଚନ, କାହାକୁ ପଦେ ପ୍ରଶଂସାମୂଳକ ସ୍ତବପାଠ, କାହାକୁ ଦୂବ ବରକୋଳି, କାହାକୁ ଧମକଚମକ; ତାରି ଭିତରେ, ପ୍ରତି ଦପ୍ତରରେ, ଦେଖିବାକୁ ମିଳନ୍ତି ଲୋକ ଯେଉଁମାନେ ଉତ୍କୋଚକୁ ଉଚ୍ଛିଷ୍ଟ ପ୍ରାୟେ ମଣିଥାନ୍ତି।

Digitized by PPRACHIN, SOA

ଏଇ ପ୍ରକାରେ ଦୈନନ୍ଦିନ କଷ୍ଟ, ପରିଶ୍ରମ, ମନସ୍ତାପ ଓ ବିରକ୍ତି ପରେ ବହୁ କମ୍‌ସଂଖ୍ୟକ ବ୍ୟବସାୟୀଙ୍କର ଆତ୍ମଜୀବନୀ ଲେଖିବା ପାଇଁ ମାନସିକତା, ସାହସ ଓ ଆଗ୍ରହ ଥାଏ। (ସେଇଥିପାଇଁ ଅନେକ ସଫଳ ଓ ବିଶିଷ୍ଟ ବ୍ୟବସାୟୀ ପେଶାଦାର ଲେଖକ ଲଗେଇ ନିଜ ନିଜ ଜୀବନୀ ଲେଖେଇଥାନ୍ତି - ବରାଦିଆ, ବରାଦକରା ଜୀବନୀ। ଏସବୁ ଧରଣର ଅନେକ ଜୀବନୀ ପଠନଯୋଗ୍ୟ ନୁହଁନ୍ତି: ଏସବୁ କେବଳ ବ୍ୟବସାୟୀର ଗଲ୍ପ ମାରିବା ପାଇଁ ଅଭିପ୍ରେତ ଓ ଉଦ୍ଦିଷ୍ଟ।)

ସେ ଦୃଷ୍ଟିରୁ ବିଚାର କଲେ *ମେଲାଣିର ବେଳା* ଏକ ବ୍ୟତିକ୍ରମ। ବହୁ କମ୍ ଓଡ଼ିଆ ବ୍ୟବସାୟୀ ତାଙ୍କ ଆତ୍ମଜୀବନୀ ଲେଖିଛନ୍ତି। ଯେଉଁ ସାମାନ୍ୟ କେତେଜଣ ବ୍ୟବସାୟୀ ଆତ୍ମଜୀବନୀ ଲେଖିଛନ୍ତି ସେମାନଙ୍କ ଭିତରୁ କେହି ନିଜ ବ୍ୟବସାୟ ସଂକ୍ରାନ୍ତିୟ ସମସ୍ୟା ଓ ସମାଧାନ ବିଷୟରେ ଏତେ ନିଷ୍ପାପର ବିଚାର ରଖି ନାହାନ୍ତି ଯାହା ପଢ଼ିବାକୁ ମିଳେ କୁକୁଡ଼ା ଚାଷ ଶିଳ୍ପର ଆରମ୍ଭ ଓ ବିକାଶ ବିଷୟରେ *ମେଲାଣିର ବେଳାରେ*। ଭବିଷ୍ୟତରେ, ଓଡ଼ିଶାରେ କୁକୁଡ଼ା ଚାଷ ଶିଳ୍ପ ବିଷୟରେ ନିରପେକ୍ଷ ଗବେଷଣା ପରିପ୍ରେକ୍ଷୀରେ ଏ ଆତ୍ମଜୀବନୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଯେ ଏକ ଅପରିହାର୍ଯ୍ୟ ତଥ୍ୟମୂଳକ ଉପାଦନ ବୋଲି ସ୍ୱୀକାର କରାଯିବ ସେ ବିଷୟରେ ସନ୍ଦେହ ନାହିଁ।

ବ୍ୟବସାୟର ବା ଆପଣା ଜୀବନର ସମ୍ପୂର୍ଣ୍ଣ ଚିତ୍ର ଏ ଆତ୍ମଜୀବନୀରେ ଅଛି ବୋଲି ମନେ କରିବା ବୋକାମି। କିନ୍ତୁ ଯେତିକି ଘଟଣା ଓ ଉପଲବ୍ଧିର ଅବତାରଣା କରାଯାଇଛି ସେସବୁ ମନକୁ ଆଣିଲେ ଆତ୍ମଜୀବନଟି ସତ୍ୟର ସାମ୍ନା କରିବା ପାଇଁ ଏକ ହିସାବନିକାଶମୂଳକ ଉଦ୍ୟମ ବୋଲି କେହି ଅସ୍ୱୀକାର କରିପାରିବ ନାହିଁ।

(୪)

ଶେଷରେ ଗୋଟିଏ ବ୍ୟକ୍ତିଗତ ଅଭିଯୋଗ: ଆତ୍ମଜୀବନୀକାରଙ୍କ ମାଗଣା ଅଣ୍ଡା ଓ କୁକୁଡ଼ା ମାଂସ ବହୁ ଲୋକଙ୍କ ପେଟକୁ ଗଲା। ତାର କଲେଜ ବେଲୁ ସାଙ୍ଗ ହିସାବରେ ମୋ ପେଟରେ ମଧ୍ୟ କିଛି ପଡ଼ି ହଜମ ହେବା ଜରୁରୀ ଥିଲା। କିନ୍ତୁ ଭାଗ୍ୟର କି ଖେଳ - ସେ କୁକୁଡ଼ା ଚାଷ କଲାବେଳକୁ ମୁଁ ସ୍ୱେଚ୍ଛାରେ ପାଲିଟିଲିଣି ଶାକାହାରୀ। (ବୋକା ଓ ମୁର୍ଖ କଣ ଗଛରେ ଫଳନ୍ତି ବା କେଉଁ ହାଚେରୀରେ କୁକୁଡ଼ା ଅଣ୍ଡା ଇନକ୍ୟୁବେଟରରେ ରହି ଚିଆଁ ଫୁଟିଲା ପରି ଫୁଟନ୍ତି?)

କମଳାକାନ୍ତ ମହାପାତ୍ର

Digitized by PPRACHIN, SOA

ଦୁଇ ପଦ

କରଜ ନୁହେଁ

ଜୀବନ ରାସ୍ତାରେ ଅନେକ, ଅନେକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଛି । ସେଥିରୁ ମୁକୁଳି ତ ଆସିଛି ମାତ୍ର କ୍ଷତ ବିକ୍ଷତ ବି ହୋଇଛି । ଯେଉଁମାନଙ୍କ ନିସର୍ତ୍ତ ସାହାଯ୍ୟ, ସହଯୋଗ ମୋତେ ଏ ସମସ୍ତ ରାସ୍ତା ଅତିକ୍ରମ କରିବାରେ ସାହାଯ୍ୟ କରିଛି, ଆଜି ଏତେ ବର୍ଷ ପରେ ସେଇମାନଙ୍କ କଥା ବାରମ୍ବାର ହିଁ ମନେ ପଡୁଛି । ସ୍କୁଲ ପାଖ କ୍ୟାବିନ ପତ୍ରିକାଦୋକାନୀ ଦିନୁ ଭାଇନା ହୁଅନ୍ତୁ, ପୁସ୍ତକାଗାର ଦାୟୀତ୍ୱରେ ଥିବା ନାରଣ ସାର୍ ହୁଅନ୍ତୁ, ବସଷ୍ଟାଣ୍ଡର ପତ୍ରିକା ବ୍ୟବସାୟୀ ଅକ୍ଷୟ ନାୟକ ବା ଓ.ୟୁ.ଏ.ଟି.ର ଅଲି ବାବୁ ହୁଅନ୍ତୁ ବା ଉଚ୍ଚପଦାଧିକାରୀ ସମର ବଲ୍ଲଭ ମହାପାତ୍ର, ରବି ନାରାୟଣ ଦାସ ବା ସୁଧାଂଶୁ ଭୂଷଣ ମିଶ୍ର ହୁଅନ୍ତୁ, ଏମାନେ ଏବଂ ଏମାନଙ୍କ ପରି ଅନେକଙ୍କ ସାହାଯ୍ୟ ବିନା ରାସ୍ତା ମୋର ସରି ନଥାନ୍ତା । ଆଗେଇ ପାରି ନଥାନ୍ତି । ଅନେକଙ୍କଠାରୁ ଅସହଯୋଗ ପାଇଛି । ବିନା କାରଣରେ ଶତ୍ରୁର ଆଚରଣ ପାଇଛି । ଖଣ୍ଡିଆ ଖାବରା ହୋଇଛି । ମାତ୍ର ଆଜି ସେ ସବୁ ମୋର ମନରେ ଦାଗ ହୋଇ ରହିନାହିଁ, ଯେପରି ଦାଗ ହୋଇ ଏମାନଙ୍କ ନିସର୍ତ୍ତ, ଉଦାର ସାହାଯ୍ୟ ରହି ଯାଇଛି ।

ମନୁଷ୍ୟର ଏଇ ସୁନ୍ଦର ରୂପ ଦେଖି ନ ଥିଲେ ହୁଏତ ଏ ସଂସାର ମୋତେ ଅନ୍ୟ ପ୍ରକାର ଦେଖା ଯାଇଥାଆନ୍ତା । ରୁକ୍ଷ, ବୃକ୍ଷ ଲତା ଶୂନ୍ୟ ମରୁଭୂମୀ ମନେ ହୋଇ ଥାଆନ୍ତା । ଏମାନଙ୍କ ନିକଟରେ ମୁଁ କୃତଜ୍ଞ ।

ଏମାନଙ୍କ ସାହାଯ୍ୟକୁ ମୁଁ କରଜ ବୋଲି ମନେ କରୁନାହିଁ । କରଜ ମନେ କଲେ ଶୁଝିବାକୁ ହେବ । ଆଉ ଏ ନିସର୍ତ୍ତ ଅଯାଚିତ ସାହାଯ୍ୟର ପରିଶୋଧ ଚିନ୍ତା କରିବା ହିଁ ମୋ ପାଇଁ ଧୃଷ୍ଟତା ହେବ । ବରଂ ଏ ବୋଝ ମୋ କାନ୍ଧରେ ଥାଉ । ଯାତ୍ରା ଶେଷ ପର୍ଯ୍ୟନ୍ତ ରହୁ । ମୋତେ, ସମସ୍ତ ପ୍ରତିକୂଳ ପରିବେଶ ସତ୍ତ୍ୱେ, ଏ ପୃଥିବୀ ସୁନ୍ଦର ବୋଲି ମନେ ପକାଇ ଦେଉଥାଉ । ଏହି କୃତଜ୍ଞତାବୋଧ ମୋର ଚେତନାକୁ ଆଚ୍ଛନ୍ନ କରି ମୋ ସହିତ ଶେଷ ପର୍ଯ୍ୟନ୍ତ ରହୁ ଆଉ ନୂତନ ଜୀବନ ମଧ୍ୟ ଏହି ଆଚ୍ଛନ୍ନ ଚେତନା ସହ ମୁଁ ଆରମ୍ଭ କରେ ଏହାହିଁ ପ୍ରାର୍ଥନା ।

(୨)

ପୁସ୍ତକଟିର ବର୍ଣ୍ଣିତ ଘଟଣାବଳୀର ସମୟକ୍ରମ ରକ୍ଷା କରାଯାଇ ପାରିନାହିଁ । ଘଟଣା, ଦୁର୍ଘଟଣା ସହ ସମ୍ପର୍କିତ ଅନେକଙ୍କ ନାମ ନେବାକୁ ବାଧ ହୋଇଛି, ନଚେତ୍ ଏ ବର୍ଣ୍ଣନା ତାର ଗୁରୁତ୍ୱ ହରାଇଥାଆନ୍ତା । ମାତ୍ର କାହାକୁ ଅପମାନିତ

Digitized by PPRACHIN, SOA

କରିବା ବା ନ୍ୟୁନ କରି ଦେଖାଇବା ମୋର ଉଦ୍ଦେଶ୍ୟ ନୁହେଁ । ଯାହା ଯେପରି ଘଟିଛି, ଆଉ ସେ ସବୁ ମୋତେ ଯେପରି ଦେଖା ଯାଇଛି ବା ବୁଝାପଡ଼ିଛି, ତାହାହିଁ ନିଛକ୍ ମୁଁ ଲେଖିଛି । ଏ ସବୁ ମୋର ଏକାନ୍ତ ବ୍ୟକ୍ତିଗତ ମତ । ମୋର ମତାମତକୁ ଅନ୍ୟମାନେ କିପରି ଗ୍ରହଣ କରିବେ, ତାହା ସେମାନଙ୍କ ଉପରେ ନିର୍ଭର କରେ । ଯଦି ମୋ ମତାମତ, ମୋ ପ୍ରତିକ୍ରିୟାକୁ କେହି ଅନୁଚିତ୍ ବୋଲି କୁହନ୍ତି ବା ଭୁଲ ବୋଲି କୁହନ୍ତି, ମୋର ସେଥିରେ ପ୍ରତିବାଦ କରିବାର କିଛି ନାହିଁ । ପ୍ରଥମରୁ କହିଛି, ଘଟଣା, ଦୁର୍ଘଟଣା ମୋତେ ଯେପରି ଦେଖା ପଡ଼ିଛି, ଯେପରି ବୁଝା ପଡ଼ିଛି, ତା'ର ଅବିକଳ ପ୍ରତିରୂପ ମୁଁ ଦେଇଛି ।

ଶେଷରେ ଯଦି ମୋର ବର୍ଣ୍ଣନା, କାହା ମନରେ ଦୁଃଖ ଦେଉଛି, ତାହା ଅନିଚ୍ଛାକୃତ । ସେଥିପାଇଁ କ୍ଷମା ଚାହୁଁଛି ।

Digitized by PPRACHIN, SOA

ସ୍ମୃତି ପାରା

ଗାଁରେ କଟିଛି ଯେଉଁ ବାରବର୍ଷ, ସେତକ ଅଭୁଲା । ଦୀର୍ଘ ୫୦ ବର୍ଷ ପରେ ଆଜି ଅନେକ ଅନେକ ଘଟଣା, ମସିହା, ଚରିତ୍ର ମନେ ପଡନ୍ତି ନାହିଁ । ମାତ୍ର ପ୍ରଥମ ୧୨ ବର୍ଷର ସ୍ମୃତି ମନ ଭିତରେ ବଞ୍ଚି ରହିଛି ଆଉ ବେଳ ଅବେଳରେ ଆଖି ଆଗରେ ଚଳଚିତ୍ର ପରି ଭାସିଯାଇ, ଆନମନା କରି ଦେଉଛି ।

ମାଇନର ସ୍କୁଲ ପାଶ୍ କରିବା ପର୍ଯ୍ୟନ୍ତ ଚନ୍ଦ୍ର ଗାଁରେ ହିଁ ପଢିଛି । ଅଷ୍ଟମ ଶ୍ରେଣୀରେ ପଢିବା ପାଇଁ ଗାଁରେ ସୁବିଧା ନଥିଲା । ଗାଁ ଠାରୁ ୨/୩ ମାଇଲ ଦୂରରେ ଥିବା ସ୍କୁଲକୁ ସେ ଓ ଗାଁ ର ଅନ୍ୟାନ୍ୟ ପିଲାମାନେ ଯାଉଥିଲେ ।

ପାଠପଢା ଆରମ୍ଭ ହେଲା ଶିଶୁ ଶ୍ରେଣୀରୁ । ଶ୍ରେଣୀରେ ପାଖାପାଖି ୫୦ ପିଲା । ମାଟିର ଚଟାଣ । ଚାଳ ଛପର ଘର । ତଳେ ଭୂଇଁ ଉପରେ ବସି ମୁଣ୍ଡା ଖଡିରେ ଭୂଇଁରେ ଲେଖିବାକୁ ହୁଏ । ପରେ ସିଲଟ ଖଡି ମଧ୍ୟ ମିଳିଲା । ତାଳ ପତ୍ରର ଚଟେଇ ସାଙ୍ଗରେ ନେବାକୁ ହୁଏ କନାର ବସ୍ତାନି । ଏଇଥିଲା ପାଠର ଉପକରଣ ।

ସପ୍ତାହକେ ଥରେ ଶ୍ରେଣୀ ଘର ବିଲମାଟି, ଗୋବର ଦେଇ ଲିପିବାକୁ ହୁଏ । କୂଅରୁ ପାଣି ଆଣିବାଠାରୁ ଗୋବର, ମାଟି ମିଶାଇ ଲିପିବା ଆମେ ମିଳିମିଶି କରୁ । ସେଇଟାତ କାମ ପରି ଲାଗେ ନାହିଁ, ଖେଳ ପରି ଲାଗେ ।

ଆମକୁ ପଢାନ୍ତି ସାନମାଷ୍ଟ୍ରେ । ସେଇ ଶ୍ରେଣୀ ଘରେ ମଧ୍ୟ ସେ ରହନ୍ତି । ଗୋଟିଏ କଣକୁ ତାଙ୍କର ରୋଷେଇ ସରଞ୍ଜାମ । ସରୁ ବାଉଁଶଟିଏ ଛାତରୁ ଝୁଲାଇ ଅଲଗୁଣି କରା ଯାଇଥାଏ । ଏଣେ ପାଠପଢା ହେଉଥିବା ସମୟରେ ମଧ୍ୟ ସେ ରୋଷେଇ କାମଟି ସାରି ଦିଅନ୍ତି । ଶନିବାର ସ୍କୁଲ ସାରି ତାଙ୍କ ଗାଁକୁ ଯାଆନ୍ତି । ଆସନ୍ତି ସୋମବାର ସକାଳୁ ।

ଶିଶୁ ଶ୍ରେଣୀରେ କ'ଣ ପାଠ ପଢା ହେଉଥିଲା, ତାହା ଆଜି ଚନ୍ଦ୍ରର ମନେ ନାହିଁ । ଆଜି ପରି ଚିତ୍ର ବିଚିତ୍ର ବହି ଖାତା ନଥିଲା । ଅକ୍ଷର ଶିକ୍ଷା, ପଣିକିଆ, ଗଣିବା ଏସବୁ ଶିଖିବାକୁ ହେଉଥିଲା । ସରଞ୍ଜାମ ଭିତରେ ଆଖୁ ଶରକୁ ଛୋଟ ଛୋଟ କରି ୧୦ଟି ଲେଖାଁଏ ବନ୍ଧା ଯାଇଥାଏ । ଆଉ କିଛି ତାରରେ ବନ୍ଧା ମାଟିର ନାଲି ନେଳି ଗୋଲି । ଏଇ ହେଉଛି ସଂଖ୍ୟା ବା ଗଣତି ଶିଖିବା ପାଇଁ ସରଞ୍ଜାମ । ଏ ସବୁ ତ ଥିଲା । ସବୁଠାରୁ ବଡ ଆକର୍ଷଣ ହେଉଛି ଖେଳ । ସାଙ୍ଗସାଥୀ ଖେଳ ଦୌଡରେ ଦିନ କେତେବେଳେ ସରି ଯାଉଥିଲା ଜଣା ପଡୁ ନଥିଲା ।

Digitized by PPRACHIN, SOA

ସେଇ ଚାଳ ଘରେ ଗୁଡିଏ ପାରା ସେମାନଙ୍କର ଆସ୍ଥାନ ଜମାଇଥାଆନ୍ତି । କବାଟ ବନ୍ଦ କରି ଦେଲେ ମଧ୍ୟ କାନ୍ଥ ଆଉ ଚାଳ ଛପର ମଝିରେ ଥିବା ସାମାନ୍ୟ ଖୋଲା ବାଟ ଦେଇ ସେମାନେ ଯାତାୟାତ ନିର୍ବିଘ୍ନରେ କରନ୍ତି । କବାଟ ଝରକା ସେମାନଙ୍କର ଦରକାରରେ ଆସେ ନାହିଁ । କ୍ରମେ ସେମାନେ ସେଠାରେ ଛୁଆ ଦେଲେ ଆଉ ଶ୍ରେଣୀ ଛୁଟି ହେଲେ ଘରସାରା ଏ ମୁଣ୍ଡରୁ ସେ ମୁଣ୍ଡ ଖେଳି ବୁଲିଲେ । ଏଥିରୁ ଫଳ ଏଇଆ ହେଲା ଯେ ମାଷ୍ଟ୍ରଙ୍କ ଲୁଗାପଟା, ଖାଇବା ସରଞ୍ଜାମ ସବୁ ଉପରେ ସେମାନଙ୍କର ପର, ଝାଡା ଆସି ପଡିଲା । ମାଷ୍ଟ୍ରେ ସେଠାରେ ରହିବା କଷ୍ଟକର ହୋଇ ପଡିଲା । ଶେଷରେ ଦେଖାଗଲା ମାଷ୍ଟ୍ରେ ସେ ଘର ଛାଡିବେ ନହେଲେ ପାରାମାନେ ଛାଡିବେ । ଦୁଇଜଣ ଏକତ୍ର ବାସ କରିବା ଅସମ୍ଭବ । ମାଷ୍ଟ୍ରେ, ଆହ୍ୱାନ ଗ୍ରହଣ କଲେ । ଆପଣାର ସୈନ୍ୟ ସାମନ୍ତ, ଯୁଦ୍ଧ ସରଞ୍ଜାମ ସଜାଡିଲେ । ଚନ୍ଦ୍ର ଓ ତା'ର ସାଥୀମାନେ ଆଗତୁରା ବାହାରି ଆସିଲେ ପାରାଙ୍କୁ ତଡିବା ପାଇଁ । ଶ୍ରେଣୀ ଛୁଟି ହେବା ପରେ ସେମାନଙ୍କ ଉପରକୁ ଛୋଟ ଛୋଟ ଫୋପଡ ଫୋପାଡି ତାଙ୍କୁ ତଡିବାକୁ ହୁଏ । ସେମାନେ ଜୀବନ ବିକଳରେ ଅଣନିଃଶ୍ୱାସୀ ହୋଇ ଏ କଣରୁ ସେ କଣ, ଏ ଓରାରୁ ସେ ଓରା ବିକଳରେ ଡିଅନ୍ତି । ଆକ୍ରମଣରେ କିଛି ଛୋଟା ମଧ୍ୟ ହୋଇ ଯାଆନ୍ତି । ଶେଷ୍ରରେ ବିଜୟ ହୁଏ ଚନ୍ଦ୍ର ଆଉ ସାଥୀମାନଙ୍କର ।

ଏ ଘଟଣାଟି ବିସ୍ମୃତି ଗର୍ଭରେ ସେହିପରି ରହି ଯାଇ ଥାଆନ୍ତା । ବର୍ଷ ପରେ ବର୍ଷ ବିତିବା ସହିତ ଏଇଟି ମଧ୍ୟ କେଉଁଠି ଲୁଚି ଯାଇଥିଲା । ଚନ୍ଦ୍ର ସଂପୂର୍ଣ୍ଣ ରୂପେ ଏହି ଘଟଣାଟିକୁ ଭୁଲି ମଧ ଯାଇଥିଲା । ମାତ୍ର ବେଶ୍ କିଛି ବର୍ଷ ପରେ ଏପରି କିଛି ଘଟିଲା ଯେଉଁଥିରେ ସେହି ବାଳୁତ ସମୟର ଅବୁଝା କ୍ରିୟାନ୍ତି ଆସି ସାମନାରେ କାୟା ବିସ୍ତାର କରି ତା'ର ପ୍ରତିଶୋଧ ଅସୁଲ କଲା ।

ଗାଁ ଛାଡିବାର ବେଶ୍ କିଛି ବର୍ଷ ପରର ଘଟଣା । ପାଠପଢା ସରିଲା । ବୃତ୍ତିଗତ ଜୀବନର ଆରମ୍ଭ ହେଲା । ସମୟ ନିର୍ଦ୍ଧାରିତ ଗୁଳାରେ ଗଡି ଚାଲିଲା । ବିବାହ ହେଲା । କନ୍ୟା ରନ୍ତିଏ କୋଳକୁ ଆସିଲା । ସପତ୍ନୀ, ସକନ୍ୟା ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଯାଇଥାଉ । ସାଧାରଣତଃ ମନ୍ଦିରକୁ ଗଲେ ଚନ୍ଦ୍ର ଜଗନ୍ନାଥଙ୍କୁ ଟିକିଏ ଦୂରରୁ ରହି ଦେଖିକରି ଫେରି ଆସେ । ଗହଳି ଭିତରେ ପ୍ରତିଯୋଗୀତା ତା ପୁଣି ଠାକୁର ଦର୍ଶନ ପାଇଁ ତା'ର ପସନ୍ଦ ନୁହେଁ । ସେଦିନ ହୁଏତ ତାହାହିଁ ହୋଇ ଥାଆନ୍ତା । ସାହାଣ ମେଳାର ଗହଳି । ଦୀପ ଲଗାଇ ସାରି, ଦୂରରୁ ମୁଣ୍ଡିଆଟେ ମାରି ଫେରି ଆସିବାକୁ ପ୍ରସ୍ତୁତ ହେଲା ବେଳକୁ ପଣ୍ଡା ଜଣେ ଆସି ପତ୍ନୀଙ୍କୁ ରତ୍ନ ସିଂହାସନ ଚାରିପଟେ ବୁଲାଇ ଆଣିବା ପାଇଁ ପ୍ରସ୍ତାବ ଦେଲେ । ଏପରି ସୁଯୋଗ

Digitized by PPRACHIN, SOA

ହାତ ଛଡା ନକରିବା ପାଇଁ ପତ୍ନୀ ସଙ୍ଗେସଙ୍ଗେ ରାଜି ହୋଇଗଲେ । ଚନ୍ଦ୍ର ବାଧ୍ୟ ହୋଇ ପତ୍ନୀ, କନ୍ୟାଙ୍କ ସହ ପଣ୍ଡାଙ୍କ ପଛେପଛେ ଚାଲିଲା । ସାହାଣ ମେଳାର ଗହଳି । ପ୍ରଭୁଙ୍କ ରତ୍ନ ସିଂହାସନ ଚାରିପଟେ ବୁଲିବା ପାଇଁ ମାତ୍ର କେତୋଟି ଖୋଜ ଯିବା ଭିତରେ ଚନ୍ଦ୍ରର ଶ୍ୱାସ ରୁଦ୍ଧ ହୋଇଗଲା । ଆଉ ଆଗକୁ ମାନେ ସିଂହାସନ ପଛକୁ ଯିବା ପାଇଁ ତା'ର ସାହାସ ପାଇଲା ନାହିଁ । ଆଣ୍ଠୁଠାରୁ ତା'ର ଗୋଡ ଭାଙ୍ଗି ଯିବା ପରି ଲାଗିଲା ଆଉ ସେ ଏକ ପ୍ରକାର ପଡିଯିବା ଅବସ୍ଥାକୁ ଆସିଗଲା । ପତ୍ନୀଙ୍କ ନଜର ସେ ଗହଳି ଆଉ ସାମାନ୍ୟ ଆଲୁଅ ସତ୍ତ୍ୱେ ଚନ୍ଦ୍ର ଉପରେ ପଡିଲା ଓ ସେ ମଧ୍ୟ ଆଉ ଭିତରକୁ ଯିବାକୁ ସାହସ ନକରି ତାକୁ ଉଦ୍ଧାର କରିବାକୁ ଚେଷ୍ଟା କଲେ । ଚନ୍ଦ୍ରର ଅବସ୍ଥା ସେତେବେଳକୁ କଣ୍ଠାଗ୍ରତ, ତଣ୍ଟି ଶୁଖିଗଲାଣି । ଗୋଡରୁ ଶକ୍ତି ଚାଲି ଗଲାଣି । ସେଇ ଚରମ ମୁହୂର୍ତ୍ତରେ ଅଚାନକ ଚନ୍ଦ୍ର ଆଖି ଆଗରେ ଦୃଶ୍ୟ ହେଲେ କେତୋଟି ପାରା । ଫଡଫଡ ହୋଇ ଜୀବନ ବିକଳରେ ଏ କଣରୁ ସେ କଣ ଉଡୁଥିବାର ଦୃଶ୍ୟ ତା ଆଖି ଆଗରେ ନାଚି ଯାଉଥାଏ । ସେମାନଙ୍କର ଅସହାୟତା ସେ ଅନୁଭବ କରି ପାରୁଥାଏ, ଦେଖି ପାରୁଥାଏ । ସେଇ ମୁହୂର୍ତ୍ତରେ ତା'ର ମନରେ ଆଉ କିଛି ନଥିଲା । ତା ଆଗରେ ଥିଲା କେବଳ ଗାଁ ଆଉ ସେଇ ଚାଳ ଛପର ଶିଶୁ ଶ୍ରେଣୀର ଘର । ଆଉ ଅସହାୟ ପାରାମାନଙ୍କର ଜୀବନ ବଞ୍ଚାଇବା ପାଇଁ ପ୍ରୟାସ । ପତ୍ନୀ ଆଉ ପଣ୍ଡା ତାକୁ କୌଣସି ମତେ ଧରି ଆଣି ବାହାରେ ଛାଡି ଦେଲେ । ମୁକ୍ତି ମଣ୍ଡପ ସାମନା ପାହାଚରେ ବସି ସେ ଚେତନା ଫେରି ପାଇଲା । ନିଃଶ୍ୱାସ ମାରିଲା । ବୁଝିଲା ସେହି ୪୦ ବର୍ଷ ତଳର ଘଟଣାର ପ୍ରତିଶୋଧ ଆଜି ପାରାମାନେ ତା' ଉପରେ ନେଲେ । ତା'ର ଅନୁତାପ ଆସିଲା । ସେଦିନ ଯାହା କରିଥିଲା, ତାହା ବୁଝି ବିଚାରି କରି ନଥିଲା । ମାତ୍ର ପାରା କେତୋଟିଙ୍କୁ ମାରିଥିଲା, ତ୍ରସ୍ତ କରିଥିଲା । ସେହି କର୍ମର ଫଳ ତାକୁ ସୁଧ ମୂଳ ସହ ଭୋଗିବାକୁ ହେବ, ଶୁଝିବାକୁ ହେବ ବୋଲି ବୁଝିଗଲା ।

କଥାଟି ଏଇଠି ଇତି ହୋଇଥିଲେ ବୋଧହୁଏ ଚନ୍ଦ୍ର ସମୟ କ୍ରମେ ଏହାକୁ ପାଶୋରି ପକାଇଥାଆନ୍ତା । ମାତ୍ର ଠାକୁରଙ୍କ ଇଚ୍ଛା ଅନ୍ୟ ପ୍ରକାର । ବ୍ୟବସାୟିକ କାମରେ ଚନ୍ଦ୍ର କଲିକତା ଯାଇଥାଏ । ବ୍ରାବୋର୍ଣ୍ଣ ରୋଡ଼ର ଟି ବୋର୍ଡ଼ କୋଠା ନିକଟରେ ବ୍ୟାଙ୍କ୍‌ର ହେଡ୍ ଅଫିସ୍ । ଚେୟାରମ୍ୟାନ୍‌ଙ୍କୁ ଦେଖା କରିବା ଦରକାର । ଅଷ୍ଟମ ମହଲାରେ ଚେୟାରମ୍ୟାନଙ୍କ ଅଫିସ । ଅଫିସ ଆରମ୍ଭ ସମୟ । ତଥାପି ଭିଡ ଆରମ୍ଭ ହୋଇ ନାହିଁ । ସହଳ ସହଳ ଯାଇ ଦେଖା କରି ନେବା ପାଇଁ ଚନ୍ଦ୍ର ଲିଫ୍ଟରେ ପଶିଗଲା । ଲିଫ୍ଟର ଯନ୍ତ୍ରରେ କ'ଣ ଗୋଳମାଳ ଥିଲା କେଜାଣି, ସେଇଟି ଆଉ ଅଷ୍ଟମ ମହଲାରେ ବନ୍ଦ ହେଲା ନାହିଁ । ସବା ଉପରକୁ ଯାଇ ପୁଣି ତଳକୁ

Digitized by PPRACHIN, SOA

ଫେରି ଆସୁଥାଏ । ଅନ୍ୟ କୌଣସି ମହଲାରେ ମଧ୍ୟ ଅଟକୁ ନଥାଏ । ସେଇ ବନ୍ଦ ଘର ଭିତରେ ଚନ୍ଦ୍ର ତଳ ଉପର ହେଉଥାଏ । କ୍ରମେ ତା'ର ଧୈର୍ଯ୍ୟ ଚ୍ୟୁତି ଘଟିବାକୁ ଲାଗିଲା । ଗମ ଗମ ଝାଳ ଦେହରୁ ବୋହିବାକୁ ଲାଗିଲା । ଆଖି ଆଗରେ ଅନ୍ଧାର ଜମାଟ ବାନ୍ଧିଲା । ଅଣନିଃଶ୍ୱାସୀ ଲାଗିଲା । ସେଇ ବିଶେଷ ମୁହୂର୍ତ୍ତରେ ମୁଣ୍ଡ ଭିତରକୁ ସେଇ ୪୦/୪୫ ବର୍ଷର ଅଣନିଃଶ୍ୱାସୀ, ବିକଳ ପାରାମାନେ ପଶି ଆସିଲେ । ମୁଣ୍ଡ ଭିତରେ ସେମାନେ ସେଇ ଚାଳ ଛପର ଶ୍ରେଣୀ ଘରର ଏ ମୁଣ୍ଡରୁ ସେ ମୁଣ୍ଡ ଜୀବନ ବିକଳରେ ଦୌଡୁଥିବାର ଦୃଶ୍ୟ ଚନ୍ଦ୍ର ଦେଖି ପାରିଲା । ଜାଣିଲା ଠାକୁର ତାକୁ ସେଇ ବାଳୁତ ସମୟର ନୃଶଂଶତା ପାଇଁ ଏ ପର୍ଯ୍ୟନ୍ତ କ୍ଷମା ଦେଇ ନାହାନ୍ତି । ଏ ପର୍ଯ୍ୟନ୍ତ ତା'ର ପାପର ପ୍ରାୟଶ୍ଚିତ ସଂପୂର୍ଣ୍ଣ ହୋଇ ନାହିଁ । ସେଇ ବନ୍ଦ ଲିଫ୍ଟ ଭିତରେ ଏତକ ଚିନ୍ତା କରିବାପରେ ତାକୁ ଆଶ୍ୱସ୍ତ ଲାଗିଲା । ତାକୁ ପ୍ରାୟଶ୍ଚିତ କରିବାର ସୁଯୋଗ ମିଳୁଛି । ଏଇ ଭାବନାରେ ସେ ପ୍ରଭୁଙ୍କ ପ୍ରତି ହାତଯୋଡ଼ି କୃତଜ୍ଞତା ଜଣାଇଲା । ଆଉ ଠିକ୍ ପରେପରେ ଅଷ୍ଟମ ମହଲାରେ ଲିଫ୍ଟ ଅଟକିଲା ।

ଏକ ଦୃଷ୍ଟିରୁ ଭଗବାନଙ୍କ ନିକଟରେ ସେ କୃତଜ୍ଞ । ତା'ର ଭୁଲ ଭଟକାର ଫଳ ତାକୁ ଏଇ ଜନ୍ମରେ ପ୍ରାପ୍ୟ ହୋଇ ଯାଉଛି । ସେ ଜାଣି ପାରୁଛି କେଉଁ ଦୋଷରୁ ଏ ଦଣ୍ଡ । ଏଇ ଉପଲବ୍ଧି ତାକୁ ଠିକ୍ ରାସ୍ତାରେ ଯିବାରେ ସାହାଯ୍ୟ କରୁଛି ।

ଆଉ ଗୋଟିଏ ଘଟଣା ତା' ମନରେ ଆଜି ପର୍ଯ୍ୟନ୍ତ ବଞ୍ଚି ରହିଛି । ଚନ୍ଦ୍ରର ମାଇନର ପାଶ୍ ହୋଇ ସାରିଥାଏ । ହାଇସ୍କୁଲ୍‌କୁ ଯିବା ପାଇଁ ଅପେକ୍ଷା ଥାଏ । ମଝିରେ ଲମ୍ବା ଖରା ଛୁଟି । ଆଗରେ ରଜ । ଭଉଣୀମାନଙ୍କ ପାଇଁ ନୂଆ ପୋଷାକ ଓ ଚପଲ ଆସିବା ଦରକାର । ସେଥିପାଇଁ ଚନ୍ଦ୍ରକୁ ଭୁବନେଶ୍ୱର ଯିବା ପାଇଁ କୁହାଗଲା । ଚନ୍ଦ୍ର ପାଇଁ ଖୁସୀର କଥା । ବୁଲାବୁଲି ହେବ । ସର୍କସ ଦେଖା ହେବ । ନୂଆ ଜାମା ପେଣ୍ଟ କିଣା ହେବ । ସକାଳୁ ସକାଳୁ ବସ୍ ଧରିବା ପାଇଁ ମାଇଲିଏ ଦୂରରେ ଜାତୀୟ ରାଜପଥ- ୫ରେ ଥିବା ବସ୍‌ଷ୍ଟାଣ୍ଡକୁ ଦୌଡ଼ିଲା । ସେହିଠାରୁ ଗୋଟିଏ ବସ୍ ସକାଳୁ ଖୋର୍ଦ୍ଧା, ଭୁବନେଶ୍ୱର ହୋଇ କଟକ ଯାଏ ଆଉ ସନ୍ଧ୍ୟାକୁ ଫେରି ରାତିରେ ସେଠାରେ ରହେ । ବହୁତ ଗୁଡ଼ିଏ ଗ୍ରାମବାସୀ ଏହି ବସ୍‌ଷ୍ଟାଣ୍ଡ ଉପରେ ନିର୍ଭର କରୁଥିବାରୁ ସ୍ୱାଭାବିକ ଭାବରେ ସକାଳ ବସ୍‌ରେ ଯାଗା ଟିକିଏ ପାଇଁ ପ୍ରତିଯୋଗୀତା, ଠେଲାପେଲା ହୁଏ । କଣ୍ଡକ୍ଟର ଗାଡ଼ି ଭିତରେ ବସି ପଇସା ନେଇ ଟିକେଟ କାଟୁଥାଏ । ଆଉ ତା'ର ସହକାରୀ କବାଟ ପାଖରେ ଛିଡ଼ା ହୋଇ

Digitized by PPRACHIN, SOA

ଜଣ ଜଣ କରି ଟିକେଟ ଦେଖି ଭିତରକୁ ଛାଡୁଥାଏ। ଏକାଦିକ୍ରମେ ୫୦ଟି ହାତ କଣ୍ଡକ୍ଟର ଆଡ଼କୁ ଲମ୍ବି ଯାଇଥାଏ। ସବୁରି ହାତରେ ଗୋଟିଏ ନୋଟ। କିଏ ୫ ଟଙ୍କିଆ, କିଏ ୧୦ ବା କିଏ ୨୦ ଟଙ୍କିଆ ନୋଟ ହାତରେ ଧରି କଣ୍ଡକ୍ଟରକୁ ଦେବାକୁ ଚେଷ୍ଟା କରୁଥାନ୍ତି। ଚନ୍ଦ୍ର ଗୋଟିଏ ୫ ଟଙ୍କିଆ ନୋଟ ବଢ଼ାଇଥାଏ। ଚନ୍ଦ୍ରର ପାଳି ପଡ଼ିଲା। ତା' ହାତରୁ ଟଙ୍କାଟି ନେଇ ଟିକେଟ କାଟି ବାକି ପଇସା ସହିତ ଟିକେଟଟି ଚନ୍ଦ୍ରର ବଢ଼ିଥିବା ହାତରେ କଣ୍ଡକ୍ଟର ଗୋଞ୍ଜି ଦେଲା। ଚନ୍ଦ୍ର ସେତକ ମୁଠାଇ ଭିଡ଼ ବାହାରକୁ ପ୍ରଥମେ ଚାଲି ଆସିଲା। ମୁଠା ଖୋଲି ଦେଖିଲା ଟିକେଟ ସହ ରହିଛି ପାଖାପାଖି ୧୭ ଟଙ୍କା। ସେତେବେଳେ ଭୁବନେଶ୍ୱରକୁ ପଡୁଥିଲା ୩ ଟଙ୍କାରୁ ସାମାନ୍ୟ କମ୍। ତା'ର ଅର୍ଥ ଚନ୍ଦ୍ର ଦେଇଥିବା ୫ ଟଙ୍କିଆଟି ସେ ଭୁଲି ଯାଇଛି, ଆଉ ସେ ୨୦ ଟଙ୍କା ଦେଇଛି ମନେକରି ଏତକ କଣ୍ଡକ୍ଟର ଦେଇଛି। ତାକୁ ବାକି ପଇସା ଫେରାଇବା ପାଇଁ ଚନ୍ଦ୍ରର ସଂସ୍କାର ତାକୁ ବତାଇଲା। ସେଥିପାଇଁ ୧୫ଟି ଟଙ୍କା ସେ ପଇସାରୁ ଅଲଗା କରି ଚନ୍ଦ୍ର ତାକୁ ଦେବାକୁ ଚାହିଁଲା। ମାତ୍ର ଭିଡ଼ ଭିତରେ ଚନ୍ଦ୍ର କଣ୍ଡକ୍ଟର ପାଖରେ ପହଞ୍ଚିବା ସମ୍ଭବ ହେଲା ନାହିଁ। ପାଟି ତୁଣ୍ଡ ହୋ ହଲ୍ଲା ହେତୁ ତା କଥା ମଧ କଣ୍ଡକ୍ଟର ଶୁଣି ପାରୁ ନଥାଏ। ଚନ୍ଦ୍ର ଗାଁର ଜଣେ ବୟସ୍କ ବ୍ୟକ୍ତି ଯେ କି ସେହି ବସ୍‌ରେ ଯିବା ପାଇଁ ଅପେକ୍ଷା କରିଥାଆନ୍ତି, ସେ ଏ ସମସ୍ତ ଘଟଣାର ନୀରବ ଦ୍ରଷ୍ଟା। ମାତ୍ର ଶେଷରେ ସେ ପାଟି ଖୋଲିଲେ, "କାଇଁ ଅଯଥା ସେ ଚୋର (କଣ୍ଡକ୍ଟର)କୁ ପଇସା ଦଉଛୁ। ସେ କ'ଣ ତା ହାତରୁ ତୋତେ ଅଧିକା ଦେଇ ଦେଇଛି। ସେ ଯେଉଁ ପଇସା ମାରୁଛି ସେଇଥିରୁ ୧୫ଟି ଟଙ୍କା ତା'ର ଗଲା। ତୋ ମୁଣ୍ଡ କାହିଁକି ବଥଉଛି?" ବସ୍ କଣ୍ଡକ୍ଟରମାନେ ବିଭିନ୍ନ ବାଟରେ ଚୋରି କରନ୍ତି ଏହା ସମସ୍ତେ ଜାଣନ୍ତି। ଏତକ ଶୁଣିବା ପରେ ଚନ୍ଦ୍ରର ଟଙ୍କା ଫେରାଇବା ପାଇଁ ଲମ୍ବି ଯାଇଥିବା ହାତଟି ପକେଟ ଭିତରକୁ ଫେରି ଆସିଲା। ଭାବିଲା ଯାହା ହେଉ ଆଜି ସକାଳୁ ସକାଳୁ ଅର୍ଥ ଲାଭ ହେଲାଣି। ଟିକଟ କଟା ସରିଲା। ବସ୍‌ର ଚକ ଗଡିଲା।

ଭୁବନେଶ୍ୱରରେ ଭାଇଙ୍କ ପାଖରେ ୨/୩ ଦିନ ରହିଲା। ମନ୍ଦିର, କେଦାରଗୌରୀ, ଖଣ୍ଡଗିରି ସବୁ ବୁଲାବୁଲି ହେଲା। ଆଜିର ଯେଉଁଠି ମ୍ୟୁଜିଅମ ତା ସାମନାରେ ସେତେବେଳେ ଥିଲା ବିସ୍ତୃତ ଏକ ପଡିଆ। ସେଠାରେ ଗ୍ରେଟ ଇଣ୍ଡିଆ ସର୍କସ ପଡିଥାଏ। ଏ ସୁଯୋଗ ହାତ ଛଡା କରିବାର ନୁହେ। ଟିକଟ କାଟି ସର୍କସ ଦେଖିଲା। ସେତେବେଳେ ଫାଣ୍ଟା ପିଇବା ଚନ୍ଦ୍ରର ଥିଲା ଏକ ବିଳାସ। (ଫାଣ୍ଟା ଗୋଟାକର ଦର ମାତ୍ର ୬୦ ପଇସା) ହାତରେ ମାଗଣା ପଇସା। ମନ ଇଚ୍ଛା ଫାଣ୍ଟା ପିଇଲା। ବାରମଜା କିଣି ଖାଇଲା। ଯେଉଁ ଟଙ୍କାତକ କଣ୍ଡକ୍ଟର ଠାରୁ ଠକି ନେଇଥିଲା ସେତକ ୨ ଦିନ ଭିତରେ ଉଡିଗଲା।

Digitized by PPRACHIN, SOA

ରଜ ସରଞ୍ଜାମ ନେଇ ବର୍ତ୍ତମାନ ଫେରିବାର ବେଳ । ନୂଆ ଫ୍ରକ, ଚଟିର ପୁଡିଆଟେ ଧରି କଟକରୁ ଚନ୍ଦ୍ରର ଗାଁ ବାଟ ଦେଇ ଯାଉଥିବା ବସ୍‌ରେ ବସିଲା । ବସ୍‌ଟି ଆସି ଖୋର୍ଦ୍ଧା ଷ୍ଟାଣ୍ଡରେ ପ୍ରାୟ ୪ଟା ବେଳକୁ ପହଞ୍ଚିଲା । ସେଠାରେ ସମସ୍ତେ ଟା ଜଳଖିଆ ଖାଇବାକୁ ପ୍ରାୟ ଯାଆନ୍ତି । ସେ ମଧ୍ୟ ବାହାରିଲା । ଖୋର୍ଦ୍ଧା ଷ୍ଟାଣ୍ଡରେ ଆନନ୍ଦଭବନ ହୋଟେଲ ଭଲ ଜଳଖିଆ ଦିଏ ବୋଲି ତା'ର ପ୍ରସିଦ୍ଧି ଅଛି । ଜଳଖିଆ ଭିତରେ ଦୋସା, ଇଡଲି ତ ଦିଏ ତା ସହିତ ଉପର ବେଳା ବରା, ଖାସି ମାଂସକସା ମଧ୍ୟ ଦିଏ । ଏ ଆଇଟମ ପାଇଁ ତା'ର ନା ବେଶ୍ ବିଖ୍ୟାତ । ଉପଯୁକ୍ତ ଦାମ୍ ନିଏ, ସୁସ୍ୱାଦୁ ଜିନିଷ ଦିଏ । ତେଣୁ ବିଶେଷ କରି ଏଇ ବରା ଓ ମାଂସକସା ଖାଇବା ପାଇଁ ସେଠାରେ ଉପରବେଳା ବେଶ୍ ଭିଡ ଜମେ ।

ସେଇ ବସ୍‌ରେ ଚନ୍ଦ୍ର ଗାଁର ଜଣେ ବୟସ୍କ ସମ୍ପର୍କୀୟ ଦାଦା ମଧ୍ୟ କଟକରୁ ଚଢିଥିଲେ । ସେ ମଧ୍ୟ ଜଳଖିଆ ଖାଇବା ପାଇଁ ସେଠାରେ ଓହ୍ଲାଇଲେ । ଚନ୍ଦ୍ରକୁ ଡ଼ାକି ନେଇ ଗଲେ ଆନନ୍ଦଭବନକୁ । ବରା ଆଉ ମାଂସ କସାର ବରାଦ ଦେଲେ । ଅପୂର୍ବ ମହକରେ ଚନ୍ଦ୍ରର ଭୋକ ବହୁଗୁଣ ବଢ଼ି ଯାଉଥାଏ । ଚନ୍ଦ୍ର ପେଟ ପୁରା ଖାଇଲା । ସେ ମଧ ଖାଇଲେ । ଚନ୍ଦ୍ର ପାଇଁ ପଇସା ମଧ ସେ ଦେଇଦେଲେ । ଅତ୍ୟନ୍ତ ସନ୍ତୋଷର ସହିତ ଆସି ବସ୍‌ରେ ବସିଲୁ । ବସ୍ ଗଡ଼ିଲା । ଗାଁ ପାଖରେ ଗାଡ଼ି ରହିଲା । ସେ ପର୍ଯ୍ୟନ୍ତ ବରା ମାଂସକସା ଖିଆର ସନ୍ତୋଷ ଓ ତୃପ୍ତି ମନକୁ ଆଚ୍ଛନ୍ନ କରି ରଖିଥାଏ । ଘରେ ପହଞ୍ଚିଲା ପରେ ପ୍ୟାକେଟଟି କଥା ମନେପଡିଲା । ଘରେ ସମସ୍ତେ ବିରକ୍ତ ହେଲେ । ରାତିରେ ମଧ ଚନ୍ଦ୍ରକୁ ନିଦ ହେଲା ନାହିଁ । ସକାଳୁ ସକାଳୁ ବସ୍ ଧରି ଆସିଲା ଖୋର୍ଦ୍ଧା, ଆନନ୍ଦଭବନ । ପଚରା ଉଚୁରା କଲା । ସେ ପ୍ୟାକେଟର କୌଣସି ସନ୍ଧାନ ମିଳିଲା ନାହିଁ । ମନଦୁଃଖରେ ଘରକୁ ଫେରିଲା । ସେ ବିଷାଦର ମୁହୂର୍ତ୍ତରେ ମଧ୍ୟ ତା' ଭିତରେ ଗୋଟିଏ ପରିପୂର୍ଣ୍ଣଭାବ ଜାଗ୍ରତ ହେଲା । ତା' ଭିତରୁ କିଏ ଯେପରି କହିଲା, "କାଇଁ ମନ ଦୁଃଖ କରୁଛୁ । କଣ୍ଡକ୍ଟର ଠାରୁ ଯେଉଁ ଟଙ୍କା ଠକି ନେଇଥିଲୁ, ତା'ର ତ ପ୍ରାୟଶ୍ଚିତ ହୋଇଗଲା । ତୁ ବରଂ ଖୁସୀ ହେବା କଥା ।"

ଚନ୍ଦ୍ର ଜୀବନରେ ଏ ପ୍ରକାର ଘଟଣା ବାରମ୍ବାର ଘଟିଛି । ତା'ର କର୍ମର ଫଳ ତାକୁ ହାତେ ହାତେ ମିଳି ଯାଇଛି । ଜନ୍ମାନ୍ତରକୁ ଅପେକ୍ଷା କରିବାକୁ ହୋଇ ନାହିଁ । ତ୍ରୁଟି ହୋଇଯାଉଛି, ଭଗବାନଙ୍କ କୃପାରୁ ତା'ର ପ୍ରାୟଶ୍ଚିତ ମଧ୍ୟ ହୋଇଯାଉଛି । ସେ ଦୃଷ୍ଟିରୁ ପ୍ରଭୁଙ୍କ ନିକଟରେ ଚନ୍ଦ୍ର କୃତଜ୍ଞ ।

Digitized by PPRACHIN, SOA

ଗଣିତ ଶିକ୍ଷକ-N^3

ପାଠ ପଢିସାରିବା ପରେ କେଉଁ ବୃତ୍ତି ଆଦରିବ, ସେଇଟି ଚନ୍ଦ୍ର ପାଇଁ ଏକ ଅଛିଣ୍ଡା ସମସ୍ୟା ହୋଇ ପହଞ୍ଚିଲା। ବି.ଏ. ପଢି ସାରିବା ପରେ ହିଁ ସେ ଏ ବିଷୟରେ ମୁଣ୍ଡ ଖେଳାଇଲା। ଘରେ ପଚାରିଲା, ଉତ୍ତର ମିଳିଲା 'ଚାକିରି'। ମାତ୍ର ଚାକିରି କରି ଗୁଳାରେ ପଡିବାକୁ କାହିଁକି କେଜାଣି ଅତିବେଶି ଆଗ୍ରହ ତା'ର ଆସୁ ନଥାଏ।

ନିରୁପାୟ, ସେହି ବି.ଏ. ପରଠାରୁ ବିଭିନ୍ନ ଚାକିରି ପାଇଁ ପ୍ରବେଶିକା ପରୀକ୍ଷା ଦେବା ପାଇଁ ସେ ଦରଖାସ୍ତ ଦେଉଥାଏ। ଆଉ ସେଥିପାଇଁ ନିଜକୁ ପ୍ରସ୍ତୁତ କରୁଥାଏ। ଚାକିରି ପାଇଁ ଅନାଇଥିବା ଯୁବକଟି କିପରି ସଂପୂର୍ଣ୍ଣ ଏକ ନୂତନ ଇଲାକାରେ ପାଦ ଦେଲା, ତାର ବିବରଣୀ ଦେବା ପାଇଁ ସେ ଏଠାରେ ଚେଷ୍ଟା କରୁ ନାହିଁ। ଯେଉଁ ପ୍ରକାର ପରିସ୍ଥିତିରେ ତାକୁ ଚାକିରିରୁ ମୁହଁ ଫେରାଇ ସ୍ୱଂୟ ସହାୟ ବୃତ୍ତି ଆଦରିବାକୁ ହେଲା, ତା ପଛରେ କିଛି ଈଶ୍ୱରୀୟ ଇଚ୍ଛା ନଥିଲେ ତାହା ହୁଏତ ସଂଭବ ହୋଇ ନଥାନ୍ତା। ସେ ଯାହା ହେଉ ସେ ପ୍ରସଂଗ ବାରାନ୍ତରେ।

ଚନ୍ଦ୍ରକୁ ବ୍ୟବସାୟରେ ପଶିବାକୁ ହେଲା। ତା' ପରିବାରରେ, କୁଟୁମ୍ବରେ ଚୌଦପୁରୁଷରେ କେହି ବ୍ୟବସାୟ କଥା ଚିନ୍ତା କରି ନଥିଲେ। ତେଣୁ ତା'ର ଏ ପଦକ୍ଷେପ ଅନେକ ସମାଲୋଚନା ସୃଷ୍ଟି କଲା। ଭାଗ୍ୟର ଏ ଅଦ୍ଭୁତ ଖେଳ ତାକୁ ନିଜକୁ ମଧ୍ୟ କମ୍ ଆଚମ୍ବିତ କରେ ନାହିଁ। ତା' ଭାଗ୍ୟର ଏ ଖେଳର କାହାଣୀ ଆଉ କେବେ। ଯେଉଁ ଗୋଟିଏ ଘଟଣା ଆଜି ପର୍ଯ୍ୟନ୍ତ ୫୦ ବର୍ଷ ପରେ ମଧ୍ୟ କଣ୍ଟା ପରି ତା'ମନ ଭିତରେ ରହି ଯାଇଛି, ସେଇଟି ଆଗ ଶେଷ କରିବା ଦରକାର।

ଗାଁଆରୁ ଦଳ ହୋଇ ପାଖାପାଖି୧୫/୨୦ ଜଣ ପିଲା ୨ ମାଇଲ ଦୂରରେ ଥିବା ଉଚ୍ଚ ଇଂରାଜୀ ବିଦ୍ୟାଳୟକୁ ଯାଆନ୍ତି। ଗପସପ କରି ଯିବା ଭିତରେ ଦୂରତା ଜଣା ପଡେ ନାହିଁ। ବିଭିନ୍ନ ଶ୍ରେଣୀର ପିଲା। ଯିବା ବେଳକୁ ସମସ୍ତେ ମିଶିକରି ଯାଆନ୍ତି। ଫେରନ୍ତାଟି ଏକାଠି ହୋଇପାରେ ନାହିଁ। ବଡ କ୍ଲାସ ପିଲାଏ ସ୍କୁଲ ସମୟ ପରେ ପ୍ରସ୍ତୁତି ପାଇଁ ଆଉ କିଛି ସମୟ ରୁହନ୍ତି। ଗଣିତ, ଇଂରାଜୀ ଶିକ୍ଷକମାନେ ପାଳି କରି କିଛି ଅଧିକ ସମୟ ସେମାନଙ୍କ ପାଇଁ ଦିଅନ୍ତି।

Digitized by PPRACHIN, SOA

ଗଣିତ ଶିକ୍ଷକ ଥିଲେ ଜଣେ ବିଚକ୍ଷଣ ମହାଶୟ । ଯୋଗ୍ୟତା ତାଙ୍କର ବି.ଏ. ଅର୍ନସ ବୋଲି ବାରମ୍ବାର କହିବାରେ ତାଙ୍କୁ ଆନନ୍ଦ ମିଳୁଥିଲା । ଚେହେରା ତାଙ୍କର ଯେପରି କଦାକାର, ତାଙ୍କର ବ୍ୟବହାର, ପଢାଇବା ବାଗ ମଧ୍ୟ ସେହିପରି ବିରକ୍ତିକର । ଥରେ ପଢାଇବା ଆରମ୍ଭ କଲେ ସେ ନିଜକୁ ଭୁଲି ଯାଆନ୍ତି । ନିଜକୁ ଭୁଲି ଯାଉଥିଲେ କିଛି ଅସୁବିଧା ନଥିଲା । ମାତ୍ର ତା ସହିତ ସେ ସମୟ ମଧ୍ୟ ଭୁଲି ଯାଆନ୍ତି । ଏଥିନେଇ ତାଙ୍କ ପିରିଅଡ୍ ଆସିଲେ ପିଲାମାନେ ଦୀର୍ଘ ନିଃଶ୍ୱାସ ନିଅନ୍ତି । ପ୍ରମାଦ ଗଣନ୍ତି । ତାଙ୍କ ପଢାଇବା ସମୟରେ ଚନ୍ଦ୍ରର ମନେହୁଏ ସେ ଶିକ୍ଷକ ପିଲାଙ୍କର ମାନସିକତା ବୁଝନ୍ତି ନାହିଁ। ପିଲା କେତେଦୂର ତାଙ୍କ କଥା ଗ୍ରହଣ କରୁଛି, ସେ ସବୁର ବିଚାର ସେ କରନ୍ତି ନାହିଁ। ସେଥିପ୍ରତି ସାମାନ୍ୟ ନଜର ମଧ୍ୟ ତାଙ୍କର ନ ଥାଏ । ରେଳଗାଡି ପରି, ଗୋଟିଏ ଷ୍ଟେସନରୁ ବାହାରି ଆଉ ଗୋଟିଏ ରହଣି ପର୍ଯ୍ୟନ୍ତ ଯେପରି ଆଖପାଖର କାହାରି ପ୍ରତି ଦୃଷ୍ଟି ନଥାଏ, ତାଙ୍କ ପଢାଇବା ମନେହୁଏ ସେହିପରି । ତାଙ୍କର ପଢାଇବା ଭିତରେ ସେ ଆପଣାର ପୌଢି ଦେଖାଇବା ପାଇଁ ସୁଯୋଗଟିଏ ପାଇଥିବା ପରି ମନେ କରନ୍ତି ଆଉ ସେ ସୁଯୋଗଟିକୁ ହାତ ଛଡା ନକରି ପାରୁପର୍ଯ୍ୟନ୍ତ କାମରେ ଲଗାନ୍ତି । "ମୁଁ ଭଲ ଛାତ୍ର ଥିଲି । ଗଣିତ ମୋର ଜୀବନ । ଗଣିତ ହେଉଛି ରୟାଲ ସବ୍‌ଜେକ୍ଟ । ଅନ୍ୟମାନେ ଗଣିତ ତୁଳନାରେ ତୁଚ୍ଛ । ଅନ୍ୟ ବିଷୟଗୁଡିକୁ ବହି ଘୋଷି, ନୋଟ ପଢି ଡିଭିଜନ ରଖି ହେବ । ମାତ୍ର ଗଣିତ ପାଇଁ ବ୍ରେନ ଦରକାର ।" ଗଣିତରେ ମୋ ସହିତ କେହି ସମକକ୍ଷ ନୁହନ୍ତି । ମୁଁ ପଣ୍ଡିତ ଅନ୍ୟମାନେ ମୂର୍ଖ । ମୋତେ ସବୁକିଛି ଜଣା । ଏପରି ଏକ ମନୋଭାବ ପିରିଅଡର ୫୦ମିନିଟ ଅବଧିରେ ତାଙ୍କ ହାବଭାବ, ମୁଖଭଙ୍ଗୀ ଆଉ ପରୋକ୍ଷ କଥାବାର୍ତ୍ତାରୁ ଜାଣିହୁଏ ।" ଏପରି ପରିସ୍ଥିତିରେ ସଚରାଚର ଯାହା ହୁଏ, ଏଠାରେ ମଧ୍ୟ ସେଇଆ ଘଟିଲା । ଛାତ୍ରମାନେ ତାଙ୍କୁ ଡରନ୍ତି, ମାତ୍ର ଭକ୍ତି ଟୋପାଏ କେହି କରନ୍ତି ନାହିଁ । ତାଙ୍କ ପିରିଅଡ୍‌ରେ ପିଲାମାନଙ୍କର ନୀରବତାକୁ ସେ ଆପଣା ଶିକ୍ଷାଦାନର ଉତ୍କର୍ଷତାର ମାପକାଠି ବୋଲି ବିଚାର କରି ଉଲ୍ଲସିତ ହୁଅନ୍ତି ।

ମଝିରେ ମଝିରେ ଶ୍ରେଣୀ ପରୀକ୍ଷା କରନ୍ତି । ସେତେବେଳେ ଆଜିକାଲି ପରି, ଟ୍ୟୁଟୋରିଆଲ, ସେମିନାର ଏ ସବୁ ନଥିଲା । ମଫସଲ ସ୍କୁଲର ପିଲାଏ, ପ୍ରତିଯୋଗୀତା ମନୋଭାବ ମଧ୍ୟ ବିଶେଷ ନଥାଏ । ୬ମାସିଆ ପରୀକ୍ଷା ପର୍ଯ୍ୟନ୍ତ କେହି ସେପରି ଗୁରୁତ୍ୱ ଦେଇ ପଢାପଢି ପ୍ରାୟ କରନ୍ତି ନାହିଁ । ଲକ୍ଷ୍ୟ ସବୁବେଳେ ବାର୍ଷିକ ପରୀକ୍ଷା ପାଇଁ । ବହିପତ୍ର ଯୋଗାଡ କରୁକରୁ ୨/୩ମାସ ମଧ୍ୟ ଚାଲିଯାଏ । ଏପରି ଅବସ୍ଥାରେ କେବଳ ଗଣିତ ଶିକ୍ଷକ ବର୍ଷ ଆରମ୍ଭରୁ ଶ୍ରେଣୀ ପରୀକ୍ଷା କରିବାକୁ ବସିଲେ କେହି ସେଥିପାଇଁ ପ୍ରସ୍ତୁତ ନଥାନ୍ତି । ଶିକ୍ଷକଙ୍କୁ ସୁଯୋଗ ମିଳିଯାଏ ।

Digitized by PPRACHIN, SOA

ଏଡେଏଡେ ପିଲାଙ୍କର ପିଠିରେ ବେତ କେତେଖଣ୍ଡ ଉଡିଯାଏ । ମନେହୁଏ ପିଲାଙ୍କୁ ମାରିବା ପାଇଁ ତାଙ୍କର ଗୋଟାଏ ବାହାନା ଦରକାର । ଆଉ ସେ ବାହାନା କାର୍ଯ୍ୟକାରୀ କରିବା ପାଇଁ ଶ୍ରେଣୀ ପରୀକ୍ଷା ସୁଯୋଗ ଆଣିଦିଏ । ଅନ୍ୟ ଶିକ୍ଷକମାନେ ମଧ୍ୟ ଅଳ୍ପବହୁତେ ଦଣ୍ଡ ଦିଅନ୍ତି । ସଂସ୍କୃତ ପଣ୍ଡିତ ମଧ୍ୟ ପିଲାଙ୍କୁ ବେଳେବେଳେ ବାଡାନ୍ତି । ମାତ୍ର ମାଡ ମାରିବା ସମୟରେ ଗଣିତ ଶିକ୍ଷକଙ୍କ ମୁହଁରେ ଯେଉଁ ନୃଶଂଶତା ଆଉ ଆତ୍ମସନ୍ତୋଷ ଫୁଟେ ତାର ପଟାନ୍ତର ନାହିଁ ।

ଜଣେ ଇଂରାଜୀ ଶିକ୍ଷକ ତାଙ୍କରି ସମସାମୟିକ ଓ ତାଙ୍କର ବନ୍ଧୁ । କେବେକେବେ ସେ ଅନୁପସ୍ଥିତ ରହିଲେ ଗଣିତ ଶିକ୍ଷକ ତାଙ୍କ କ୍ଲାସଟି ନିଅନ୍ତି । ଯଦିଓ ସେ ଜାଣନ୍ତି, ଏଇଟି କେବଳ କାମଚଳା ବ୍ୟବସ୍ଥା ତଥାପି ମଧ୍ୟ ଆପଣାର ବିଦ୍‌ବତ୍ତା ଦେଖାଇବାକୁ ସେ ଭୁଲନ୍ତି ନାହିଁ । କିଛି ବାକ୍ୟ ଇଂରାଜୀକୁ ଅନୁବାଦ କରିବାକୁ ଦିଅନ୍ତି । ପିଲାମାନେ ସାଧାରଣତଃ ମାଟ୍ରିକ ପରୀକ୍ଷାରେ ଅନୁରୂପ ବିଷୟ ନେଇ ନିଜକୁ ପ୍ରସ୍ତୁତ କରୁଥାଆନ୍ତି । ମାଟ୍ରିକ ପରୀକ୍ଷାରେ ଯେଉଁ ପ୍ରକାର ଅନୁବାଦ ପ୍ରାୟତଃ ଆସେ ସେହି ପ୍ରକାର ପ୍ରଶ୍ନ ଉତ୍ତର ପାଇଁ ପିଲାଙ୍କର ପରିଶ୍ରମ ଜାରିଥାଏ ଆଉ ସେହି ପ୍ରକାର ପ୍ରଶ୍ନ ମଧ୍ୟ ସେ ଶିକ୍ଷକଙ୍କଠାରୁ ଆଶା କରନ୍ତି । ମାତ୍ର ଦିନିକିଆ ଶିକ୍ଷକ ଯେଉଁ ବାକ୍ୟ କେତୋଟି ଦିଅନ୍ତି ତା ପୃଥିବୀ ବାହାରେ । ମନେହୁଏ ବି.ଏ. ପାଶ୍ କରିବା ଭିତରେ ମଧ୍ୟ ତା'ର ଅନୁବାଦ ପିଲାଏ କରିପାରିବେ ନାହିଁ । ଏହାମଧ୍ୟ ନିଶ୍ଚିତ ଯେ ଏ ପ୍ରକାର ପ୍ରଶ୍ନ ଶେଷ ପରୀକ୍ଷାରେ କଦାପି ଆସିବ ନାହିଁ । ତାହା ଶିକ୍ଷକ ମଧ୍ୟ ଜାଣନ୍ତି । ମାତ୍ର ଏଠାରେ ତ ପରୀକ୍ଷା ପାଇଁ ପ୍ରସ୍ତୁତି କରିବା ଦିନିକିଆ ଶିକ୍ଷକଙ୍କର ଉଦ୍ଦେଶ୍ୟ ନୁହେଁ । ଉଦ୍ଦେଶ୍ୟ ହେଉଛି ଆପଣାର ବିଦ୍‌ବତ୍ତା ଦେଖାଇବା । ତାଙ୍କର ଅହଂକାର ପଦାକୁ ଫୁଟି ଉଠେ । କଦାକାର ଚେହେରା ତାଙ୍କର ଅଧିକ କଦାକାର ଦେଖାଯାଏ ।

ନିଜ ନାଁଆଟିକୁ ନେଇ ତାଙ୍କର ବହୁତ ଗର୍ବ । ତିନୋଟି ଶବ୍ଦକୁ ନେଇ ତାଙ୍କର ନାଁଆଟି । ଇଂରାଜୀରେ ଲେଖିଲେ ପ୍ରତିଶବ୍ଦର ପ୍ରଥମ ଅକ୍ଷର ଆରମ୍ଭ ହୁଏ N ରୁ । ତେଣୁ ନିଜ ନାଁଆଟିକୁ ଗାଣିତିକ ଭାଷାରେ N^3 କହି ସେ ପ୍ରଚୁର ଅହଂକାର ଆଉ ଗର୍ବରେ ବୁଡି ଯାଆନ୍ତି । ପିଲାମାନେ ମାତ୍ର ତାଙ୍କର ଏ ପିଲାଳିଆମିରେ ଆମୋଦିତ ହୁଅନ୍ତି ନାହିଁ ।

ଯଦି ବ୍ୟାପାର ଏତିକିରେ ସୀମିତ ଥାଆନ୍ତା, ତେବେ ହୁଏତ ଚଳିଥାଆନ୍ତା । ମାତ୍ର ଘଟଣା କ୍ରମେ କ୍ରମେ ଉତ୍କଟ ରୂପ ନେଲା । ତାଙ୍କର ଏଇ ଅହଙ୍କାର, ହାମବଡା ମନୋଭାବ ଯୋଗୁଁ କ୍ରମେ ସେ ଶିକ୍ଷକ ମହଲରେ ଅଧିକରୁ ଅଧିକ ସଂଗହୀନ ହୋଇ ପଡିଲେ । ପିଲାମାନଙ୍କ ପାଖରେ ତ ସେ କଦାଚିତ୍ ପ୍ରିୟ ନ

Digitized by PPRACHIN, SOA

ଥିଲେ । ଏହାବାଦ ତାଙ୍କ ନିଜ ପରିସରରେ ସେ ଯେତିକି ଯେତିକି କଣ ଠେସା ହେଲେ, ଶ୍ରେଣୀମାନଙ୍କରେ ସେ ସେହି ପରିମାଣରେ ହିଂସ୍ର ଆଉ ନୃଶଂଶ ହେଲେ । ତାର ପରିଣାମ ହେଲା, ସାମାନ୍ୟ ସାମାନ୍ୟ କାରଣ ନେଇ ପିଲାଙ୍କୁ ଗୋଗଛ ମାଡ । କ୍ରମେ ଏହି ଅହେତୁକ ହିଂସ୍ରତା ଛାତ୍ର ମହଲରେ ସମସ୍ତ ଜ୍ଞାନ ଗାରିମା ସତ୍ତ୍ୱେ ତାଙ୍କୁ ଅତ୍ୟନ୍ତ ଅପ୍ରିୟ କରିଦେଲା । ତା ସହିତ ତାଙ୍କର ଅସହ୍ୟ ଦଣ୍ଡର ଶୀକାର ହେଉଥିବା ପିଲାଏ ତାଙ୍କର ଶତ୍ରୁ ମଧ୍ୟ ହୋଇଗଲେ । ଆଜିକାଲି ପରି ସମୟ ହୋଇଥିଲେ କାହିଁରୁ କ'ଣ ହୋଇଥାଆନ୍ତା ! ଧର୍ମଘଟ, ରାସ୍ତାରୋକ ଇତ୍ୟାଦି ପର୍ଯ୍ୟନ୍ତ କଥା ହୁଏତ ଯାଇଥାଆନ୍ତା । ମାତ୍ର ସେତେବେଳର ସମୟ ଥିଲା ଅଲଗା । ସବୁ ଅସନ୍ତୋଷ, ବିରକ୍ତି ସତ୍ତ୍ୱେ ପାଠ ପଢା ଚାଲିଲା । ସମୟ ଗଡି ଚାଲିଲା ।

ସେଦିନ ଥିଲା ପ୍ରଥମ ପିରିଅଡ୍ ଆଲ୍‌ଜେବ୍ରା ଆଉ ଶିକ୍ଷକ ହେଉଛନ୍ତି N^3 । ଆସିଲେ । ହାତରେ ଉପସ୍ଥାନ ଖାତା । ଚୌକିରେ ବସି ପଡି, ଟେବୁଲ ଉପରେ ଖାତା ଆଉ ହାତ ରଖି ଉପସ୍ଥାନ ଡାକିବା ଆରମ୍ଭ କଲେ । ମାତ୍ର ୨/୩ମିନିଟ ଭିତରେ ଆଜି ତାଙ୍କ ଆଚରଣରେ କିଛି ଅସ୍ୱାଭିକତା ବାରି ହୋଇ ପଡିଲା । ସାଧାରଣତଃ ତରତର ହୋଇ ଉପସ୍ଥାନ ନେଇଯାଇ ଚକ୍ ଖଡି ଧରି ପଢାଇବା ପାଇଁ ସେ ପ୍ରସ୍ତୁତ ହୋଇ ଯାଆନ୍ତି । ମାତ୍ର ଆଜି ଉପସ୍ଥାନଟି ମଧ୍ୟ ଠିକ୍‌ରେ ନେବା ପରି ମନେ ହେଲା ନାହିଁ ।

ସାଧାରଣତଃ ଉପସ୍ଥାନ ନେବା ସମୟରେ ଆଖି ଦୁଇଟି ପିଲାଙ୍କ ଉପରେ ଘୁରି ବୁଲୁଥାଏ । ମାତ୍ର ଆଜି ଉପସ୍ଥାନ ନେବା ସମୟରେ ବାରମ୍ୱାର ସେ ଝୁଣ୍ଟିଲେ । ପିଲାଙ୍କ ଆଡକୁ ଅନାଇବାକୁ ଭୁଲିଗଲେ । ବାରମ୍ବାର ପିଠି, ପିଚା କୁଣ୍ଡାଇ ହେବାକୁ ଲାଗିଲେ । ମାତ୍ର କେତୋଟି ମୁହୂର୍ତ୍ତ ଭିତରେ ଖାତାପତ୍ର ଫୋପାଡି ଦେଇ ହାତ ବେକ ପିଠି ଗୋଡ ସବୁକିଛିକୁ ରାମ୍ପି ପକାଇଲେ । କ୍ରମେ ଏହା ବଢ଼ିଲା ସିନା କମିଲା ନାହିଁ । ଶେଷରେ ଜାମାପଟା ଖୋଲି ପକାଇ ଆପଣାକୁ ରାମ୍ପି ପକାଇ ମଧ୍ୟ ନିସ୍ତାର ପାଇଲେ ନାହିଁ । ଦେହ ମୁହଁ ୧୦/୧୫ ମିନିଟ ଭିତରେ ବୋଇତି କଖାରୁ ପରି ଫୁଲି ଉଠିଲା ।

ପିଲାମାନେ କେହି କିଛି ବୁଝି ପାରୁ ନଥାନ୍ତି । ପ୍ରଥମରୁ ମନେହେଲା N^3କୁ କାଳିସୀ ଲାଗିଛି । ମାତ୍ର ତାଙ୍କର ଶାରୀରିକ ଅବସ୍ଥା ଦେଖି ସମସ୍ତେ ଡରିଗଲେ । ତାଙ୍କର ଚିତ୍କାର ଶୁଣି ଅନ୍ୟାନ୍ୟ ଶିକ୍ଷକମାନେ ଦୌଡି ଆସିଲେ । ତାଙ୍କୁ ଧରାଧରି କରି କମନରୁମକୁ ନେଇଗଲେ । ବିଚରା ବହୁତ କଷ୍ଟ ପାଇଲେ । ପ୍ରାୟ ଗୋଟାଏ ସପ୍ତାହ ଶଯ୍ୟାଶାୟୀ ରହିଲେ ।

Digitized by PPRACHIN, SOA

ତାପରେ ଚାଲିଲା ଖୋଳତାଡ । କିଏ ଏପରି କରିଛି । ଏହା ନିଶ୍ଚିନ୍ତ ହେଲା ଯେ ଟେବୁଲ ଓ ଚୌକିରେ କିଛି କୁଣ୍ଡାଇ ହେବା ଗୁଣ୍ଡ କେହି ପକାଇ ଦେଇଥିଲା । ମାତ୍ର ଏତେ ପିଲାଙ୍କ ଭିତରୁ କିଏ ଦାୟୀ, ତାହା କିପରି ନିର୍ଣ୍ଣିତ ହେବ ? ଏହା ପାଳ ଗଦାରୁ ଛୁଞ୍ଚି ଖୋଜିବା ପରି ଅସମ୍ଭବ । ଶିକ୍ଷକ ମହାଶୟ କ୍ରମେ ସୁସ୍ଥ ହୋଇ କ୍ଲାସ ନେବା ଆରମ୍ଭ କଲେ । ମନୋଭାବରେ କି ପରିବର୍ତ୍ତନ ହେଲା ତାହା ଭଗବାନ ଜାଣନ୍ତି ମାତ୍ର ପିଲାଙ୍କୁ ତାଙ୍କ ହିଂସ୍ର ଆଚରଣରୁ ଏକ ପ୍ରକାର ରିହାତି ମିଳିଲା । ମନେହେଲା ଦବାଇ ଠିକ୍ କାମ କରିଛି । ବଇଦ ଯେ ହେଉ ପଛେ ।

ପ୍ରଧାନଶିକ୍ଷକଙ୍କ କାନକୁ ଏ କଥା ଗଲା । ମାତ୍ର ଏଥିରେ ବିଶେଷ କିଛି କରି ହେବ ନାହିଁ ମନେ କରି ସେ ପ୍ରାୟ ନ ଜାଣିଲା ପରି ଚୁପ୍ ରହିଲେ । ଆଗରୁ ଗଣିତ ଶିକ୍ଷକଙ୍କ ନୃଶଂଶତା ନେଇ ତାଙ୍କ ପାଖରେ କିଛି କିଛି ଅଭିଯୋଗ ଥିଲା । ଏହି ହେତୁ ବୋଧେ ସେ ସମସ୍ତ କଥା ତଉଲି ଆଉ ଅଧିକ ଏ ବ୍ୟାପରରେ ଖୋଳତାଡ କରିବା ଅନାବଶ୍ୟକ ବୋଲି ମନ୍ତବ୍ୟ ଦେଲେ । ଅଧିକାଂଶ ଶିକ୍ଷକ ମଧ୍ୟ ମୁରୁକି ହସା ସହିତ, ଶୁଖିଲା ସହାନୁଭୁତି ଦେଖାଇ କରଛଡା ଦେଲେ । ଗଣିତ ଶିକ୍ଷକଙ୍କର ସମବୟସ୍କ ଜଣେ ଶିକ୍ଷକ ଯେ କି ତାଙ୍କର ଅନ୍ତରଙ୍ଗ ବନ୍ଧୁ ସେ ସହାନୁଭୁତି ଦେଖାଇ ଦୋଷୀକୁ ଠାବ କରିବା ପାଇଁ ପ୍ରାଣ ପଣେ ଲାଗିପଡିଲେ ।

ବିଭିନ୍ନ ଶ୍ରେଣୀରୁ କିଛି କିଛି ପିଲାଙ୍କୁ ଶିକ୍ଷକ ବାଛିଲେ । ଯେଉଁମାନଙ୍କ ସହ ତାଙ୍କର ସଂପର୍କ ଉତ୍ତମ । ସେମାନଙ୍କୁ ନିର୍ଦ୍ଦେଶ ହେଲା ଯେ ଅନ୍ୟମାନଙ୍କ ଉପରେ ନଜର ରଖ । ସେମାନଙ୍କ କଥାବାର୍ତ୍ତା, ବିଚାର ଆଲୋଚନାରେ ସାମିଲ ହୁଅ । ଯେଉଁମାନେ ଏ କୁକାର୍ଯ୍ୟ କରିଥିବେ ସେମାନେ ଯେହେତୁ ପେଶାଦାର ଅପରାଧୀ ନୁହନ୍ତି, ଆଜି ହେଉ ବା କାଲି ହେଉ ସେମାନଙ୍କ ପାଟିରୁ କଥା ଖସିଯିବ ନିଶ୍ଚୟ । ସେଇ ମଉକାକୁ ଅପେକ୍ଷା । ଆଉ ମଧ୍ୟ ଶିକ୍ଷକ ମନେକଲେ ଯେ ଯିଏ ଏ କାମ କରିଥିବ, ତା ବ୍ୟତୀତ ତା'ର ସାଙ୍ଗସାଥୀ ମଧ୍ୟ ଅନ୍ତେ ବହୁତେ ଏହାର ସୁରାକ ପାଇଥିବେ । ଏ ସବୁ ଉପରେ ନଜର ରଖିଲେ ସୁତାଖିଅଟି କେଉଁଠୁ ହେଲେ ମିଳିଯିବ । ଏ ଚୋର ପୋଲିସ ଖେଳ ସିନା ଚାଲିଲା, ମାତ୍ର କିଛି ନିର୍ଣ୍ଣୟରେ ଶିକ୍ଷକ ପହଞ୍ଚିପାରିଲେ ନାହିଁ ।

ଆମ ଗାଁଆରୁ ଯାଉଥିବା ୧୫/୨୦ଜଣ ଛାତ୍ରଙ୍କ ଭିତରୁ ୩ଜଣଙ୍କ ସହିତ ଗଣିତ ଶିକ୍ଷକଙ୍କର ଅହିନକୁଳ ସଂପର୍କ । କାରଣ ଅକାରଣରେ ସେ ୩ଜଣଙ୍କ ପିଠିରେ ତାଙ୍କର ବେତ ନାଚ କରେ । ଶ୍ରେଣୀରେ ପଢୁଥିବା ପିଲାଙ୍କର ହାରାହାରି ବୟସ ତୁଳନାରେ ସେମାନେ ବୟସ୍କ । ବିଭିନ୍ନ ଶ୍ରେଣୀ ଡେଇଁବାକୁ ସେମାନଙ୍କୁ

Digitized by PPRACHIN, SOA

ଏକାଧୀକ ବର୍ଷ ଲାଗିଯାଇଛି । ଗଣିତ ଶିକ୍ଷକ ସେମାନଙ୍କୁ ଗୋରୁଗାଈ ପରି ପିଟନ୍ତି । ତା ସହିତ ଚଉଦପୁରୁଷ ଉଝାଳି ଅତି ହୀନ ଭାଷାରେ ଗାଳି ଗୁଲଜ କରନ୍ତି । ଭରା କ୍ଲାସରେ ଏ ପ୍ରକାର ମାଡ, ଗାଳିଗୁଲଜ ସେ ପିଲାମାନଙ୍କୁ ଅତ୍ୟନ୍ତ ବ୍ୟଥିତ କରେ ।

ଆଉ କିଛି ଉପାୟ ନ ପାଇ ସେ ୩ଜଣ ଗୋଟିଏ ଯୋଜନା କଲେ । ଗାଁଆମାନଙ୍କରେ ତୋଟାବାଡରେ ବାଇଡଙ୍କ ବୋଲି ଗୋଟିଏ ଲଟା ମାଡିଥାଏ । ତା'ର ଫଳଟି ଙ୍କଇଆ ପରି । ସେ ଫଳ ଉପରଯାକ ଆଂଶୁ ଆଂଶୁ ହୋଇଥାଏ । ଯଦି ସେ ଆଂଶୁ ଟିକିଏ ଦେହରେ ଲାଗେ, ତେବେ କଥା ସରିଗଲା । ପ୍ରବଳ କୁଣ୍ଡାଇ ହୁଏ । ଏମାନେ ଯୋଜନା ମୁତାବକ ସେ ଫଳରୁ କିଛି ତୋଳିଲେ । ଖପରାରେ ତା'ର ଆଂଶୁ ଗୁଡିକୁ ଚାଞ୍ଛି ଗୋଟିଏ ପୁଡିଆ କଲେ । ମଉକାକୁ ବର୍ତ୍ତମାନ ଅପେକ୍ଷା । ବହୁତ ଶୀଘ୍ର ସୁଯୋଗଟି ସେମାନଙ୍କ ଆଗକୁ ଆସିଗଲା । ସେମାନେ ପ୍ରତିଶୋଧ ନେଲେ । ରାଗ ଶୁଝାଇଲେ । ଆଉ ଗଣିତ ଶିକ୍ଷକ ପ୍ରବଳ କଷ୍ଟ ପାଇଲେ ।

ଯେଉଁ ୨/୩ଜଣ ଶିକ୍ଷକ, ଗଣିତ ଶିକ୍ଷକଙ୍କ ଘନିଷ୍ଠ, ସେମାନେ ଏ ବ୍ୟାପାରଟିକୁ ନିଜ ମୁଣ୍ଡ ଉପରକୁ ନେଇ ଗୋଟାଏ ମାନ ଅପମାନର ବିଷୟ ବୋଲି ରୂପ ଦେଲେ । ବିଭିନ୍ନ ଦିଗକୁ ସନ୍ଦେହର ଆଖି ବୁଲିଲା । ମାତ୍ର ନିର୍ଦ୍ଦିଷ୍ଟ କୌଣସି ଫଳ ମିଳିଲା ନାହିଁ । କାରଣ ପ୍ରମାଣ ବା ପ୍ରତ୍ୟକ୍ଷଦର୍ଶୀଙ୍କର ଅଭାବ । ସମୟ କାହାରିକୁ ଅପେକ୍ଷା ନକରି ଗଡି ଚାଲିଲା । ସମୟ ଗଡିବା ସହିତ ଦୋଷୀ ଧରା ପଡିବାର ଆଶା ମଧ୍ୟ ମଉଳିବାକୁ ବସିଲା ।

ଏ ଘଟଣାଟି ଚନ୍ଦ୍ରକୁ କିଛି ପରିମାଣରେ ଦୋହଲାଇ ଦେଲା । ସେ ଯେଉଁ ସଂସ୍କାର ଉତ୍ତରାଧୀକାର ସୂତ୍ରରେ ପାଇଛି, ଯେଉଁ ପରିବେଶ ଆଉ ଶିକ୍ଷା ଭିତର ଦେଇ ପିଲାଟିବେଳୁ ବଢିଛି, ସେଠାରେ ଶିକ୍ଷକଙ୍କ ସହ ଏ ପ୍ରକାର ଶତ୍ରୁତା, ପ୍ରତିଶୋଧ ଇତ୍ୟାଦି ଚିନ୍ତା କରା ଯାଇ ନପାରେ । ଗଣିତ ଶିକ୍ଷକଙ୍କ ପ୍ରତି ତା'ର କୌଣସି ଆନୁଗତ୍ୟ ନାହିଁ । ତାଙ୍କର କାର୍ଯ୍ୟକଳାପ, ଦେଖେଇହେବା ଗୁଣ ତାକୁ ଭଲ ଲାଗେ ନାହିଁ । ଏ ସବୁ ଜଣେ ଆଦର୍ଶ ଶିକ୍ଷକ-ଯୋଗ୍ୟ ନୁହେଁ ବୋଲି ତା'ର ଦୃଢ ଧାରଣା । ମାତ୍ର ତାହା ସତ୍ତ୍ୱେ ଶିକ୍ଷକ ହେଉଛନ୍ତି ଶିକ୍ଷକ । ଗୁରୁ । ତାଙ୍କୁ ଯେଉଁ ଏ ପ୍ରକାର ନୃଶଂଶତାର ଶୀକାର ହେବାକୁ ହେଲା, ତା ପୁଣି ଆପଣାର ଜଣେ ଛାତ୍ର ହାତରେ, ସେଇଟାକୁ ଚନ୍ଦ୍ର ଭଲରେ ହଜମ କରିପାରିଲା ନାହିଁ । ଆପଣାର କୌତୁହଳବଶତଃ ସେ ଏ ସମ୍ପର୍କରେ କିଛିଟା ଅନୁସନ୍ଧାନ ଜାରି ରଖିଲା ।

ଆପଣା ଗାଁଆରୁ ଦଳ ହୋଇ ଯାଉଥିବା ପିଲାଙ୍କ ଉପରେ ଚନ୍ଦ୍ର ନଜର ରଖିଲା । ତା ନିଜ ଶ୍ରେଣୀରେ ପଢୁଥିବା ଦୁଇଜଣଙ୍କ ଚାଲିଚଳଣିରେ କିଛିଟା

Digitized by PPRACHIN, SOA

ଅସ୍ୱାଭିକତା ସେ ଲକ୍ଷ୍ୟ କରି ପାରିଲା । ଏ ପରିବର୍ତ୍ତନ ହୁଏତ ଅତ୍ୟନ୍ତ ସାମାନ୍ୟ । ନିତାନ୍ତ ଅସ୍ୱାଭାବିକ ନୁହେଁ । ଏଇଟି ହୁଏତ ଅନ୍ୟ କାହାରି ଆଖିରେ ପଡନ୍ତା ନାହିଁ । ମାତ୍ର ଚନ୍ଦ୍ର ସହିତ ନିୟମିତ ଦେଖାସାକ୍ଷାତ ତଥା ଗପସପ ହେତୁ ଏ ଅସ୍ୱାଭିକତା ସାମାନ୍ୟ ହେଲେ ମଧ୍ୟ ଚନ୍ଦ୍ରର ନଜର ଏଡାଇ ପାରିଲା ନାହିଁ । କ'ଣ ହୋଇପାରେ ଏ ପରିବର୍ତ୍ତନର ହେତୁ ? ଆଗ ସମୟ ପରି ଫେରିବା ବେଳକୁ କଥାବାର୍ତ୍ତାରେ ଗଣିତ ଶିକ୍ଷକଙ୍କ ପ୍ରତି ଯେଉଁ ଗାଳିଗୁଲଜ, ଯେଉଁ କଟାସଂପା, ଅଭିଶାପ, ସେ ସବୁରେ ଏମାନେ ୩ଜଣ ଭାଗ ନେଉ ନାହାନ୍ତି । ରାଣ ପକାଇବା ପରି ସେ ସବୁ ଥପ୍ ହୋଇ ଯାଇଛି । କେବଳ ସେତିକି ନୁହେଁ ମଝିରେ ମଝିରେ ସେ ୩ଜଣ ଟିକିଏ ପଛେଇଯାଇ କିଛି ଗୁପ୍ତକଥା ନିଜ ନିଜ ଭିତରେ ଆଲୋଚନା କରୁଛନ୍ତି । ମୁହଁରେ ସେମାନଙ୍କର ଚିରାଚରିତ ସହଜ ତଥା ଉଲ୍ଲାସର ଚିହ୍ନ ନଥାଇ, କିପରି ଏକ ଚିନ୍ତା ଗ୍ରସ୍ତ ଭାବ ବାରି ହୋଇ ପଡୁଛି । ଘଟଣା ଘଟିବାର ସେତେବେଳକୁ ୧ମାସ ହୋଇଗଲାଣି । ଦୋଷୀ କିଏ ଜାଣିବା ଏ ଯାଏଁ ହୋଇ ପାରିଲା ନାହିଁ । ସମୟ ଗଡି ଚାଲିବା ସହିତ ଏ ତିନିଜଣ ମଧ୍ୟ କ୍ରମେ ସହଜ ହୋଇ ଆସିଲେ । ଆଉ ଅଲଗା ଗୋଷ୍ଠୀକରି ମନ୍ତ୍ରଣା କରିବା ଦେଖା ଗଲା ନାହିଁ ।

ଏହା ବ୍ୟତୀତ ଆଉ ଗୋଟିଏ କଥା ଚନ୍ଦ୍ର ଲକ୍ଷ୍ୟ କରିପାରିଲା । ଆଗରୁ ଏ ଗଣିତ ଶିକ୍ଷକଙ୍କୁ ନେଇ କିଛି ଆଲୋଚନା ହେଲେ ଏ ୩ଜଣ ପ୍ରାୟତଃ ଚୁପ୍ ରହୁଥିଲେ । ଆଲୋଚନାରେ ଭାଗ ନେଉ ନଥିଲେ । ସତେ ଯେପରି ଗଣିତ ଶିକ୍ଷକଙ୍କୁ ସେମାନେ ଚିହ୍ନି ନାହାନ୍ତି । ମାତ୍ର ବର୍ତ୍ତମାନ ସେ ଅବସ୍ଥା ଆଉ ନାହିଁ । ସେମାନେ ଆଲୋଚନାରେ ଭାଗ ନେଉଛନ୍ତି ଏବଂ ଗଣିତ ଶିକ୍ଷକଙ୍କ କଷ୍ଟ ଓ ଯନ୍ତ୍ରଣା, ତଥା ଅପମାନ କଥା ପଡିଲେ, ସେମାନଙ୍କ ମୁହଁରେ କିପରି ଗୋଟାଏ ସନ୍ତୋଷିଆ ଭାବ ଖେଳି ଯାଉଛି । ଚନ୍ଦ୍ର ଏ ସବୁ ନୀରବରେ ଲକ୍ଷ୍ୟ କଲା । ଆଉ ମଧ୍ୟ ଅନୁସନ୍ଧାନରୁ ଜାଣିଲା ଯେ ଯେଉଁଦିନ ଶିକ୍ଷକଙ୍କ ଦେହ କୁଣ୍ଡାଇ ହେଲା, ସେଦିନ ଏ ତିନିଜଣ ଅନ୍ୟମାନଙ୍କ ସହ ଦଳ ହୋଇ ସ୍କୁଲକୁ ଯାଇ ନାହାନ୍ତି । ଆଗରୁ ଚାଲି ଯାଇଛନ୍ତି । ମାତ୍ର ଫେରିଛନ୍ତି ସମସ୍ତଙ୍କ ସହିତ । ଆଉ ମଧ୍ୟ ଚନ୍ଦ୍ର ଜାଣିପାରିଲା ଯେ ଏ ଘଟଣା ଘଟିବାର ଦିନ ସୋମବାରର ପୂର୍ବ ଦୁଇଦିନ ଶନିବାର ଓ ରବିବାର ଏ ତିନିଜଣ ଖେଳ ପଡିଆକୁ ଆସି ନାହାନ୍ତି । ଫୁଟବଲ ଖେଳରୁ ଅନୁପସ୍ଥିତ ରହିଛନ୍ତି । ଏ ସମସ୍ତ ସୂଚନା ପାଇବା ପରେ ଚନ୍ଦ୍ର ଏକ ପ୍ରକାର ନିଶ୍ଚିତ ହେଲା ଯେ ଏ ଦୁର୍ଘଟଣା ସହିତ ଏମାନଙ୍କର କିଛିଟା ସମ୍ପର୍କ ରହିଛି । ଏ ସମସ୍ତ ସୂଚନା ପ୍ରାପ୍ତିପରେ ଚନ୍ଦ୍ର ସେମାନଙ୍କୁ ମୁକାବିଲା କରିବା ଉଚିତ୍ ହେବ କି ନାହିଁ ଚିନ୍ତା କରୁଥିବା ସମୟରେ, ସେମାନେ ଉତକ୍ଷିପ୍ତ ହୋଇ ଚନ୍ଦ୍ରର ମୁକାବିଲା କଲେ ।

Digitized by PPRACHIN, SOA

କାରଣ ଚନ୍ଦ୍ର ଏ ଖବର ସଂଗ୍ରହ କରୁଥିବାର ସେମାନେ ଜାଣି ପାରିଲେ । ମୁହାଁମୁହିଁ ଯୁକ୍ତିତର୍କରୁ ଫଳ କିଛି ମିଳିଲା ନାହିଁ । ମାତ୍ର ସେମାନେ ଯେ କାର୍ଯ୍ୟଟି କରିଛନ୍ତି ତାହା ପରିଷ୍କାର ଜଣା ପଡିଗଲା ।

ସେମାନେ ଉତକ୍ଷିପ୍ତ ତଥା ପ୍ରତିକ୍ରିୟାଶୀଳ ହୋଇ ପଡିବା କିଛି ଅସ୍ୱାଭାବିକ୍ ନୁହେଁ । ସେମାନେ ମନେକଲେ ଯେ ଚନ୍ଦ୍ର ହୁଏତ ସେମାନଙ୍କର ଅପକର୍ମ ଶିକ୍ଷକଙ୍କୁ ଜଣାଇଦେବ । ଆଉ ସେମାନେ ସ୍କୁଲରୁ ତଡା ଖାଇବେ । ସେମାନଙ୍କର ଏ ସଙ୍କଟ ସମୟରେ ଆମ ଗ୍ରାମରୁ ଯାଉଥିବା ଅନ୍ୟ ବନ୍ଧୁମାନେ ତାଙ୍କ ପଛରେ ଛିଡା ହେଲେ । ଚନ୍ଦ୍ରର ଏଥିରେ ନାକ ପୁରାଇବାଟା କାହାରି ପସନ୍ଦ ହେଲା ନାହିଁ । ମାତ୍ର ଏ ସବୁ ବିରୋଧ ସମାଲୋଚନା ସତ୍ତ୍ୱେ ମଧ୍ୟ ଖୋଳତାଡ କରି ସତ୍ୟ କଥା ଜାଣି ଚନ୍ଦ୍ର ଯେ କିଛି ଗୋଟାଏ ଗର୍ହିତ ଅପରାଧ କରିଛି, ସେପରି ଅନୁତାପ ଚନ୍ଦ୍ରର ଆସିଲା ନାହିଁ । ବରଂ ଠିକ୍ କଥାଟି ଜାଣି ପାରିଥିବାରୁ ତା'ର ସନ୍ତୋଷ ଭାବ ଆସିଲା ।

କିନ୍ତୁ କ୍ଷଣକ ଭିତରେ ଗୋଟାଏ ଅଦୃଶ୍ୟ ପ୍ରାଚୀର ଠିଆ ହୋଇଗଲା । ଗୋଟିଏ ପଟେ ଚନ୍ଦ୍ର ଆଉ ଅପରପଟେ ଗାଁଆରୁ ଯାଉଥିବା ଅନ୍ୟ ପିଲାମାନେ । ଏହାର ପରିଣାମ ଚନ୍ଦ୍ର ଜାଣିପାରିଲା । ବର୍ତ୍ତମାନଠାରୁ ଦଳ ହୋଇ ସ୍କୁଲକୁ ଯିବା ହୋଇ ପାରିବ ନାହିଁ । ଚନ୍ଦ୍ର ଏକଘରିକିଆ ପ୍ରାୟ ହୋଇଗଲା ।

ବର୍ତ୍ତମାନ ଚନ୍ଦ୍ରର ଧର୍ମ ସଙ୍କଟ । କ'ଣ କରିବା ଉଚିତ୍ । ଗୋଟାଏ ପଟେ ଶିକ୍ଷକଙ୍କ ଯନ୍ତ୍ରଣା । ଆଉ ଅପରପଟେ ତିନିଜଣ ଛାତ୍ରଙ୍କର ଭବିଷ୍ୟତ । ଗୋଟିଏ ପଟେ ସତ୍ୟ ଆଉ ଅନ୍ୟପଟେ ଦଳ । ଚନ୍ଦ୍ର ଚୁପ୍ ରହିବା ଉଚିତ୍ ମନେ କଲା । ସେମାନେ ଆଶ୍ୱସ୍ତ ହେଲେ । ପୁଣି ପୂର୍ବ ଅବସ୍ଥାକୁ ଫେରି ଚନ୍ଦ୍ର ସହିତ ବ୍ୟବହାର କଥାବାର୍ତ୍ତାରେ ସହଜ ହେବାକୁ ଚେଷ୍ଟା କଲେ । ଆଉ କିଏ ହୋଇଥିଲେ ପ୍ରାଚୀରଟି ଭାଙ୍ଗି ଯାଇଥିବାରୁ ଆଶ୍ୱସ୍ତ ହୋଇଥାଆନ୍ତା । ମାତ୍ର ଚନ୍ଦ୍ର ସହଜ ହୋଇ ପାରିଲା ନାହିଁ । ଆଉ ନର୍ମାଳ ହୋଇ ସେମାନଙ୍କ ମୁହଁକୁ ଅନାଇ ହସି ପାରିଲା ନାହିଁ । ସେହି ଦିନଠାରୁ ସାଇକେଲରେ ସ୍କୁଲ ଗଲା । ଦଳ ଦରକାର ହେଲା ନାହିଁ ।

ଆଜି ୫୦ବର୍ଷ ପରେ ଦେଖୁଛି, ସେ ତିନି ଜଣଙ୍କ ଭିତରୁ ଜଣେ ଆରପାରିକୁ ଚାଲିଗଲାଣି । ଆଉ ଜଣେ ପେଟ ପାଟଣା ପାଇଁ କଲିକତା ଯାଇ ସେଠାରେ ରହିଯାଇଛି । ଆଉ ଜଣେ ଚାକିରୀରୁ ଅବସର ନେଇ ଗାଁଆରେ ରହୁଛି । ଏତେ ବର୍ଷ ପରେ ମଧ୍ୟ ଆଜି ସୁଦ୍ଧା ମାନସିକ ସ୍ତରରେ ଚନ୍ଦ୍ର ସେମାନଙ୍କ ବିଚାର ସହିତ ସାଲିସ କରିପାରୁ ନାହିଁ ।

Digitized by PPRACHIN, SOA

ଗାଁରୁ କଟକ

ଚନ୍ଦ୍ରର ଗାଁରେ ହାଇସ୍କୁଲ ନଥିବାରୁ ତାକୁ ଗାଁର ଅନ୍ୟ ପିଲାଙ୍କ ପରି ୨ ମାଇଲ ଦୂରରେ ଥିବା ସ୍କୁଲରେ ନାମ ଲେଖାଇବାକୁ ହେଲା । ରେଲ୍ ଲାଇନ ଡେଇଁ ଆମ୍ବ ତୋଟା ଭିତରେ କିଛି ଦୂର ଗଲେ ଟାଳ ଛପର ଆଖି ନପାଇଲା ପରି ଲମ୍ବା ହୋଇ ସାହାଲାଏ ଘର । ସେଥିରେ ଅଷ୍ଟମ ଶ୍ରେଣୀ ଠାରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢାଯାଏ । ପ୍ରତି ଶ୍ରେଣୀ ପାଇଁ ଗୋଟିଏ ବଡ କୋଠରୀ । ବେଞ୍ଚ ଆଉ ହାଇଡେସ୍କ ପଡିଥାଏ । ଅଷ୍ଟମ ଆଉ ନବମ ଶ୍ରେଣୀ ଘର ପରେ ପ୍ରଧାନ ଶିକ୍ଷକଙ୍କ ଅଫିସ । ତା ପାଖରେ ଶିକ୍ଷକମାନଙ୍କ ପାଇଁ ବିଶ୍ରାମ କକ୍ଷ । ତା ପରେ ଦଶମ ଆଉ ଏକାଦଶ ଶ୍ରେଣୀ ପାଇଁ କୋଠରୀ । ପ୍ରଶସ୍ତ ବାରଣ୍ଡା ଏ ମୁଣ୍ଡରୁ ସେ ମୁଣ୍ଡ । ଶେଷ ଆଡକୁ ଗୋଟିଏ କୋଠରୀରେ ଲାଇବ୍ରେରୀ ଓ ବିଜ୍ଞାନ ଉପକରଣ ।

ସ୍କୁଲର ଶ୍ରେଣୀଗୁଡିକ ଦକ୍ଷିଣ ମୁହାଁ ହୋଇଥିବାରୁ ପ୍ରଚୁର ପବନ ବର୍ଷସାରା ମିଳେ । ସ୍କୁଲ ସାମନାରେ ବିରାଟ ଏକ ଘାସ ପଡିଆ । ମଝିରେ ଦୁଇଟି କୂଅ । ପଡିଆର ଦକ୍ଷିଣ ପଟ କଣରେ ହେଡ ମାଷ୍ଟରଙ୍କ ବାସ । ସେଇ ଦକ୍ଷିଣ ସୀମାରେ ସ୍କୁଲ ହଷ୍ଟେଲ ପାଇଁ ଲମ୍ବା ହୋଇ ଧାଡିଏ ଘର । ପଡିଆର ପଶ୍ଚିମ ପଟ ସୀମାରେ ଉତ୍ସବ ଅନୁଷ୍ଠାନ ପାଇଁ ଗୋଟିଏ ମଣ୍ଡପ । ଅତ୍ୟନ୍ତ ସାଧା ସିଧା ସ୍କୁଲଟିଏ ମାତ୍ର ଚାରିପଟେ ପ୍ରଚୁର ଆମ୍ବ ପଣସର ଗଛ । ପରିବେଶ ଚନ୍ଦ୍ରକୁ ଅତ୍ୟନ୍ତ ଭଲ ଲାଗିଥିଲା, ପ୍ରଥମ ଦେଖାରେ ।

ଗାଁ ରୁ ବିଭିନ୍ନ ଶ୍ରେଣୀରେ ପଢୁଥିବା ପ୍ରାୟ ୧୫/୨୦ ଜଣ ପୁଅ ପିଲା ଯାଆନ୍ତି । ଝିଅ ପିଲା ଗାଁ ସ୍କୁଲ ପାଶ୍ କରିବା ପରେ ହାଇସ୍କୁଲରେ ପଢିବା ପାଇଁ କେହି ଦୂରକୁ ଯାଉ ନଥିଲେ । ଚନ୍ଦ୍ରର ଗୋଟିଏ ସାଇକେଲ ଥିଲେ ମଧ୍ୟ ସେ ପ୍ରାୟ ସାଙ୍ଗମାନଙ୍କ ସହିତ ଚାଲିଚାଲି ଯାଏ । ଗପସପ ହସଖୁସୀରେ ବାଟ ଜଣା ପଡେନାହିଁ । ବାଧେ ଫେରିବା ବେଳକୁ । ଭୋକରେ ପେଟ ଜଳୁଥାଏ ।

ପ୍ରକୃତରେ ଯେଉଁ ସଡକଟି ଧରି ସେମାନେ ସ୍କୁଲକୁ ଯାଆନ୍ତି ସେଇଟି ଏପରି ବଙ୍କା ଟଙ୍କା ଯେ ଦୂରତା ସେଥିପାଇଁ ପ୍ରାୟ ଅଧ କିଲୋମିଟର ବଢି ଯାଇଛି । ଏପରି ସର୍ପିଳ ସଡକର ଇତିହାସ ମଧ୍ୟ ଚମତ୍କାର ! ଗାଁର ଜଣେ କରିତ୍କର୍ମା ବ୍ୟକ୍ତି ସଡକଟି ତିଆରିର ଠିକାଦାରୀ ନେଇଥିଲେ । ଗାଁରେ ବିଭିନ୍ନ ସମୟରେ ତାଙ୍କର ଦୌରାତ୍ମ୍ୟରେ ଅତିଷ୍ଠ କିଛି କିଛି ସମାଲୋଚକ ଓ ଶତ୍ରୁ ମଧ୍ୟ ଥିଲେ । ଏଇ

Digitized by PPRACHIN, SOA

ସରକାରୀ ସଡକ ତିଆରିରେ ସେ କିଛିଟା ପ୍ରତିଶୋଧ ନେବାକୁ ଚାହିଁଲେ । ଯେତେଟା ସଂଭବ ହେଲା, ସେଇ ପ୍ରତିପକ୍ଷମାନଙ୍କ ବିଲ ଉପରେ ସଡକ ମଡାଇ ଦେଲେ । ସେମାନେ ଜମି ହରାଇଲେ ଆଉ ସଡକଟି ଅଷ୍ଟବାଙ୍କ ହୋଇ ଆଗକୁ ବଢିଲା । ଏ ସବୁ ଗାଁ ରେ ଶୁଣା କଥା ।

ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ ପରି ସେ ସଡକଟି । ବିଲମାଟି ପଡି ନୂଆନୂଆ ହୋଇଥାଏ । ଖରା ଦିନେ ଯେପରି ଧୂଳି, ବର୍ଷା ଦିନେ ସେପରି ଆଣ୍ଠୁଏ ପଙ୍କ । ଚପଲ ପିନ୍ଧିବା ତ କାହାରି ନ ଥାଏ । ପିନ୍ଧି କରି ଯିବା ସମ୍ଭବ ମଧ୍ୟ ନୁହେଁ । ଦଶଟା ବେଳକୁ ସ୍କୁଲ ଆରମ୍ଭ । ତେଣୁ ପ୍ରାୟ ୯ ଟା ବେଳକୁ ଘର ଛାଡିବାକୁ ହୁଏ । ଏ ସବୁ ଅସୁବିଧା, ଅବ୍ୟବସ୍ଥା ଭିତରେ ମଧ୍ୟ ସ୍କୁଲ ଯିବାକୁ ଆଗ୍ରହ ଥିଲା । ମନ ଖୁସୀ ରହୁଥିଲା ।

ସଡକର ଦୁଇପଟେ ଧାନ ବିଲ । ଶୀତ ଦିନେ ଧାନ କଟା ପରେ ମୁଗ ବିରି ବୁଣା ହୋଇ ଫଳ ଧରେ । ସ୍କୁଲରୁ ଫେରିବା ବେଳକୁ ଦି ପାହୁଣ୍ଡ ସଡକରୁ ଖସି ଯାଇ ପକେଟ ପୁରେଇ ଛୁଇଁ ତୋଳି ଖାଇ ଘରକୁ ଫେରୁ ।

ସ୍କୁଲ ପାଖରୁ ପ୍ରାୟ ପାଏ ବାଟ ଛାଡି ରେଳ ଲାଇନ କରରେ ଛୋଟିଆ ବଜାରଟିଏ । ବେଳେବେଳେ ସ୍କୁଲ ଫେରନ୍ତା ଚନ୍ଦ୍ର ସେଇ ବଜାର ଦେଇ ଫେରେ । ହାଟ ଦିନ ହୋଇଥିଲେ ଆଉ ଘରୁ କିଛି ବରାଦ ଥିଲେ ଚନ୍ଦ୍ର ସେ ଦିନ ତା'ର ପୁରୁଣା ଗ୍ରୀନ ମଡେଲ ରାଲେ ସାଇକେଲଟି ନେଇଥାଏ ଆଉ ହାଟବାଟ କରି ସାରି ସାଇକେଲରେ ଫେରେ । ଏଇଟା ଅକାଳେ ସକାଳେ ଘଟେ । ଅଧିକାଂଶ ଦିନ ସାଙ୍ଗ ଗହଣରେ ଗପ ସପ କରି ଯିବା ଆସିବା ହୁଏ ।

ସେ କ୍ଷୁଦ୍ର ବଜାର ଭିତରକୁ ଯିବାର ଆଉ ଗୋଟିଏ ଆକର୍ଷଣ ହେଉଛି କାଠ କ୍ୟାବିନ ଭିତରେ ପତ୍ରପତ୍ରିକା ଦୋକାନଟିଏ । ପାଖ ଗାଁ ର ଦିନୁ ଭାଇନା ସେଠାରେ ପତ୍ରିକା ବିକେ । ହାଫପ୍ୟାଣ୍ଟ ପିନ୍ଧା, ଗୋରା ହୋଇ ଛୋଟିଆ ମଣିଷଟିଏ । ଅନ୍ୟ କେଉଁଠି ମାରୱାଡି ସଂସ୍ଥାରେ କିଛି ଛୋଟକାଟିଆ କାମ କରେ । ଉପରବେଳା ଖରା ଗଡିଲେ ଆସି କ୍ୟାବିନ ଖୋଲେ । ଖବରକାଗଜ ଭିତରେ ସମାଜ କାଗଜ ତ ଆସେ ତା ସହିତ ସେ ଆଣେ ନିଆଁଖୁଣ୍ଟା, ମଳୟ, ଜନସାହିତ୍ୟ, ମାସିକ ଡିଟେକଟିଭ ପ୍ରଭୃତି ପତ୍ରିକା । ଆସନ୍ତାକାଲି ସେତେବେଳେ ଲୋକପ୍ରିୟ । ସେଇଟି ଆସେ ।

ପତ୍ରପତ୍ରିକାରେ ଏ ସମସ୍ତ ସମ୍ଭାର ଚନ୍ଦ୍ରକୁ ଆକର୍ଷିତ କରେ । ମାତ୍ର ସବୁ କିଛି କିଣି ଘରକୁ ନେଇ ପଢିବାର ସମ୍ବଳ ନଥାଏ । ଅଧିକାଂଶ ପତ୍ରିକା ସେଇଠି ଠିଆ

Digitized by PPRACHIN, SOA

ହୋଇ ବା କ୍ୟାବିନ ସାମନାରେ ପଡିଥିବା ବେଞ୍ଚରେ ବସି ସେ ପଢ଼ିଦିଏ । ଦିନୁ ଭାଇନା ପ୍ରତିବାଦ କରେ ନାହିଁ । କେବେ କିପରି ଯଦି ପଇସା ବଳକାଥାଏ ଖଣ୍ଡେ ଜନସାହିତ୍ୟ ବା ମାସିକ ଡିଟେକଟିଭ କିଣି ଘରକୁ ନିଏ । ଦିନୁ ଭାଇନା ସହ ଦୋସ୍ତି ହୋଇଥିଲେ ମଧ୍ୟ ମାସ ଶେଷରେ ପଢ଼ା ବାବଦକୁ ଟଙ୍କାଟିଏ ଦେବାକୁ ଚନ୍ଦ୍ର ଭୁଲେନାହିଁ । ଭାଇନା ମଧ୍ୟ ସାମାନ୍ୟ ହସି ଦେଇ ସେଇଟିକୁ ରଖେ ।

ସେଇ କ୍ୟାବିନରୁ ଚନ୍ଦ୍ରର ଆରମ୍ଭ ହେଲା ଉପନ୍ୟାସ ପଢ଼ା । ହୋଇଗଲା ଗୋଟାଏ ନିଶା । ସ୍କୁଲର ଶିକ୍ଷକମାନେ ସେଇବାଟ ଦେଇ ଜଳଖିଆ ଖାଇବାକୁ ଯାଆନ୍ତି । ଖଣ୍ଡେ ଅଧେ ପତ୍ରିକା କିଣିବାକୁ ସେଠାରେ ଅଟକି ଯାଆନ୍ତି । ଚନ୍ଦ୍ରକୁ ଏକ ଲୟରେ ପଢ଼ି ପକାଉଥିବାର ଦେଖି ଖୁସୀ ହୁଅନ୍ତି ଉତ୍ସାହିତ କରନ୍ତି । ଚନ୍ଦ୍ରର ଏ କ୍ୟାବିନ ପଢ଼ା ଦିନେ ନଜର ପଡିଲା ପାଠାଗାର ଦାୟୀତ୍ୱରେ ଥିବା ଶିକ୍ଷକଙ୍କର । ସେଇବାଟ ଦେଇ ସେ ପାଖ ଗାଁରେ ନିଜ ଘରକୁ ଯାଉଥିଲେ । ଦିନ ପରେ ଦିନ ଚନ୍ଦ୍ରକୁ ଦେଖି ତାଙ୍କ ମନରେ ଦୟା ହେଲା ବୋଧେ । ଦିନେ ସ୍କୁଲରେ ତାକୁ ଡକାଇ ପଠାଇଲେ ତାଙ୍କ ପାଠାଗାର ଅଫିସକୁ । ସ୍କୁଲ ଛୁଟି ପରେ ଯେହେତୁ ସେ ପାଖ ଗାଁ ତାଙ୍କ ଘରକୁ ଫେରନ୍ତି, ସେଥିପାଇଁ ଛୁଟି ପରେ ପାଠାଗାର ଖୋଲା ହୋଇପାରେ ନାହିଁ । ପିଲାମାନେ କେହି ପଚାରନ୍ତି ନାହିଁ କି ସାର୍ ମଧ କୌଣସି ଆଗ୍ରହ ଦେଖାନ୍ତି ନାହିଁ । ମାତ୍ର ଠାକୁରଙ୍କ କୃପାରୁ ଚନ୍ଦ୍ରକୁ ଡାକି ପାଠାଗାରର ବହିଗୁଡିକ ପଢ଼ିବାକୁ ସୁଯୋଗ ଦେଲେ । ଯେହେତୁ ଗାଁକୁ ତାଙ୍କୁ ଯିବାକୁ ହେବ, ସେ ଦୃଷ୍ଟିରୁ ଚନ୍ଦ୍ରକୁ ଖଣ୍ଡିଏ ଖଣ୍ଡିଏ ବହି ଘରକୁ ନେଇ ପଢ଼ି ଫେରାଇବାର ସୁଯୋଗ ଦେଲେ । ଏଇଟି ସଂପୂର୍ଣ୍ଣ ଭାବରେ ଘରୋଇ ବ୍ୟବସ୍ଥା । ଚନ୍ଦ୍ରକୁ ଏଇଟି ଚମତ୍କାର ସାହାଯ୍ୟ କଲା । ଅଧିକାଂଶ ବହି ସେ ପଢ଼ି ଶେଷ କଲା । ସେଠାରେ ପ୍ରଥମେ ସେ ପଢ଼ିଲା ବିଭିନ୍ନ ଜାତୀୟ ନେତା ମାନଙ୍କର ଜୀବନୀ । ସେଇ ପଢ଼ା ଅଭ୍ୟାସ ତା'ର କ୍ରମେ ବଢ଼ିଛି ସିନା କମି ନାହିଁ ।

ପତ୍ରିକା ପଢ଼ା, ଖେଳ, ଫୁଟବଲ ମ୍ୟାଚ, ପାଠାଗାରରୁ ବହି ଆଣି ରାତି ଅନିଦ୍ରା ପଢ଼ା, ଦଳ ହୋଇ ସ୍କୁଲକୁ ଯିବା, ବିରି ଛୁଇଁ ଖାଇ ଭୋକ ମେଣ୍ଟାଇବା, ଏ ସବୁ ଦିନେ ସରିଗଲା । ୪ ବର୍ଷ କଟିଗଲା । ଚନ୍ଦ୍ର ମାଟ୍ରିକ ପାଶ୍ କଲା । ପଛରେ ରହିଗଲେ ଦୀନୁ ଭାଇନା, ସ୍କୁଲ ପିଅନ ସରବା ଭାଇନା, ସ୍କୁଲ ମେସ୍, ଶିକ୍ଷକ ଆଉ ସାଙ୍ଗସାଥୀମାନେ ।

ପଢ଼ିବା ପାଇଁ ରେଭେନସାରେ ଯେତେବେଳେ ପହଞ୍ଚିଲା, ସେଠାକାର କାଣ୍ଡକାରଖାନା ଦେଖି ପ୍ରଥମରୁ ଟିକେ ହତବଦେଇଗଲା । ଗାଁ ଗହଳରୁ ଚାଳ

Digitized by PPRACHIN, SOA

ଛପର ପଲସ୍ତରା ଖସି ଯାଇଥିବା ପୁରୁଣା ମାତ୍ର ହସହସ ଶ୍ରେଣୀରୁ ହଠାତ୍ ଧାଡିଧାଡି ନାଲି କୋଠା, ଶହଶହ ଛାତ୍ରଛାତ୍ରୀ, ଗମ୍ଭୀର ପରିବେଶ ଦେଖି ଚନ୍ଦ୍ର ଟିକେ ଶଙ୍କି ଗଲା । ନିଜକୁ ଏକୁଟିଆ ମନେକଲା । ଚନ୍ଦ୍ର ଆଗରୁ କଟକ ଦେଖିଥିଲା । ଯଦିଓ ଗଳି କନ୍ଦି ସହ ପରିଚିତ ନଥିଲା । ସେ ଏମ୍.ଇ. ପଢିବା ବେଳେ ପ୍ରଧାନ ଶିକ୍ଷକ କିଛି ପିଲାଙ୍କୁ ଭୁବନେଶ୍ୱର, କଟକ ବୁଲାଇଆଣିଥିଲେ । ସେତେବେଳେ ଚନ୍ଦ୍ର ଆସିଥିଲା । ନାମ ଲେଖାଇବା ପାଇଁ ଆବଶ୍ୟକ କାଗଜ ପତ୍ର ଧରି ଭୁବନେଶ୍ୱରରୁ ଭାଇଙ୍କ ଘରୁ ଯେତେବେଳେ କଟକ ଆସିଲା ତାକୁ ଟିକିଏ ଅଡୁଆ ଲାଗୁଥିଲେ ମଧ୍ୟ ମନ ଭିତରେ ଉତ୍ସାହ ଖୁନ୍ଦି ହୋଇ ରହିଥିଲା ।

କଲେଜ ଛକରେ କଣ୍ଡକ୍ଟର ବସ୍‌ରୁ ଓହ୍ଲାଇ ଦେଲା । ସାମନାର ନାଲି କୋଠା ଦେଖି କଲେଜ ଚିହ୍ନିବାର କିଛି ଅସୁବିଧା ହେଲା ନାହିଁ । ପ୍ରଶସ୍ତ ଘାସ/ଟେନିସ ପଡିଆ । ଉଚା ଉଚା ଦେବଦାରୁ ଗଛର ଛାଇ ଭିତର ଦେଇ ସେ ରେଭେନସା ବାରଣ୍ଡାରେ ପାଦ ଦେଲା । ନାମ ଲେଖାଇବା ପାଇଁ ଅଫିସକୁ ଗଲା । ଧାଡି ବାନ୍ଧି ସବୁ କିଛି ଶୃଙ୍ଖଳାର ସହ ହେଉଥିବାରୁ ତାକୁ ବିଶେଷ କିଛି ଅସୁବିଧାର ସମ୍ମୁଖୀନ୍ ହେବାକୁ ପଡିଲା ନାହିଁ ଫଟୋ ଥାଇ ପରିଚୟ ପତ୍ରଟିଏ ମଧ୍ୟ ମିଳିଗଲା । ଏକା ସାଥୀରେ ହଷ୍ଟେଲର ସିଟ୍‌ଟିଏ ମଧ୍ୟ ପାଇଗଲା । ସବୁ କାମ ସରିବା ବେଳକୁ ଦ୍ୱି ପ୍ରହର । ପେଟରେ ପ୍ରବଳ ଭୋକ ।

ବାଟ ଘାଟ ଚନ୍ଦ୍ର ପାଇଁ ଅଜଣା । କେଉଁଠି ଖାଇବ କ'ଣ ଖାଇବ ବୋଲି ଚିନ୍ତା କରିକରି ସେ ପ୍ରଧାନ ଫାଟକ ପାଖକୁ ଆସିବାକୁ ବାହାରିଲା । ପଛରୁ ରିକ୍ସାଟିଏ ଆସି ତା ପାଖରେ ଅଟକି "ବାବୁ କୁଆଡେ ଯିବେ" ବୋଲି ପଚାରିଲା । ଆଉ ବେଶୀ କିଛି ନ ଭାବି ରିକ୍ସାରେ ବସିଲା ଆଉ ଗୋଟିଏ ହୋଟେଲକୁ ନେବା ପାଇଁ କହିଲା । କେଉଁଟି ଭଲ ହୋଟେଲ, କ'ଣ ତା'ର ନାଁ, ଆଉ କେତେଦୂର ଏ ସବୁ ଚନ୍ଦ୍ରକୁ କିଛି ଜଣା ନଥିଲା । ରିକ୍ସା ବାଲାଟି ସେ କଟକରେ ନୂଆ ନୂଆ ବୋଲି ଅନୁମାନ କରି ନେଲା । ମାତ୍ର କେତେ ଶହ ଗଜ ଦୂରରେ ଥିବା କଟକ ହୋଟେଲ ଦୁଆରେ ଚନ୍ଦ୍ରକୁ ଓହ୍ଲାଇ ଦେଲା । କେତେ ଭଡା ଦେବ ବୋଲି ପଚାରିବା ବେଳକୁ ସେ ହସିହସି ରିକ୍ସା ନେଇ ଚାଲି ଯିବାକୁ ବସିଲାଣି । ବୋଧହୁଏ ଏ ସାମାନ୍ୟ ଦୂରତା ପାଇଁ ଗୋଟିଏ ମଫସଲି ଛାତ୍ରଠାରୁ କିଛି ନେବା ପାଇଁ ତା ବିବେକ ବାଧା ଦେଲା ।

ଭିତରକୁ ଗଲା । ତା' ପାଇଁ ଏ ସବୁ ନୂଆ । ସ୍କୁଲ ପାଖ ବଜାରର ହରି ସାହୁ ଚାଳିଆ ତା'ର ବଡ ହୋଟେଲ । କଳା କିଟିକିଟି ବେଞ୍ଚ ଥିଲା ଆମ ପାଇଁ

Digitized by PPRACHIN, SOA

ବିଳାସ । କଟକ ହୋଟେଲ ଭିତରେ ଆଖି ପହଂରାଇ ସେ ହତବତେଇ ଗଲା । ଏହା ଭିତରକୁ ଆସି ଭୁଲ କଲା ବୋଲି ମନେ କଲା ।

ଧଳା ବର୍ଦ୍ଦି ସହ ଧଳା-ନାଲି ପଗଡି ପିନ୍ଧି ପରିଚାରକଟିଏ ହସିହସି ଆସିଲା । ଟେବୁଲ ଚାରିପଟେ ପଡିଥିବା ଚୌକିରୁ ଗୋଟିକୁ ସାମାନ୍ୟ ପଛକୁ ଟାଣି ତାକୁ ନମ୍ରତାର ସହ ମୁହଁରେ ହସ ଖେଳାଇ ବସିବାକୁ ଇଙ୍ଗିତ କଲା । ଧୋବ ଫରଫର ଚାଦରଟିଏ ଆଣି ଟେବୁଲ ଉପରେ ବିଛାଇ ଦେଲା । ସୁନ୍ଦର କାଚ ଗ୍ଲାସରେ ପାଣି ଢାଳିଲା । ବର୍ତ୍ତମାନ ଖାଇବା ଅର୍ଡର ନେବା ପାଇଁ ତାକୁ ଅପେକ୍ଷା କଲା । ଖାଇବାକୁ ଚନ୍ଦ୍ର କ'ଣ ମଗାଇବ ବା ସେଠାରେ କ'ଣ ମିଳୁଛି ତାକୁ ଏ ସବୁ କିଛି ଜଣା ନଥାଏ । ଆମ ମଫସଲି ଭାଷାରେ ଯେପରି କୁହାଯାଏ ସେପରି ଚନ୍ଦ୍ର କହିଲା ମିଲ୍‌ଟିଏ ଦରକାର । ଆମିଷ ନା ନିରାମିଷ ସେ ପଚାରିଲା । ଚନ୍ଦ୍ର ଆମିଷ ବୋଲି କହିଲା । ସେ ଭିତରକୁ ଗଲା । ସେତେବେଳକୁ ଦିନ ୩ଟା ବାଜିଲାଣି । ଚାରିପଟକୁ ଆଖି ବୁଲାଇଲା । ଟେବୁଲ ସବୁ ସଫା । ତା' ବ୍ୟତୀତ ଖାଇବାକୁ ଆଉ କେହି ଏତେ ଡେରିକୁ ନଥାନ୍ତି । ମାତ୍ର ୫ ମିନିଟ ଭିତରେ ଗୋଟିଏ ବଡ ଟ୍ରେରେ ସମସ୍ତ ଖାଦ୍ୟ ପଦାର୍ଥ ଓ ଖାଇବା ପ୍ଲେଟ ଚାମଚ ଆଣି ତା' ପାଖରେ ପହଞ୍ଚିଲା । ଖାଲି ପ୍ଲେଟଟି ତା' ସମ୍ମୁଖରେ ରଖି ତୁମ୍ବିରୁ ଅନ୍ନରୁ କିଛି ବାଢି ଦେଲା । ଡାଲି ଗୋଟିଏ ପ୍ଲେଟ ଆଉ ମାଂସ ତରକାରୀ ଗୋଟିଏ ପ୍ଲେଟ ପାଖରେ ରଖି କିଛି ଦୂର ଘୁଞ୍ଚି ଯାଇ ଚନ୍ଦ୍ରର ଅନ୍ୟ କିଛି ବରାଦକୁ ଅପେକ୍ଷା କଲା । ଏ ସମସ୍ତ କାମ ସେ ଅତ୍ୟନ୍ତ ନିପୁଣତାର ସହିତ କରିଲା । ଦେଖିବା ଲୋକକୁ ଖୁସୀ କରିବା ପାଇଁ ପ୍ରଶଂସା କରିବାକୁ ଏ ଯଥେଷ୍ଟ ।

ଏ ସବୁ ଆଦାବକାଇଦା, ପରିବେଶ ମୋତେ ପ୍ରଥମରୁ ଯେପରି ଡରେଇ ଦେଇଥିଲା, ଖାଇସାରିବା ବେଳକୁ ତାହା ଆଉ ନଥିଲା । ଚନ୍ଦ୍ରର ଆତ୍ମବିଶ୍ୱାସ ଫେରି ଆସିଥିଲା । ତାକୁ ଲାଗିଲା, ଏ ଗୁରାକ ଏପରି କିଛି ବଡ କଥା ନୁହେଁ । ସେ ଏ ସବୁ ତା' ନିଜ ବାଗରେ ଆପଣେଇ ପାରିବ । ପ୍ରବଳ କ୍ଷୁଧାରେ ଆଉଟୁ ପାଉଟୁ ହେଉଥିଲା । ଖାଇବା ତା'ର ମାତ୍ର ୨/୪ ମିନିଟରେ ଶେଷ ହେଲା । ତାକୁ ପରିଚାରକଟି ହାତ ଧୋଇବା ପାଇଁ ବେସିନ ପାଖକୁ କଢାଇ ନେଲା । ସେ ହାତ ଧୋଇବା ପରେ ଛୋଟ ଟାୱାଲଟିଏ ବଢାଇ ଦେଲା ହାତ ପୋଛିବାକୁ । ଆସି ସେ ଟେବୁଲ ପାଖରେ ବସିଲା । ସେ ବିଲ୍ ଆଣିଲା । ୬ ଟଙ୍କା ଆଠଅଣାର ବିଲ୍ । ସାତଟି ଟଙ୍କା ଦେଇ ଚନ୍ଦ୍ର ଚାଲି ଆସିଲା ।

ପଶ୍ଚିମ ଛାତ୍ରାବାସରେ ରହିବା ପରେ ବାରମ୍ବାର ସେ ସୁସ୍ୱାଦୁ ଖାଦ୍ୟ ଖାଇବାକୁ ଚନ୍ଦ୍ର କଟକ ହୋଟେଲ ଯାଇଛି । ସେ ପରିଚାରକ ସହ ଚିହ୍ନା

Digitized by PPRACHIN, SOA

ହୋଇଛି । ପ୍ରତିଟି ଥର ଯିବା ବେଳେ ତା'ର ପ୍ରଥମ ଦିନର ସ୍ମୃତି ମନ ଭିତରକୁ ଆସି ଯାଇଛି ।

ହଁ ରେଭେନସା କଥା କହୁଥିଲା । ଏ କଲେଜ ତା ପାଇଁ ସେପରି ନିତାନ୍ତ ଅପରିଚିତ ବା ନୂଆ ନଥିଲା । ତା' ପରିବାରରୁ ବେଶ୍ କେତେଜଣ, ଜେଜେ, ଦାଦା, ଭାଇଭଉଣୀ ପ୍ରଭୃତି ଏଠାରେ ପାଠପଢି କୃତିତ୍ୱ ଅର୍ଜନ କରିଥାଆନ୍ତି । ଛୁଟିରେ ସେମାନେ ଘରକୁ ଆସିଲେ ସ୍ୱାଭାବିକ ଭାବେ ରେଭେନସା ଆଉ କଟକ ଆଲୋଚନା ଭିତରକୁ ଚାଲିଆସେ । ପୂର୍ବ ପରିଚିତ ହେତୁ ଏଠାରେ ନାମ ଲେଖାଇବା ପରେ ରେଭେନସା ତାକୁ ନିଜର ନିଜର ଲାଗିବା ଉଚିତ୍ ଥିଲା । ମାତ୍ର ତା ହୋଇ ନାହିଁ । ପ୍ରଥମ ଦେଖାରୁ ଚନ୍ଦ୍ର ତାଙ୍କୁ ଭଲ ପାଇ ପାରିଲାନାହିଁ । ତା'ର ବିଶାଳତା, ତା'ର ଗାଂଭିର୍ଯ୍ୟରେ ଚମତ୍କୃତ ହେଲା ମାତ୍ର ଭଲ ପାଇ ପାରିଲାନାହିଁ । ତା'ର ନିଜତ୍ୱ ହଜିଗଲା ପରି ଅନୁଭବ ଆସିଥିଲା ।

ହଷ୍ଟେଲ କମନରୁମରେ ଖବରକାଗଜ ଥାଏ । ମାତ୍ର ପଢି ହୁଏନି । କେଉଁ କାଗଜର ମଝିଟି ଯଦି ନଥିବ, କେଉଁ କାଗଜର ପଛ ପୃଷ୍ଠାଟି ଚିରି କେହି ନେଇ ଯାଇଥିବ । ଯଦି ବହୁତ ଖୋଜାଖୋଜି ପରେ ସଂପୂର୍ଣ୍ଣ କାଗଜଟି ମିଳିବ, ସେଇଟି ଦୁଇ ଦିନ ତଳର ହୋଇଥିବ ।

ଟେବୁଲ ଟେନିସ ଖେଳ ତଥା ରେଡିଓର ବ୍ୟବସ୍ଥା ହଷ୍ଟେଲ କମନରୁମରେ ଥିଲା । ମାତ୍ର ନୂତନ ପ୍ରଥମ ବର୍ଷର ଆଗନ୍ତୁକ ହିସାବରେ ସେଥିକୁ ମନ ବଳାଇବା ଧୃଷ୍ଟତା ମାତ୍ର । ସେଗୁଡିକ ସର୍ବଦା ସିନିଅରମାନଙ୍କ ଅକ୍ତିଆରରେ ।

ଆଉ ଗୋଟିଏ ଆକର୍ଷଣ ଥିଲା କନିକା ଲାଇବ୍ରେରୀ । ସାମନାର ଲମ୍ବା ଧାଡି କୋଠା ପରକୁ ବିସ୍ତିର୍ଣ୍ଣ ଘାସ ପଡିଆ । ପଡିଆର ଶେଷରେ କେନ୍ଦ୍ର ସ୍ଥଳରେ ବହୁତଳ ବ୍ୟାପି କନିକା ଲାଇବ୍ରେରୀ । ନିତାନ୍ତ ସନ୍ତର୍ପଣରେ ସେ ତା ଭିତରକୁ ଯାଇଛି, ଥାକଥାକ ବହି ତଳୁ ଛାତ ଯାଏ । ପଢିବା ପାଇଁ ମଧ୍ୟ ଗହଳି । ସେଠାରେ ଆପଣା ପସନ୍ଦର ବହି ଖୋଜି ପଢିବାର ସୁଯୋଗ ଚନ୍ଦ୍ର ପାଇ ପାରିନାହିଁ । ଏ ସବୁ ବିଶାଳତା, ଆଉ ଆଦାବକାଇଦା, ଚଳଚଞ୍ଚଳତା ଭିତରେ ଆପଣାକୁ ଦି ଦିନିଆ କୁଣିଆଟିଏ ମାତ୍ର ମନେ କରିଛି । ପରବର୍ତ୍ତି ସମୟରେ ସେ ପଛକୁ ଅନାଇ କନିକା ପାଠାଗାରକୁ ଅନ୍ତତଃ ଆପଣେଇ ନପାରିବାର କାରଣ ଖୋଜିଛି । କ'ଣ ପାଇଁ ଏପରି ଏକ ସମୃଦ୍ଧ ପାଠାଗାରକୁ ସେ ନିଜର ବୋଲି ମନେ କରି କାମରେ ଲଗାଇ ପାରିଲାନାହିଁ, ଯେପରି ଭୁବନେଶ୍ୱର ଫେରି ଆସି ବିବେକାନନ୍ଦ ପାଠାଗାରକୁ କରିପାରିଲା । ଘର ଠାରୁ ବେଶ୍ କିଛି ଦୂରରେ ଏ ପାଠାଗାରଟି ଥାଇ ମଧ୍ୟ

Digitized by PPRACHIN, SOA

ଅଧିକାଂଶ ସଂଧ୍ୟା ସେ ଚନ୍ଦ୍ରକୁ ଆକର୍ଷିତ କରି ପାରିଲା । ଗୋଟାଏ ଅନ୍ତରଙ୍ଗ ସଂପର୍କ ସ୍ଥାପନ ହୋଇ ପାରିଲା । ମହାରାଜାମାନଙ୍କ ସହ କଥା ହୋଇ ଖୁସୀ ଓ ଉତ୍ସାହିତ ହୋଇ ପାରିଲା ।

ସ୍କୁଲରେ ଚନ୍ଦ୍ର ଭଲ ଫୁଟବଲ ଖେଳୁଥିଲା । କଲେଜ ଆଉ ନିଉ ହଷ୍ଟେଲ ମଝିରେ ବିରାଟ ପଡିଆ ରେଭେନ୍‌ସାରେ । ପ୍ରତିଦିନ ଖେଳ ହୁଏ । କଲେଜ ପରେ ଜଳଖିଆ ଖାଇସାରି ଚନ୍ଦ୍ର ସେଠାକୁ ଅଭ୍ୟାସବଶତଃ ଟାଣି ହୋଇଯାଏ । ଥରେ ଅଧେ ସେମାନଙ୍କ ସହ ମିଶି ଚେଷ୍ଟା କରିଥିଲା ଫୁଟବଲ ଖେଳିବା ପାଇଁ, ମାତ୍ର ପ୍ରଥମ ବର୍ଷର ଆଗନ୍ତୁକ ବୋଲି ଜାଣିବା ପରେ ସିନିଅରମାନଙ୍କ ମୁହଁରେ ଯେଉଁ ତାଚ୍ଛଲ୍ୟ ଓ ହେୟ ଭାବ ଦେଖିଲା, ସେଥିରେ ତା'ର ସମସ୍ତ ଆଗ୍ରହ ମରିଗଲା । ତାପରେ ଆଉ କେବେବି ସେ ପ୍ରକାର ଧୃଷ୍ଟତା ସେ କରିନାହିଁ ।

ସେ ନିୟମିତ କ୍ଲାସକୁ ଯାଏ । ଟ୍ୟୁଟରିଆଲରେ ବସେ । ସାର୍ ଦେଇଥିବା ପ୍ରଶ୍ନର ଉତ୍ତର ଲେଖେ । ନୋଟ ଲେଖେ । ହଷ୍ଟେଲ ଫେରେ । ୪ ଟା ବାଜିଲେ ସାମନା ସାଉଥିଇଣ୍ଡିଆନ ହୋଟେଲକୁ ଯାଇ ଜଳଖିଆ ଖାଏ । କଲେଜ ସମୟ ହେଲେ ଶହଶହ ଛାତ୍ରଛାତ୍ରୀଙ୍କ ହସଖୁସୀ କୋଳାହଳରେ କ୍ଲାସ, କ୍ୟାମ୍ପସ ଭରି ଉଠେ । ସମସ୍ତଙ୍କ ମନରେ ଉତ୍ସାହ ଖୁସୀ ସେ ଦେଖି ପାରେ । ବିରାଟ ବିରାଟ କୋଠା, କୋଠରୀ ଅତ୍ୟନ୍ତ ବିଜ୍ଞ ଶିକ୍ଷକ ଏ ସବୁ ସତ୍ତ୍ୱେ କେଉଁଠି ଗୋଟାଏ କେଁ ରହି ଯିବା ପରି ତାକୁ ମନେ ହୁଏ । ଏ ସବୁ ସତ୍ତ୍ୱେ ରେଭେନ୍‌ସା କଲେଜକୁ ସେ ପ୍ରାଣ ଭରି ଭଲ ପାଇ ପାରିଲା ନାହିଁ । ସେଥିପାଇଁ ଯେ ସେ ଚେଷ୍ଟା ନକରିଛି ନୁହେଁ, ମାତ୍ର ହୋଇ ପାରିଲା ନାହିଁ । କେବଳ କାମଚଳା ସଂପର୍କଟିଏ ରଖି ସେ ଦିନ କାଟିଲା । ରାତିରେ ପଶ୍ଚିମ ଛାତ୍ରାବାସର ପ୍ରଶସ୍ତ କୋଠରୀରେ ଶୋଇ ରହି ଆଖି ବୁଜି ତା'ର ସେ ମଫସଲି ସ୍କୁଲର ଚାଳଘରକୁ ଝୁରି ହେଲା ।

ସ୍କୁଲଟି ମଫସଲି ଆଉ ଅଭାବି ହେଲେ ମଧ୍ୟ ସେଠାରେ ତା' ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ୱୀକୃତି, ପରିଚୟ, ସମ୍ମାନ ଥିଲା । ସେ କ୍ଲାସର ମନିଟର ହୋଇଥିଲା । ହଷ୍ଟେଲର ସେକ୍ରେଟାରୀ ହୋଇଥିଲା । ମେସ୍ କଥା ବୁଝୁଥିଲା । ସ୍କୁଲ ଫୁଟବଲ ଟିମର କ୍ୟାପ୍‌ଟେନ୍ ଥିଲା । ଉତ୍ସବ ଅନୁଷ୍ଠାନ ସଂଗଠନ ପାଇଁ ତାକୁ ଶିକ୍ଷକ ଖୋଜୁଥିଲେ, ଦାୟୀତ୍ୱ ଦେଉଥିଲେ ଆଉ ସେ ସୁଚାରୁ ରୂପେ ତାହା ନେଇଆଣି ଥୋଇ ପାରୁଥିଲା । ଶିକ୍ଷକମାନେ ତାକୁ ଚିହ୍ନିଥିଲେ, ଭଲ ପାଉଥିଲେ । ଭଲ ମନ୍ଦ ପଚାରୁଥିଲେ । ଛୁଟି ଦିନରେ ସେମାନେ ତା ଗାଁକୁ ନଈ କୂଳକୁ ବୁଲି ଯାଉଥିଲେ । ମଝିରେ ମଝିରେ ହରି ସାହୁ ଦୋକାନକୁ ରାବିଡି ଖାଇବାକୁ ଯେତେବେଳେ

Digitized by PPRACHIN, SOA

ଯାଉଥିଲା, ସେ କ୍ଷୁଦ୍ର ବଜାରର କିଛି ଲୋକ ତାକୁ ଭଲ ଖେଳାଳୀ ହିସାବରେ ଚିହ୍ନୁଥିଲେ । ପ୍ରଶଂସା କରୁଥିଲେ ।

ପରବର୍ତ୍ତୀ ସମୟରେ ଚନ୍ଦ୍ର ରେଭେନ୍‌ସାରେ ତା'ର ବିତିଥିବା ସମୟକୁ ବିଶ୍ଳେଷଣ କରି ଜାଣିବାକୁ ଚେଷ୍ଟା କରିଛି କାହିଁକି ଏପରି ଘଟିଲା । ଯେତେବେଳେ ସମଗ୍ର ଓଡିଶାରେ ଛାତ୍ରଛାତ୍ରୀମାନଙ୍କର ପ୍ରଥମ ସ୍ୱପ୍ନ ରେଭେନ୍‌ସାରେ ପଢିବା, ସେତେବେଳେ ଚନ୍ଦ୍ରର ଏ ବିରାଗ ଅନୁଭବ କାହିଁକି ଆସିଲା । ବୋଧହୁଏ ତା'ର ସ୍କୁଲ ଜୀବନର ସ୍ମୃତି ତାକୁ ରେଭେନ୍‌ସାକୁ ଆପଣେଇବାକୁ ଦେଲାନାହିଁ । ହଜାର ହଜାର ଛାତ୍ର ଶିକ୍ଷକ ମଧ୍ୟରେ ସେ ଅଜ୍ଞାତକୁଳଶୀଳଟିଏ ହୋଇ ବଢିବାର ବ୍ୟବସ୍ଥାକୁ ଗ୍ରହଣ କରିପାରିଲାନାହିଁ । ସେ ବିଶାଳତା ସହ ସାଲିସ କରି ପାରିଲାନାହିଁ । ଗାଁ ସହିତ ଅତ୍ୟଧିକ ଅନ୍ତରଙ୍ଗତାର ଫଳ ହୁଏତ ଏଇଟା । କଟକରେ ରହି ମଧ୍ୟ ଗାଁକୁ ଭୁଲି ପାରିଲାନାହିଁ । ଏହା ମଧ୍ୟ ସତ୍ୟ, ଗାଁ ଛାଡିବାର ୫୦ ବର୍ଷ ପରେ ମଧ୍ୟ ଗାଁର ଧୂଳିକୁ ଦେହରୁ ଝାଡି ପାରିନାହିଁ । ସହରକୁ ଆପଣେଇ ପାରିନାହିଁ । ସେଇ ଭଙ୍ଗା ପାଣି ଗଳୁଥିବା ଚାଳ ଘରକୁ ଭୁଲି ପାରିନାହିଁ ।

ସମୟ ଗଡି ଚାଲିଲା । ଚାହୁଁ ଚାହୁଁ ଗୋଟାଏ ବର୍ଷ ଚାଲିଗଲା । ଚନ୍ଦ୍ର ରେଭେନ୍‌ସା ଛାଡିଲା । ଆସିଲା ଭୁବନେଶ୍ୱର । ଆପଣେଇଲା ବିବେକାନନ୍ଦ ପାଠାଗାରକୁ । କଲେଜର ଅନ୍ୟ ସାଙ୍ଗସାଥୀଙ୍କୁ ନେଇ କ୍ଲବ ଗଢିଲା, "ଆମେ କ୍ଲବ" । ଫୁଟବଲ ଖେଳିଲା । ପୂର୍ଣ୍ଣମୀ ରାତିରେ ସାଇକେଲ ଚଳାଇ ପାହାଳ ଯାଇ ରସଗୋଲା ଖାଇଲା । ଛୁଟି ଦିନରେ ଚନ୍ଦକା ଜଙ୍ଗଲରେ ଭୋଜି କଲା । ସମୟ ଗଡି ଚାଲିଲା ।

Digitized by PPRACHIN, SOA

ପିଲାଦିନ

ଏଇ ଚାରୋଟି ଅକ୍ଷରର ଶବ୍ଦଟି ଆଜି ଏ ଉତ୍ତର ବୟସରେ ମନ ଓ ଶରୀରରେ ଅମାପ ଶିହରଣ ଆଣିବା ପାଇଁ ସକ୍ଷମ । ଯେତେ ଚେଷ୍ଟା କଲେ ସେ ଦିନ ଆଉ କଦାଚିତ୍ ଫେରି ଆସିବନାହିଁ । ଆସିବ କେବଳ ତା'ର ସ୍ମୃତି । ଅକାଳେସକାଳେ ସେମାନେ ସବୁ ପଶି ଆସନ୍ତି ମନ ଭିତରକୁ । ଆକତାମାକତା କରି ଦିଅନ୍ତି । ମନ ଉଲ୍ଲସିତ ହୋଇଯାଏ । କେଉଁଠୁ ଆରମ୍ଭ କେଉଁଠୁ ଶେଷ ବୁଝି ହୁଏନାହିଁ । ଆଖି ବୁଜି ପ୍ରସ୍ଥ ପରେ ପ୍ରସ୍ଥ ଦେଖି ହୁଏ । ଅନୁଭବ କରି ହୁଏ । ଆଖି ଖୋଲିଲେ ସେମାନେ ଉଭେଇ ଯାଆନ୍ତି ।

ସେଦିନ ବର୍ଷଣ ମୁଖର ଅପରାହ୍ଣରେ ଚନ୍ଦ୍ର ଯେତେବେଳେ ପୃଥିବୀ ଛୁଇଁଲା, ସେତେବେଳେ କାହାର ପ୍ରତିକ୍ରିୟା କ'ଣ ହୋଇଥିଲା, ତାକୁ ଜଣାନାହିଁ, ହୁଏତ କିଏ ଖୁସୀ ହୋଇଥିବ, କିଏ ଦୁଃଖୀ ହୋଇଥିବ, ସେ କଥା ଜାଣିବାକୁ ଚନ୍ଦ୍ର କେବେ ମନ କରିନାହିଁ । ମାତ୍ର ପରବର୍ତ୍ତୀ ସମୟରେ ଏତେ ବଡ ପୃଥିବୀର ଏଇ ଅତି ସୁନ୍ଦର କ୍ଷୁଦ୍ର ଅଂଶରେ ଜନ୍ମ ଗ୍ରହଣ କରି ଥିବାରୁ ସେ ଭଗବାନଙ୍କ ନିକଟରେ ସର୍ବଦା କୃତଜ୍ଞତା ଜଣାଇ ଆସିଛି । ନଈ, ପାହାଡ, ଦିଗନ୍ତବ୍ୟାପୀ ସବୁଜିମା ଆମ୍ବତୋଟା, ସଞ୍ଜ ବୁଡୁବୁଡୁ ବିଲୁଆପଲର ହୁକେ ହୋ, ବାଲୁକା ଶଯ୍ୟା, ଗାଈପଲ, ଧାନକଟା, ସାଧବବୋହୂ ଏ ସବୁ ବ୍ୟତିରେକ ଚନ୍ଦ୍ରର ବାଲୁତ ସମୟ କିପରି କଟି ଥାଆନ୍ତା ଆଉ ସେ କେଉଁ ଛାଞ୍ଚରେ ପଡି ବଢି ଥାଆନ୍ତା, ସେ କଥା ଚନ୍ଦ୍ର ଚିନ୍ତା କରି ପାରେନାହିଁ ।

ଘରେ ଥିଲେ ଅନେକ ସଦସ୍ୟ । ବାପା, ବୋଉ, ବଡ ବାପା, ଜେଜେ ମା, ସାନ ମା, ଉକ ଆଉ ଆମେ ପାଞ୍ଚ ଭାଇ ଭଉଣୀ । ଏମାନଙ୍କୁ ବାଦ ଦେଲେ ଆଉ କିଛି ସମ୍ପର୍କୀୟ ବର୍ଷ ସାରା ଘରେ ଥାଆନ୍ତି । ଜେଜେଙ୍କର ସବା ସାନ ଭଉଣୀ ସୁମା ଅପା, ବିଧବା । ବର୍ଷକେ ଛଅ ମାସରୁ ଅଧିକ ସେ ବାପଘରେ । ସଂସାର ତା' ପ୍ରତି ଅନେକ ଅନ୍ୟାୟ କରିଛି ବୋଲି ତା'ର ଚିରନ୍ତନ ଅଭିଯୋଗ । ମନେହୁଏ ସେହି ଅଭିଯୋଗକୁ ସର୍ବଦା ମନେମନେ ଗୁଣି ହେଉଥିବାରୁ ସେ ବଞ୍ଚିବାର ରାହା ପାଇଛି । ତା ନହେଲେ ସ୍ୱାମୀଙ୍କୁ ହରାଇବା ପରେ, ନିଃସନ୍ତାନ ଜୀବନ ଆଉ ସ୍ୱାର୍ଥପର କୁଟୁମ୍ବଙ୍କ ଗହଣରେ ତା'ର ଚଳପ୍ରଚଳ ଅସମ୍ଭବ ହୋଇ ଉଠିଥାନ୍ତା । ଚନ୍ଦ୍ରର ଚାରି ପିଇସି ଆଉ ଜେଜେଙ୍କର ଚାରି ଭଉଣୀ । ବର୍ଷକେ ୨/୩ ଥର ତ ବାପ ଘରକୁ

Digitized by PPRACHIN, SOA

ନିଶ୍ଚୟ ଆସନ୍ତି । ସେଥିପାଇଁ ଯେ କୌଣସି ଆଳ ହେଲେ ବି ଚଳେ । ଥରେ ଆସିଲେ ମାସେ/ଦୁଇ ମାସେ ପୂର୍ବରୁ ଫେରିବା ନାମ କେହି ଧରନ୍ତି ନାହିଁ ।

ଏମାନଙ୍କ ବ୍ୟତୀତ ଘରେ ରହନ୍ତି ଦୁଇ/ତିନି ଜଣ ଭଣଜା, ପୁତୁରା, ସମ୍ପର୍କୀୟ ମାମୁଁ ଇତ୍ୟାଦି । ପାଖ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପାଠପଢ଼ା ମୁଖ୍ୟ ଉଦ୍ଦେଶ୍ୟ । ଏମାନଙ୍କ ବ୍ୟତୀତ ବିଭିନ୍ନ କାମ କରିବା ପାଇଁ ଚାରି/ପାଞ୍ଚ ଜଣ ଲୋକ ବର୍ଷସାରା ଘର ସହିତ ବନ୍ଧା ହୋଇଥାଆନ୍ତି । ନରି, ମୁଳିଆ, ବୁଲା, ରଘୁଆ ଇତ୍ୟାଦି ।

ଏ ଗହଳ ଚହଳ ହୋ ହଲ୍ଲା ଭିତରେ ସମୟ କେତେବେଳେ ସିନ୍ଦୁରା ଫାଟି ପୁଣି ପଶ୍ଚିମରେ ଲୁଚିଯାଏ ତାହା ଜଣା ପଡେ ନାହିଁ । ଖାଇବା ସମୟରେ ଖିଆ ଯାଏ, ଶୋଇବା ସମୟରେ ଶୁଆଯାଏ । ଏଥିପାଇଁ ଘରେ କେହି ଯେ ପିଲାମାନଙ୍କର ଦାୟୀତ୍ଵ ନେଇ ଏହା ଉପରେ ଜୋର ଦିଅନ୍ତି ତା ନୁହେଁ । ସବୁ ପିଲା, ସମସ୍ତଙ୍କର ଦାୟୀତ୍ଵ । ଏହି ବିଧି ବ୍ୟବସ୍ଥାରେ ଖେଳିବୁଲି, ମାଛ ଧରି ପାହାଡ ଚଢ଼ି ସମୟ କଟିଯାଏ ।

ଚନ୍ଦ୍ର. ଆଜି ବେଶୀ ମନେ ପଡେ ଋତୁ ଅନୁସାରେ ଗାଁରେ ପାଳିତ ହେଉଥିବା ପର୍ବପର୍ବାଣୀ ଆଉ ସେଥିରେ ତା'ର ନିଜର ତଥା ସାଙ୍ଗମାନଙ୍କର ଭୂମିକା । ଅନେକ ପର୍ବପର୍ବାଣୀରେ ପିଲାମାନଙ୍କର ସମ୍ପୃକ୍ତି ଆବଶ୍ୟକ ହୁଏ ନାହିଁ । ସେଗୁଡିକରେ ବିଧି ବ୍ୟବସ୍ଥା, କର୍ମକର୍ମାଣୀ ମା ଖୁଡିମାନଙ୍କ ଭିତରେ ସୀମିତ ରହିଯାଏ । ବର୍ଷାଦିନେ ଆସେ ଖୁଦୁରୁକୁଣୀ । ଚନ୍ଦ୍ର ଘରେ ମା ମଙ୍ଗଳାଙ୍କର ମୃଣ୍ମୟ ମୂର୍ତ୍ତି ଭାଦ୍ର ମାସର ପ୍ରତି ରବିବାରରେ ପୂଜା ହୁଅନ୍ତି । ପର୍ବଟି ବିଶେଷ କରି ଝିଅମାନଙ୍କର । ଭାଇମାନଙ୍କର ମଙ୍ଗଳ କାମନା କରି, ସୁରୁଖୁରୁରେ ବିଦେଶରୁ ଫେରି ଆସିବା ପାଇଁ ଝିଅମାନେ ଏ ପର୍ବଟି ନିଷ୍ଠାର ସହ ପାଳନ କରନ୍ତି । ମାତ୍ର ଚନ୍ଦ୍ର ଆଉ ତା'ର ସାଙ୍ଗସୁଙ୍ଗାଙ୍କର ସହଯୋଗ ସେଥିପାଇଁ ବେଶି ଆବଶ୍ୟକ । ବଡିଭୋରରୁ ବାଡିବଗିଚାରୁ ଫୁଲତୋଳା, ପୋଖରୀ ଗାଡିଆରୁ କଇଁଫୁଲ ତୋଳିବା । ନିର୍ଦ୍ଦିଷ୍ଟ ସମୟଭିତରେ ଫୁଲରେ ଘରବାହାର ସାଜସଜା କରିବା । ଝଡ ହେଉ ବର୍ଷା ହେଉ ଏ ସବୁ କରିବାକୁ ହୁଏ । ପ୍ରତିଯୋଗୀତା ମନୋଭାବ ନେଇ ଏ ସବୁ କରିବାକୁ ହେଉଥିଲା ଓ ଏଥିରେ ପ୍ରଚୁର ଆନନ୍ଦ ଓ ଉନ୍ମାଦନା ମିଳୁଥିଲା । ସେହି ବାଲୁତ ସମୟର ଏଇ ମନୋଭାବ ଆଜି ମନେ ପଡିଲେ ନିଜ ଭିତରେ ହସ ଉକୁଟି ଉଠେ । ସେ ଛୋଟଛୋଟ ଖୁସୀ, କୁନିକୁନି ବାଦବିବାଦ ଏ ସବୁର ପୁନରାବୃତ୍ତି ଆଉ ଏ ଜୀବନରେ ହେବନାହିଁ । ସେଗୁଡିକର ସମୟ ଚାଲି ଯାଇଛି ।

ଭାଦ୍ର ଶେଷ ରବିବାର ଯେଉଁ ସାଜସଜା ହୁଏ ସେଥିରେ ଫୁଲ ସହିତ, ରଙ୍ଗବେରଙ୍ଗ ଜରି କାଗଜର ବ୍ୟବହାର ହୁଏ । ଏ ଶେଷ ଦିନର ସାଜସଜା ପାଇଁ

Digitized by PPRACHIN, SOA

ବେଶ୍ କିଛି ଦିନ ଆଗରୁ ଯୋଜନା ଆରମ୍ଭ ହୋଇ ଲୁଚା ଚୋରାର କାମ ଆରମ୍ଭ ହୋଇଥାଏ । ସାଧାରଣତଃ ଘର ଭିତର ଅଗଣାରେ ରାତି ଅଧରେ ଏ କାମ ଚାଲେ । ମେହେରାବି, ତୋରଣ ଇତ୍ୟାଦି ବିଭିନ୍ନ ମାପର ବିଭିନ୍ନ ଡିଜାଇନର ତିଆରି ହୁଏ ।

ସାହିର ଅନ୍ୟ ତିନୋଟି ପରିବାରରେ ଯେହେତୁ ଏହି ବ୍ୟବସ୍ଥା ହୁଏ, ସେଥିପାଇଁ ଆପଣାର ବିଧି ବ୍ୟବସ୍ଥା ଲୁଚାଇ ରଖି ଶେଷଦିନ ବିସ୍ମିତ କରି ଦେବା ପାଇଁ ଏପରି କରିବାକୁ ହୋଇଥାଏ । ଉତ୍ସାହ ଓ ଉନ୍ମାଦନା ସହ ଚନ୍ଦ୍ର ଏ କାମରେ ଯୋଗଦାନ କରେ । ବାଉଁଶ ପାତିଆରେ ପୂଜା ଘରର ମାପକୁ ନେଇ ଫ୍ରେମ ତିଆରି ହୁଏ । ସେ ଫ୍ରେମରେ ରଦିକାଗଜ ଚାଉଳଅଠା ଦେଇ ମଡାଯାଏ । ତା'ପରେ ତୋଫା କାଗଜ ଉପରେ ହାତୀ ଘୋଡା, ଠାକୁରାଣୀ, ଫୁଲ, ଗଛ ଇତ୍ୟାଦିର ରଙ୍ଗବେରଙ୍ଗର ଚିତ୍ର କାଗଜରେ କାଟି ମଡାଯାଏ । ଗାଁ ଭିତରେ ଚନ୍ଦ୍ର ଘରର ସାଜସଜା ପ୍ରାୟତଃ ପ୍ରଥମ ଆସେ । ତା'ର କାରଣ ହେଉଛି, ଚନ୍ଦ୍ରର ଦାଦା ଜଣେ କଳାକାର । ସେ ତାଙ୍କର ବୁଦ୍ଧି ଖଟାଇ ବର୍ଷକୁ ବର୍ଷ ନୂତନ ନୂତନ ଡିଜାଇନରେ ଘର ସଜାନ୍ତି, ଆଉ ଗାଁରେ ପ୍ରଥମ ହୁଅନ୍ତି ।

ଏହା ବ୍ୟତୀତ ଅନେକ ଅନେକ ପର୍ବ ଘରେ ପାଳିତ ହୁଏ । ଦଶହରା, ମାଣବସା, ଗହ୍ମା ପୂର୍ଣ୍ଣମୀ, ଚିତା ଲାଗି ଅମାବାସ୍ୟା, କାଞ୍ଜିଓଳା, ଦ୍ୱିତୀୟାଓଷା, ରଜ, କୁମାରପୂର୍ଣ୍ଣମୀ ଇତ୍ୟାଦି । ଏଥିରୁ ଅଧିକାଂଶ ପର୍ବ ଝିଅମାନଙ୍କର ମାତ୍ର ଚନ୍ଦ୍ର ଆଉ ତା'ର ବନ୍ଧୁମାନଙ୍କର ସହଯୋଗ ଦରକାର ହୁଏ ଆଉ ସେମାନେ ଅକୁଣ୍ଠିତ ଏଥିରେ ଯୋଗଦାନ କରନ୍ତି । ଫୁଲତୋଳା, ସାଜସଜ୍ଜା, ନାଟତାମସା ଅଂଶଟିକୁ ପୁଅ ପିଲାମାନେ ନିଜ ହାତକୁ ନେଇ ନିଅନ୍ତି ।

ଶୀତ ଦିନ ବରକୋଳିର ଦିନ । ଗଛରେ ପାଚି ନାଲି ଟୁକ୍‌ଟୁକ୍ ବରକୋଳିମାନ ପେନ୍ଥା ପେନ୍ଥା ହୋଇ ଓହଳି ଥାଏ । ସାମାନ୍ୟ ପବନରେ ଗୋଟିଏ ଗୋଟିଏ କରି ଝରି ପଡେ । ଜାଙ୍ଗୁଲୁ ଜାଙ୍ଗୁଲୁ ରାତିରୁ ଉଠି ଚନ୍ଦ୍ର ବସାଘର ବାଡରେ ଥିବା ସୁଆଦ ବରକୋଳି ଗଛ ମୂଳକୁ ଯାଇ ରାତିସାରା ଝଡି ଥିବା ରସରେ ଟୁମ୍‌ଟୁମ୍ କୋଳିଗୁଡିକ ଗୋଟାଇ ଘରକୁ ଆଣି ଉକକୁ ଦିଏ । ଉକ ସେଗୁଡିକ ପ୍ରଥମେ ଲୁଣ ପାଣିରେ ପକାଇ ଖରା ଦିଏ । ପରେ ବିଭିନ୍ନ ପ୍ରକାର କୋଳି ଆଚାର ହୁଏ । ଗାଁର ଚାରିପଟେ ଥିଲା ତୋଟା ଆଉ ଜଙ୍ଗଲ । ସଞ୍ଜ ଆସୁ ଆସୁ ଶୀତ ମାଡି ଆସେ । ଚାଦରକୁ ନ ମାନି, କେଉଁ ବାଗରେ ଚାଦର ତଳେ ପଶି ଯାଇ କୋରି ପକାଏ । ସେତେବେଳେ କେବଳ ନିଆଁ ଉହ୍ମେଇ ଭରସା । ଉହ୍ମେଇ ଚାରିପଟେ ଗୋଲ କରି ବସି ବଡ ମା ଠାରୁ ଗପ ଶୁଣିବା ଭିତରେ ଶୀତ ଭାଗି ପଳାଏ ।

Digitized by PPRACHIN, SOA

ଶୀତ ଦିନର ଆଉ ଗୋଟିଏ ସ୍ମୃତି । ଆଖୁ ବାରିରୁ ଧଣ୍ଡା ଧଣ୍ଡା ଆଖୁ ଆଣି ଦାନ୍ତରେ ଚୋପା ଛଡାଇ ଖାଇବା । ନଈ କୂଳରେ ଚନ୍ଦ୍ରର ବାପା ତାଙ୍କର କେତେକ ବନ୍ଧୁଙ୍କ ସହିତ ଆଖୁ ଚାଷ କରିଥାଆନ୍ତି । ଗାଧୋଇ ଯିବା ବେଳେ ସେଇ ବାଟ ଦେଇଗଲେ ଆଖୁ ଧଣ୍ଡାଏ ମିଳେ । ଯେଉଁ ଦିନ ଆଖୁ ଦୋରୁଅରୁ ଗୁଡ ରନ୍ଧା ହେଉଥିବ, ସେ ଦିନର ମଜା ଦୁଇଗୁଣ । ଗୁଡ ହୋଇ ଆସିବା ବେଳକୁ ଗୋଟିଏ ସରାରେ ଦୁଇ ଡଙ୍କି ଆଣି ଚନ୍ଦ୍ରକୁ ଦିଅନ୍ତି । ଆଖୁର କଅଁଳ ଗଜକୁ ଦାନ୍ତରେ କାମୁଡି ଦାନ୍ତ କାଠି ପରି ନରମ କରି ସେଥିରେ ଚାଟିଚାଟି ସେ ଫୁଲଗୁଡ ଖିଆଯାଏ । ଆଜି ମଧ ଫୁଲଗୁଡର ସ୍ମୃତି ତା' ମନରେ ଜୀବନ୍ତ ଅଛି । ଗାଁ ଛାଡିବା ପରେ ଆଉ କେବେ ବି ଫୁଲଗୁଡର ମହକ ତା' ନାକରେ ବାଜି ନାହିଁ । ଦିନେ ଦିନେ ଦୋରୁଅ ପିଇବାକୁ ଇଛା ହେଲେ, ଆଖୁ ପେଡା ପାଖକୁ ଯାଇ ଚନ୍ଦ୍ର ବାଉଁଶ ଗିଲାସରେ ପେଟପୁରା ଦୋରୁଅ ପିଏ । ସେତେବେଳେ ଗୁଡର ଆବଶ୍ୟକତା ବହୁତ ବେଶି ଥିଲା । ତେଣୁ ନଈ କୂଳରେ ଆଖୁ ଚାଷ ହେଉଥିଲା । ଏବେ ସେ ସବୁ ଦେଖିବା ସାତ ସପନ ।

ସବୁ ଦିନ ସମାନ ଯାଏ ନାହିଁ । ସମୟ ତା ବାଟରେ ଗଡି ଚାଲିଲା । ଶୀତ ଦିନ ସରିଲା । ଧାନ କଟା ସରିଲା । ଏଣିକି ସ୍କୁଲକୁ ଯିବା ବୟସ । ସ୍ଲେଟ, ଖଡି ଇତ୍ୟାଦି କିଣା ହେଲା । ସମୟର ବେହିସାବ ସେଇଠି ବନ୍ଦ ହେଲା । ସିଲଟ ଖଡି ଧରି ସ୍କୁଲକୁ ଯିବା ଅଭ୍ୟାସରେ ପଡିଗଲା । ସିଲଟ ସଫା ରଖିବା ପାଇଁ ଗଙ୍ଗଶିଉଳି ଫୁଲର ବ୍ୟବହାର ହେଲା । କ୍ରମେ ଏ ସବୁ ଗୁଳାରେ ପଡିଗଲା । ନିମ୍ନ ପ୍ରାଥମିକ ଶିକ୍ଷା ଅନଉ ଅନଉ ସରିଗଲା । ଉଚ୍ଚ ପ୍ରାଥମିକ ଶିକ୍ଷା ଆରମ୍ଭ ହେଲା । ସ୍କୁଲରେ ଗଣେଶ ପୂଜା ଓ ସରସ୍ୱତୀ ପୂଜା ଦୁଇଟି ପ୍ରମୁଖ ଉତ୍ସବ । ଫୁଲତୋଳା, ଶ୍ରେଣୀ ଘର ସଜ୍ଜା, ସ୍କୁଲର ବାଡିବଗିଚା ସଫା କରି ପୂଜା ପାଇଁ ପ୍ରସ୍ତୁତ କରିବା, ଆମ୍ବ ଡାଳ, ନାଲି ନେଳି କାଗଜର ବାନା ବାନ୍ଧି ପୂଜା ଘରଠାରୁ ଗେଟ ପର୍ଯ୍ୟନ୍ତ ସାଜସଜ୍ଜା, ପୁଷ୍ପାଞ୍ଜଳୀ ପାଇଁ ନୂଆ ପ୍ୟାଣ୍ଟସାର୍ଟ ପିନ୍ଧି ଅପେକ୍ଷା, ଗୋଟିଏ ଥରରେ ନଡିଆ ଭାଙ୍ଗିବାର ପ୍ରତିଯୋଗିତା, ସନ୍ଧ୍ୟାରେ ଭୋଜି ଖାଇ ଘରକୁ ଫେରିବା ଏ ସମସ୍ତ କାର୍ଯ୍ୟକ୍ରମରେ ଚନ୍ଦ୍ରର ଯୋଗଦାନ ଥାଏ । ତା'ପରଦିନ ମୂର୍ତ୍ତିକୁ କାନ୍ଧେଇ, ଘଣ୍ଟଘଣ୍ଟା ମାଡ ସହିତ ଗାଁ ବୁଲାଇ ପୋଖରୀ ପାଣିରେ ବିସର୍ଜନ । ଆଉ ସେହି ବିସର୍ଜନ ସମୟରେ ମୂର୍ତ୍ତି ସହିତ ମାଟି ଟିକିଏ ଆଣିବାକୁ କି ବ୍ୟାକୁଳତା । ସେ ମାଟି ଟିକକ ପକେଟରେ ରଖି ପରୀକ୍ଷାକୁ ଗଲେ ପାଠଗୁରାକ ଠାକୁର ମନେ ପକେଇଦେବେ । କି ସରଳ ବିଶ୍ୱାସ । ସ୍କୁଲର ପାଠ ପଢା ସହିତ ସ୍କୁଲର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଭିତର ଦେଇ ଗୋଟିଏ ଛୁଟିରୁ ଆଉ ଗୋଟିଏ ଛୁଟି ଆସିଯାଏ । ବର୍ଷ ସରିଯାଏ । ଉପର

Digitized by PPRACHIN, SOA

କ୍ଲାସକୁ ଯାତ୍ରା । ତା ସହିତ ମାନସିକତାରେ କିଛିଟା ପରିବର୍ତ୍ତନ । ଶିକ୍ଷକମାନେ ଉଚ୍ଚ ଶ୍ରେଣୀର ଛାତ୍ରମାନଙ୍କୁ ଅଧିକ ଦାୟୀତ୍ୱ ଦେଇ ଭବିଷ୍ୟତ ପାଇଁ ପ୍ରସ୍ତୁତ କରନ୍ତି । କ୍ରମେ ପାଠର ବୋଝ ବଢେ । ବାହାର ଦୁନିଆ ଆଉ ପ୍ରକାରେ ଦେଖାଯାଏ । ଆଉ ସେ ଡୋରିଆ ପ୍ୟାଣ୍ଟ ଭଲ ଲାଗେ ନାହିଁ । ସିଲଟ ଖଡି ପଛରେ ପଡିରହେ । ତେଣିକି ରଫଖାତା ବାହାରେ । ଫାଉଣ୍ଟେନ ପେନ୍ କିଣାଯାଏ ।

ଶୀତ ଦିନେ ଧାନ ପାଚେ । ସ୍କୁଲରେ ଧାନ କଟା ଛୁଟି ହୁଏ । (ବଡ ଦିନ ଛୁଟି) ଗହୀର ବିଲରେ ଧାନ କଟାର ଦୃଶ୍ୟ ଅତ୍ୟନ୍ତ ମନୋରମ । ଧାନ ଗଛମାନେ ମୁଣ୍ଡ ନୁଆଁଇ ଚାଷୀକୁ ଡାକୁଥିବେ ଆ ମୋତେ ନେଇ ଯା । ତୋ ବର୍ଷକ ପରିଶ୍ରମର ଫଳ ଭାରରେ ମୁଁ ନଇଁ ଗଲିଣି । ଚାଷୀ ଦା ଧରି କଚକଚ କରି ଧାନ ଗଛ କାଟି ପକାଇ ସଜାଇ ବାନ୍ଧି ରଖେ । ଚନ୍ଦ୍ର ଏ ଦୃଶ୍ୟରେ ମୋହିତ ହୋଇଯାଏ । ବାରମ୍ବାର ବିଲକୁ ଯାଏ । ଖାଇବା ପିଇବା ଭୁଲି ଏ ଦୃଶ୍ୟକୁ ଉପଭୋଗ କରେ । ସଞ୍ଜ ବେଳକୁ କଳେଇ ସବୁ ଶଗଡରେ ନଦା ଯାଏ । ଚନ୍ଦ୍ର କଳେଇ ଶଗଡ ଉପରେ ପାଞ୍ଚଣ ଖଣ୍ଡିଏ ଧରି ବଳଦ ଅଡାଇ ଅଡାଇ ଖଳା ବାରିକୁ ଆସେ ।

ଶୀତ ଦିନଟି ଟିକିଏ ଛୋଟ, ସହଳ ସହଳ ସଞ୍ଜ ଆସିଯାଏ । ଧାନ କଟା ବେଙ୍ଗଳା, ପର୍ବ ପର୍ବାଣୀ, ମାଛ ଧରା ଆଉ ଖେଳ ଭିତରେ ଶୀତ ଦିନ କୁଆଡେ ଖସି ପଳାଏ । ପୁଣି ଆର ବର୍ଷକୁ ଅପେକ୍ଷା । ଖରାଦିନେ ସ୍କୁଲ ସକାଳୁଆ ହୁଏ । ଖରା ମୁଣ୍ଡ ଉପରକୁ ଆସିବା ପୂର୍ବରୁ ସ୍କୁଲ ଛୁଟି ହୋଇ ଯାଏ । ସମଗ୍ର ଉପର ବେଳାର ବିସ୍ତୃତ ସମୟ ହାତରେ ରହିଯାଏ, ବିଭିନ୍ନ ପରୀକ୍ଷା ନିରୀକ୍ଷା ଆଉ ହଟଚମଟ ପାଇଁ, ଆମ୍ବ ତୋଟାରୁ ଆରମ୍ଭ କରି ଡାଳମାଙ୍କୁଡି ଖେଳ, ପାହାଡ ଚଢା, ଗଛର ଉପର ଡାଳରେ ଥିବା ମହୁଫେଣା ଭାଙ୍ଗି ମହୁଖିଆ, ମାଛ ଧରା, ନିର୍ଘାତ ପାଣିରେ ବୁଡା, ଫୁଟବଲ ଖେଳ ଭିତର ଦେଇ ସମୟ କଟିଯାଏ । ଖରା ଦିନର ଆଉ ଗୋଟିଏ ମହାର୍ଘ ସ୍ମୃତି ହେଉଛି, ବଢାଭାତ । ସାନମା'ର ହାତରନ୍ଧା ବଢାଭାତର ପଟାନ୍ତର ନାହିଁ । ସେହି ଭାତରେ ଆଳୁ ଦୁଇଟି ପକାଇଥାଏ, ଯାଇ ମୁଠାଏ ପକାଇଥାଏ । ସକାଳୁ ସକାଳୁ ଚଉରା ପାଖରେ ଆମମାନଙ୍କୁ କଦଳୀ ପତ୍ରରେ ବାଢି ଦିଏ । ଘିଅ ଟିକିଏ ପକାଇ ଦିଏ । ସେପରି ତୃପ୍ତି, ସେ ସ୍ୱାଦ ଆଉ କେବେ ଖାଇବାରେ ଆସି ନାହିଁ । ନାହିଁ ସାନମା', ନାହିଁ ତା'ର ହାତ ରାନ୍ଧଣା ବଢାଭାତ । ତଥାପି ମଧ୍ୟ ତା' ହାତ ରନ୍ଧାର ଖୁସବୁ ନାକରେ ବାଜି ଯାଉଛି ।

ସକାଳୁଆ ସ୍କୁଲ ହେଉଥିବା ମାସତକ ହେଉ ବା ଖରାଛୁଟିରେ ସ୍କୁଲ ବନ୍ଦ ରହୁଥିବା ବିସ୍ତୃତ ସମୟ ହେଉ, ସନ୍ଧ୍ୟା ବେଳେ ସାର୍‌ଙ୍କ ଘରକୁ ଟ୍ୟୁସନ ପଢିବାକୁ

Digitized by PPRACHIN, SOA

ଯିବାରେ ରିହାତି ନଥାଏ। ଦିନ ଯାକର ବିସ୍ତାରିତ କାର୍ଯ୍ୟକଳାପ ପରେ ସଞ୍ଜ ବୁଡୁବୁଡୁ ଆଖିପତା ଭାରି ହୋଇ ଆସେ। ମନେ ହୁଏ ସେଇଥିପାଇଁ ଏ ଟ୍ୟୁସନ ଅନୁଷ୍ଠାନର ଉଦ୍ଭାବନ। ସେଠାରେ କିଛି ସମୟ ପଢ଼ିବାକୁ ବାଧ୍ୟ। ଆଖି ପଡିଗଲେ ଚଳିବ ନାହିଁ, ବେତଟି ପିଠିରେ ପଡିବ ଆଉ ନିଦ ଛାଡି ପଳାଇବ। ବିଦ୍ୟୁତ ଆଲୋକ ତଥାପି ଗାଁମାନଙ୍କରେ ଅପହଞ୍ଚ ଥାଏ। ଲଣ୍ଠଣ, ଡିବି, ଏକ ମାତ୍ର ଭରସା। ଚନ୍ଦ୍ରର ଗୋଟିଏ ପେଟୁଆ ଅତ୍ୟନ୍ତ ପୁରୁଣା ଲଣ୍ଠଣ ଥାଏ। ସେଇଟି ବାପା ଜେଜେ ତାଙ୍କ ଚାକିରିର ପ୍ରଥମ ଅବସ୍ଥାରେ କିଣିଥିଲେ। ସେଇଟିକୁ ଜେଜେ ହାର୍କିନ ବୋଲି କୁହନ୍ତି। ଏ ଲଣ୍ଠଣଟି ଆଲୁଅ ଦିଏ ବେଶି। ତେଲ ପେଟରେ ଧରେ ବେଶି। ସଞ୍ଜ ବୁଡିବା ପୂର୍ବରୁ ଏ ଲଣ୍ଠଣର କାଚକୁ ପାଉଁଶରେ ମାଜି ଚିକ୍‌ଚିକ୍ କରିଦିଏ। ତେଲ ଭରିଦିଏ। ବତୀ ଉପରୁ ଗତ ଦିନର ପୋଡା ଟିକକ ଛିଣ୍ଡାଇ ଦିଏ। ବର୍ତ୍ତମାନ ଲଣ୍ଠଣ ରେଡି। ସଞ୍ଜ ବୁଡୁବୁଡୁ ଚନ୍ଦ୍ର ଏଇଟିକୁ ଲଗାଇଦିଏ। ଆଉ ଡେଙ୍ଗା ଲଣ୍ଠଣ, କୁଜା ଲଣ୍ଠଣଗୁଡିକ ଏ ପେଟୁଆ ଲଣ୍ଠଣ ଆଗରେ ମଳିନ ପଡି ଯାଆନ୍ତି। ଖରାଦିନେ ସନ୍ଧ୍ୟାରେ ଟ୍ୟୁସନକୁ ଯିବାରେ କିଛି ଅସୁବିଧା ହୁଏ ନାହିଁ। ମାତ୍ର ଶୀତ ଦିନେ ଜାଡରେ ଚାଦର ସତ୍ତ୍ୱେ ଟ୍ୟୁସନ ଯିବା ପାଇଁ ଭାରି ବାଧା ହୁଏ।

ବାଲ୍ୟତ ବୟସର ଖେଳକୌତୁକ, ହସମଜା, ଥଟ୍ଟା, ଗୁଲି, ବଣଭୋଜି, କଳିତକରାଳ, କଟିମିଟି, ଶୀତ ଦିନ କଅଁଳ ଖରାକୁ ପିଠି ଦେଖାଇ ପାଠ ପଢାର ବାହାନା, ଏ ସବୁ କ୍ରମେ ଜୀବନର ରାସ୍ତାରୁ ଅପସରି ଗଲେ। ଅତ୍ୟନ୍ତ ଆକର୍ଷଣୀୟ ଆଉ ଲୋଭନୀୟ ହେଉଥିବା ଘଟଣା, ଦୁର୍ଘଟଣା ସବୁ ରାସ୍ତା କଡରେ ଏକଆଡିଆ ଠିଆ ହୋଇ ରହିଗଲେ। ସମୟ ଆଗକୁ ମାଡି ଚାଲିଲା। ସମୟ ସହିତ ତାଳ ଦେଇ ଚନ୍ଦ୍ର ନିଜେ ମଧ୍ୟ ବଦଳିବାକୁ ଆରମ୍ଭ କଲା। ପାଠପଢା, ଖେଳ ସାଙ୍ଗସାଥୀ ସବୁଥିରେ କିଛିକିଛି ପରିବର୍ତ୍ତନ ଆସିଲା। ଆଗରୁ ନହେଲେ ନଚଳୁଥିବା ବନ୍ଧୁମାନେ କ୍ରମେ ଅପସରି ଗଲେ। ନୂତନ ମୁହଁ ସେ ଯାଗା ମାଡିବସିଲା। ନୂଆବହି, ଖବରକାଗଜ ପଢା ପାଇଁ ଖେଳକୌତୁକରୁ ସମୟ କାଟିବାକୁ ପଡିଲା। ଯେତେ ବେଶି ପଢିଲା, ତା'ର ଦିଗନ୍ତ ସେତେ ବେଶି ବିସ୍ତାରିତ ହେଲା। ମନେହେଲା, ବହୁତ ସମୟ ସେ ନଷ୍ଟ କରି ସାରିଲାଣି। ଆଉ ନୁହେଁ।

ସ୍କୁଲରେ ପଢୁଥିବା ସମୟରେ ବାର୍ଷିକ ଛୁଟିଟି ହେଉଛି ଖରାଛୁଟି। ବର୍ଷକଯାକର ପରିଶ୍ରମ ପରେ ଶେଷ ପରୀକ୍ଷାର ଫଳ ବାହାରି ସାରିଥାଏ। ଫଳ ଘୋଷଣା ହୁଏ। ନୂଆ ବହି ତାଲିକା ମିଳେ। ତାପରେ ପ୍ରାୟ ଅଢେଇମାସ ଛୁଟି ମିଳେ। ଏ ଛୁଟି ସମ୍ପୂର୍ଣ୍ଣ ଦାୟୀତ୍ୱ ରହିତ। କୌଣସି ପ୍ରକାର ଚାପ ନଥାଇ ଏ ଛୁଟିଟି ଉପଭୋଗ

Digitized by PPRACHIN, SOA

କରିହୁଏ । ବନ୍ଧୁ ବାନ୍ଧବଙ୍କ ଘରକୁ ବୁଲିଯିବା ସହିତ ଅନ୍ୟାନ୍ୟ ଆନୁସଙ୍ଗିକ ଯୋଜନା ଭିତରେ ଛୁଟି ସରିଯାଏ ।

ପାହାଡ ତଳ ଗାଁ । ଅସରାଏ ବର୍ଷା ହେଲେ ଗାଁ ଦାଣ୍ଡରେ ପାଣିର ସୁଅ ଛୁଟେ । ପିଲାଙ୍କର ଖେଳ ଆରମ୍ଭ ହୁଏ । ଲଗାଣ ବର୍ଷା ହେଲେ ଗାଁ ଦାଣ୍ଡରେ ଝର ପଡିଯାଏ । ବର୍ଷା ଦିନେ ଆଉ ଗୋଟିଏ କୌତୁକ ହେଲା ଗୁଞ୍ଚର ଧରା । ବଣଜଙ୍ଗଲ ଗଛଲତା ସବୁଜିମାରେ ଭରି ଉଠିବା ସହିତ ତାଳ ଦେଇ ଗୁଞ୍ଚରମାନେ ବାହାରନ୍ତି । ଗଛର ନରମ ପତ୍ର ଖାଇ ସେମାନେ ବଞ୍ଚନ୍ତି । ଗୁଞ୍ଚର ଦୁଇପ୍ରକାର । କାଠିଆ ଗୁଞ୍ଚର ଆଉ ପେଟା ଗୁଞ୍ଚର । ପେଟା ଗୁଞ୍ଚରଟି ମା'। ସେ କିଛି ଦିନ ରହିଲେ ଛୋଟଛୋଟ ରଙ୍ଗବେରଙ୍ଗ ଶାଗୁଦାନା ପ୍ରକାରର ଅଣ୍ଡାଦିଏ । କାଠିଆ ଗୁଞ୍ଚରର ଚାହିଦା ବେଶି । ତା ବେକରେ ସୂତାଟିଏ ବାନ୍ଧି ଛାଡି ଦେଲେ ସେ ବେଶି ବାଟ ଉଡେ । ଗୁଞ୍ଚର ଉଡାଇ ଖେଳିବା ପିଲାମାନଙ୍କର ବର୍ଷାଦିନେ ଗୋଟାଏ ନିଶା ।

ଚନ୍ଦ୍ର ଗୁଞ୍ଚର ପାଳିବା ନେଇ ବହୁତ ବ୍ୟସ୍ତ ହୋଇପଡେ । ସଢେଇଟିଏରେ କୁଣ୍ଡା ବିଛାଇ ସେ ଗୁଞ୍ଚର ରଖେ । ଆଉ ଗୋଟିଏ ଷଢେଇ ତା ଉପରେ ଘୋଡାଇ ଦିଏ । ନିଃଶ୍ୱାସ ନେବାକୁ ଗୁଞ୍ଚରକୁ କଷ୍ଟ ହେବନି ବୋଲି ଉପର ଷଢ଼େଇରେ କଣା ଦିଓଟି ରଖେ । କଅଁଳ ସଜନାପତ୍ର କନସିରିପତ୍ର ଆଣି ଗୁଞ୍ଚରକୁ ଖାଇବାକୁ ଦିଏ । ଏ ସବୁ ସତ୍ତ୍ୱେ ଗୁଞ୍ଚରଟିମାନ ବେଶି ଦିନ ବଞ୍ଚନ୍ତି ନାହିଁ । ମନେ ହୁଏ, ବଣଜଙ୍ଗଲ ଛାଡି, କାହା ଘରେ ତୁଳୀତଳ୍ପ ଶଯ୍ୟାରେ ଶୋଇବା ସେମାନଙ୍କର ପସନ୍ଦ ନୁହେଁ । ହାତୀ ମଲେ ଲକ୍ଷେ ଟଙ୍କା ପରି, ମଲା ଗୁଞ୍ଚର ମଧ୍ୟ କାମରେ ଲାଗେ । ତା'ର ଡେଣାଟିମାନ ବେଶ୍ ରଙ୍ଗିଲା ଆଉ ଚକ୍‌ଚକ୍ କରେ । ଝିଅମାନେ ସେ ଡେଣାଟିକୁ ନେଇ ଛୋଟ ଛୋଟ ଟିକିଲି ବନାଇ ମୁଣ୍ଡରେ ମାରନ୍ତି ।

ନଈରୁ ମାଛ ଧରିବା, ଛୁଟିର ଗୋଟିଏ ପ୍ରଧାନ କାର୍ଯ୍ୟକ୍ରମ । ଶୀତ ଦିନେ ଗଣ୍ଡ ଯାଗାରେ ପାଣି କିଛି ଥାଏ । ସେଠାରେ ଫୋପଡ ଜାଲ ଫିଙ୍ଗି ପାଣିରେ ବୁଡି ମାଛ ଧରିବା ଗୋଟାଏ କଳା । ଖରାଦିନେ ନଈ ପାଣିର ଧାର ଶୁଖି ଯାଇଥାଏ । କ୍ଷୀଣ ଧାରଟିଏ ହୁଏତ ବହୁଥାଏ । ସେଇ କ୍ଷୀଣ ଧାରକୁ ବନ୍ଧାଇ ସେଥିରେ ମାଛମାନଙ୍କ ପାଇଁ ଖାଦ୍ୟ (ଗୋବର+କୁଣ୍ଡା) କିଛି ପକାଇ ବନ୍ଧରେ ସୋର୍‌ଶବଦ ନକରି ଅପେକ୍ଷା କରିବାକୁ ହୁଏ । ମାଛମାନେ (ବେଶି ବଡ ମାଛ ନୁହନ୍ତି) ଆସନ୍ତି ଖାଦ୍ୟ ଲୋଭରେ । ସେଇ ଛୋଟ କିଆରୀଟି ଭିତରେ ପଶି ସେମାନେ ସେମାନଙ୍କ ସହଜଲଭ୍ୟ ଖାଦ୍ୟ ଖାଉଥିବା ସମୟରେ ଶିକାରୀ ଲୁଚିଲୁଚି ଯାଇ ମୁଗୁରା ଦେଇ କିଆରୀର ମୁହଁ ବନ୍ଦ କରିଦିଏ । ତାପରେ ଚାଲେ ପାଣି ଶୁଖାଇବା । ବର୍ଷାଦିନେ

Digitized by PPRACHIN, SOA

ନଈରେ ବଢ଼ି ଆସେ । ଗୋଳିଆ ପାଣି ଆସୁ ଆସୁ ମାଛମାନେ ତଳ ମୁଣ୍ଡରୁ ବାହାରି ନଈର ଉପର ମୁଣ୍ଡକୁ ବୁଲି ବାହାରନ୍ତି ।

ବାପା ଦାଦାମାନେ ନଈ ମଝିରେ ଠେକରା ଉପରେ ଘଣ୍ଟାଘଣ୍ଟା ଧରି ବଗ ମାଛକୁ ଅନିଷା କଲା ପରି ଜଗି ରହି ଇଲିସି ଶିକାର କରନ୍ତି । ଚମତ୍କାର ମଞ୍ଜିଆ କଣ୍ଟିଆ ପ୍ରଥମ ବଢ଼ିରେ ଆସନ୍ତି । ବନିଶି ପକାଇ ଚନ୍ଦ୍ର ଏ ସବୁ ଧରିବାର କୌଶଳ ବେଶ୍ ଆୟତ କରିଥିଲା । ବନ୍ଧୁ ବାନ୍ଧବ ଘରକୁ ଯିବା, ଖରା ଛୁଟିରେ ଗୋଟାଏ ବାଧ କାର୍ଯ୍ୟକ୍ରମ । ପିଷି, ମାମୁଁ ଏମାନଙ୍କ ଘରକୁ ଚନ୍ଦ୍ର ଯାଏ । ଖରାଛୁଟିରେ ଆମ୍ବ ନେଇ ନିଶ୍ଚୟ ଯିବାକୁ ହୁଏ । ପ୍ରତିଟି ଯାଗାରେ ସମ୍ବର୍ଦ୍ଧନା, ସ୍ନେହ ପ୍ରେମ ଭିତରେ ଆନ୍ତରୀକତା ତ ଭରପୁର ଥାଏ । ତା ସତ୍ତ୍ୱେ ବିଭିନ୍ନ ବନ୍ଧୁ ଘରର ଚର୍ଚ୍ଚାରେ କିଛିଟା ଫରକ ବାରି ହୋଇ ପଡେ । ପିଷି, ମାମୁଁ, ମାଇଁ ଏମାନଙ୍କୁ ନେଇ ହିଁ ଚର୍ଚ୍ଚାରେ ପାର୍ଥକ୍ୟ । ମାତ୍ର ସମସ୍ତ ଚର୍ଚ୍ଚା ଅତ୍ୟନ୍ତ ଆନ୍ତରୀକ ଓ ନିରାଡମ୍ବର ତଥା ଆପଣାପଣରେ ଭରପୂର ।

ସେ ଦିନର ବନ୍ଧୁ ବାନ୍ଧବଙ୍କ ଘରେ କଟାଇଥିବା ଦିନଗୁଡିକ କଥା ଭାବିଲେ ଆଖିରେ ଲୁହ ଆସିଛି । କୁଆଡେ ଗଲେ ସେ ଲୋକମାନେ । କୁଆଡେ ହଜିଗଲା ସେ ଆପଣାପଣ । କୁଆଡେ ଗଲେ ସେ ସାଇପଡିଶାମାନେ, ଯେଉଁମାନେ କୁଣିଆ ଆସିଛି ମାନେ ସେମାନଙ୍କର ସ୍ନେହର ପସରା ଅତ୍ୟନ୍ତ ଉଦାର ହୋଇ ଖୋଲି ଦିଅନ୍ତି ।

ଜାତୀୟ ରାଜପଥରେ ଖୋର୍ଦ୍ଧା, ଯାଆଁଳା ଢ଼େଙ୍ଗ ବସରୁ ଓହ୍ଲାଇ ଦୁଇ/ତିନି କିଲୋମିଟର ଧୂଳି ରାସ୍ତାରେ ଚାଲିଚାଲି ଗଲେ ଆସେ ଚନ୍ଦ୍ରର ମାମୁଁ ଘର ଆମ୍ବ ତୋଟା । ଆମ୍ବ ତୋଟା ଭିତର ଦେଇ ଶଗଡ ଗୁଳାଟି ପଡିଛି ତା'ଆଈର ଘର ପାଖକୁ । ତାଙ୍କୁ ନବାକୁ ଶଗଡ ତ ଆଈ ପଠାଇ ଥାଏ । ବାଟରେ ଖାଇଖାଇ ଆସିବାକୁ ଆମ୍ବ ଆଉ ପିଠା କିଛି ପଠାଇଥାଏ । ଶଗଡ ଘର ପାଖରେ ପହଞ୍ଚିଲା ବେଳକୁ, ଅଙ୍ଗିର ଖୁଣ୍ଟିଟି ଧରି ଚନ୍ଦ୍ରର ଆଈ ଏକ ଲୟରେ ଚାହିଁ ରହିଥାଏ । ମାମୁଁ ଘରର ଦାଣ୍ଡ ପଟ, ସାଇ ପଡିଶାଙ୍କ ଘର ଚନ୍ଦ୍ରକୁ ବହୁତ ଦିନ ଯାଏଁ ଜଣା ନଥିଲା । ତା'ର କାରଣ ହେଉଛି ମାମୁଁ ଘର ବାରିପଟଟି, ମୁଖ୍ୟ ରାସ୍ତାରୁ ଗାଁ କୁ ଯାଇଥିବା ସଡକଟିକୁ ଛୁଇଁଛି । ସଡକରୁ ମାମୁଁ ଘର ଅଙ୍ଗି ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଅଞ୍ଚଳ ରସାଳ ମିଠା ଆମ୍ବ ଗଛରେ ପୂର୍ଣ୍ଣ । ଆମ୍ବକ ଦିନେ ପାଚି ଆସିବା ବେଳକୁ ଟପଟପ ହୋଇ ଗୋଟେ ଅଧେ ଆମ୍ବ ସବୁ ବେଳେ ଝଡୁଥାଏ । ଏ ଆମ୍ବ ତୋଟା ଭିତର ଦେଇ ଚାଲି ଚାଲି ହେଉ ବା ଶଗଡରେ ଯିବାର ହେଉ ସେ ଆନନ୍ଦ ନିଆରା । ସେ

Digitized by PPRACHIN, SOA

ବିଳାସ ଛାଡି ଆଈର ଦାଣ୍ଡପଟକୁ ବୁଲିବୁଲାଣି ବାଟରେ ଯାଉଛି କିଏ? ଆଈର ସବୁ କାରବାର ବାରିପଟେ। ଗାଈ, ବଳଦ, ଚାଷ ଖଳା ସବୁ ସେଇ ବାରି ପଟେ। ଗେଡି ହୋଇ ଚାରି ଫୁଟର ଛୋଟିଆ ମଣିଷଟିଏ। ଅଜା ଚାଲିଯିବା ପରେ ସବୁ ସେ ସମ୍ଭାଳିଛି। ସବୁ କାମ ଭିତରେ ଚନ୍ଦ୍ର ହେରିକାଙ୍କର ଯିବା ବାଟକୁ ସେ ଚାହିଁ ରହେ। ପାଟି ଦୁଇ କରରୁ ପାନ ପିକର ସରୁ ଧାର ଗଡି ଆସୁଥିବ। ଅଙ୍କିଟି ଧରି ଅନାଇ ରହିଥିବ। ସେମାନଙ୍କୁ ଦେଖି ଦେଲେ ମୁହଁରେ ଆଖିରେ ତା'ର ଖୁସୀ ଝଲସି ଉଠିବ।

ଆଈର ଧାନ ମରେଇ ତଳେ ବିଭିନ୍ନ ପ୍ରକାର ସୁସ୍ୱାଦ ଆମ୍ବର ପସରା। ବାଲିରେ ବସି ମହମହ ବାସୁଥିବ। ମାଟିହାଣ୍ଡିରେ ପଲମ ଘୋଡାଇ ଆରିଷା ପିଠା ରଖିଥିବ। ଘରମରା ଗୁଆଘିଅର ବାସ୍ନା ପଲମ ଟେକି ବାହାରକୁ ଆସି ଭୋକ ବଢାଇ ଦିଏ। ଆଈ ତା'ର ଗନ୍ତାଘର ଚାବି ଖୋଲି ଦିଏ। ଆଉ ତା'ର ଐଶ୍ୱର୍ଯ୍ୟ ଚନ୍ଦ୍ର ହେରିକା ଲୁଟ କରିବାରେ ଲାଗିଯାଆନ୍ତି। ସେଥିରେ ତା'ର ଆନନ୍ଦ। ମନେହୁଏ ଏ କ୍ଷଣଟି ପାଇଁ ସେ ବର୍ଷସାରା ଚାହିଁ ରହିଛି। ଆମ୍ବ, ପିଠା ବ୍ୟତୀତ ଆଈ ଚମତ୍କାର ଖଟାମିଠା ସାଦାର ଆମ୍ବ ଆଚାର ତିଆରି କରେ। ତା ବ୍ୟତୀତ କରେ ଓଉ ଆଚାର, ଛତୁଁ ଆଚାର ଇତ୍ୟାଦି। ଆଈ ତା' ନାତିନାତୁଣିଙ୍କ ପାଇଁ ସାଇତି ରଖିଥାଏ।

ସକାଳୁ ସକାଳୁ ପୂର୍ବ ଦିଗରେ ସିନ୍ଦୁର ନ ଫାଟୁଣୁ ନାଗୁଆ ଶଅର ଆସି ଆଈ ପାଖରେ ହାଜର। ଚନ୍ଦ୍ର ଯିବା ପୂର୍ବରୁ ତାକୁ ବରାଦ ଥିବ। ତାଳ ତାଡି ଆଣି ଚନ୍ଦ୍ରକୁ ପିଇବାକୁ ଦେବ। ଖରା ପଡିଗଲେ ସେଗୁଡିକ ପାଲଟିଯାଏ ମଦ। ନହେଲେ ସେଗୁଡିକ ହେଲ୍‌ଥ ଡ୍ରିଙ୍କ। ନାତିମାନେ, ନାତୁଣିମାନେ ତାକୁ ସର୍ବଦା ଦୁର୍ବଳିଆ ଆଉ ବାଉଁଶ କଣି ପରି ଦେଖାଯାଆନ୍ତି। ଆଗରୁ ଶଅରକୁ ବରାଦ କରିଥିବ। ଗହୀର ବିଲ ହିଡରୁ ଗହୀରିଆଖୋଳ ଗେଣ୍ଡା ବାହାର କରେ। ତାକୁ ଛେଚି ଗେଣ୍ଡା ମାଂସକୁ ଗୁଆ ଘିଅରେ ଭାଜି ଖାଇବାକୁ ଦିଏ। ଏଗୁଡିକ ଉପଯୁକ୍ତ ସ୍ୱାସ୍ଥ୍ୟ ଫେରାଇ ଆଣିବାରେ ସାହାଯ୍ୟ କରେ ବୋଲି ତା'ର ବିଶ୍ୱାସ। ଚନ୍ଦ୍ରପ୍ରଭୃତି ଆନନ୍ଦରେ ଖାଆନ୍ତି। କାରଣ ସେଗୁଡିକ ଗୁଆ ଘିଅରେ ଭଜା ହୋଇ ଅତ୍ୟନ୍ତ ସୁସ୍ୱାଦୁ ହୋଇଥାଏ।

ଆଈର ଆଉ ଗୋଟିଏ ସଉକି ହେଉଛି ଗାଈ ରଖିବା ଆଉ ସେମାନଙ୍କର ଯତ୍ନ ନେବା। ତା ଗୁହାଳରେ ଗୁହାଳେ ଗାଈ। କ୍ଷୀର, ଘିଅ, ଦହିରେ ଘର ଭାସୁଥାଏ। ରାତିରେ କଂସା ଥାଳିରେ ଚକୁଳି ପିଠା ପୁଞ୍ଜାଏ ଦେବ ଆଉ ପାଖରେ ଥୋଇଦେବ ବେଲାରେ ବରଅଠା ପରି ବହଳକ୍ଷୀର ଆଉ ସର। ସେଥିରେ ପଡିଥିବ

Digitized by PPRACHIN, SOA

ପୂଜାଏ ଗୁଡ । କ୍ଷୀର ଆଟିକାରୁ ସରିଗଲେ ଆଟିକା କୋରେଇ କୋରୁଅ ଦେବ । ଖାଣ୍ଟିକ୍ଷୀର ସହିତ ଚକୁଳିପିଠାରୁ ଆସୁଥିବା ବିରିର ମହକରେ ଭୋକ ବଢିଯାଏ । ତୁଉଣ ତରକାରୀ କିଛି ଦରକାର ହୁଏ ନାହିଁ । ନାତିନାତୁଣିମାନଙ୍କୁ ଖୁଆଇବା, ଆଉ ସେଥିପାଇଁ ଚକି ପରି ଘୁରିବାରେ ତା'ର କି ଆନନ୍ଦ । ଏକୁଟିଆ ମଣିଷ । ଅଜା ଚନ୍ଦ୍ର ଜନ୍ମ ପରେ ପରେ ବାହୁଡି ଯାଇଥିଲେ । ଚନ୍ଦ୍ର ବୋଉ ତାଙ୍କର ଏକ ମାତ୍ର ସନ୍ତାନ । ସତେ ଯେପରି ଚନ୍ଦ୍ରର ଯିବା ବାଟକୁ ସେ ବର୍ଷ ସାରା ଅନାଇ ବସିଥାଏ । ଚନ୍ଦ୍ରହେରିକା ଯେତେ ଦିନ ରହନ୍ତି, ତା ମୁହଁରୁ ଆଖିରୁ ହସ ଲିଭେ ନାହିଁ ।

ଚନ୍ଦ୍ରର ବିଦ୍ୟାରମ୍ଭ ହେଲା ଅଜାଙ୍କ ପାଖରେ । ଅଜାଙ୍କ ସାନ ଭାଇ ହାଡୁ ଅଜା । ବୃତ୍ତିରେ ସେ ମଧ୍ୟ ଜଣେ ଶିକ୍ଷକ । ୫୪/୫୫ ମସିହା ଖରାଛୁଟିରେ ଚନ୍ଦ୍ରର ଖଡି ଛୁଆଁ ହେଲା ହାଡୁ ଅଜାଙ୍କ ପାଖରେ । ନୂଆ ଜାମାପେଣ୍ଟ, କନାର ବସ୍ତାନି, ସିଲଟବହି ସବୁ ସାଜସରଞ୍ଜାମ ଅଜା ତା ପାଇଁ ଆଣିଲେ । ପାଞ୍ଜିରୁ ବେଳା ଦେଖି ଅକ୍ଷର ଶିକ୍ଷା ଆରମ୍ଭ କଲେ । ସେଇ ଛୁଟି ଯେତେଦିନ ଅଜାଙ୍କ ଘରେ ସେ ଥିଲା, ସେହି ସମୟ ଭିତରେ ଓଡିଆ ଅକ୍ଷର ତକ ଶିଖିଗଲା । ଆଉ ତା' ସହିତ ଶିଖି ଗଲା ସଂଖ୍ୟା ।

ପ୍ରତି ବନ୍ଧୁବାନ୍ଧବ ଘର ଆଚାରବିଚାର, ଚଳଣି, ଚର୍ଚ୍ଚା ଏ ସବୁକୁ ନେଇ ଆପଣାର ସ୍ୱତନ୍ତ୍ର ପରିଚୟ ରଖିଥାନ୍ତି । ଆମେ ପିଲାମାନେ ସେହି ଅନୁସାରେ ବନ୍ଧୁବାନ୍ଧବ ଘରକୁ ପସନ୍ଦ, ଅପସନ୍ଦ କରୁ, ବେଶି ଥର ଯାଉ । କେଉଁଠି ଅନେକ ସ୍ୱାଧୀନତା ମିଳେତ କେଉଁଠି ଆମ ଉପରେ କଡା ନଜର ରହେ । କେଉଁଠି ସବୁ ସୁବିଧା ହାତପାଆନ୍ତିରେ ମିଳେ ତ କେଉଁଠି ବାହାର ପିଲା ସାଙ୍ଗ ମିଳି ଯାଆନ୍ତି ତ କେଉଁଠି ସେ ସୁବିଧା ନଥାଏ । ଏ ସବୁକୁ ଆଖିରେ ରଖି ଚନ୍ଦ୍ର ଦେଖିଛି ସାନପିଷି ଘରକୁ ପିଲାମାନେ ବେଶି ଯିବାକୁ ପସନ୍ଦ କରନ୍ତି । ସାନପିଷି ଘରଟି ଚନ୍ଦ୍ରର ମଧ୍ୟ ବେଶି ପସନ୍ଦ । ପଥର ପାଚେରୀ ଭିତରେ ବିରାଟ ହତା । ସାହାଲା ସାହାଲା ଘର । ୩୦/୪୦ଟି କୋଠରୀ । ଚାରିଟି ଅଗଣା । ଗୋଠେ ଗାଈ ବଳଦ । ଘରେ ସବୁବେଳେ ଭୋଜିଭାତ ହେବା ପରି ହୋହୋ ଘୋଘୋ । ସବୁ ବେଳେ ଯିବା ଆସିବା ଖା ପିଆ ଲାଗିଥାଏ ।

ଆମ ପିଷି (ବିନି ଅପା), ଜେଜେଙ୍କର ସାନ ଝିଅ । ଆଉ ସ୍ୱାଭାବିକ ଭାବେ ବାପ ଘରେ ଗେହ୍ଲା ହୋଇ ବଢିଥିଲା । ଗୋରା ତକ ତକ ଚମ୍ପା ଫୁଲିଆ ରଙ୍ଗ । ବାଡୁଅ ସମୟରେ କୁଟା ଖଣ୍ଡକୁ ଦି ଖଣ୍ଡ କରି ନଥିଲା । ଯେଉଁ ଘରକୁ ସେ ଗଲା, ସେଠାରେ ସେ ବଡବୋହୂ । ସବୁ ବୋଝ ତାକୁ ସମ୍ଭାଳିବାକୁ ହେବ । ମାତ୍ର

Digitized by PPRACHIN, SOA

ଅଜାତିକୁ ବଣିଜ ଅଡୁଆ ପରି କାମଦାମରେ ସେ ସର୍ବଦା ଅପଟୁ । ଭାଗ୍ୟକୁ ତା ଶାଶୁ ଶଶୁର ତାକୁ ମୁଣ୍ଡରେ ବସାଇ ଥାଆନ୍ତି । ଅରକ୍ଷିତକୁ ଦଇବ ସାହା ହେବା ପରି ବିନି ଅପାର ସାନଯା ଅତ୍ୟନ୍ତ କର୍ମ ପଟୁ । ନିରଳସା ସେ ବଡି ଭୋରରୁ ଉଠି ଅଧରାତି ପର୍ଯ୍ୟନ୍ତ କାମ କରୁଥାଏ । ବିନି ଅପାର ଅସୁବିଧା ସେ ବୁଝେ ଆଉ ତା ଭାଗ କାମତକରେ ମଧ ସାହାଯ୍ୟ କରେ । କେବେ ବି ସେ ବିନି ଅପା ପାଇଁ କାମ କରି ଦେଇଛି ବୋଲି ଅଭିଯୋଗ କରିନାହିଁ ।

ବିନି ଅପା ମଧ ତା ଭାଗରୁ ଭିତ କାମ ତକ ଶୈଳ ଅପା (ସାନ ଯା) ହାତରେ ଛାଡି ଦେଇ ଖୁସୀ ଥାଏ । ବିନି ଅପା ଯେତେବେଳେ ଗାଁକୁ ଆସେ, ଶୈଳ ଅପା ମଧ ଆସେ । ଚନ୍ଦ୍ର ଯେତେବେଳେ ବିନି ଅପା ଘରକୁ ଯାଏ ତା'ର ସମସ୍ତ ଓଜର ଆପତ୍ତି ଶୈଳ ଅପା ହିଁ ବୁଝେ । ଚନ୍ଦ୍ର ନିଜେ ବହୁତ ଦିନ ଧରି ଜାଣି ନଥିଲା ଯେ ସେ ତା'ର ନିଜ ପିଷି ନୁହେଁ ବୋଲି । ଜାଣିଥିଲେ ବି ସମ୍ପର୍କରେ, ଆକର୍ଷଣରେ ଯେ କିଛି ଫରକ ପଡି ଥାଆନ୍ତା ତା ନୁହେଁ । ବିନି ଅପା ଅକାଳରେ ଚାଲିଗଲା । ନିୟମିତ ବିନି ଅପା ଘରକୁ ଯିବା କ୍ରମେ ବୃତିଗତ ଜୀବନର ଚାପ ଯୋଗୁଁ ଅନିୟମିତ ହୋଇ ପଡିଲା ।

ସେଦିନ ଯେଉଁମାନେ ଗୋଟିଏ ଘରେ ରହି ମିଳିମିଶି ଚଳୁଥିଲେ ଆଜି ଆପଣା ଆପଣା ବୃତ୍ତିକୁ ସମ୍ଭାଳିବାକୁ ଯାଇ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ପଡିଲେଣି । ଏହା କାହାରି ଜଣକ ଘର ପାଇଁ ନୁହେଁ, ସମସ୍ତଙ୍କ କ୍ଷେତ୍ରରେ ଘଟୁଛି । ଶୈଳ ଅପା ସହିତ ଅକାଳେ ସକାଳେ ଭୁବନେଶ୍ୱରରେ ଉତ୍ସବ ଅନୁଷ୍ଠାନରେ ଦେଖା ହୁଏ । ତା ସମୟକୁ ବାଣ୍ଟି କିଛି ଦିନ ଗାଁରେ, କିଛି ଦିନ ପୁଅ ପାଖରେ ଭୁବନେଶ୍ୱରରେ ରହୁଛି । ଶୈଳ ଅପା ଆଜି ସେ ପୁରୁଣା ଶୈଳ ଅପା ହୋଇ ନାହିଁ । ଶରୀର କ୍ଷୀଣ ହୋଇ ଆସିଛି । ବୟସ ଥିବା ବେଳେ କରିଥିବା ଅତିରିକ୍ତ ପରିଶ୍ରମ ବୋଧେ ବର୍ତ୍ତମାନ ତା ଉପରେ ଦାଉ ସାଧୁଛି । ଠିକ୍‌ରେ ଚାଲି ପାରୁ ନାହିଁ । ବାଡି ଖଣ୍ଡିଏ ଧରି ଚାଲୁଛି । ମାତ୍ର ଏ ସବୁ ସତ୍ତ୍ୱେ ତା'ର ସେଇ ଆନ୍ତରୀକତା, ସ୍ନେହରେ ଟିକିଏ ବି ଊଣା ପଡିନି । ସେହି ଉତ୍ସବ ଅନୁଷ୍ଠାନ ଭିତରେ ଚନ୍ଦ୍ରକୁ ଦେଖିଲେ ଦେହମୁଣ୍ଡ ଆଉଁସି ପକାଏ । ଖାଇଲା କି ନାହିଁ ବୁଝେ । ତା ନିଜ ଅସୁସ୍ଥତା କଥା ଭୁଲିଯାଏ । ଭୁଲିଯାଏ ସେ ଆଉ ପିଲା ହୋଇ ନାହିଁ । ଷାଠିଏ ବର୍ଷର ବୁଢା ହେଲାଣି । ଭଲମନ୍ଦ ପଚାରିବାରେ ତା'ର ଆନ୍ତରୀକତା, ଯେପରିକି ପିଲା ଦିନେ ପଚାରୁଥିଲା ଚନ୍ଦ୍ରକୁ ଆନମନା କରିଦିଏ । ଆଖିରେ ଲୁହ ଆସିଯାଏ । ଚନ୍ଦ୍ର ପୁଣି କେତୋଟି କ୍ଷଣ ପାଇଁ ଫେରିଯାଏ ପିଲା ଦିନକୁ । ମନେହୁଏ ଶୈଳ ଅପା ଯୋଗୁଁ ବିନି ଅପାର ଅବର୍ତ୍ତମାନ ସେତେ ବାଧେ ନାହିଁ ।

Digitized by PPRACHIN, SOA

ବିନି ଅପା ଘରେ ଚନ୍ଦ୍ର ପାଇଁ ଗୋଟିଏ ବଡ ଆକର୍ଷଣ ଥିଲା, ତାଙ୍କ ଘରେ ଥିବା ଏକ ବ୍ୟକ୍ତିଗତ ପାଠାଗାର। ପିଲାଟି ଦିନୁ ପଢା ସରିବା ପରେ ଚନ୍ଦ୍ର ଯେତେବେଳେ ବିନି ଅପା ଘରକୁ ଯାଏ ସେତେବେଳେ ସେ ପାଠାଗାର ଭିତରେ ତା'ର ଅଧିକାଂଶ ସମୟ କଟେ। ଭାଇଭଉଣୀମାନଙ୍କର ଖେଳ କୌତୁକରେ ସେ ଭାଗ ନେଇ ପାରେ ନାହିଁ। ବିନି ଅପା ଘରକୁ ଯାତ୍ରା ହୁଏ ଶଗଡରେ। ସେଥିପାଇଁ ବୋଧେ ସେଗୁଡିକ ମନେ ରହି ଯାଇଛି। ତା ଶାଶୁ ଘରଟି ବସ୍ ଚାଲିବା ରାସ୍ତାଠାରୁ ଦୂରରେ। ରେଳ ଲାଇନ କରରେ। ମାତ୍ର ଷ୍ଟେସନ ତା ଶାଶୁଘର ଗାଁରୁ ବେଶ୍ କିଛି ଦୂର। ତେଣୁ ଶଗଡ ଏକମାତ୍ର ଭରସା। ବିନି ଅପା ଆଗେ ଶଗଡରେ ଯାଏ। ଶଗଡରେ ଛାଡିବାକୁ ଶଗଡିଆ, ବାରିକ ସହିତ କେହି ଜଣେ ଘରଲୋକ ଯିବା ବିଧି। ସେ ବିଧିଟି ପାଳନ ଚନ୍ଦ୍ର ଉପରେ ପଡେ। ଶଗଡରେ ପିଠା, ଖଜା, ଉଖୁଡା ଇତ୍ୟାଦି ନଦା ହୁଏ। ଗୁଡୁଘର ସୁନ୍ଦର କରି ବନ୍ଧା ହୁଏ। ବିନି ଅପା ଆଉ ସେ ତା ଭିତରେ ବସନ୍ତି। ଧକଡକଚଡ ହୋଇ ଶଗଡ ଚାଲେ। ମୁଖ୍ୟ ରାସ୍ତାରୁ ଡାହାଣକୁ ବାଙ୍କ ଏକ, ଆଖି ନ ପାଉଥିବା ପଥର ଚକଡା ଭିତର ଦେଇ ତା ଶାଶୁଘରେ ପହଞ୍ଚିବାକୁ ହୁଏ। ସେ ପଥର ଚକଡାରେ ବିଭିନ୍ନ ଦିଗକୁ ଭିନ୍ନ ଭିନ୍ନ ଗୁଳା ପଡିଥାଏ। ଟିକିଏ ଅସାବଧାନ ହେଲେ ବାଟ ହୁଡିବା ସ୍ୱାଭାବିକ। ଚନ୍ଦ୍ରକୁ ଭୋକ ହୁଏ। ସେଇ ଭାର ହାଣ୍ଡିରୁ କାଢି ବିନି ଅପା ପିଠା ଉଖୁଡା ଦିଏ ସେ ଖାଇ ପକାଏ।

ଅନେକ ପରେ ଜାଣିଲା ସେଇ ବିସ୍ତୀର୍ଣ୍ଣ ପଥର ଚକଡ଼ା ହେଉଛି ୧୮୧୭ ମସିହାର ଖୋର୍ଦ୍ଧା ପାଇକ ବିଦ୍ରୋହର ମୂକ ସାକ୍ଷୀ। ସେଇ ବିସ୍ତୀର୍ଣ୍ଣ ଚକଡ଼ାର ଛାତିରେ ସଂଘଟିତ ହୋଇଥିଲା ବ୍ରିଟିଶ ବିରୁଦ୍ଧରେ ଓଡ଼ିଆ ପାଇକର ଚରମ ଆଉ ଶେଷ ସଙ୍ଗଠିତ ଯୁଦ୍ଧ। ସେଇ ଚକଡ଼ା ହୋଇଥିଲା ଶହଶହ ବୀର ଓଡ଼ିଆ ରକ୍ତରେ ରଞ୍ଜିତ। ତାପଙ୍ଗ ଦଳବେହେରାଙ୍କ ନେତୃତ୍ୱରେ ସେଇଠି ଓଡ଼ିଆଏ ଠିଆ କରିଥିଲେ ରାତାରାତି ପଥରର କୃତ୍ରିମ ପାହାଡ଼ ବ୍ରିଟିଶ ଆକ୍ରମଣକୁ ପ୍ରତିହତ କରିବା ପାଇଁ; ଆଜି ବି ସେଇ ପାହାଡ଼ ଇତିହାସର ମୂକସାକ୍ଷୀ ହୋଇ ଠିଆ ହୋଇଛି। ସେମାନେ ଏ ବ୍ରିଟିଶ ଶାସନକୁ ପରାଜିତ କରି ପାରିବେ ନାହିଁ। ପରିଣାମ ମୃତ୍ୟୁ ବା କଳା ପାଣି। ତା ଜାଣି ମଧ୍ୟ ସେମାନେ ନିଆଁକୁ ଡେ଼ଇଁଲେ। କି ସାଂଘାତିକ ଅଂହକାର, କେତେ ଉଚ୍ଚ ସେ ସ୍ୱାଭିମାନ। ଆଜି ମଧ୍ୟ ସେ କଥା ଚିନ୍ତା କଲେ ସେ ବିସ୍ତୀର୍ଣ୍ଣ ପ୍ରାନ୍ତରର ଚିତ୍ର ତା' ଆଖି ଆଗରେ ବିସ୍ତାରିତ ହୋଇପଡ଼େ। ସେଇଟି ଆଉ ସାଧାରଣ ଲମ୍ବା ଚଉଡ଼ାର ଟାଙ୍ଗରା ପଥରର ଚକଡ଼ାଟିଏ ହୋଇ ରହେ ନାହିଁ। ବଦଳିଯାଏ ତା'ର ରୂପ। ପାଲଟି ଯାଏ ଗୋଟାଏ ଯୁଦ୍ଧ କ୍ଷେତ୍ରରେ। କୁଆଡେ

Digitized by PPRACHIN, SOA

ଗଲେ ସେତେବେଳର ସେଇ ଯୋଦ୍ଧାମାନେ । ଆଖିରେ ଲୁହ ଆସେ । ତା ସହିତ ଆଉ ଏକ ଲଜ୍ଜାର କାହାଣୀ ମଧ୍ୟ ସ୍ମୃତିର ପାହାଡ ତଳୁ ମୁଣ୍ଡ ଟେକେ । ସେଇଠୁ ଉଭା ହୋଇଥିଲେ ସ୍ୱାର୍ଥ ଲୋଭୀ ନୀଚ ଶିଖ ମନାଇଗୋଷ୍ଠୀ । କିଛି ଜମି/ଅର୍ଥ ଲୋଭରେ ସେମାନେ ବତାଇଦେଲେ ବ୍ରିଟିଶକୁ ଆମର ଗୋପନୀୟ ତଥ୍ୟ । ପରିଣାମରେ ପାଇକ ବିଦ୍ରୋହକୁ ଦମନ କରିବା ବ୍ରିଟିଶ ପାଇଁ ସହଜ ହୋଇଥିଲା । ଆଜି ଏତେ ବର୍ଷ ପରେ ସେହି ପଥର ଚକଡ଼ା ଦେଇ ଯିବା ବେଳେ ନିଜକୁ ଅତ୍ୟନ୍ତ କ୍ଷୁଦ୍ର ଆଉ ଅକିଂଚନ ମନେହୁଏ । ଗୋଟାଏ ଆତ୍ମାଭିମାନୀ ଜାତିର ଦାୟଦ ହେବା ପାଇଁ ତା'ର ଯୋଗ୍ୟତା ଅଛି କି ନାହିଁ ତାହା ଚିନ୍ତା କରି ସେ ବିମର୍ଷ ହୋଇ ପଡ଼େ । ଗାଡ଼ିରୁ ଓହ୍ଲାଇ ସେଇ ବୀରଭୂମି ଉପରେ ଖାଲି ପାଦରେ କେତେ ହାତ ଯାଇ, ସେଇ ରକ୍ତ ରଞ୍ଜିତ ଐତିହାସିକ ମାଟିରୁ ଟିକିଏ ଆଣି ମୁଣ୍ଡରେ ମାରେ ।

ସମୟ ଅତ୍ୟନ୍ତ ପରାକ୍ରମୀ । କାହାରି ପାଇଁ ତା'ର ପ୍ରତୀକ୍ଷା ନାହିଁ । ଘୋଘା ହୋଇ ଜୀବନୀ ଶକ୍ତିରେ କମ୍ପୁଥିବା ସେ ଘର ଭାଗଭାଗ ହେଲା । ଭାଙ୍ଗି ଆସିଲା । ଏତେ ବଡ ଆରବା ସମ୍ଭାଳିବା ସହଜ ହେଲା ନାହିଁ । କିନ୍ତୁ ତା ସ୍ମୃତିରେ ସେ ପାଠାଗାର ସେହିପରି ଜୀବନ୍ତ ଅଛି ଆଉ ଶେଷ ପର୍ଯ୍ୟନ୍ତ ରହିଥିବ । ଭାଇମାନେ ବୃତ୍ତି ସ୍ଥଳରେ ଆପଣାର ଘରମାନ ବସାଇଲେ । ବର୍ତ୍ତମାନ ଭଙ୍ଗା ପାଚେରୀ/କାନ୍ଥ ଗୁଡିକ କେବଳ ଅତୀତର ବିଶାଳତାକୁ ଯାହା ମନେ ପକାଇ ଦେଉଛି ।

Digitized by PPRACHIN, SOA

ସ୍କୁଲ ଜୀବନ

ଜୀବନର ପ୍ରଥମ ୧୦/୧୨ ବର୍ଷ କଟିଛି ଗାଁରେ, ଗାଁ ସ୍କୁଲରୁ ମାଇନର ପାଶ୍ କରିବା ପର୍ଯ୍ୟନ୍ତ । ଆଜି ମଧ୍ୟ ଅନେକ ଅନେକ ସ୍ମୃତି ଭିତରୁ ଗାଁ ମାଇନର ସ୍କୁଲର ଚାରି ବର୍ଷର ସ୍ମୃତି ଅତ୍ୟନ୍ତ ଜୀବନ୍ତ । ଆଜି ଯେଉଁ ମୂଲ୍ୟ ବୋଧ, ସଂସ୍କାର ଚନ୍ଦ୍ରର ଏକାନ୍ତ ଆପଣାର ଏବଂ ଯେଉଁଥିପାଇଁ ରହିଛି ତା'ର କିଛିଟା ଅହଂକାର, ସେ ସବୁର ମୂଳଦୁଆ ପଡିଥିଲା ଗାଁର ସେଇ ସ୍କୁଲ ଜୀବନରେ । ଅନେକ କିଛି ସେ ସେଠାରୁ ଶିଖିଥିଲା । ସେ ସବୁର ସୁଦୂରପ୍ରସାରୀ ଅର୍ଥ ନବୁଝି ମଧ୍ୟ ଆପଣାଇଥିଲା । ପରବର୍ତ୍ତୀ ଜୀବନରେ ସେଗୁଡିକୁ ଆପଣେଇଥିବାରୁ ଭଗବାନଙ୍କ ନିକଟରେ କୃତଜ୍ଞତା ଜଣାଇଛି ଆଉ ଅମୂଲ୍ୟ ସମ୍ପଦ ପରି ତାକୁ ସାଇତି ରଖିଛି ।

ଶିକ୍ଷକମାନଙ୍କ ସହିତ ମିଶି, ସେମାନଙ୍କଠାରୁ ଶିଖି ସାମୁହିକ କାମର ସଫଳତାରେ ଗର୍ବ ଅନୁଭବ କରିବା ଚନ୍ଦ୍ର ସେହିଠାରୁ ଶିଖିଛି । ପ୍ରତିଯୋଗୀତା କରିବା ସେ ସେହିଠାରେ ଶିଖିଛି । ପ୍ରତିଯୋଗୀତା ହେଲେ ହିଁ ଜଣେ ହାରିବ ଜଣେ ଜିତିବ । ଏଥିନେଇ କେବେ ବି ସେ ତିକ୍ତତା ପୋଷଣ କରି ନାହିଁ । ସଫା ସୁତରା ରହିବା, ଠିକ୍ ସମୟରେ ଠିକ୍ କାମ କରିବା, ସୁନ୍ଦର ଅକ୍ଷର ଲେଖିବା, ହସ୍ତାକ୍ଷର ନିୟମିତ ଲେଖି ଅଭ୍ୟାସ କରିବା ଏ ସବୁ କିଛି ସେ ଶିଖିଛି ସେହି ଚାରି ବର୍ଷରେ ମାଇନର ସ୍କୁଲରେ । ସୁନ୍ଦର ହସ୍ତାକ୍ଷରର ଯେ ଗୋଟାଏ ଚିରନ୍ତନ ମୂଲ୍ୟ ଓ ସ୍ୱୀକୃତି ରହିଛି, ତାହା ସେ ପରେ ବୁଝି ପାରିଲା । ମାତ୍ର ସେହି ଚାରି ବର୍ଷରେ ଶିକ୍ଷକ ଯଦି ବାଧ୍ୟ କରି ହସ୍ତାକ୍ଷର ଲେଖାଇ ନଥାନ୍ତେ ତେବେ ଚନ୍ଦ୍ରର ହସ୍ତାକ୍ଷର ଆଉ ପାଞ୍ଚ ଜଣଙ୍କ ପରି ଅପଠ୍ୟ ହୋଇ ଥାଆନ୍ତା । ତେଣୁ ହସ୍ତାକ୍ଷର ନେଇ ପରବର୍ତ୍ତୀ ସମୟରେ ଯାହା କିଛି ପ୍ରଶଂସା ପାଇଛି ସେଥିରୁ ଅର୍ଦ୍ଧାଧିକ ପ୍ରାପ୍ୟ ହେଉଛି ସେହି ଗ୍ରାମ୍ୟ ସ୍କୁଲର ଶିକ୍ଷକଙ୍କର ।

ସୁନ୍ଦର ବଗିଚାଟିଏ ସ୍କୁଲର ଥିଲା । କେଉଁ କାଳରୁ ବଗିଚାଟିର ରକ୍ଷଣାବେକ୍ଷଣ ଶିକ୍ଷକ ଓ ପିଲାଏ ବାଣ୍ଟି କୁଣ୍ଟି କରୁଥିଲେ । ଚନ୍ଦ୍ର ସମୟରେ ମଧ୍ୟ ସେଇଆ ହେଲା । ଶ୍ରେଣୀ ଅନୁସାରେ କେତୋଟି କିଆରୀ ଭାଗରେ ପଡିଲା । ବଗିଚା ଦାୟୀତ୍ୱରେ ରହିଲେ ବିଶି ସାର୍(ବିଶ୍ୱ ନାଥ ପଟ୍ଟନାୟକ) ତାଙ୍କରିଠାରୁ ଚନ୍ଦ୍ର ଶିଖିଲା ମାଟିକୁ କିପରି ଗଛ ଲଗାଇବା ପୂର୍ବରୁ ପ୍ରସ୍ତୁତ କରିବ । କେଉଁ ଚାରା କେଉଁ ମାଟିରେ ଭଲ ଉଧେଇବ । କେଉଁ ଚାରା କେତେ ଦୂରତା ରକ୍ଷା କରି ଲଗାଇବାକୁ

Digitized by PPRACHIN, SOA

ହେବ । ଚାରାଟିର ଲାଳନ ପାଳନ କିପରି କରିବାକୁ ହେବ । ନିୟମିତ ପାଣି ଦେଇ, ମୂଳଖୁସାଇ, ଘାସ ବାଛି ଚାରାଟିକୁ ବଢାଇବାକୁ ହୁଏ । ମନୁଷ୍ୟର ଯତ୍ନ, ଆଦର ବୁଝିଲା ପରି ଗଛଟି ଛନଛନ ହୋଇ ବଢି ଉଠେ । ଚନ୍ଦ୍ରର ମନେ ହୁଏ ସେ ଏହିଠାରୁ ହିଁ ଗଛକୁ ଭଲ ପାଇବା ଶିଖିଲା । ଆଉ ଉଦ୍ଭିଦ ଜୀବନ ଆଉ ମଣିଷ ଜୀବନ ଯେ ଗୋଟିଏ ଏକ ପ୍ରକାର ନିୟମରେ ନିୟନ୍ତ୍ରିତ । ଦୁଇଟିଙ୍କର ଜନ୍ମ, ଜୀବନ ଆଉ ମୃତ୍ୟୁରେ ଅନେକ ସାମଞ୍ଜସ୍ୟ ରହିଛି । ତାହା ପରବର୍ତ୍ତୀ ସମୟରେ ମଧ୍ୟ କ୍ରମେ ବୁଝି ପାରିଲା । ସେହିଠାରୁ ହିଁ ଗଛ ପ୍ରତି ତା'ର ଯେଉଁ ମୋହ ରହିଲା, ସେଥିରେ ବୋନସାଇ ଗଛଟିଏ ଦେଖିଲେ ଏବେବି ତାକୁ କଷ୍ଟ ହୁଏ । ଏହା ନିଷ୍ଠୁରତା ବୋଲି ତା'ର ମନେ ହୁଏ । କେହି ଗଛଟିଏ ହାଣି ପକାଇଲେ ଆଜି ମଧ୍ୟ ସେ କଷ୍ଟ ପାଏ । ଗଛର ଯତ୍ନ ନେବା ସ୍କୁଲ ଜୀବନରେ ଥିଲା ଗୋଟିଏ ବିଶେଷ କାମ । ସ୍କୁଲ ସମୟ ପରେ ଶ୍ରେଣୀ ଭାଗରେ ପଡିଥିବା କିଆରୀର କୁନି କୁନି ଗଛ ଗୁଡିକର ଯତ୍ନ ପାଳି ଅନୁସାରେ ନେବାକୁ ହେଉଥିଲା । ବରଂ ଛୁଟି ଘଣ୍ଟା ପରେ ଏ କାମରୁ ଚନ୍ଦ୍ର ବହୁତ କିଛି ଆନନ୍ଦ ପାଉଥିଲା, ଶିଖୁଥିଲା ।

ଶ୍ରେଣୀର ମନିଟର ଥାଇ ବଗିଚାର ଯତ୍ନ ନେବା ପାଇଁ ପାଳି, ସହାଧ୍ୟାୟୀଙ୍କ ମଧ୍ୟରେ ନିରପେକ୍ଷ ଭାବରେ ବାଣ୍ଟୁଥିଲା । ନିଜ ପାଇଁ ମଧ୍ୟ ସେ କାମର ସିଂହ ଭାଗ ରଖି ମନମୁନ ଲଗାଇ ସେତକ କାମ କରୁଥିଲା । ମଫସଲ ସ୍କୁଲ । ପାଣ୍ଠିର ସର୍ବଦା ଅଭାବ । ବେଳେବେଳେ ଶିକ୍ଷକ ଖାଲି ହାତରେ ଶ୍ରେଣୀକୁ ଆସନ୍ତି । ଚକ୍‌ଖଡି ସରି ଯାଇଥାଏ ଆଉ ପାଣ୍ଠି ଅଭାବରୁ କିଣା ଯାଇ ପାରି ନଥାଏ । ଏହି ସମୟରେ କାମ ଦେବ ବୋଲି ଅନ୍ୟ ସମୟରେ ଶିକ୍ଷକମାନେ ଫୋପାଡି ଦେଇଥିବା ଖଡି, ଛୋଟ ବଳକା ସରୁ ଖଡି, ଚନ୍ଦ୍ର ସଂଗ୍ରହ କରି ରଖିଥାଏ । ସ୍କୁଲର ଏହି ଛୋଟ ଛୋଟ ଅଭାବ ତାକୁ ବହୁତ ବାଧେ ।

ସରସ୍ୱତୀ ପୂଜା, ଗଣେଶ ପୂଜା ବହୁତ ଆନନ୍ଦ ଉତ୍ସାହର ସହିତ ପାଳିତ ହୁଏ । କ୍ଷୁଦ୍ର ପାଣ୍ଠି ଆଉ ଆପଣାର ପରିଶ୍ରମକୁ ଭିତ୍ତି କରି ଯେତେ ସମ୍ଭବ ଜାକଜମକରେ କରାଯାଇ ପାରନ୍ତା, ସେଇଆ ହୁଏ । ଶ୍ରେଣୀ ଅନୁସାରେ ଚାନ୍ଦା ପିଲାଙ୍କଠାରୁ ମନିଟର ଜରୀଆରେ ଆଦାୟ ହୁଏ । ମନେଅଛି, ସପ୍ତମ ଶ୍ରେଣୀ (ମାଇନରର ଶେଷ ବର୍ଷ) ପିଲାଙ୍କ ଉପରେ ଚାନ୍ଦା ଥିଲା ସେ ପଢିବା ସମୟରେ ମୁଣ୍ଡ ପିଛା ୧ ଟଙ୍କା । ଆଜି ଏ ସବୁ ମନେ ପଡିଲେ ହସ ଲାଗୁଛି, ତା ସହିତ ଦୁଃଖର ଖିଅଟିଏ ମଧ୍ୟ ଛାତି ଭିତରେ ଖେଞ୍ଚି ଦଉଛି । ସେହି ଟଙ୍କାଟିଏ ମଧ୍ୟ ଦେବା ପରି ଶକ୍ତି କେତେଜଣଙ୍କର ନଥାଏ । ଚନ୍ଦ୍ର ମନିଟର ହିସାବରେ ଦାୟୀତ୍ୱରେ ଥିବା ଶିକ୍ଷକଙ୍କୁ କହି ଚଳାଇ ନିଏ ।

Digitized by PPRACHIN, SOA

ଟଙ୍କାଟିଏ । ଆଜି ପିଲାଏ ଶୁଣିଲେ ହସିବା ସ୍ୱାଭାବିକ୍ ନୁହେଁ । ମାତ୍ର ଆଜକୁ ଅର୍ଦ୍ଧ ଶତାବ୍ଦୀ ତଳେ ଏକ ଟଙ୍କାର ମୂଲ୍ୟ କିଛି କମ୍ ନଥିଲା । ସେତେବେଳେ ଗୋଟିଏ ଶ୍ରମିକର ଦିନକର ହାଡ ଭଙ୍ଗା ପରିଶ୍ରମର ମୂଲ୍ୟ ଥିଲା ଏକ ଟଙ୍କା । ଧାନ ଗୋଟିଏ ଗୌଣୀ (୪ସେରରୁ ୫ ସେର)ର ଦାମ୍ ଥିଲା ଏକ ଟଙ୍କା । ଅନ୍ୟ ବାଟରେ କହିଲେ ବେଶ୍ ହୃଷ୍ଟପୁଷ୍ଟ ବରା ପିଆଜି ମିଳୁଥିଲା ଏକ ଟଙ୍କାରେ ୩୨ଟି । ସେ ସମୟରେ ଏକ ଟଙ୍କା ଯଥେଷ୍ଟ ଥିଲା । ଏକ ଟଙ୍କା କେବଳ ଏକ ଟଙ୍କା ନଥିଲା । ତାହା ଥିଲା – ୧୬ ଅଣା/୬୪ ପଇସା ।

ସମଗ୍ର ସ୍କୁଲରୁ ପାଖାପାଖି ୧୫୦ ଟଙ୍କା ଆଦାୟ ହୁଏ ଏବଂ ଏହି ପରିମାଣ ପୂଜା ପାଇଁ ଯଥେଷ୍ଟ ହୁଏ । ବଡ ଖର୍ଚ୍ଚ ହେଉଛି ମୂର୍ତ୍ତି । କଟକରୁ ଯାଇ ମୂର୍ତ୍ତି ଆଣିଲେ ବହୁତ ଖର୍ଚ୍ଚ । ଜଣେ ଶିକ୍ଷକ (ଭାଲୁ ସାର) ଜଣେ କଳାକାର । ମୂର୍ତ୍ତି ଗଢିବା ଆଉ ସାଜସଜ୍ଜାର ଦାୟୀତ୍ୱ ସେ ନିଅନ୍ତି । ମୂର୍ତ୍ତି ପାଇଁ ଚିକିଟା ପଙ୍କୁଆ ମାଟି ଦରକାର । କିଛି ପିଲାଙ୍କୁ ନେଇ ନଇ କୂଳକୁ ଯାଆନ୍ତି । ମାଟିକୁ ପରୀକ୍ଷା କରି ପିଲାମାନଙ୍କ ଦ୍ୱାରା ଖୋଳାଇ ଆଣନ୍ତି । ଗୋଟିଏ ଛୋଟ ପଟା (ମୂର୍ତ୍ତିର ଆକାରକୁ ନେଇ)ରେ ଗୋଟିଏ ଖୁଣ୍ଟ ବାଡାନ୍ତି । ଏ ଖୁଣ୍ଟଟି ମୂର୍ତ୍ତିକୁ ଦୃଢ କରି ରଖିବା ପାଇଁ । ସେ ଖୁଣ୍ଟରେ କିଛି ନଡା ବାନ୍ଧି ଦିଅନ୍ତି । ଉଦ୍ଦେଶ୍ୟ ମୂର୍ତ୍ତିଟି ଅଯଥା ଅତ୍ୟଧୀକ ଓଜନ ନହେଉ । ସେହି ନଡାକୁ କେନ୍ଦ୍ର କରି ତା ଉପରେ ସେ ପଙ୍କୁଆ ଚିକିଟା ମାଟି ଆବଶ୍ୟକ ଅନୁସାରେ ଦେଇ ମୂର୍ତ୍ତିର ଗୋଟାଏ ମୋଟାମୋଟି ଚେହେରା ଅଣାଯାଏ । ସେ ପଙ୍କ ଉପରେ ସରୁ କନା ମଡାଇ ଦିଆଯାଏ ଯେପରି ଖରା ବାଜି ସେ ମାଟି ଫାଟି କରି ଆଁ ନକରିବ । ତାପରେ ଆସେ ଫିନିସିଂ । ସେଇଠି ସବୁତକ ପରିଶ୍ରମ, ସମସ୍ତ ବିଦ୍ୟା ବୁଦ୍ଧି ଖଟାଇ ଶିକ୍ଷକ ମୂର୍ତ୍ତିଟି ସର୍ବାଙ୍ଗ ସୁନ୍ଦର କରନ୍ତି । କିରିଟ ପିନ୍ଧାନ୍ତି । ରଙ୍ଗ ଦିଅନ୍ତି । ମାତ୍ର ଆଖିଟି ଆଙ୍କି ନଥାନ୍ତି । ସବୁ କାମ ସରିବା ପରେ ପୂଜା ଦିନ ସକାଳୁ ବା ପୂର୍ବ ଦିନ ରାତିରେ ଆଖିଟି ରଙ୍ଗ ଦେଇ ଖଣ୍ଡେ କାଗଜ ମୂର୍ତ୍ତିର ମୁହଁରେ ବାନ୍ଧି ଦିଅନ୍ତି । ତାହାହିଁ କେଉଁଠି ବିଧି । ବ୍ରାହ୍ମଣ ଆସି ଜୀବନ୍ୟାସ ଦେଇ ପୂଜା ସମୟରେ ଆଖି ଉପରୁ କାଗଜ ହଟାନ୍ତି ।

ସନ୍ଧ୍ୟାବେଳକୁ ଭୋଜିଟିଏ ହୁଏ । ଯେଉଁ ଚାନ୍ଦା ପିଲାଙ୍କ ଠାରୁ ଉଠା ଯାଇଥାଏ ସେଥିରେ ଭୋଜିଟିଏ ହୁଏ । ସେଥିପାଇଁ ମଧ୍ୟ ଅଧିକାଂଶ କାମ ପିଲାମାନେ ହାତେ ହାତେ କରି ନିଅନ୍ତି । ଏହାଦ୍ୱାରା ଖୁବ୍ କମ୍ ଖର୍ଚ୍ଚରେ ଭୋଜିଟି ହୁଏ ଆଉ ପିଲାମାନଙ୍କର ଆତ୍ମ ସନ୍ତୋଷ ବଢିଯାଏ । ସେତେବେଳେ ଚନ୍ଦ୍ର ଆଉ ତା'ର ସାଥୀମାନେ ଯେପରି ଶାରୀରିକ ଶ୍ରମ ସ୍କୁଲ ପାଇଁ କରୁଥିଲେ ସେକଥା ଆଜିକାର

Digitized by PPRACHIN, SOA

ପିଲାଙ୍କ ଠାରୁ ଆଶା କରିବା ବୋକାମୀ । ସେତେବେଳେ ସାରଙ୍କଠାରୁ ମାଡ ଖାଇବା କେହି ଅପମାନ ବୋଲି ମନେ କରୁ ନଥିଲେ । ଶିକ୍ଷକମାନେ ମାଡ ଦେବେ ଏବଂ ସେ ମାଡ ଛାତ୍ରକୁ ବାଟରେ ପକାଇବା ପାଇଁ ଏକାନ୍ତ ଦରକାର, ସେ କଥା ଛାତ୍ରଟି ଯେପରି ବୁଝୁଥିଲା, ତା'ର ବାପା ମା ଅଭିଭାବକ ମଧ୍ୟ ସେହିପରି ବୁଝୁଥିଲେ ।

ହଁ ସ୍କୁଲର ଭୋଜି କଥା କହୁଥିଲା । ସେ ଭୋଜୀରେ ହୁଏବା କ'ଣ ଭାତ, ଡାଲି, ଖଟା, ପ୍ରକାରେ ଦି ପ୍ରକାରେ ସାଦା ତରକାରୀ । ଆଉ ସରସ୍ୱତୀ ପୂଜା ହୋଇଥିଲେ ବନ୍ଧାକୋବି ତରକାରୀ । ଏ ସମସ୍ତ ଆୟୋଜନ ସାରଙ୍କ ନିର୍ଦ୍ଦେଶ ଅନୁଯାୟୀ କରିବାକୁ ହୁଏ । ହଁ ଭାଗ୍ୟ ଉଚ୍ଚାଥିଲେ କ୍ଷିରୀଟିଏ ହୁଏ । ଗାଁରେ କ୍ଷୀର ମିଳେ ନାହିଁ । ଦେଶ ପଟୁ ମଇଁଷି କ୍ଷୀର ଆଣିବାକୁ ହୁଏ । ଆଗରୁ ଯାଇ ବହିନା ଦେଇ ଦେବାକୁ ହୁଏ । ପୂଜା ପୂର୍ବ ଦିନ ଯାଇ ପିତଳ ଗରାରେ କ୍ଷୀର ପୂରାଇ ୨/୪ଜଣ ଚାଲି ଚାଲି ଆସନ୍ତି । ସେମାନଙ୍କୁ ସାହାଯ୍ୟ କରିବାକୁ ଆଉ ୨/୪ ଜଣ ସାଥୀ ମଧ୍ୟ ସାଙ୍ଗରେ ଯାଇ ଥାଆନ୍ତି । ବାଟ ଚଲା କଷ୍ଟ ଜଣା ପଡେନି । ପୂଜା ଦିନ ବଡ଼ି ସକାଳୁ ସେଠାରୁ ବାହାରି ବେଳ ଗଡାଣିଆକୁ ପହଞ୍ଚି ଯାଆନ୍ତି ।

ଅନ୍ୟାନ୍ୟ ପରିବାପତ୍ରର ଆୟୋଜନ ମଧ୍ୟ ସେହିପରି । ୫/୬ କିଲୋମିଟର ଦୂରରେ ଥିବା ଗାଁ ଡମଣ ଭୂଇଁ । ପ୍ରଚୁର କଖାରୁ ସେଠାରେ ଚାଷୀ କରିଥାଏ । ୨୦/୩୦ ପିଲା ଆମେ ଏକା ସଙ୍ଗେ ଯାଉ ଆଉ ମୁଣ୍ଡରେ ଗୋଟିଏ ଲେଖା କଖାରୁ ଧରି ଗାଁକୁ ଫେରୁ । ବାଟଯାକ କଥାବାର୍ତ୍ତା ହୋଇ ଆସିବା ଭିତରେ କଷ୍ଟ ଜଣା ପଡେନାହିଁ । ସେହିପରି ଆଉ ଗୋଟିଏ ଗାଁ ରମ୍ଭା ବିଲ । ପ୍ରଚୁର ବାଇଗଣ ସେଠାରେ ହୁଏ । ଦଳ ବାନ୍ଧି ଯାଉ ବାଇଗଣ ନେଇ ଫେରିଆସୁ । ଆଉ ଯାହା କିଛି ପରିବା, ମସଲା, ତେଲ ଇତ୍ୟାଦି ଥାଏ, ପୂଜା ପୂର୍ବରୁ ପାଞ୍ଚ ଗାଁ ହାଟରୁ ଯାଇ କିଣି ଆଣୁ । ଏହି ସାମୁହିକ କାମ, ସେଥିପାଇଁ ଦୂର ଯାଗାକୁ ଯିବା ଆସିବା, ଏ ସବୁରୁ ଚନ୍ଦ୍ର ଅନ୍ତତଃ ଭୋଜି ଅପେକ୍ଷା ବେଶୀ ଆନନ୍ଦ ପାଇଛି । ସନ୍ଧ୍ୟା ଆସୁ ଆସୁ ଭୋଜି ଖିଆ ଯାଏ । ତାପରେ ଲଣ୍ଠଣଟିମାନ ଧରି ପ୍ରତ୍ୟାବର୍ତ୍ତନ । ଏଇ ଆନନ୍ଦ ଟିକକ ପାଇଁ ଆର ବର୍ଷକୁ ଅପେକ୍ଷା ।

ଗୋଟାଏ ବଡ ଶିକ୍ଷା ହେଉଛି, ସୁନ୍ଦର ହସ୍ତାକ୍ଷର ଅଭ୍ୟାସ । ଗାଳି ମାଡ ଖାଇ ହସ୍ତାକ୍ଷର ସେ ଅଭ୍ୟାସ କରିଛି ଆଉ ଏ ଗୁଡାକ ଅଯଥା ହଇରାଣ ବୋଲି ସାରଙ୍କୁ ମନେ ମନେ ଗାଳି ଦେଇଛି । ମାତ୍ର ଆଜି ସ୍ୱୀକାର କରିବାକୁ ଲଜ୍ଜା ନାହିଁ ଯେ ସେହି ବାଲୁତ ସମୟରେ ଅଭ୍ୟାସ କରିଥିବା ସୁନ୍ଦର ହସ୍ତାକ୍ଷର ଜୀବନଯାକ ତାକୁ ସାହାଯ୍ୟ କରିଆସିଛି । ଉତ୍ତର ଖାତାଟି ପରିଷ୍କାର ସୁନ୍ଦର ଅକ୍ଷରରେ ଲେଖା ହୋଇଥିଲେ ପରୀକ୍ଷକ ନିଶ୍ଚୟ ଖୁସୀ ହୁଏ ।

Digitized by PPRACHIN, SOA

ପାଠ ପଢ଼ା ସହିତ ଏ ସବୁ ଶିକ୍ଷା ଧୀରେ ଧୀରେ ଚାଲେ। କ୍ରମେ ଏ ସବୁ ଆପଣେଇ ଚାଲିଚଳଣ ସହ ମିଶି ଯାଇ ଅଭିନ୍ନ ହୋଇଯାଏ। ସେ ସ୍କୁଲରୁ ପାଠ ପଢ଼ା ସରିଯାଏ। ଶିଖିଥିବା ପାଠ ତଥା କାମ ଓ ଅଭ୍ୟାସକୁ ଚନ୍ଦ୍ର ନିଜ ଭିତରେ ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ସାଇତି ରଖେ। ଆଉ ସେତେବେଳର ଅନେକ ଅଭ୍ୟାସ ଆଜି ଏତେ ବର୍ଷ ପରେ ମଧ ସେ ନିଜ ଭିତରେ ବୋହି ଚାଲିଛି, ମାନି ଚାଲିଛି।

ଗଛ, ବୃଛକୁ ଭଲ ପାଇବା ଚନ୍ଦ୍ର ଶିଖି ଥିଲା ଏହିଠାରୁ। ମାଟି ତଳୁ ପିଆଜଟି ଗଜା ବାହାରିଲେ ଦେଖିବାକୁ ଖୁସୀ ଲାଗେ। ପନିପରିବା ଗଛ ସବୁ ଧୀରେ ଧୀରେ ପତ୍ର ମେଲାଇ ବଢ଼ନ୍ତି। ଚନ୍ଦ୍ର ସେମାନଙ୍କୁ ଆନ୍ତରୀକ ଭଲ ପାଏ। ସେମାନଙ୍କ ଯତ୍ନ ନିଏ। ଘାସ ବାଛେ, ପାଣି ଦିଏ, ମୂଳ ଖୁରସାଏ। ସେଥିପାଇଁ ଗଛଟି ଟିକେ ସତେଜ ହୋଇ ପଡ଼େ। ଚନ୍ଦ୍ରର ମନେହୁଏ ଏମାନେ ସତେ ଯେପରି ତା'ର ସେବାକୁ ଆନ୍ତରୀକତାର ସହ ଅନାଇ ବସୁଛନ୍ତି।

ଗଛରେ କୁନି କୁନି ଫୁଲ ଫୁଟେ। ରଙ୍ଗବେରଙ୍ଗର ଫୁଲରେ ଗଛ ଭରିଯାଏ। ସେ ଫୁଲ ପୁଣି ଦିନେ ମଳିନ ପଡି ଝଡିପଡେ। ତା ଯାଗାନିଏ କସି କସି ଫଳ। ଗଛ ବୃକ୍ଷର ଏଇ ଆଗକୁ ବଢ଼ିବା ଭାବ, ତା ନିୟମର ଗଣ୍ଡ ଭିତରେ ରହି ଆଗକୁ ପାଦ ବଢ଼ାଇବା ଭାବ ଚନ୍ଦ୍ରକୁ ଆତ୍ମହରା କରେ। କେବେ ଗଛଟି ଭଗବାନଙ୍କ ପ୍ରଦତ୍ତ ମାର୍ଗରୁ ବାହରକୁ ଯାଇ ଧର୍ମଘଟ କରି ନାହିଁ। ଯେ କୌଣସି ଗଛଟିଏ ହେଉ, ଫୁଲ ବା ଫଳରେ ନଦି ହୋଇଥିଲେ ଚନ୍ଦ୍ରକୁ ଦେଖିବାକୁ ଭାରି ଭଲ ଲାଗେ। ଗଛଟିଏକୁ କିଏ ହାଣି ଦେଲେ, ତା ପତ୍ରକୁ ବିନା କାରଣରେ ଛିଣ୍ଡାଇ ପକାଇଲେ ସେ କଷ୍ଟ ପାଏ। ବୋନସାଇ ଗଛଟିଏ ଦେଖିଲେ ତା ଭିତରେ ମନୁଷ୍ୟର ନିଷ୍ଠୁରତା ଦେଖେ। ସେ ସହିପାରେ ନାହିଁ। ଗଛ ପତ୍ରର ଭାବଅନୁଭବ, ଦୁଃଖକଷ୍ଟ ତା ନିଜ ଭିତରକୁ ସଞ୍ଚରିଯାଏ। ସେମାନଙ୍କ ସୁଖରେ ସେ ଉତ୍ଫୁଲିତ ହୁଏ ଆଉ ଦୁଃଖରେ କଷ୍ଟପାଏ। ଗଛମାନେ ବୁଝନ୍ତି ସ୍ନେହ ଆଉ ଉପେକ୍ଷାର ଭାଷା। ଆଜି ଏତେ ବର୍ଷ ପରେ ପଛକୁ ଅନାଇଲେ ତା'ର ମନେ ହୁଏ, ସେ ଯେଉଁ ୪ଟି ବର୍ଷ ଗାଁର ମଧ ଇଂରାଜୀ ବିଦ୍ୟାଳୟରେ କଟାଇଥିଲା, ଅନେକ ଦୃଷ୍ଟିରୁ ତା'ର ପଟାନ୍ତର ନାହିଁ। ସେ ଅନୁଭବ ଅତୁଳନୀୟ। ସେ ସବୁର ସ୍ମୃତି ଆଜି ତା ପାଇଁ ଅମୂଲ୍ୟ।

<u>**ଜେଜେଙ୍କ ଠାରୁ ଚୋରୀ-**</u> ସେହି ସମୟର ଗୋଟିଏ ଘଟଣା ହେଉଛି ଜେଜେଙ୍କଠାରୁ ପଇସା ଚୋରି। ଆଜି ଏତେ ବର୍ଷ ପରେ ଘଟଣାଟିକୁ ମନେ ପକେଇଲେ ନିଜ ଭିତରେ ନିଜେ ଚନ୍ଦ୍ର ହସି ପକାଏ। ଜେଜେ ସେତେବେଳେ

Digitized by PPRACHIN, SOA

ଆମ ଗ୍ରାମର ପ୍ରଥମ ପାଠୁଆ । ବ୍ରିଟିଶ ଶାସନ କଳରେ ପ୍ରଥମ ଚାକିରିଆ । ମାସକୁ ମାସ ଠିକ୍ ସମୟରେ ଦରମା ପାଆନ୍ତି । କ୍ରମେ ଦୀର୍ଘ ଚାକିରି କାଳ ସରିଲା । ଅବସର ନେଇ ଜେଜେ ଆସି ଘରେ ରହିଲେ । ସରକାରୀ ବ୍ୟବସ୍ଥା ଅନୁଯାୟୀ ପ୍ରତିମାସରେ ତାଙ୍କୁ ପେନସନ ମିଳିଲା । ଏଇ ପେନସନ ଗଣ୍ଡାକ ପାଇଁ ଜେଜେ ପ୍ରତି ମାସରେ ଖୋର୍ଦ୍ଧା ଟ୍ରେଜେରୀକୁ ଯାଆନ୍ତି । ହେତୁ ପାଇବାଠାରୁ ଚନ୍ଦ୍ର ହୋଇଗଲା ଜେଜେଙ୍କର ପେନସନ ପାଳିର ସାଥୀ । ସାଙ୍ଗରେ ଖୋର୍ଦ୍ଧା ଯାଏ । ସାଙ୍ଗରେ ଫେରି ଆସେ । ଫେରିଲା ବେଳକୁ ଜେଜେ ମାସକଯାକ ଚଳଣି ପାଇଁ ଦୋକାନ ସଉଦା ଆଣନ୍ତି । ଜରଦା ଶିଶି ଦୁଇଟି ଆଣନ୍ତି । ଆକବର ଖାଁ ଗୁଡାଖୁ ବରପତ୍ରରେ ଗୁଡା ହୋଇଥାଏ । ସେଥିରୁ ୨/୩ଟି ପୁଡିଆ ଆଣନ୍ତି । ଏ ସବୁ ଖର୍ଚ୍ଚ ବାଦ ତାଙ୍କ ପାଖରେ କିଛି ପଇସା ବଳିଥାଏ । ତାଙ୍କର କୌଣସି ବଦଭ୍ୟାସ ନଥିଲା । ପୁନିଅପର୍ବରେ ଆମମାନଙ୍କୁ ଗୋଛେଟେ ନାତି ନାତୁଣୀଙ୍କୁ କିଛି କିଛି ହାତ ଖର୍ଚ୍ଚ ଦିଅନ୍ତି । ଆଉ ଅଳ୍ପ କିଛି ମୁଦ୍ରା ଗୋଟିଏ ରୁମାଲଟିଏରେ ବରଂ ଚାରିକଣିଆ କନା ଖଣ୍ଡେ କହିଲେ ବେଶି ଯୁକ୍ତିଯୁକ୍ତ ହେବ, ଗଣ୍ଠି ପକାଇ ତକିଆ ତଳେ ରଖି ଥାଆନ୍ତି । ଏ ରୁମାଲଟି ତାଙ୍କର ବହୁମୁଖୀ କାର୍ଯ୍ୟ ତୁଲାଏ । ପାଟି ସନ୍ଧିରୁ ପାନ ପିକ ଟିକେ ଗଡି ଆସିଲେ ସେଇ ରୁମାଲରେ ପୋଛି ପକାନ୍ତି । ନଚେତ୍ ଅଧିକାଂଶ ସମୟ ରୁମାଲଟି ଆପଣା ଦେହରେ ଅନେକ ଚିତ୍ର ବିଚିତ୍ର ସହ କିଛି ପଇସାକୁ ଜାବୁଡି ଧରି ସେଇ ତକିଆ ତଳେ ନିଦ୍ରା ଯାଇଥାଏ ।

ଚନ୍ଦ୍ରର ଲକ୍ଷ୍ୟ ସେଇ ରୁମାଲ ଉପରେ । ତକିଆ ଗୁମ୍ଫା ତଳେ ନିଦ୍ରା ଯାଇଥିବା ସେଇ ଟ୍ରେଜେରୀ ଉପରେ । ଚନ୍ଦ୍ରର ଅର୍ଥ ଆବଶ୍ୟକ ହୁଏ ବୁଧିଆବୋଉଠାରୁ ବରା କିଣିବା ପାଇଁ ବା ବାଙ୍କିଆ ଜେଜେଙ୍କଠାରୁ ରାଗଲୁଣି ନାଲି କୁଡୁବୁଲୁ ବୁଟପିଆଜି କିଣିବାକୁ । ଘରୁ ପାଉଥିବା ପଇସା ସେଥିପାଇଁ ଅକଳନ ହୁଏ । ସେତିକିବେଳେ ତାକୁ ବିକଳ୍ପ ବ୍ୟବସ୍ଥା କରିବାକୁ ହୁଏ । ବାପା ସାଧାରଣତଃ ଅଣ୍ଟାରେ ରେଜା ପଇସା ଖୋସି ଥାଆନ୍ତି । ଭଗବାନଙ୍କ ଆଶୀର୍ବାଦ ଥିଲେ ଅଣ୍ଟା ଖୋସଣିଟି ଖସିଯାଇ କିଛି ପଇସା ଖଟ ଉପରେ ପଡିଯାଇ ଥାଏ । ଆଃ କି ଖୁସୀ । ଚନ୍ଦ୍ର ସେ ବାଟରେ କିଛି ହାତ ସଫେଇ କରେ । ଚାରଣିଟିଏ ହୋଇଗଲେ ସେ ଖୁସୀ । ଆଉ ଅଧିକପାଇଁ ଲୋଭ କରି ନଥାଏ । ସବୁଦିନ ଯେ ଆବଶ୍ୟକତା ଆସେ ତା ନୁହେଁ । ସେ ପାଉଥିବା ହାତ ଖର୍ଚ୍ଚ ସହ ଯଦି ମାସକୁ ୧ ଟଙ୍କା ୫ ସୁଉକା ମିଶିଯାଏ ତେବେ ସେ ମାସରେ ସେ ନବାବ ।

କେଜାଣି କାହିଁକି ବାପା ସେ ମାସରେ ଭୁବନେଶ୍ୱର ଯାଇଥାଆନ୍ତି, ତେଣୁ ତାଙ୍କଠାରୁ ପାଇବାର ପ୍ରଶ୍ନ ନାହିଁ । ବର୍ତ୍ତମାନ କେବଳ ଜେଜେ ଭରସା । ତକିଆ

Digitized by PPRACHIN, SOA

ତଳେ ହାତ ଭର୍ତ୍ତି କରି ରୁମାଲ ଆଣି ଖୋଲି ଦେଖିଲା ୪/୫ଟି ରୂପା ଟଙ୍କା ବ୍ୟତୀତ ଆଉ କିଛି ନାହିଁ। ଆପଣାର ସୀମା ଭିତରେ ଚନ୍ଦ୍ର ସବୁବେଳେ ରହିବାକୁ ଭଲପାଏ। ସେ ଦୃଷ୍ଟିରୁ ଦେଖିଲେ ରୂପା ଟଙ୍କାଟିଏ ତା'ର ସୀମା ବାହାରର କାମ, ମାତ୍ର ବିକଳ୍ପ କ'ଣ? ତା'ର ମନ ସଙ୍ଗେସଙ୍ଗେ କହିଲା ଯେ ଏ ଦୋଷ ତା'ର ନୁହେଁ। ସେତ ସୁଉକିଟିଏ ଚାହୁଁଛି, ମାତ୍ର ଉପାୟ ନଥିବାରୁ ବାଧ୍ୟବାଧକତାରେ ଟଙ୍କିକିଆଟେ ନେଇଛି। ଭିତରେ ଅନେକ ଯୁକ୍ତିତର୍କ ପରେ ଚନ୍ଦ୍ର ଟଙ୍କାଟିକୁ ପକେଟସ୍ଥ କରି ବାହାରି ଆସିଲା। ବର୍ତ୍ତମାନ ଟଙ୍କାଟି ଖର୍ଚ୍ଚ ହେବା ଦରକାର, ହଜମ ହେବା ଦରକାର। ପ୍ରାଚୁର୍ଯ୍ୟ ଯଦି ସାଇପଡିଶା, ବନ୍ଧୁବାନ୍ଧବ ନଦେଖିଲେ ତାଙ୍କ ଭିତରେ ଯଦି ବାଣ୍ଟି ନହେଲା, ସେଇଟା ଆଉ କି ପ୍ରାଚୁର୍ଯ୍ୟ।

୧ ଟଙ୍କା, ଯେଉଁଟିକି ୩୨ଟି ଲୋଭନୀୟ ପିଆଜି କିଣିବାକୁ ଯଥେଷ୍ଟ। ମାତ୍ର ୩୨ଟି ପିଆଜି ଖାଇବ କିଏ। ଘରକୁ ନେବାର ତ ପ୍ରଶ୍ନ ଉଠୁନି। ସାଙ୍ଗସାଥୀ ତଥା ସେମାନଙ୍କ ସାଙ୍ଗସାଥୀଙ୍କୁ ପିଆଜି ବଣ୍ଟାଗଲା। ୧ ଟଙ୍କା ସରିଗଲା, ସେମାନେ ମଧ୍ୟ ସୁସ୍ୱାଦ ପିଆଜି ଖାଇ ଖୁସୀ। ମାତ୍ର ସମସ୍ୟା ଆରମ୍ଭ ହେଲା ସେଇଠୁ। ଏହି ଉଦାର କ୍ରୟ ପ୍ରକ୍ରିୟା କିଛି ଗରାଖଙ୍କର ଦୃଷ୍ଟି ଆକର୍ଷଣ କଲା। ତାପର ଅବସ୍ଥା ଅନୁମାନ କରାଯାଇପାରେ। ପାଟିରୁ ପାଟି ହୋଇ ଜେଜେଙ୍କ ପର୍ଯ୍ୟନ୍ତ କଥାଗଲା। ଆଉ ତା'ର ଦଣ୍ଡ ସ୍ୱରୂପ ଜେଜେଙ୍କ ସାମନାରେ ତାକୁ ସତକଥା ସ୍ୱୀକାର କରିବାକୁ ହେଲା।

ଅନ୍ୟାନ୍ୟ ବହୁ ସତ ମିଛ ଘଟଣା ପରି ସେ ଏହାକୁ ଭୁଲି ଯାଇ ଥାଆନ୍ତା। ମାତ୍ର ତା'ର ଦୋଷ ସ୍ୱୀକାର କରିବା ସମୟରେ ଜେଜେଙ୍କ ଗୋରା ତକତକ ମୁହଁରେ ତା'ର ପ୍ରତିକ୍ରିୟା ତାକୁ ଅତ୍ୟନ୍ତ ମ୍ରିୟମାଣ କରି ପକାଇଲା। କହିବା ବାହୁଲ୍ୟ ଜେଜେଙ୍କ ଆଖି ଛଳଛଳ ମୁହଁଟିକୁ ସେ ନିଜ ମନରୁ ଆଡେଇ ପାରିଲା ନାହିଁ। ଏଇଟା ସାମାନ୍ୟ କଥାଟାଏ ବୋଲି ଭୁଲି ପାରିଲା ନାହିଁ। ଆଉ ପିଆଜି ଖାଇବ ନାହିଁ, ଏପରି ଗୋଟାଏ ହିମାଳୟ ପରି ଉଚ୍ଚ ପ୍ରତିଜ୍ଞା ମଧ୍ୟ କରି ପାରିଲା ନାହିଁ। ତା'ର ଭୟ ହେଲା ଏପରି ଏକ ପ୍ରତିଜ୍ଞା ସେ କଦାପି ରକ୍ଷା କରି ପାରିବ ନାହିଁ।

ଏହି ଦୋଦୁଲ୍ୟମାନ ଅବସ୍ଥାରେ ଥିବା ବେଳେ ଜେଜେ ହିଁ କଥାଟିର ସମାଧାନ କରିଦେଲେ। ପ୍ରତିଦିନ ଦୁଇଟି ପିଆଜି ତାକୁ ଦେବା ପାଇଁ ବାଙ୍କିଆ ଜେଜେଙ୍କୁ ନିର୍ଦ୍ଦେଶ ହେଲା। କି ଖରା, କି ବର୍ଷା, କି ଶୀତ ଦୁଇଟି ପିଆଜି ତା'ର ପ୍ରାପ୍ୟ। ପଇସା ମାସ ଶେଷରେ ଜେଜେ ଦେବେ। ଚନ୍ଦ୍ରର ଛାତି ଏ ବିଳାସ-ବ୍ୟବସ୍ଥାରେ କୁଣ୍ଢେମୋଟ ହୋଇଗଲା। ଏ ସମାଧାନ ପଛରେ ଗୋଟିଏ କଣ୍ଟା ରହି

Digitized by PPRACHIN, SOA

ତା ଛାତିକୁ ଫୋଡି ପକାଉଥାଏ । ଚୋରି କଲା ଆଉ ଜେଜେ କାନ୍ଦକାନ୍ଦ ହୋଇଗଲେ । ତାକୁ ଚାପୁଡେ ଦି ଚାପୁଡେ ଦେବେ କ'ଣ ତା ପାଇଁ ଦୈନିକ ପିଆଜିର ବନ୍ଦୋବସ୍ତ କରିଦେଲେ । ସେହି ଦିନଠାରୁ ଜାଣତରେ ହେଉ ବା ଅଜାଣତରେ ହେଉ ବାପା, ଜେଜେ କାହାରିଠାରୁ ଚୋରି କରି ନାହିଁ ।

ଏଠାରେ ଆଉ ଗୋଟିଏ ସ୍ୱୀକାରକ୍ତି ଦେବାକୁ ଚନ୍ଦ୍ରର ଲଜ୍ଜା ନାହିଁ । ତାହା ହେଉଛି ରେଭେନସା ଓ ବି.ଜେ.ବି. ରେ ପଢିବା ପାଇଁ କଟକ, ଭୁବନେଶ୍ୱରରେ ରହିବା ସମୟରେ ଅର୍ଥାଭାବ ପ୍ରାୟ ଲାଗି ରହିଲା । ବହି, ପତ୍ରିକା ପଢିବା ତାର ଏକ ନିଶା । ଯାହା ଆଜି ପର୍ଯ୍ୟନ୍ତ ରହିଛି । କଟକର ଠ୍ୱେଷ୍ଟ ହଷ୍ଟେଲରେ ପ୍ରି-ଇନଭରସିଟି ପିଲାଙ୍କୁ କେହି ଏ ସୁବିଧା ଦେବା ଉଚିତ୍ ମନେ କରନ୍ତିନାହିଁ । କନିକା ପାଠାଗାରର ବିଶାଳତା ତଥା ଉଚ୍ଚ ଶ୍ରେଣୀ ଓ ଅର୍ନସ ଶ୍ରେଣୀର ଛାତଛାତ୍ରୀମାନଙ୍କ କୋଳାହଳ କାଟି ନିଜ ପାଇଁ କ୍ଷେତ୍ରଟିଏ ପ୍ରସ୍ତୁତ କରିବା ପାଇଁ, ମଫସଲରୁ ଯାଇଥିବା ଏ ପିଲାଟିର ସାହସ ହେଲାନାହିଁ । ପ୍ରକୃତରେ ବି.ଜେ.ବି ଆସିଲା ପରେ ତା'ର ସେ ଅଭାବ ମେଣ୍ଟିଲା । ରାମକ୍ରିଷ୍ଣ ପାଠାଗାରର ଜଣେ ନିୟମିତ ପାଠକ ହୋଇ ଅନେକ ଅନେକ ବହି ପଢି ପାରିଲା । ମାତ୍ର ସେଥିପାଇଁ ତା'ର ଖେଳର ଅଭ୍ୟାସ ଛାଡିବାକୁ ପଡିଲା ।

ଆଉ ଜଣଙ୍କ ପାଖରେ ସେ ଋଣୀ । ସେ ହେଉଛନ୍ତି ଭୁବନେଶ୍ୱର ବସଷ୍ଟାଣ୍ଡର ଅକ୍ଷୟ ନାୟକ । ତାଙ୍କରି ମାଗାଜିନ ଷ୍ଟଲ ସାମନାରେ ଛିଡା ହୋଇ ଘଣ୍ଟା ଘଣ୍ଟା ଧରି ପତ୍ରିକା ପଢିବା ପାଇଁ ଦେଇଛନ୍ତି । ତାଙ୍କଠାରୁ ମାସକୁ ୨/୩ ଖଣ୍ଡ ପତ୍ରିକା କିଣେ ମାତ୍ର ଠିଆ ହେଇ ପଢେ ଦଶ ବାର ଖଣ୍ଡ । ପ୍ରଥମ ଅବସ୍ଥାରେ ଚନ୍ଦ୍ର ମନେ କରୁଥିଲା, ସେ କିଛି ଜାଣି ପାରୁ ନାହାନ୍ତି । ପତ୍ରିକାଟି ଦେଖିବା ବାହାନାରେ ସେ ପଢି ପକାଏ । ମାତ୍ର ସେ ଯେ ଜାଣି ଶୁଣି ତାକୁ ସୁବିଧା ଦେଉଛନ୍ତି, ତାହା ଜାଣିଲା ପରେ ସେ ତାଙ୍କ ପ୍ରତି ଅତ୍ୟନ୍ତ କୃତଜ୍ଞ ହୋଇ ପଡିଲା । ଆଜି ମଧ୍ୟ ତାଙ୍କର ସେହି ପତ୍ରିକା ଦୋକାନ ଅଛି । ମାତ୍ର ଚନ୍ଦ୍ର ଆଉ ଠିଆ ହୋଇ ପଢିବାର ସମୟ ପାଇ ନାହିଁ । ପ୍ରାୟ ସମସ୍ତ ପତ୍ରିକା କିଣିପାରିବାର ସ୍ୱଚ୍ଛଳତା ଭିତରେ ମଧ୍ୟ ତାଙ୍କ କଥା ସେ ଭୁଲି ପାରି ନାହିଁ ।

ସବୁ ଖେଳ କୌତୁକ, ମାଛ ଧରା ପାହାଡ ଚଢା, ପୁନିଅପରବ, ଯାନିଯାତରାର ଲମ୍ବା ଛୁଟିର ମଉଜ ଦିନେ ସରିଗଲା ପରି ଲାଗିଲା । ଯେଉଁଦିନ ଗାଁଠାରୁ ତିନି କିଲୋମିଟର ଦୂର ହାଇସ୍କୁଲରେ ନାମ ଲେଖା ହେଲା । ସମ୍ପୂର୍ଣ୍ଣ ନୂତନ ପରିବେଶ । ସକାଳୁ ଖାଇ ଦେଇ ବାହାରିଗଲେ ଦିନ ସାରା ନିଜ ଅଧିପତି ନିଜେ । କେହି କହିବାକୁ ନାହିଁ, କେହି ଦେଖିବାକୁ ନାହିଁ । ଏ ପରିସ୍ଥିତି ପ୍ରଥମେ ଚନ୍ଦ୍ରକୁ ଅଡୁଆ

Digitized by PPRACHIN, SOA

ଲାଗିଲା । ଗୋଟାଏ ରୁଟିନରେ ଗାଁରେ ତା'ର ଯେଉଁ ଜୀବନ କଟୁଥିଲା, ସେପରି ଗୋଟାଏ ଚଳିବା ଭଳି ରୁଟିନ ନିଜ ଭିତରେ ନିଜେ ତିଆରି କରିବା ପର୍ଯ୍ୟନ୍ତ ସେ ଅତ୍ୟନ୍ତ ଅସ୍ଥିର ବୋଧ କଲା ।

ଗାଁରେ ପଢୁଥିବା ସମୟରେ ସେ ଯଦିଓ ସମସ୍ତଙ୍କ ସଙ୍ଗେ ମିଶୁଥିଲା, ମନଖୋଲି ଖେଳୁଥିଲା ବିଭିନ୍ନ ସାମୁହିକ ଉଦ୍ୟମ ତଥା ବଦମାସୀରେ ଭାଗୀଦାର ଥିଲା, ତଥାପି ମଧ୍ୟ ନିରୋଳା କ୍ଷଣରେ ନିଜକୁ ପଚାରି ସେ ଦେଖିଛି, ତା'ର ପ୍ରକୃତ ସାଙ୍ଗ କେହି ନଥିଲେ । କାହାରି ସହିତ ତା'ର ଆନ୍ତରୀକତା ସେପରି ମନେ ରଖିବା ପରି ନଥିଲା । ସବୁ କିଛି ଥିଲା ତତ୍‌କାଳିକ, କାମଚଳା । ସେ ଜାଣିଥିଲା ଗାଁ ଛାଡିବା ସହିତ ବର୍ତ୍ତମାନର ଏ ସମ୍ପର୍କ ତୁଟିଯିବ । ଭବିଷ୍ୟତରେ ଏ ସମ୍ଭାବନା ନେଇ ସେ କେବେବି ଦୁଃଖ ପାଇ ନାହିଁ । କାହିଁକି କେଜାଣି, ତା'ର ସର୍ବଦା ଦୃଢ଼ ଧାରଣା ଥିଲା ଯେ ସେ ଏମାନଙ୍କ ଭିତରେ ନାହିଁ ।

ତେଣୁ ଗ୍ରାମ ଛାଡ଼ି ହାଇସ୍କୁଲ ଆସିବା ବେଳେ ତାକୁ ସବୁ କିଛି ନୂତନ କରି ଆରମ୍ଭ କରିବାକୁ ହେବ ବୋଲି ସେ ଜାଣି ପାରିଲା । ମାତ୍ର ସେଇ ଗ୍ରାମ୍ୟ ଜୀବନର କୁଣ୍ଠିତ ଭାବ ତାକୁ ଅଧିକାର କରି ବସିଲା । ସେ ସମସ୍ତଙ୍କ ସହ ମିଶିଲା, ଖେଳିଲା, ଫୁଟବଲ ଟିମର କ୍ୟାପଟେନ ହେଲା, ଶ୍ରେଣୀର ମନିଟର ହେଲା, ଡ୍ରାମାରେ ଭାଗ ନେଲା, ମେସ୍ ସେକ୍ରେଟାରୀ ହୋଇ ମେସ୍ ଚଳାଇଲା, ଆଉ ପୂର୍ବାପେକ୍ଷା କମ୍ ପଇସାରେ ଭଲ ଖାଇବାକୁ ଦେଇ ପିଲାଙ୍କର ପ୍ରଶଂସାଭାଜନ ହେଲା । ଡ଼ିବେଟ୍‌ରେ ପୁରସ୍କାର ପାଇଲା । ମାତ୍ର ନିଜ ଚାରିପଟକୁ ଅନାଇ ସେ ଜଣେ କାହାକୁ ଦେଖି ପାରିଲା ନାହିଁ, ଯାହା କାନ୍ଧରେ ହାତ ରଖି ଅନେକ ଦୂର ଚାଲି ହେବ, ବାଣ୍ଟିବାର ଆନନ୍ଦ ଓ ସୁଖ ପାଇ ହେବ । ସେହି ନିକାଞ୍ଚନତା ତାକୁ ଘେରି ପକାଇଲା । ସମସ୍ତ ଗହଳି, ସମସ୍ତ କୋଳାହଳ ସତ୍ତ୍ୱେ ସେ ଏକୁଟିଆ ହୋଇ ଚାରି ବର୍ଷ କଟାଇ ଦେଲା ।

ଏପରି ମନୋଭାବର କାରଣ ଜାଣିବା ପାଇଁ ନିଜ ଭିତରେ ବହୁତ ଖୋଳତାଡ଼ କରିଛି, ମାତ୍ର ଆଜି ପର୍ଯ୍ୟନ୍ତ ଏହାର ସଠିକ୍ କାରଣ ଜାଣି ପାରିନାହିଁ । ତା'ର କ୍ରମେ ମନେ ହୋଇଛି ଯେ ପୂର୍ବ ଜନ୍ମରେ ଏମାନଙ୍କ ସହିତ ତା'ର କୌଣସି ସମ୍ପର୍କ ନଥିଲା । ସେ ଏକ ନୂତନ ଇଲାକାକୁ ଏ ଜନ୍ମରେ ଆସିଯାଇଛି । ଏହାହିଁ ହୁଏତ କାରଣ ।

ବର୍ଷ ପରେ ବର୍ଷ ଗୋଟିଏ ଲେଖାଏଁ କ୍ଲାସ ଡେଇଁ ସେ ମାଟ୍ରିକ ପାଶ୍ କରିଛି । କିଛି ଶିକ୍ଷକଙ୍କ ସହ ଅତ୍ୟନ୍ତ ସୁସମ୍ପର୍କ ରହିଛି । ସେ ସମ୍ପର୍କର ସୂତ୍ର ସ୍କୁଲ

Digitized by PPRACHIN, SOA

ଜୀବନ ଡେଇଁ ଅନେକ ଆଗକୁ ମାଡ଼ି ଆସିଛି । ଆଜି ମଧ୍ୟ ଅକାଳେ ସକାଳେ କେଉଁଠି ଦେଖା ହୋଇଗଲେ ଶିକ୍ଷକଙ୍କୁ ସମ୍ମାନ ଦେବାକୁ କେବେବି ଭୁଲି ନାହିଁ । ସେଇ ପୁରୁଣା ଦିନକୁ ମନେ ପକାଇ ଶିକ୍ଷକଙ୍କ ସହ ଖୁସୀରେ ଭେଜାଏ ସ୍ମୃତି ଘାଣ୍ଟିଛି । କିଛି ଶିକ୍ଷକଙ୍କ କଥା ତା'ର ଆଜି ସ୍ମୃତି ପଟରେ ନାହିଁ ଆଉ କେତେକ ଶିକ୍ଷକଙ୍କ ସ୍ମୃତି ଜୀବନ୍ତ । ସ୍କୁଲ ଲାଇବ୍ରେରୀ ଦାୟୀତ୍ୱରେ ଥିବା ଶିକ୍ଷକ ତା ପ୍ରତି ଅତ୍ୟନ୍ତ ସଦୟ ହୋଇ ପାଠାଗାର ବହିତକର ପସରା ଘାଣ୍ଟିବାରେ ତାକୁ ସ୍ୱାଧୀନତା ଦେଇଛନ୍ତି । ସେ ମନ ପୁରାଇ ଖଣ୍ଡିକ ପରେ ଖଣ୍ଡିଏ ବହି ସ୍କୁଲ ଲାଇବ୍ରେରୀରୁ ଆଣି ପଢ଼ି ପକାଇଛି । ପୁସ୍ତକ-ସାଥୀ ପାଇଗଲା ପରେ ତା'ର ନିକାଞ୍ଚନତା ଅନେକ ପରିମାଣରେ ଦୂର ହୋଇ ଯାଇଛି ।

ସ୍କୁଲ ପାଖରେ ଗୋଟିଏ ଛୋଟିଆ ଗ୍ରାମ୍ୟ ବଜାର । ଖବରକାଗଜ ଓ ପତ୍ରିକାର ପରିବେଶଣ ପାଇଁ ଗୋଟିଏ କ୍ୟାବିନ । ଦୋକାନର ସତ୍ୱାଧୀକାରୀ ଭାଇନାଙ୍କ ସହ ଦୋସ୍ତୀ କରି ଅଳ୍ପ ପତ୍ରିକା କିଣି, ବେଶି ପତ୍ରିକା ମାଗଣାରେ ପଢ଼ିବାର ଆୟୋଜନ କରି ପାରିଛି । ପତ୍ରିକା ନକିଣି ଘରକୁ ଆଣି ପଢ଼ି ଦେଇ ଦୁଇ ଦିନ ପରେ ଫେରାଇଛି । ଭାଇନାଙ୍କ ସଦୟ ବ୍ୟବହାର ଭୁଲିବାର ନୁହେଁ । ଖାଲି ପଢ଼ିସାରି ଫେରାଇବା ବାବଦରେ ଚନ୍ଦ୍ର ଭାଇନାଙ୍କୁ ମାସ ଶେଷରେ ୧/୨ଟଙ୍କା ଦେଇଛି । ତା'ର ସ୍ୱଳ୍ପ ପକେଟ ଖର୍ଚ୍ଚରୁ କାଟି ତାଠାରୁ ଅଧିକ ଦେବା ତା ପକ୍ଷରେ ସମ୍ଭବ ନଥିଲା । ଭାଇନା ବୋଧେ ବୁଝୁଥିଲେ ଏ ବାବଦରେ ଅଜାଣତରେ ହେଲେ ବି ଚନ୍ଦ୍ର ମନରେ କଷ୍ଟ ହେବା ପରି ପଦେ କଟୁ କଥା କହି ନାହାନ୍ତି ।

ସ୍କୁଲ ଫୁଟବଲ ଦଳରେ ଯୋଗ ଦେଇଛି । ଭଲ ଖେଳିଛି । କ୍ୟାପଟେନ ନିର୍ବାଚିତ ହୋଇଛି । ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଇଛି । କପ୍ ଜିତି ଉତଫୁଲିତ ହୋଇଛି । ସାଙ୍ଗସାଥୀ ମେଳରେ ବଣଭୋଜି କରିଛି । ଲଗାମ୍ ଛଡା ହୋଇ ହସକୌତୁକ, ଥଟ୍ଟାପରିହାସରେ ଭାଗ ନେଇଛି । ସ୍କୁଲ ଉତ୍ସବ ଅନୁଷ୍ଠାନରେ ଭାଗ ନେଇ ଆପଣାର ଅତୀତ ଅନୁଭୂତିକୁ କାମରେ ଲଗାଇ ଆନ୍ତରୀକତାର ସହିତ କାମ କରିଛି । ଶିକ୍ଷକମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନରେ ହେଳା କରିନାହିଁ । ଆନ୍ତରୀକତା ଦେଇଛି, ଆନ୍ତରୀକତା ପାଇଛି- ପ୍ରେମ ଦେଇଛି, ପ୍ରେମ ପାଇଛି । ସହଯୋଗ ଦେଇଛି, ସହଯୋଗ ପାଇଛି । ଏ ସବୁ ସତ୍ତ୍ୱେ ସେଇ ପୁରୁଣା ବ୍ୟାଧିରୁ ସେ ମୁକ୍ତି ପାଇ ପାରିନାହିଁ । ପୁରୁଣା ନିକାଞ୍ଚନତାରୁ ମୁକ୍ତ ହୋଇ ପାରିନାହିଁ । ସବୁରି ଭିତରେ ସେ ନିଜକୁ ଏକୁଟିଆ ମନେ କରିଛି । ଆତଯାତ ହେଉଥିବା, ସମଗୋତ୍ରୀମାନଙ୍କ ସହ ଆପଣାଭିତରର କଥା ବାଣ୍ଟି ପାରିନାହିଁ । ତାକୁ ସମସ୍ତେ ମାତ୍ର ମୁହୂର୍ତ୍ତର ସାଥୀ

Digitized by PPRACHIN, SOA

ବୋଲି ମନେ ହୋଇଛନ୍ତି । କାହା ସହିତ ନିଜର ଅନ୍ତର ଦେଇ ମିଶି ପାରିନାହିଁ, କାହାକୁ ନିଜ ସହିତ ମିଶାଇ ପାରିନାହିଁ । ସବୁବେଳେ ତା'ର ମନେ ହେଉଛି ସେ ମାତ୍ର ଦୁଇ ଦିନର ଅତିଥି । ଏହିପରି ଦୃଷ୍ଟିକୋଣ ଥିବାରୁ ଚାରି ବର୍ଷ ଭିତରେ ଜଣେ ହେଲେ ଅନ୍ତରଙ୍ଗ ସାଥୀ ପାଇ ପାରିନାହିଁ । ଯାହାଙ୍କ ସହ ପରବର୍ତ୍ତୀ ଜୀବନରେ ମଧୁର ସମ୍ପର୍କ ରହି ପାରିଛି ।

ସ୍କୁଲ ନିକଟରେ ସପ୍ତାହକୁ ଦୁଇ ଥର ହାଟ ବସେ । ଶନିବାର ହାଟରୁ ପରିବା ପତ୍ର ଆଣିବା ପାଇଁ ଚନ୍ଦ୍ର ଉପରେ ପ୍ରାୟ ବରାଦ ଥାଏ । ଏ କାମଟି ତାକୁ ବେଶ୍ ଭଲ ଲାଗେ । ମଧ୍ୟ ଇଂରାଜୀ ବିଦ୍ୟାଳୟରେ ସେ ନେଇଥିବା ବଗିଚା ପାଳନର ଦାୟିତ୍ୱ ଏଠାରେ ବେଶ୍ କାମରେ ଆସେ । ହାଟ ଭିତରେ ବୁଲି ବୁଲି ବିଭିନ୍ନ ପସରା ଦେଖିବାକୁ ଚନ୍ଦ୍ରକୁ ଭଲ ଲାଗେ । ସବୁ ବିକାଳୀ ତ ଆପଣା ପସରା ଏକ ନମ୍ବର ବୋଲି କୁହନ୍ତି । ସେହି ପ୍ରଜ୍ଞାପନର ଗହଳି ଭେଦି ଠିକ୍ ଜିନିଷଟି ଠିକ୍ ଦରରେ କିଣି ବ୍ୟାଗ୍‌ରେ ପକାଇବା ଗୋଟାଏ କଳା । ବାଇଗଣ ହେଉ, ଭେଣ୍ଡି ହେଉ, ଜହ୍ନି ହେଉ ଏ ସବୁକୁ ଚିହ୍ନିବାର ଉପାୟ ଭିନ୍ନ ଭିନ୍ନ । ସେହି ସମୟରେ ଚନ୍ଦ୍ର ଯେ ଏ ଚିହ୍ନିବାର କଳା ଆୟତ କରିଥିଲା, ତାହା ଆଜି ପର୍ଯ୍ୟନ୍ତ ତା'ର କାମରେ ଆସିଛି ।

ସମୟ କାହାରି ପାଇଁ ଅପେକ୍ଷା କରେ ନାହିଁ । ଖେଳକୌତୁକ, ପାଠ ପଢା, କାମଦାମ ଭିତର ଦେଇ ସମୟ କେଉଁ ବାଟରେ ଖସି ପଳାଏ । ହାଇସ୍କୁଲର ତିନୋଟି ବର୍ଷ ଚାହୁଁ ଚାହୁଁ କଟିଗଲା । ଶେଷ ବର୍ଷଟି ଆସିଲା । ଆଉ ତା ସହିତ ଆସିଲା, ଶିକ୍ଷକ ତଥା ଅଭିଭାବଙ୍କ ଚେତାବନୀ । ଚନ୍ଦ୍ର ଦେଖିଲା ଭଲ ଖେଳିବା, ପାଠାଗାର ଯାଇ ସବୁ ବହି ପଢି ପକାଇବା, ତାକୁ ମାଟ୍ରିକ ପରୀକ୍ଷାରେ ସାହାଯ୍ୟ କରିବନାହିଁ କି ଏଥିଯୋଗୁଁ ପରୀକ୍ଷାରେ ଭଲ ନହେଲେ କେହି ପିଠିରେ ପଡିବେ ନାହିଁ ।

ଚନ୍ଦ୍ରର ଜଣେ ଜେଜେ ସମ୍ପର୍କୀୟ ସେତେବେଳେ ଥିଲେ ଖଲିକୋଟ ହାଇସ୍କୁଲର ପ୍ରଧାନ ଶିକ୍ଷକ । ଗଣିତର ଜଣେ ଅଦ୍ଭୁତ ଶିକ୍ଷକ ସେ । ତାଙ୍କର ଏହି ଯୋଗ୍ୟତା ପାରଦର୍ଶିତା ପାଇଁ ଚିହ୍ନାପରିଚୟର ପିଲାମାନେ ତାଙ୍କ ପାଖକୁ କେବଳ ଗଣିତ ପଢିବାକୁ ଯାଆନ୍ତି ଓ ନିଶ୍ଚିତ ରୂପେ ଉପକୃତ ହୁଅନ୍ତି । ଚନ୍ଦ୍ର ମଧ୍ୟ ପୂର୍ବଜ ପଦାଙ୍କ ଅନୁସରଣ କରି ଖଲିକୋଟ ବାହାରି ପଡିଲା । ସେ ସେଠାକୁ ଯାଇଥିଲା ନିରୋଳାରେ ବିଦ୍ୟାଭ୍ୟାସ ପାଇଁ । ତା ତ ହେଲା । ମାତ୍ର ଖଲ୍ଲିକୋଟର ଯେଉଁ ଅପରୂପ ଶୋଭା, ଚନ୍ଦ୍ର ସେଥିରେ କିଣି ହୋଇଗଲା । ପାହାଡ ଖୋପରେ ଛୋଟିଆ

Digitized by PPRACHIN, SOA

ଗ୍ରାମ୍ୟ ସହରଟିଏ । ଗୋଟିଏ ଦିଗରେ ବିସ୍ତୀର୍ଣ୍ଣ ଚିଲିକା ଆସି ଗୋଡ ଧୋଇ ଦେଉଛି । କୋଳାହଳ ବର୍ଜିତ ସୁନ୍ଦର ଛବି ପରି ପ୍ରଚୁର ସବୁଜିମା ଭିତରେ ଛୋଟ ସହରଟିଏ । ଯେଉଁ ୭/୮ମାସ ଚନ୍ଦ୍ର ସେଠାରେ ରହିଲା, ସେତକ ଦିନ ଭରପୂର ଖଲ୍ଲିକୋଟକୁ ଭଲ ପାଇଲା । ମନ ଦେଇ ପାଠ ପଢିଲା । ପରୀକ୍ଷା ପାଇଁ ପ୍ରସ୍ତୁତ ହେଲା ।

ସବୁ କିଛିର ଶେଷ ଆସିବା ପରି ଖଲ୍ଲିକୋଟ ଜୀବନର ଶେଷ ମଧ୍ୟ ଦିନେ ଆସିଲା । ସେହି ଅପରୂପ ରଙ୍ଗବେରଙ୍ଗରେ ଭୂଷିତ ଗ୍ରାମ୍ୟ ସହର ଖଲ୍ଲିକୋଟ ଛାଡି ଆସିବା ସମୟରେ ତା'ର ମନ କଷ୍ଟ ହେଲା । ମନେହେଲା ଅତ୍ୟନ୍ତ ପ୍ରୀୟ ପଦାର୍ଥଟିଏ ସିଏ ହରାଇବାକୁ ଯାଉଛି । ସେ ମାଟି, ପାଣି, ପବନ ଚନ୍ଦ୍ର ପାଇଁ ପୁଷ୍ଟିକର ଥିଲା । ମନେ ହେଲା ଚାରାଟିର ମୂଳ ଟାଣ ଧରି ଫଳ ଫୁଲ ଦେବା ପୂର୍ବରୁ କେହି ଯେପରି ଗଛଟି ଉପାଡି ଦେଲା । ପୂର୍ବରୁ ପଢୁଥିବା ସ୍କୁଲ ଜରୀଆରେ ପରୀକ୍ଷା ଦେବାକୁ ହେବ, ଖଲ୍ଲିକୋଟ ଛାଡି ଆସି ସେଥିପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ହେଲା । ଏ ଅସ୍ଥିରତାର, ପ୍ରୀୟ ସ୍ଥାନଟିକୁ ଛାଡି ଆସିବା ଜନିତ ଦୁଃଖର ମଧ୍ୟ ଶେଷ ଦିନେ ଆସିଲା । ସମୟ କାହାରିକୁ ଅପେକ୍ଷା କରେ ନାହିଁ । ତା ସହ ତାଳ ଦେଇ ଚାଲିବାକୁ ହେବ, ସେତକ ନପାରିଲେ ଅତୀତକୁ ଜାବୁଡି ଧରି ରାସ୍ତା କଡରେ ଅପାଂକ୍ତେୟ ହେଇ କେଉଁଠି ପଡି ରହିଯିବ, କେହି ଚିହ୍ନିବେ ନାହିଁ ।

ପରୀକ୍ଷା ସରିବା ପରେ ଫଳ ପ୍ରକାଶନକୁ ପ୍ରତୀକ୍ଷା । ପ୍ରାୟ ୨/୩ ମାସର ଅବସର ପରେ ଫଳ ବାହାରିଲା । ଆଜି ପରି ଏତେ ସଂଖ୍ୟାରେ ପିଲା ମାଟ୍ରିକ ପରୀକ୍ଷା ଦେଉନଥିଲେ । ମାଟ୍ରିକ ପାଶ୍ କରିବା ଗୋଟାଏ ବିରାଟ କୃତିତ୍ୱରେ ଗଣା ଯାଉଥିଲା । ଏଥିପାଇଁ ଦୈନିକ ଖବରକାଗଜରେ ମାଟ୍ରିକ ଫଳ କୃତି ଛାତ୍ରଛାତ୍ରୀମାନଙ୍କର ନାମ ସହିତ ବାହାରୁଥିଲା । ଚନ୍ଦ୍ର ଦ୍ୱିତୀୟ ଶ୍ରେଣୀରେ ପାଶ୍ କରି ବେଶ୍ ଖୁସୀ ହେଲା । ସଂସ୍କୃତ ଆଉ ଗଣିତର Trigonometry ତା ପାଇଁ ଥିଲା ଅଲଂଘ୍ୟ । ତେଣୁ ଆଉ ଅଧିକ ଆଶା ସେ କରୁ ନଥିଲା ।

ଏ ସବୁ ଭିତରେ ସମୟ ବୋହିଗଲା ଆଉ ମାଟ୍ରିକ ପରୀକ୍ଷାଟି ଡେଇଁ ଚନ୍ଦ୍ର ନଈର ଆର କୂଳରେ ପହଞ୍ଚିଲା । ସେ କୂଳରେ ରହିଛି ସହରର ମହାବିଦ୍ୟାଳୟର ପାଠାଗାର । ନୂତନ ବନ୍ଧୁ ଆଉ ପରିବେଶ ପାଇଁ ପ୍ରତିଶ୍ରୁତି । ଏ ସବୁ ସତ୍ତ୍ୱେ ନଈ ପାର ହେବା ପରେ ପଛକୁ ଚାହିଁ ଆଖିର ଲୁହ ଅଟକାଇ ହେଲା ନାହିଁ । ସେହି କଠୋର ପରିସ୍ଥିତିର ସାମ୍ନା କରିବାକୁ ବାଧ୍ୟ । ତହିଁରୁ ନିସ୍ତାର ନାହିଁ । ଏହି ସତ୍ୟ ବୁଝି ମଧ୍ୟ ମନକୁ ବୁଝେଇ ହେଲା ନାହିଁ ।

Digitized by PPRACHIN, SOA

ବର୍ତ୍ତମାନ ଶେଷ ହେଲା ଗ୍ରାମ୍ୟ ତଥା ଗ୍ରାମ୍ୟ ସ୍କୁଲ ଜୀବନ । ୧୨ ବର୍ଷ ଧରି ସ୍କୁଲକୁ ଯିବାର ରୁଟିନରେ ବାଧା ପଡିଲା । ଗ୍ରାମ୍ୟ ପରିବେଶ, ଗାଁର ସେଇ ଅଭୁଲା ଚରିତ୍ରମାନେ ଆଉ ନିୟମିତ ଦେଖିବାକୁ ମିଳିବେ ନାହିଁ । ଏ ପଟେ ସହରକୁ ଯାଇ ଛାତ୍ରାବାସରେ ରହି ପଢିବା ପାଇଁ ଆଗ୍ରହ ଆଉ ଅନ୍ୟ ପଟେ ଗାଁକୁ ଛାଡି ଯିବାର ନିଷତ୍ତି ଚନ୍ଦ୍ର ମନରେ କାରୁଣ୍ୟ ଭରିଦେଲା । ଗାଁ ଛାଡିବା ପୂର୍ବରୁ ଚନ୍ଦ୍ର ତା'ର ସେଇ ପୁରୁଣା ମୂକ ସାଥୀମାନଙ୍କୁ ମନଭରି ଦେଖି ନେଲା ଆଉ ଛଳଛଳ ଆଖିରେ ବିଦାୟ ମାଗିଲା ।

ନଈ କୂଳର ବରଗଛ, ଯାହାର ଶାଖା ପ୍ରଶାଖାରେ ଡାଳମାଙ୍କୁଡି ଖେଳିଛି । ଏତେ ନାଚ କୁଦ ସହି ସେ ବରଗଛ ଖରା ଗଡିଲେ ପିଲାମାନଙ୍କୁ ଆଦରରେ ଡାକି ଆଣିଛି । ବାଉଁଶ ପଲାର ଆମ୍ବ ଗଛଗୁଡିକ ଭିତର ଦେଇ ବୁଲି ବୁଲି ସେମାନଙ୍କଠାରୁ ବିଦାୟ ନେଇଛି । ମିଶର ତୋଟାର କଖାରୁଆ, କପାଳଫଟା, କଞ୍ଚାସୁଆଦି ଗଛଗୁଡିକୁ ଥରଥର ହାତରେ ଆଉଁଷି ଦେଇ ସେମାନଙ୍କଠାରୁ ବିଦାୟ ନେଇଛି । ପାହାଡ ଉପରକୁ ଚଢିଛି, ପୁରୁଣା ପରିଚିତ ପଥରଟି ଉପରେ ବସି ପାହାଡଠାରୁ ବିଦାୟ ମାଗିଛି । ଏତେ ବର୍ଷ ଧରି ଯେଉଁ ଅମାପ ଅଯାଚିତ ସ୍ନେହ, ସୁଖ ସେ ସେମାନଙ୍କଠାରୁ ପାଇଛି ତା'ର ପଟାନ୍ତର ନାହିଁ । ଆଜି ସହରକୁ ଯିବା ବେଳେ ତା'ର ମନେ ହୋଇଛି ସତେ ଯେପରି ସେ ଆପଣାର ରକ୍ତ ସମ୍ପର୍କୀୟମାନଙ୍କୁ ଛାଡି ଯାଉଛି ।

Digitized by PPRACHIN, SOA

କଲେଜ ଜୀବନ

ରେଭେନ୍‌ସାରେ ତ ନାମ ଲେଖା ହୋଇଗଲା । ପଶ୍ଚିମ ଛାତ୍ରାବାସରେ ମଧ୍ୟ ଯାଗା ମିଳିଗଲା । ମାତ୍ର ସେଠାକାର ପରିବେଶ, ପରିସ୍ଥିତି, ପାଣିପାଗ ଚନ୍ଦ୍ରକୁ ସୁହାଇଲା ନାହିଁ । ହୁଏତ ନିପଟ ମଫସଲ ସ୍କୁଲ୍‌ରୁ ଆସି କଟକ ସହର ପୁଣି ରେଭେନ୍‌ସା କଲେଜରେ ଖାପ ଖୁଆଇବା ବୋଧେ ସମ୍ଭବ ହେଲା ନାହିଁ । ରେଭେନ୍‌ସାରେ କିଛି ବନ୍ଧୁ ମିଳିଲେ ମାତ୍ର ସମୟର ସ୍ୱଳ୍ପତା ଦୃଷ୍ଟିରୁ ଏ ସମ୍ପର୍କ ବେଶି କିଛି ଦୃଢ ହୋଇ ପାରିଲାନାହିଁ । ଚନ୍ଦ୍ର ପରବର୍ଷ ଚାଲି ଆସିଲା ବି.ଜେ.ବି. ଏବଂ ପାଞ୍ଚଟି ବର୍ଷ ଛାତ୍ର ଜୀବନ ହିଁ କଟିଗଲା ଭୁବନେଶ୍ୱରରେ ଏମ୍.ଏ ପାଶ୍ କରିବା ପର୍ଯ୍ୟନ୍ତ ।

ହିଁ ଏଇ ପାଞ୍ଚ ବର୍ଷ ତା'ର ବେଶ୍ ଭଲରେ କଟିଲା । ସାଙ୍ଗ ମିଳିଲେ । ସମୟ କଟିଲା । କ୍ଲବ ଗଢା ହେଲା । ଜନ ସମ୍ପର୍କ ବଢିଲା । କୋର୍ସ ବହି ବାଦ ବାହାର ବହି ପ୍ରଚୁର ପଢିଲା । ସମୟ ମନ ଚାହୁଁଥିବା ରୁଟିନରେ ଏପରି ଚାଲିଲା, ଯେଉଁଠି ଆଉ ବିମର୍ଷ ହେବାର ଦୁର୍ଭାଗ୍ୟ ଆସିଲା ନାହିଁ ।

ଆଜି ଏ ଉତ୍ତର ବୟସରେ ଆଖି ଫେରାଇଲେ ସ୍କୁଲ ଜୀବନର ସାଙ୍ଗମାନଙ୍କର ମୁହଁ ଝାପ୍‌ସା ଦିଶୁଛି । ରେଭେନ୍‌ସାର ବନ୍ଧୁମାନଙ୍କ ଚେହେରା ମନେ ପଡୁ ନାହିଁ । ଚନ୍ଦ୍ର ଜୀବନର ପରିଧିରୁ ସେମାନେ କେଉଁ ଦିନୁ ବିଦାୟ ନେଲେଣି ।

କିନ୍ତୁ ବି.ଜେ.ବି. ଆସିବା ପରେ ଯେଉଁ କେତେଜଣଙ୍କ ସହ ବନ୍ଧୁତା ହୋଇଥିଲା, ନିତାନ୍ତ ସୀମିତ, ଆଙ୍ଗୁଠି ଗଣତା ହେଲେ ମଧ୍ୟ ସେମାନଙ୍କ ସହ ସମ୍ପର୍କ ଦୃଢରୁ ଦୃଢତର ହୋଇଛି । ଆଜି ଏ ବୟସରେ କେବଳ ସେଇମାନଙ୍କୁ ବନ୍ଧୁ ବୋଲି କହି ବିଶ୍ୱାସକୁ ନିଆ ଯାଇପାରେ । କେବଳ ସେଇମାନଙ୍କ ଉପସ୍ଥିତି ଆନନ୍ଦ ଦିଏ । ବନ୍ଧୁମାନେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଥିଲେ ମଧ୍ୟ ସାମୟିକ ସାକ୍ଷାତକାର ହେଉଛି । ଆବଶ୍ୟକସ୍ଥଳେ ସାହାଯ୍ୟର ହାତ ଲମ୍ବି ଯାଉଛି/ଆସିଛି । ଆଉ ଅଧିକ କ'ଣ ଦରକାର । ସେ ଜାଣିଛି ଏ ସମ୍ପର୍କ ଜୀବନର ଶେଷକ୍ଷଣ ପର୍ଯ୍ୟନ୍ତ ରହିବ । ଆଉ ବନ୍ଧୁବାନ୍ଧବଙ୍କୁ ଚାରିପଟେ ଦେଖୁଦେଖୁ ବିଦାୟ ନେବାଠାରୁ ବଳି ବଡ ସୌଭାଗ୍ୟ ଆଉ କ'ଣ ଅଛି ।

ବି.ଜେ.ବି.ରେ ପଢିବା ସମୟରେ ସମ୍ପୂର୍ଣ୍ଣ ଏକ ରୁଟିନ ଜୀବନ ସେ ବିତାଇଲା ।

Digitized by PPRACHIN, SOA

କଲେଜ ପରେ ଅଧିକାଂଶ ଦିନ ନିକଟରେ ଥିବା ରାମକୃଷ୍ଣ ମଠ ପାଠାଗାରକୁ ସେ ଚାଲି ଯାଉଥିଲା । ସେଠାକୁ ଦୈନକ ପ୍ରଚୁର ପତ୍ରପତ୍ରିକା ଆସୁଥିଲା । ତା'ର ଏସବୁ ପଢ଼ିବାରେ ସମୟ କଟି ଯାଉଥିଲା । ତା' ବ୍ୟତୀତ ପାଠାଗାରର ସଭ୍ୟ ହୋଇ ବେଶ୍ କିଛି ବାହାର ବହି ପଢିବାର ଆଗ୍ରହ ମେଣ୍ଟାଇ ପାରିଲା ।

ଆଉ ଗୋଟିଏ ସମୟ କଟିବାର ଖଟି ତା'ର ଥିଲା, ବସଷ୍ଟାଣ୍ଡରେ ଅକ୍ଷୟ ନାୟକଙ୍କ ମାଗାଜିନ ଷ୍ଟଲ । ସବୁ ପତ୍ରିକା ତ ଘରେ ଦେଇଥିବା ପକେଟ ଖର୍ଚ୍ଚରୁ କାଟି କିଣିବା ସମ୍ଭବ ନୁହେଁ । କେତେଖଣ୍ଡ କିଣେ । ଅନ୍ୟତକ ଠିଆ ଠିଆ ପଢିଦିଏ । ଅକ୍ଷୟ ନାୟକ ଜାଣନ୍ତି ମାତ୍ର କେବେ କିଛି ପାଟି ଫିଟାଇ ନାହାନ୍ତି । ଆଜି ପ୍ରାୟ ଚାଳିଶି ବର୍ଷ ପରେ କେତେକେତେ ମଣିଷଙ୍କ ମୁହଁ ସେ ଭୁଲି ଗଲାଣି ମାତ୍ର ଅକ୍ଷୟ ନାୟକଙ୍କ ସେଇ ସରୁ ପାତଳା ମୁହଁ ଆଉ କୁଞ୍ଚୁକୁଞ୍ଚୁଆ ବାଳ ସହ ବନ୍ଧୁତ୍ୱ ପୂର୍ଣ୍ଣ ହସ ସେ ଭୁଲି ପାରି ନାହିଁ । ଏବେ ତ ଆଉ ପ୍ରାୟ ନିୟମିତ ଦେଖା ହୁଏନି । ଅଚାନକ ଅକାଳେସକାଳେ ତାଙ୍କୁ ଦେଖିଦେଲେ ତା'ର ମନେ ହୁଏ ଏପରି କେତେଗୁଡିଏ ଲୋକ ନଥିଲେ ବୋଧେ ଭୁବନେଶ୍ୱର ଭୁବନେଶ୍ୱର ହୋଇ ନଥାନ୍ତା ।

ବି.ଜେ.ବି. କଲେଜରେ ତିନୋଟି ବର୍ଷ ବେଶ୍ ଭଲରେ କଟିଲା । ସବୁ ଦୃଷ୍ଟିରୁ ଏ ତିନୋଟି ବର୍ଷ ତା ପାଇଁ ସଫଳତାର ବର୍ଷ ବୋଲି କୁହା ଯାଇପାରେ । ପାଠ ପଢା ରୁଟିନ ଅନୁସାରେ ସାମାନ୍ୟ ଆଗପଛ ହୋଇ ଠିକ୍ ଚାଲିଲା । ଖେଳ ଦିଗଟି ତାକୁ ଛାଡି ଦେବାକୁ ହେଲା । କାରଣ ହେଉଛି, ସମୟ ଓ ସୁଯୋଗର ଅଭାବ । ଯଦି ଖେଳକୁ ଅଗ୍ରାଧୀକାର ଦେଇଥାଆନ୍ତା ତେବେ ପାଠାଗାରରେ ବିତାଇଥିବା ସମୟକୁ କାଣ୍ଟ ଛାଣ୍ଟ କରିବାକୁ ପଡି ଥାଆନ୍ତା । ସବୁ ଦୃଷ୍ଟିରୁ ବିଚାର କରି ଖେଳ ଦିଗଟି ଛାଡିଲା । ସେତକ ସମୟ ପାଠାଗାରରେ ବିଭିନ୍ନ ପତ୍ର ପତ୍ରିକା ଓ ବହିପତ୍ର ପଢାରେ ଲଗାଇଲା । ତା'ର ଫଳ ମଧ୍ୟ ପାଇଲା । ଅନେକ ଅନେକ ବହି ଯାହା ସେ ଦେଖିବାର ସୁଯୋଗ ହିଁ ନଥିଲା, ସେସବୁ ପଢି ଶେଷ କଲା । ଗାଁରେ ଥିବା ବେଳେ ଆର୍ଥୀକ ସ୍ୱଚ୍ଛତା ତଥା ମିଳୁ ନଥିବା କାରଣରୁ ଯେଉଁ ସାହିତ୍ୟ ପତ୍ରିକା ଇତ୍ୟାଦି ପଢି ପାରୁ ନଥିଲା, ସେସବୁର ବିପୁଳତା ଭିତରେ ତା'ର ସମୟ ଗଡି ଚାଲିଲା । ସମୟ ତେଣିକି ତା'ର ବହୁତ ଖୁସୀରେ କଟିଲା ସେସବୁ ପଢିବା, ସାହିତ୍ୟ ଜନିତ କ୍ଷୁଦ୍ର ସଭାସମିତିରେ ଯୋଗ ଦେବା ଭିତରେ ତା'ର ଜ୍ଞାନର ପରିସର ବୃଦ୍ଧି ପାଇଲା ।

ଏହି ସମୟ ଭିତରେ କେତେଜଣ ବନ୍ଧୁ ମିଳିଲେ, ଯେଉଁମାନେ ଅଳ୍ପ ବହୁତ ଏ ଦିଗରେ ଉତ୍ସାହୀ ଥିଲେ । ସେମାନଙ୍କ ଗହଣରେ ସମୟ ବେଶ୍ କଟିଲା । ସମ୍ପର୍କ

Digitized by PPRACHIN, SOA

କ୍ରମେ ଦୃଢରୁ ଦୃଢତର ହେଲା । ଜଣଙ୍କର କଷ୍ଟ ଅନ୍ୟ ଜଣେ ଅନୁଭବ କରି ପାରିଲା । ତାହା ଏ ପର୍ଯ୍ୟନ୍ତ ଏତେ ବର୍ଷ ପରେ ମଧ୍ୟ ବଦଳି ନାହିଁ । ପରସ୍ପରର ସାହାଯ୍ୟ ସହଯୋଗ, ସମୟ ଅସମୟରେ ଉପସ୍ଥିତି ମନରୁ ଅନେକ ଅବସାଦ ମେଣ୍ଟାଇ ଦେବାରେ ସାହାଯ୍ୟ କରିଛି । ତା'ର ମନେହେଉଛି ଏଇ ଆଙ୍ଗୁଠି ଗଣତା ବନ୍ଧୁମାନେ ତା'ଭିତରର ଶୂନ୍ୟସ୍ଥାନ ପୂରଣ କରିଦେବାକୁ ସକ୍ଷମ । ଆଉ ଅଧିକ ସଂଖ୍ୟା ଦରକାର ନାହିଁ । ଏ ବୟସରେ ଆଉ ତାହା ସମ୍ଭବ ମଧ୍ୟ ନୁହେଁ ।

ବି.ଏ. ପଢିବା ସମୟରେ ଆଇ.ଏ. ଶେଷ ବର୍ଷର ମାର୍କ ଭିତ୍ତିରେ ଅନର୍ସ ନେବା ପାଇଁ ଅର୍ଥଶାସ୍ତ୍ରକୁ ବାଛିଲା, ମାତ୍ର ତା'ର ଆଗ୍ରହ ଥିଲା ଦର୍ଶନଶାସ୍ତ୍ର ଅନର୍ସ ନେବା ପାଇଁ । ଯେହେତୁ ଅର୍ଥଶାସ୍ତ୍ରରେ ୮୦%ରୁ ଅଧିକ ନମ୍ବର ଥିଲା, ବିଭାଗ ମୁଖ୍ୟ ଏକ ପ୍ରକାର ଅର୍ଥଶାସ୍ତ୍ର ଅନର୍ସ ପାଇଁ ତାକୁ ବାଧ୍ୟ କଲେ । ଏହା ସତ୍ତ୍ୱେ ମନରୁ ଦର୍ଶନଶାସ୍ତ୍ରକୁ ବିଦା କରି ପାରୁ ନଥାଏ । ମଝିରେ ମଝିରେ ଯାଇ ଦର୍ଶନ ଅଧ୍ୟାପକ ଶ୍ରୀ କ୍ଷୁଦାନନ୍ଦ ରାୟ ଓ ଶ୍ରୀ ରମେଶ ପଟ୍ଟନାୟକଙ୍କ ଶ୍ରେଣୀରେ ବସେ । ଏପରି କରିବା ଦ୍ୱାରା ତା'ର ଦର୍ଶନ ଅନର୍ସ ପ୍ରତି ବରଂ ଆଗ୍ରହ ବଢିଲା ଏବଂ ଦିନେ ସମସ୍ତ କଥା ଶ୍ରୀଯୁକ୍ତ ରାୟଙ୍କୁ ଖୋଲି କହିଲା । ଅତ୍ୟନ୍ତ ଭଦ୍ର ଆଉ ବିଚାରବନ୍ତ ଶ୍ରୀ ରାୟ ତାକୁ ବି.ଏ.ରେ ଅର୍ଥଶାସ୍ତ୍ର ଅନର୍ସରେ କିଛି ପରିବର୍ତ୍ତନ ନକରିବାକୁ ଉପଦେଶ ଦେଲେ । ତା ସହିତ ପାଶ୍ ବିଷୟଟି ଦର୍ଶନ ନେବାକୁ କହିଲେ । ବି.ଏ..ପରେ ଚାହିଁଲେ ଏମ୍.ଏ.ରେ ଦର୍ଶନ ପଢିବାରେ ଏହାଦ୍ୱାରା ସୁବିଧା ହେବ ବୋଲି ଥିଲା ତାଙ୍କର ଉପଦେଶ । ତାଙ୍କ ଉପଦେଶ ଅନୁସାରେ କାମ କରିଲା । ବି.ଏ.ରେ ଅର୍ଥଶାସ୍ତ୍ର ଅନର୍ସ ଓ ଦର୍ଶନ ପାଶ୍ ନେଇ ପଢିଲା । ବି.ଏ.ର ଦୁଇବର୍ଷ ସମୟ ଅତ୍ୟନ୍ତ ସୁଖକର ହିଁ ହେଲା । ଅନେକ ବହି ବାହାର ପାଠାଗାରକୁ ଯାଇ ପଢିଲା । ସମସ୍ତ ପତ୍ରପତ୍ରିକା ନିୟମିତ ପଢିଲା । ସେଇଠି ଏକ ପ୍ରକାର ମନ ସ୍ଥିର କଲା, ସରକାରୀ ଚାକିରି ନକରି ନିଜେ କିଛି ସ୍ୱାଧୀନ ପେଶା ଧରିବ । ଓକିଲାତି ଓ ସାମ୍ବାଦିକତା ଏ ଦୁଇଟି ପେଶା ଚନ୍ଦ୍ରକୁ ଆକର୍ଷିତ କଲା ।

ଦର୍ଶନ ନେଇ ଏମ୍.ଏ. ପଢିବା ପାଇଁ ପ୍ରଥମରୁ କାହିଁକି ଆଗ୍ରହ ସୃଷ୍ଟି ହୋଇଥିଲା ଚନ୍ଦ୍ର କହି ପାରିବ ନାହିଁ । ଏହା ନୁହେଁ ଯେ ସେ ଆଗରୁ ଅତ୍ୟନ୍ତ ଭାବୁକ ପ୍ରକାରର ଥିଲା ବା ଧର୍ମ, ଈଶ୍ୱର ନେଇ ଅଯଥା ଘଣ୍ଟାଘଣ୍ଟା ଧରି ଚିନ୍ତାରେ ବୁଡି ରହୁଥିଲା ବା ବନ୍ଧୁ ମହଲରେ ଏ ସବୁ ବ୍ୟାପାର ନେଇ ଯୁକ୍ତିତର୍କ କରୁଥିଲା । ତା'ର ମନେ ହୋଇଥିଲା ଯେ ସେ ଇତିହାସ, ସମାଜଶାସ୍ତ୍ର ପ୍ରଭୃତି ବିଷୟ ପ୍ରତି ଯେପରି ଆକୃଷ୍ଟ ଥିଲା ଓ ସେ ବିଷୟ ତା'ର ବି.ଏ.କ୍ଲାସରେ ନଥିଲେ ମଧ୍ୟ କିଛି କିଛି ପଢୁଥିଲା, ଦର୍ଶନ ପ୍ରତି ପ୍ରାୟ ସେତିକି ପରିମାଣରେ ଆକୃଷ୍ଟ ଥିଲା । କିଛି କିଛି

Digitized by PPRACHIN, SOA

ପୁସ୍ତକ ପଢୁଥିଲା, ଦର୍ଶନ କ୍ଲାସରେ ଯାଇ ବସୁଥିଲା। ସବୁଠାରୁ ତାକୁ ବେଶୀ ଭଲ ଲାଗୁଥିଲା ତର୍କଶାସ୍ତ୍ର (ଲଜିକ୍) ଆଉ ନୀତିଶାସ୍ତ୍ର। ତା'ର ମନେହେଲା ଭାଷା, ଶବ୍ଦର ଉପଯୁକ୍ତ ବ୍ୟବହାର ପାଇଁ ଦର୍ଶନଶାସ୍ତ୍ର ବ୍ୟତୀତ ତର୍କଶାସ୍ତ୍ରରେ ବ୍ୟୁତ୍ପତ୍ତି ଅପରିହାର୍ଯ୍ୟ।

ସେ ଯାହାହେଉ ଏମ୍.ଏ.ରେ ଦର୍ଶନ ନେଇ ପଢିବାକୁ ଦରଖାସ୍ତ ଦେଲା ଏବଂ ବି.ଏ.ରେ ଅର୍ଥଶାସ୍ତ୍ର ଅନର୍ସରେ ପାଶ୍ କରିବା ସତ୍ତ୍ୱେ ତାକୁ ଏମ୍.ଏ.ରେ ଦର୍ଶନରେ ସିଟ୍‌ଟିଏ ମିଳିଲା। ସେ ସମୟଟା ୭୦ ଦଶକର ପ୍ରଥମ ଭାଗ। ଅନେକ ଅନେକ ଛାତ୍ରଆନ୍ଦୋଳନ ବିଶୃଙ୍ଖଳାର ସମୟ। ସମସ୍ତ ସ୍କୁଲ, କଲେଜମାନଙ୍କରେ ଛୋଟ ଛୋଟ କଥାକୁ ନେଇ ଗଣ୍ଡଗୋଳର ପରମ୍ପରା, ଆଉ ଅଧ୍ୟାପକ, ଅଧ୍ୟକ୍ଷ ଏମାନଙ୍କୁ ପକ୍ଷକରି ଧର୍ମଘଟ। ପରୀକ୍ଷାରେ କପି କରିବା ନେଇ ଲଜ୍ଜାଜନକ ଦାବି। ଏ ସବୁରୁ ବାଣୀବିହାର ବା ବାଦ୍‌ଯାଆନ୍ତା କିପରି। ମାତ୍ର ଏ ଘନଘଟା, ଘଣ୍ଟାଚକଟା, ପାଠପଢା ବନ୍ଦ ଭିତରେ ତା'ର ବିଶେଷ କିଛି ଅସୁବିଧା ହୋଇ ନାହିଁ। ସେ ପରୀକ୍ଷାରେ ଭଲ ନମ୍ବର ରଖିବା ନେଇ ଚିନ୍ତିତ ନଥିଲା, ବରଂ ତା'ର ନିଜର ଆଗ୍ରହ ନେଇ ବହି ନିର୍ବାଚନ କରି ସେ ପଢିବାରେ ଅନେକ ସମୟ ଦେଉଥିଲା। ସେ ଦୃଷ୍ଟିରୁ ବାଣୀବିହାର ଦୁଇ ବର୍ଷରୁ ଅଧିକ ତାକୁ ଅନେକ ଅନେକ ବହି ପଢିବାରେ ସାହାଯ୍ୟ କଲା। ଦର୍ଶନଶାସ୍ତ୍ର ନେଇ ପଢିବା ଭିତରେ ସେ ତର୍କଶାସ୍ତ୍ରକୁ ବେଶ୍ ଭଲ ପାଇଲା। ଭାରତୀୟ ଦର୍ଶନ ବେଶ୍ ମନଦେଇ ପଢିଲା। ସ୍ପେଶିଆଲ ପେପର ହିସାବରେ ସେ ରାଜନୈତିକ ଦର୍ଶନ ନେଇଥିଲା। ସେହିବର୍ଷ ପ୍ରଥମ କରି ଏ ବିଷୟଟି ବିଶେଷ ପେପର ହିସାବରେ ଯୋଡା ଯାଇଥିଲା। କୌଣସି ଅଧ୍ୟାପକ ଏଥିପାଇଁ ନିଯୁକ୍ତି ତଥାପି ପାଇ ନଥିଲେ। ମାତ୍ର ବିଷୟଟି ତାକୁ ବେଶ୍ ଆକୃଷ୍ଟ କଲା। ପାଠାଗାରରେ ଯଥେଷ୍ଟ ବହି ମଧ୍ୟ ଥିଲା। ଏ ପେପରର ବ୍ୟାପକତା ମଧ୍ୟ ତାକୁ ବେଶ୍ ଭଲ ଲାଗିଲା। ପତ୍ରପତ୍ରିକା, ବାହାର ବହିପତ୍ର ପଢାର ଅଭ୍ୟାସ ଚନ୍ଦ୍ରକୁ ଏଥିରେ ଅତ୍ୟନ୍ତ ସାହାଯ୍ୟ କରିଥିଲା। ସେ ଯାହାହେଉ ଏ ସମୟ ମଧ୍ୟ କଟିଗଲା। ଏମ୍.ଏ. ସରିଲା। ଫଳ ମଧ୍ୟ ବାହାରିଲା।

ଏହି ସମୟ ଭିତରେ ଚନ୍ଦ୍ରର ପାଠ ବାହାର କାର୍ଯ୍ୟକଳାପ କିଛିଟା ବୃଦ୍ଧି ପାଇଥିଲା। ଗୋଟିଏ କ୍ଲବ ଗଢିଥିଲେ। କ୍ଲବର ନାମ ଥିଲା "ଆମେ"। ପ୍ରଥମରୁ କ୍ଲବର ସଭ୍ୟମାନଙ୍କୁ ସେ କହି ରଖିଥିଲା ଯେ କ୍ଲବ ସବୁଦିନ ଯେ ବଞ୍ଚି ରହିବ, ଆମେମାନେ ପାଠ ସାରି ସଂସାରରେ ପ୍ରବେଶ କରିବା ପରେ ଯେ କ୍ଲବଟି ବଞ୍ଚି ରହିବା ଏକାନ୍ତ ଦରକାର, ସେପରି ଚିନ୍ତା କରିବା ଅନାବଶ୍ୟକ। ଗଛଟିଏ ବା ମଣିଷଟିଏ ପରି ଗୋଟିଏ ଅନୁଷ୍ଠାନର ଜନ୍ମ, ଯୌବନ, ପ୍ରୌଢତ୍ୱ ଆଉ ମୃତ୍ୟୁ, ଏ ସବୁ ଅନ୍ୟ ଜୀବନପରି ଅନୁଷ୍ଠାନର ଜୀବନରେ ମଧ୍ୟ ଆସିବ। ଆଉ ତାହା

Digitized by PPRACHIN, SOA

ସ୍ୱାଭାବିକ ମଧ୍ୟ । ସେଥିନେଇ ମ୍ରିୟମାଣ ହେବା ଅନାବଶ୍ୟକ । କିନ୍ତୁ ଏଇ ଜୀବନ (କ୍ଷୁଦ୍ର ହେଉ ପଛେ) ଭିତରେ ଯଦି କିଛି ଉଚିତ୍ କାମ କରା ଯାଇପାରିଲା, ତେବେ ସେ ଅନୁଷ୍ଠାନର ଜନ୍ମ ଧନ୍ୟ ହେଲା ବୋଲି ମନେ କରିବାକୁ ହେବ ।

ସେ ସମୟରେ ଭୁବନେଶ୍ୱରରେ ଗଣେଶ ପୂଜା, ସରସ୍ୱତୀ ପୂଜା ସାଧାରଣରେ ଅତ୍ୟନ୍ତ ଧୂମଧାମ୍‌ରେ ପାଳିତ ହେଉଥିଲା । ସେଇଟା ଯେ କେବଳ ଛାତ୍ରଛାତ୍ରୀଙ୍କର ଅଗ୍ରାଧୀକାର ସେକଥା ଯୁବକମାନେ ଭୁଲି ଯାଉଥିଲେ । ସ୍କୁଲ କଲେଜରେ ତ ପୂଜା ପାଳିତ ହେଉଥିଲା, ମାତ୍ର ଯୁବକମାନଙ୍କର ମନ ସେଠି ନଥିଲା । ବିଭିନ୍ନ ୟୁନିଟ୍/ କଲୋନୀ, ବଜାରମାନଙ୍କରେ ବିଶେଷକରି ଗଣେଶ ପୂଜାର ଆୟୋଜନ ଯୁବକମାନେ କରୁଥିଲେ । ପ୍ରବଳ ଉତ୍ସାହର ସହିତ ପ୍ରତିଯୋଗୀତା ଚାଲୁଥିଲା । ବିଭିନ୍ନ ମଣ୍ଡପରେ ଗୀତର କାନଫଟା ଚିତ୍କାର ସହିତ ମେଲୋଡି ଦଳଙ୍କ ନାଚଗୀତ ଭିତରେ ପୂଜାର ପବିତ୍ରତା କାହିଁ ହଜି ଯାଉଥିଲା ।

ବିଭିନ୍ନ ପୂଜାମଣ୍ଡପରେ ବିଳମ୍ବିତ ରାତିରେ ସୁରାପାନ ମଧ୍ୟ ଅବାଧ ଚାଲୁଥିଲା । ବେଶ୍ କିଛି ଦିନ ଓ ରାତି ପାଇଁ ଯୁବକମାନଙ୍କୁ ଗୋଟାଏ ଖଟି ମିଳି ଯାଉଥିଲା । ଭଲ ସାଜସଜ୍ଜା, ଭଲ ମୂର୍ତ୍ତି, ଭଲ ଆଲୋକ, ଭଲ ଭୋଗ ତା ସହିତ ନାଚଗୀତ ଆଉ ମେଲୋଡିରେ ଅନେକ ଖର୍ଚ୍ଚ ଦରକାର ହେଉଥିଲା । ସାଧାରଣ ଜନତା, ଦୋକାନୀ, ବ୍ୟବସାୟୀ ହେରିକାଙ୍କଠାରୁ ଏ ପଇସା ଆଦାୟ କରାଯାଉଥିଲା । ସେ ସମୟରେ ପୂଜାଟି ଆସିଲେ କଲୋନୀର ବାସିନ୍ଦାମାନଙ୍କ ମନରେ ଗୋଟାଏ କୋକୁଆ ଭୟ ଖେଳି ଯାଉଥିଲା । ସେ ଯାହାହେଉ ଏ ପୂଜା ଭୁବନେଶ୍ୱର ପାଇଁ ଗୋଟାଏ ଅତ୍ୟନ୍ତ ରୁଚିହୀନ ପରମ୍ପରା ସୃଷ୍ଟି କରିଥିଲା । ଭୁବନେଶ୍ୱରବାସୀଏ ଚାନ୍ଦା ଦେଇ ପିଲାମାନଙ୍କୁ କୁପଥରେ ଯିବାରେ ଭାଗୀ ହେବାକୁ ଚାହୁଁ ନଥିଲେ । ମାତ୍ର ଉପାୟ କ'ଣ ? ପିଲାମାନଙ୍କ ପାଖରେ ମଧ୍ୟ ମଉଜମସ୍ତି କରିବା ପାଇଁ ଏହାଠାରୁ ବଳି ଉନ୍ନତ ବିକଳ୍ପ କିଛି ନଥିଲା ।

"ଆମେ କ୍ଲବ" ତରଫରୁ ଚନ୍ଦ୍ରର ସାଙ୍ଗମାନେ ମଧ୍ୟ ୟୁନିଟ-୯ରେ ପୂଜା କରୁଥିଲେ । ମାତ୍ର ପ୍ରଥମ ନୀତି ହେଲା କଲୋନୀ ବାସିନ୍ଦାଙ୍କଠାରୁ କୌଣସି ପ୍ରକାରେ ଜୋର୍ ଜବରଦସ୍ତ ଚାନ୍ଦା ଆଦାୟ ହେବ ନାହିଁ । ଦରକାର ହେଲେ ଚ୍ୟାରିଟି ଶୋ କରି ବାକି ଖର୍ଚ୍ଚ ଭରଣା କରାଯିବ । ସେହି ଅନୁସାରେ 'ଆମେ କ୍ଲବ' ପ୍ରତିବର୍ଷ ୨/ ୩ଟି ଚାରିଟି ଶୋ କରୁଥିଲା । ରବିଟକିଜ ଭଡା ନେଇ ଶସ୍ତାରେ ଇଂରାଜୀ ସିନେମାର ରିଲ୍ ଯୋଗାଡ କରି ସେମାନେ ଚ୍ୟାରିଟି ଶୋ କରୁଥିଲେ । ତା'ର ଟିକେଟ ବେଶ୍ ଆଗରୁ ବିକ୍ରିକରି ଦେଉଥିଲେ । ସମସ୍ତ ଖର୍ଚ୍ଚ ଯାଇ ବେଶ୍ କିଛି ଟଙ୍କା ବଳୁଥିଲା । ତାହା ତାଙ୍କର ପୂଜା ଖର୍ଚ୍ଚର ଭରଣା କରୁଥିଲା ।

Digitized by PPRACHIN, SOA

ସେତେବେଳେ ଭୁବନେଶ୍ୱରରେ ହେଉଥିବା ପୂଜା ଉତ୍ସବରେ କାନଫଟା ଚିତ୍କାର କରି ଗୀତମାନ ବଜା ଯାଉଥିଲା । ପୂଜା ପୂର୍ବରୁ ଓ ତା'ର କିଛି ଦିନ ଧରି ପୂଜା ପାଇଁ ଚାନ୍ଦା ଦେଇଥିବା କଲୋନୀ ବାସିନ୍ଦାମାନେ ଏହି ଅସଭ୍ୟତାର ଶୀକାର ହେଉଥିଲେ । ଗୀତ, ବାଜା ତଥା ସାଜସଜା ତଥା ଅରୁଚିକର ଘୋଷଣାର ଚିତ୍କାରରେ କଲୋନୀବାସୀ ମ୍ରିୟମାଣ ହୋଇ କିଛି ଦିନ କାଳାତିପାତ କରିବା ଭିତରେ ଏ ପୂଜାପାଳନକୁ ଅଭିଶାପହିଁ ଦେଉଥିଲେ । ମାତ୍ର ସେମାନଙ୍କର ଭାବନାକୁ କେହି ସାମାନ୍ୟ ପରିମାଣରେ ସମ୍ମାନ ଦେବା ପରି ମନେ ହେଉ ନଥିଲା ।

"ଆମେ କ୍ଲବ" ପ୍ରଥମ କରି ଏ ବ୍ୟବସ୍ଥାରେ କିଛି ଗୁଣାତ୍ମକ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରି ସଫଳ ହୋଇଥିଲା । ପୂଜା ମଣ୍ଡପଗୁଡିକ ଭିତରେ ଗୋଟିଏ ପ୍ରତିଯୋଗୀତା ହେବ ଏବଂ ନାମକରା ନିରପେକ୍ଷ ବିଚାରପତିମାନଙ୍କ ଦ୍ୱାରା ଫଳାଫଳ ନିର୍ଣ୍ଣୀତ ହେବ । ଫଳାଫଳ ପାଇଁ ଯେଉଁ ବିଷୟଗୁଡିକ ବିଚାରକୁ ନିଆଯିବ ସେଗୁଡିକ ହେଲା-

୧) ମଣ୍ଡପର ସାଜସଜ୍ଜା

୨) ସଙ୍ଗୀତ

୩) ମୂର୍ତ୍ତି

୪) ଆଲୋକ ସଜ୍ଜା

୫) ପାରିପାର୍ଶ୍ୱିକ ଅବସ୍ଥା/ଶାନ୍ତି ଶୃଙ୍ଖଳା/ରୁଚିପୂର୍ଣ୍ଣ କଳ୍ପନା

ପ୍ରଥମ ବର୍ଷ ମାତ୍ର କେତୋଟି ହାତଗଣତି ମଣ୍ଡପ ଏ ପ୍ରତିଯୋଗୀତାରେ ଭାଗ ନେବା ପାଇଁ ଆଗ୍ରହ ପ୍ରକାଶ କଲେ । କ୍ରମେ ପ୍ରତିଯୋଗୀଙ୍କ ସଂଖ୍ୟା ବଢିଲା । ଆଉ ସେହି ଅନୁପାତରେ ପୂଜା ମଣ୍ଡପର ଗୀତ, ବାଜା, ଚାନ୍ଦାକୁ ନେଇ ହେଉଥିବା ଅତ୍ୟାଚାର କମି ଆସିଲା । "ଆମେ କ୍ଲବ" ଏତକ କରିପାରିଥିବାରୁ ଭୁବନେଶ୍ୱରରେ ଏହା ଏକ ଉଚ୍ଚମାନର ଅନୁଷ୍ଠାନ ବୋଲି ସ୍ୱୀକୃତି ପାଇଲା । କେବଳ ଯୁବକମାନଙ୍କୁ ଦୋଷ ଦେଇ ଲାଭ ନାହିଁ । ସେ ସମୟରେ ମନୋରଞ୍ଜନ ପାଇଁ ଭୁବନେଶ୍ୱରରେ କିଛି ବୋଲି କିଛି ନଥିଲା । କେବଳ ସିନେମା ଦେଖିବା ବ୍ୟତୀତ ଅନ୍ୟ କୌଣସି ମାଧ୍ୟମ ନଥିଲା । ସେ ଦୃଷ୍ଟିରୁ ସିନେମାରୁ ମୁହଁ ଫେରାଇ ମେଲୋଡି, ପୂଜା, ଗୀତ ଇତ୍ୟାଦିରେ ମାତି କିଛି ଦିନ ମନ ଭୁଲାଇନେବାରେ ଲାଗି ପଡିବା ଯୁବକମାନଙ୍କ ପାଇଁ କିଛି ବିଚିତ୍ର ନଥିଲା ।

"ଆମେ କ୍ଲବ" ତରଫରୁ ଚନ୍ଦ୍ରର ସାଙ୍ଗମାନେ ନିୟମିତ ଛୋଟକାଟର ବଣଭୋଜି କରୁଥିଲେ । ଭୁବନେଶ୍ୱର ଚାରିପଟେ ପ୍ରଚୁର ଜଙ୍ଗଲ ଥିଲା । ଆଜି

Digitized by PPRACHIN, SOA

ଯେଉଁ ଜାତୀୟ ରାଜପଥ-୫ ନୂଆପଲ୍ଲୀ ବରମୁଣ୍ଡା ଦେଇ ଯାଇଛି ସେଇଟି ଜଙ୍ଗଲ ଭିତରେ ଗୋଟିଏ ଅଣ ଓସାରିଆ ରାସ୍ତାପରିଥିଲା। କ୍ରମ ବିସ୍ତାରିତ ଲଟା, ଘାସ ଇତ୍ୟାଦିରେ ରାସ୍ତାଟି ବରଂ ସଙ୍କୁଚିତ ହୋଇ କୌଣସି ପ୍ରକାରେ ନିଜର ସ୍ଥିତି ବଜାୟ ରଖିଥିଲା। ସନ୍ଧ୍ୟା କାହିଁକି ଦିନ ଆଲୁଅରେ ମଧ୍ୟ ସେଠାରେ ଜଙ୍ଗଲି ଜନ୍ତୁଟିଏ ଦେଖିବା କିଛି ଆଶ୍ଚର୍ଯ୍ୟ ନଥିଲା। ହାତୀ ଦଳର ଉପଦ୍ରବ ତ ନିୟମିତ ଘଟଣା ଥିଲା। ସେମାନେ ପ୍ରାୟ ମାସକେ ଗୋଟିଏ ଥର ବଣଭୋଜି କରିବାକୁ ସାଇକେଲ ନେଇ ସେଇ ଜଙ୍ଗଲ ଭିତରକୁ ଯାଉଥିଲେ। ଆଜି ଯେଉଁଠି ନୂଆପଲ୍ଲୀର ସୁନ୍ଦର ସୁନ୍ଦର ଘର ଗଢି ଉଠିଛି, ଯେଉଁ ଆର୍.ପି.ସି. (ରିଜିଓନାଲ୍ ପ୍ଲାଣ୍ଟ ସେଣ୍ଟର) ହୋଇଛି ସେଠାରେ ଥିଲା ଅତ୍ୟନ୍ତ ସୁନ୍ଦର ସବୁଜ ମନଲୋଭା ଅରଣ୍ୟ। ମଝିରେ ମଝିରେ ଠାଏଠାଏ ପାଣିର ଚୁଆଟିଏମାନ। ଚନ୍ଦ୍ର ଓ ତା'ର ସାଙ୍ଗମାନେ ସାଇକେଲ ନେଇ ବାହାରି ଯାଆନ୍ତି ଗୋଟିଏ ପାଣିଯାଗା ଦେଖି ଆଡା ବସାଇବାକୁ। ଜଳଖିଆ ବାଣ୍ଟିକୁଣ୍ଟି ଖାଆନ୍ତି। ଜଙ୍ଗଲରୁ କୋଳି ତୋଳନ୍ତି। ଅପରାହ୍ନରେ ଘରକୁ ଫେରି ଆସନ୍ତି। ରୋଷେଇବାସ କରି ଝିନଝଟ୍‌ରେ ପଶିବାକୁ ସେମାନେ କେବେ ମନ କରିନାହାନ୍ତି।

ଜଙ୍ଗଲ ଭିତରକୁ ଯାଇ କିଛି କିଛି ସମୟ କଟାଇବା ଭିତରେ ଚନ୍ଦ୍ର ଆଖିରେ ତା ଗାଁ ଜଙ୍ଗଲ ନାଚିଯାଏ। ଗୋଟିଏ ମାସ ପାଇଁ ବାଟେରୀ ଚାର୍ଜ ହୋଇଯିବା ପରି ଲାଗେ। ନିରାଶା, ହତାଶା, ଦୁଃଖ ଭୁଲିବା ପାଇଁ ଜଙ୍ଗଲ ଭିତରେ କିଛି ସମୟ ନିରୋଳା କଟାଇବାଠାରୁ, ଗଛଲତାଙ୍କ ସହିତ ଏକାତ୍ମ ହେବାଠାରୁ କୁଆ, କୋଇଲି, ହଳଦିବସନ୍ତ କଥା ବାର୍ତ୍ତାଳପ ଶୁଣିବାଠାରୁ ଆଉ ଭଲ ମାଧ୍ୟମ କିଛି ନାହିଁ।

ମନୋରଞ୍ଜନର ଆଉ ଗୋଟିଏ ମାଧ୍ୟମ ଅଯାଚିତ ସେମାନଙ୍କ ପାଖରେ ଆସି ପହଞ୍ଚିଗଲା। ତାହା ଏହିପରି-

ଷଷ୍ଠ ଦଶକର ଶେଷ ବର୍ଷ ହେବ ବୋଧେ ପିଲାଙ୍କ ପାଇଁ ଗୋଟିଏ ପ୍ରଦର୍ଶନୀ ଭୁବନେଶ୍ୱରରେ ହେଲା। ଆଜି ଯେଉଁଠି କ୍ୟାପିଟାଲ ଥାନା ଅଛି ତାରି ପାଖ ପଡିଆରେ ସେଇଟି ପଡିଲା। ଏଇଟି ପ୍ରକୃତରେ ହସ୍ତଶିଳ୍ପ ଏବଂ ଗାଁ ଅଞ୍ଚଳର ପ୍ରଦର୍ଶନୀଟିଏ। ମାତ୍ର ଭୁବନେଶ୍ୱର ବାସିନ୍ଦା ସବୁବେଳେ ମନୋରଞ୍ଜନ ଭୋକିଲା। ସେଇ ପୁରୁଣା ଖେଳ ଚକ୍ରିରେ ବସି ତଳ ଉପର ଘୋଡାରେ ବସି ଘିରିଘିରି ବୁଲିବା ଇତ୍ୟାଦି ସବୁ ବର୍ଷ ଦେଖୁଥିଲେ ମଧ୍ୟ ଏ ବର୍ଷ ମଧ୍ୟ ସେଠାରେ ଭିଡ କମ୍ ହେଲା ନାହିଁ। ଏ ସବୁ ପୁରୁଣା ଦୃଶ୍ୟ ଭିତରେ ସେ ସର୍କସରେ ଗୋଟିଏ ନୂଆ କଥା ଦେଖିବାକୁ ମିଳିଲା। ପାହାଳ ରସଗୋଲା। ଛୋଟିଆ ଷ୍ଟଲଟିଏ। ବେଶ୍ ବଡ ବଡ

Digitized by PPRACHIN, SOA

ଅକ୍ଷରରେ ପାହାଳ ରସଗୋଲା ଲେଖା ଯାଇଥିଲା । ସେଠାରେ ମଧ୍ୟ ପ୍ରଚୁର ଭିଡ଼ । ଏକ ଟଙ୍କାରେ ଚାରିଟା ରସଗୋଲା । ଅତ୍ୟନ୍ତ ସୁସ୍ୱାଦ ଆଉ ମଧ୍ୟ ଟଙ୍କାରେ ଚାରିଟି । ସେ ସମୟରେ ମଧ୍ୟ ଶସ୍ତା । ସେ ପର୍ଯ୍ୟନ୍ତ ଭୁବନେଶ୍ୱର ବାସିନ୍ଦା ପାହାଳର ଭୌଗୋଳିକ ସ୍ଥିତି ଜାଣି ନଥିଲେ । ଏଇ ରସଗୋଲାଟି ମାତ୍ର ଦିନକ ଭିତରେ ପାହାଳକୁ ଗୋଟାଏ ବିଖ୍ୟାତ ବ୍ରାଣ୍ଡ କରି ଛାଡ଼ିଦେଲା । ଭୁବନେଶ୍ୱର କଟକ ରାସ୍ତାରେ ମାତ୍ର ୮/୧୦ କିଲୋମିଟର ପରେ ଡାହାଣପଟେ ଟିକେ ଭିତରକୁ ପାହାଳ ଗାଁ । ସେଇ ଗାଁର ଜଣେ କାରିଗର ସେଇ ଅପନ୍ତରା ଯାଗାରେ କରିଥାଏ ଗୋଟିଏ କୁଡ଼ିଆ ଭିତରେ ଜଳଖିଆ ଦୋକାନ । ଜଳଖିଆ ମାନେ କେବଳ ରସଗୋଲା । ସୀମିତ ଓ ନିୟମିତ ଗ୍ରାହକ ତା'ର । ଗ୍ରାହକ ସଂଖ୍ୟା ଆଉ ତା'ର ବଢ଼ାଇବାକୁ ଆଗ୍ରହ ନଥିଲା କି ସେଥିପାଇଁ ଶାରୀରିକ କ୍ଷମତା ନଥିଲା । ବୁଢ଼ାବୁଢ଼ୀ ଦୁଇ ଜଣ ଏଇ ରସାଗୋଲା ତିଆରି କରି ଚଳୁଥିଲେ ।

ଏତେ କଥା ଅବତାରଣା କରିବାର ଉଦ୍ଦେଶ୍ୟ ପାହାଳ ବୁଢ଼ାର ରସଗୋଲା ଦୋକାନ ଚନ୍ଦ୍ର ଓ ତା'ସାଙ୍ଗମାନଙ୍କର ଏକ ନିୟମିତ ଗନ୍ତବ୍ୟ ସ୍ଥଳ ପାଲଟିଗଲା । ଆଜିପରି ସେତେବେଳର କଟକ ରାସ୍ତା ଏପରି ବିପଦ ସଙ୍କୁଳ ନଥିଲା । ଗାଡ଼ିର ସଂଖ୍ୟା ଅତ୍ୟନ୍ତ ନଗଣ୍ୟ ଥିଲା । ସନ୍ଧ୍ୟା ବୁଡ଼ିଲେ ତା'ର ସଂଖ୍ୟା ମଧ୍ୟ କମି ଯାଉଥିଲା । କାଁ ଭାଁ ଖଣ୍ଡେ ଅଧେ ଗାଡ଼ି ଅଧରାତି ବେଳକୁ ସେପଟେ ଯାଉଥିବ । ସେମାନେ କେତେଜଣ ମାସକେ ଥରେ ଅଧେ ପାହାଳ ବୁଢ଼ାର କୁଡ଼ିଆକୁ ଯାଆନ୍ତି ଭୁବନେଶ୍ୱରରୁ ସାଇକେଲ ଚଲାଇ । ମନେହୁଏ ବୁଢ଼ାବୁଢ଼ୀ ଯେପରି ସେମାନଙ୍କୁ ଅପେକ୍ଷା କରିଛନ୍ତି । ଗରାକ ଭାବରେ ବୋଧେ ସେମାନଙ୍କୁ ସେ ଦେଖେ ନାହିଁ । ବୁଢ଼ାବୁଢ଼ୀର ଆଖିରେ ଅତ୍ୟନ୍ତ ଗୋଟାଏ ବାତ୍ସଲ୍ୟ ଭାବ ସେମାନଙ୍କ ପ୍ରତି ରହିଥିବାର ମନେହୁଏ । ସେମାନେ ମାଗୁ ନ ମାଗୁଣୁ ସେ ସେମାନଙ୍କୁ ରସଗୋଲା ଦିଏ । ମନେହୁଏ କାଳେ ସରିଯିବ ବୋଲି କିଛି ମିଠା ସେ ଅଲଗା ସେମାନଙ୍କ ପାଇଁ ସାଇତି ରଖିଥାଏ । ସେମାନେ କେତେ ଜଣ ସେ ଉଷୁମ ଉଷୁମ ରସଗୋଲା ପେଟ ପୁରାଇ ଖାଆନ୍ତି । ସେତେବେଳକୁ ଅଧରାତି । ଆକାଶରେ ତୋଫା ପୂର୍ଣ୍ଣମୀର ଜହ୍ନ । ପାହାଳ ବୁଢ଼ାଠାରୁ ବିଦାୟ ନେଇ ସେ ଚନ୍ଦ୍ର କିରଣରେ ବୁଡ଼ି ବୁଡ଼ି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ ।

ପୂର୍ଣ୍ଣମୀ ରାତି ଓ ତା ବ୍ୟତୀତ ଅନ୍ୟ କେବେ ତୋଫା ଜ୍ୟୋତ୍ସ୍ନାର ଜୁଆର ଖେଳୁଥିବା ରାତିରେ ମାସକେ ଥରେ ଅଧେ ସେମାନେ ପାହାଳ ବୁଢ଼ା ପାଖକୁ ନିଶ୍ଚୟ ଯାଆନ୍ତି । ଆଉ କାହାର କିପରି ଅନୁଭବ ଆସେ ଚନ୍ଦ୍ର କହି ପାରିବ ନାହିଁ, ମାତ୍ର ସେ ଜ୍ୟୋତ୍ସ୍ନା ସେ ଅପନ୍ତରାରେ ବୁଢ଼ାବୁଢ଼ୀଙ୍କ କୁଡ଼ିଆ ତାକୁ ତା ଗାଁକୁ ଠେଲି

Digitized by PPRACHIN, SOA

ନେଇଯାଏ । ତା' ଆଗରେ ଭାସିଯାଏ ରାତିରୁ ଉଠି କୋଳି ଗୋଟିଆ, ଜହ୍ନ ନ ବୁଡୁଣୁ ହଳିଆ ସହିତ ଆଖୁ ବାରିକୁ ଟେଣ୍ଡାରେ ପାଣି ବୁହାଇବାକୁ ଯିବା, ରାତିରୁ ଉଠି ବେଙ୍ଗଳା ପକା, ମାଛ ଧରିବାପାଇଁ ଯିବା । ଆଉ ଅନେକ ଅନେକ ପୂର୍ଣ୍ଣମୀ ରାତିରେ ନଈ ବାଲିରେ ବସି ରହି ସମୟ ଭୁଲିଯିବା ।

ସମୟ ଗଡି ଚାଲିଲା । ବଜାର ଦର ବଢି ପାହାଳ ରସଗୋଲା ଟଙ୍କାକୁ ତିନୋଟି ହେଲା ମାତ୍ର ସେମାନଙ୍କ ପାଇଁ ପାହାଳ ବୁଢାର ସେଇ ଚାରୋଟି, ସେଇ ସ୍ୱାଦ, ସେଇ ପ୍ରେମ, ସେଇ ହସ ସେଇ ବାତ୍ସଲ୍ୟ ଅକ୍ଷୁର୍ଣ୍ଣ ରହିଥିଲା । କ୍ରମେ ପାଖ ଆଖରେ ବେଶ୍ କେତେଗୁଡିଏ ରସଗୋଲା ଦୋକାନ ଗଢି ଉଠିଲା । ଆଉ ଗ୍ରାହକକୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଉପାୟରେ ବିଜ୍ଞାପନ କଲେ । ସମସ୍ତେ ନିଜକୁ ମୂଳ ପାହାଳ ରସଗୋଲିଆ ବୋଲି କହି ବୁଲିଲେ ।

ବୁଢାବୁଢୀ ଏ ଗହଳି ଭିତରେ ଠିଆ ହୋଇ ପାରି ନ ଥିବେ ଏହା ନିଶ୍ଚିତ । ଏ ରୁଚିହୀନ ପ୍ରଚାର ଯୁଗରେ ବୁଢାର ସ୍ୱାଭିମାନ ଆଘାତ ପାଇଥିବ । ତାହା ସେମାନେ କ୍ରମେ ଜାଣି ପାରୁଥିଲେ । ଦିନେ କହିଲା, 'ପିଲାଏ ମୁଁ ଆଉ ପାରୁନି, କାଲିଠାରୁ ଏ ଦୋକାନ ବନ୍ଦ । ଆଉ ଏ ଦୋକାନ ଖୋଲିବନି ।' ବୁଢା କାନ୍ଦି ପକାଇଲା । ବୁଢୀର ବେମାର ଯୋଗୁଁ ଏଇ କେତେ ଦିନ ଧରି ସେ ଆସୁ ନଥିଲା ।

ତା ପରେ ଅନେକ ପୂର୍ଣ୍ଣମୀ ଆସିଛି । ମାତ୍ର ୧୦ କିଲୋମିଟର ସାଇକେଲ ଚଳାଇ ରାତିରେ ପାହାଳ ଯିବା ପାଇଁ ଆଉ ଆଗ୍ରହ ଆସି ନାହିଁ । ବର୍ତ୍ତମାନ ପାହାଳ ପାଖରେ ଶତାଧୀକ ଦୋକାନ । ରସଗୋଲା କେବଳ ନୁହେଁ, ବିଭିନ୍ନ ମିଠାର ସମ୍ଭାରରେ ଭରପୂର । ମାତ୍ର ସେପଟେ ଯିବା ଆସିବା ବେଳେ ଚନ୍ଦ୍ରର ସର୍ବଦା ବୁଢାବୁଢୀହିଁ ମନେ ପଡିଛନ୍ତି । ଗାଡି ଅଟକାଇ ରସଗୋଲା କିଣିବାରେ ଆଗ୍ରହ କେବେବି ଆସି ନାହିଁ ।

ଚନ୍ଦ୍ରର ବି.ଏ. ପଢିବା ବେଳର କଥା । କାହିଁକି କେଜାଣି ଗୋଟାଏ ଅରାଜକତା ଆଉ ଉଚ୍ଛୃଂଖଳତା ସବୁ କଲେଜ, ବିଶ୍ୱବିଦ୍ୟାଳୟକୁ ଗ୍ରାସ କରିଥିଲା । ଶିକ୍ଷକମାନଙ୍କୁ ନମାନିବା, ଶ୍ରେଣୀରେ ଶୃଂଖଳା ନରଖିବା, ପାଠ ନପଢି ପରୀକ୍ଷାରେ ବସିବା ଓ ଖୋଲାଖୋଲି କପି କରିବା ପ୍ରାୟ ସବୁ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଦେଖାଯାଉଥିଲା । ଶିକ୍ଷକମାନଙ୍କର ଏ ସବୁ ବାଦ ବିବାଦରେ ପଶିବା ପାଇଁ ଆଗ୍ରହ ନଥିଲା । ଯଦି ଜଣେ ଅଧେ ଶିକ୍ଷକ ଏହି ଅପସଂସ୍କୃତି (କପି)ର ପ୍ରତିରୋଧ କରୁଥିଲେ, ସେମାନଙ୍କୁ ଓ ସେମାନଙ୍କର ପରିବାରକୁ ସେଥିପାଇଁ ବହୁମୂଲ୍ୟ ଦେବାକୁ ପଡୁଥିଲା । ଚନ୍ଦ୍ରର ମନେ ଅଛି, କିପରି ଗୋଟାଏ ରୁନ୍ଧି ହୋଇଯିବା

Digitized by PPRACHIN, SOA

ଅବସ୍ଥାରେ ସେମାନେ(ଚନ୍ଦ୍ର ଓ ତା'ର ବନ୍ଧୁମାନେ) ପଡିଗଲା ପରି ଲାଗୁଥିଲା । ଶିକ୍ଷାଦୀକ୍ଷା ଯାହା ସେମାନେ ପିଲାଟି ଦିନରୁ ପାଇ ଆସିଛନ୍ତି ସେ ସବୁ ଆଜି ଘଟୁଥିବା ଘଟଣା ଆଗରେ ଛିନ୍‌ଛତ୍ର ହୋଇ ଯିବା ପରି ମନେ ହେଉଥିଲା । ଆଉ ସେମାନେ ସେଇ ମୂଲ୍ୟବୋଧକୁ ଜାବୁଡ଼ି ଧରି ଲଢ଼ାଇ କରିବାର ସାହସ ପାଇ ପାରୁ ନଥିଲେ । ସାହସ ପାଉ ନଥିବାର ମଧ୍ୟ କାରଣ ହେଉଛି ସେମାନଙ୍କର ସଂଖ୍ୟା ଥିଲା ଅତ୍ୟନ୍ତ ନଗଣ୍ୟ । ମାତ୍ର ଆଙ୍ଗୁଠି ଗଣା ୧୦/୧୨ ଜଣ ହେବେ । ଶେଷରେ ସେମାନେ ନିଷ୍ପତ୍ତି କଲେ ଯେ ଯିଏ ଯାହା କରୁଛି କରୁ ସେମାନେ ଚୋରି କରିବେ ନାହିଁ, କପି କରିବେ ନାହିଁ । ସେମାନେ ଅଧ୍ୟକ୍ଷଙ୍କୁ ଅନୁରୋଧ କଲେ ଗୋଟିଏ ସ୍ୱତନ୍ତ୍ର କୋଠରୀରେ ସେମାନଙ୍କୁ (୧୦/୧୨ ଜଣଙ୍କୁ)ଦେବା ପାଇଁ ଏବଂ ଏହା ମଧ୍ୟ ବାଧ୍ୟ କଲେ ଯେ ଅନ୍ୟମାନଙ୍କୁ କପି କରିବାରେ ବାଧା ଦିଅନ୍ତୁ ବା ନ ଦିଅନ୍ତୁ ସେମାନଙ୍କର କିଛି କରିବାର ନାହିଁ, ମାତ୍ର ସେମାନେ ୧୨ ଜଣ କପି କରୁ ନାହାନ୍ତି, ଅସାଧୁ ଉପାୟ ଅବଲମ୍ବନ କରୁନାହାନ୍ତି ତାହା ଯେପରି ତାଙ୍କର ରିପୋର୍ଟରେ ସେ ବିଶ୍ୱବିଦ୍ୟାଳୟକୁ ଜଣାଇବେ, ତାହାହିଁ ହେଲା । ବ୍ୟାପକ କପି ହୋଇଥିବା ଦୃଷ୍ଟିରୁ ବି.ଜେ.ବି. କଲେଜରେ ଆଉଥରେ ପରୀକ୍ଷା କରିବାପାଇଁ ବିଶ୍ୱବିଦ୍ୟାଳୟରେ ଚିନ୍ତା କରାଗଲା । ସେମାନେ ୧୨ ଜଣ ଅଧ୍ୟକ୍ଷଙ୍କ ରିପୋର୍ଟକୁ ଭିତ୍ତିକରି ବିଶ୍ୱବିଦ୍ୟାଳୟକୁ ଜଣାଇଲେ ଯେ ସେମାନେ ଥରେ କାହିଁକି ପାଞ୍ଚଥର ପରୀକ୍ଷା କରନ୍ତୁ, ମାତ୍ର ଆମେ ଯେଉଁମାନେ ନିୟମ ମୁତାବକ ପରୀକ୍ଷା ଦେଇଛୁ ଆଉ ପରୀକ୍ଷା ଦେବା ମୁଡ୍‌ରେ ନାହୁଁ । ବିଶ୍ୱବିଦ୍ୟାଳୟ କ'ଣ ଚିନ୍ତା କଲା କେଜାଣି ଆଉ ପରୀକ୍ଷା କରିବା ନୋହିଲା ।

Digitized by PPRACHIN, SOA

ବୃତ୍ତି-ସାମ୍ବାଦିକତା

ଛାତ୍ର ଜୀବନ ସରିଲା । ଆଗ ପଛ ହୋଇ ବନ୍ଧୁମାନେ ଯେଉଁମାନେ ଦିଲ୍ଲୀ, ବନାରସରେ ପଢିବାକୁ ଯାଇଥିଲେ ସମସ୍ତେ ଭୁବନେଶ୍ୱର ଫେରିଲେ । ବର୍ତ୍ତମାନ ଭବିଷ୍ୟତ ଯୋଜନା । ବି.ଏ.ଶେଷ ବର୍ଷ ଚନ୍ଦ୍ର ଏ.ଜି. ଅଫସିରେ ସିନଅର ଅଡିଟର ଚାକିରିପାଇଁ ଦରଖାସ୍ତ କରିଥିଲା । ବିଧିମୁତାବକ ପରୀକ୍ଷା ଦେଲା, ସାକ୍ଷାତକାର ଦେଲା । ଚାକିରିରେ ଯୋଗ ଦେବାପାଇଁ ଯୋଗ୍ୟ ବିବେଚିତ ହେଲା ଓ ସେ ସଙ୍କ୍ରାନ୍ତ ଚିଠି ଖଣ୍ଡିଏ ମିଳିଗଲା । ସେହି ସମୟରେ ରିଜର୍ଭ ବ୍ୟାଙ୍କର କିରାଣୀ ଚାକିରୀପାଇଁ ମଧ୍ୟ ସେ ଦରଖାସ୍ତ କରିଥିଲା । ସେଥିରେ ମଧ୍ୟ ଯୋଗ୍ୟ ନିର୍ବାଚିତ ହୋଇ ନିଯୁକ୍ତି ପତ୍ର ପାଇଥିଲା । ବର୍ତ୍ତମାନ ଯେତେବେଳେ ଘରେ ଭାଇମାନଙ୍କୁ ଅନୁମତି ମାଗିଲା, ଏମ୍.ଏ.ର ପାଠ ସମ୍ପୂର୍ଣ୍ଣ ନ କରି ଚାକିରିରେ ଯୋଗ ଦେବାକୁ ହେବ, ସେତିକିବେଳେ ଘରୁ ଭାଇଙ୍କଠାରୁ ଅନୁମତି ମିଳିଲା ନାହିଁ । ଭାଇଙ୍କର ଇଚ୍ଛା, ସମୟ ବା ଚାକିରି କୁଆଡେ ଚାଲି ଯାଉନାହିଁ । ସେତେବେଳେ ପ୍ରତିବର୍ଷ ଏ ସବୁ ଚାକିରୀ ପାଇଁ ବିଜ୍ଞାପନ ବାହାରୁଥିଲା ଆଉ ତା' ଉପରେ ନିର୍ଭର କରି ଭବିଷ୍ୟତ ଯୋଜନା କରା ଯାଇପାରୁଥିଲା । ପ୍ରଥମେ ଏମ୍.ଏ.ଟି ସମ୍ପୂର୍ଣ୍ଣ କରିବାକୁ ହେବ । ତାପରେ ଯେଉଁ ବାଟ ଚନ୍ଦ୍ର ବାଛିଲା ସେଥିରେ ଘରେ କେହି କିଛି ଆପତ୍ତି କରିବେ ନାହିଁ ।

ଏକ ଦୃଷ୍ଟିରୁ ଏଇଟି ତାକୁ ଗୋଟିଏ ଯଥାର୍ଥ ନିଷ୍ପତ୍ତି ମନେ ହେଲା । ସତକଥା ଆଜି ଯେଉଁ ଚାକିରି ମିଳିଛି ତାହା କାଲି ମିଳିପାରିବ, ମାତ୍ର ଏମ୍.ଏ. ସମ୍ପୂର୍ଣ୍ଣ ନକରି ଥରେ ଚାଲି ଆସିଲେ ଆଉ କେବେ ଜୀବନରେ ଏମ୍.ଏ. ପାଶ୍ କରି ହେବ ନାହିଁ । ଏମ୍.ଏ.ର ଶେଷବର୍ଷ ଏ.ଜି. ଅଫିସରେ ସିନିଅର ଅଡିଟର ପାଇଁ ବିଜ୍ଞାପନ ବାହାରିଲା । ସେ ଦରଖାସ୍ତ ଦେଲା । ଅନ୍ୟ ଅନ୍ତରଙ୍ଗ ବନ୍ଧୁ କେତେଜଣ ବାହାରେ ପଢୁଥିବାରୁ ସେମାନଙ୍କ ଇଚ୍ଛା ଅନୁସାରେ ସେମାନଙ୍କ ପାଇଁ ସେ ମଧ୍ୟ ଦରଖାସ୍ତ କରିଦେଲା । ବି.ଏ. ଶେଷରେ ଏହି ବନ୍ଧୁମାନେ ଦରଖାସ୍ତ କରିଥିଲେ । ଯୋଗ୍ୟ ବିବେଚିତ ହୋଇ ନିଯୁକ୍ତି ପତ୍ର ପାଇଥିଲେ । ମାତ୍ର କେହି ଜଣେ ହେଲେ ଏମ୍.ଏ. ପାଠ ଅଧା କରି ଯୋଗ ଦେଲେ ନାହିଁ । କେବଳ ଜଣେ ଘନିଷ୍ଠ ବନ୍ଧୁ ଏମ୍.ଏ. ଇଂରାଜୀ ରେଭେନ୍ସାରେ ପଢୁଥିଲା ଏବଂ ତା'ର ବାପା ତାକୁ ବାଧ୍ୟ କରିବାରୁ ସେ ପାଠ ଛାଡି ଚାକିରିରେ ଯୋଗ ଦେଲା । ସେ ଚାକିରି ଛାଡି ପରେ ବ୍ୟାଙ୍କ

Digitized by PPRACHIN, SOA

ଚାକିରିରେ ପଶିଲା ଓ ନିଜର ପାରଦର୍ଶିତା ବଳରେ ଉପରକୁ ଉଠିଲା । ସେ ଅନ୍ୟ କଥା ମାତ୍ର ତା'ର ସାହିତ୍ୟ ପ୍ରୀତିରେ ସେଇଠି ବାଧା ପଡିଗଲା । ବାପାଙ୍କ ଉପରେ କେବଳ ଅଭିମାନ କରି ସେ କରୁଥିବା ଲେଖାଲେଖି, ପତ୍ରପତ୍ରିକା ସହ ସମ୍ପୃକ୍ତି ସବୁ କିଛି ଛାଡିଦେଲା ।

ଏ.ଜି. ଅଫିସ ତରଫରୁ ଯଥା ସମୟରେ ଲିଖିତ ପରୀକ୍ଷା ପାଇଁ ଚିଠି ଆସିଲା । ଚନ୍ଦ୍ର ତଥା ତା'ର ବନ୍ଧୁମାନେ ପରୀକ୍ଷା ଦେଲେ । ସାଧାରଣ ପ୍ରଶ୍ନ ତେଣୁ ସଫଳତା ନେଇ କୌଣସି ଆଶଙ୍କା/ସନ୍ଦେହ ନରହିବା କଥା । ମାତ୍ର ଅସମ୍ଭବଟି ସମ୍ଭବ ହେଲା । ଅନ୍ୟ ବନ୍ଧୁମାନେ ସାକ୍ଷାତକାର ପାଇଁ ଚିଠି ପାଇଲେ, ଚନ୍ଦ୍ର ପାଇଲା ନାହିଁ । ପରିଚିତ ଜଣେ ଅଫିସରଙ୍କ ଜରିଆରେ କାରଣ ବୁଝିବାକୁ ଚେଷ୍ଟା କଲା । ଭିତିରି ଖବର ପାଇଲା ଯେ ତା ଉତ୍ତର ଖାତାଟି ହଜି ଯାଇଛି । ସେ ବିଷୟରେ ଅଧିକ ଘାଣ୍ଟ ଚକଟା କରି ଲାଭ ନାହିଁ । ଯେହେତୁ ଏଇଟି ଏ.ଜି. ଅଫିସର ଆଭ୍ୟନ୍ତରୀଣ ମାମଲା, ଏଥିରେ ଅଧିକ କିଛି କରିପାରିବା ସମ୍ଭବ ନୁହେଁ ।

ଚନ୍ଦ୍ର ଅତ୍ୟନ୍ତ ହତାଶା ଅନୁଭବ କଲା । ଏ ଚାକିରୀଟି ଉପରେ ନିର୍ଭର କରି ସେ ଭବିଷ୍ୟତର ଯୋଜନାଟିଏ ବନାଇଥିଲା । ଏହାକୁ ଆଶ୍ରୟ କରି କଟକ ଯିବା ଆସିବା କରି ଆଇନ ପଢିବ ଓ ଆଇନ ଶିକ୍ଷା ଶେଷ କରି ଆଇନ ବ୍ୟବସାୟରେ ପଶିବ । ମାତ୍ର ବର୍ତ୍ତମାନ ମୂଳଦୂଆଟି ଧୋଇ ହୋଇଗଲା । ଆଗକୁ ସେ କ'ଣ କରିବ କିଛି ଭାବି ପାରୁ ନଥାଏ । ସାଇକେଲଟି ଗଡାଇ ଗଡାଇ ଏ.ଜି. ଅଫିସରୁ ବାହାରକୁ ଆସୁଥାଏ । ଏ.ଜି. ଅଫିସର ଫାଟକ ପାଖରେ ପହଞ୍ଚିଛି କି ନାହିଁ ସାମନାରୁ ବନ୍ଧୁ ତ୍ରୈଲୋକ୍ୟ ମିଶ୍ର ଆସି ମଟର ସାଇକେଲରେ ପହଞ୍ଚିଲା । ତା କଥାରୁ ଜାଣିଲି ସେ ଦୀର୍ଘ ଦୁଇ ଘଣ୍ଟା ଧରି ଚନ୍ଦ୍ରଙ୍କୁ ଖୋଜିଛି ! ୯ ନମ୍ବର ଘରକୁ ଯାଇଥିଲା । ଘରେ କେହି ସଠିକ ଉତ୍ତର ଦେଇ ପାରିଲେ ନାହିଁ ସେ କୁଆଡେ ଯାଇଛି । ଆଉ ଜଣେ ଦୁଇ ଜଣ ବନ୍ଧୁଙ୍କ ଘରେ ମୁହଁ ମାରି ସେ ଫେରୁ ଥିବା ଅବସ୍ଥାରେ ଚନ୍ଦ୍ର ସହ ଦେଖା ହେଲା ।

ଚନ୍ଦ୍ରକୁ ତା ପଛେ ପଛେ ତା'ର ପତ୍ରିକା ଅଫିସରେ ପହଞ୍ଚିବାକୁ କହିଲା । ସେ ସମ୍ପୃକ୍ତ ଥିବା ପତ୍ରିକା ସମାଜବାଦୀ ଗୋଟିଏ ସାପ୍ତାହିକୀ । ବର୍ତ୍ତମାନ ଡି.ପି.ଆଇ. ଅଫିସର ଠିକ୍ ସାମନାରେ ଥିବା ଗୋଟିଏ କୋଠାରେ ତା'ର ଅଫିସ ଓ ପ୍ରେସ ଥିଲା । ତ୍ରୈଲୋକ୍ୟ ସେହି କୋଠାରେ ଗୋଟିଏ କୋଠରୀରେ ନିଜେ ମଧ୍ୟ ରହୁଥିଲା । ଆଗରୁ ତା ସହିତ ମିଶିବା ପାଇଁ ସେଠାକୁ ଚନ୍ଦ୍ର କେତେଥର ଯାଇଛି ମଧ୍ୟ । ତ୍ରୈଲୋକ୍ୟର ଏପରି ଅନୁରୋଧ, ଦୁଇ ଘଣ୍ଟା ଧରି ଖୋଜିବା ତାକୁ ଚିନ୍ତାରେ

Digitized by PPRACHIN, SOA

ପକାଇଦେଲା । କ'ଣ ଏହାର କାରଣ ହୋଇପାରେ । ସେ ଯାହାହେଉ ଯାଇ ସମାଜବାଦୀ ଅଫିସରେ ପହଞ୍ଚିଲା । ସେମାନଙ୍କର ଜଣେ ସହକାରୀ ସମ୍ପାଦକ ଦରକାର । ଆଉ ତ୍ରୈଲୋକ୍ୟ ମୋ ପାଇଁ ସୁପାରିଶ କରିଥିଲା । ଆଜି ଏକ ସୌଜନ୍ୟ ସାକ୍ଷାତକାର ପାଇଁ ସେ ଆୟୋଜନ କରି ମୋତେ ଖୋଜୁଥିଲା । ସମ୍ପାଦକ ବୋର୍ଡ ମରାଯାଇଥିବା କୋଠରୀରେ ଦୁଇଜଣ ଥିଲେ । ଜଣେ ନଗେନ ବେଉରିଆ ଆଉ ଜଣେ ଭଗବାନ ନାୟକ ବର୍ମା ।

ତ୍ରୈଲୋକ୍ୟ ଚିହ୍ନା କରାଇଦେଲା । ନଗେନ ବାବୁ ପତ୍ରିକାର ସମ୍ପାଦକ । ଭଗବାନ ବାବୁ ତାଙ୍କର ବନ୍ଧୁ ହିସାବରେ ଆଜି ସେଠାରେ ଉପସ୍ଥିତ । ସେ ମଧ୍ୟ ଜଣେ ସାମ୍ବାଦିକ । ଏ.ଜି. ଅଫିସରୁ ବିଫଳତା ପରେ ପରେ ହଠାତ୍ ଏପରି ଏକ ପ୍ରସ୍ତାବ ତାକୁ ବିସ୍ମିତ ତଥା ହତବାକ୍ କରିଦେଲା । ସେ ମନେ କଲା ଏହା ବୋଧେ ଠାକୁରଙ୍କ ଇଛା । ସାଧାରଣ କଥୋପକଥନ ପରେ ନଗେନ ବାବୁ କାଢିଲେ ଗୋଟିଏ ପୁରୁଣା ପତ୍ରିକା । ତା'ର ଯେତେ ଦୂର ମନେ ପଡୁଛି ଶେଷ ପୃଷ୍ଠାରେ ଗୋଟିଏ ଆର୍ଟିକିଲ୍ ନିଖିଳ ଚକ୍ରବର୍ତ୍ତୀଙ୍କର ଥିଲା । ସେଇଟିକୁ ଓଡିଆ ଅନୁବାଦ କରିବାକୁ ଚନ୍ଦ୍ରକୁ ଦେଲେ । ସେ ଲେଖାଟି ମଧ୍ୟ ଯେହେତୁ କ୍ଲିଷ୍ଟ ନଥିଲା ସେ ଅତ୍ୟନ୍ତ ସାବଲୀଳ ଭାବରେ ବାରମ୍ବାର କଟାକଟି ନକରି ଅତ୍ୟନ୍ତ ଅଳ୍ପ ସମୟ ଭିତରେ ସେଇଟିର ଅନୁବାଦ ସାରିଦେଲା । ତା'ର ଓଡିଆ ପତ୍ରପତ୍ରିକା ବହି ପଢା ବୋଧେ ଏଇଠି କାମରେ ଆସିଲା । ନଗେନ ବାବୁ ନିଜେ ତା ଠାରୁ ଅନୁବାଦଟି ନେଇ ପଢିଲେ । ବିସ୍ମିତ ଓ ଖୁସୀ ମଧ୍ୟ ହେଲେ । ଚନ୍ଦ୍ରର ଭାଷା ଉପରେ ନିୟନ୍ତ୍ରଣ ଅଛି ବୋଲି ସାବାସୀ ଦେଲେ । ଭଗବାନ ବାବୁ ମଧ୍ୟ ଅନୁବାଦଟି ପସନ୍ଦ କଲେ । ସେହିଦିନ ଠାରୁ ଚନ୍ଦ୍ରର ସାମ୍ବାଦିକ ଜୀବନ ଆରମ୍ଭ ହେଲା । ଦରମା ମାତ୍ର ୨୦୦ ଟଙ୍କା ମାସକୁ । ତା' ତରଫରୁ କୌଣସି ଆପତ୍ତି ନଥିଲା । କାରଣ ଘର ପାଖ । ଘରେ ଖାଇ ଆସି ଏଠାକୁ ଆସୁଥିବା ସମସ୍ତ ପତ୍ରପତ୍ରିକା, ଖବରକାଗଜ ଭିତରେ ବୁଡି ଯାଇ ହେବ । ଏ ସୁଯୋଗ ଛାଡେ କିଏ । ଭାଷା ଉପରେ ନିୟନ୍ତ୍ରଣ ଥିଲେ ମଧ୍ୟ ସମ୍ବାଦପତ୍ର ଯୋଗ୍ୟ ଭାଷା ଟିକିଏ ଅଲଗା । ନଗେନ ବାବୁ ଲେଖୁଥିବା ପ୍ରବନ୍ଧ କେତୋଟି ପଢି ସେତକ ଆୟତ କରିବାକୁ ସମୟ ଲାଗିଲା ନାହିଁ ।

ସମୟ ଗୋଟିଏ ରୁଟିନରେ ପଡିଗଲା । ସକାଳ ୮ଟା ସୁଦ୍ଧା ସେ ସମାଜବାଦୀ ଅଫିସରେ ପହଞ୍ଚି ଆସିଥିବା ଖବର କାଗଜ ସବୁ ତନ୍ନ ତନ୍ନ କରି ପଢେ । ସମାଜବାଦୀ କାଗଜ ପାଇଁ ଯୋଗ୍ୟ ସମ୍ବାଦ ସବୁ ଚିହ୍ନ ମାରି ନଗେନ୍ ବାବୁଙ୍କ ଦେଖିବା ପାଇଁ ରଖେ । ଦ୍ୱିପ୍ରହରରେ ଘରକୁ ଫେରି ମଧ୍ୟାହ୍ନ ଭୋଜନ ସାରି ବିଶ୍ରାମ ନେଇ ୩ଟା ଅପରାହ୍ନକୁ ପୁଣି ଖବରକାଗଜ ଭିତରକୁ ଫେରିଯାଏ । ସେତେବେଳକୁ

Digitized by PPRACHIN, SOA

ନଗେନ ବାବୁ କଟକରୁ ଆସି ପହଞ୍ଚି ସାରିଥାନ୍ତି ଓ ତା ଦ୍ୱାରା ଚିହ୍ନିତ ସମ୍ବାଦଗୁଡ଼ିକୁ ଦେଖି ସାରିଥାଆନ୍ତି । ତାକୁ ବରାଦ କରନ୍ତି କେତେଗୁଡ଼ିଏ ଘଟଣା, ସମ୍ବାଦକୁ ଆମ କାଗଜ ପାଇଁ ସମ୍ବାଦ ପତ୍ର ଯୋଗ୍ୟ ଭାଷାରେ କିଛି ମିଶାଣ ଫେଡ଼ାଣ କରି ଲେଖିବାକୁ । ପତ୍ରପତ୍ରିକାରେ କିଛି ଆକର୍ଷଣୀୟ ପ୍ରବନ୍ଧ ବାହାରିଥିଲେ ତା ଛାୟାରେ ହେଉ ବା ଅନୁବାଦ ହେଉ, ତାକୁ ପ୍ରବନ୍ଧଟିଏ ଲେଖିବାକୁ ହୁଏ । ଏ ସମସ୍ତ କାମ ସେ ଅତ୍ୟନ୍ତ ଆନ୍ତରୀକତା ସହ କରେ । କାରଣ ଏ କାମ ତାକୁ ଭଲ ଲାଗେ । ଘରକୁ ଫେରିବା କେବେ ରାତି ୮ଟା ପୂର୍ବରୁ ହୁଏ ନାହିଁ ।

ନଗେନ ବାବୁଙ୍କ ବିଷୟରେ ପଦେ ଏଠାରେ କହି ରଖେ । ତାଙ୍କର ନିଜର ସେପରି ସ୍କୁଲ କଲେଜ ଶିକ୍ଷା ନଥିଲା । ପ୍ରଜାତନ୍ତ୍ରରେ ପିଲାଦିନୁ ଛୋଟ ବଡ଼ କାମ କରିବା ଭିତରେ ସେ କ୍ରମେ ସାମ୍ବାଦିକ ହୋଇଥିଲେ । ସାମ୍ବାଦିକ ହିସାବରେ ବେଶ୍ ସଫଳତା ପାଇଥିଲେ । ଅତ୍ୟନ୍ତ ଖୋଲା ମଣିଷ ! ଅନେକଙ୍କ ସହ ବନ୍ଧୁତା । କାଲିକି କ'ଣ ହେବ ସେଥିପାଇଁ ଚିନ୍ତା ନଥାଏ । ଚନ୍ଦ୍ରକୁ ବହୁତ ସମୟରେ କୁହନ୍ତି "ଖର୍ଚ୍ଚ ବଢ଼ିଲେ ରୋଜଗାର ବଢ଼ିବ ।" ଏଥିରେ ସେ ବିଶ୍ୱାସ କରନ୍ତି ଆଉ ଚଳନ୍ତି ମଧ୍ୟ ସେହିପରି । ଭଲ ଖାଆନ୍ତି, ଭଲରେ ରହନ୍ତି ମାତ୍ର ନିୟମିତ ରୋଜଗାର ପ୍ରତି ତାଙ୍କର ସେପରି ଖାତିର ନଥାଏ । ଛୋଟ ଲୋକୀ, ସଂକୀର୍ଣ୍ଣତା ତାଙ୍କର ମୋଟେ ନଥାଏ, ଯାହା ତାକୁ ବହୁତ ଭଲ ଲାଗେ । କେହି ଅଭାବୀ ପହଞ୍ଚିଛି, ତାକୁ ୫୦ଟଙ୍କା ଦେବାକୁ ହେବ, ତାଙ୍କ ପାଖରେ ପ୍ରାୟ ନଥାଏ । ପାଖରେ ଯେଉଁ ଭଦ୍ର ଲୋକ ଥିବେ ତାଙ୍କଠାରୁ ଆଣି ସେଇଠି ସେ ଅଭାବୀକୁ ଦେଇଦେବେ । ସେ ବ୍ୟକ୍ତି କୃତ୍ୟ କୃତ୍ୟ ହୋଇ କିଛି କହିବାକୁ କହିଲେ ତାକୁ କହିବେ "ଯାହା ତୋର ମଙ୍ଗଳକାମନା ଏ ବାବୁଙ୍କୁ ଦେ ।"

ଅନେକ ଦିନ ଉପରବେଳା ସେକ୍ରେଟାରିଏଟ୍ ବାହାରନ୍ତି । କିଛି ନିର୍ଦ୍ଦିଷ୍ଟ କାମଥାଏ ବୋଲି ଯାଆନ୍ତି ତା ନୁହେଁ, ବିଭିନ୍ନ ବିଭାଗ ବିଭିନ୍ନ ଅଫିସରଙ୍କ ପାଖରେ ମୁହଁ ମାରି ଆସିବା ଭିତରେ ଅନେକ ସମ୍ବାଦ ପାଆନ୍ତି ଆଉ ଭବିଷ୍ୟତ ସମ୍ବାଦର ସୂଚନା ପାଇପାରନ୍ତି । ଚନ୍ଦ୍ର କ୍ରମେ ବୁଝିଲା ସେହି ସୂଚନାକୁ କାମରେ ଲଗାଇ କାଲି ଘଟିବାକୁ ଯାଉଥିବା ଘଟଣାକୁ ଆଜି ବ୍ୟବହାର କରିପାରିବା ହିଁ ସଫଳ ସାମ୍ବାଦିକତା । ସେ ପ୍ରାୟ ପ୍ରତିଥର ତାଙ୍କ ସଙ୍ଗେ ସଚ୍ଚିବାଳୟ ଯାଏ ଆଉ ତାକୁ ବିଭିନ୍ନ ଅଫିସରମାନଙ୍କ ସହ ଚିହ୍ନା କରି ଦିଅନ୍ତି । ତାଙ୍କୁ ଅନେକ ଉଚ୍ଚ ବର୍ଗ ଅଧିକାରୀମାନେ ଆନ୍ତରୀକ ଭଲ ପାଆନ୍ତି ତାହା ଚନ୍ଦ୍ର ସେ ସାକ୍ଷାତରୁ ଜାଣିପାରେ ଆଉ ଆଶ୍ଚର୍ଯ୍ୟ ହୁଏ ।

ସମ୍ପର୍କ ଗଢ଼ିବାକୁ ହେଲେ ଖଟି କରିବାକୁ ହେବ । ସମୟ ନଷ୍ଟ କରିବାକୁ ହେବ । ଆଉ ଏଇ ବ୍ୟାପକ ସମ୍ପର୍କ ହିଁ ଜଣକୁ ସାମ୍ବାଦିକତାରେ ସଫଳତା ହିଁ

Digitized by PPRACHIN, SOA

ଆଣିଦେବ । ଜଣେ ସଫଳ ସାମ୍ବାଦିକ ଅନେକ ଆଜେବାଜେ ଗପ, ଗୁଳି ଭିତରୁ ଠିକ୍ ସୂଚନାଟି ଶୁଂଘି ପାରିବ । ଆଉ ତାକୁଇ ଅନୁସରଣ କରି ଖବରକାଗଜ ପୃଷ୍ଠାରେ ନିଜକୁ ପ୍ରତିଷ୍ଠିତ କରିପାରିବ । ବାରମ୍ବାର ନଗେନ ବାବୁଙ୍କ ସହ ତାଙ୍କ ଖଟି ହେଉ, ସରକାରୀ ଦପ୍ତରରେ ଗପସପ ହେଉ ସେ ଯାଇଛି । ଧୈର୍ଯ୍ୟ ଧରି ସବୁ କିଛି ଶୁଣିଛି ଆଉ ସେଇ ଆଲୁମାଲୁ ଗଦା ଭିତରୁ କ୍ରମେ ସମ୍ବାଦର ଠିକ୍ ଖୁଅଟି ଧରିପାରିଛି ।

ହଁ ଏତ ଗଲା କାମର କଥା । ବୃତ୍ତି ଯଦି ପ୍ରକୃତିର ଅନୁକୂଳ ହୁଏ ତେବେ ଜଣେ ସେଥିରେ ନିଜକୁ ସମ୍ପୂର୍ଣ୍ଣ ହଜାଇଦେବ । ଚନ୍ଦ୍ର ସେଥିପାଇଁ କ୍ରମେ ନିଜକୁ ପ୍ରସ୍ତୁତ କରୁଥିଲା । ବର୍ତ୍ତମାନ ଘରେ ପ୍ରଶ୍ନ ଉଠିଲା ରୋଜଗାରର । ପାଠ ପଢା ସରିଲା । ଯେ କୌଣସି ବୃତ୍ତିକୁ ଆଦରି ନେବାରେ ଘରେ କାହାର କିଛି ଆପତ୍ତି ନଥିଲା । ମାତ୍ର ଘର ଉପରେ ତ ସବୁଦିନ ନିର୍ଭର କରି ହେବନି । ତଥାପି ଘରୁ ପ୍ରତିଶ୍ରୁତି ପାଇଲା ଯେ ଅନ୍ୟୁନ ୪/୫ ବର୍ଷ ଭିତରେ ନିଜ ଗୋଡରେ ନିଜେ ଠିଆ ହୋଇ ସ୍ୱାଧୀନ ଭାବେ ସଂସାରଟିଏ ଚଳାଇ ପାରିବାର ଦାୟୀତ୍ୱ ନେବାପରି ରୋଜଗାରକ୍ଷମତା ତା ପାଇଁ ଆବଶ୍ୟକ । ତାଠାରୁ ଅଧିକ ସମୟ ଭାଇମାନେ ତାକୁ ସାହାଯ୍ୟ କରିପାରିବା କଷ୍ଟକର ହେବ । ହଁ ଉଚିତ କଥା । ସେମାନଙ୍କର ମଧ୍ୟ ଘର ସଂସାର ଦେଖିବାର ଅଛି ।

ମାତ୍ର ସାମ୍ବାଦିକତାରୁ କିପରି ଚଳନକ୍ଷମ ରୋଜଗାର ହୋଇପାରିବ ତାହା ସେ ବୁଝି ପାରୁ ନଥିଲା । ଏ ଧନ୍ଦା ଛାଡିବାକୁ ଆଉ ଚାକିରିରେ ପଶିବାକୁ ମଧ୍ୟ ଏକାନ୍ତ କୁଣ୍ଠିତ ଥିଲା । ଏ ବ୍ୟାପାରରେ କାହାଠାରୁ ପରାମର୍ଶ ମଧ୍ୟ ପାଇବା ତା ପକ୍ଷରେ ସମ୍ଭବ ନଥିଲା । ହୁଏତ ନଗେନ ବାବୁଙ୍କୁ ପଚାରି ପାରିଥାଆନ୍ତା । ମାତ୍ର ନଗେନ ବାବୁ ନିଜେ ଜଣେ ବେପରବାୟ ଲୋକ । ଆସନ୍ତା କାଲି ପାଇଁ ଚିନ୍ତା କରି ଆଜି ଧନ୍ଦି ହେବାକୁ ସେ କେବେ ଚାହାନ୍ତି ନାହିଁ । ସମସ୍ୟା ଆସୁ ଦେଖାଯିବ । ଏହାହିଁ ତାଙ୍କ ଦର୍ଶନ । ଖର୍ଚ୍ଚ ବଢିଲେ ରୋଜଗାରର ବାଟ ନିଶ୍ଚୟ ଖୋଲିଯିବ, ଏହା ତାଙ୍କର ବିଚାର ।

ମାତ୍ର ଚନ୍ଦ୍ର ଏଥିରେ ଏକମତ ହୋଇପାରେ ନାହିଁ । ନିଜ ଶିଂଘରେ ମାଟି ତାଡି ସେ ନିଜେ ତା'ର ଘର ବସାଇବାରେ ଆଗ୍ରହୀ । ରୋଜଗାର କମ୍ ହେଉ ବେଶୀ ହେଉ ସେ ଅନ୍ୟ ଏକ ପ୍ରଶ୍ନ ମାତ୍ର ଅନିଶ୍ଚିତ ପଥରେ ପାଦ ଦେଇ ତାକୁ ଜୀବନ ଦର୍ଶନରେ ପରିଣତ କରିବାରେ ସେ ରାଜି ନୁହେଁ । ମତେ ଏକ ନିର୍ଦ୍ଦିଷ୍ଟ ଧନ୍ଦା ଧରିବାକୁ ହେବ ଆଉ ସେଇ ଧନ୍ଦାକୁ ନେଇ ଏକ ସମ୍ମାନଜନକ ଜୀବନ

Digitized by PPRACHIN, SOA

ବଞ୍ଚିବାକୁ ହେବ । ଘରର ଅନ୍ୟ କୌଣସି ଦାୟୀତ୍ୱ ତା ଉପରେ ନାହିଁ । ସେଥିପାଇଁ ସେ ତା'ର ପରିବାର ତଥା ଭାଇମାନଙ୍କ ପାଖରେ କୃତଜ୍ଞ । ମାତ୍ର ସେ ନିଜେ ସବୁଦିନ ପରିବାର ଉପରେ ବୋଝ ହେବ, ଏହା କଦାପି ତା ପାଇଁ ଗ୍ରହଣ ଯୋଗ୍ୟ ନୁହେଁ ।

ସମାଜବାଦୀ ଅଫିସରୁ ତାକୁ ମିଳୁଥିଲା ମାସକୁ ୨୦୦ ଟଙ୍କା । ଧରିତ୍ରୀ କାଗଜ ପାଇଁ ପ୍ରସ୍ତୁତି ଚାଲିଥିଲା । ଅଫିସ ସେତେବେଳକୁ ରସୁଲଗଡ ଶିଳ୍ପାଞ୍ଚଳକୁ ଉଠିଗଲାଣି । ଧରିତ୍ରୀ ବାହାରିଲେ ଏଇଟି ବନ୍ଦ ହୋଇଯିବ ଓ ସେ ଧରିତ୍ରୀରେ ସାମିଲ ହୋଇ ଅଧିକ କିଛି ଦରମା ପାଇବ । ଏହା ତାକୁ ଜଣାଇ ଦିଆଯାଇଥିଲା । ଧରିତ୍ରୀ ଆରମ୍ଭ ବେଳକୁ କର୍ମଚାରୀ ସଂଖ୍ୟା ବଢ଼ିଲେ । ଶ୍ରୀ ରାମନାଥ ପଣ୍ଡା ସମ୍ପାଦକ ହୋଇ ଆସିଲେ । ନଗେନ ବାବୁ ହେଲେ ବାର୍ତ୍ତା ସମ୍ପାଦକ । ଚନ୍ଦ୍ର ପରି ଆଉ ୨/୩ଜଣ ସହସମ୍ପାଦକ ନିଯୁକ୍ତି ପାଇଲେ । ସେମାନେ ସମସ୍ତେ ଆଗରୁ ଅନ୍ୟ ଖବରକାଗଜରେ କାମ କରିବାର ଅନୁଭୂତି ପାଇଥିଲେ । ତାହା ସତ୍ତ୍ୱେ ସେ ତା କର୍ମ ଦକ୍ଷତା ଦ୍ୱାରା ସେ ନଗେନ ବାବୁ ତଥା ରାମନାଥ ପଣ୍ଡାଙ୍କୁ ଖୁସୀ କରି ପାରୁଥିଲା ।

କାମ, ପରିବେଶ ସବୁ କିଛି ତା ମନ ମୁତାବକ ହୋଇଥିବାରୁ ବେଶ୍ ମନ ପ୍ରାଣ ଦେଇ କାମ ଶିଖିବାରେ ତଥା କରିବାରେ ଲାଗି ପଡ଼ିଲା । କ୍ରମେ ଆଉ କିଛି ବାହାର ଲେଖାଲେଖି କାମ ହାତକୁ ନେଇ ସାମାନ୍ୟ କିଛି ଅଧିକ ରୋଜଗାର କରି ପାରିଲା । କାହା ପାଇଁ ପ୍ରଚାର ପତ୍ର ଲେଖିଦେବା, କାହା ପାଇଁ ଛୋଟମୋଟ ଅନୁବାଦଟିଏ କରିଦେବା ଏସବୁ ତା'ର ଧରିତ୍ରୀ କାମ ବାହାରେ ସେ କରୁଥିଲା ଏବଂ ଦିନକୁ ଦିନ ଅନ୍ୟାନ୍ୟ ଛୋଟ ଛୋଟ ପ୍ରେସରୁ ଅଧିକରୁ ଅଧିକ ବରାଦ ଆସୁଥିଲା । ସେ କିନ୍ତୁ କେବେ ଧରିତ୍ରୀ କାମ ପଛକୁ ପକାଇ ଅନ୍ୟ ପ୍ରେସର ବରାଦ ତୁଲାଇ ନାହିଁ । ନଗେନ ବାବୁ ଚନ୍ଦ୍ରର ଏହି ନୀତି ନେଇ ଅତ୍ୟନ୍ତ ଖୁସୀ ହୋଇ ଅନ୍ୟମାନଙ୍କ ସାମନାରେ ମୋର ଦକ୍ଷତା ତଥା ନୀତିର ପ୍ରଶଂସା କରନ୍ତି । ଜ୍ଞାନଗାରିମା, ଶିକ୍ଷାରେ ନଗେନ ବାବୁଙ୍କର ପରିସୀମା ତାକୁ ଜଣା । ସେ କଥା ସେ କାହାଠାରୁ ବି ଲୁଚାନ୍ତି ନାହିଁ । ଶିକ୍ଷାଗତ ଯୋଗ୍ୟତା ତା'ର ତାଙ୍କଠାରୁ ହୁଏତ ଯଥେଷ୍ଟ ବେଶି । ମାତ୍ର ଏ ବିଭେଦ କେବେବି ଚନ୍ଦ୍ରର ତାଙ୍କ ସହ ସମ୍ପର୍କ ବାଟରେ ଛିଡ଼ା ହୋଇ ନାହିଁ । ମଣିଷ ହିସାବରେ ଚମତ୍କାର ମଣିଷ । ଅଭାବ କେବେବି ତାଙ୍କୁ ହରାଇ ପାରି ନାହିଁ । ଗୁଣ ଚିହ୍ନିବା ଲୋକ ସେ । ପେଶାରେ ତାଙ୍କର ବ୍ୟୁତ୍ପତ୍ତିକୁ ଅସ୍ୱୀକାର କରି ହେବ ନାହିଁ । ସାମ୍ବାଦିକ ଜୀବନରେ ଚନ୍ଦ୍ରର ସେ ପ୍ରଥମ ଓ ଶେଷ ଗୁରୁ । ତାଙ୍କର ସଫଳତାର କୌଶଳ ଶିଖାଇବାରେ ସେ କେବେବି ପଛେଇ ନାହାନ୍ତି । ତାଙ୍କର ଯେଉଁ ଅଫିସର, ନେତା ତଥା ସଫଳ ସାମ୍ବାଦିକମାନଙ୍କ ସହିତ, ଇଂରେଜୀ

Digitized by PPRACHIN, SOA

ହେଉ ବା ଓଡିଆ କାଗଜ ହେଉ ସୁସମ୍ପର୍କ। ଚନ୍ଦ୍ରକୁ ସେମାନଙ୍କ ସହିତ ସାକ୍ଷାତ କରାଇ ଦୁଇପଦ ପ୍ରଶଂସା କରି ସେମାନଙ୍କ ସହ ତା ପାଇଁ ସିଧାସଳଖ ରାସ୍ତାଟିଏ ଖୋଲି ଦେଇଛନ୍ତି। ଚନ୍ଦ୍ର ତାଙ୍କ ନିକଟରେ କୃତଜ୍ଞ। ଆଜି ସେ ନାହାନ୍ତି ମାତ୍ର ତା ପ୍ରତି ସେ ଯେପରି ସାନ ଭାଇର ସ୍ନେହ ଦେଇ ତାକୁ ଶିକ୍ଷା ଦେଇଛନ୍ତି, ତାହା ସେ ଭୁଲି ପାରିବ ନାହିଁ।

ସେତେବେଳେ ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ। ଘଟଣାକ୍ରମେ ଇନ୍ଦିରା ଗାନ୍ଧୀଙ୍କ ଓଡିଶା ଆଗମନ ପାଇଁ ସରକାରୀ କଳ କର୍ମ ଚଞ୍ଚଳ। ହଠାତ୍ ଦିନେ ତ୍ରୈଲୋକ୍ୟ ଆସି ତା ପାଖରେ ପହଞ୍ଚିଲା ଆଉ ଗୋଟିଏ ପ୍ରଚାରପତ୍ର ଲେଖିବା ତଥା ଛାପିବା ପାଇଁ ତାକୁ ବରାଦ କଲା। ପ୍ରସଙ୍ଗ ହେଉଛି ପ୍ରଧାନମନ୍ତ୍ରୀଙ୍କ ଆଗମନ ତଥା ଗରୀବ ନିରୀହ ଆଦିବାସୀ, ହରିଜନ ତଥା ଭୂମିହୀନଙ୍କୁ ଜମିପଟା ବଣ୍ଟନ। ପ୍ରକାଶ ଥାଉକି, ଏହି ଜମିପଟା ବଣ୍ଟନକୁ ସେତେବେଳେ ବିରୋଧୀ ନେତା ବିଜୁ ପଟ୍ଟନାୟକ ଟାହିଟାପରା କରୁଥିଲେ। ଯେଉଁ ଜମି ଦିଆ ଯାଉଛି ସେଥିରେ ଘାସ କଅଁଳିବ ନାହିଁ। ସେ ଜମିରେ ନଡିଆ ଭାଙ୍ଗିଲେ ଦୁଇ ଫାଳ ହେବ। ଏହି ପ୍ରକାରେ ଖବରକାଗଜ ମାଧ୍ୟମରେ ତାଙ୍କର ଉପହାସ ବାହାରୁଥାଏ। ଏ ପ୍ରକାର ପ୍ରଚାରପତ୍ର ଆଉ ୨/୩ ଜଣଙ୍କୁ ଲେଖିବା ପାଇଁ ବରାଦ କରାଯାଇଛି ବୋଲି ପରେ ସେ ଜାଣିଲା।

ସମୟ କମ୍। ତେଣୁ ତାକୁ ତତ୍କ୍ଷଣାତ୍ କାମରେ ଲାଗିପଡିବାକୁ ହେଲା। ପ୍ରାୟ ଏକ ମାସ ତଳର ଖବରକାଗଜ ଲେଉଟାଇଗଲା। ନଗେନ ବାବୁଙ୍କର ଗୋଟିଏ ଭଲ ଗୁଣ ସେ ସକାଳୁ ସବୁ କାଗଜ ଉପରେ ଆଖି ପକାନ୍ତି ଓ ମାସ ତାରିଖ କ୍ରମରେ ପୁରୁଣା କାଗଜ ସଜାଇ ରଖି ଥାଆନ୍ତି। ଏକ ମାସର କାଗଜ ଉପରେ ଆଖି ପକାଇ ବିଷୟ ବସ୍ତୁ କ'ଣ କରିବି ତା'ର ଗୋଟେ ରଫ୍ ଚିଠା କରି ପକାଇଲା। ଦେଖିଲା ପ୍ରାୟ ୪/୫ଟି ଇସୁକୁ ନେଇ ସଫଳ ପ୍ରଚାର ପତ୍ରଟିଏ କରିହେବ। ତ୍ରୈଲୋକ୍ୟକୁ ପଚାରିଲା, ସେ କହିଲା ଯେ "ଖର୍ଚ୍ଚ କଥା ତୁମେ ଚିନ୍ତା କରନାହିଁ। ଭଲ କାଗଜ, ଭଲ ଫଟ ନେଇ ମଲ୍‌ଟି କଲରର ପୁସ୍ତିକାଟିଏ କର। ତୁମେ ଯେପରି ପ୍ରଥମ ହେବ ଆଉ ସେଥିରେ ମୋର ଗର୍ବ।" ବିଭିନ୍ନ ଇସୁକୁ ନେଇ ପୃଷ୍ଠାଏ ଲେଖାଏ ଲେଖିଲା, ତା'ର ପୂର୍ବ ପୃଷ୍ଠାରେ ପ୍ରାସଙ୍ଗିକ ଫଟଟିଏ ଦେଲା। ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱ ସହିତ ନନ୍ଦିନୀ ଦେବୀଙ୍କ ବ୍ୟକ୍ତିତ୍ୱ ପ୍ରକାଶିତ ହେଉଥିବା ଚିତ୍ର ତାକୁ ବାଛିବାକୁ ହେଲା। ସେଥିରେ ରାମନାଥ ପଣ୍ଡା ତାକୁ ଅନେକ ସାହାଯ୍ୟ କରିଛନ୍ତି।

Digitized by PPRACHIN, SOA

ସେ ପୁସ୍ତିକାର ସମ୍ପୂର୍ଣ୍ଣ ବିଷୟ ବସ୍ତୁ ତା'ର ଆଜି ଏତେ ବର୍ଷ ପରେ ମନେ ନାହିଁ। ମାତ୍ର ଭୂମୀହୀନଙ୍କୁ ଜମିପଟା ଦେବାର ଯେଉଁ ପୃଷ୍ଠା ସେଥିରେ ଦେଇଥିଲା ଖୋଲା ଟାଙ୍ଗରା ପଡିଆ ଭିତରେ ଦୁସ୍ଥ ଶ୍ରମିକଟିଏ ତା ସ୍ତ୍ରୀ ଆଉ ଦୁଇଟା ପିଲାଙ୍କୁ ନେଇ ମାଟିକୁ ମୁଣ୍ଡ ଛୁଆଇଁ ମୁଣ୍ଡିଆ ମାରୁଛି। 'ଏ ଜମି ମୋର। ଏ ଜମି ମୋର।' ଏତିକି କହି ସେ କାନ୍ଦି ପକାଇଛି। ତା ଲେଖାରେ ପର ପୃଷ୍ଠାରେ ଲେଖିଥିଲା, ଘାସ ନ ଉଠୁଥିବା, ନଡିଆ ବାଡେଇଲେ ଭାଙ୍ଗି ଯାଉଥିବା ଜମି ଦୁଇ ଏକରର ମାଲିକାନାର ମୂଲ୍ୟ ବିଜୁ ବାବୁଙ୍କ ପରି କୋଟିପତି ବୁଝି ପାରିବେ ନାହିଁ। ପୁରୁଷ ପୁରୁଷ ଧରି ଏତେ ବଡ ପୃଥିବୀରେ ଇଞ୍ଚେ ଜମି ନିଜର ବୋଲି କହି ପାରୁ ନଥିବା ସେହି ଦୁଃସ୍ଥ ମଣିଷଟି ମନରେ ଆଜି ଦୁଇ ଏକର ଜମିର ପଟା ପାଇଁ ଯେଉଁ ଭାବ, ଆନନ୍ଦ, ପ୍ରେରଣା ତାହା ବୁଝିବା ପାଇଁ ହୃଦୟ ଦରକାର। ବିଜୁବାବୁଙ୍କର ଟଙ୍କା ଅଛି, ଜମି ଅଛି ମାତ୍ର ହୃଦୟ ନାହିଁ।

ରାତି ଦିନ ଲାଗି, ପ୍ରଚାର ପତ୍ରଟି ତିଆରି କଲା। ଧରିତ୍ରୀ ପ୍ରେସ ମଧ୍ୟ ବେଶ୍ ସୁନ୍ଦର କରି ସେଇଟି ଛପାଇଲେ। ଇନ୍ଦିରା ଗାନ୍ଧୀ ଆସିଲେ ଗଲେ। ଦିନେ ସନ୍ଧ୍ୟାରେ ସେ ଘରେ ବସିଛି ଧରିତ୍ରୀ ଗାଡି ଆସି ଦୁଆରେ ଲାଗିଲା, ସେଥିରେ ରାମନାଥ ପଣ୍ଡା ଓ ତ୍ରୈଲୋକ୍ୟ ଥିଲେ। ତାକୁ ନନ୍ଦିନୀ ଦେବୀ ଡକାଇଛନ୍ତି ବୋଲି ଟିକନ (ତ୍ରୈଲୋକ୍ୟ) କହିଲା। ଚନ୍ଦ୍ର ଟିକିଏ ପଛଘୁଞ୍ଚା ଦେଉଥିଲା। କ'ଣ କାହିଁକି କିଛି ଜାଣି ପାରୁ ନଥାଏ। ରାମନାଥ ବାବୁ କହିଲେ ମୁଁ ତୁମ ସାଙ୍ଗରେ ଯିବି ଆସ। ଡରିବାର କିଛି ନାହିଁ। ସେମାନଙ୍କ ସାଙ୍ଗରେ ଗଲା। ନନ୍ଦିନୀ ଦେବୀ ବେଶି ସମୟ ଅପେକ୍ଷା କରିବାକୁ ଦେଇ ନାହାନ୍ତି। ପ୍ରତୀକ୍ଷା କକ୍ଷକୁ ଆସିବା ବେଳେ ହାତରେ ସେ ଲେଖିଥିବା ପ୍ରଚାର ପୁସ୍ତିକାଟି ଥାଏ। ଅତ୍ୟନ୍ତ ଭାବ ପ୍ରବଣ ହୋଇ ତା'ର ଲେଖା, ନିର୍ବାଚିତ ଫଟ ତଥା ବିଶେଷ କରି ଭୂମିହୀନଙ୍କୁ ପଟା ନେଇ ଲେଖାଟିର ପ୍ରଶଂସା କଲେ। ଭୂମିହୀନଙ୍କ ପଟା ଲେଖାଟିର ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ସେଇ ସଭାରେ ଅନୁବାଦ କରି ଶୁଣାଇବାରେ ସେ ମଧ୍ୟ ଅତ୍ୟନ୍ତ ପ୍ରସନ୍ନ ହେଲେ। ତାକୁ ନିଜେ ୫୦୦ଟଙ୍କା ପୁରସ୍କାର ଦେଲେ। ତା ସହିତ କହିଲେ ମୁଁ ତୁମକୁ ମସ୍କୋ ସାମ୍ବାଦିକତା ପଢ଼ିବା ପାଇଁ ପଠାଇବି। ତୁମେ ପ୍ରସ୍ତୁତ ରୁହ।

ଘରେ ଆସି ନନ୍ଦିନୀ ଦେବୀଙ୍କ ପ୍ରସ୍ତାବ କହିଲି। ଘରେ ବା କ'ଣ ଜାଣିଛନ୍ତି। ସମସ୍ତେ ଖୁସୀ ହେଲେ ମାତ୍ର ମସ୍କୋ ଯିବା ଉଚିତ୍ ହେବକି ନାହିଁ ସେ ବିଷୟରେ କେହି କିଛି କହିଲେ ନାହିଁ। ଚନ୍ଦ୍ର ମନେ ମନେ ଖୁସୀ ହେଲେ ମଧ୍ୟ ଅଧିକ ସେ ବିଷୟରେ ମୁଣ୍ଡ ଖେଳାଇଲା ନାହିଁ। ଧରି ନେଲା ଯାହା ଘଟିବାର ଥିବ ଘଟିବ। ସବୁ ସମୟ ଉପରେ ଛାଡି ଦେବା ଉଚିତ୍ ହେବ। ଏକଥା ମଧ୍ୟ ଚିନ୍ତା କଲା ଯେ

Digitized by PPRACHIN, SOA

ଏ ପର୍ଯ୍ୟନ୍ତ ଯାହା ଘଟି ଯାଇଛି ତା ଉପରେ ତା'ର କୌଣସି ନିୟନ୍ତ୍ରଣ ନଥାଇ ଘଟି ଯାଇଛି। ସେ ଏ.ଜି. ଅଫିସରେ ଅଡିଟର ରହି ଲ ପଢି ଓକିଲ ହେବାକୁ ଚାହିଁଥିଲା। ମାତ୍ର ପରୀକ୍ଷାର ଖାତା ହଜିଗଲା। ଭାଗ୍ୟ ତାକୁ ଏ ଦିଗରେ ଟାଣି ଆଣିଲା। ତେଣୁ ଆଗକୁ ଯାହା ଘଟିବ ତାକୁ ଗ୍ରହଣ କରି ନେବାକୁ ମନ ସ୍ଥିର କରିନେଲା।

ମାତ୍ର ଭାଗ୍ୟ ଯେ ତା ପାଇଁ ଅନ୍ୟ କିଛି ସମ୍ପୂର୍ଣ୍ଣ ନୂତନ ଖେଳର ଆୟୋଜନ କରିଛି ତାହା କିପରି ଜାଣିବ। ଚନ୍ଦ୍ରିକା ମହାପାତ୍ର, ଭଗବତୀ ପାଣିଗ୍ରାହୀଙ୍କ କନ୍ୟା ଏବଂ ସେଇ ସୂତ୍ରରେ ନନ୍ଦିନୀ ଦେବୀଙ୍କ ସମ୍ପର୍କୀୟା ଭଉଣୀ। ନନ୍ଦିନୀ ଦେବୀଙ୍କ ରାଜତ୍ୱ ସମୟରେ ଚନ୍ଦ୍ରିକା ଦେବୀ ଅତ୍ୟନ୍ତ କର୍ମଠ ଆଉ ଉତ୍ସାହୀ ହୋଇ ପଡିଥିବାର ଦେଖା ଯାଉଥିଲା। ରାଜନୀତି କ୍ଷେତ୍ରରେ ସେ କ'ଣ କରୁଥିଲେ କ'ଣ ନକରୁଥିଲେ ସେଥିରେ ତା'ର କିଛି ଯାଏ ଆସ ନଥିଲା। ମାତ୍ର ଧରିତ୍ରୀ ଅଫିସକୁ ନିୟମିତ ଆସି ବିଭିନ୍ନ ପ୍ରସଙ୍ଗରେ ଆପଣାର ଅଧିକାର ଜାହିର କରୁଥିଲେ। ତାକୁ ଭଲ ଲାଗୁ ବା ନ ଲାଗୁ ତା କାମରେ ସେ ବ୍ୟସ୍ତ ରହୁଥିଲା। ସେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ପ୍ରଶଂସା ତଥା ଆର୍ଥିକ ପୁରସ୍କାରଟିଏ ପାଇବା ପରେ ଚନ୍ଦ୍ରିକା ଦେବୀ ତା ବ୍ୟାପାରରେ କିଛିଟା ଅନିସଂଧିତ୍ସୁ ହୋଇ ପଡିବାର ସେ ଜାଣି ପାରିଲା।

<u>ଚନ୍ଦ୍ରିକା ଦେବୀଙ୍କ ସହ ମତ ଭେଦ</u>:- ଏଇ ସମୟରେ ଆଉ ଗୋଟିଏ ଘଟଣା ଘଟିଲା ଯେଉଁଥିପାଇଁ ଚନ୍ଦ୍ର ଉପରୁ ତାଙ୍କର ଆସ୍ଥା ତୁଟିଗଲା (ଯଦିବା କିଛି ଆସ୍ଥା ଥିଲା) ବୋଲି ସେ ଜାଣିଗଲା। ସେ ବ୍ୟାପାରଟି ଏହିପରି। ସେତେବେଳେ ଜୟ ପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତିର ସମୟ। ନିର୍ବାଚିତ ସରକାରଙ୍କୁ ହଟାଇବା ପାଇଁ ଜୟ ପ୍ରକାଶ ନାରାୟଣ ଡାକରା ଦେଇ ଥାଆନ୍ତି। ସୈନ୍ୟ ବାହିନୀକୁ ମଧ୍ୟ ବିଦ୍ରୋହ କରିବାକୁ ଉତ୍ସାହିତ କରୁ ଥାଆନ୍ତି।

ଜୟ ପ୍ରକାଶଙ୍କ ସାଧୁତା ଓ ନିଷ୍ଠାର ପଟାନ୍ତର ନାହିଁ। ଏଣେ ଇନ୍ଦିରା ଗାନ୍ଧୀଙ୍କ ଶାସନ କ୍ରମେ ସ୍ୱେଚ୍ଛାଚାରୀତାର ସୀମା ସରହଦ ଡେଇଁଲାଣି। ତାଙ୍କ ପୁଅ କୌଣସି ପଦପଦବୀରେ ନଥାଇ ମଧ୍ୟ ଏ ରାଷ୍ଟ୍ରର ସୁପର ପ୍ରଧାନମନ୍ତ୍ରୀ। ଜୟ ପ୍ରକାଶଙ୍କ ଡାକରାରେ ଅନେକ ଆନ୍ଦୋଳନରେ ଯୋଗ ଦେଇ ଥାଆନ୍ତି। ଛାତ୍ରମାନେ ପାଠ ପଢା ଛାଡି ଆନ୍ଦୋଳନରେ ଯୋଗ ଦେଇ ଥାଆନ୍ତି। ମାତ୍ର ବ୍ୟକ୍ତିଗତ ଭାବରେ ସେ ଜୟ ପ୍ରକାଶଙ୍କ ଆନ୍ଦୋଳନକୁ ସମର୍ଥନ କରିପାରୁ ନଥାଏ। ତା'ର ସର୍ବଦା ମତାମତ ଏଇଆଯେ ସଂସାର ଛାଡିବା ପାଇଁ ଯେପରି ଗୋଟାଏ ବାଟ ଦରକାର, ସେହିପରି ଗୋଟାଏ ସରକାରକୁ ହଟାଇବା ପାଇଁ ମଧ୍ୟ ସର୍ବଜନ ଆଦୃତ ଗୋଟାଏ ବାଟ

Digitized by PPRACHIN, SOA

ଦରକାର । ଯଦି ବାଟ ବା ଉପାୟଟି ନୀତି ଉପରେ ପ୍ରତିଷ୍ଠିତ ନଥିବ, ତେବେ ଅରାଜକତା ଘୋଟିବ ହିଁ ଘୋଟିବ ।

ଏହି ସମୟରେ ନିର୍ମଳା ଦେଶ ପାଣ୍ଡେ ଯେକି ଜଣେ ସର୍ବୋଦୟ ନେତ୍ରୀ ସେ ଜୟ ପ୍ରକାଶଙ୍କ ଆନ୍ଦୋଳନରେ ଆଗ ଧାଡିରେ । ସେଇ ସଙ୍କ୍ରାନ୍ତରେ ଓଡିଶା ଆସି ପୁରୁଣା ଭୁବନେଶ୍ୱରର ବିନ୍ଦୁସାଗର ନିକଟରେ ଗୋଟିଏ ଧର୍ମଶାଳାରେ ଆସ୍ଥାନ ଜମାଇଥାଆନ୍ତି । ଚନ୍ଦ୍ରିକା ଦେବୀଙ୍କ ବରାଦ ମୁତାବକ ତାଙ୍କ ସହ ଗୋଟିଏ ସାକ୍ଷାତକାର ପାଇଁ ଚନ୍ଦ୍ର ସେଠାରେ ଯାଇ ପହଞ୍ଚିଲା । ସେ ଏ ସବୁ ବ୍ୟାପାରରେ ଅନଭିଜ୍ଞ । ଅନ୍ୟ କେହି ଛୋଟକାଟିଆ ସ୍ଥାନୀୟ ନେତା ହୋଇଥିଲେ ତାକୁ ଏତେ ଅଡୁଆ ଲାଗି ନଥାନ୍ତା । ନିର୍ମଳା ଦେଶପାଣ୍ଡେ ସେତେବେଳକୁ ଜଣେ ଜାତୀୟ ସ୍ତରରେ ପରିଚିତା ମହିଳା । ସେ ଯାହା ହେଉ ସାହସ ବାନ୍ଧି ପହଞ୍ଚିଲା । ପ୍ରଥମେ ପରିଚୟ ଆଦାନପ୍ରଦାନ ତଥା ମଙ୍ଗଳ କାମନା ଭିତରେ ଜାଣି ପାରିଲା ଯେ ସେ ଓଡିଆ ପ୍ରାଞ୍ଜଳ ବୁଝି ପାରୁଛନ୍ତି, କହିବି ପାରୁଛନ୍ତି ।

ପ୍ରକୃତରେ ଜୟ ପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ନେଇ ତା ନିଜ ମନରେ ଅନେକ ଆଶଙ୍କା ତଥା ସନ୍ଦେହ ରହିଥିଲା । ସେ ସମୟଟା ଆନ୍ଦୋଳନ ନଈବଢିର ସମୟ । ଜୁଆରର ସମୟ । ଜୟ ପ୍ରକାଶଙ୍କ ଏ ଆନ୍ଦୋଳନ କେତେଦୂର ଆମର ସମସ୍ୟାଗୁଡିକୁ ସମାଧାନ କରିବାରେ ସାହାଯ୍ୟ କରିବ, ସେ କଥା କେହି ଚିନ୍ତା କରୁ ନଥିଲେ । ଆନ୍ଦୋଳନର ସୁଅରେ ସମସ୍ତେ ଭାସୁଥିଲେ । ଇନ୍ଦିରା ଗାନ୍ଧୀଙ୍କ ଶାସନ ପ୍ରକୃତରେ ସ୍ୱେଚ୍ଛାଚାରୀ ହୋଇ ପଡିଥିଲା । ସାଧାରଣ ଜନତାଠାରୁ ତାହା ଦୂରେଇ ଯାଇଥିଲା । ନିଜକୁ ଶାସନରେ ମାଡି କରି ରହିବା ପାଇଁ ଯାହା କିଛି ଦରକାର ସେ କରିବାକୁ ପଛାଇ ନଥିଲେ । ଗଣତନ୍ତ୍ର, ନୀତିନିୟମ ଏ ସମସ୍ତକୁ ସେ ଜଳାଞ୍ଜଳି ଦେଇଥିଲେ ବା ନିଜର ଆବଶ୍ୟକ ସ୍ଥଳେ କେବେକେବେ ଏ ଶବ୍ଦଗୁଡିକୁ ଅଳିଆ ଗଦାରୁ ଆଣି ବ୍ୟବହାର କରୁଥିଲେ । ସବୁଠାରୁ ଅରୁଚିକର ଥିଲା ସଞ୍ଜୟ ଗାନ୍ଧୀ ପରି ଜଣେ ଅର୍ବାଚୀନ ଯୁବକ, ଯାହାର କୌଣସି ସାମ୍ବିଧାନିକ ସ୍ଥିତି ନାହିଁ, ତାକୁ ସମଗ୍ର ଶାସନକୁ ନିୟନ୍ତ୍ରଣ କରିବାର ଅଧିକାର ଦେଇଥିଲେ । ଚନ୍ଦ୍ର ବ୍ୟକ୍ତିଗତ ଭାବେ ଇନ୍ଦିରା ଗାନ୍ଧୀଙ୍କ ଶାସନକୁ ଘୃଣା କରୁଥିଲା । ମା ପୁଅଙ୍କ ଶାସନ ଏ ଦେଶରୁ ହଟି ଯାଉ ବୋଲି ଚାହୁଁଥିଲା । ମାତ୍ର ସେ ହଟିବାଟା ଜୟ ପ୍ରକାଶଙ୍କ ଆନ୍ଦୋଳନ ମାଧ୍ୟମରେ ହେଲେ ଯେ କିଛି ଉପକାର ମିଳିବ ତାହା ସେ ମନେ କରୁ ନଥିଲା ।

ତା'ର ପ୍ରଥମ ସନ୍ଦେହ ଥିଲା ଯେ ଏ ଆନ୍ଦୋଳନ ଯେଉଁମାନେ ଚଳାଉଛନ୍ତି, ସେମାନଙ୍କୁ ନେଇ ଅନେକ ଅନଭିଜ୍ଞ ଛାତ୍ର, ଯୁବକ ଏ ଆନ୍ଦୋଳନର

Digitized by PPRACHIN, SOA

ପୁରୋଭାଗରେ । ଆଜି ଇନ୍ଦିରା ଗାନ୍ଧୀ କ୍ଷମତାରୁ ଗଲେ, ନିର୍ବାଚନ ହେଲେ ହୁଏତ ଏ ଯୁବକମାନେ କ୍ଷମତାକୁ ଆସିବେ । ଏମାନେ ନିଃସ୍ୱାର୍ଥପର ହୋଇ ଦେଶ ସମ୍ବିଧାନକୁ ସମ୍ମାନ ଦେଇ ଶାସନ କରିବେ, ସ୍ୱେଚ୍ଛାଚାରୀ ଦୁର୍ନିତିଗ୍ରସ୍ତ ହେବେ ନାହିଁ, ଏ ଗ୍ୟାରେଣ୍ଟି ଦେବ କିଏ ? ଏ ଆନ୍ଦୋଳନରେ ମଣିଷ ଗଢ଼ିବା ପାଇଁ କୌଣସି ସୁଯୋଗ ନାହିଁ କି ସମୟ ନାହିଁ । ଗାନ୍ଧୀ ରାଜନୈତିକ ସ୍ୱାଧୀନତା ଆସିବା ପୂର୍ବରୁ ଅନେକ ସାମାଜିକ କାର୍ଯ୍ୟକ୍ରମ ଜରୀଆରେ ସମାଜର ଉତ୍ଥାନ ପାଇଁ ଚେଷ୍ଟା କରିବା ଭିତରେ ଗୁଡ଼ିଏ କର୍ମୀ ସୃଷ୍ଟି କରିଥିଲେ । କିନ୍ତୁ ହେଲା କ'ଣ ? ରାଜନୈତିକ ସ୍ୱାଧୀନତା ଆସିବା ପରେ ଗାନ୍ଧୀଙ୍କ ସହିତ ବା ତାଙ୍କ ନେତୃତ୍ୱରେ ବର୍ଷ ବର୍ଷ ଧରି କାମ କରିଥିବା ନେତୃ ସ୍ଥାନୀୟ ବ୍ୟକ୍ତିମାନେ ଅନେକ ସ୍ଥଳରେ ଶାସନ ସମ୍ଭାଳିଲେ । ଆଶା କରାଯାଉଥିଲା ଯେହେତୁ ଏମାନେ ଅନୁଭୂତି ସମ୍ପନ୍ନ ତଥା ଗାନ୍ଧୀଙ୍କ ବ୍ୟକ୍ତିତ୍ୱ ଦ୍ୱାରା ବର୍ଷ ବର୍ଷ ଧରି ପ୍ରଭାବିତ, ଏମାନେ ଶାସନକୁ ଜନ ହିତକର କାମରେ ଲଗାଇ ଦେଶର ଅବସ୍ଥା ବଦଳାଇ ଦେବେ । ମାତ୍ର ହେଲା କ'ଣ ? ମାତ୍ର କେତୋଟି ବର୍ଷରେ ଏମାନେ ସ୍ୱେଚ୍ଛାଚାରୀ ହୋଇ ପଡିଲେ । ଏମାନେ ଶାସନରୁ ଚାଲିଗଲେ ଦେଶ ଭାସିଯିବ, ଏ ଧାରଣାର ବଶବର୍ତ୍ତୀ ହୋଇ ଶାସନକୁ ଅକ୍ତିଆରରେ ରଖିବାକୁ ଅନେକ ହୀନକାମ କଲେ । ଦୁର୍ନିତିର ନୂତନ ନୂତନ ଉପାୟ ବାହାର କଲେ । ତ୍ୟାଗର ମନ୍ତ୍ର କୁଆଡେ ଗଲା, ଭୋଗ ହେଲା ଲକ୍ଷ୍ୟ ।

ଏହା ବ୍ୟତୀତ ଜୟ ପ୍ରକାଶଙ୍କର ସୈନ୍ୟ ବାହିନୀକୁ ବିଦ୍ରୋହ ପାଇଁ ଡାକରା ଦେବାଟାକୁ ଦେଶର ଅନେକ ପସନ୍ଦ କରି ପାରୁ ନଥିଲେ । ଥରେ କ୍ଷମତା ଲୋଭ ଆଉ ବିଶୃଙ୍ଖଳା ସୈନ୍ୟ ବାହିନୀରେ ଅନୁପ୍ରବେଶ କଲେ, ତା'ର ପରିଣାମ ସୁଦୂରପ୍ରସାରୀ ହେବ । ଆଉ ସେ ରାକ୍ଷସକୁ ନିୟନ୍ତ୍ରଣରେ ରଖି ହେବ ନାହିଁ । ଅନେକ ଦେଶରେ ସୈନ୍ୟବାହିନୀ ନିମ୍ନତମ କାର୍ଯ୍ୟକ୍ରମ ନେଇ ବିଶୃଙ୍ଖଳିତ ଦୁର୍ନିତିଗ୍ରସ୍ତ ଶାସନକୁ ହଟାଇ ନିଜ ହାତକୁ କ୍ଷମତା ନେଇଛି । ମାତ୍ର ତାପରେ ହୋଇଛି କ'ଣ ବିଭିନ୍ନ ଆଳ ଆଉ ବାହାନା ଦେଖାଇ ଶାସନ ଆଉ ଜନତା ହାତକୁ ଫେରି ପାରି ନାହିଁ । ଏ ସବୁ ଜାଣିବା ସତ୍ତ୍ୱେ ଜୟପ୍ରକାଶଙ୍କ ଇନ୍ଦିରା ଗାନ୍ଧୀଙ୍କୁ ହଟାଇବା ପାଇଁ ସୈନ୍ୟବାହିନୀକୁ ଡାକରା, ଅନେକଙ୍କ ପରି ଚନ୍ଦ୍ର ନିଜେ କୌଣସି ପରିସ୍ଥିତିରେ ମଧ୍ୟ ସମର୍ଥନ କରିପାରୁ ନଥିଲା ।

ଏହି ପ୍ରକାର ମାନସିକ ଭିତ୍ତିଭୂମୀ ନେଇ ସେ ନିର୍ମଳା ଦେଶପାଣ୍ଡେଙ୍କ ସାକ୍ଷାତକାର ନେଲା । ଜାଣି ପାରିଲା ତା'ର ଏସବୁ ଅଡୁଆ ପ୍ରଶ୍ନ ସେ ଆଶା କରୁ ନଥିଲେ । ଆଉ ଏ ସବୁର ଉତ୍ତର ମଧ୍ୟ ତାଙ୍କ ପାଖରେ ନଥିଲା । କେବଳ ପ୍ରଚାରଧର୍ମୀ କେତୋଟି କଥା ଯାହା ସେ କହିଲେ, ସେଥିରେ ତା'ର ହୃଦବୋଧ

Digitized by PPRACHIN, SOA

ହେଲା ନାହିଁ । ସାକ୍ଷାତକାରରୁ ଫେରି ସେହି ପ୍ରକାରେ ଲେଖାଟି ପ୍ରସ୍ତୁତ କରି ସେ ପ୍ରେସକୁ ଦେଲା । ସେତେବେଳକୁ ନନ୍ଦିନୀ ଦେବୀ, ଜୟପ୍ରକାଶଙ୍କ ଆନ୍ଦୋଳନ ପ୍ରତି ସହାନୁଭୂତିଶୀଳା । ଚନ୍ଦ୍ରିକା ଦେବୀ ତେଣୁ ଅତ୍ୟନ୍ତ ଉତ୍ସାହର ସହିତ ଓଡିଶାରେ ସେ ଆନ୍ଦୋଳନର ପ୍ରଚାର ପାଇଁ ଲାଗି ପଡି ଥାଆନ୍ତି । ଏସବୁ ସେ ଜାଣିଥିଲେ ମଧ୍ଯ ତା ସାକ୍ଷାତକାରଟିକୁ କୌଣସି ପ୍ରକାରେ କାଣ୍ଟଛାଣ୍ଟ ନକରି ପ୍ରେସକୁ ଦେଇଥାଏ । ମାତ୍ର ତାହା ପ୍ରକାଶିତ ହେଲା ନାହିଁ । ଯେପରି ଭାବରେ ପ୍ରକାଶିତ ହେଲା ତାହାର ରୂପ ସେ ନିଜେ ଚିହ୍ନି ପାରିଲା ନାହିଁ । ତା ସହିତ ନୂତନ ସାକ୍ଷାତକାରଟି ଅନ୍ୟ ଜଣଙ୍କର ନାଁରେ ପ୍ରକାଶିତ ହେଲା । ଚନ୍ଦ୍ରର ନାମ ସେଥିରେ ନଥିଲା । ବରଂ ସେ ଖୁସୀ ହେଲା । ଯେପରି ପ୍ରଚାର ଧର୍ମୀ ଭାଷାରେ ସାକ୍ଷାତକାରଟି ପ୍ରକାଶିତ ହୋଇଥିଲା, ସେଥିରେ ଚନ୍ଦ୍ରର ନାମ ଦେଖିଥିଲେ ସେ ନିଜେ ପ୍ରତିବାଦ କରିଥାଆନ୍ତା ।

ଆଉ ଦିନକର କଥା, ଚନ୍ଦ୍ରିକା ଦେବୀ ଅଫିସରେ ଆସି ବଡ ତରତର ଆଉ ବ୍ୟସ୍ତ ହୋଇ ପହଞ୍ଚିଲେ । ବ୍ୟସ୍ତତା ତାଙ୍କ ସାଙ୍ଗରେ ସବୁବେଳେ ଥାଏ । ତାଙ୍କୁ ଦେଖିଲେ ମନେହେବ ଗୋଛାଟେ କାମ ଯେପରି ତାଙ୍କ ଉପରେ ନଦି ଦିଆ ଯାଇଛି, ଆଉ ପ୍ରାଣ ପଣେ ଚେଷ୍ଟା କରି ମଧ୍ୟ ଅଧା କାମ ସେ ଶେଷ କରି ପାରୁ ନାହାନ୍ତି । ତାଙ୍କ ଚାରିପଟେ ଥିବା ଲୋକମାନେ ଅଳସୁଆ, ସେମାନଙ୍କର ସମାଜ ପ୍ରତି ଗୋଟାଏ ଅଙ୍ଗୀକାର ବୋଧ ନାହିଁ ଆଉ ସେଇଥିପାଇଁ ତାଙ୍କୁ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡୁଛି । ସେ ସମୟଟା ଥିଲା କଂଗ୍ରେସର ବିଭାଜନ ସମୟ । ରାଜନୀତି ଅତ୍ୟନ୍ତ ସରଗରମ । ସଞ୍ଜୀବ ରେଡି କଂଗ୍ରେସ ତରଫରୁ ରାଷ୍ଟ୍ରପତି ପ୍ରାର୍ଥୀ ଆଉ ଇନ୍ଦିରା ଗାନ୍ଧୀ ଭି.ଭି. ଗିରିଙ୍କୁ ତାଙ୍କ ବିରୋଧରେ ସମର୍ଥନ କରୁଥାଆନ୍ତି । ଭି.ଭି. ଗିରି ପ୍ରଦେଶରୁ ପ୍ରଦେଶ ବୁଲି ଆପଣା ପାଇଁ ଭୋଟ ମାଗୁଥାଆନ୍ତି । ସେଦିନ ଚନ୍ଦ୍ରିକା ଦେବୀ ଆସି ନିର୍ଦ୍ଦେଶ ଦେଲେ ଯେ କିଛି ପ୍ରେସ କର୍ମଚାରୀ ଆସନ୍ତାକାଲି ବିମାନବନ୍ଦର ଯାଇ ଗିରିଙ୍କୁ ଅଭ୍ୟର୍ଥନା ଜଣାଇ ପାଛୋଟି ଆଣିବେ । ତାକୁ ବ୍ୟକ୍ତିଗତ ଭାବରେ ନିର୍ଦ୍ଦେଶ ଦେଲେ ଯେ ସେ ଯେପରି ଧରିତ୍ରୀରୁ ଅତ୍ୟନ୍ତ ଦଶ ଜଣ କର୍ମଚାରୀଙ୍କ ନେତୃତ୍ୱ ନେଇ ସେଠାରେ ଉଡାଜାହାଜ ଆସିବାର ବହୁ ପୂର୍ବରୁ ଉପସ୍ଥିତ ରହେ । ତାକୁ ମଧ୍ୟ ଭି.ଭି. ଗିରିଙ୍କ ଏକ ସାକ୍ଷାତକାର ନେବା ପାଇଁ ନିର୍ଦ୍ଦେଶ ଦେଲେ ।

ଚନ୍ଦ୍ର ପାଇଁ ବର୍ତ୍ତମାନ ଏକ ଧର୍ମ ସଙ୍କଟର ସମୟ ଆସିଗଲା । ସାକ୍ଷାତକାର ନେବା ତା ପାଇଁ ଏକ ଆନନ୍ଦର ବିଷୟ ମାତ୍ର ବିମାନବନ୍ଦର ଯାଇ ସ୍ଲୋଗାନ ଦେଇ ସେଠାରେ ରାଜନୈତିକ ଶୋଭା ଯାତ୍ରାରେ ଭାଗ ନେବା ତା ପକ୍ଷରେ ଉଚିତ୍ ହେବ ନାହିଁ ବୋଲି ସେ ମନେକଲା । ତା କାମ ଖବରକାଗଜରେ

Digitized by PPRACHIN, SOA

ଲେଖିବା । ରାଜନୀତି କରିବା ବା ସେଥିରେ ସମ୍ପୃକ୍ତ ହେବା ତା କାମ ନୁହେଁ । ଏ ପ୍ରକାର କାମ ପାଇଁ ତା'ର ପ୍ରବଳ ଅରୁଚି । ବାଧ୍ୟ ହୋଇ ଚନ୍ଦ୍ରିକା ଦେବୀଙ୍କୁ ସେଇ କଥା କହିଲା । ସେ ରାଗିଗଲେ ଏବଂ "ଠିକ୍ ଅଛି, ସାକ୍ଷାତକାର ପାଇଁ ତୁମେ ସମୟ ନଷ୍ଟ କରିବା ମଧ୍ୟ ଆବଶ୍ୟକ ନାହିଁ, ମୁଁ ଅନ୍ୟ ବନ୍ଦୋବସ୍ତ କରିବି" କହି ଉଠି ଚାଲିଗଲେ । ନଗେନ ବାବୁ ସେଇ କୋଠରୀରେ ଥିଲେ । ସମସ୍ତ ବିଷୟ ଆମୂଳଚୂଳ ସେ ଶୁଣିଥିଲେ ମାତ୍ର ଚନ୍ଦ୍ରକୁ କିଛି କହିଲେ ନାହିଁ କି ସେ ମଧ୍ୟ ତାଙ୍କୁ କିଛି ପଚାରିଲା ନାହିଁ । କାରଣ ଏ ବ୍ୟାପାରରେ କିଛି ସମଝୌତା କରିବା ତା ପକ୍ଷରେ କଦାପି ସମ୍ଭବ ହୋଇ ନଥାନ୍ତା । ମାତ୍ର ସେହିଦିନ ହିଁ ସେ ଜାଣିଗଲା ଯେ ଏଠାରେ ବେଶି ଦିନ ରହିବା ତା ପକ୍ଷରେ ହୁଏତ ସମ୍ଭବ ନହୋଇପାରେ । ଠିକ୍ ଅଛି ଜୀବନ ରାସ୍ତାରେ ଆଉ ଗୋଟାଏ ମୋଡ ଆସିବାକୁ ଯାଉଛି, ଦେଖାଯାଉ ମୋଡ ଆରପଟେ କ'ଣ ଅଛି । ସେଥିପାଇଁ ଅପେକ୍ଷା କରାଯାଉ । ମାତ୍ର ବେଶିଦିନ ଅପେକ୍ଷା କରିବାକୁ ହେଲା ନାହିଁ । ବହୁତ ଶୀଘ୍ର ସେ କ୍ଷଣ ଆସିଗଲା । ଦିନେ ଚନ୍ଦ୍ର ଉପରେ ନଗେନ ବାବୁଙ୍କ ଉପସ୍ଥିତିରେ ସିଧା ସଳଖ ଆକ୍ରମଣ ହେଲା "ସୁଧାଂଶୁ, Madam is not happy that you are related to J. B. Pattanaik. ସେତେବେଳକୁ ଭି.ଭି. ଗିରି ଜିଣି ସାରିଲେଣି । ଇନ୍ଦିରା ଗାନ୍ଧୀ ଅପ୍ରତିଦ୍ୱନ୍ଦୀ ନେତ୍ରୀ । ସଞ୍ଜୟ ଗାନ୍ଧୀ ଅମାପ କ୍ଷମତାର ଅଧିକାରୀ । ଜେ.ବି.ଙ୍କ ସହ ସଞ୍ଜୟ ଗାନ୍ଧୀଙ୍କର ଉତ୍ତମ ସମ୍ପର୍କ । ନନ୍ଦିନୀ ଦେବୀ ସଞ୍ଜୟ ଗାନ୍ଧୀଙ୍କ ସୁନଜରରେ ନାହାନ୍ତି । ଜେ.ବି. ଆଉ ନନ୍ଦିନୀ ଦେବୀଙ୍କ ଭିତରେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଗଲାଣି ।

ହଁ ସେ ଜେ.ବି.ଙ୍କର ଦୂର ସମ୍ପର୍କୀୟ । ଘର ଏକା ଗାଁରେ, ଏକା ସାହିରେ । ପାରିବାରିକ ସମ୍ପର୍କ ହୁଏତ କିଛିଟା ଅଛି ମାତ୍ର ତା ସହିତ ତା ବୃତ୍ତିର ସମ୍ପର୍କ କ'ଣ । ଚନ୍ଦ୍ରିକା ଦେବୀ ଏପରି ଗୋଟାଏ ସାଧାରଣ ଘଟଣାରୁ ଖିଅ ଟାଣି ସେଥିରେ ରାଜନୀତି ପୁଟ ଦେଇ ତାକୁ ସେଥିରେ ଛନ୍ଦିବା'ର କାରଣ କ'ଣ ? ତାକୁ ଏହା ଅତ୍ୟନ୍ତ ରୁଚିହୀନ ମନେ ହେଲା । ସେ କହିଲା "Madam, how can I help that I am related to J.B. How can you help that you are related to Nandini Devi? ମୋତେ ଆପଣ କିଛି ନିର୍ଦ୍ଦିଷ୍ଟ କାମ ଦେଇଛନ୍ତି । ମୋ କାମରେ ଭୁଲ ଭଟକା ବା ଠକାମୀ ଦେଖିଲେ ମୋତେ କୁହନ୍ତୁ । ଅଯଥା କଥାରେ ମୋତେ ଅନୁଗ୍ରହ କରି ସମ୍ପୃକ୍ତ କରନ୍ତୁ ନାହିଁ । ମୋର ଜେ.ବି.ଙ୍କ ସହ କୌଣସି ସିଧାସଳଖ ସମ୍ପର୍କ ନାହିଁ । ଆଉ ଆଜି ଦେଖିଲେ ମଧ୍ୟ ମୋତେ ସେ ଚିହ୍ନି ନପାରନ୍ତି ।" ଚନ୍ଦ୍ରିକା ଦେବୀ ଅତ୍ୟନ୍ତ ଅପ୍ରସନ୍ନ ମୁଖ ଭଙ୍ଗୀ କରି ଚାଲିଗଲେ ।

Digitized by PPRACHIN, SOA

ସେ କିଛି ସମୟ ଚୁପ୍‌ଚାପ୍ ବସି ରହିଲା ଆଉ ବାକିଥିବା କାମ ସାରି ଯିବାକୁ ଉଠିଲା । ସେ ପର୍ଯ୍ୟନ୍ତ ନଗେନ ବାବୁ ସେଠାରେ ଚୁପ୍‌ଚାପ୍ ବସି ଥାଆନ୍ତି ।

ନଗେନ ବାବୁଙ୍କ କଥା ଏଠାରେ ଉଲ୍ଲେଖ କରିବାର କାରଣ ସେ କେବଳ ଜାଣିଥିଲେ ଜେ.ବି.ଙ୍କ ସହ ଚନ୍ଦ୍ରର ସମ୍ପର୍କ । କାରଣ ସେ ପ୍ରଜାତନ୍ତ୍ରରେ ଅନେକ ବର୍ଷ ଜେ.ବି.ଙ୍କ ଅଧୀନରେ କାମ କରୁଥିଲେ । ଚନ୍ଦ୍ର ଗାଁର ଅନ୍ୟ କେତେକ ଲୋକ ପ୍ରଜାତନ୍ତ୍ରରେ ସେତେବେଳେ କାମ କରୁଥିଲେ ଯେଉଁମାନେ ତା'ର ସମ୍ପର୍କୀୟ ଓ ସେମାନଙ୍କୁ ସେ ଜାଣିଥିଲେ । ସେଇ ସୂତ୍ରରେ ସେ ଏ ସବୁ କିଛି କିଛି ଜାଣିଥିଲେ ।

ହଁ କାମ ସାରି ଉଠିଲା । ନଗେନ ବାବୁଙ୍କ ପାଖକୁ ଯାଇ କହିଲା ଯେ "ଆଜ୍ଞା ଯାଉଛି । ଆଉ କାଲିଠାରୁ ଆସିବି ନାହିଁ ।" ଯେହେତୁ କୌଣସି ଲିଖିତ ନିଯୁକ୍ତି ପତ୍ର ପାଇ ନଥିଲା ସେ ଦୃଷ୍ଟିରୁ କୌଣସି ଇସ୍ତଫା ଲିଖିତ ଆକାରରେ ଦେବାର ଆବଶ୍ୟକତା ମନେ କରି ନାହିଁ । ଟିକନକୁ ଚାଲି ଆସିବା ପୂର୍ବରୁ ତା'ର କହିବା ଉଚିତ୍ ଥିଲା । କାରଣ ସେ ହିଁ ତାକୁ ସେ ଅନୁଷ୍ଠାନକୁ ନେଇଥିଲା । ମାତ୍ର ରାଜନୀତିର ଗୋଳିଆ ପାଣି ଭିତରେ, କାମର ଚାପ ବୋଧହୁଏ ବଢି ଯିବାରୁ ତ୍ରୈଲୋକ୍ୟର ପ୍ରେସ ଆସିବା ଅତ୍ୟନ୍ତ ଅନିୟମିତ ହୋଇ ପଡିଥିଲା । ସେ ଯାହାହେଉ ଚନ୍ଦ୍ର ଚାଲି ଆସିଲା । ମନେକଲା ସେ ପରିଚ୍ଛେଦର ସମାପ୍ତି ସେଠାରେ ଘଟିଲା । ମାତ୍ର ତା'ର ଧାରଣା ଭୁଲ ଥିଲା । ହଠାତ୍ ଦିନେ ପ୍ରେସରୁ ଜଣେ କର୍ମଚାରୀ ଆସି ତାକୁ ଖବର ଦେଲେ ଯେ ରାମନାଥ ପଣ୍ଡା ତାକୁ ତାଙ୍କ ଘରକୁ ଡକାଇଛନ୍ତି । ପରଦିନ ସକାଳେ ସେ ତାଙ୍କ ଘରକୁ ଗଲା । ରାମନାଥ ବାବୁ ୟୁନିଟ-୩ ଲେବର କଲୋନୀର ଗୋଟିଏ ଘରେ ରହୁଥିଲେ । ଚନ୍ଦ୍ର ରହୁଥିବା ୟୁନିଟ-୯ ଘରଠାରୁ ବେଶି କିଛି ଦୂର ନୁହେଁ ।

ରାମନାଥ ପଣ୍ଡାଙ୍କ ଘର କୋରାପୁଟର ଜୟପୁର । ସୁସ୍ଥ ସବଳ ଗୋରା ମଣିଷ । ଖଦଡ ପ୍ୟାଣ୍ଟ ଆଉ ହାୱାନୀ ହେଉଛି ପୋଷାକ । ସର୍ବଦା ହସ ହସ ମୁହଁ । ଅତ୍ୟନ୍ତ ଧୀରସ୍ଥିର ବ୍ୟକ୍ତି । କେବେ କାହା ଉପରେ ରାଗିଯାଇ ବିପଦ କଷ୍ଟ ହେବାପରି ଗାଳି ଦେବାର ସେ ଦେଖି ନାହିଁ । ଶ୍ରୀମା/ଅରବିନ୍ଦଙ୍କ ଭକ୍ତ । ପ୍ରେସ କାମରେ ଚନ୍ଦ୍ରର ତାଙ୍କ ସହିତ ପ୍ରତିଦିନ ଦେଖା ହେବାର ସୁଯୋଗ ନଥିଲା । ମଝିରେ ମଝିରେ ସେ ତାଙ୍କ ଅଫିସ କୋଠରୀକୁ ଡକାଇ କିଛି ସମ୍ବାଦର ସୂଚନା ଦେଇ ଲେଖାଟିଏ ପ୍ରସ୍ତୁତ କରି ତାଙ୍କୁ ଦେଖାଇବାକୁ କହନ୍ତି । ଚନ୍ଦ୍ର ଲେଖାଟି ଧୀରସ୍ଥିରେ ପଢି ଆବଶ୍ୟକ ସ୍ଥଳେ ସାମାନ୍ୟ ପରିବର୍ତ୍ତନ କରି ହସି ହସି ତା ହାତକୁ ବଢାଇ ଦିଅନ୍ତି । ତା'ର ମନେହୁଏ ଅତ୍ୟନ୍ତ ଗଭୀର ଅନୁଭୂତିର ମଣିଷଟିଏ । ଅନେକ କଥା ତାଙ୍କଠାରୁ ଶିଖିବାର ଅଛି ।

Digitized by PPRACHIN, SOA

ତାଙ୍କ ଘରେ ପହଞ୍ଚିଲା । ଖବରକାଗଜରୁ ବିଦାୟ ନେଇ ଚାଲିଆସିବା ପ୍ରସଙ୍ଗକୁ ସେ ସିଧା ସଳଖ ଆସିଗଲେ । "ସୁଧାଂଶୁ ତୁମେ ଚାଲି ଆସିଲ ତାହା ତୁମର ବ୍ୟକ୍ତିଗତ ନିଷ୍ପତ୍ତି । ଠିକ୍ ଅଛି । ହାସୀ (ଚନ୍ଦ୍ରିକା ଦେବୀ) ସେପରି କହିବା ଯେ ଉଚିତ୍ ହୋଇ ନାହିଁ, ତାହା ନିଶ୍ଚୟ । ମାତ୍ର ମୋର ତୁମକୁ ଡାକିବାର ଉଦ୍ଦେଶ୍ୟ କେତୋଟି ନିରାଟ ବାସ୍ତବ ଚିତ୍ର ତୁମକୁ ଦେବା, ଯାହା ତୁମେ ଜୀବନରେ ଯେ କୌଣସି କ୍ଷେତ୍ରରେ କାମ କର, ଭେଟିବ । ତୁମେ ଖବରକାଗଜକୁ ଫେରି ଯିବାକୁ ମୁଁ ତୁମକୁ ବାଧ କରିବି ନାହିଁ । ମାତ୍ର ଫେରିଗଲେ ଖୁସୀ ହେବି । ମାତ୍ର ତୁମେ କ'ଣ ଏପରି ଏକ ପରିସ୍ଥିତି ଅନ୍ୟ କେଉଁଠି ସାମନା କରିବ ନାହିଁ । ତୁମେ କ'ଣ ଏଠାରୁ ଯାଇ ଘରେ ବସି ରହିବ । ଘରେ ବସି ରହିଲେ କାଲି ପରିବାରର ମଧ୍ୟ ତୁମପ୍ରତି ମନୋଭାବ ବଦଳିଯିବ । ଅନ୍ୟ ଯେ କୌଣସି କ୍ଷେତ୍ରକୁ ଯାଅ, ଚାକିରି କର, ସରକାରୀ ହେଉ ବା ବେସରକାରୀ ହେଉ, ସ୍ୱାଧୀନ ଭାବରେ ବି କିଛି କରିଲେ ମଧ୍ୟ ଏ ପ୍ରକାର ବିରୋଧ, କଟୁକ୍ତି, ସମାଲୋଚନା ନିଶ୍ଚୟ ବେଳେ ବେଳେ ଶୁଣିବ । ସେତେବେଳେ କ'ଣ କରିବ ? ସେ ଯାଗା ଛାଡି ଦେଇ ପୁଣି ଅନ୍ୟ କେଉଁଠିକୁ ଯିବ ? ଏପରି କେତେଦିନ ଚାଲିବ ? ମୋର କହିବା କଥା ଏ ସବୁ ପରିସ୍ଥିତି ଜୀବନରେ ବାରମ୍ବାର ଆସିବ, ସେଥିରେ ବ୍ୟସ୍ତ ହୋଇ ପଡିବା ଉଚିତ୍ ନୁହେଁ । ତାକୁ ହାତରେ ଆଡେଇ ଦେଇ ଆମେ ଆଗେଇ ଯିବାକୁ ଶିଖିବା ଉଚିତ୍ ।"

ସେଠାରୁ ଫେରି ବାରମ୍ବାର ନିଜକୁ ପଚାରିଲା , ଖବରକାଗଜ କାମକୁ ଫେରିଯିବ କି ନାହିଁ? ତା ମନ ତାକୁ କହିଲା, ରାମନାଥ ବାବୁଙ୍କ କଥା ପ୍ରଣିଧାନ ଯୋଗ୍ୟ ନିଶ୍ଚୟ । ମାତ୍ର ଚନ୍ଦ୍ରିକା ଦେବୀ ସେ ସେଠାକୁ ଫେରିଗଲା ପରେ ମଧ୍ୟ ଏ ପ୍ରକାର ପରିସ୍ଥିତି ବାରମ୍ବାର ସୃଷ୍ଟି କରିବେ । ତାକୁ ନିରାପତ୍ତା ଦେବା ପାଇଁ ଆସନ୍ତା କାଲି ରାମନାଥ ବାବୁ ବା ନଗେନ୍ ବାବୁ ହୁଏତ ସେଠାରେ ନଥିବେ । ସେପରି ଅବସ୍ଥାରେ ବାରମ୍ବାର ସ୍ୱାଭିମାନ ସହ ସାଲିସ କରି ସେଠାରେ କାମ କରିବା ତା ପକ୍ଷରେ ସମ୍ଭବ ହେବ ନାହିଁ । ତେଣୁ ସେଠାକୁ ଆଉ ଫେରିବ ନାହିଁ ବୋଲି ନିଷ୍ପତ୍ତି କଲା । ଆଉ ସେ କଥା ରାମନାଥ ବାବୁଙ୍କୁ ଦେଖା କରି ବିନମ୍ରତାର ସହ ଜଣାଇ ଦେଲା । ସେ ହସି ହସି ଆଶୀର୍ବାଦ କଲେ । ଭବିଷ୍ୟତରେ କିଛି ସାହାଯ୍ୟ ଦରକାର ହେଲେ ବିନା ସଙ୍କୋଚରେ ତାଙ୍କ ପାଖକୁ ଯିବାକୁ ତାକୁ କହିଲେ ।

ଯେଉଁ ସ୍ୱଳ୍ପ ସମୟ ସେ ଖବରକାଗଜରେ କାମ କରିଥିଲା, ସେତକ ସମୟ ସେ ଅତ୍ୟନ୍ତ ଆନ୍ତରୀକତାର ସହ କାମ କରିଛି । କାମରେ ମୋଟେ ଢିଲା ମାରି

Digitized by PPRACHIN, SOA

ନାହିଁ । ଗୋଟିଏ ଘଟଣା ଏଠାରେ ବର୍ଣ୍ଣନା କରିବା ଉଚିତ୍ ମନେ କରୁଛି । ଡଃ. ହରେକୃଷ୍ଣ ମହତାବ, ସେତେବେଳେ ପ୍ରତିଦିନ କଟକ ପ୍ରଜାତନ୍ତ୍ର ଅଫିସକୁ ଭୁବନେଶ୍ୱରରୁ ଯାଆନ୍ତି ଓ ରାତିରେ ଫେରନ୍ତି । ଦିନେ କଟକ ଯିବା ବାଟରେ ଗୋଟିଏ ପିଲାଟିଏକୁ ତାଙ୍କ ଗାଡି ବାଡେଇ ଦେଲା । ପିଲାଟିର ଅବସ୍ଥା ସାଂଘାତିକ । ହଠାତ୍ ଲୋକ ଜମା ହୋଇଗଲେ । ପିଲାଟିକୁ ସାହାଯ୍ୟ କରିବେ କ'ଣ ମହତାବ ଗାଡି ନେଇ ସେ ଯାଗାରୁ ପଳାୟନ କଲେ । ଏ ଘଟଣାଟି ବିଭିନ୍ନ ଖବରକାଗଜରେ ପରଦିନ ପ୍ରକାଶିତ ହେଲା । କିଛି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ମହତାବ କହିଲେ ଯେ ଉତ୍ୟକ୍ତ ଜନତାଙ୍କ ସାମନା କରିବା ସେ ସମୟରେ ତାଙ୍କ ପକ୍ଷରେ ଉଚିତ୍ ହୋଇ ନଥାନ୍ତା । ତେଣୁ ପିଲାଟିକୁ କୌଣସି ସାହାଯ୍ୟ କରି ନପାରି ସେ କଟକ ଗାଡି ନେଇ ଚାଲିଗଲେ ।

ଚନ୍ଦ୍ର ସେତେବେଳେ ଯେଉଁ ସପ୍ତାହିକରେ କାମ କରୁଥିଲା, ସେଥିରେ ଗୋଟିଏ ନିୟମିତ ଲେଖା ଚଳନ୍ତି ପ୍ରସଙ୍ଗ ଦେଇ ଲେଖୁଥିଲା । ତା'ର ନାମ କରଣ କରିଥିଲା "ଆମେ ତୁମେ ସେମାନେ" । ନଗେନ ବାବୁ ସେ ଲେଖାଗୁଡିକୁ ବେଶ୍ ପସନ୍ଦ କରି ପ୍ରକାଶିତ ହେବା ପାଇଁ ଅନୁମତି ଦେଇଥିଲେ । ସେଇ ସାପ୍ତାହିକ କଲମରେ ଏ ଘଟଣାଟିକୁ ଦେଇ ଚନ୍ଦ୍ର ପ୍ରବନ୍ଧଟିଏ ଲେଖିଥିଲା । ବିଭିନ୍ନ ସମ୍ବାଦପତ୍ର ବିଭିନ୍ନ ଦିଗରୁ ବିଚାର କରି ଏ ଘଟଣାଟି ନେଇ ଆପଣାର ଭିନ୍ନ ଭିନ୍ନ ମତାମତ ପରିବେଶଣ କରିଥିଲେ । ତା ପ୍ରବନ୍ଧରେ ମାତ୍ର ସେ ନିରୁତା ଦୁଃଖ ପ୍ରକାଶ କରି ଲେଖିଥିଲା । ଦୁଃଖ ଏଇଥିପାଇଁ ଯେ ଏ ରାଜ୍ୟର ତୁଙ୍ଗ ନେତା ଜନତାକୁ ସାମନା କରିବା ପରି ସାହସ ଆଉ ରଖି ନାହାନ୍ତି । ଗାନ୍ଧୀ କ'ଣ ଏଇଆ କରିଥାଆନ୍ତେ । ନୂଆଖାଲିର ଉତ୍ୟକ୍ତ ହିଂସ୍ର ଜନତା ଭିତରକୁ ଗାନ୍ଧୀ କ'ଣ ଖାଲି ହାତରେ ଏକାକୀ ପଶି ଯାଇ ନାହାନ୍ତି । ଗୋପବନ୍ଧୁ କ'ଣ ବୁଭୁକ୍ଷୁ, ନିରନ୍ନ, ଦୁଃସ୍ଥ ସର୍ବହରା ମଣିଷ ଭିତରକୁ ଆଖିରେ ଆଖିଏ ଲୁହ ନେଇ ପଶି ଯାଇ ନାହାନ୍ତି । ପରିଣାମ କ'ଣ ହେବ ନହେବ ସେ ଅନ୍ୟ ପ୍ରଶ୍ନ । ମାତ୍ର ଜଣେ ଉପଯୁକ୍ତ ଜନନେତା, ସଚ୍ଚୋଟ ଜନ ପ୍ରତିନିଧି ଜନତାକୁ ସାମନା କରିବାକୁ ସାହସ କରିବ ନାହିଁ, ଏହା କଦାପି ନୁହେଁ । ମହତାବଙ୍କ ଆଚରଣ ଏ ଦୃଷ୍ଟିରୁ ସେ ସମାଲୋଚନା କରିଥିଲା । ଲେଖାଟି ବାହାରିଲା । କିଛି ଦିନ ପରେ ନଗେନ ବାବୁ ତାକୁ କହିଲେ "ବୁଢା ତୁମକୁ ଡକାଇଛି, ଦେଖା କରିବାକୁ ।" ନଗେନ ବାବୁଙ୍କ ସହ ପୁରୁଣା ଭୁବନେଶ୍ୱର ବସାରେ ଯାଇ ଦେଖା କଲା । ଲେଖାଟି ତାଙ୍କର ପସନ୍ଦ ହୋଇଛି ବୋଲି କହିଲେ । ପ୍ରଜାତନ୍ତ୍ରରେ ଯୋଗ ଦେବା ପାଇଁ ଆମନ୍ତ୍ରଣ କଲେ ।

Digitized by PPRACHIN, SOA

ଏ ସବୁ ଘନଘଟା ଭିତରେ ସ୍ଥିର ହୋଇ ବସି ଭବିଷ୍ୟତ କାର୍ଯ୍ୟପନ୍ଥା କରିବାକୁ ସେ ସମୟ ପାଇ ନଥିଲା । ଚିନ୍ତା କଲା ପାଠ ସରିଲା । ସାଙ୍ଗ ମେଳରେ ନିଧଡକ ବୁଲିବା ସମୟ ମଧ୍ୟ ଚାଲିଗଲା । ସାମ୍ବାଦିକତାର ରୂପ ମଧ୍ୟ ଦେଖିଲା । ଏହା ପରେ କ'ଣ କରିବ । ଚାକିରି ଭିତରକୁ ପଶିବା ପାଇଁ ଆଉ ଆଗ୍ରହ ଆସିଲା ନାହିଁ । ଏହି ଘଡିସନ୍ଧି ମୁହୂର୍ତ୍ତରେ କ୍ଷୁଦ୍ର ଶିଳ୍ପଟିଏ ସ୍ଥାପନ କରି ନିଜ ଗୋଡରେ ନିଜେ ଠିଆ ହେବାର ଏକ ସୁଯୋଗ ଆସି ପହଞ୍ଚିଲା । ଚନ୍ଦ୍ରର ଜଣେ ଘନିଷ୍ଠ ବନ୍ଧୁର ସମ୍ପର୍କୀୟ ଭାଇ ଫିଜକ୍ସରେ M.Sc.ପାଶ୍ କରିବା ପରେ ତାଙ୍କ ପିତାଙ୍କ ଇଚ୍ଛା ଅନୁଯାୟୀ ଚାକିରି ନ କରି ଶିଳ୍ପଟିଏ ସ୍ଥାପନ କରିବାକୁ ଇଚ୍ଛା କରୁ ଥାଆନ୍ତି । ସେମାନେ ଦୁଇ ଜଣ ମିଶି ସେ ଦିଗରେ ଆଗେଇବାକୁ ନିଷ୍ପତ୍ତି କଲେ ।

Digitized by PPRACHIN, SOA

ସ୍ୱାଧୀନ ବୃତ୍ତି-ଶିଳ୍ପ

ପ୍ରଥମେ କି ପ୍ରକାର ଶିଳ୍ପଟିଏ ଗଢିବେ ସେଇଟି ବହୁତ ଭାବି ଚିନ୍ତି ସ୍ଥିର କରିବାକୁ ହେଲା । ତାଙ୍କର ତିନୋଟି ବିଚାର ହେଲା ଯାହାର ବିକ୍ରି ଓଡିଶାରେ/ଏଇ ପାଖଆଖରେ କରି ହେବ, କଞ୍ଚାମାଲ ନିକଟରେ ମିଳୁଥିବ, ଉତ୍ପାଦନ ଅତ୍ୟନ୍ତ ବୈଷୟିକଜ୍ଞାନ ନିର୍ଭରଶୀଳ ହୋଇ ନଥିବ, ସେହିପରି ଏକ ଶିଳ୍ପ ସେମାନେ ସ୍ଥାପନ କରିବେ । ବହୁତ ଭାବିଚିନ୍ତି ପରାମର୍ଶ କରି ଗାଈ, କୁକୁଡାଙ୍କ ପାଇଁ ସୁଷମ ଖାଦ୍ୟ ପ୍ରସ୍ତୁତ କରିବାର ଶିଳ୍ପଟିଏ ସ୍ଥାପନ କରିବାର ନିଷ୍ପତ୍ତି କଲେ । ସେତେବେଳେ ଓଡିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ କରପୋରେସନ ସୁରଭି ମାର୍କା ଗୋଖାଦ୍ୟ ତିଆରି କରି ବିକ୍ରି କରୁ ଥିଆନ୍ତି ଓ ଭଲ ବିକ୍ରି ହେଉଥାଏ । ତା ବ୍ୟତୀତ ଦକ୍ଷିଣରୁ (ତାମିଲନାଡୁ) ପୁଷ୍ଟି ନାମରେ ଏକ ଅତ୍ୟନ୍ତ ଲାଭ ଦାୟକ ଗୋଖାଦ୍ୟ ଓ କୁକୁଡା ଖାଦ୍ୟ ଯାଇ ଭୁବନେଶ୍ୱର ଓ କଟକରେ ବିକ୍ରି ହେଉଥିଲା । ହିନ୍ଦୁସ୍ଥାନ ଲିଭର ମଧ ତା'ର କଲିକତା କାରଖାନାରେ ତିଆରି ଗୋ ଖାଦ୍ୟ, କୁକୁଡା ଖାଦ୍ୟ ଓଡିଶାରେ ବିକ୍ରି କରୁଥିଲା । ଏ ଦୁଇ ବାହାର କମ୍ପାନୀର ଦାନା ବେଶ୍ ଉଚ୍ଚ ମାନର ହେଉଥିଲା, ତା ସହିତ ଦର ମଧ ଅତ୍ୟଧୀକ ଥିଲା । କାରଣ ସେମାନଙ୍କ ଉତ୍ପାଦନ ଓଡିଶାରେ ନ ହୋଇ ବାହାରେ ହେଉଥିଲା । ଉତ୍ପାଦନ ଯାଗାରୁ ଟ୍ରକ ଯୋଗେ ଆଣିବାକୁ ହେଉଥିଲା । ସେମାନଙ୍କର ବିଚାର ହେଲା ଯଦି ଏତେ ଦୂରରୁ ଦାନା ଆଣି ଅନ୍ୟମାନେ ଓଡିଶାରେ ବିକ୍ରୟକରି ତଥାପି ଲାଭ କରି ପାରୁଛନ୍ତି, ସେମାନେ ଏହିଠାରେ ଉତ୍ପାଦନ କରି, ସ୍ଥାନୀୟ ଚାଷୀଙ୍କୁ ବିକ୍ରିକରି ଲାଭ କରି ପାରିବେ ନାହିଁ କାହିଁକି ? ସେହି ବିଚାରକୁ ପାଥେୟ କରି ପ୍ରୋଜେକ୍ଟ ରିପୋର୍ଟ ତିଆରି ହେଲା । କମ୍ପାନୀଟିଏ ଗଢା ହେଲା । ଜମି ଖଣ୍ଡିଏ (ଅଧ ଏକର) ଯୋଗାଡ ହେଲା ଓଡିଶା ରାଜ୍ୟ ଅର୍ଥ ନିଗମକୁ ଋଣ ପାଇଁ ଦରଖାସ୍ତ ଦେବାର ସ୍ଥିର ହେଲା ।

ସେମାନଙ୍କୁ ଶୁଭେଚ୍ଛୁମାନଙ୍କଠାରୁ ପରାମର୍ଶ ମିଳିଲା, କାରଖାନା ଠିଆ କରି ଉତ୍ପାଦନ ଆରମ୍ଭ କରିବା ପୂର୍ବରୁ ଠିକାରେ କେଉଁଠି ସେହି ଦାନା ହାତରେ ତିଆରି କରି ବିକ୍ରି କରି କିଛି ଅନୁଭୂତି ସଂଗ୍ରହ କରିବା ଦରକାର । ପ୍ରସ୍ତାବ ମନ୍ଦ ନୁହେଁ । ସେହି ଅନୁସାରେ ଦୈନିକ କିଛି କିଛି ଦାନା (ଗାଈ ଦାନା) କଟକର ମଧୁପାଟଣାରେ ଜଣଙ୍କର ଟିଣ ଛାଉଣୀ ଭଡା ଘରେ ତିଆରି କରିବାକୁ ସ୍ଥିର ହେଲା । କଟକରେ ଆରମ୍ଭ କରିବାର ଉଦ୍ଦେଶ୍ୟ ଦାନା ତିଆରି ପାଇଁ ସମସ୍ତ କଞ୍ଚାମାଲ ମାଲ ଗୋଦାମରୁ

Digitized by PPRACHIN, SOA

ଦୈନିକ ଭିତ୍ତିରେ ମିଳି ଯାଉଥିଲା । ମଧୁ ପାଟଣାରେ ଜଣଙ୍କର ଅଟା ଚକି ଖାଲି ପଡିଥିଲା । ତାକୁ ଭଡାରେ ବ୍ୟବହାର କରି ମକା, ଗହମ, ପିଡିଆ ଇତ୍ୟାଦି ପେଶି ତା ସହିତ ଅନ୍ୟାନ୍ୟ ସରଞ୍ଜାମ ମିଶାଇ ହାତରେ ଫେଣ୍ଟି ଝୋଟ ବ୍ୟାଗରେ ପୁରାଇ ସିଲାଇ କରି ବଜାରକୁ ଛାଡୁଥିଲେ । ତାଙ୍କର ଲକ୍ଷ୍ୟ ଥିଲା ଦୈନିକ ୨୦ ବ୍ୟାଗ (୭୫ କେ.ଜି.) ଗାଈ ଦାନା ତିଆରି କରିବା ଏବଂ ବିକିବା । ସେଥିପାଇଁ ମୂଳ ଧନ ସେ ଦେଇଥିଲା ୧୮୦୦ ଟଙ୍କା ଓ ରଣଜିତ (ଅନ୍ୟ ଅଂଶୀଦାର) ଦେଇଥିଲା ୨୦୦୦ ଟଙ୍କା । ପ୍ରକାଶଥାଉକି ଏ ୧୮୦୦ ଟଙ୍କା ମଧ୍ୟ ଚନ୍ଦ୍ର ଘରୁ ନେଇ ନଥିଲା । ଏମ୍.ଏ. ପଢିବା ସମୟରେ ଲୋନ ଷ୍ଟାଇପେଣ୍ଡ ପାଠ ସରିବା ପରେ ଏକକାଳୀନ ୧୮୦୦ ଟଙ୍କା ମିଳିଥିଲା । ତାହାହିଁ ଥିଲା ତା'ର ପୁଞ୍ଜି । ରଣଜିତ, ତା'ର ଅଂଶୀଦାର ବିଜ୍ଞାନର କୃତି ଛାତ୍ର ହୋଇଥିବାରୁ ଦାନାଟି କିପରି ଅତ୍ୟନ୍ତ ପୁଷ୍ଟିକର ତଥା ତା ସହିତ ଲାଭଜନକ ହେବ ସେ ଦାୟିତ୍ୱ ସେ ନେଇଗଲା । ଚନ୍ଦ୍ରର ଦାୟିତ୍ୱ ହେଲା ବିକ୍ରି, ବ୍ୟାଙ୍କ, ସରକାରୀ ସ୍ତରରେ ବାକି ପଡୁଥିବା କାମ ପଛରେ ଦୌଡିବା । ଜମି ହୋଇଗଲା, ପ୍ରୋଜେକ୍ଟ ରିପୋର୍ଟ ହୋଇଗଲା । ଛୋଟକାଟର ଦାନା ତିଆରି କରି ବିକିବାରେ ଯେଉଁ ଅନୁଭବ ଆସିଲା ସେଥିରେ ତାଙ୍କର ଆତ୍ମବିଶ୍ୱାସ ଆସିଲା ଯେ ସେମାନେ ପାରିବେ । ବର୍ତ୍ତମାନ ଓଡିଶା ରାଜ୍ୟ ଅର୍ଥ ନିଗମକୁ ଦରଖାସ୍ତ ଦେବାକଥା । ତା ବି ହେଲା । ମାତ୍ର ମାସେ/ଦୁଇ ମାସ/ ତିନି ମାସ ପର୍ଯ୍ୟନ୍ତ ଅପେକ୍ଷା କରି ମଧ୍ୟ ତାଙ୍କ ଦରଖାସ୍ତର ଭାଗ୍ୟ କ'ଣ ହେଲା ସେମାନେ ଜାଣି ପାରିଲେ ନାହିଁ । ସେତେବେଳେ ଓଡିଶା ରାଜ୍ୟ ଅର୍ଥ ନିଗମର ବୋର୍ଡ ମିଟିଙ୍ଗ ମାସକୁ ଥରେ ପ୍ରାୟ ଭୁବନେଶ୍ୱରରେ ହେଉଥିଲା । ସେମାନେ ନିୟମିତ ସେଠାରେ ଯାଇ ଅପେକ୍ଷା କରନ୍ତି । କିଛି ଖବର ପାଇପାରନ୍ତିନି । ତିନି ମାସ ପରର ମିଟିଂଟି ଭୁବନେଶ୍ୱର ସର୍ଦ୍ଦାର ପଟେଲ ହଲରେ ହେଉଥିଲା । ସେମାନେ ଦୁଇ ଜଣ ବାହାରେ ଯାଇ ମାଙ୍କଡ ପରି ଅପେକ୍ଷା କରି ବସିଥାନ୍ତି । କାଳେ ଏମାନଙ୍କ କଥା ବିଚାରକୁ ଆସିବ ଆଉ ସେମାନେ ଯେତେବେଳେ ଏମାନଙ୍କୁ ଖୋଜିବେ ଏମାନେ ପାଖରେ ନଥିଲେ କାଳେ ତାଙ୍କ ପ୍ରସ୍ତାବଟି କାଟ ଖାଇଯିବ । ଏଇ ଭୟରେ ମିଟିଙ୍ଗ ସମୟତକ ସେମାନେ ପରିସ୍ରା ମଧ୍ୟ ଯାଉନଥିଲେ । ତିନି ମାସ ପରର ମିଟିଂଟି ସରିଲା । ସେମାନେ କିଛି ଜାଣି ପାରିଲେ ନାହିଁ । ଦୁଃଖରେ ସାଇକେଲ ଚଳାଇ ସେମାନଙ୍କର ଭୁବନେଶ୍ୱର ଅଫିସକୁ ଫେରିଲେ । ଭୁବନେଶ୍ୱର ଅଫିସମାନେ ଚନ୍ଦ୍ରର ଘନିଷ୍ଠ ବନ୍ଧୁ ଶ୍ରୀଯୁକ୍ତ ଶିବପଦ ସ୍ୱାଇଁର ଘର ୨୬, ଗୌତମ ନଗରକୁ ସେମାନଙ୍କର ରେଜିଷ୍ଟର୍ଡ ଅଫିସଭାବେ ସେମାନେ କାଗଜ ପତ୍ରରେ ଦର୍ଶାଇଥାନ୍ତି । ସେହିଠାରେ ସେଦିନ ଅପରାହ୍ଣରେ ସର୍ଦ୍ଦାର ପଟେଲ

Digitized by PPRACHIN, SOA

ହଲ୍‌ଠାରୁ ବିଫଳ ହୋଇ ଫେରି ସେମାନେ ବସି ବିଚାର କରୁଥାନ୍ତି, ବର୍ତ୍ତମାନ କ'ଣ କରାଯିବ। କେତେଦିନ ଆଉ ଏପରି ଅନିର୍ଦ୍ଦିଷ୍ଟ ପଛରେ ବୁଲିବେ। ଏଣେ ମିଳିଥିବା ଚାକିରିକୁ ନଯାଇ ସେମାନେ ଏପରି ବାନାଙ୍କ ପରି ବୁଲିବା କାହାରି ଆଖିକୁ କାହିଁକି ତାଙ୍କ ନିଜ ଆଖିକୁ ମଧ୍ୟ ଭଲ ଦେଖା ଯାଉ ନଥାଏ।

ତେଣୁ ପ୍ରସ୍ତାବ ବିଚାର ପାଇଁ ଗୃହୀତ ହୋଇଥାଏ ଯେ ଏ ପରିସ୍ଥିତିରେ ସେମାନେ ମିଳିଥିବା ଚାକିରିରେ ଯାଇ ଯୋଗ ଦେଇ ଦେବା ଉଚିତ୍। ନଚେତ୍ ହୁଏତ ଦୈବ ଅସନ୍ତୁଷ୍ଟ ହୋଇପାରେ। ଚନ୍ଦ୍ରର ମନେ ଅଛି ଏହି ସମୟରେ ବି.ଜେ.ବି. କଲେଜରେ ତା ତଳ ବ୍ୟାଚରେ ପଢୁଥିବା ଜଣେ ପିଲା ଆସି ପହଞ୍ଚିଲା। ଚନ୍ଦ୍ରକୁ ସେ ଭାଇ ଭାଇ ଡାକେ। ତା ସହିତ ସୁସଂପର୍କ। ସେ ଆସି କହିଲା ଯେ ସେମାନଙ୍କୁ ଓଡିଶା ରାଜ୍ୟ ଅର୍ଥ ନିଗମର ଚେୟାରମ୍ୟାନ ଡକାଇଛନ୍ତି। ସେମାନଙ୍କର ପ୍ରୋଜେକ୍ଟ ବିଷୟରେ କଥା ହେବେ। ପ୍ରକାଶଥାଉକି ସେତେବେଳେ ଚେୟାରମ୍ୟାନ ଥାଆନ୍ତି ଶ୍ରୀ ରାମ ଚନ୍ଦ୍ର ପଟ୍ଟନାୟକ। ସେ ଭଦ୍ରଲୋକ ଜଣେ ଶିଳ୍ପପତି। କଟକ ରୋଡରେ ତାଙ୍କର ଗୋଟିଏ ଶିଳ୍ପ। କଲିକତାରେ ତାଙ୍କର କିଛି ଶିଳ୍ପ ଅନୁଷ୍ଠାନ ଚାଲୁଥାଏ। ସଙ୍ଗେ ସଙ୍ଗେ ଡାକି ଆସିଥିବା ପିଲା (ପଟ୍ଟନାୟକ) ସହିତ ଚନ୍ଦ୍ର ଚେୟାରମ୍ୟାନଙ୍କ ଘରକୁ ଗଲା। ସେତେବେଳେ ୧୯୭୪ ମସିହାର କଥା। ସେ ରାମଚନ୍ଦ୍ର ପଟ୍ଟନାୟକ ଆଜିର ମ୍ୟୁନିସପାଲିଟି/କର୍ପୋରେସନ ଅଫିସ ପାଖରେ ଗୋଟିଏ କୋଠାରେ ରହୁଥାଆନ୍ତି। ଚନ୍ଦ୍ରର ପରିଚୟ ପାଇବା ପରେ ସିଧା ସଳଖ ତା'ର ପ୍ରୋଜେକ୍ଟ ଉପରକୁ ଆସିଗଲେ ଏବଂ ଏପରି ଭାଷାରେ ଏପରି କଥା କହିଲେ ତା'ର ମନେ ହେଲା, ଆମ ବାପ ଅଜା ଚଉଦ ପୁରୁଷ କେହି ବ୍ୟବସାୟରେ ପଶି ନଥିବା ବେଳେ ଆମେ ଅର୍ବାଚୀନ ଦୁଇ ଜଣ ସେଥିରେ ହାତ ମାରି ଅତ୍ୟନ୍ତ ଭୁଲ କରିଅଛୁ। ତାଙ୍କର ଭାଷଣ ଶୁଣି ତା'ର ନିଜ ଉପରେ ରାଗ ଓ ଘୃଣା ଆସିଲା। ସେଠାରୁ ଖସିଲା। ଆସି ୨୬ ଗୌତମ ନଗରରେ ଅପେକ୍ଷା କରିଥିବା ରଣଜିତ୍‌କୁ ସମସ୍ତ ବିଷୟ କହିଲା ଏବଂ ଏଇଆ ମଧ୍ୟ କହିଲା ବର୍ତ୍ତମାନ ଆଉ ସମୟ ନଷ୍ଟ କରି ଲାଭ ନାହିଁ। ଚାଲ ସେଇ ଚାକିରି କ୍ଷେତ୍ରକୁ।

ସେମାନେ ଯିବାକୁ ବାହାରିଛନ୍ତି ଆସି ପହଞ୍ଚିଲେ ସେଇ ପଟ୍ଟନାୟକ, ଯିଏ ତାଙ୍କୁ ଚେୟାରମ୍ୟାନ୍‌ଙ୍କ ପାଖକୁ କଢାଇ ନେଇଥିଲେ। ପୁଣି ଥରେ ତାଙ୍କର ଆବିର୍ଭାବର କାରଣ ସେମାନେ ଜାଣି ପାରୁ ନଥାନ୍ତି। ଏଣେ ଗର୍ଭ ନାଶ କରି ଭ୍ରୂଣ ହତ୍ୟା ହେଉ ପଛେ ପାପ ବୋହିବାକୁ ସେମାନେ ରାଜି ହୋଇଗଲେଣି। ପ୍ରୋଜେକ୍ଟ ଆଉ ଶିଳ୍ପ ସ୍ୱପ୍ନ ଭୁଲି ସେଇ ପୁରୁଣା ଗୁଳା, ଚାକିରିକୁ ଯିବାକୁ

Digitized by PPRACHIN, SOA

ବସିଲେଣି । ସେ ପିଲା (ପଟ୍ଟନାୟକ) ତା'ର ପ୍ରସ୍ତାବ ଏମାନଙ୍କ ଆଗରେ ରଖିଲା । ଯଦି ଚେୟାରମ୍ୟାନଙ୍କୁ କିଛି ଅର୍ଥ ଦିଆଯିବ ସେ ଦୁଇ ଦିନ ଭିତରେ ପ୍ରୋଜେକ୍ଟଟି ଅନୁମୋଦନ କରି ଅର୍ଥ ପ୍ରଦାନ କରିଦେବେ । ରଣଜିତ୍ ଚନ୍ଦ୍ର ମୁହଁକୁ ଅନାଇଲା, ସେ ତା ମୁହଁକୁ । 'କିଛି ଅର୍ଥ'ର ଅର୍ଥ ବ୍ୟାପକ । ସେଇଟିର ସୀମା ସରହଦ ନଜାଣିଲା ଯାଏ କିଛି କହିବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ପଟ୍ଟନାୟକ ସିଧାସଳଖ କହିଲା ଯେ ଦଶ ହଜାର ଟଙ୍କା ଦେଲେ କାମ ହୋଇଯିବ । ସେ ଚାଲିଗଲା । ତାକୁ ଖବରଦେଲେ ଆସି କାମଟି କରିଦେବ ବୋଲି ସେମାନଙ୍କୁ କହି ସେ ଚାଲିଗଲା । ସେମାନେ ପୁଣି ବିଚାରରେ ବସିଲେ । ସେମାନଙ୍କର ପୁଞ୍ଜି ହେଉଛି ୧୮୦୦ + ୨୦୦୦ =୩୮୦୦ । ତାରି ଭିତରେ ସେମାନେ ହାତ ତିଆରି ସୁଷମ ଗୋଖାଦ୍ୟ କରି ମାର୍କେଟରେ ପଶି କିଛି ଅନୁଭୂତି ସଞ୍ଚୟ କରିବାକୁ ଲାଗିଛନ୍ତି । ଆଉ ଅଧିକ ପୁଞ୍ଜି ତାଙ୍କ ପାଖରେ ନାହିଁ । ଥିଲେ ବି ଦିଅନ୍ତେ ନାହିଁ । ପ୍ରୋଜେକ୍ଟର ସମୁଦାୟ ମୂଳଧନ (ଘର ମେସିନ) ଇତ୍ୟାଦି ମାତ୍ର ୧,୧୦,୦୦୦ ଟଙ୍କା । ସେଥିରେ ଚେୟାରମ୍ୟାନଙ୍କୁ ଦଶ ହଜାର ଦେବାକୁ ଚନ୍ଦ୍ରକୁ ଅତ୍ୟନ୍ତ ବାଧିଲା । ସେ ରଣଜିତକୁ କହିଲା ଦଶ ହଜାର ଟଙ୍କା ଦେଇ ପ୍ରୋଜେକ୍ଟ ଅନୁମୋଦନ କରାଇ ରଣ ନେବା ଆମର ଦରକାର ନାହିଁ । ଯଦି ବିନା ପଇସା ଦେଣନେଣରେ ରଣ ମିଳିଯିବ ତେବେ ମିଳୁ । ଅନ୍ୟଥା ଆମେ ଶିଳ୍ପ ସ୍ୱପ୍ନ ଭୁଲିଯିବୁ । ଆଉ ଏକମାସ ଅପେକ୍ଷା ରଖିବାକୁ ଆମେ ନିଷ୍ପତ୍ତି ନେଲୁ । ଯେଝା ଘରକୁ ଫେରିଲୁ । ରଣଜିତ ଗଲା କଟକ । ସେ କଟକରେ ରହୁଥାଏ ।

ବର୍ତ୍ତମାନ ଦାୟୀତ୍ୱ ଚନ୍ଦ୍ରର । ତା'ର ଜିଦ୍ ମଧ ଏକ ପ୍ରକାର ବଢି ଯାଇଥାଏ । ଗୋଟିଏ ଟଙ୍କା କାହାକୁ ନ ଦେଇ ରଣ ନିଶ୍ଚୟ ପାଇବୁ । ଏହି ଜିଦ୍ କିପରି କାର୍ଯ୍ୟକାରୀ କରିବ ସେଥିରେ ସେ ଲାଗି ପଡିଥାଏ । ଯେଉଁ କେତେ ମାସ ଖବର କାଗଜରେ ସାମ୍ବାଦିକ ହିସାବରେ କାମ କରିଥିଲା, ସେଥିରେ ଆଉ କିଛି ଘଟୁ ନ ଘଟୁ ତା'ର ସରକାରୀ ଦପ୍ତରର କାର୍ଯ୍ୟକଳାପକୁ ନେଇ ସାଧାରଣ ଜ୍ଞାନର ଯଥେଷ୍ଟ ବିସ୍ତାର ଘଟିଥିଲା । ଗୋଟିଏ ସମସ୍ୟା ଆସିଲେ ତା'ର ସମାଧାନ କିପରି କରିବାକୁ ହେବ ତା'ର ସଠିକ୍ ବାଟ ନ ବାହାର କଲା ଯାଏଁ ସେ ସ୍ଥିର ହୋଇ ବସିପାରେ ନାହିଁ । ବିଭିନ୍ନ ଦିଗରୁ ସମସ୍ୟାଟି ବିଚାର କରି ତା'ର ସମ୍ଭାବ୍ୟ ପନ୍ଥା କେତୋଟି ବାହାରକରେ । ଆଉ ପ୍ରତିଟି ପନ୍ଥା ଧରି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରେ ଏବଂ ଏ ପ୍ରକାର ଆକ୍ରମଣରେ ପ୍ରାୟ ସେ ଅଧିକାଂଶ ସମୟରେ ସଫଳତା ପାଇଥାଏ । ଏ ସମସ୍ୟା ନେଇ ଚିନ୍ତା କରି ସେ ସରକାରୀ ସ୍ତରରେ ଉପରିସ୍ଥ ଅଧିକାରୀଙ୍କୁ ଦେଖା କରି ଏହାର ସମାଧାନ କରିବାକୁ ଚିନ୍ତା କଲା । ସେହି ନିଷ୍ପତ୍ତି

Digitized by PPRACHIN, SOA

ଅନୁଯାୟୀ ସିଧା ସଳଖ ଓଡିଶା ସରକାରଙ୍କ ଅର୍ଥ ସଚିବଙ୍କୁ ଦେଖା କରିବାକୁ ଦିନେ ସଚିବାଳୟ ଗଲା । ଖବରକାଗଜରେ କାମ କରିବା ଭିତରେ ମଝିରେ ମଝିରେ ନିୟମିତ ନଗେନ ବାବୁଙ୍କ ସାଙ୍ଗରେ ସଚିବାଳୟକୁ ଚନ୍ଦ୍ରକୁ ଯିବାକୁ ହେଉଥିଲା । ଏବଂ ସେଠାରେ କାମ ଥାଉ ନଥାଉ ନଗେନ ବାବୁ ଅନେକ ଉଚ୍ଚ ଅଧିକାରୀଙ୍କ ସହ ମିଶୁଥିଲେ ଓ ଗପ କରୁଥିଲେ । ସେ ସମସ୍ତ ଗପସପରେ ଚନ୍ଦ୍ରକୁ ପାଖରେ ରଖୁଥିଲେ ଓ ଏହି ଗପସପ ମାଧ୍ୟମରେ ଭବିଷ୍ୟତ ଘଟଣାର ସୂଚନା ମିଳି ପାରିବ ବୋଲି କହୁଥିଲେ । ସେଥିପାଇଁ ଉପଯୁକ୍ତ ତୀକ୍ଷ୍ଣ ମାନସିକତା ଲୋଡା ବୋଲି ଚନ୍ଦ୍ରକୁ ବୁଝାଉଥିଲେ । ଚନ୍ଦ୍ର ଚୁପ୍‌ଚାପ୍ ସେ ସବୁ ଖଟିରେ ବସୁଥିଲା । ସମସ୍ତ କଥା ଶୁଣୁଥିଲା ଓ ଆସନ୍ତାକାଲିର ଖବର ଆଜି ସଂଗ୍ରହ କରି ପାରୁଥିଲା । ଆଉ ଗୋଟିଏ କଥା ଚନ୍ଦ୍ର ସେ ସବୁ ଦେଖା ସାକ୍ଷାତରୁ ଆଉ ଗପରୁ ବୁଝିଥିଲା ତାହା ହେଉଛି ଉଚ୍ଚ ଅଫିସରମାନେ ସର୍ବଦା ସାମ୍ବାଦିକଙ୍କ ସହ ସୁସଂପର୍କ ରକ୍ଷା କରିବାକୁ ଚାହାନ୍ତି । କାରଣ ସେମାନଙ୍କ ଜରୀଆରେ ରାଜନୀତିର ଭିତିରି ଖବର ପାଇ, ପବନ କେଉଁ ଦିଗରୁ ବହୁଛି ଜାଣି ପାରିବେ ଓ ସେହି ଅନୁସାରେ ଛତାଟି ବୁଲାଇ ଦେବେ । ଏହା ବ୍ୟତୀତ ନିଜର ବିରୋଧୀ ଅଫିସରଙ୍କ ବ୍ୟାପାରରେ କିଛି ସୂଚନା ଦେଇ ସାମ୍ବାଦିକଙ୍କ ଦ୍ୱାରା ଖବରକାଗଜ ପୃଷ୍ଠାରେ ସେଗୁଡିକ ପ୍ରଚାର କରି ପାରିବେ । ଆଉ ନିଜେ ଧୋବ ଫର ଫର ରହି ମଜା ଦେଖିବେ ।

ସାମ୍ବାଦିକମାନେ ଏ ସବୁ ବୁଝନ୍ତି । କିଛି ପାଇବାକୁ ହେଲେ କିଛି ଦେବାକୁ ହୁଏ । ଆପଣାର ଛୋଟ ବଡ କାମ ଏ ଅଫିସରମାନଙ୍କ ଜରୀଆରେ ହାସଲ କରି ନିଅନ୍ତି ଆଉ ତା ବଦଳରେ ଅଫିସରଙ୍କୁ ମଧ୍ୟ ଖୁସୀ କରନ୍ତି । ଏ ଦିଆନିଆର ଖେଳ ଚନ୍ଦ୍ର ସେଇ କେତେ ମାସର କାମ ଭିତରେ ବୁଝି ପାରିଥିଲା । ଏ ସବୁ ଲେଖିବାର କାରଣ ହେଉଛି ନଗେନ ବାବୁଙ୍କ ସହିତ ସେ ପ୍ରାୟ ଅଧିକାଂଶ ଉଚ୍ଚ ଅଧିକାରୀଙ୍କୁ ସଚିବାଳୟରେ ଏକାଧୀକବାର ଦେଖା କରିଥିଲା ଓ ପ୍ରଥମ ଦେଖାର ଭୟ ଓ ସଙ୍କୋଚ ଆଉ ନଥିଲା । ଚନ୍ଦ୍ରର ବିଚାରରେ ଅର୍ଥ ବିଭାଗର ସଚିବଙ୍କୁ ଦେଖାକରି ବୁଝାଇ ପାରିଲେ କାମଟି ହୋଇପାରିବ ବୋଲି ତା'ର ଧାରଣା ହେବାରୁ ସେ ଦିନେ ଉପରବେଳା ସଚିବାଳୟ ଗଲା । ସେତେବେଳେ ସଚିବାଳୟ ଯିବା ପାଇଁ ଏତେ କଟକଣା ନଥିଲା । ଗେଟ୍ ବାହାରେ ଗୋଟିଏ ଏ.ସି. ସିଟ୍ ଘରେ ପାଶ୍ ଦିଆ ଯାଉଥିଲା । ମାତ୍ର ପାଶ୍ ନହେଲେ ଯାଇ ହେବ ନାହିଁ, ଏପରି ନଥିଲା । ସାଇକେଲରୁ ନଓହ୍ଲାଇ ଗେଟ୍‌ରେ ଆଠଣିଟିଏ ବଢାଇ ଦେଲେ କାମ ଚଳି ଯାଉଥିଲା । ସେ ଯାଇ ଚିରକୁଟିରେ ତା ନାମ ଲେଖି ଅର୍ଥ ସଚିବ ଶ୍ରୀ ଆର୍,ଏନ୍. ଦାସ, ଆଇ.ଏସ୍. ଙ୍କୁ ଦେଖା କରିବାକୁ ପିଅନକୁ ଦେଲା ।

Digitized by PPRACHIN, SOA

ଡକରା ଆସିଲା, ଭିତରକୁ ଗଲା, ଅତ୍ୟନ୍ତ ନମ୍ରତାର ସହ ତା'ର ସମସ୍ୟା ବଖାଣିଲା। ସେମାନେ ଦୁଇ ଜଣ ଏମ୍.ଏ. ଆଉ ଏମ୍.ଏସ୍.ସି ପାଶ୍ କରି ଚାକିରି ପାଇବା ସତ୍ତ୍ୱେ ତାହାକୁ ଆଡେଇ ଦେଇ ଏପରି ଏକ ଅନିଶ୍ଚିତ ପଥରେ ପାଦ ଦେଇ ଆଗେଇବା ପାଇଁ ସାହସ ବାନ୍ଧିଛନ୍ତି। ଏହା ଉପରେ ସାମାନ୍ୟ ଜୋର ଦେଇ ପ୍ରକାଶ କଲା। ତାଙ୍କ ପାଖରେ ଥିବା ସାମାନ୍ୟ କିଛି ପୁଞ୍ଜିକୁ ନେଇ ତାଙ୍କର ଏ ଯୋଜନା। ସମସ୍ତ କିଛି ଶୁଣିବା ପରେ ସଚିବ ପ୍ରୋଜେକ୍ଟ ନେଇ ଗୋଟିଏ ଦୁଇଟି ପ୍ରଶ୍ନ କଲେ। ଏପରି ଏକ ଶିଳ୍ପ, ସୁକ୍ଷ୍ମ ଗୋ ଖାଦ୍ୟ/କୁକୁଡା ଖାଦ୍ୟ ତିଆରି ଶିଳ୍ପରେ ପଶିବାର କାରଣ ଯାହା ପ୍ରଥମରୁ ଲେଖିଥିଲା ତାହାହିଁ କହିଲା। ମୂଳକଥା ହେଲା ତା'ର ଆନ୍ତରୀକତା ତାଙ୍କୁ ପ୍ରଭାବିତ କଲା ବୋଲି ତା'ର ମନେ ହେଲା। ଶେଷରେ ଗୋଟିଏ ପ୍ରଶ୍ନ କଲେ। " ତୁମେ ସତରେ ଏମ୍.ଏ. ପାଶ୍ କରିଛ ?" ଏପରି ଏକ ପ୍ରଶ୍ନ ଶୁଣି ଆଶ୍ଚର୍ଯ୍ୟ ହେଲା। ସେ ଏପରି ସନ୍ଦେହ କରିବାର କାରଣ ମଧ୍ୟ ବୁଝି ପାରିଲା। ସେ ସମୟଟା ହିଁ ସେହିପରି ଥିଲା। ଏମ୍.ଏ. ପାଶ୍ କରି ଜଣେ ଓଡ଼ିଆ ଯୁବକ ଚାକିରିକୁ ଆଡେଇ ଦେଇ ଏପରି ଏକ କାନ ଶୁଣି ନଥିବା କଥା କରିବାକୁ ଯାଉଛି, ତାହା ତାଙ୍କୁ ଦ୍ୱନ୍ଦରେ ପକାଇଲା। ସେ ବିଶ୍ୱାସ କରି ପାରୁ ନଥିଲେ। ସାର୍ଟିଫିକେଟ ଆଣି ଦେଖାଇ ପାରିବ ? ସେ ହଁ କହିଲା। ସଚିବ ପିଅନକୁ ଡାକିଲେ ଏବଂ ଆସନ୍ତାକାଲି ସେ ଦେଖା କରିବାକୁ ଆସିଲେ ସିଧା ସଳଖ ତାଙ୍କ ପାଖକୁ ଏଇ ସମୟରେ ନେଇ ଆସିବାକୁ ନିର୍ଦ୍ଦେଶ ଦେଲେ।

ସେ ଫେରିଲା। ମନରେ ଅନେକ ଚିନ୍ତା। ମାତ୍ର ବର୍ତ୍ତମାନ ଟିକିଏ ଆଶାର ଝଲକ ଦେଖା ଯାଉଥାଏ। ସେଇଟି ହେଉଛି ୧୯୭୪ ମସିହାର ପ୍ରଥମ ଭାଗ। ୧୯୭୩ ନଭେମ୍ବରରେ ପରୀକ୍ଷା (ଏମ୍.ଏ.) ହୋଇ ଫଳ ବାହାରିଥାଏ। ଡିପାର୍ଟମେଣ୍ଟରୁ ଗୋଟିଏ ସାର୍ଟିଫିକେଟ ମିଳିଥାଏ। ଡିଗ୍ରୀ କାଗଜ ତ ପରେ ମିଳିବ। ଏମ୍.ଏ.ର ପାଶ୍ ସାର୍ଟିଫିକେଟ ସହ ବି.ଏ.ର ଡିଗ୍ରୀ ସାର୍ଟିଫିକେଟ ନେଇ ତା ପରଦିନ ଠିକ୍ ସେଇ ସମୟରେ ଯାଇ ସଚିବାଳୟରେ ପହଞ୍ଚିଲା। ଦେଖାହେଲା। ଦୁଇଟିଯାକ ସାର୍ଟିଫିକେଟ ଦେଖିଲେ। ଅର୍ଥ ଶାସ୍ତ୍ର ଅନର୍ସରେ ବି.ଏ. ପାଶ୍ କରି ଏମ୍.ଏ.ରେ ଦର୍ଶନଶାସ୍ତ୍ରକୁ ଯିବାର ଯୌକ୍ତିକତା ନେଇ ତାକୁ ଗୋଟେ ଅଧେ ପ୍ରଶ୍ନ କଲେ ଏବଂ ତା ଉତ୍ତରରେ ସାମାନ୍ୟ ବିସ୍ମିତ ତଥା ଖୁସୀ ହୋଇଥିବାର ସେ ଜାଣି ପାରିଲା। ସେ ଅତ୍ୟନ୍ତ ରୋକ୍‌ଠୋକ୍ ଅଫିସର। କାଗଜ/ଦରଖାସ୍ତ ଉଚିତ୍ ବାଟ ଦେଇ ତାଙ୍କ ପାଖରେ ପହଞ୍ଚିଲେ ଯାଇ ସେ ନିଷ୍ପତ୍ତି ଦିଅନ୍ତି। ସିଧା ସଳଖ ଯାଇ ତାଙ୍କ ପାଖରୁ କେହି କାମ ହାସଲ କରିବା ପ୍ରାୟ ଅସମ୍ଭବ ବୋଲି କେତେକ କହନ୍ତି। ମାତ୍ର ଚନ୍ଦ୍ରର ଯୋଗ ସେଦିନ ଭଲ ଥିଲା ବୋଧେ। ସାର୍ଟିଫିକେଟ ଦୁଇଟି

Digitized by PPRACHIN, SOA

ତାଙ୍କୁ ଅତ୍ୟନ୍ତ ପ୍ରସନ୍ନ ଚିତରେ ଫେରାଇଲେ । ପରଦିନ କଟକ ଯାଇ ଓଡିଶା ରାଜ୍ୟ ଅର୍ଥ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ଦେଖା କରିବାକୁ କହିଲେ । ସେ ଫେରିବାକୁ ଉଠିଲା । ସେ ସମୟରେ ସଚିବ ତାଙ୍କୁ କହିଲେ, "ଓଡିଶା ରାଜ୍ୟ ଅର୍ଥ ନିଗମଟି ଅର୍ଥ ବିଭାଗ ଅଧୀନରେ ନୁହେଁ । ସେଇଟି ହେଉଛି ଶିଳ୍ପ ବିଭାଗ ଅଧୀନରେ । ବୋଧହୁଏ କେବଳ ନାମର ସାମଞ୍ଜସ୍ୟ ହେତୁ ତୁମେ ସେଇଟିକୁ ଅର୍ଥ ବିଭାଗ ଅଧୀନରେ ମନେକରି ମୋତେ ଦେଖା କରିଛ । ସେ ଯାହା ହେଉ ମୋ ବିଭାଗ ଅଧୀନରେ ଓଡିଶା ରାଜ୍ୟ ଅର୍ଥ ନିଗମ ନଥିଲେ ମଧ୍ୟ ତା'ର ପରିଚାଳନା ନିର୍ଦ୍ଦେଶକ ଜଣେ ଓ.ଏଫ୍.ଏସ୍ ଅଫିସର ଏବଂ ମୁଁ ତାଙ୍କୁ କହି ଦେଉଛି କାମ ହୋଇ ଯିବ । ତୁମେ କାଲି ତାଙ୍କୁ ଦେଖାକର ।" ଖୁସୀ ହୋଇ ଚନ୍ଦ୍ର ସେଠାରୁ ଫେରିଲା ।

ତାପର ଦିନ ଓଡିଶା ରାଜ୍ୟ ଅର୍ଥ ନିଗମକୁ ମିଶିକରି ଯିବା ପାଇଁ ରଣଜିତକୁ ଟେଲିଫୋନରେ କହିଲା । ଓଡିଶା ରାଜ୍ୟ ଅର୍ଥ ନିଗମର ପରିଚାଳନା ନିର୍ଦ୍ଦେଶକ ସେତେବେଳେ ଥାଆନ୍ତି ଜଣେ ଓ.ଏଫ୍.ଏସ୍ ଅଫିସର, ନାମ ତାଙ୍କର ନୀତିତ୍ ପ୍ରସାଦ ବହିଦାର । ଓଡିଶା ରାଜ୍ୟ ଅର୍ଥ ନିଗମ ଅଫିସଟି ବାରବାଟୀ ଷ୍ଟାଡିଅମର ତଳ ମହଲାରେ ଗୋଟିଏ କୋଠରୀରେ ହେଉଥାଏ । ଆଜି ଓଡିଶା ରାଜ୍ୟ ଅର୍ଥ ନିଗମର ବିରାଟ ଅଫିସ ଅଗଣିତ ଷ୍ଟାଫ୍ ଓ ପ୍ରକାଣ୍ଡ ଆରବା ସେତେବେଳ କିଛି ହିଁ କିଛି ନଥିଲା । ସେଇ ଗୋଟିଏ କୋଠରୀରେ ଗୋଟିଏ କୋଣରେ 'ସ୍କ୍ରିନ ଘେରାଇ ପରିଚାଳନା ନିର୍ଦ୍ଦେଶକ ବସୁଥିଲେ । ସେ କୋଠରୀ ବାହାରେ ଲମ୍ବା କାଠ ବେଞ୍ଚ ଖଣ୍ଡିଏ ଦର୍ଶନ ଅଭିଳାଷୀଙ୍କ ପାଇଁ ପଡିଥାଏ ।

ପିଅନଠାରୁ ଚିରକୁଟିଟିଏ ମାଗି ନା ଲେଖି ପରିଚାଳନା ନିର୍ଦ୍ଦେଶକଙ୍କ ପାଖକୁ ପଠାଇଲା । ଚଟାପଟ ଡକରା ଆସିଗଲା । ଆଶ୍ଚର୍ଯ୍ୟ ହେଲି ଏଇଥିପାଇଁ ଯେ ସାଧାରଣତଃ ଅଧିକାଂଶ କ୍ଷେତ୍ରରେ ନେତା ଆଉ ଅଫିସରମାନେ କାମ ନଥାଇ ବସିଥିଲେ ମଧ୍ୟ ସାକ୍ଷାତକାରପାଇଁ ଆସିଥିବା ଲୋକଟିକୁ ଟିକିଏ ସବୁବେଳେ ବାହାରେ ଅପେକ୍ଷା କରାନ୍ତି । ଏଥିରେ କୋଉଠି ତାଙ୍କର ବଡପଣ ଶୋଭା ପାଏ । ଏହାର ବ୍ୟତୀକ୍ରମ ଯେ ନାହିଁ ତା ନୁହେଁ । ଏ ସବୁ ମୋର ଅନୁଭବରୁ କହୁଛି । ସେ ଯାହା ହେଉ ରଣଜିତ୍ ସେଇ କାଠ ବେଞ୍ଚ ଉପରେ ବସି ରହିଲା ।ଚନ୍ଦ୍ର ଭିତରକୁ ଗଲା । କୋଠରୀରେ ପଶୁ ପଶୁ ଡାହାଣ ପଟକୁ କଣରେ ପରିଚାଳନା ନିର୍ଦ୍ଦେଶକ ବସିଛନ୍ତି ଦୁଇପଟ ପରଦା ଦେଇ ଢଙ୍କା ଯାଇଛି । ଭିତରକୁ ଯିବାକୁ ଅଳ୍ପ ଟିକିଏ ବାଟ ଛଡା ଯାଇଛି ।

Digitized by PPRACHIN, SOA

ଚନ୍ଦ୍ରକୁ ଦେଖି ଭିତରକୁ ଡାକିଲେ । ଚୌକିଟିଏରେ ବସିବାକୁ କହିଲେ । ପିଅନକୁ ପାଣି ଗ୍ଲାସଟିଏ ତା ପାଇଁ ବରାଦ କଲେ । ସେ ତା'ର ନିବେଦନ ଯାହା ସଚିବଙ୍କୁ କହିଥିଲା, ଏଠାରେ ଆଉଥରେ କହିବାକୁ ହେବ ବୋଲି ପ୍ରସ୍ତୁତ ହୋଇ ଯାଇଥିଲା ଏବଂ ପାଣି ଗ୍ଲାସରୁ ଅଧେ ପିଇ ସାରିବା ପରେ ବକ୍ତବ୍ୟ ଆରମ୍ଭ କରିବାକୁ ଯାଉଛି, ପରିଚାଳନା ନିର୍ଦ୍ଦେଶକ ମହାଶୟ ହସି ଦେଇ ତାକୁ କିଛି କହିବାକୁ ବାରଣ କଲେ "ମୁଁ ଜାଣିଛି" ସଂକ୍ଷିପ୍ତ ତାଙ୍କର ଉତ୍ତର । ଡ୍ରୟର ଖୋଲିଲେ ଗୋଟିଏ ଚିଠି ୨/୩ ପୃଷ୍ଠାର ସେଥିରୁ ବାହାର କଲେ ଆଉ ତା ହାତକୁ ବଢାଇ ଦେଲେ । ସେ ଆଶ୍ଚର୍ଯ୍ୟ ହୋଇ ସେ ଖାମ ଭିତରକୁ ଯିବା ପାଇଁ ମୋଡା ହୋଇଥିବା କାଗଜଟିକୁ ଧରି, ତାଙ୍କୁ ଆଶ୍ଚର୍ଯ୍ୟ ହୋଇ ଏଇଟି କ'ଣ ବୋଲି ପଚାରିଲା । "ତୁମେ ଋଣ ପାଇଁ ଦରଖାସ୍ତ ଦେଇଥିଲ । ଆଉ ଏଇଟି ଋଣ ମଞ୍ଜୁରୀ ହେବାର ଚିଠି । ଘରକୁ ଯାଅ ଶୀଘ୍ର ବଣ୍ଡ ସାଇନ କରି ଟଙ୍କା ନେଇ କାମ ଆରମ୍ଭ କର । ପାରିବ ଯଦି ସାର୍‌ଙ୍କୁ ଦେଖା କରି କହିଦେବ ।" ତଥାପି ତା'ର ବିସ୍ମୟ ଭାବ କଟି ନଥାଏ । ବୋକାଙ୍କ ପରି ପଚାରିଲା, "ସାର୍ ଏତେ ଶୀଘ୍ର ହେଲା କିପରି ?" ଚନ୍ଦ୍ରର କିପରି ଗୋଟାଏ ଧାରଣା ସେତେବେଳେ ଆସିଲା ଯେ ତାକୁ ବୋଧେ ଏଣୁତେଣୁ କାଗଜ ଖଣ୍ଡେ ଦେଇ ଭଣ୍ଡାଇ ଦେଉଛନ୍ତି । ଯେଉଁ କାଗଜ ଖଣ୍ଡିକ ପାଇଁ ୩/୪ ମାସ ଧରି ଦୌଡି ଦୌଡି ପାଉ ନଥିଲା, ମାତ୍ର ରାତିକ ଭିତରେ ସମ୍ଭବ ହେଲା କିପରି ? ସେ ଚନ୍ଦ୍ରର ବିସ୍ମୟ ଭାବ ଦେଖି ସାମାନ୍ୟ ମୁରୁକି ହସି କହିଲେ " ଅର୍ଥ ସଚିବ ତୁମ ପାଇଁ କହିଲେ ଆଉ ତୁମର ଋଣ ମଞ୍ଜୁରୀ ହେବ ନାହିଁ ? ମୋର ବିଶେଷ କ୍ଷମତା ପ୍ରୟୋଗ କରି ମୁଁ ଏହା ମଞ୍ଜୁର କରିଛି ? ଅତ୍ୟନ୍ତ ଗଦ୍‌ଗଦ୍ ହୋଇ ୨/୩ଟି ନମସ୍କାର କରି ସେ ବାହାରକୁ ଆସିଲା ଆଉ କାଗଜଟି ରଣଜିତ୍‌କୁ ବଢାଇ ଦେଇ ଆମୂଳଚୂଳ ସବୁ କହିଲା । ଗୋଟାଏ ଗଡ ଜିଣିଥିବାର ଅନୁଭବ ନେଇ ଘରକୁ ସେମାନେ ଫେରିଲେ । ଆଉ ଚାକିରିକୁ ଫେରିବା ନୋହିଲା ।

କୌଣସି ଦଲାଲ ବା ମଧ୍ୟସ୍ଥିର ସାହାଯ୍ୟ ନନେଇ ସିଧା ସଳଖ ଉଚ୍ଚ ଅଧିକାରୀଙ୍କୁ ନିଜର ଅସୁବିଧା ସଠିକ୍ ବୁଝାଇ ପାରିଲେ ଅନେକ କିଛି କାମ ସୁରୁଖୁରୁରେ ହୋଇ ପାରିବ । ଅସୁବିଧାଟି ଯୁକ୍ତିଯୁକ୍ତ ହୋଇଥିବା ଦରକାର । ସେଥିପାଇଁ ନିବେଦନ ସମୟରେ ସଠିକ୍ ତଥ୍ୟ ଉପଯୁକ୍ତ ଭାବରେ ପରିବେଷିତ ହେବା ଦରକାର । ଦୀର୍ଘ ୩୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ସେ ସରକାରୀ ଦପ୍ତରରେ ବିଭିନ୍ନ କାମ ହାସଲ ପାଇଁ ଚକର କାଟିଛି । କେଉଁଠି ଦିନକରେ କାମ ହୋଇଛି ତ କେଉଁଠି ମାସେ ଲାଗିଛି । ମାତ୍ର କାମ ହୋଇଛି । ବିଭିନ୍ନ ବିଭାଗର ମନ୍ତ୍ରୀ ବା

Digitized by PPRACHIN, SOA

ରାଜନୈତିକ ନେତାଙ୍କ ପଛରେ ଦୌଡି କାମ ହାସଲ କରିବା ଅପେକ୍ଷା, ସରକାରୀ ଅଫିସରଙ୍କୁ ଠିକ୍ ଭାବରେ ବୁଝାଇ ପାରିଲେ ସଫଳତା ପାଇବା ସହଜ । ଦୀର୍ଘ ବର୍ଷର କାମ କରିବା ଭିତରେ ଏହାହିଁ ତା'ର ଅନୁଭବ । ସେଥିପାଇଁ ସେ ରାଜନୈତିକ ନେତାଙ୍କ ଠାରୁ ଅଧିକାଂଶ କ୍ଷେତ୍ରରେ ଦୂରେଇ ରହି ତା'ର କାମ ସେ କରାଇଛି ।

ପରଦିନ ଆଉଥରେ ସଚିବାଳୟ ଯାଇ ଶ୍ରୀ ଆର୍.ଏନ୍. ଦାସଙ୍କୁ ଦେଖା କରି କୃତଜ୍ଞତା ଜଣାଇ ଆସିଲା । ଏହାପରେ ବ୍ୟବସାୟର ପ୍ରଥମ ଅବସ୍ଥାରେ ସେ ଅନେକ ପ୍ରକାର ଅସୁବିଧା, ଗଣ୍ଡଗୋଳର ସମ୍ମୁଖୀନ୍ନ ହୋଇଛି । ନିତାନ୍ତ ଅସହାୟ ନିଜକୁ ମନେକରିବା ପରେ ଯାଇ ଆର୍. ଏନ୍. ଦାସଙ୍କୁ ସାହାଯ୍ୟ ମାଗିଛି । ପ୍ରତିଟି କ୍ଷେତ୍ରରେ ସେ ତାଙ୍କର ନିସର୍ତ୍ତ ସାହାଯ୍ୟ ପାଇଛି । ଏହାର ବିଶଦ୍ ବର୍ଣ୍ଣନା ପରେ ମାତ୍ର ଆଜି ଏହି ଲେଖା ମାଧ୍ୟମରେ ସେ ତା'ର କୃତଜ୍ଞତା ଜ୍ଞାପନ କରୁଛି । ଏବେ ପ୍ରାୟ ଏକ ମାସ ତଳେ ଚନ୍ଦ୍ର ତା'ର ରକ୍ତ ପରୀକ୍ଷା ଓ କାଡିଆକ୍ ପରୀକ୍ଷା ପାଇଁ ଭୁବନେଶ୍ୱରରେ ଆପୋଲୋ ଡାକ୍ତରଖାନାକୁ ଯାଇଥିଲା, ସେ କାମ ସାରି ବାହାରକୁ ଆସି ଗାଡିରେ ବସିବାକୁ ଯାଉଛି, ଆଖି ପଡିଲା ଶ୍ରୀ ଆର୍.ଏନ୍. ଦାସ ଜଣକ ସାହାଯ୍ୟରେ ଠୁକେଇ ଠୁକେଇ ଭିତରେ ପଶୁଛନ୍ତି । ଦୂରରୁ ଦେଖି ଜାଣି ପାରିଲା ସ୍ୱାସ୍ଥ୍ୟ ଅନେକ ଖରାପ ହୋଇଛି । ଗାଡି ଅଟକାଇ ତରତର ହୋଇ ପୁଣି ଥରେ ଭିତରକୁ ଯାଇ ସାରଙ୍କୁ ନମସ୍କାର କଲା । ଚିହ୍ନିବା ଚିହ୍ନିବା ପରି ହେଲେ ମାତ୍ର ଚନ୍ଦ୍ର ତା'ର ନାମ କହିବା ପରେ ଅତ୍ୟନ୍ତ ଖୁସୀ ହେଲେ ତାହା ତାଙ୍କ ମୁହଁ ତଥା ବଡ ବଡ କଥା କୁହା ଆଖିରୁ ଜାଣି ପାରିଲା ।

ଋଣ ମିଳିଲା ୧୯୭୪ ପ୍ରଥମ ଭାଗରେ । ଜମିତ ଆଗରୁ ନିଆ ଯାଇଥିଲା । ବର୍ତ୍ତମାନ କାମ ଆରମ୍ଭ କରିବା କଥା । ଓଡିଶା ରାଜ୍ୟ ଅର୍ଥ ନିଗମରୁ ଋଣ ମିଳିବା ପରେ ଡକୁମେଣ୍ଟସନ ପାଇଁ ଲାଗି ପଡିଲା । ଆଗରୁ ଏ ସମ୍ପର୍କରେ କିଛି ବୋଲି କିଛି ତାଙ୍କର ଧାରଣା ନଥିଲା । ଓଡିଶା ରାଜ୍ୟ ଅର୍ଥ ନିଗମ ସହିତ ଯେଉଁ ଏଗ୍ରିମେଣ୍ଟ ହେବ ସେଇଟି ଡିଷ୍ଟ୍ରିକ୍ଟ ରେଜିଷ୍ଟରଙ୍କ ଅଫିସରେ ରେଜିଷ୍ଟ୍ରି କରାଯିବ । ସେତେବେଳେ ନିୟମ ଥିଲା ଯେ ଯେଉଁ ଦିନ ଓଡିଶା ରାଜ୍ୟ ଅର୍ଥ ନିଗମ ଋଣ ଦାତା ଓ ସେମାନେ ଋଣ ଗ୍ରହିତା ଦସ୍ତଖତ କରିବେ, ସେହିଦିନ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଡକୁମେଣ୍ଟଟି ରେଜିଷ୍ଟ୍ରେସନଟି ଦାଖଲ ହେବା ଦରକାର । ତାହାବି ହେଲା । ମନେ ହେଲା କାମଟି ସୁରୁଖୁରୁରେ ସନ୍ଧ୍ୟା ସୁଦ୍ଧା ସରିଯିବ । ଚନ୍ଦ୍ର ଡକୁମେଣ୍ଟରେ ଦସ୍ତଖତ କରି ସାରି ଅପେକ୍ଷା କରିଛି, ସେତେବେଳକୁ ଦିନ ୩ଟା ଉପରେ ହେଲାଣି,

Digitized by PPRACHIN, SOA

ଭୋକରେ ପେଟ ଜଳିଲାଣି । ତା'ର ଯାହା ମନେ ପଡୁଛି ଡକୁମେଣ୍ଟରେ ଡିଷ୍ଟ୍ରିକ୍ଟ ରେଜିଷ୍ଟରଙ୍କ ଦସ୍ତଖତ ହୋଇ ଚାଲି ଆସିଲେ ଅନ୍ୟାନ୍ୟ କାର୍ଯ୍ୟ ସେଥିରେ ହେବ । ସେମାନଙ୍କର ଅପେକ୍ଷା ଯେ ଡିଷ୍ଟ୍ରିକ୍ଟ ରେଜିଷ୍ଟରଙ୍କ ଦସ୍ତଖତ ହୋଇ ଚାଲି ଆସିଲେ ସେମାନେ ଯାଇ ବାହାରେ ଯାହା ଟିକିଏ ଖାଇ ଚାଲି ଆସିବେ । ତା ଭିତରେ ଅଫିସର କାମ ଦାମ ମଧ୍ୟ ସରି ଯାଇଥିବ । ଏହି ସମୟରେ ମଜା କଥାଟିଏ ଘଟିଲା । ଡିଷ୍ଟ୍ରିକ୍ଟ ରେଜିଷ୍ଟରଙ୍କ ଖାସ୍ ଚପରାସୀ ଆସି ଚନ୍ଦ୍ରକୁ ଡାକିଲା । ପ୍ରଥମେ ତା ନାମ ବୁଝି ସାରି କହିଲା ସାର୍ ଡାକୁଛନ୍ତି । ଏ ଡକରା ପାଇ ସେ ହଡ ବଡେଇ ଗଲା । ବୋଧେ କାଗଜପତ୍ରରେ କ'ଣ ଭୁଲଭଟକା ବାହାରିଲା ବୋଧେ । ସେଇ ଗୋଟାଏ ମିନିଟ ଭିତରେ ଚନ୍ଦ୍ର ମୁଣ୍ଡରେ ବୋଧେ ପୁଞ୍ଜାଏ ଦୁଶ୍ଚିନ୍ତା ପଶି ଯାଇଥିବ । ସେ ପର୍ଯ୍ୟନ୍ତ ଡିଷ୍ଟ୍ରିକ୍ଟ ରେଜିଷ୍ଟର କିଏ, ତାଙ୍କର କ୍ଷମତା କ'ଣ ମୁଁ କିଛି ଜାଣି ନଥାଏ । ତା'ର କାରଣ ହେଉଛି, ଏଇ ଡକୁମେଣ୍ଟ ରେଜିଷ୍ଟ୍ରେସନ ହେଉଛି ଓଡିଶା ରାଜ୍ୟ ଅର୍ଥ ନିଗମର ଦାୟୀତ୍ୱ ଆଉ ଏଇଟି ଗୋଟିଏ ରୁଟିନ କାମ ହୋଇଥିବାରୁ ଓଡିଶା ରାଜ୍ୟ ଅର୍ଥ ନିଗମର ନିଯୁକ୍ତ ଅଫିସର ଏ ବ୍ୟାପାରରେ ଦୋରସ୍ତ । ଏ ଘଡି ସନ୍ଧି ସମୟରେ ଡକରା ଆସିବାରୁ ଓଡିଶା ରାଜ୍ୟ ଅର୍ଥ ନିଗମର ଅଫିସର ଯିଏକି ତାଙ୍କ ସହିତ ଅପେକ୍ଷା କରିଥିଲେ ସେ ମଧ୍ୟ ଚିନ୍ତାରେ ପଡିଲେ । ସେ ଯାହା ହେଉ ଚନ୍ଦ୍ର ଭିତରକୁ ଗଲା । ଗୋଟିଏ କୋଠରୀରେ ଡିଷ୍ଟ୍ରିକ୍ଟ ରେଜିଷ୍ଟର ବସିଥିଲେ ସାମନାରେ ଗୋଟିଏ ଟେବୁଲ । ସେଇଟି ବୋଧେ ତାଙ୍କର ବିଶ୍ରାମ କକ୍ଷ । ସାମ୍ନାରେ ଆଉ ଗୋଟିଏ ଚୌକି ପଡିଥିଲା ଆଉ ଟେବୁଲ ଉପରେ ଗୋଟିଏ ପ୍ଲେଟରେ କିଛି ଜଳଖିଆ ଆଉ ପାଣି ଗ୍ଲାସଟିଏ ଘୋଡିଆ ହୋଇ ଥୁଆ ହୋଇଥିଲା । ସେ ପଶିବା ମାତ୍ରେ ଡିଷ୍ଟ୍ରିକ୍ଟ ରେଜିଷ୍ଟର ହସି ହସି ତାକୁ ବସିବା ପାଇଁ କହିଲେ । ବସିଲି । ମୋତେ ପଚାରିଲେ "ତୁମ ଘର ରାମେଶ୍ୱର ?"

"ଆଜ୍ଞା ହଁ ।"

"ତୁମେ ନବ ବାବୁଙ୍କ ପୁଅ ? ବାପା କିପରି ଅଛନ୍ତି ? ରାଜ ବାବୁ କିପରି ଅଛନ୍ତି ?" ମୋର ଆଶ୍ଚର୍ଯ୍ୟ ସେତେବେଳକୁ ଶେଷ ସୀମାରେ । "ବାପା, ବଡ ବାପା ଭଲ ଅଛନ୍ତି ।" "ମୋର ଘର ମଧ୍ୟ ରାମେଶ୍ୱର । ମୋତେ ତୁମେ ଚିହ୍ନି ପାରିବ ନାହିଁ । ବାପାଙ୍କୁ କହିବ ବାପା ଜାଣିବେ ।" ସେତେବେଳେ ଯାଇ ମୋର ମନେ ହେଲା ଯେ "ହଁ ଆମ ଗାଁର ଧୋବା ସାହିରୁ ଜଣେ ସୁବଳ ସେଠୀ ବି.ଏ. ପାଶ୍ କରି ଓ.ଏ.ଏସ୍. ପାଇ ଉଚ୍ଚ ସରକାରୀ ଚାକିରିରେ ଅଛନ୍ତି । ଗାଁ ଭିତରକୁ ଯେହେତୁ ତାଙ୍କର ସେତେ ଯିବା ଆସିବା ନଥାଏ, ତା'ର ଜାଣିବାର ଉପାୟ ନଥିଲା । ଚନ୍ଦ୍ର ଗାଁରେ ଜାତି ଭେଦ ଉତ୍କଟ ନହେଲେ ମଧ୍ୟ, ବାଛ ବିଚାର

Digitized by PPRACHIN, SOA

ବୟସ୍କମାନଙ୍କ ନିକଟରେ ଥିଲା ଆଉ ସେଥିପାଇଁ ଅନେକ ନିଜକୁ ସଙ୍କୁଚିତ କରି ରଖୁଥିଲେ ।

ପ୍ଲେଟରେ ୪ଟି ବେଶ୍ ବଡ ବଡ ରସଗୋଲା ଥିଲା । ଆନନ୍ଦରେ ଖାଇଲା । ପାଣି ପିଇଲା । ଚନ୍ଦ୍ର M. A. ପାଶ୍ କରି ଚାକିରି ନକରି ଏଥିରେ ଲାଗିଛି ବୋଲି ଜାଣି ସେ ଖୁସୀ ହେଲେ ଯେତିକି ଆଶ୍ଚର୍ଯ୍ୟ ମଧ୍ୟ ହେଲେ । ଅଭିଜ୍ଞ ଶୁଭାକାଂକ୍ଷୀ ପରି ସତର୍କ ମଧ୍ୟ କଲେ । "ଋଣ ଟଙ୍କା, ଦେଖି ଚାହିଁ ବାଟ ଚାଲିବ ।" ବାହାରକୁ ଆସିଲି । ସେତେବେଳକୁ ଅଫିସରେ ସମସ୍ତେ ଜାଣି ଗଲେଣି ଯେ ଅଫିସର ତାକୁ ଜଳଖିଆ ନିଜ କୋଠରୀରେ ଖୁଆଉଛନ୍ତି । ଆଉ ତା'ର କାମ ଅଟକିଲା ନାହିଁ କି ତାକୁ ଗୋଟିଏ ପଇସା ଖର୍ଚ୍ଚ କରିବାକୁ ହେଲା ନାହିଁ । ସେ ପରିଚ୍ଛେଦର ସୁଖଦ ସମାପ୍ତି ଘଟିଲା ।

Digitized by PPRACHIN, SOA

ପ୍ରଥମ ଭାଗ୍ୟ ପରୀକ୍ଷା

ଲାଗିପଡି ଝାରପଡା ଠାରେ ନେଇଥିବା ଜମିରେ ସୁଷମ ଦାନା ତିଆରି ପାଇଁ ଘରଟିଏ ବନାଇଲେ । ୩୦ ଫୁଟରେ ୧୦୦ ଫୁଟର ଘର । ସେଥିରେ ଗୋଟିଏ ପଟେ ମେସିନ ବସିବ ଆଉ ତକରେ କଞ୍ଚାମାଲ ରହିବ । ଗେଟ୍ ପାଖରେ ଛୋଟିଆ ଅଫିସଟିଏ ମଧ୍ୟ କରିଲେ । କାମ ଚାଲିଥିବା ଭିତରେ ତାଙ୍କର କଟକରେ ହାତ ମିଶା ଦାନା ତିଆରି କରି ବିକ୍ରି ମଧ୍ୟ ଚାଲିଥିଲା । ମେସିନ ପାଇଁ ସେତେବେଳର ବିଖ୍ୟାତ ଦାନା ତିଆରି ମେସିନ ହାଇଦ୍ରାବାଦର ଗୋଟିଏ ଫାର୍ମକୁ ଅର୍ଡର ଦେଲୁ । ବର୍ତ୍ତମାନ ଦୈନଦିନ ବ୍ୟବସାୟ ଚଳାଇବା ପାଇଁ ପୁଞ୍ଜି ଦରକାର । ସେଥିପାଇଁ ବିଭିନ୍ନ ବ୍ୟାଙ୍କକୁ ଦୌଡି ଦୌଡି ବ୍ୟାଙ୍କ ଅଫ ବରୋଦାରୁ ମାତ୍ର ୫୦ ହଜାର ଟଙ୍କାର କ୍ୟାସ କ୍ରେଡିଟ ଋଣ ପାଇଲେ । ଏ ସବୁ ଭିତରେ ସେମାନେ ଜଣେ ନ୍ୟୁଟ୍ରିନିଷ୍ଟ (ପୁଷ୍ଟି ବିଶାରଦ)ଙ୍କ ଉପଦେଶର ଆବଶ୍ୟକତା ଅନୁଭବ କଲେ । ଓ.ୟୁ.ଏ.ଟି. ର ଭେଟେନାରୀ କଲେଜର ପ୍ରଫେସର ଡଃ ଏନ୍. ସି. ପଣ୍ଡାଙ୍କୁ ଦେଖା କଲେ । ତାଙ୍କର ସାହାଯ୍ୟ ଭୁଲିବାର ନୁହେଁ । ଅତ୍ୟନ୍ତ ଧୀର ସ୍ଥିର, ଜ୍ଞାନୀ, ଚୁପ୍‌ଚାପ୍ ଭଦ୍ର ଲୋକ । ତାଙ୍କଠାରୁ ପ୍ରଥମାବସ୍ଥାରେ ସାହାଯ୍ୟ ନପାଇଥିଲେ ସେମାନେ ଉଚ୍ଚମାନର ଦାନାଟିଏ ତିଆରି କରି ମାର୍କେଟରେ ଠିଆ ହୋଇ ପାରି ନଥାନ୍ତେ । ଏଥିରେ ସନ୍ଦେହ ନାହିଁ । ପ୍ରତିଦାନରେ ସେମାନେ ଯଦିବା କେବେ କିଛି ସାଧାରଣ ଉପହାରଟିଏ ଦେବାକୁ ଚେଷ୍ଟା କରିଛନ୍ତି, ସର୍ବଦା ହସ ହସ ମୁହଁରେ ତାହା ସେ ଫେରାଇ ଦେଇଛନ୍ତି । ସେହି ପ୍ରଥମ କେତେ ବର୍ଷର ବୈଷୟିକ ସାହାଯ୍ୟ, ପଛରେ ବ୍ୟବସାୟ ବଢିବା ପରେ ହୁଏତ ଆଉ ଆବଶ୍ୟକ ହୋଇ ନାହିଁ । ମାତ୍ର ଚନ୍ଦ୍ରର ତାଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ଦୀର୍ଘ ବର୍ଷ ଧରି ଏ ପର୍ଯ୍ୟନ୍ତ ରହି ଆସିଛି ।

ବ୍ୟବସାୟ ନୂତନ ପରିସରରେ ଆରମ୍ଭ କଲେ । ଚନ୍ଦ୍ରର ଅଂଶୀଦାର ଦାନାର ତିଆରି ଦାୟୀତ୍ୱ ନେଲା ଆଉ ସେ ବାହାର କଥା ବୁଝିଲା । ଦାନା ବିକ୍ରିଠାରୁ ଆରମ୍ଭ କରି ସରକାରୀ ଦପ୍ତର ତଥା ବ୍ୟାଙ୍କ କାମ ତା ଉପରେ ରହିଲା । ଏଥିପାଇଁ ତାକୁ ଦିନଯାକ ମଟର ସାଇକେଲଟିଏ ନେଇ ଘିରି ଘିରି ବୁଲିବାକୁ ହେଉଥିଲା । ଦେଖିବାକୁ ଗଲେ ସେ ସମୟରେ ୧୯୭୪ ମସିହା ବେଳକୁ ଗାଈ, କୁକୁଡାଙ୍କ ପାଇଁ ସୁଷମ ଦାନାର ଚାହିଦା ଥିଲା ଅତ୍ୟନ୍ତ ସୀମିତ । ଗାଈ, ବଳଦ ସଂଖ୍ୟା ଯଥେଷ୍ଟ ଥିଲେ ମଧ୍ୟ ସେମାନଙ୍କୁ ସୁଷମ ଖାଦ୍ୟ ଦେବା ପାଇଁ ବିଶେଷ କାହାର

Digitized by PPRACHIN, SOA

ଆଗ୍ରହ ନଥିଲା । ସେଇ ଚିରାଚରିତ କୁଣ୍ଡା, ତୋରାଣୀ ଚୁନିରେ କାମ ଚଳୁଥିଲା । ବଳଦମାନେ ଘରେ ବନ୍ଧା ରହି ହୁଏତ ଦୈନିକ କିଛି ଖାଇବାକୁ ପାଉଥିଲେ । ମାତ୍ର ଗୋମାତା କଥା ନକହିଲେ ଭଲ । ଏଣେ ଗାଈକୁ ଆମେ ମା ବୋଲି କହି ପୂଜା କରୁଛୁ । ସେପଟେ ଗଣ୍ଡେ ଖାଇବାକୁ ଦେଉନାହୁଁ । ଗଉଡ ସକାଳୁ ଗୋଠ ନେଇ ଏଣେତେଣେ ବୁଲାଇ ସନ୍ଧ୍ୟାକୁ ଆଣି ଗୁହାଳରେ ଛାଡି ଦିଏ । କେବଳ ଗୋବର ପାଇଁ ଗାଈ ରଖା ଯାଉଥିଲା ବୋଲି ଅନେକ କହୁଥିଲେ । ଏପରି ଅବସ୍ଥାରେ ଗାଈ ଭଲ କ୍ଷୀର ଦେବ ବା କିପରି ? ଆଉ ସେଇ କ୍ଷୀର ଦେବା ସମୟରେ ଗୃହସ୍ଥର ମନେ ପଡେ ଗାଈକୁ କିଛି ଖାଇବାକୁ ଦେବା ପାଇଁ । ଘାସ/କୁଟା ଆଉ ସେହି କୁଣ୍ଡା, ଚୁନି, ଚୋକଡ । ସୁଷମ ଖାଦ୍ୟ କଥା କେହି ଭାବନ୍ତି ନାହିଁ । ଏତ ଗଲା ମଫସଲର ଅବସ୍ଥା । ଭୁବନେଶ୍ୱର କଟକ ପରି ଯାଗାରେ ମଧ୍ୟ, ଅନେକ ଗୃହସ୍ଥ ଗାଈ ରଖିଥିଲେ ମଧ୍ୟ ସୁଷମ ଖାଦ୍ୟ ଉପରେ ଭରସା କରି ପାରନ୍ତି ନାହିଁ । ସେଇ ଚିରାଚରିତ ଖାଦ୍ୟ, କୁଣ୍ଡା, ଚୁନି, ଚୋକଡହିଁ ଗାଈକୁ ଦେଇ ଦିନଯାକ ପ୍ରାୟ ଘରେ ବାନ୍ଧି ରଖନ୍ତି । କେତେକ ଉଦ୍ୟୋଗୀ-ଗୋପାଳ ଗାଈ ମଇଁଷି ରଖି କ୍ଷୀର ସହରମାନଙ୍କରେ ବିକ୍ରି କରନ୍ତି । ମାତ୍ର ସୁଷମ ଗୋ ଖାଦ୍ୟ ଉପରେ ସେମାନଙ୍କର ଆସ୍ଥା ନ ଥାଏ । ଦାମ୍ ଅଧିକ, ଖର୍ଚ୍ଚ ଅନୁସାରେ ଲାଭ କିଛି ହେବ ନାହିଁ ବୋଲି ସେମାନଙ୍କର ଦୃଢ ଧାରଣା । ଏଇ ଜଳବାୟୁରେ ସାଧାରଣ ଗୃହସ୍ଥର ମାନସିକ ସ୍ତରରେ ପରିବର୍ତ୍ତନ ଆଣି ଗୋ ଖାଦ୍ୟ ବିକ୍ରି କରିବା କେତେ ଦୁରୁହ ଥିଲା ତାହା ଆଜି ବୁଝି ହେବ ନାହିଁ । କୁକୁଡା ଦାନା ବିକ୍ରିରେ ବିଶେଷ କଷ୍ଟ ନ ଥିଲେ ମଧ୍ୟ କୁକୁଡା ଫାର୍ମ ପ୍ରାୟ ନଥିଲା । ଦେଶୀ କୁକୁଡାଙ୍କୁ କେହି ସୁଷମ ଦାନା ଦେଉ ନଥିଲେ କି ଦେଲେ ଅଧିକ କିଛି ଆୟ ବଢିବା ମଧ୍ୟ ସମ୍ଭବ ନଥିଲା । କେବଳ ଆର.ଆଇ ଆର., ଲେଗ ହର୍ନ ପରି ଉନ୍ନତ ବ୍ରିଡର କୁକୁଡାଙ୍କୁ ଘରେ ଆବଦ୍ଧ କରି ରଖି ଏ ଦାନା ଦିଆ ଯାଉଥିଲା ଓ ସେଥିରୁ ଭଲ ଫଳ ମିଳୁଥିଲା ।

ଏଇ ପୃଷ୍ଠ ଭୂମିରେ ମୋତେ କାମ କରିବାକୁ ହେଲା ଏବଂ ବିଭିନ୍ନ ପ୍ରକାର କଳା କୌଶଳ ଅବଲମ୍ବନ କରି ଗୃହସ୍ଥଙ୍କୁ ସୁଷମ ଦାନା ବ୍ୟବହାର କରିବା ପାଇଁ ରାଜି କରାଇବାକୁ ହେଉଥିଲା । ଓଡିଶା ସରକାରଙ୍କ ପଶୁପାଳନ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ଓଡିଶା ଗୋମଙ୍ଗଳ ସମିତି ନାମରେ ଏକ ସଂସ୍ଥା ଥିଲା । ସେମାନେ କିଛି ଗାଈ ପାଳନ କରିଥିଲେ ତଥା ପରିତ୍ୟକ୍ତ ହଡା, ବୁଢୀ ଗାଈ ଗୁଡିକୁ ରଖି କିଛି ଖାଇବାକୁ ଦେଉଥିଲେ । ପ୍ରଥମ ଅବସ୍ଥାରେ ସେମାନେ ଏହି ଦାନା, ଉତ୍କଳ ଗୋମଙ୍ଗଳ ସମିତିକୁ ଯୋଗାଇଲେ ଓ ତାଦ୍ୱାରା ନିଜ ଗୋଡରେ ଠିଆ ହେବା ପାଇଁ ତାଙ୍କୁ କିଛିଟା ବଳ ମିଳିଲା ।

Digitized by PPRACHIN, SOA

ସେହି ସମୟରେ ଭାରତ ସରକାରଙ୍କ ପ୍ରୋତ୍ସାହନରେ ଗାଁ ଗହଳରେ ଉନ୍ନତ ଗୋପାଳନ ପାଇଁ ଗୋଟିଏ ପ୍ରୋଜେକ୍ଟ ଚାଲୁ ହେଲା । ସେହି ସ୍କିମ ଅନୁଯାୟୀ ଆଗ୍ରହୀ ଚାଷୀଙ୍କୁ ଫ୍ରୋଜେନ ସିମେନ ଜରୀଆରେ ଭଲ ବାଛୁରୀଟିଏ ଜନ୍ମ କରାଇବାରେ ବିଭାଗ ସାହାଯ୍ୟ କରୁଥିଲା । ସେ ବାଛୁରୀଟିକୁ କ୍ଷୀର ଦେବା ଅବସ୍ଥାକୁ ଆସିବା ପର୍ଯ୍ୟନ୍ତ ଅତ୍ୟନ୍ତ ରିହାତି ଦରରେ ସୁଷମ ଗୋ ଖାଦ୍ୟ ଯୋଗାଇ ଦିଆଯାଉଥିଲା । ଏ ସମସ୍ତ ଦାନା ଯୋଗାଣ ବ୍ୟାଙ୍କ ଜରୀଆରେ ହେଉଥିଲା । ଚାଷୀମାନଙ୍କୁ ସ୍ଥାନୀୟ ପଶୁଡାକ୍ତରଙ୍କ ଜରୀଆରେ ବ୍ୟାଙ୍କ କିଛି ଋଣ ମଞ୍ଜୁର କରୁଥିଲା । ଋଣର ମୁଖ୍ୟ ଭାଗ ସରକାର ସବ୍‌ସିଡି ଆକାରରେ ଦେଉଥିଲେ । ତାହା ସେ ଚାଷୀ ନାମରେ ବ୍ୟାଙ୍କରେ ଜମା ରହୁଥିଲା । ପଶୁଡାକ୍ତର ବ୍ୟାଙ୍କର ନିଯୁକ୍ତ ଅଫିସରଙ୍କ ଅନୁମତି ନେଇ ସୁଷମ ଗୋଖାଦ୍ୟ ପାଇଁ ବରାଦ କରୁଥିଲେ । ଦାନା ତାଙ୍କ ପାଖରେ ପହଞ୍ଚିଲେ ସେ ଚାଷୀଙ୍କୁ ବାଣ୍ଟି ଦେଇ ବ୍ୟାଙ୍କକୁ କାଗଜ ପଠାଇ ଦେଉଥିଲେ ଏବଂ ବ୍ୟାଙ୍କ ଦାନା ଉତ୍ପାଦକଙ୍କୁ ପେମେଣ୍ଟ କରୁଥିଲେ ।

ସେମାନେ ପୁରୀ, କଟକ, ଢେଙ୍କାନାଳ (ଅବିଭାଜିତ) ଜିଲ୍ଲାରେ ଦାନା ଯୋଗାଇବା ତଥା ଆନୁସଙ୍ଗିକ ଦାୟୀତ୍ୱ ନେଇଥିଲେ । ସବୁଠାରୁ ବଡ ଦାୟୀତ୍ୱ ହେଉଛି, ଦାନା ଠିକ୍ ସମୟରେ ଠିକ୍ ଯାଗାରେ ପହଞ୍ଚାଇବା ଦରକାର । ଦାନା ଗାଈ ଠିକ୍ ପାଉଛି କି ଚାଷୀ ସେତକ ବିକ୍ରି କରି ଦେଇ ଗାଈକୁ କୁଣ୍ଡା, ଚୁନି, ଚୋକଡ ଦେଉଛି, ସେତକ ଉପରେ ମଧ୍ୟ ନଜର ରଖିବା ଦରକାର ହେଉଥିଲା । ଏପରି ଅନେକ କ୍ଷେତ୍ରରେ ଘଟିଛି ଓ ସେମାନେ ତାହା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଗୋଚରକୁ ଆଣିଛନ୍ତି ।

ଧରା ପଡିଥିବା ଚାଷୀଟି ତାଙ୍କ ଉପରେ ବିରକ୍ତ ହୋଇଛି, ତା'ର ଚୋରି ଧରାଇ ଦେଇଥିବାରୁ । ସେ ଜାଣିଛି ଏହାଦ୍ୱାରା ଗୋଟିଏ ଗ୍ରାହକ ତାଙ୍କର କମିଗଲା । ଆଉ ସଦା ସର୍ବଦା ସେ ଦଣ୍ଡିତ ଚାଷୀଟି ତାଙ୍କ ବିରୁଦ୍ଧରେ ୫ ଜଣଙ୍କୁ ସତ ମିଛ ଯୋଡି ନିଶ୍ଚୟ କହିବ । ତଥାପି ମଧ୍ୟ ଚନ୍ଦ୍ର ତା'ର ସାକୁଲାସାକୁଲିରେ ଭଲି ଯାଇ ନାହିଁ । ସେ ସବୁବେଳେ ପ୍ରୋଜେକ୍ଟର ସଫଳତା କଥା ଚିନ୍ତା କରିଛି । ବ୍ୟାଙ୍କର ପଇସା କିପରି ଚାଷୀ ଶୁଝିବ ସେ କଥା ଭାବିଛି । ତା'ର ଧାରଣା ଯଦି ଏପରି ଚାଷୀ, ଯିଏ ଜାଣି ଶୁଣି ଦାନା ଚୋରି କରୁଛି, ଦଣ୍ଡ ନ ପାଏ ତେବେ ଏତେ ସୁନ୍ଦର ଏକ ସରକାରୀ ଯୋଜନା ନିଶ୍ଚୟ ବାଟବଣା ହୋଇଯିବ । ଦିନକୁ ଦିନ ଏଇ ଖିଲାପକାରୀଙ୍କ ସଂଖ୍ୟା ବଢିବ ଆଉ ବ୍ୟାଙ୍କମାନେ ତାଙ୍କ ଟଙ୍କା ଫେରସ୍ତ ନପାଇ ଅନ୍ୟ ଜଣେ ଯୋଗ୍ୟ ଚାଷୀଙ୍କୁ ମଧ୍ୟ ଋଣ ଦେବାକୁ ପଛାଇବେ ।

Digitized by PPRACHIN, SOA

ଏ ତ ଗଲା ସରକାରୀ ଯୋଜନାରେ ଚାଷୀ ପକ୍ଷରୁ ଠକାମି, ଏହା ବ୍ୟତୀତ ଅନେକ ଯୁବକ ବ୍ୟାଙ୍କରୁ ଋଣ ନେଇ କୁକୁଡ଼ା/ଡାଏରୀ ଫାର୍ମଟିଏ କରି ଦାନା ପାଇଁ ବ୍ୟାଙ୍କ ଡ୍ରାଫଟ ନେଇ ପହଞ୍ଚନ୍ତି । ଏ ସବୁ କ୍ଷେତ୍ରରେ ବ୍ୟାଙ୍କ ସାଧାରଣତଃ ଋଣ ଟଙ୍କା ଦାନା କିଣିବା ପାଇଁ ସିଧା ସଳଖ ଉତ୍ପାଦକ ସଂସ୍ଥାକୁ ଦିଅନ୍ତି । ମାତ୍ର ସେ ଯୁବକ ଦାନା ବାବଦରେ ବ୍ୟାଙ୍କ ଦେଇଥିବା ଟଙ୍କା ସେମାନଙ୍କଠାରୁ ନେଇ ଯିବାକୁ ଆଗ୍ରହ ପ୍ରକାଶ କରେ । ଏହା ଜଣାଶୁଣା ଯେ ଦାନା ନନେଇ ବା ଅଳ୍ପ ନେଇ ବାକିତକ ସେମାନଙ୍କୁ ଟଙ୍କା ଆକାରରେ ଫେରାଇ ନେଇ ସେତକ ସେ ଅନ୍ୟ ବାଟରେ ଖର୍ଚ୍ଚ କରିବ । ମାତ୍ର ତା ଫାର୍ମ ଆଉ ଚଳିବ କି ? ବ୍ୟାଙ୍କ ଠିକ୍ ସମୟରେ ତା ପଇସା ନପାଇ ସେ ବାବଦରେ ଆଉ ନୂତନ କିଛି ଉତ୍ସାହୀ ଯୁବକଙ୍କୁ ଆଉ ଋଣ ଦେବାକୁ ଆଗ୍ରହୀ ହେବେକି ? ଏଇ ସମସ୍ତ ବିଷୟ ବିଚାରକୁ ନେଇ ସେ କୌଣସି ପ୍ରକାରେ ଏ ପ୍ରକାର ଅନୁରୋଧ କେବେବି ଋଣ କର୍ତ୍ତାର ରଖି ନାହିଁ । କଥା ଏତିକିରେ ସରେ ନାହିଁ । ରାଜନେତା, ବିଧାୟକ, କିଛି ଉଚ୍ଚ ଅଫିସରଙ୍କ ପାଖରୁ ମଧ୍ୟ ସେ ଋଣ କର୍ତ୍ତା ପାଇଁ ଲିଖିତ ଅନୁମୋଦନ ଆସେ । ଅନେକ କ୍ଷେତ୍ରରେ ସେ ବ୍ୟାଙ୍କକୁ ଡ୍ରାଫଟ ଫେରାଇ ଦେଇଛି ସିନା, ଚାଷୀକୁ ଦାନା ବଦଳରେ ପଇସା ଦେଇ ଫାର୍ମଟି ଠିଆ ହେବା ପୂର୍ବରୁ ଭାଙ୍ଗିଦେବାର ପାପରେ ଭାଗୀ ହୋଇନାହିଁ । ଅନ୍ୟ କେତେକ ଦାନା ବିକ୍ରି କରୁଥିବା ସଂସ୍ଥା ତତ୍କାଳିକ ଲାଭର ବିଚାରରେ ସେପରି କରୁଥିଲେ । ମାତ୍ର ତା'ର ଏ ନଛୋଡବନ୍ଧା ନୀତି କ୍ରମେ ବ୍ୟାଙ୍କମାନେ ପସନ୍ଦ କଲେ ଓ ଆମ ପାଖକୁ ଏ ପ୍ରକାର ବ୍ୟାଙ୍କ ଜରୀଆରେ ଚାହିଦା ଅଧିକରୁ ଅଧିକ ଆସିଲା । ଏ ପ୍ରକାର ଅର୍ଡରରୁ ଅଧିକାଂଶ ପ୍ରାୟ କୁକୁଡ଼ା ଦାନା ପାଇଁ ।

ଅଳ୍ପ ବହୁତ, ସରକାରୀ ବେସରକାରୀ ହୋଇ ସେମାନଙ୍କର ବ୍ୟବସାୟ ବଢ଼ିଲା, ଚାହିଦା ବଢ଼ିଲା । ନୂଆ ନୂଆ ଗ୍ରାହକ ଆସି ଆପଣା ଗାଈ ପାଇଁ ତାଙ୍କର ସୁଷମ ଗୋ ଖାଦ୍ୟ ନେଲେ ଓ କ୍ଷୀର ଉତ୍ପାଦନ ବଢୁଛି ବୋଲି ତାଙ୍କ ପାଖରେ ଖବର ମଧ୍ୟ ପହଞ୍ଚିଲା । ଅଧିକ ଗୋଦାମ ଘରର ଆବଶ୍ୟକ ହେଲା । ଅଧିକ ପରିମାଣରେ କଞ୍ଚାମାଲ ଗଚ୍ଛିତ ରଖିବା ଆବଶ୍ୟକ ହେଲା । ସେଥିପାଇଁ ବ୍ୟାଙ୍କ ପାଖେ ହାତ ପତାଇବା ପ୍ରାୟ ଗୋଟାଏ ନିୟମିତ କାମ ହୋଇଗଲା । ପ୍ରଥମ ଅବସ୍ଥାରେ ମାତ୍ର ୫୦ ହଜାରର ପୁଞ୍ଜି ନେଇ ବ୍ୟାଙ୍କ ଅଫ୍ ବରୋଦାରୁ ସେମାନେ କାମ ଆରମ୍ଭ କରିଥିଲେ । କ୍ରମେ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ସେମାନେ ଅଧିକ ପୁଞ୍ଜି ପାଇବାକୁ ଚାଲିଗଲେ । ବିଭିନ୍ନ ପ୍ରକାର ଋଣ ଯଥା ସି.ସି. । ବିଲ୍ସ ପର୍ଚ୍ଚେଜ/ ଗୋଡାଉନ୍ ଅଣ୍ଡର ଲକ୍ ଆଣ୍ଡ କି ବ୍ୟାଙ୍କରୁ ନେଇ କାମ ଚଳାଇଲେ । ମାତ୍ର

Digitized by PPRACHIN, SOA

ଆମର ସି.ସି. ଆମକୁ ପ୍ରାୟ ନିଅଣ୍ଟ ହେଉଥିଲା । ଏଣେ ଦାନା ଭଲ କାମ ଦେଉଥିବାରୁ ତାଙ୍କ ପାଖରେ ଅଧିକରୁ ଅଧିକ ଅର୍ଡର ପହଞ୍ଚୁଥାଏ । ଅଧିକ ଗ୍ରାହକ ସେମାନଙ୍କଠାରୁ ସିଧାସଳଖ ବସ୍ତେ ଦୁଇ ବସ୍ତା କରି ଦାନା ନେଉ ଥାଆନ୍ତି । ସି.ସି. ନ ବଢ଼ିଲେ ଦାନାର ମାନ ବଜାୟ ରଖିବା ଅସମ୍ଭବ ବୋଲି ମଧ୍ୟ ସେମାନେ ବୁଝୁଥାନ୍ତି । ବ୍ୟାଙ୍କ ମ୍ୟାନେଜରଙ୍କର ସାଙ୍ଗରେ ତାଙ୍କର ସୁସମ୍ପର୍କ ରହିଥାଏ ଓ ଏହା କିଛି ମାତ୍ରାରେ ସାହାଯ୍ୟ କରେ । ମାତ୍ର ବ୍ୟାଙ୍କ ମ୍ୟାନେଜର ବଦଳିବା ସହ ତାଙ୍କ ଭାଗ୍ୟ ମଧ୍ୟ ବଦଳେ । ନୂତନ ପରିଚାଳକଙ୍କ ସହ ସମ୍ପର୍କ ସ୍ଥାପନ କରି କାମଚଳା ଅବସ୍ଥାକୁ ଆଣିବାକୁ କିଛି ସମୟ ହିଁ ଲାଗେ । ଏପରି ସମୟ ଆସିଲା ଆଉ ଶାଖା ସ୍ତରରେ ସେମାନଙ୍କ ଋଣ ମିଳିବା ସମ୍ଭବ ହେଲା ନାହିଁ । କାରଣ ତାଙ୍କର ଆବଶ୍ୟକତା ପରିଚାଳକଙ୍କ କ୍ଷମତା ବର୍ହିଭୂତ ହୋଇ ପଡ଼ିଲା । ଆଞ୍ଚଳିକ ଅଫିସକୁ ଅନୁମୋଦନ ପାଇଁ ପ୍ରସ୍ତାବ ଶାଖା ପଠାଇଲା । ଆଞ୍ଚଳିକ ଅଫିସଟି ଭୁବନେଶ୍ୱରରେ ଫରେଷ୍ଟ ପାର୍କରେ ଥାଏ । ମାତ୍ର ରିଜିଓନାଲ ମ୍ୟାନେଜର ଥିବା ମରାଠୀ ଭଦ୍ରଲୋକ ଶ୍ରୀଯୁକ୍ତ ବିଡ଼ିକର କୌଣସି ପ୍ରକାର ଦାୟୀତ୍ୱ ନେଇ କାହାକୁ ଋଣ ଦେବା ସପକ୍ଷରେ ନଥାନ୍ତି । ସେଥିପାଇଁ ସେ ଚମତ୍କାର ବାଟଟିଏ ଆପଣାଇ ଥାଆନ୍ତି । ପ୍ରସ୍ତାବଟି ପାଇବାପରେ କିଛି ଅଧିକ ଖବର ସେ ମଗାନ୍ତି । ସେତକ ବ୍ରାଞ୍ଚ ତରଫରୁ ପହଞ୍ଚିଲେ, ସେତକ ତଳ ଉପର ହୋଇ ତାଙ୍କ ପାଖରେ ପହଞ୍ଚି, ତାଙ୍କ ଟେବୁଲ ଉପରେ ଘୁମାଇ ପଡ଼େ । ବାରମ୍ବାର ଚିଠିପତ୍ର ଲେଖିବା ପରେ ପ୍ରସ୍ତାବଟି ବ୍ରାଞ୍ଚ ପରିଚାଳକଙ୍କ ମନ୍ତବ୍ୟ ସହ ପଢ଼ି ଆଉ ଗୋଟିଏ ଯୋଡ଼ିଏ ଅଧିକ ତଥ୍ୟ ମାଗି ପଠାନ୍ତି । ଏହିପରି ବାଟରେ ସେ ସାଧାରଣତଃ ୩/୪ ଥର ଅଧିକ ତଥ୍ୟ ମଗାଇବା ଭିତରେ ଋଣ ପାଇଁ ଅନାଇ ବସିଥିବା ଯୁବକର ଘର ବୁଡ଼ି ପାଣି ଆଣ୍ଠୁଏ । ସେମାନଙ୍କ ସହିତ ସେ ସେହି ପ୍ରକାର ଆଚରଣ ଆରମ୍ଭ କଲେ । ସେମାନେ ତ' ଏକ ପ୍ରକାର ହତାଶ ହୋଇ ପଡ଼ିଲେ । ମାତ୍ର ବ୍ୟାଙ୍କ ଅଫ୍ ଇଣ୍ଡିଆ ଛାଡ଼ି ଅନ୍ୟ କୌଣସି ବ୍ୟାଙ୍କକୁ ଗଲେ ଆହୁରି ଅଧିକ ସମୟ ଲାଗିବା ସହିତ ଅନିଶ୍ଚିତତା ମଧ୍ୟ ଲାଗି ରହିବ । ଏହିପରି ଅବସ୍ଥାରେ ଚନ୍ଦ୍ର ଚିନ୍ତିତ ଥିବା ସମୟରେ ଠାକୁର ଗୋଟିଏ ସୁଯୋଗ ଆଣି ତା ପାଖରେ ପହଞ୍ଚାଇଲେ । ସେଇଟିକୁ ବ୍ୟବହାର କରି ତା କାମ ସେ ହାସଲ କରିନେଲା । ଏପରି କରିବା କେତେଦୂର ଯୁକ୍ତିଯୁକ୍ତ ତା ଚନ୍ଦ୍ର ପରବର୍ତ୍ତୀ ସମୟରେ ଚିନ୍ତା କରିଛି । ମାତ୍ର ତା ପାଖରେ ଯେ ତା ସଂସ୍ଥାକୁ ବଞ୍ଚାଇବା ପାଇଁ ଆଉ କିଛି ଉପାୟ ନଥିଲା, ତାହା ବିଚାରକରି ଆପଣା କାମକୁ ଠିକଣା ବୋଲି ନିଜକୁ ବୁଝାଇଛି । ଘଟଣା ଏହିପରି ।

Digitized by PPRACHIN, SOA

ବର୍ତ୍ତମାନ ବ୍ୟାଙ୍କମାନେ ଶାଖାଟିଏ ଖୋଲିବା ପାଇଁ ରିଜର୍ଭ ବ୍ୟାଙ୍କର ଅନୁମତି ଦରକାର କରୁ ନାହାନ୍ତି । ଯେଉଁଠି ଉପଯୁକ୍ତ ପରିମାଣରେ ବ୍ୟବସାୟ ହୋଇ ପାରିବ ସେ ଜାଗାରେ ବ୍ୟାଙ୍କମାନେ ସିଧାସଳଖ ତାଙ୍କର ଶାଖା ଖୋଲି ପକାଉଛନ୍ତି । ମାତ୍ର ସେତେବେଳେ ଧରନ୍ତୁ ୧୯୭୬/୭୭ ମସିହାରେ ଏହା ଏପରି ନଥିଲା । ରିଜର୍ଭ ବ୍ୟାଙ୍କଠାରୁ ଅନୁମତି ନେବା ଦରକାର ହେଉଥିଲା ଆଉ ଏ ଅନୁମତି ପାଇଁ ବର୍ଷ ବର୍ଷ ଅପେକ୍ଷା କରିବାକୁ ହେଉଥିଲା । ବ୍ୟାଙ୍କ ଅଫ୍ ଇଣ୍ଡିଆ ବାରିପଦାଠାରେ ଶାଖାଟିଏ ଖୋଲିବା ପାଇଁ ଅନୁମତି ମାଗିଥିଲେ । ଅନୁମତି ତ ଆସେ ମାତ୍ର ଏକଦମ୍ ଶେଷ ମିନିଟରେ ଆସେ । ସେଥିପାଇଁ ବ୍ୟାଙ୍କ ମାନେ ଅନୁମତି ପତ୍ରକୁ ଅପେକ୍ଷା ନ ରଖି ଶାଖା ଆରମ୍ଭ ଦିଗରେ କାମ ଆରମ୍ଭ କରି ଦିଅନ୍ତି । ଶେଷ ମୁହୂର୍ତ୍ତରେ ଅନୁମତି ଆସେ ଏବଂ ଶାଖାର ଶୁଭାରମ୍ଭ ହୁଏ । ବାରିପଦା ଶାଖାଟି ଖୋଲିବା ପାଇଁ ଘର ନିଆଗଲା । ଶୁଭାରମ୍ଭର ତାରିଖ ନିର୍ଦ୍ଦିଷ୍ଟ ହେଲା । ନିମନ୍ତ୍ରଣ ପତ୍ର ଛପା ହେଲା । ଜିଲ୍ଲାପାଳ ଉଦ୍‌ଘାଟନ କରିବେ । କିଛି କଷ୍ଟମରଙ୍କୁ ଡାକି ପ୍ରଥମ କେତୋଟି ବ୍ୟାଙ୍କ ଆକାଉଣ୍ଟ ଖୋଲାଗଲା, ଯାହାର ପାଶ୍‌ବୁକ୍ ଓ ଚେକ୍‌ବୁକ୍ ମୁଖ୍ୟ ଅତିଥି ଗ୍ରାହକଙ୍କୁ ପ୍ରଦାନ କରିବେ । ମୋର ଜଣେ ଘନିଷ୍ଠ ବନ୍ଧୁ ଯେ କି ସେତେବେଳେ ବ୍ୟାଙ୍କ ଅଫ୍ ଇଣ୍ଡିଆର ରିଜିଓନାଲ ଅଫିସରେ ଅଫିସର, ତାଙ୍କୁ ବାରିପଦାର ଶାଖା ଖୋଲିବା ଆଉ ଶାଖା ପରିଚାଳକର ଦାୟୀତ୍ୱ ନେବା ପାଇଁ ରିଜିଓନାଲ ମ୍ୟାନେଜର ଶ୍ରୀ ବିଡିକର ମହାଶୟ ପଠାଇ ଦେଲେ । ରିଜର୍ଭ ବ୍ୟାଙ୍କର ଅନୁମତି ପତ୍ର ଆସିଗଲେ ଶେଷ ମୁହୂର୍ତ୍ତରେ କାର୍‌ରେ ସେ ନିଜେ ଉତ୍ସବରେ ଯାଇ ଯୋଗ ଦେବେ ବୋଲି କଥା ହେଲା । ଚନ୍ଦ୍ରର ବନ୍ଧୁ ଜଣେ ଅତ୍ୟନ୍ତ ସକ୍ଷମ ଓ ପାରଦର୍ଶୀ ଅଫିସର । ତାଙ୍କ ଉପରେ ଦିଆ ଯାଇଥିବା ଦାୟୀତ୍ୱ ସେ ସୁଚାରୁରୂପେ ତୁଲାଇଲେ । ଜିଲ୍ଲାପାଳ ଫିତା କାଟିଲେ । ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ନୂଆ ଗ୍ରାହକଙ୍କୁ ପାଶ୍‌ବୁକ୍ ଓ ଚେକ୍‌ବୁକ୍ ପ୍ରଦାନ କଲେ । ବ୍ରାଞ୍ଚ ମଧ୍ୟ କାମ ଆରମ୍ଭ କଲା । ମାତ୍ର ସେ ପର୍ଯ୍ୟନ୍ତ ନା ରିଜିଓନାଲ ମ୍ୟାନେଜରଙ୍କର ଦେଖା ଅଛି ନା ରିଜର୍ଭ ବ୍ୟାଙ୍କର ଅନୁମତି ପତ୍ରର । ପ୍ରାୟ ସନ୍ଧ୍ୟା ବେଳକୁ ତା'ର ବନ୍ଧୁ ନିର୍ଦ୍ଦେଶ ପାଇଲେ ଯେ ରିଜର୍ଭ ବ୍ୟାଙ୍କ ଅନୁମତି ଦେଇନାହିଁ, ସେ ଦୃଷ୍ଟିରୁ ବ୍ୟାଙ୍କ ଆଉ ନଖୋଲି, ସେ ଭୁବନେଶ୍ୱର ଫେରି ଆସନ୍ତୁ ।

ଏହା ଅତ୍ୟନ୍ତ ଏକ ସାଂଘାତିକ ବ୍ୟାପାର ନିଶ୍ଚୟ । ଚନ୍ଦ୍ରର ବନ୍ଧୁଙ୍କ ସହ ତା'ର ଅତ୍ୟନ୍ତ ଘନିଷ୍ଠତା ଦୃଷ୍ଟିରୁ ଏହାର ସୂଚନା ସେ ସଙ୍ଗେ ସଙ୍ଗେ ପାଇଗଲା । ନିମନ୍ତ୍ରଣ ପତ୍ରର କପି ଖଣ୍ଡିଏ ପାଇଗଲା । ଉଦ୍‌ଘାଟନର ଫଟୋ କପି ପାଇଲା । ସେତେବେଳକୁ ରିଜିଓନାଲ ମ୍ୟାନେଜର ତାଙ୍କୁ ଅନେକ ହଇରାଣ କରି ସାରିଲେଣି ।

Digitized by PPRACHIN, SOA

ତାଙ୍କୁ ହଇରାଣ କରିବାର ଯେ କିଛି କାରଣ ଥିଲା ତା ନୁହେଁ, ତାଙ୍କ ପ୍ରକୃତି ହିଁ ସେହିପରି। ପଙ୍କକୁ ଯାଉଛି କିଏ ଗୋଡ ଧୋଉଛି କିଏ? ଏଣେ ପ୍ରସ୍ତାବକୁ ଅନୁମୋଦିତ ହେବା ପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ରହିଛି ଓ ସେଥିପାଇଁ ଯଥେଷ୍ଟ କାରଣ ଥିବା ଦରକାର। ମନମୁଖୀ ପ୍ରସ୍ତାବକୁ ଠୋକର ଦେଲେ ପ୍ରସ୍ତାବକାରୀ ନ୍ୟାୟଳୟ ପର୍ଯ୍ୟନ୍ତ ମଧ୍ୟ ଯାଇ ପାରିବ ଆଉ ଉଚ୍ଚ କର୍ତ୍ତୁପକ୍ଷଙ୍କୁ ଜଣାଇ ହଇଚଇ ସୃଷ୍ଟି କରି ପାରିବ। ସେଥିପାଇଁ ତାଙ୍କର ଏ ଷ୍ଟାଇଲ। କାମ ଚାଲିଛି (ଅଣ୍ଡର ଆକ୍‌ଟିଭ କନସିଡେରେସନ) ତେଣୁ ଏ ଘଟଣାଟିକୁ ତା'ର ସ୍ୱାର୍ଥ ପାଇଁ ବ୍ୟବହାର କରିବାକୁ ବିଚାର କଲା। ଚନ୍ଦ୍ରର ଖବରକାଗଜରେ କିଛି ମାସ କାମ କରିଥିବାର ଅନୁଭୂତି ଏଠାରେ କାମରେ ଆସିଲା।

ଚନ୍ଦ୍ର ନିଜେ ରିଜିଓନାଲ ମ୍ୟାନେଜରଙ୍କ ପାଖକୁ ଗଲା ଆଉ ଏକାନ୍ତ ନିଜରପରି ଗୋଟିଏ ଗପ ଗଢି କହିଲା, "ସାର୍ ବାରିପଦାରେ ଶାଖା ଖୋଲିବାକୁ ଅନୁମତି ନ ଥାଇ ଆପଣ ଶାଖା ଖୋଲିଛନ୍ତି ତାହା ପୁଣି ଜିଲ୍ଲାପାଳଙ୍କ ଦ୍ୱାରା ଉଦ୍‌ଘାଟନ କରିଛନ୍ତି।" ବିଡିକରଙ୍କର ଅବସ୍ଥା ସେତେବେଳେ ଦେଖିବାର କଥା। ସେ ସତକୁ ସତ ଚୌକିରୁ ଡେଇଁ ପଡିଲେ। ସେ କିପରି ଜାଣିଲା ବୋଲି ପଚାରିଲେ। ଚନ୍ଦ୍ର କହିଲା ଯେ ସେ ଆଜି ଧରିତ୍ରୀ ଅଫିସ ଯାଇଥିଲା, ତା'ର କିଛି କାମ ଥିଲା। ସେଠାରେ ଏ ସମ୍ବାଦ ପହଞ୍ଚିଛି ଆଉ ସେମାନେ ଏହାର ସତ୍ୟତା ଅନୁସନ୍ଧାନ କରୁଛନ୍ତି। କାଲିକୁ ବୋଧେ ଏହା ଏକ ମୁଖ୍ୟ ଖବର ହୋଇ ବାହାରିବ। ଆଜି ଉପର ବେଳା ତାଙ୍କର ନିଉଜ ଏଡିଟର ସଚିବାଳୟ ଯାଇ ଡାଇରେକ୍ଟର ଇନଷ୍ଟିଚୁସନାଲ ଫାଇନାସଙ୍କ ଠାରୁ ଏ ବ୍ୟାପାରରେ ତାଙ୍କର ମତାମତ ଆଣିବେ।

ସେତେବେଳେ ଡାଇରେକ୍ଟର ଇନଷ୍ଟିଚୁସନାଲ ଫାଇନାସ ଥାନ୍ତି ସୁନୀଲ ପଟ୍ଟନାୟକ, ଆଇ.ଏ.ଏସ୍.। ଅତ୍ୟନ୍ତ ଅମାୟିକ ଭଦ୍ର ଲୋକ। ବିବାହ କରି ନଥାନ୍ତି। ଶିବାନନ୍ଦ ଆଶ୍ରମ ସହ ସମ୍ପୃକ୍ତ। ବାପା ତାଙ୍କର ନଥାନ୍ତି। କେବଳ 'ମା'। ମା'ଙ୍କ ମନରେ ଦୁଃଖ ନଦେଇ, ତାଙ୍କ ଦେହାନ୍ତ ପରେ ଚାକିରି ଛାଡି ଦେଇ ଶିବାନନ୍ଦ ଆଶ୍ରମ ଚାଲିଗଲେ। ଚନ୍ଦ୍ର ସହିତ ଅତ୍ୟନ୍ତ ଉତ୍ତମ ସମ୍ପର୍କ ତାଙ୍କର। ସେ ତାଙ୍କ କ୍ୱାଟରକୁ ଯାଇଛି । ଚଟାଣରେ ସତରପ ପକାଇ ପିଢା ମୁଣ୍ଡରେ ଦେଇ ଶୁଅନ୍ତି। ଡାଇରେକ୍ଟର ଇନଷ୍ଟିଚୁସନାଲ ଫାଇନାସ ପୋଷ୍ଟଟି ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୋଟାମୋଟି ସରକାରଙ୍କ ତରଫରୁ ରାଜ୍ୟ ଭିତରେ ବ୍ୟାଙ୍କମାନଙ୍କୁ ନିୟନ୍ତ୍ରଣ କରିବା ଏ ବିଭାଗର ଦାୟୀତ୍ୱ। ସୁନୀଲ ବାବୁ ଅତ୍ୟନ୍ତ ସାଧାସିଧା ସରଳ ମାତ୍ର ନୀତିବାନ ଅଫିସର। ବିଡିକର ପରି ଧୂର୍ତ୍ତ, ଦୋ ନମ୍ବରି ଅଫିସର ତାଙ୍କୁ ଡରିବା ସ୍ୱାଭାବିକ।

Digitized by PPRACHIN, SOA

ବିଡିକର ଏତକ ଶୁଣିବା ପରେ ଜାଣିଗଲା ଯେ ତା'ର ଚାକିରି ଚାଲିଯିବ। ମୁହଁ ନାଲି ପଡିଗଲା। ପାଟିରୁ କଥା ବାହାରିଲା ନାହିଁ। ସେତେବେଳେ ତା'ର ଚେହେରା ଦେଖିବା ପରି। ଚନ୍ଦ୍ରକୁ ଥଙ୍ଗେଇ ଥଙ୍ଗେଇ ପଚାରିଲା ତା'ର ଧରିତ୍ରୀର ନିଉଜ ଏଡିଟରଙ୍କ ସହ ସମ୍ପର୍କ କିପରି? ସେ କହିଲା, "ଅତ୍ୟନ୍ତ ଉତ୍ତମ।" ସେ ଅନୁରୋଧ କଲେ ଯେ ଚନ୍ଦ୍ର ଯେପରି ତା'ର ସମ୍ପର୍କକୁ ବ୍ୟବହାର କରି ଏ ସମ୍ବାଦ ଖବରକାଗଜରେ ବାହାରିବାକୁ ବନ୍ଦକରେ। ଆଉ ଏ ଖବର ସୁନୀଲ ପଟ୍ଟନାୟକଙ୍କର କାନକୁ ଯେପରି ନଯାଏ।

ଚନ୍ଦ୍ର ଏଠାରେ ତା'ର ସିଧା ସଳଖ କାର୍ଡ ଖେଳିଲା। "ସାର୍ ଆପଣ କାହାକୁ ସାହଯ୍ୟ କରିଛନ୍ତି? ତେବେ କିଏ କାହିଁକି ଆପଣଙ୍କୁ ସାହାଯ୍ୟ କରିବ।" ସେ ବୁଝି ପାରିଲେ ଚନ୍ଦ୍ର କ'ଣ ଅର୍ଥ କରୁଛି। ମାତ୍ର ଦଶ ମିନିଟ ଭିତରେ ତା'ର ଦରଖାସ୍ତ ବିଚାର ହୋଇ ଋଣ ଅନୁମୋଦିତ ହୋଇ ଚିଠିଟି ତାକୁ ଦିଆଗଲା। ଉଦ୍‌ଘାଟନ ଖବର କୌଣସି ଖବରକାଗଜରେ ବାହାରିଲା ନାହିଁକି, ସୁନୀଲ ବାବୁ ଜାଣିଲେ ନାହିଁ। ଏଥି ନେଇ ବିଡିକର ମଧ୍ୟ ଖୁସ୍।

ହଁ ସୁନୀଲ ବାବୁଙ୍କ ବିଷୟରେ ଆଉ ପଦେ କହି ରଖେ। ମାଆଙ୍କ ଦେହାନ୍ତ ହେଲା। ସେତେବେଳକୁ ସେ ଓଡିଶା ରାଜ୍ୟ ଅର୍ଥ ନିଗମର ପରିଚାଳନା ନିର୍ଦ୍ଦେଶକ। ତା'ର କିଛି ଦିନ ପରେ ଶୁଣାଗଲା, ସେ ଇସ୍ତଫା ଦେଇ ସାରିଲେଣି। ଖୁବ୍ ଶୀଘ୍ର ଓଡିଶା ଛାଡି ଚାଲିଯିବେ। ସେତେବେଳକୁ ସେ କଟକରେ ରହୁଥିବାରୁ ଚନ୍ଦ୍ରର ତାଙ୍କୁ ଅଫିସ ବାହାରେ ଦେଖା କରିବାକୁ ସୁବିଧା ହେଉ ନଥାଏ। ଆଉ ଡେରି ହେଲେ କାଳେ ଯିବା ପୂର୍ବରୁ ଭେଟ ହେବ ନାହିଁ, ସେଥିପାଇଁ ଓଡିଶା ରାଜ୍ୟ ଅର୍ଥ ନିଗମ ଅଫିସକୁ ସେ ବାହାରିଲା। ଅନ୍ତତଃ ଗୋଟିଏ ମିନିଟ ପାଇଁ ସେଇଠି ଦେଖା କରିବ। କେନାଲ ବ୍ରିଜ ଡେଇଁଲା ପରେ ବାମ ପଟେ ଓଡିଶା ରାଜ୍ୟ ଅର୍ଥ ନିଗମ ଅଫିସ। ଅନାଇ ଦେଖିଲା ବାହାରେ ବେଶ୍ କିଛି ଲୋକ ରୁଣ୍ଡ ହୋଇଛନ୍ତି। ଗେଟ ପାଖରେ ଗାଡି ରଖି ଭିତରକୁ ଯିବାରେ ଦେଖିଲା ସୁନୀଲ ବାବୁ ଯିବା ପାଇଁ ପ୍ରସ୍ତୁତ ହୋଇ କର୍ମଚାରୀଙ୍କ ଠାରୁ ବିଦାୟ ନେଉଛନ୍ତି।

ଆଉ ଟିକିଏ ଡେରି ହୋଇଥିଲେ ସେ ଦେଖା କରି ପାରି ନଥାନ୍ତା। ଚନ୍ଦ୍ରକୁ ଦେଖି ସୁନୀଲ ବାବୁ ହାତ ଠାରି ତାଙ୍କ ପାଖକୁ ଡାକିଲେ। ଦୁଃଖେ ସୁଖେ ସଦାସ୍ଥିର, ନିର୍ବିକାର ବ୍ୟକ୍ତିଟି ଆଜି ଟିକିଏ ଭାବ ପ୍ରବଣ ଆଉ ହଲଚଲ ମନେ ହେଲେ। ଚନ୍ଦ୍ର ହାତଟି ଧରି ପକାଇ କହିଲେ, "ଯାଉଛି, ମନ ଦେଇ କାମ କରିବ। ଭଗବାନ ତୁମକୁ ନିଶ୍ଚୟ ସାହାଯ୍ୟ କରିବେ।" ସେ ତା'ର ଲୁହ ଅଟକାଇ ପାରିଲା

Digitized by PPRACHIN, SOA

ନାହିଁ । ମନେହେଲା ଦୁଃଖରେ ସେ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡୁଛି । ପ୍ରଣାମ କଲା । ସେ ଗାଡିରେ ବସି ଚାଲିଗଲେ । ଜୀବନରେ ଅନେକ ଅଫିସରଙ୍କ ସଂସ୍ପର୍ଶରେ ଆସିଛି । ମାତ୍ର ସୁନୀଲ ବାବୁ ଯେପରି ମନ ଭିତରେ ରହି ଯାଇଛନ୍ତି । ଆଉ କାହାରି କ୍ଷେତ୍ରରେ ସେପରି ଘଟି ନାହିଁ ।

ପାଠ ପଢା ପରେ ଚାକିରୀଟିଏ ଖୋଜିବା ଓ ଚାକିରୀ କରି ତାକୁଇ ନେଇ ବଞ୍ଚିବା ଆମର ସେତେବେଳର ପରମ୍ପରା ଥିଲା । ଥରେ ଚାକିରିରେ ପଶିଗଲେ ଆଉ ଅଧିକ କିଛି ଘଟିବାର ନଥାଏ । ସେଇ ଗୁଳାରେ ଚାଲ । ଘର ସଂସାର କର । ପୁଅ ଝିଅଙ୍କ ଯତ୍ନ ନିଅ ଇତ୍ୟାଦି । ସେ ସମୟରେ ଏମ୍.ଏ ପାଶ୍ କରି ଚାକିରି ପାଇ ଚାକିରି ପ୍ରତ୍ୟାଖ୍ୟାନ କରି ବ୍ୟବସାୟ ପରି ଅନିଶ୍ଚିତ ପଥରେ ପାଦ ଦେବା ପ୍ରାୟ ଆମ ଓଡିଆଙ୍କ କ୍ଷେତ୍ରରେ ପ୍ରାୟ ଦେଖା ନଥିଲା । କରଣ, ବ୍ରାହ୍ମଣ ଇତ୍ୟାଦି ଚାକିରି ପାଇଁ ପାଠ ପଢୁଥିଲେ ଓ ଚାକିରିଟିଏ ପାଇ ଯାଇ ବିଶ୍ରାମ ନେଉଥିଲେ । ମାତ୍ର ଚନ୍ଦ୍ର ଚାକିରି ପାଇବା ସତ୍ତ୍ୱେ, ତାକୁ ପ୍ରତ୍ୟାଖ୍ୟାନ କରି ଏପରି ଅନିଶ୍ଚିତ ପଥରେ ପାଦ ଦେବା, ତା'ର ଅନେକ ଶୁଭେଚ୍ଛୁ ଗ୍ରହଣ କରି ପାରି ନଥିଲେ । ଅନେକ ଅନେକ ସମାଲୋଚନାର ଶୀକାର ତାକୁ ହେବାକୁ ହେଲା । ଚନ୍ଦ୍ର ସେ ସବୁକୁ ହସି ହସି ଆଡେଇ ଦେଉଥିଲା, କାରଣ ଯେଉଁମାନେ ଏ ସବୁ କହୁଥିଲେ ସେମାନେ ତା'ର ବା ତା ପରିବାରର ଶତ୍ରୁ ନଥିଲେ । ବରଂ ଶୁଭେଚ୍ଛୁ ଥିଲେ । ସେ ଭୁଲ ରାସ୍ତାରେ ଚାଲି ଯାଉଛି ବୋଲି ସେମାନଙ୍କର ଦୃଢ ଧାରଣା ହେଉଥିବାରୁ ଏ ପ୍ରକାର ରାଗ, ବିରକ୍ତିରେ ସମାଲୋଚନା କରୁଥିଲେ ।

ତାଙ୍କ କଥାରେ ବି ସତ୍ୟତା ଥିଲା । ଆମ ଅଞ୍ଚଳରେ କେବଳ ମାରୱାଡିମାନେ ବ୍ୟବସାୟକୁ ପ୍ରାଧାନ୍ୟ ଦେଉଥିଲେ । ବ୍ୟବସାୟରେ ସଫଳତା ପାଇଁ ଯେଉଁ ଦକ୍ଷତା ଦରକାର ତାହା କେଉଁ ସ୍କୁଲ, କଲେଜରେ ପଢି ପାଇ ହୁଏ ନାହିଁ । ସେଥିପାଇଁ ବର୍ଷ ବର୍ଷର ଅନୁଭୂତି ଦରକାର । ମାରୱାଡିମାନଙ୍କର ପୁରୁଷ ପୁରୁଷ ଧରି ବ୍ୟବସାୟିକ ଅନୁଭୂତି ରହିଥିବାରୁ ଆଜି ସେମାନେ ସଫଳ ବ୍ୟବସାୟୀ । ଆମ ଜାତି ବା ଗୋଷ୍ଠୀରେ ବ୍ୟବସାୟରେ ପୁରଷ ପୁରୁଷ ଛାଡ ମାତ୍ର କେତେ ବର୍ଷର ଅଭିଜ୍ଞତା ଥିବା ଲୋକ ଖୋଜିଲେ ମିଳିବେ ନାହିଁ । ତାପରେ ଚନ୍ଦ୍ର ପରିବାରରେ ଚଉଦ ପୁରୁଷରେ କେହି ବେପାର କରି ନାହାନ୍ତି । ମୋ ଜେଜେ ଓ ତାଙ୍କର ଭାଇ ଆମର ସେ ଅଞ୍ଚଳର ପ୍ରଥମ ଶିକ୍ଷିତ । ସେମାନେ ଚାକିରି କରି ବେଶ୍ ଉପରକୁ ଉଠି ପାରିଥିଲେ । ତେଣୁ ତା'ର ବ୍ୟବସାୟ ପରି ଅଜଣା ପାଣିରେ ପାଦ ଦେବାରେ ଅନେକ ପ୍ରକାର ପ୍ରତିକ୍ରିୟା ମିଳିବାରେ ସେ ଆଶ୍ଚର୍ଯ୍ୟ ହେଲା ନାହିଁ ।

Digitized by PPRACHIN, SOA

ଉଠ୍‌ପଡ଼୍ ହୋଇ ବ୍ୟବସାୟ ଚାଲିଲା । ଓଡ଼ିଶା ଆଗ୍ରୋ ରିହାତି ଦରରେ ଦାନା ବିକୁଥିବାରୁ ଏବଂ ଲାଭକ୍ଷତି ପ୍ରତି ନଜର ନଦେଉ ଥିବାରୁ, ବିକ୍ରି ବଢ଼ାଇବା ପାଇଁ ଆବଶ୍ୟକ ପ୍ରଚାର, ବିକ୍ରିପରର ସେବା, ବ୍ୟାପାରରେ ସେମାନେ ସେପରି ଗୁରୁତ୍ୱ ଦେଉ ନଥିଲେ । ଆମେ ତ ସରକାରୀ ସଂସ୍ଥା ନୋହୁ ତେଣୁ କ୍ଷତି କରି ବ୍ୟବସାୟ ଚଳାଇବା ଆମ ପକ୍ଷରେ ସମ୍ଭବ ନୁହେଁ । ତାବାଦ୍ ଗ୍ରାହକ ସଂଖ୍ୟା ନବଢ଼ିଲେ ସେମାନଙ୍କର ବ୍ୟବସାୟ ସ୍ଥାଣୁ ହୋଇ ରହିଯିବ । ଏ ସବୁ ଆଶା ଆଶଙ୍କାକୁ ମନ ଭିତରେ ବିଚାର କରି ସେମାନଙ୍କୁ କାମ କରିବାକୁ ହେଉଥାଏ । ଗ୍ରାହକ ସଂଖ୍ୟା ବଢ଼ାଇବା ପାଇଁ, ଦାନାର ମାନ ଉଚ୍ଚ ସ୍ତରରେ ହୋଇଥିବା ଦରକାର । ଦାନା ଉଚ୍ଚ ସ୍ତରରେ କେବଳ ହେଲେ ଚଳିବ ନାହିଁ, ବଜାରରେ ମିଳୁଥିବା ବିକଳ୍ପ ବ୍ୟବସ୍ଥାର ଦର ସହିତ ପ୍ରତିଯୋଗୀତା କରି ହେଉଥିବା ଦରକାର । ଗୁଣାତ୍ମକ ସାଲିସ ନକରି ଦର କମ୍ ରଖିବାକୁ ହେଲେ ଏକକାଳୀନ ଅଧିକ କଞ୍ଚାମାଲ, ଦଲାଲକୁ ବାଦ ଦେଇ ଆମେ ସିଧା ସଳଖ କିଣିବା ଦରକାର । ସେ ଯାହାହେଉ ଏ ସମସ୍ତ ସମସ୍ୟା ନେଇ ବ୍ୟବସାୟ ଚାଲିଲା ଓ ବୃଦ୍ଧି ପାଇଲା ।

ଏହି ସମୟରେ ଦୁଧ ଉତ୍ପାଦନ ବଢ଼ାଇବା ପାଇଁ କେନ୍ଦ୍ର ସରକାର କେତେକ ନୀତିଗତ ନିଷ୍ପତ୍ତି ନେଲେ । ଉନ୍ନତମାନର ଛଡ଼ା ଚାଷୀ ରିହାତି ଦରରେ ପାଇବେ । ରିହାତି ଦରରେ ସୁଷମ ଖାଦ୍ୟ ତାକୁ କିଛି ମାସ ପାଇଁ ଦିଆଯିବ । ସେ ଛଡ଼ାଟି ଗର୍ଭ ଯୋଗ୍ୟ ହେଲେ ଉନ୍ନତ ମାନର ଷଣ୍ଢ ବା କୃତ୍ରିମ ପ୍ରଜନନ ପ୍ରକ୍ରିୟାର ସାହାଯ୍ୟ ନିଆଯିବ । ଗାଈଟି ଛୁଆ ଦେବା ପରେ ମିଳୁଥିବା କ୍ଷୀର ବିକ୍ରିକରି ଯେଉଁ ଅଳ୍ପ କିଛି ଋଣ ତା ନାଁରେ ଅଳ୍ପ ସୁଧରେ ଗଡୁଥିବ, ସେତକ ସେ ସୁଝିବେ । ନୂଆ ବାଛୁରୀ ଓ ମା'ଙ୍କୁ ମଧ୍ୟ ସୁଷମ ଖାଦ୍ୟ ଦେବ । ନଚେତ୍ ଉପଯୁକ୍ତ ଫଳ ପାଇବ ନାହିଁ । ଅନେକ ଚାଷୀ ଏଥିପାଇଁ ଆଗଭର ହେଲେ । ସେମାନଙ୍କ ଭାଗରେ ଅବିଭାଜିତ ପୁରୀ, କଟକ, ଢେଙ୍କାନାଳ ୩ଟି ଜିଲ୍ଲା ଦାନା ଯୋଗାଇବା ପାଇଁ ପଡ଼ିଲା । ସେଥିରେ ମଧ୍ୟ ଏପରି ବ୍ୟବସ୍ଥା ଥିଲା ଯେ ଭେଟେରାରୀ ନିର୍ଦ୍ଦେଶକଙ୍କ ଅନୁମୋଦିତ ଫର୍ମୁଲାରେ ଦାନା ତିଆରି ହେବ ଏବଂ ତାହା ଠିକ୍ ମାନର ହେଉଛି କି ନାହିଁ ତାହା ଦେଖିବା ପ୍ରୋଜେକ୍ଟ ଅଫିସରଙ୍କ ଦାୟୀତ୍ୱ । ପ୍ରତି ଜିଲ୍ଲା ପାଇଁ ଜଣେ ଲେଖାଏଁ ପ୍ରୋଜେକ୍ଟ ଅଫିସର ନିଯୁକ୍ତ ହୋଇଥାଆନ୍ତି ।

ସରକାରଙ୍କ ଯୋଜନା ଅତ୍ୟନ୍ତ ପ୍ରଗତିଶୀଳ ଓ ଉତ୍ସାହଜନକ । ମାତ୍ର ସେଗୁଡ଼ିକୁ ବିଫଳ କରିବାରେ ଆମର ସରକାରୀ କର୍ମଚାରୀଙ୍କ ପାରଦର୍ଶୀତା ଆଉ ଉତ୍ସାହର ପଟାନ୍ତର ନାହିଁ । ବର୍ଷ ବର୍ଷ ଧରି ସରକାରୀ ବିଭାଗ ସହ କାମ କରିବା ଭିତରେ

Digitized by PPRACHIN, SOA

ତା'ର ଏହି ଧାରଣା ହିଁ ହୋଇଛି । ପ୍ରୋଜେକ୍ଟ ଅଫିସରଙ୍କ ପ୍ରତିନିଧି ଆସି ଦାନା ତିଆରି ବେଳେ ଉପସ୍ଥିତି ରହିବା କଥା । ସେ ମହାଶୟ ଆସନ୍ତି । ଭୁବନେଶ୍ୱରରେ ତାଙ୍କର କାମ ଥିଲେ ସେଗୁଡ଼ିକୁ ଆଗ ସାରନ୍ତି, ଶେଷରେ ଦିନ ବୁଡ଼ିଲା ବେଳକୁ ଆମ ପାଖକୁ ଆସି ଆବଶ୍ୟକୀୟ କାଗଜ ପତ୍ରରେ ଦସ୍ତଖତ କରି ଲେଖି ଦିଅନ୍ତି ଯେ ଦାନା ତାଙ୍କ ତତ୍ତ୍ୱାବଧାନରେ ଉତ୍ପାଦିତ ହୋଇଛି । ଏତକ ଲେଖିବା ପାଇଁ ପାଉଣା ଦରକାର । ତା ବି ତାଙ୍କୁ ମିଳେ । ଯିବା ଆସିବା ଖାଇବା ଖର୍ଚ୍ଚ ସରକାର ଦିଅନ୍ତି । ତାହା ସତ୍ତ୍ୱେ ବୁଦ୍ଧି ଖଟାଇ ଆଉ ଦୁଇ ପଇସା ସେ ରୋଜଗାର କରି ନିଅନ୍ତି । ସେ ଥରେ ଅତ୍ୟନ୍ତ ବିରକ୍ତିର ସହ ତାଙ୍କୁ ବୁଲେଇ ବାଙ୍କେଇ କହିଲା ଯେ ଯେହେତୁ ଦାନା ତିଆରିରେ ଆମେ ମୋଟେ ଠକୁ ନାହୁଁ । ସେ ଦୃଷ୍ଟିରୁ ତାଙ୍କ ପାଉଣା ଆମ ପାଇଁ ଗୋଟାଏ ବୋଝ ହୋଇ ଯାଉଛି ।

ମୋ କଥା ଶୁଣି ହସି ହସି ସେ କହିଲେ "ଦାନା ତିଆରିରେ ବ୍ୟବହୃତ କଞ୍ଚାମାଲ ଗୁଡ଼ିକ ଠିକ୍ ମାନର ହେଉନାହିଁ । ଅନେକ ପୋକା, ଗମ୍ବୁ ଜିନିଷ କଞ୍ଚା ମାଲରେ ମିଶିଛି । ଏ ଗୁଡ଼ିକ ବଦଳାଇ ଭଲ ଜିନିଷ ଆଣି ସେଥିରେ ଦାନା କରନ୍ତୁ ।" ସେ କ'ଣ ତାଙ୍କୁ ଉତ୍ତର ଦେବ ବୁଝି ପାରିଲା ନାହିଁ । ମୁହଁ ତା'ର ନାଲି ପଡ଼ିଗଲା । ସେ ହିଁ ତାକୁ ଆଶ୍ୱାସନା ଦେଲେ, "ବାବୁ, ତୁମେ ପିଲା ଲୋକ, ଯଥା ଶୀଘ୍ର ଏ ସବୁ ବୁଝି ଯିବା ଦରକାର । ସରକାରଙ୍କୁ ଯଦି କିଛି ବିକିବେ, ବିନା ପାଉଣାରେ ଏ ସବୁ ହେବା ସମ୍ଭବ ନୁହେଁ । ଆମର ବି ପେଟ ପାଟଣା ଅଛି ।" ମୁଁ ବୁଝିଗଲି ଆଉ ଭବିଷ୍ୟତରେ କେବେ ବି ଏପରି ଧୃଷ୍ଟତା କରି ନାହିଁ । ଜଣେ ସଚ୍ଚୋଟ ହେବାକୁ ଚାହିଁଲେ ମଧ୍ୟ, ଏ ପଙ୍ଗପାଳ ଦଳ ତାହା କରାଇ ଦେବେ ନାହିଁ । ଆଉ ଗୋଟିଏ ଉଦାହରଣ ଶୁଣନ୍ତୁ ।

ସରକାର ବତକ ଉନ୍ନୟନ ଯୋଜନାଟିଏ ଆରମ୍ଭ କଲେ । ଏଗୁଡ଼ିକ ପାଣିରେ ଅଧିକାଂଶ ସମୟ ବିତାନ୍ତି । କିନ୍ତୁ ସରକାରଙ୍କ ଯୋଜନା ଅନୁଯାୟୀ ସେମାନଙ୍କୁ ଖୁଆଇ ପିଆଇ ସାରି ପୋଖରୀକୁ ଛାଡ଼ିବାକୁ ହେବ । କାହାର ଉର୍ବର ମସ୍ତିଷ୍କରୁ ଏପରି ଏକ ଯୋଜନା ଅଙ୍କୁରିଥିଲା କେଜାଣି । ସେଇ ଫର୍ମୁଲା । ନିର୍ଦ୍ଦେଶାଳୟର ଜଣେ ଅଫିସରଙ୍କ ତତ୍ତ୍ୱାବଧାନରେ ତାଙ୍କ ଅନୁମୋଦିତ ଫର୍ମୁଲା ଅନୁଯାୟୀ ଦାନାର କଞ୍ଚାମାଲର ପରିମାଣ ମିଶାଯିବ ହେବ । ସେଥିରେ ଅନ୍ୟାନ୍ୟ କଞ୍ଚାମାଲ ତ ଯାହା ମିଶୁଥିଲା ତା ବ୍ୟତୀତ ଗୋଟିଏ ଅତ୍ୟନ୍ତ ଦୁଷ୍ପ୍ରାପ୍ୟ ପଦାର୍ଥ ମିଶାଇବାକୁ ହେଉଥିଲା, ସେଇଟି ହେଉଛି ଗୁଣ୍ଡ ଦୁଧ । ସେତେବେଳେ ବଜାରରେ ମିଳୁଥିଲା ଅମୁଲସ୍ପ୍ରେ । ଅଫିସର ଆସନ୍ତି ଆମ ଅଫିସରେ ବସି ଚା ଜଳଖିଆ ଖାଆନ୍ତି । ଅମୁଲସ୍ପ୍ରେଟି

Digitized by PPRACHIN, SOA

ଦାନାରେ ମିଶେ ନାହିଁ । ତାଙ୍କ ଘରକୁ ପିଲାଙ୍କ ପାଇଁ ନେଇ ଯାଆନ୍ତି । କାଗଜ ପତ୍ରରେ ଦସ୍ତଖତ କରି ସବୁ ଠିକ୍ ଅଛି ବୋଲି ଲେଖି ଦେଇ ଧୂଳି ଉଡାଇ ଚାଲି ଯାଆନ୍ତି ।

ଏଥିରେ ସରକାରଙ୍କୁ କ'ଣ ପାଇଁ ଦୋଷ ଦେବେ ? ମୋ ମତରେ ସରକାର ବା ଉଚ୍ଚ କର୍ତ୍ତୃପକ୍ଷ ଏଇଥିପାଇଁ ଦୋଷୀ ଯେ ତଳ ସ୍ତରର କର୍ମଚାରୀମାନେ କେଉଁ ପ୍ରକାରେ କର୍ତ୍ତବ୍ୟନିଷ୍ଠ, କେତେ ପରିମାଣରେ ସଙ୍କୋଚ ନବୁଝି ଅଯଥା ଗୁରାଏ ଅର୍ଥ ବରବାଦ କରାଉଛନ୍ତି । କେବଳ ପଶୁ ନିର୍ଦ୍ଦେଶଳାୟ ବିଭାଗର କର୍ତ୍ତାମାନେ ଯେ ଏପରି ବାଟମାରଣା କରନ୍ତି, ସେପରି ଧାରଣା କରିବା ଉଚିତ୍ ନୁହେଁ । ଏଇ ଗୋଟିଏ ବିଭାଗ ଏପରି କରୁଥିଲେ ଦୁଃଖ ନ ଥାନ୍ତା । କାରଣ ଏ ସବୁ ସତ୍ତ୍ୱେ ମଧ୍ୟ ଜନ ସାଧାରଣ ଯୋଜନାର ସୁଫଳ ପାଇ ପାରୁଥାଆନ୍ତେ । ମାତ୍ର ତା'ର ଅନୁଭୂତି ହେଉଛି ପ୍ରାୟ ଅଧିକାଂଶ ସରକାରୀ ବିଭାଗ ଆପଣାର ଦାୟୀତ୍ୱ ବୁଝନ୍ତି ନାହିଁ । ନିଜ ହାତରେ ଥିବା କ୍ଷମତାକୁ ଅପବ୍ୟବହାର କରି ନିଜର ସ୍ୱାର୍ଥ ହାସଲ କରନ୍ତି ।

ଆଉ ଗୋଟିଏ ଉଦାହରଣ ଶୁଣନ୍ତୁ । ବିକ୍ରିକର ବିଭାଗ- ସେତେବେଳେ ଦାନା ଉପରେ ବିକ୍ରିକର ଥିଲା ୪% । ଆମେ କୌଣସି ପ୍ରକାରେ ଖିଲାପ ନକରି ଦାନା ବିକିଲା ବେଳେ ବିକ୍ରିକର ଆଦାୟ କରୁ ଆଉ ଠିକ୍ ସମୟରେ କର୍ତ୍ତୃପକ୍ଷଙ୍କ ପାଖରେ ଜମା ଦେଉ । ଏ ତ ଭଲ କଥା । ମାତ୍ର ବିଭାଗର କର୍ତ୍ତାମାନଙ୍କ ଦୃଷ୍ଟିରେ ଏହା ଏକ ଅପରାଧ । ତମେ ବେପାର କରିବ, ସେମାନେ ଶୁଖିଲା ହାତରେ ଘରକୁ ଯିବେ । ଏପରି ଯଦି ହେବ, ସେମାନଙ୍କର ଭେଳା ବୁଡିଯିବ । ମାତ୍ର ଆମେ ବି ଆଣିବୁ କେଉଁଠୁ ? ବିକ୍ରିକର ଖାଉଟି ଦେଉଛି । ସେହିମାନେ ହିଁ ବାଟ ବତାଇ ଦିଅନ୍ତି । କେଉଁପ୍ରକାରେ ବିକ୍ରିକର ଠକାଇ ହେବ ଏବଂ ସେଥିରୁ ଅଧାଅଧି ପ୍ରତି ମାସରେ ତାଙ୍କ ପାଖରେ ପଇଠ କରିବାକୁ ହେବ । ଆମର ଉପାୟ ନାହିଁ । ଦେଲେ ମଲୁ, ନ ଦେଲେ ମଲୁ । ଇଚ୍ଛା ବିରୁଦ୍ଧରେ ତାଙ୍କ କଥାରେ ରାଜି ହେବାକୁ ହୁଏ । ଚନ୍ଦ୍ରର ଜିଦ୍ ବଢିଲା । ସରକାରଙ୍କୁ ନିବେଦନ କରି ବାରମ୍ବାର ଦଉଡା ଦଉଡି କରି ଗାଈ ଦାନା ଓ କୁକୁଡା ଦାନା ଉପରୁ ବିକ୍ରିକର ସମ୍ପୂର୍ଣ୍ଣ ଉଠାଇ ଦେଲା । ରକ୍ତ ଶୋଷୁଥିବା ଓଡଶମାନଙ୍କ କବଳରୁ କିଛିଟା ରକ୍ଷା ମିଳିଲା ।

ବିଦ୍ୟୁତ ବିଭାଗ ସେହିପରି । ତୁମେ କାରଖାନା କରିଛ ବିଦ୍ୟୁତ ଖର୍ଚ୍ଚ କରୁଛ । ମିଟର ଅନୁଯାୟୀ ବିଲ୍ ଠିକ୍ ସମୟରେ ପଇଠ କରୁଛ । ଏହା ଏକ ଗର୍ହିତ ଅପରାଧ । ପ୍ରତିମାସରେ ବିଭାଗୀୟ କର୍ତ୍ତାମାନେ କିଛି ପାଇବା ଦରକାର । ବାଟ ବି ସେମାନେ ବତାଇ ଦେବେ । ଚୋରି । ବିଦ୍ୟୁତ ଚୋରି କରି ବିଲ୍‌ରୁ ଯଦି

Digitized by PPRACHIN, SOA

୧୦ଟଙ୍କା ବଞ୍ଚିଲା, ୫ଟଙ୍କା ତାଙ୍କର ୫ ଟଙ୍କା ଆମର। ମୋର ବେଳେ ବେଳେ ମନେହୁଏ ଏ ସଂସାର ଚାଲିଛି କିପରି? କୋଉ ଆଇନ କାନୁନ୍ ଏହାକୁ ରୋକି ପାରିବ?

ଅନେକ ଅନେକ ଅସୁବିଧା ଭିତର ଦେଇ ବ୍ୟବସାୟ ଚାଲିଲା। ଆମେ ଯେଉଁମାନର ଦାନା ତିଆରି କରୁଥିଲୁ, ଆମ ପାଖରେ ଯଦି ଅଧିକ ପୁଞ୍ଜି ଥାଆନ୍ତା, ଆମେ ଅନେକ ଶୀଘ୍ର ଆଗକୁ ବଢ଼ି ପାରିଥାଆନ୍ତୁ। ବ୍ୟାଙ୍କରୁ ପୁଞ୍ଜି ପାଇବା ପାଇଁ ଅନେକ ଦୌଡାଦୌଡି କରିବାକୁ ପଡେ। ତା ସତ୍ତ୍ୱେ ଠିକ୍ ସମୟରେ ଯେ ପଇସା ମିଳିବ ତା'ର କୌଣସି ନିର୍ଭର ପ୍ରତିଶ୍ରୁତି ନଥାଏ। ଅନେକ ଯୁବକ ତ ଶେଷ ପର୍ଯ୍ୟନ୍ତ ପଇସା ନପାଇ ହତାଶ ହୋଇ ଯାଆନ୍ତି। ଉତ୍ପାଦନ ବନ୍ଦ ହୋଇ ଯାଏ। ସୁଧ ବଢ଼ିଯାଏ। ଆକାଶ ମୁଣ୍ଡ ଉପରେ ଭାଙ୍ଗି ପଡେ।

ଓଡିଶା ରାଜ୍ୟ ଅର୍ଥ ନିଗମରୁ ଋଣ ପାଇବା ଅପେକ୍ଷାକୃତ ସହଜ ଥିଲା। ମାତ୍ର ସେମାନେ କେବଳ ଘର ଓ ଯନ୍ତ୍ରପାତି ପାଇଁ ଋଣ ଦେଉଥିଲେ। କେବଳ ମେସିନ ବସାଇ ଦେଲେ ଚଳିବ ନାହିଁ, ମେସିନ ବସିବା ସହିତ ଉତ୍ପାଦନ ବାହାରିବାରେ ବିଳମ୍ବ ନ ହେବା ଦରକାର। ଉତ୍ପାଦନ ପାଇଁ ଯେଉଁ ପୁଞ୍ଜି ଦରକାର ତା ମିଳେ ବ୍ୟାଙ୍କରୁ। ମାତ୍ର ଠିକ୍ ସମୟରେ ତାହା ମିଳେ ନାହିଁ। ପ୍ରଥମରୁ ଶିଳ୍ପଟି ରୋଗଣା ହେବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଏ।

ଆମର ଗ୍ରାହକ ବଢ଼ିବା ସଙ୍ଗେ ସଙ୍ଗେ ଆମେ ଉତ୍ପାଦନ ପରିମାଣ ବଢ଼ାଇବାକୁ ଚାହିଁଲୁ। ଓଡିଶା ରାଜ୍ୟ ଅର୍ଥ ନିଗମରୁ ଅଧିକ ଗୋଦାମ ତଥା ମେସିନ କିଣିବା ପାଇଁ ଋଣ ମିଳିଗଲା। ମାତ୍ର ଅଧିକ କଞ୍ଚାମାଲ ପାଇଁ ପୁଞ୍ଜି ଦରକାର। ଆମର ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଶାଖା। ଆମର ଦରଖାସ୍ତ ତାଙ୍କର ଉପରିସ୍ଥ ଅଧିକାରୀଙ୍କ ପାଖକୁ କଲିକତା ସୁପାରିଶ କରି ପଠାଇଲେ। ତେଣିକି ଖାଲି ଗୋଟାକ ପରେ ଗୋଟାଏ ଚିଠି ଆସୁଥାଏ କିଛି ଅଧିକ ତଥ୍ୟ ପାଇଁ ଆଉ ଭୁବନେଶ୍ୱରରୁ ତା'ର ଉତ୍ତର ଯାଉଥାଏ। ଆମେ ମେସିନ ବସାଇ ସାରି ଭକୁଆଙ୍କ ପରି ଅନାଇ ବସିଥାଉ। ଚନ୍ଦ୍ର ଶେଷରେ କଲିକତା ନିଜେ ଯାଇ ଭାଗ୍ୟ ପରୀକ୍ଷା କରିବାକୁ ଉଚିତ୍ ମନେକଲା। ଯିବା ପୂର୍ବରୁ କେଉଁ ଅଫିସର ତାଙ୍କର ଋଣ ଦରଖାସ୍ତ ବିଚାର କରିବା ଦାୟୀତ୍ୱରେ ଅଛନ୍ତି ଆଉ ଜେନେରାଲ ମ୍ୟାନେଜର, ଯିଏ କି ଶେଷ ଅନୁମୋଦନ ଦେବେ ତାଙ୍କ ନାମ କ'ଣ ଓ ସେ କିପରି ଅଫିସର ଏ ସମସ୍ତ ବୁଝାବୁଝି କରି ଜଗନ୍ନାଥଙ୍କୁ ଡାକି କଲିକତା ଗଲା।

ନେତାଜୀ ସୁଭାଷ ବୋଷ ରୋଡରେ ବିରାଟ ଅଟ୍ଟାଳିକାର ଅଷ୍ଟମ ମହଲାରେ ଏ ଅଫିସ। ଅସମ୍ଭବ ପ୍ରକାରର ବିଦ୍ୟୁତ ସଙ୍କଟର ସମୟ। ସିଡି ଉଠି ଉଠି ଉପରକୁ

Digitized by PPRACHIN, SOA

ଗଲି । ଦୁଇଜଣ ଅଫିସର ମି.ଚାର୍ଟାଜୀ ଓ ମି. ବାର୍ନାଜୀଙ୍କୁ ଅତ୍ୟନ୍ତ ନମ୍ରତାର ସହ ଅସୁବିଧା ଜଣାଇଲା । ବହୁ କଷ୍ଟରେ ତାଙ୍କର ଫାଇଲଟି ବାହାରିଲା । ମାତ୍ର ସେ ଦୁଇ ଅଫିସରଙ୍କ କଥା ଶୁଣି ତା'ର ହଂସା ଉଡିଗଲା । ସିଡି ଚଢି ଆଠ ମହଲା ଉପରକୁ ଆସିବାରେ ଯେତିକି କଷ୍ଟ ହୋଇ ନଥିଲା. ତାଙ୍କର କଥା ଶୁଣିବା ପରେ ତାଠାରୁ ଅଧିକ କଷ୍ଟ ହେଲା । "ପ୍ରସ୍ତାବ ଠିକ୍ ଭାବରେ ଆସି ନାହିଁ । ଆବଶ୍ୟକ ତଥ୍ୟ ସେଥିରେ ନାହିଁ । ଏହି ପ୍ରସ୍ତାବ ମଂଜୁରୀ ପାଇବା ସମ୍ଭବ ନୁହେଁ । ଖୁବ୍ ଶୀଘ୍ର ଆମେ ଆମର ମତାମତ ସହ ପ୍ରସ୍ତାବଟି ଭୁବନେଶ୍ୱର ଫେରାଇଦେବୁ ।" ଏତକ ଶୁଣିବା ପରେ ଚନ୍ଦ୍ରର ମନେ ହେଲା ସେ ଏଠାରେ ସମୟ ନଷ୍ଟ କରି କିଛି ଲାଭ ନାହିଁ । ପଥରରେ ମୁଣ୍ଡ ପିଟିବା ସାର ହେବ । ମନେ ମନେ ଜଗନ୍ନାଥଙ୍କୁ ଦୁଃଖ ଜଣାଇ ଜେନେରାଲ ମ୍ୟାନେଜରଙ୍କୁ ଦେଖା କରିବାକୁ ବାହାରିଲା । ଜେନେରାଲ ମ୍ୟାନେଜର ଥାଆନ୍ତି ମି. ପାରୁଲେକର, ମରାଠି ଭଦ୍ରଲୋକ । ବିଶାଳ ବପୁ, ଗୋରା ତକ ତକ ଆକର୍ଷଣୀୟ ବ୍ୟକ୍ତିତ୍ୱ ।

ଚନ୍ଦ୍ରକୁ ଭିତରକୁ ଡାକିଲେ । ମୋର ନିବେଦନ ଶୁଣିଲା ପରେ ଅଫିସର ଦୁଇଜଣଙ୍କୁ ଡକାଇଲେ । ମନେହେଲା ସେମାନେ ପ୍ରସ୍ତୁତ ଥିଲେ । ଡକାରା ପାଇ ଫାଇଲ ଧରି ସଙ୍ଗେ ସଙ୍ଗେ ଆସିଲେ । ସେମାନେ ତ ଆଗରୁ ମନସ୍ଥିର କରିସାରିଛନ୍ତି ଏ ଅର୍ବାଚୀନକୁ ସେମାନେ ଋଣ ଦେବେ ନାହିଁ, ହତାଶ କରିଦେବେ । ତେଣୁ ତାଙ୍କ ନିଷ୍ପତ୍ତି ପଛରେ ଥିବା କାରଣଗୁଡିକ ସଜାଇ ସେମାନେ ଜେନେରାଲ ମ୍ୟାନେଜରଙ୍କୁ କହିଲେ । ଏପରି କ୍ଷେତ୍ରରେ ଯେ କୌଣସ ଅଫିସର ମଧ୍ୟ ଅନୁମୋଦନ ଦେବାକୁ ପଛ ଘୁଞ୍ଚା ଦେବ । ତାଙ୍କ ନିଜ ଅଫିସରଙ୍କ କଥାକୁ ବିଶ୍ୱାସ ନକରି. ତାଙ୍କ ସୁପାରିଶକୁ ଆଡେଇ ଦେଇ କାହିଁକି ବା ମୋ କଥାକୁ ବିଶ୍ୱାସ କରିବେ । ତେଣୁ ସେ ମୋତେ ନାସ୍ତି ଶୁଣାଇବାରେ ମୋର ଦୁଃଖ ବା ରାଗ ଆସିଲା ନାହିଁ । ସେଇ ମୁହୂର୍ତ୍ତକ ଭିତରେ ମୋର ମନେ ହେଲା ଯେ ବଙ୍ଗାଳୀ ଅଫିସର ଓଡିଆଙ୍କ ପ୍ରତି ଥିବା ତାଙ୍କର ପୁରୁଷ ପୁରୁଷର ପାରମ୍ପରିକ ବିଦ୍ୱେଷ ଭାବ ହେତୁ ଏପରି କରିଛନ୍ତି । ତେଣୁ ମୋତେ ଜେନେରାଲ ମ୍ୟାନେଜରଙ୍କୁ ସେଇ ବାଟରେ ବୁଝାଇବାକୁ ପଡିବ । ଫଳ ଯାହା ହେଉ । ଜେନେରାଲ ମ୍ୟାନେଜରଙ୍କ ନାସ୍ତି ବାଚକ ନିଷ୍ପତ୍ତି ପରେ ବଙ୍ଗାଳୀ ଅଫିସର ଦୁଇଜଣ ମୋ ଉପରକୁ ମୁରୁକି ହସା ଦୁଇଟି ଫୋପାଡି ଦେଇ ବାହାରକୁ ଯିବାକୁ ବାହାରିଲେ । ଜେନେରାଲ ମ୍ୟାନେଜର ମଧ୍ୟ ଟଏଲେଟକୁ ଯିବା ପାଇଁ ଚୌକିରୁ ଉଠିଲେ । ମୁଁ ଏଇ ସୁଯୋଗକୁ ଅପେକ୍ଷା କରିଥିଲି । ତଥାପି ମିଛ ନମ୍ରତାର ସହ ଅଫିସର ଦୁଇ ଜଣଙ୍କୁ ମୋ ଆଗେ ଆଗେ କବାଟ ଖୋଲି ଯିବା ପାଇଁ ବାଟ ଛାଡି ସାମାନ୍ୟ ପାଖେଇ

Digitized by PPRACHIN, SOA

ହୋଇ ଜେନେରାଲ ମ୍ୟାନେଜରଙ୍କ କୋଠରୀର କବାଟ ପାଖେ ଛିଡା ହୋଇଗଲି । ସେମାନେ ବାହାରକୁ ଚାଲିଗଲେ । ଓଡିଆ ଟୋକାକୁ ବୁଦ୍ଧି ଶିଖାଇଛନ୍ତି ବୋଲି ମନେ ମନେ ଅତ୍ୟନ୍ତ ଉତ୍‌ଫୁଲିତ ଥିବା ତାଙ୍କ ମୁହଁରୁ ଜଣା ପଡି ଯାଉଥିଲା । ଏ ବିଦାୟ ମୁହୂର୍ତ୍ତରେ ଚନ୍ଦ୍ର ଯେ ତାଙ୍କ ପଛେ ପଛେ କୋଠରୀରୁ ବାହାରକୁ ନଯାଇ ରହିଯାଇଛି ତାହା ସେମାନେ ଲକ୍ଷ୍ୟ କରି ନାହାନ୍ତି । ମତେ ପ୍ରାୟ ସେହିପରି ନା ଭିତରେ ନା ବାହାର ଅବସ୍ଥାରେ ପ୍ରାୟ ୫ ମିନିଟ ଅପେକ୍ଷା କରିବାକୁ ହେଲା । ଜେନେରାଲ ମ୍ୟାନେଜର ଟଏଲେଟରୁ ଆସିଲେ । ଆପଣା ଚୌକିରେ ବସିବା ପୂର୍ବରୁ ମୋ ଉପରେ ତାଙ୍କର ଆଖି ପଡିଲା । ଆଶ୍ଚର୍ଯ୍ୟ ପ୍ରକାଶ କରି ମୋର ଅପେକ୍ଷାର କାରଣ ପଚାରିଲେ । ଠାକୁରଙ୍କୁ ଡାକିଲି । ଏଇଟି ଶେଷ ଆଶା । ଏଇ ଆସନ୍ତା ୨/୩ ମିନିଟ ଭିତରେ ଯାହା କହିବି, ତାହାର ପ୍ରଭାବ ହିଁ ମୋର ପ୍ରସ୍ତାବର ଭାଗ୍ୟ ନିର୍ଣ୍ଣୟ କରିବ । ଜେନେରାଲ ମ୍ୟାନେଜରଙ୍କ ଟେବୁଲ ପାଖକୁ ଗଲି । "ସାର୍ ମୋତେ ୫ ମିନିଟ ସମୟ ଦିଅନ୍ତୁ । ଆପଣତ ଆପଣଙ୍କ ଅଫିସର ଦୁଇ ଜଣଙ୍କ କଥା ଶୁଣିଲେ । ଯାହା ନିଷ୍ପତ୍ତି ନେଲେ ସେଥିନେଇ ତା'ର ଯେତେ ଅସୁବିଧା ହେଲେ ମଧ୍ୟ ଚନ୍ଦ୍ର ସେ ସମ୍ପର୍କରେ କୌଣସି ପ୍ରତିବାଦ କରିବ ନାହିଁ । ମାତ୍ର ଆପଣଙ୍କ ଅଫିସର ଦୁଇ ଜଣ ଯେ ଜାଣି ଶୁଣି ମୋ ପ୍ରସ୍ତାବଟି କିପରି କାଟ ଖାଇବ ଆଉ ସେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅପେକ୍ଷା କରି ହତାଶ ହେବ ତାହାହିଁ ଉଦ୍ଦେଶ୍ୟ ରଖି, କାମ କରିଛନ୍ତି । ଆଜି ଯାହା ସେମାନେ ଆପଣଙ୍କୁ କହିଲେ ଦୀର୍ଘ ଗତ ୬ ମାସ ଭିତରେ ତ ସେଇକଥା ସେମାନେ ବ୍ରାଞ୍ଚକୁ ଜଣାଇ ପାରିଥାଆନ୍ତେ ତାହେଲେ ସେ ତା'ର ବିକଳ୍ପ ବ୍ୟବସ୍ଥା ପାଇଁ ପ୍ରସ୍ତୁତ ହୋଇଥାଆନ୍ତା । ମାତ୍ର ସେମାନେ ଜାଣି ଶୁଣି ତାହା କଲେ ନାହିଁ, କାରଣ ତା' ଶିଳ୍ପଟି କିପରି ଫେଲ ମାରିବ ତାହା ତାଙ୍କର ଉଦ୍ଦେଶ୍ୟ । ଚନ୍ଦ୍ର ସହିତ ଯେ ତାଙ୍କର କିଛି ବ୍ୟକ୍ତିଗତ ଶତ୍ରୁତା ଅଛି ତା ନୁହେଁ । ସେମାନେ ମୋତେ ହୁଏତ ପ୍ରଥମ କରି ଦେଖୁଛନ୍ତି । ମାତ୍ର ଏ ଶତ୍ରୁତା ଶହେ ବର୍ଷର, ଏ ଶତ୍ରୁତା ଜାତିଗତ । ଅତ୍ୟନ୍ତ ବିଦ୍ୱେଷୀ ଆଉ ଅହଂକାରୀ ଜାତି । ଇଂରେଜ ମାନଙ୍କର ବଶ୍ୟତା ସ୍ୱୀକାର କରିବାରେ ସେମାନେ ପ୍ରଥମ ଆଉ ସେଥିପାଇଁ ପାଠଶାଠରେ ସେମାନେ ଆଗୁଆ । ମୋ ଜାତି, ଆମେ ଓଡିଆ, ସିପାହୀ ବିଦ୍ରୋହର ୪୦ ବର୍ଷ ପୂର୍ବରୁ ୧୮୧୭ ମସିହାରେ ଇଂରେଜ ଶାସନ ହଟାଇ ଗୋଟିଏ ଅଞ୍ଚଳ ସ୍ୱାଧୀନ ଘୋଷଣା କରିଥିଲୁ । ଓଡ଼ିଶାର ପାଇକ ବିଦ୍ରୋହ ଭାରତରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ । ଆମେ ବଶ୍ୟତା ସ୍ୱୀକାର କଲୁ ନାହିଁ, ତେଣୁ ଆମ ଉପରେ ସମସ୍ତ ଅତ୍ୟାଚାର ହେଲା । ଆଉ ସେଇ ଅତ୍ୟାଚାର କେବଳ ଶାରୀରିକ ନୁହେଁ, ମାନସିକ ଆଉ ଆର୍ଥିକ ମଧ୍ୟ ।' ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷା

Digitized by PPRACHIN, SOA

ନଏ' ଏ ବହି ଛାପିଥିଲେ ଜଣେ ବଙ୍ଗାଳୀ ଶିକ୍ଷକ, 'କାନ୍ତି ଚନ୍ଦ୍ର ଭଟ୍ଟାଚାର୍ଯ୍ୟ' ଉଦ୍ଦେଶ୍ୟ ଓଡ଼ିଆ ଭାଷା ଲୋପ କରି ବଙ୍ଗଳା ଚଳାଇବା। ଏଇ ମାନସିକତା ଯେଉଁଠି କାମ କରୁଛି ସେଠାରେ ଚନ୍ଦ୍ର ଏମାନଙ୍କଠାରୁ ନ୍ୟାୟ ନପାଇବାରେ ବିସ୍ମିତ ନୁହେଁ।

ଆମେ ଓଡିଆ ବରଂ ମରାଠୀମାନଙ୍କ ପରି ଶେଷ ପର୍ଯ୍ୟନ୍ତ ଲଢାଇ କରିଛୁ। ଅନେକ ଦିନ ଧରି ଓଡିଶାର ଗୋଟାଏ ଅଞ୍ଚଳ ମରାଠୀ ଲୋକଙ୍କ ଶାସନାଧୀନ ଥିଲା। ଆଜି ମଧ ଆମ ଭାଷାରେ ଅନେକ ମରାଠୀ ଶବ୍ଦ। ମାତ୍ର କାଇଁ ମରାଠୀମାନେ ତ ଆମ ଓଡିଆ ଭାଷାକୁ ଲୋପ କରିବାର ଷଡଯନ୍ତ୍ର କରି ନାହାନ୍ତି। ସତ କହିବାକୁ ଗଲେ ମରାଠୀମାନଙ୍କୁ ନେଇ ଯାହା କହିଲି ତା'ର ସତ୍ୟତା ବ୍ୟାପାରରେ ମୋର ସନ୍ଦେହ ଥିଲା। ଚନ୍ଦ୍ର ଇତିହାସର ଛାତ୍ର ନୁହେଁ ମାତ୍ର ପାରୁଲେକରଙ୍କୁ ମନାଇବା ପାଇଁ ଏପରି ଚାଲଟିଏ ଖେଳିଲା। ଜେନେରାଲ ମ୍ୟାନେଜର କ'ଣ ଭାବିଲେ କେଜାଣି ତାଙ୍କୁ ବସିବାକୁ କହିଲେ, ପାଣି ଗ୍ଲାସଟିଏ ପିଇବାକୁ ଦେଲେ। ଇଣ୍ଟରକମରେ ଅଫିସର ଦୁଇଜଣଙ୍କୁ ମୋରି ଆଗରେ ଋଣ ଅନୁମୋଦନ ହେଲା ବୋଲି ଚିଠିଟି କରି ତାଙ୍କ ପାଖକୁ ଆଣିବାକୁ ଦସ୍ତଖତ ପାଇଁ କହିଲେ। ଚନ୍ଦ୍ରକୁ ଏକ ଘଣ୍ଟା ପରେ ଆସି ତାଙ୍କୁ ଦେଖା କରିବାକୁ କହିଲେ। ଚିଠିଟି ଧରି ସେ ଭୁବନେଶ୍ୱର ଫେରିଲା।

ବିଭିନ୍ନ ସମସ୍ୟା, ବିଭିନ୍ନ ପରୀକ୍ଷା ନିରୀକ୍ଷା ନେଇ ବ୍ୟବସାୟ ବଢି ଚାଲିଲା। ପ୍ରଥମ ଅବସ୍ଥାରେ ରାଇସ ବ୍ରାନ (କୁଣ୍ଡା) ହିଁ ବେସ୍ ମ୍ୟାଟେରିଆଲ ହୋଇ ତା ସହିତ ଅନ୍ୟାନ୍ୟ ପ୍ରୋଟିନ, ଭିଟାମିନ ଇତ୍ୟାଦି ଥିବା କଞ୍ଚାମାଲ ମିଶା ଯାଉଥିଲା। ମାତ୍ର କୁଣ୍ଡାବାଦ ଯାଇ ତାପରେ ଆସିଲା ଡିଅଏଲଡ୍ ବ୍ରାନ। ପ୍ରଥମ ଅବସ୍ଥାରେ ଚିନି କାରଖାନାମାନଙ୍କରେ ତ୍ୟକ୍ତ ମୋଲାସସ ଦାନାରେ ମିଶୁ ଥିଲା ଏବଂ ଦାନାର ସ୍ୱାଦ ବଢୁ ଥିଲା ଓ ସେହି ଅନୁପାତରେ ଚାଷୀର ଉତ୍ପାଦନ ମଧ ବଢୁଥିଲା। ମହୁଲ ମଧ ସେହିପରି ଆମ ସମୟରେ ବ୍ୟବହୃତ ହେଉଥିଲା। କ୍ରମେ ବିଶେଷଜ୍ଞମାନେ ଏ ଦୁଇଟି କଞ୍ଚାମାଲକୁ ବାଦ ଦେବାକୁ କହିଲେ। ସାଲ୍ ସିଡ୍ କେକ୍ ସେତେବେଳେ ପ୍ରଚୁର ଏବଂ ଅତ୍ୟନ୍ତ ଶସ୍ତାରେ ମିଳୁଥିଲା। ଗାଈ ଦାନାରେ କେହି ସେଇଟିକୁ ବ୍ୟବହାର କରୁ ନଥିଲେ। ଡଃ.ଏନ.ସି. ପଣ୍ଡା ଗବେଷଣା ସେହି ବ୍ୟାପାରରେ କରୁଥିଲେ ଓ ଆମକୁ ସେଇଟିକୁ ବ୍ୟବହାର କରିବାକୁ କହିଲେ। ଦାନାର ଉତ୍ପାଦନ ଖର୍ଚ୍ଚ କମିଲା। ଚାଷୀ ଖୁସୀ ଆମେ ବି ଖୁସୀ। ସନ୍‌ଫ୍ଲାୱାର କେକ ସେହିପରି ଅତ୍ୟନ୍ତ ଶସ୍ତାରେ ମିଳୁଥିଲା। କେହି ସେଇଟିକୁ ଗାଈ ବା କୁକୁଡା ଦାନାରେ

Digitized by PPRACHIN, SOA

ବ୍ୟବହାର କରୁ ନ ଥିଲେ । ସମସ୍ତେ ଗ୍ରାଉଣ୍ଡନଟ(ଚିନାବାଦାମ) କେକ୍/ଏକ୍ସଟ୍ରାକସନ ଉପରେ ଜୋର ଦେଉଥିଲେ । ପରେ ବିଶେଷଜ୍ଞମାନେ କହିଲେ ଯେ ଗ୍ରାଉଣ୍ଡନଟ କେକ୍ ଆଫଲାଟକ୍ସିନ ସୃଷ୍ଟି କରିବାର ଆଶଙ୍କା ବେଶି ରହୁଥିବାରୁ ତାକୁ ସାମାନ୍ୟ ପରିମାଣରେ ଗାଈ ଦାନାରେ ସିନା ବ୍ୟବହାର କରି ହେବ ମାତ୍ର କୁକୁଡା ଦାନାରେ କଦାପି ନୁହେଁ । ସନଫ୍ଲାୱାର କେକ୍‌ରେ ପ୍ରୋଟିନ ପରିମାଣ କମ୍ ରହିଲେ ମଧ୍ୟ ଉତ୍ପାଦନ ଖର୍ଚ୍ଚକୁ ଆଖି ଆଗରେ ରଖି ତା'ର ବ୍ୟବହାର ହୁ କରି ବଢିଗଲା । ଆମ ସମୟରେ ସୋୟାବିନ ଏକ୍ସଟ୍ରାସନର ବ୍ୟବହାର ଅତ୍ୟନ୍ତ ସୀମିତ ଥିଲା । କୁକୁଡା ଦାନାରେ ପ୍ରୋଟିନ ପାଇଁ ମାଛ/ଶୁଖୁଆଗୁଣ୍ଡ ଉପରେ ତଥା ଅନେକ ପ୍ରଦେଶରେ ମାଂସ ଗୁଣ୍ଡ ଉପରେ ନିର୍ଭର କରା ଯାଉଥିଲା । ମାତ୍ର ଜଣାଗଲା ଯେ କୁକୁଡାର ରୋଗ ଧରିବାର ମୁଖ୍ୟ କାରଣ ହେଉଛି ମାଛ ଓ ଶୁଖୁଆ ବା ମାଂସ । ତା ବ୍ୟତୀତ ଏଇଟି ବ୍ୟବହୃତ ହେଲେ ଅଣ୍ଡା ହେଉ ବା ମାଂସ ହେଉ ତା'ର ବାସନାରେ ସାମାନ୍ୟ ଫରକ ଆସୁଛି (ଆଇଁଷିଆ ବାସୁଛି) । ବାଟ ହୁଡିଲେ କେବଳ ନୂଆ ବାଟ ଖୋଜି ବାହାର କରାଯାଏ । ଦେଖା ଗଲା ସୋୟାବିନ ଏ ଦୃଷ୍ଟିରୁ ଅତ୍ୟନ୍ତ ଚମତ୍କାର । ପ୍ରୋଟିନ ଯଥେଷ୍ଟ । କୁକୁଡାକୁ କୌଣସି ରୋଗ ଏଥିରୁ ଆସିବାର ଆଶଙ୍କା ନାହିଁ । ସର୍ବୋପରି ମାଂସଟିର ସ୍ୱାଦ ବଢୁଛି । ବର୍ତ୍ତମାନ ଉତ୍ପାଦନରେ ସୋୟା ଯଥେଷ୍ଟ ବ୍ୟବହାର କରାଯାଇଛି ।

ସରକାରଙ୍କ ଚାଲୁଥିବା ପ୍ରୋଜେକ୍ଟଗୁଡିକ ଆମଠାରୁ ଦାନା ନେଲେ । ତା ସହିତ ସାଧାରଣ ଜନତା ମଧ୍ୟ ନିଜେ ରଖିଥିବା ଗାଈ ପାଇଁ ଆଉ କୁଣ୍ଡା ଚୁନି ଚୋକଡରେ ପରୀକ୍ଷା ନିରୀକ୍ଷା ନକରି ଆମଠାରୁ ସୁଷମ ଗାଈ ଦାନା ନେଲେ । ସେତେବେଳେ ପ୍ରତିଦ୍ୱନ୍ଦୀ ଥିଲେ ଓଡ଼ିଶା ଆଗ୍ରୋ ଓ ହିନ୍ଦୁସ୍ଥାନ ଲିଭର । ସେମାନେ କଲିକତାରେ ଦାନା ତିଆରି କରି ଆଣି ଓଡିଶାରେ ବିକୁଥିଲେ । ଆମର ଶତ ଚେଷ୍ଟା ସତ୍ତ୍ୱେ ଆମେ ସେମାନଙ୍କ ବ୍ରାଣ୍ଡର ଲୋକପ୍ରିୟତା ନିକଟରେ ହାର ମାନୁଥିଲୁ । ସାଧାରଣ ଖାଉଟି ସେମାନଙ୍କ ଦାନା ବିନା ପ୍ରଶ୍ନରେ ନେଇ ଯାଉଥିଲା । ଆମ ବେଳକୁ ଆକାଶ ଭାଙ୍ଗି ପଡୁଥିଲା ।

ଆମର ଅତ୍ୟନ୍ତ କ୍ଷୁଦ୍ର ସଂସ୍ଥାଟିଏ ହେଲେ ମଧ୍ୟ ଏ ବ୍ୟାପାରରେ କ'ଣ ଘଟୁଛି, କ'ଣ ଘଟିବାକୁ ଯାଉଛି, ଅନ୍ୟ ପ୍ରଦେଶରେ କିଏ ବଡ ଖେଳାଳୀ, ଏ ସବୁ ମୁଁ ଖବର ରଖେ ଏବଂ ଏହା ମୋର ପ୍ରକୃତି । ବିଭିନ୍ନ ସଂସ୍ଥାକୁ ଚିଠି ଲେଖି ସେମାନଙ୍କର ବିଭିନ୍ନ ଯୋଜନା ବୁଝିବାକୁ ଚେଷ୍ଟା କରେ । ଆମ ଲାଇନରେ ନୂଆ କଥା କ'ଣ ଆସିବ ତା'ର ସୁରାକ ପାଇବାକୁ ଚେଷ୍ଟା କରେ । ଏ ସବୁ ଲେଖିବାର କାରଣ ହେଉଛି, ଏହିପରି ଅନ୍ଧାରରେ ବାଡି ବୁଲାଇବା ଭିତରେ ଦିନେ

Digitized by PPRACHIN, SOA

ମୋର ମନେ ହେଲା ଯେ ମାର୍କେଟରେ ଜିତାପଟ ହାସଲ ପାଇଁ ଦାନା ପୁଷ୍ଟିକର ହେବା ଯେତିକି ଆବଶ୍ୟକ, ଭଲ ନାମକରା ବ୍ରାଣ୍ଡଟିଏ ମଧ୍ୟ ସେହିପରି ଦରକାର। ହିନ୍ଦୁସ୍ଥାନ ଲିଭରର ଦାନା ଯେ ଆମ ଦାନାଠାରୁ ଅଧିକ ପୁଷ୍ଟିକର ତା ନୁହେଁ, ମାତ୍ର ତା'ର ବ୍ରାଣ୍ଡ ଲୋକପ୍ରିୟତା ସହିତ ଆମେ ତାଳ ଦେବା କସ୍ମିନକାଳେ ସମ୍ଭବ ନୁହେଁ। ଏହା ବ୍ୟତୀତ ବ୍ୟାଙ୍କ ମନରେ ଆମ ଦକ୍ଷତା ଉପରେ ବିଶ୍ୱାସ ଆସିଲେ ଯାଇ ଅଧିକ ପଇସା ଦେବ। ଅଧିକ ପଇସା ମିଳିଲେ ଆମର ଦକ୍ଷତା ବଢ଼ି ଯାଇ ପାରିବ। ପୁଷ୍ଟିକର ଦାନା ଆଉ ଟିକେ କମ୍ ଦରରେ ଉତ୍ପାଦନ କରି ପାରିବୁ। ଏହାକୁ ନଜର ରଖି ମୁଁ ଟାଟା ଅଏଲ ମିଲ୍ ଯେ କି ଗାଈ ଦାନା କୁକୁଡା ଦାନା ତିଆରି କରୁଥିଲା, ତାକୁ ଯୋଗାଯୋଗ କରିବାକୁ ସ୍ଥିର କଲି। ବୁଝାବୁଝି କରି ଜାଣିଲି ଆମ୍ ଓଡିଆ ଡାକ୍ତର (ଭେଟନାରୀ) ଜଣେ ଟମକୋର ଦାନା ବିଭାଗର ମୁଖ୍ୟ। ଡ. ନଟବର ଶତପଥୀ। ମୁଁ ଚିଠି ଖଣ୍ଡିଏ ଲେଖି ତାଙ୍କୁ ଦେଖା କରିବା ପାଇଁ ଅନୁମତି ମାଗିଲି। ଖୁବ୍ ଶୀଘ୍ର ବମ୍ବେରେ ଟମକୋ ହେଡ କ୍ୱାଟର, ବମ୍ବେ ହାଉସରେ ତାଙ୍କୁ ଦେଖା କରିବା ପାଇଁ ଚିଠି ପାଇଲି। ଖୁସୀ ମନରେ ବମ୍ବେ ଚାଲିଲି। ଆଗରୁ ଡ.ଶତପଥୀଙ୍କ ସହ ମୋର ପରିଚୟ ନଥିଲା। ତାଙ୍କୁ କେବେବି ମୁହାଁମୁହିଁ ଦେଖି ନଥିଲି।

ଆଲୋଚନା ସମୟରେ ଚନ୍ଦ୍ର ତାଙ୍କୁ ଟମକୋ ଗାଈ କୁକୁଡା ଦାନାର ବ୍ରାଣ୍ଡ ନାମ (ଓ.କେ. ଓ ଚିକ୍ ପିକ୍) ତାଙ୍କୁ ବ୍ୟବହାର କରିବାକୁ ଅନୁମତି ମାଗିଲା। ବିକ୍ରି ଉପରେ ଆମେ ସାମାନ୍ୟ କିଛି କମିଶନ ତାଙ୍କୁ ଦେବୁ ବୋଲି ପ୍ରସ୍ତାବ ଦେଲି। ଚନ୍ଦ୍ର ଯାହା ଆଶାକରି ଯାଇଥିଲା ତାଠାରୁ ଅଯାଚିତ ଅଧିକ ପାଇଲା। ବ୍ରାଣ୍ଡ ନାମ ଆମେ ପାଇବୁ। କ୍ୱାଲିଟି କଣ୍ଟ୍ରୋଲ ପାଇଁ ସେମାନେ ତାଙ୍କ ଆଡୁ ଜଣେ ନ୍ୟୁଟ୍ରିଓନିଷ୍ଟ ଦେବେ। ଆଉ ବିକ୍ରିରେ, ବିଶେଷତଃ ଓଡିଶା ବାହାରେ ବିକ୍ରିରେ ସେ ସାହାଯ୍ୟ କରିବେ। ଯେହେତୁ ଟମକୋ ଭାରତର ବିଭିନ୍ନ ଅଞ୍ଚଳରେ ଦାନା ତିଆରି କରୁଥିଲା, ତା'ର ନିର୍ଦ୍ଦିଷ୍ଟ କିଛି କଞ୍ଚାମାଲ ଯୋଗାଣକାରୀ ଥିଲେ ଆଉ ଉଚ୍ଚମାନର କଞ୍ଚାମାଲ ସେମାନେ ସୁବିଧା ଦରରେ ବର୍ଷସାରା ଯୋଗାଉଥିଲେ। ଟମକୋ ଜରୀଆରେ ଏହି ଯୋଗାଣକାରୀଙ୍କ ସେବାର ସୁଯୋଗ ଆମେ ପାଇଗଲୁ।

ଏ ସମସ୍ତ ବିଷୟ ଦ୍ୱିପାକ୍ଷିକ କଥାବାର୍ତ୍ତା ଛଳରେ ତୁଟି ଯିବା ପରେ ଡ. ଶତପଥୀ ମୋତେ ନେଇ ତାଙ୍କ ବସ୍ ଶ୍ରୀ ଏନ୍. ପି. ସିଂହଙ୍କ ସହ ଦେଖା କରାଇଥିଲେ। ସେ ମାତ୍ର ମିନିଟ କୋଡୋଟି ଭିତରେ ଏ ପ୍ରସ୍ତାବକୁ ଅନୁମୋଦନ କଲେ। ଟମକୋ ସହିତ ଆମର ଏ ସହବନ୍ଧନ ବଜାରରେ ଆମର ସମ୍ମାନ ବଢାଇଦେଲା। ବ୍ୟାଙ୍କରୁ ଅଧିକ ପଇସା ପାଇବା ସହଜ ହେଲା। ବିକ୍ରି ସମୟରେ

Digitized by PPRACHIN, SOA

ଆଗରୁ ଯେଉଁ ଅପ୍ରିତିକର ପ୍ରଶ୍ନ ଗୁଡିକର ସମ୍ମୁଖୀନ୍ନ ହେଉଥିଲୁ ସେ ସବୁରୁ ରକ୍ଷା ମିଳିଲା । 'ଗାଁ କନିଆ ସିଂଘାଣୀନାକୀ' କେତେ ସତ ତାହା ଅନୁଭବ କଲି । ଟମକୋ ସହ ଚୁକ୍ତି ହେବାର ପୂର୍ବବର୍ତ୍ତି ସମୟ । ଗୋଟିଏ ଘଟଣା ଏଠାରେ ବର୍ଣ୍ଣନା କରିବି । ସେତେବେଳେ ଢେଙ୍କାନାଳରେ ଡଃ. ବି. ମିଶ୍ର ବୋଲି ଜଣେ ମହାଶୟ ପଞ୍ଜାବ ୟୁନିଭରସିଟିରୁ ଅବସର ନେଇ ଓଡିଶା ଫେରି ଆସି କୁକୁଡା ଫାର୍ମର ପ୍ରସାର ପାଇଁ ଲାଗି ଥାଆନ୍ତି ।

ଢେଙ୍କାନାଳ ସହର ଭିତରେ ପାହାଡ ତଳେ ହାଇଲାଇନ ବ୍ରିଡର ଗୋଟିଏ ଅଣ୍ଡା ଦିଆ କୁକୁଡାର ହାଚେରୀ ଓ ବ୍ରିଡିଙ୍ଗ ଫାର୍ମ କରି ଥାଆନ୍ତି । ଓଡିଶାରେ ପ୍ରଥମ । ନିଜେ ପୁଣି ପ୍ରଫେସର ଥିଲେ । ବିଭାଗୀୟ ସମସ୍ତ ସାହାଯ୍ୟ ତାଙ୍କୁ ମିଳିଲା । ଗୋଟାଏ ବଡ ଭ୍ୟାନରେ କୁକୁଡା ଛୁଆ, କୁକୁଡା ଦାନା ଧରି ଯେଉଁ କେତୋଟି ଫାର୍ମ ପାଖ ଆଖରେ ଥାଆନ୍ତି ଓ ହାଇଲାଇନ ଛୁଆ ରଖିଥାଆନ୍ତି ତାଙ୍କୁ ନେଇ ଯୋଗାଇ ଦିଅନ୍ତି । ବ୍ୟବସାୟ ତାଙ୍କର ଭଲ ଚାଲୁଥାଏ । ଚାଲିଥାଆନ୍ତା ମଧ୍ୟ । ଏହି ଭଲ ଚାଲିବା ସମୟରେ ସେ ଆଉ ଇନ୍ଦ୍ର ଚନ୍ଦ୍ରଙ୍କୁ ଖାତିର କରୁ ନଥାନ୍ତି । ଆମେ ସେତେବେଳେ କଟକରେ ଗ୍ରାଣ୍ଡ ସିନେମା ପାଖରେ ଗୋଟିଏ ଦୋକାନ (ସରସ) ଘର ଭଡା ନେଇ ଗାଈ ଦାନା ଓ କୁକୁଡା ଦାନା ବିକ୍ରି କରୁଥାଉ । ଦିନେ ପ୍ରାୟ ଦିନ ୧୧ଟା ପାଖାପାଖି ମୁଁ ଓ ରଣଜିତ୍ ଦୋକାନରେ ବସିଛୁ ଡଃ.ବି.ମିଶ୍ର ରିକ୍ସାଟିରେ ବସି ସେଇ ବାଟେ ଗଲେ । ଆମକୁ ଦେଖି ରିକ୍ସାଟିକୁ ଦୋକାନ ଦୁଆରେ କ୍ଷଣେ ଅଟକାଇ ସେଇ ରିକ୍ସାରେ ବସି ହସି ହସି ଆମକୁ ପଚାରିଲେ "କଣ ଚିନାବାଦାମ ଖାଇବା ପାଇଁ ପଇସା ଉଠୁଛିତ? ଏତକ କହି ସେ ଚାଲିଗଲେ । ଏ ପରିହାସ ଆମ ଦୁଇ ଜଣଙ୍କୁ ଅତ୍ୟନ୍ତ ବାଧିଲା । ରଣଜିତ କଥା କହି ପାରିବ ନାହିଁ । କାରଣ ସେ ଅତ୍ୟନ୍ତ ଥଣ୍ଡା ଓ ଧୀର ସ୍ଥିର । ମାତ୍ର ମୋ ଭିତରେ ଦୁଃଖ ଅଭିମାନ ଓ ରାଗ କୁହୁଳିଲା ।

ଏମ୍.ଏ. ପାଶ୍ କରି ସାରି ମିଳୁଥିବା ଚାକିରି ଛାଡି ଏ ଅନିଶ୍ଚିତ ପଥରେ ପାଦ ଦେଇଥିବାରୁ ଆମ ଗାଁର ମୋଠାରୁ ବୟସ୍କ ଏବଂ ଶୁଭାକାଂକ୍ଷୀ ମୋ ନିଷ୍ପତ୍ତିକୁ ନା ପସନ୍ଦ କରି ମଧ୍ୟ "କୁଳକ୍ଷୟ ବେଳକୁ ଘୋଡାମୁହାଁ ପୁଅ ଜନ୍ମ"ବୋଲି କହି ସମାଲୋଚନା କରୁଥିଲେ ।

ହଁ ଡଃ. ବି. ମିଶ୍ରଙ୍କ କଥା କହୁଥିଲି । ନିଜେ କୁକୁଡା ପ୍ରଜନନ କ୍ଷେତ୍ରରେ ଜଣେ ବିଶେଷଜ୍ଞ ହୋଇଥିବାରୁ ସେ ଆଉ ନିଜ ଫାର୍ମକୁ ନୂଆ ବ୍ରିଡିଙ୍ଗ ଷ୍ଟକ ନଆଣି ସେଇ ପୁରୁଣା ଷ୍ଟକକୁ ନେଇ ବିଭିନ୍ନ ପରୀକ୍ଷା ନିରୀକ୍ଷା କରି ଅଣ୍ଡାରୁ ଛୁଆ ଫୁଟାଇ ଚାଷୀକୁ ବିକିଲେ । ବ୍ରିଡିଙ୍ଗ ଷ୍ଟକ ତା'ର ନିର୍ଦ୍ଦିଷ୍ଟ ବୟସସୀମା ଭିତରେ ଯେଉଁ ଅଣ୍ଡା

Digitized by PPRACHIN, SOA

ଦେବ, ସେଇଥିରୁ କେବଳ ଭଲ ଛୁଆ ବାହାରିବ ଏବଂ ସେଇମାନେ ହିଁ ଚାଷୀଙ୍କୁ ବେଶୀ ପରିମାଣରେ ଅଣ୍ଡା ଦେବେ। ମାତ୍ର ସମୟ ସୀମା ପାରି ହୋଇଗଲା ପରେ ବୟସ୍କ ବ୍ରିଡିଙ୍ଗ ଷ୍ଟକର ଅଣ୍ଡାରୁ ଭଲ ଛୁଆ ବାହାରିବ ନାହିଁ। ଯାହା ବା ବାହାରିବ ସେଗୁଡ଼ିକ ଅଧିକାଂଶ ରୋଗଣା ହେବେ ଆଉ ଅଣ୍ଡା ପ୍ରାୟ ଦେବେ ନାହିଁ। ଡଃ. ବି. ମିଶ୍ର ବ୍ରିଡିଙ୍ଗ ଷ୍ଟକ ନ କିଣି ଯେଉଁ ଚାଲାକି କଲେ ସେଥିରେ ତାଙ୍କଠାରୁ ଦ୍ୱିତୀୟବାର ଛୁଆ ନେଇ ଚାଷୀମାନେ ହତାଶ ହୋଇଗଲେ। ଅନ୍ୟ କୌଣସି ଛୁଆ ଓଡ଼ିଶାରେ ମିଳୁ ନଥିଲା। ଫାର୍ମ ସବୁ ବନ୍ଦ ହୋଇଗଲା। ଡଃ. ବି.ମିଶ୍ର ଆପଣାର ସ୍ୱାର୍ଥପରତା ହେତୁ ନିଜେ ତ ବୁଡ଼ିଲେ ଓଡ଼ିଶାରେ କୁକୁଡ଼ା ଚାଷକୁ ଦଶ ବର୍ଷ ପଛକୁ ପେଲି ଦେଇଗଲେ। ଶେଷ ଜୀବନ ସେ ପୁରୀରେ କେଉଁ ମଠରେ କଟାଇଲେ ବୋଲି ଆମେ ଶୁଣିଲୁ।

Digitized by PPRACHIN, SOA

ବ୍ରିଡିଂ ଫାର୍ମ

ଯେତେ ଯାହା କଲେ ବି ବ୍ୟବସାୟ ଆଶାନୁରୂପ ବଢ଼ିଲା ନାହିଁ । ତା'ର ମୁଖ୍ୟ କାରଣ ହେଉଛି ଗ୍ରାହକର ମାନସିକ ବିରୋଧ । ଯେଉଁମାନେ ମଇଁଷି ରଖି କ୍ଷୀର ବ୍ୟବସାୟ କରୁଛନ୍ତି, କେବଳ ଭୁବନେଶ୍ୱର ନୁହେଁ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ, ସେମାନଙ୍କ ମଧ୍ୟରୁ ଅଧିକାଂଶ ବିହାରି । ସେମାନେ କୌଣସି ଅବସ୍ଥାରେ ମଧ୍ୟ ପାରମ୍ପାରିକ ଦାନା ଛାଡ଼ି ସୁଷମ ଦାନା ବ୍ୟବହାର କରିବାକୁ ରାଜି ନୁହନ୍ତି । ଅନ୍ୟ ଘରୋଇ ଗ୍ରାହକ ଯେଉଁମାନେ ଗାଈ ରଖିଛନ୍ତି ସେମାନେ ସାଧାରଣତଃ ଆପଣା ନିଜ ଘରର ଦୁଧ ଆବଶ୍ୟକତା ପୂରଣ ପାଇଁ ଗାଈଟିଏ ପୋଷିଛନ୍ତି । ଦାନାରେ ଗୋଟାଏ ଆଖିଦୃଶିଆ ପରିମାଣ ପ୍ରତିମାସରେ ଖର୍ଚ୍ଚ କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ । ତାପରେ ଛଡା, ବାଛୁରୀ ଆଉ ବଳଦ ଏମାନଙ୍କ ପାଇଁ ଯେ ସୁଷମ ଦାନା ମଧ୍ୟ ଅତ୍ୟନ୍ତ ଆବଶ୍ୟକ ତାହା ଆମ ଲୋକେ ବୁଝନ୍ତି ନାହିଁ । ଏ ତ ଗଲା ଗୋ ଖାଦ୍ୟର କଥା । କୁକୁଡ଼ା କଥା ନକହିଲେ ଭଲ । ଅଣ୍ଡା ଉତ୍ପାଦନ ପାଇଁ କୁକଡା ଫାର୍ମ ପ୍ରାୟ ଓଡିଶାରେ ନଥିଲା । ଯେଉଁ କେତୋଟି ଥିଲା ତାହା ସବୁ ସରକାରଙ୍କ ବିଭିନ୍ନ ପ୍ରୋଜେକ୍ଟ ଅଧୀନରେ । ସେମାନଙ୍କ କଥା ପରେ । ଓଡିଶାର ଯାହା କିଛି ଅଣ୍ଡା ଦରକାର ହେଉଥିଲା ପ୍ରତିଦିନ ତାହା ଆନ୍ଧ୍ରରୁ ଆଉ କିଛି ରାୟପୁର ଅଞ୍ଚଳରୁ ଆସୁଥିଲା ।

ବ୍ରଏଲର କୁକୁଡ଼ା କଥା ନକହିବା ଭଲ । ଆଜି ଘରେ ଘରେ ଯେଉଁ ବ୍ରଏଲର ଲୋକପ୍ରିୟ ହୋଇଛି, ଛେଳି ମାଂସ ତୁଳନାରେ ଅତ୍ୟନ୍ତ ଶସ୍ତାରେ ମିଳୁଛି । ୧୯୮୦ ଦଶକରେ ତା'ର ନାମ ମାତ୍ର ଓଡିଶାରେ କେହି ଶୁଣି ନଥିଲେ । କୁକୁଡ଼ା ଫାର୍ମ ମାଧ୍ୟମରେ କିଛି ସାଧାରଣ ଲୋକଙ୍କ ଦୈନିକ କାମ ଓ ରୋଜଗାର ଯୋଗାଇ ହେବ, ସେକଥା ଆମ ସରକାର ବୁଝୁ ନ ଥିଲେ । ଓଡିଶାରେ କୁକୁଡ଼ା ପାଳନ ନେଇ ଚିନ୍ତା ତଥା ଚେତନା ଯେତେବେଳେ ଏପରି, ସେତିକିବେଳେ ମୁଁ ବ୍ରଏଲର ବ୍ରିଡିଙ୍ଗ ଫାର୍ମ ଓ ହାଚେରୀ ଓଡିଶାରେ କରିବାର ସ୍ୱପ୍ନ ଦେଖିଲି । ଅଣ୍ଡା ଦିଆ କୁକୁଡ଼ାକୁ ନ ଯାଇ ବ୍ରଏଲରରେ ହଠାତ୍ କାହିଁକି ପଶିଲି ତା'ର କାରଣ ଏକାନ୍ତ ଅର୍ଥ ନୈତିକ । ସେ ସବୁ ପରେ କହିବି ।

ଆମର ଦାନା ବ୍ୟବସାୟ ଟମକୋର ସାହାଯ୍ୟରେ ଆଶାନୁରୁପ ନବଢିଲେ ମଧ୍ୟ ଯେଉଁ ପରିମାଣରେ ବଢ଼ିଲା ତାହା ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କଲା ।

Digitized by PPRACHIN, SOA

ଯେହେତୁ ଏହାର ଉତ୍ପାଦନ ପ୍ରଣାଳୀ କିଛିଟା ସହଜ ଆଉ ସରକାରୀ ସ୍ତରରେ ଭଲ ପରିମାଣରେ ବିକ୍ରି ସମ୍ଭବ, ଏହାକୁ ଆଖିରେ ରଖି ଅନେକ ଓଡିଆ ଯୁବକ ଗୋଖାଦ୍ୟ କୁକୁଡା ଖାଦ୍ୟ କରିବାକୁ ବାହାରିପଡିଲେ। ଓଡିଶା ରାଜ୍ୟ ଅର୍ଥ ନିଗମ ମଧ୍ୟ ଋଣ ଦେବା ବେଳେ ବଜାରର ଚାହିଦା ବିଚାର କଲା ନାହିଁ। ଆମେ ୟୁନିଟଟି ବସାଇବାର ୫/୬ ବର୍ଷ ଭିତରେ ଓଡିଶାରେ ୧୨ଟି ସଂସ୍ଥା ଏହି ଦାନା ତିଆରି ଉଦ୍ଦେଶ୍ୟରେ ମୁଣ୍ଡ ଟେକିଲା। ପରିଣାମରେ ଯାହା ହେବା କଥା ତାହାହିଁ ହେଲା। ତା ଭିତରୁ ଅନେକ ସଂସ୍ଥା ମାତ୍ର ମାସ କେତୋଟି ପରେ ତାଲା ପକାଇବାକୁ ବାଧ୍ୟ ହେଲେ।

ଏହି ସବୁ ପରିସ୍ଥିତିକୁ ବିଚାର କରି ବ୍ରଏଲର ହାଚେରୀ ଓ ବ୍ରିଡିଙ୍ଗ ଫାର୍ମଟିଏ କରିବାକୁ ୧୯୭୮/୭୯ ମସିହାରେ ଚେଷ୍ଟା ଆରମ୍ଭ କଲି। ଏ ବ୍ୟାପାରରେ କିଛିଟା ପ୍ରୋତ୍ସାହନ ତଥା ତଥ୍ୟ ଡଃ.ଜେ.ଏନ୍.ପଣ୍ଡାଙ୍କ ଠାରୁ ମିଳି ପାରିଲା। ସେ ଭଦ୍ରଲୋକ ସେତେବେଳେ ଜଏଣ୍ଟ କମିଶନର (ପୋଲଟ୍ରି) ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଥାଆନ୍ତି। ହଠାତ୍ ଦିନେ ସକାଳୁ ସକାଳୁ ଆସି ଆମର ଝାରପଡା ଜେଲ ନିକଟରେ ଥିବା ଦାନା କାରଖାନାଠାରେ ପହଞ୍ଚିଲେ। ସାଙ୍ଗରେ ଆଉ ଜଣେ ଭଦ୍ରଲୋକ ଥିଲେ ଗ୍ରୁପ କ୍ୟାପ୍‌ଟେନ ଓକ୍। ସେଇଟି ମୋର ଡଃ. ପଣ୍ଡାଙ୍କ ସହ ପ୍ରଥମ ସାକ୍ଷାତ ଓ ପରିଚୟ। କିଛି ସମୟ କଥାବାର୍ତ୍ତା କରିବା ପରେ ଓଡିଶାରେ ବ୍ରଏଲରର ଭବିଷ୍ୟତ ନେଇ ସେ ଏକ ଉଜ୍ଜଳ ଚିତ୍ର ଦେଲେ। ମୋର ମଧ୍ୟ ତାଙ୍କର କଥା ଯୁକ୍ତିଯୁକ୍ତ ମନେ ହେଲା। ମନେମନେ ସେ ଦିଗରେ ପାଦ ଦେବାକୁ ସେଇଠି ହିଁ ନିଷ୍ପତ୍ତି ନେଲି। ଗ୍ରୁପ କ୍ୟାପଟେନ ଓକ ହେଉଛନ୍ତି ବ୍ରଏଲର ବ୍ରିଡ 'ପୁନା ପର୍ଲର' ପରିଚାଳନା ନିର୍ଦ୍ଦେଶକ। ହେଡ କ୍ୱାଟର ଓ ଫାର୍ମ ତାଙ୍କର ପୁନାରେ। ମୋତେ ପୁନା ଯିବା ପାଇଁ ନିମନ୍ତ୍ରଣ କଲେ। ଏଥିରେ ଅଧିକ ଅଗ୍ରଗତି କରିବା ପୂର୍ବରୁ ଥରେ ଯାଇ ସବୁ ଦେଖି ଆସିବା ଉଚିତ୍ ବୋଲି ମୋର ହୃଦବୋଧ ହେଲା। ପୁନା ଯାଇ ଫାର୍ମ, ହାଚେରୀ ବୁଲିଲି। ଏ ବେପାରର ଭବିଷ୍ୟତ ଓଡିଶାରେ ଅତ୍ୟନ୍ତ ଉଜ୍ଜଳ ବୋଲି ମୋର ହୃଦବୋଧ ହେଲା। ଓଡିଶା ଫେରିଆସି ଏ ଅନୁଷ୍ଠାନଟି ପ୍ରତିଷ୍ଠା କରିବାକୁ ଲାଗି ପଡିଲି। ଖଣ୍ଡଗିରିଠାରୁ ୩ କିଲୋମିଟର ଦୂରରେ ଜାତୀୟ ରାଜପଥ-୫ କରରେ ୩.୫ ଏକର ଯାଗା କିଣିଲି। ଏତିକି ଯାଗାରେ ବ୍ରିଡିଙ୍ଗ ଫାର୍ମ ଓ ହାଚେରୀ କରିବା ସମ୍ଭବ ନୁହେଁ ବୋଲି ଧାରଣା ନଥିଲା।

ପ୍ରୋଜେକ୍ଟ ରିପୋର୍ଟଟିଏ ତିଆରି ହେଲା। ସେଇଟିକୁ ଧରି ବ୍ୟାଙ୍କରୁ ବ୍ୟାଙ୍କ ବୁଲିଲି। କୌଣସି ବ୍ୟାଙ୍କରୁ ଉତ୍ସାହଜନକ କିଛି ପ୍ରତିକ୍ରିଆ ପାଇଲି ନାହିଁ। ବ୍ୟାଙ୍କ ଅଫ୍ ଇଣ୍ଡିଆର ମ୍ୟାନେଜରଙ୍କ ସହ କିଛିଟା ପରିଚୟ ଥିଲା କାରଣ ସେହି ବ୍ୟାଙ୍କରୁ

Digitized by PPRACHIN, SOA

ଦାନା ୟୁନିଟ ପାଇଁ ସି.ସି. ନେଇଥିଲୁ। ତା ବ୍ୟତୀତ ମୋର କେତେଜଣ ବନ୍ଧୁ ସେହି ବ୍ୟାଙ୍କରେ ଅଫିସର ଥିଲେ। ପ୍ରୋଜେକ୍ଟ ରିପୋର୍ଟ ଦେଖିବା ପରେ ବ୍ୟାଙ୍କ ଗୋଟିଏ ଚିଠି ଓଡିଶାର ଭେଟେନାରୀ ଡାଇରେକ୍ଟରଙ୍କଠାରୁ ଆଣିବାକୁ ପରାମର୍ଶ ଦେଲେ। ଓଡିଶାରେ ଏ ପ୍ରକାର ଗୋଟିଏ ୟୁନିଟର ଆବଶ୍ୟକତା ଅଛି ଏହା ଭେଟେନାରୀ ଡାଇରେକ୍ଟର ତାଙ୍କ ସୁପାରିଶରେ ଲେଖିବା ଦରକାର।

ଓଡିଶାରେ ଯେ ଏ ପ୍ରକାର ୟୁନିଟର ନିହାତି ଆବଶ୍ୟକତା ରହିଛି ତାହା ଅନ୍ଧ ମଧ କହିବ। ମାତ୍ର ଡେପୁଟି ଡାଇରେକ୍ଟର ପୋଲଟ୍ରି ପଦରେ ଯେଉଁ ଭଦ୍ରଲୋକ ଥିଲେ ତାଙ୍କର ମତାମତ ହେଲା ଭିନ୍ନ। ଏପରି ଏକ ସଂସ୍ଥା ଓଡିଶାରେ ଚାଲିବ ନାହିଁ। ଦେଶୀ କୁକୁଡା ଆଗରେ ବ୍ରଏଲର କୁକୁଡା ଟେକି ପାରିବ ନାହିଁ। ଛୁଆ ଏଠାରେ ବିକ୍ରି ହୋଇ ପାରିବ ନାହିଁ! ଆନ୍ଧ୍ରରେ ଚିଆଁ ମିଳୁଥିଲେ ମଧ ଏଠାରେ କେହି ଫାର୍ମ କରିବାକୁ ଆଗଭର ହେଉ ନାହାନ୍ତି। ଶେଷରେ ଆପଣଙ୍କର ଏ କୁକୁଡା ବ୍ୟାପାରରେ କି ଜ୍ଞାନ ଅଛି ଯେ ଆପଣ ଏଥିରେ ମାତୁଛନ୍ତି। ମୋର ନିବେଦନ ପତ୍ରରେ ଲେଖି ଦେଲେ ଯେ ଏପରି ଏକ ୟୁନିଟ ଓଡିଶାରେ ବର୍ତ୍ତମାନ ପରିପ୍ରେକ୍ଷୀରେ ଆବଶ୍ୟକ ନାହିଁ। ମୋର ଦୁଃଖ ହେଲା, ରାଗ ହେଲା, ଜିଦ୍ ମଧ ବଢିଲା। ସେଇ କାଗଜ ଖଣ୍ଡିକ ଧରି ଡାଇରେକ୍ଟରଙ୍କୁ ଦେଖା କରିବାକୁ ଗଲି। ଡାଇରେକ୍ଟର ସେତେବେଳେ ଥିଲେ ଜଣେ ଆଇ.ଏସ୍. ଅଫିସର ଶ୍ରୀ ମଦନ ମୋହନ ମହାନ୍ତି। ଦେଖା କଲି। ସମସ୍ତ ବିଷୟ ବଖାଣିଲି। ମୋ ବିଦ୍ୟାବୁଦ୍ଧିରେ ବ୍ରଏଲର ଫାର୍ମିଙ୍ଗ ଉପରେ ସେଇ କେତେ ମାସ ଭିତରେ ଯେଉଁ ତଥ୍ୟ ସବୁ ଆୟତ କରିଥିଲି, ଅତ୍ୟନ୍ତ ଆଗ୍ରହର ସହିତ ସେ ଶୁଣିଲେ। ଡେପୁଟି ଡାଇରେକ୍ଟରଙ୍କ ବିରୋଧ ମନ୍ତବ୍ୟ ଥିବା ମୋର ଦରଖାସ୍ତ କାଗଜଟି ତାଙ୍କ ହାତକୁ ଦେଲି। ଅତ୍ୟନ୍ତ ଦୁଃଖୀତ ହେଲେ। ଏଇ ପରି ଅଫିସରମାନଙ୍କ ପାଇଁ ଆମେ ଆଜି ଅନ୍ୟ ରାଜ୍ୟର ହାତ ଟେକାକୁ ଅନାଇ ବସିଛୁ ବୋଲି ମନ୍ତବ୍ୟ ଦେଲେ। ଷ୍ଟେନୋକୁ ଡାକି ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଏକ ଅତ୍ୟନ୍ତ ଉତ୍ସାହପୂର୍ଣ୍ଣ ସୁପାରିଶ ଲେଖିଦେଲେ। ମୁଁ ଖୁସୀ ହୋଇ ଫେରିଲି। ଆଉ ଭବିଷ୍ୟତରେ ମୋର ତାଙ୍କଠାରୁ ସାହାଯ୍ୟ ଦରକାର ହୋଇ ନାହିଁ। ମାତ୍ର ମୋ ଫାର୍ମକୁ ସେ ଥରେ ସେଇ ବାଟରେ ଟୁର୍‌ରେ ଯିବା ବେଳେ ବୁଲି ଦେଖିଛନ୍ତି ଓ ଦରକାର ବେଳେ ଡ୍ରାଇଭରକୁ ପଠାଇ ଆମର ବିକ୍ରି କେନ୍ଦ୍ରରୁ କୁକୁଡା ଓ ଅଣ୍ଡା କିଣି ନେଇଛନ୍ତି।

ସୁପାରିଶ ପତ୍ର ପାଇ ପୁଣି ବ୍ୟାଙ୍କ ପିଛା ଲାଗିଲି। ବାରମ୍ବାର ଦୌଡିବା ସତ୍ତ୍ୱେ ମଧ ବ୍ୟାଙ୍କରୁ ଋଣ ପାଇବାରେ କିଛିମାତ୍ର ଅଗ୍ରଗତି ଘଟିଲା ନାହିଁ। ସେହି ପୁରୁଣା ଚାଲାକି। ବିଭିନ୍ନ ପ୍ରଶ୍ନ ପଚାରି ଟାଳଟୁଳ ନୀତି। ଅତ୍ୟନ୍ତ ବିବ୍ରତ ବୋଧ କଲି।

Digitized by PPRACHIN, SOA

ଶେଷରେ ବ୍ୟାଙ୍କ ଦୁଇଟି ମୁଖ୍ୟ ପ୍ରଶ୍ନ ଉଠାଇଲା । 'ପୁନା ପର୍ଲ' ପରି ବ୍ରିଡର ଫ୍ରାନଚାଇଜ ନେଲେ ସେମାନେ ଫାଇନାସ ଦେବେ ନାହିଁ । କାରଣ ଏ ବ୍ରିଡର ମାର୍କେଟ ରେପୁଟେସନ ସେତେ ଭଲ ନୁହେଁ । 'ଭେନକବ ବ୍ରିଡ' ନେଲେ ସେମାନେ ଫାଇନାସ ଦେବେ । ତାପ୍‌ରେ ଜମି-ନେଇଥିବା ୩.୫ ଏକର ଜମି ଏପରି ପ୍ରୋଜେକ୍ଟ ପାଇଁ ଯଥେଷ୍ଟ ନୁହେଁ । ଅତି କମ୍‌ରେ ୧୫ ଏକର ଜମି ନହେଲେ ସେମାନେ ଋଣ ଦେବା ସମ୍ଭବ ନୁହେଁ । କାରଣ ଖୁବ୍ ଶୀଘ୍ର ଏହାର ସଂପ୍ରସାରଣ ଦରକାର ହେବ ଏବଂ ସେଥିପାଇଁ ପ୍ରଥମରୁ ଜମିଥିବା ଦରକାର ।

ଏ ଦୁଇଟି ଅଲଂଘ୍ୟ ପ୍ରାଚୀର । ଅନ୍ତତଃ ମୋ ବଳ କୌଶଳର ବାହାରେ । ଅନ୍ୟର ସାହାଯ୍ୟ ପାଇଲେ ଏହାକୁ ଡେଇଁ ଯାଇ ପାରିବି ସିନା ନଚେତ୍ ନୁହେଁ । ସେତେବେଳକୁ ଓଡିଶାରେ ଶିଳ୍ପକୁ ପ୍ରୋତ୍ସାହନ ଦେବାର ବାତାବରଣ ସୃଷ୍ଟି ହେଲାଣି । ମୁଁ ସିଧା ସଳଖ ଯାଇ ସେତେବେଳେ ଥିବା ମୁଖ୍ୟ ଶାସନ ସଚିବ ଏସ୍.ଏମ୍. ପଟ୍ଟନାୟକଙ୍କୁ ଦେଖାକଲି । ସେଇ ମାତ୍ର ଇଡ୍‌କୋ ସଂସ୍ଥା ଜନ୍ମ ନେଇଥାଏ । ଅଫିସ ଘରଟି ଯାହା ନିଆ ଯାଇଥାଏ । ଷ୍ଟାଫ ନିଯୁକ୍ତ ହେଉଥାଆନ୍ତି । ମୋର ୧୫ ଏକର ଜମି ପାଇଁ ମୁଖ୍ୟ ଶାସନ ସଚିବ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବିନୋଦ ଝାଙ୍କୁ ମୋ ପାଇଁ ସୁପାରିଶ କଲେ ଏବଂ ଋଣ ଦେବାପାଇଁ ଡେରି ହେଉଥିବାରୁ ବ୍ୟାଙ୍କର ଚେୟାରମ୍ୟାନ ଶ୍ରୀ ଏନ୍.ଭାଗୁଲଙ୍କୁ ଗୋଟିଏ ଚିଠି ମଧ୍ୟ ଲେଖିଲେ । ମୁଁ ଶ୍ରୀ ବିନୋଦ ଝା, ଆଇ.ଏସ୍.ଙ୍କୁ ଭେଟିଲି । ଅତ୍ୟନ୍ତ ଚମତ୍କାର ଅଫିସର । ମୁଁ ପାତ୍ରପଡା ପାଖରେ ଜାତୀୟ ରାଜପଥ-୫ କଡରେ ଖାଲି ପଡିଥିବା ଜମିରୁ ୧୫ ଏକର ପାଇଁ ଚିହ୍ନଟ କଲି ।

ସେ ସମସ୍ତ ଜମି ରେଭିନିୟୁ ରେକର୍ଡ ଅନୁସାରେ ସରକାରଙ୍କର । ବର୍ତ୍ତମାନ ଇଡକୋ ପାଇଁ ପ୍ରଣୀତ ହୋଇଥିବା ନିୟମ ଓ ପଦ୍ଧତି ଅନୁଯାୟୀ ଜମି ପ୍ରଥମେ ଇଡକୋ ସରକାରଙ୍କଠାରୁ ଲିଜ୍ ନେବ ଓ ତାପରେ ଶିଳ୍ପ ପ୍ରତିଷ୍ଠା ପାଇଁ ୯୦ ବର୍ଷ ପାଇଁ ଲିଜ ଦେବ । ମୁଁ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଝାଙ୍କ ସହ ନିୟମିତ ଯୋଗାଯୋଗ ରଖିଥାଏ । ସେ ସାହାଯ୍ୟ କରିବାକୁ ଚେଷ୍ଟା କରିବା ସତ୍ତ୍ୱେ କାମ ସେପରି ଅଗ୍ରଗତି କରି ପାରୁ ନଥାଏ । ତା'ର କାରଣ ସେ ପର୍ଯ୍ୟନ୍ତ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତ ହୋଇ ନଥାନ୍ତି । ସେ ଯାହା ହେଉ ଖୁବ୍ ଶୀଘ୍ର ଲ୍ୟାଣ୍ଡ ଅଫିସର ଭାବେ ଶ୍ରୀ ଅଜୟ ପଟ୍ଟନାୟକ ନାମରେ ଜଣେ ଓ.ଏ.ଏସ୍. ଅଫିସର ନିଯୁକ୍ତି ପାଇଲେ । ମୁଁ ଯେଉଁ ଯାଗା ମୋ ପାଇଁ ଚିହ୍ନଟ କରିଥିଲି ରେକର୍ଡରୁ ଦେଖାଗଲା ଯେ ସରକାରଙ୍କର ସେଠାରେ ୧୦୦ ଏକରରୁ ଉର୍ଦ୍ଧ୍ୱ ଅନାବାଦୀ ଜମି ଅଛି । ଇଡକୋ ସେ ସମସ୍ତ ଜମି ନିଜ ନାମରେ ନେବାକୁ ଆଗ୍ରହୀ ହେଲା । ଏଥିପାଇଁ

Digitized by PPRACHIN, SOA

ପୁରୀ ଜିଲ୍ଲାପାଳଙ୍କ ପାଖକୁ ଇଡକୋ ଲିଜ ପାଇବା ପାଇଁ ଦରଖାସ୍ତ କଲା। ଇଡକୋ ଜମି ପାଇଲେ ଯାଇ ମୁଁ ପାଇବି। ତେଣୁ ଲ୍ୟାଣ୍ଡ ଅଫିସରଙ୍କୁ ମୋଟର ସାଇକେଲ (ସେତେବେଳେ ମୋ ପାଖରେ ଗାଡି ନ ଥିଲା)ରେ ବସାଇ ଯାବତୀୟ ଆନୁସଙ୍ଗିକ କାମ ତଥା ପୁରୀ ଜିଲ୍ଲାପାଳଙ୍କ ଅଫିସକୁ ଦୌଡିବା ପର୍ଯ୍ୟନ୍ତ ମୁଁ କରୁଥାଏ। ବାହାରୁ ଯେ ଦେଖିବ ମନେକରିବ ମୁଁ ଯେପରି ଇଡକୋ କର୍ମଚାରୀ।

ଏ ପଟେ ବ୍ୟାଙ୍କ ଅଫ୍ ଇଣ୍ଡିଆର ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅସହଯୋଗ ସତ୍ତ୍ୱେ ଚିଫ୍ ସେକ୍ରେଟାରୀଙ୍କ ଚିଠିକୁ ଭିତ୍ତି କରି ଚେୟାରମ୍ୟାନଙ୍କ ହସ୍ତକ୍ଷେପ ଫଳରେ ମାତ୍ର ୧୫ ଦିନ ଭିତରେ ଋଣ ମିଳିଗଲା। ତା ପୂର୍ବରୁ ମୁଁ ଭେଙ୍କେଟେଶ୍ୱର ହାଚେରୀର ଫ୍ରାନଚାଇଜ ବ୍ୟାଙ୍କର ସର୍ତ୍ତ ଅନୁଯାୟୀ ଯୋଗାଡ କରି ସାରିଥିଲି।

ଯାହାହେଉ ଇଡକୋ ପରିଚାଳନା ନିର୍ଦ୍ଦେଶକଙ୍କର ବ୍ୟକ୍ତିଗତ ଚେଷ୍ଟା ତଥା ଲ୍ୟାଣ୍ଡ ଅଫିସରଙ୍କ ନିସର୍ତ୍ତ ସହଯୋଗ ଫଳରେ ଜମି ଇଡକୋ ନାମରେ ଲିଜ ପାଇଁ ପୁରୀ ଜିଲ୍ଲାପାଳଙ୍କ ଅଫିସରେ ସବୁ ନିଷ୍ପତ୍ତି ହୋଇଗଲା। ମାତ୍ର କାଗଜ ପତ୍ର ହେବାକୁ ସମୟ ଲାଗିବ। ଆଉ ସେ ସମସ୍ତ କାଗଜ ପତ୍ରକୁ ଅପେକ୍ଷା କଲେ, ସରକାରୀ କାମ ଯେଉଁ ଗତିରେ ଚାଲେ ସେଥିରେ ମୋର ପ୍ରୋଜେକ୍ଟ ଯେ ୬ ମାସରୁ ବେଶି ବିଳମ୍ବ ହୋଇଯିବ ତାହା ମୁଁ ବୁଝି ପାରିଲି।

ଶ୍ରୀଯୁକ୍ତ ଝା ବର୍ତ୍ତମାନ ଗୋଟିଏ ବାଟ ବାହାର କଲେ। ସେ ବ୍ୟାଙ୍କକୁ ଲିଖିତ ପ୍ରତିଶ୍ରୁତି ଦେଲେ ଯେ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଭିତରେ କଳିଙ୍ଗ ହାଚେରୀ (ମୋର ପ୍ରସ୍ତାବିତ ସଂସ୍ଥା) ନାମରେ ୧୫ ଏକର ଜମିର ସମସ୍ତ କାଗଜ ପତ୍ର ପ୍ରସ୍ତୁତ ହୋଇଯିବ ଓ ଇଡକୋ ସିଧାସଳଖ ସେ ଜମିର କାଗଜ ପତ୍ର ବ୍ୟାଙ୍କକୁ ପଠାଇ ଦେବ। ଯେଉଁଠି ଏ ଜମି ସେମାନେ ଦେଇଥିବା ଋଣ ପ୍ରତି ବଦଳରେ ବନ୍ଧା ରହିବ। ବର୍ତ୍ତମାନ ବ୍ୟାଙ୍କ ଅଫ୍ ଇଣ୍ଡିଆ ସ୍ଥାନୀୟ କର୍ତ୍ତୃପକ୍ଷ ରାଗ ଶୁଝାଇଲେ। ତାଙ୍କୁ ଆଡେଇ ଦେଇ ମୋର ଋଣ ଯେହେତୁ ହେଡ ଅଫିସରୁ ଅନୁମୋଦିତ ହୋଇଥିଲା ଏବଂ ସେତେବେଳକୁ ଚେୟାରମ୍ୟାନ ବଦଳି ହୋଇ ଗଲେଣି। ସେମାନେ ଡକୁମେଣ୍ଟେସନ କରି ଋଣ ବିତରଣ କରିବାକୁ ବିଭିନ୍ନ ଆଳ ଦେଖାଇ ମୋତେ ଧ୍ୟାନ ଦେଲେ ନାହିଁ।

ଭାଗ୍ୟକୁ ସେହି ସମୟରେ ମୋର କଲେଜ ସମୟର ବନ୍ଧୁ ଅମୃତ ନାଥ ମହାନ୍ତି ୟୁକୋ ବ୍ୟାଙ୍କର ମ୍ୟାନେଜର ହୋଇ ଆସିଲେ। ତାଙ୍କୁ ସମସ୍ତ ବିଷୟ ତଥା ଇଡକୋର ଚିଠି ତଥା ମଦନ ମହାନ୍ତିଙ୍କ ଚିଠି ଦେଖାଇବା ପରେ, ସେ ଲାଗି ପଡି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଧରି ଅତ୍ୟନ୍ତ ସ୍ୱଳ୍ପ ସମୟ ଭିତରେ ଋଣ ଅନୁମୋଦନ, ଡକୁମେଣ୍ଟେସନ ଓ ବିତରଣ ମଧ୍ୟ କରାଇ ପାରିଲା। ସେ ବ୍ୟକ୍ତିଗତ ଭାବରେ

Digitized by PPRACHIN, SOA

ଆଗ୍ରହ ଦେଖାଇ ଏତକ ନକରିଥିଲେ ମୋର ପ୍ରୋଜେକ୍ଟଟି ଆରମ୍ଭ ହୋଇ ପାରିଥାଆନ୍ତା କି ନାହିଁ ସନ୍ଦେହ। ଆଉ ଜଣେ ଅଫିସର ୟୁକୋ ବ୍ୟାଙ୍କର ଶ୍ରୀ ପ୍ରୀତିଶ ବାସାଙ୍କ ସାହାଯ୍ୟ ମଧ୍ୟ ମୁଁ ଭୁଲି ପାରିବି ନାହିଁ। ପ୍ରଥମ ଅବସ୍ଥାରେ ସେ ଦୁଇଜଣ ଅଫିସର ଯାହା ସାହାଯ୍ୟ କରିଛନ୍ତି, ତାହା ପ୍ରକୃତରେ ଭୁଲି ହେବାର ନୁହେଁ। ଆଜି ଏତେ ବର୍ଷ ପରେ ସେ କଥା ମନେ ପକାଇ ମୋର ଏଇ ଲେଖା ମାଧ୍ୟମରେ ମୋର ସେ ଦୁଇ ବନ୍ଧୁଙ୍କ ପାଖରେ ମୋର କୃତଜ୍ଞତା ଜଣାଉଛି। ଏହା ହେଉଛି ୧୯୮୦/୮୧ର କଥା। ଋଣ ସମସ୍ୟା ତୁଟିଲା। ଜମି ସମସ୍ୟା ତୁଟିଲା। ଋଣ ସମସ୍ୟା ତୁଟିବା ପୂର୍ବରୁ ଯେଉଁ ଦୁଇଟି ସର୍ତ୍ତ ଥିଲା, ସେଥିରୁ ଗୋଟିଏ ହେଉଛି ଜମି ଆଉ ଗୋଟିଏ ହେଉଛି ଭେଙ୍କେଟେଶ୍ୱର ହାଚେରୀର ଫ୍ରାନଚାଇଜ।

ବର୍ତ୍ତମାନ ଭେଙ୍କେଟେଶ୍ୱର ହାଚେରୀର ଫ୍ରାନଚାଇଜ କଥା କହୁଛି। ମୋର ନିଜର ସେତେବେଳକୁ ବ୍ରଏଲର ବ୍ରିଡ, ପ୍ୟାରେଣ୍ଟ ଷ୍ଟକ ଏ ସବୁ ନେଇ ଜ୍ଞାନ ଅତ୍ୟନ୍ତ ସୀମିତ। ଖୁବ୍ ଶୀଘ୍ର ଏ ସବୁ ବିଷୟରେ ଆବଶ୍ୟକୀୟ ତଥ୍ୟ ମୁଁ ସଂଗ୍ରହ କରିବାରେ ଲାଗିଥାଏ। ଭେଙ୍କେଟେଶ୍ୱର ହାଚେରୀର ଫ୍ରାନଚାଇଜ ମିଳିଲେ ଫାଇନାସ କରିବେ ବୋଲି ସର୍ତ୍ତ ରହିଥିଲା, ତାହା ବ୍ୟାଙ୍କ ଅଫ୍ ଇଣ୍ଡିଆ ହିଁ ରଖିଥିଲା। ମୋର ପ୍ରୋଜେକ୍ଟ ଡେରି କରିବା ବା ମୋତେ ନକରାଇ ଦେବା ତାଙ୍କର ଉଦ୍ଦେଶ୍ୟ ଥାଇ ଏପରି ସର୍ତ୍ତ ରଖିଥିଲେ ବୋଲି ମୋର ଦୃଢ ଧାରଣା ହୋଇଥିଲା। ମାତ୍ର ମୁଁ ପରେ ଏ ବ୍ୟବସାୟରେ ଭିତରକୁ ପଶିବା ପରେ ଜାଣିଲି ଯେ ବ୍ୟାଙ୍କର ସେ ସର୍ତ୍ତ ମୋତେ ପ୍ରକୃତରେ ଆଶୀର୍ବାଦ ସ୍ୱରୂପ ହୋଇଛି। ଭେଙ୍କେଟେଶ୍ୱର ହାଚେରୀର ଭେନକବ୍ ଚିଆଁପାଇଁ ଫ୍ରାନଚାଇଜ ନପାଇଥିଲେ ବଜାରରେ ପ୍ରକୃତରେ ମୁଁ ପଛୁଆ ପଡି ଯାଇଥାଆନ୍ତି।

ଯେଉଁ ଚାଷୀ ବ୍ରଏଲର ଫାର୍ମଟିଏ କରେ ସେ ଚାହେଁ ଅଳ୍ପ ଦିନ ଭିତରେ ତା ଛୁଆଟି ଯଥାସମ୍ଭବ କମ୍ ଦାନା ଖାଇ ଅଧିକ ଓଜନର କୁକୁଡାଟି ହେଲେ ସେ ଲାଭ କରି ପାରିବ। ଯେଉଁ ବ୍ରିଡିଙ୍ଗ ଫାର୍ମ ଏ ତିନୋଟିଯାକ ସର୍ତ୍ତ ପୂରଣ କରି ପାରିବ ସେ ମାର୍କେଟରେ ଲୋକପ୍ରିୟ ହେବ ଏବଂ ମାର୍କେଟର ସିଂହଭାଗ ମାଡି ବସିବ। ଭଲ ଲାଭ ମଧ୍ୟ କରିବ। ସେହି ପ୍ରକାରେ ଯେଉଁ ବ୍ରିଡିଙ୍ଗ ଫାର୍ମ/ହାଚେରୀ ଏ ପ୍ରକାର ବ୍ରଏଲର ଛୁଆ ଉତ୍ପାଦନ କରିବା ପାଇଁ ଯେଉଁ ପ୍ୟାରେଣ୍ଟ ଷ୍ଟକର ସାହାଯ୍ୟ ନେବ, ସେଗୁଡିକ ମଧ୍ୟ ସେହିପରି କେତୋଟି ସର୍ତ୍ତ ପାଳନ କରୁଥିବା ଦରକାର। ସେଗୁଡିକର ତାଙ୍କ ସମୟକାଳ ମଧ୍ୟରେ ଅଧିକ ହାଚିଙ୍ଗ ଏଗ୍ ଦେବା ଦରକାର। ସେ ଅଣ୍ଡାରୁ ଅଧିକ %ର ଚିକ୍ସ ଜନ୍ମ ହେବା ଦରକାର। ସେ ପ୍ୟାରେଣ୍ଟ ଷ୍ଟକ ପାଖରେ ରୋଗ ପ୍ରତିଶେଧକ ଶକ୍ତି ତଥା ଆମ ଜଳ ବାୟୁରେ

Digitized by PPRACHIN, SOA

ଚଳିବା ପରି ଶକ୍ତି ଥିବା ଦରକାର । ଏ ସମସ୍ତ ଦୃଷ୍ଟିରୁ ଦେଖିଲେ ଭେନକବ ହିଁ ଉପଯୁକ୍ତ ବ୍ରିଡ । ତେଣୁ ପଛକୁ ଚାହିଁ ମୁଁ ଦେଖୁଛି ବ୍ୟାଙ୍କ ଅଫ୍ ଇଣ୍ଡିଆର ମୋ ଉପରେ ପ୍ରହାର ପ୍ରକାରାନ୍ତରେ ମୋତେ ସାହାଯ୍ୟ ହିଁ କରିଲା ।

ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆନ୍ଧ୍ର ପ୍ରଦେଶ ଯେକି କୁକୁଡା ଚାଷରେ ଅନେକ ଆଗୁଆ ସେଠାରେ ଅନେକ ଫାର୍ମକୁ ଫାଇନାସ କରି ଥାଆନ୍ତି । ଭେଙ୍କେଟେଶ୍ୱର ହାଚେରୀର ଆନ୍ଧ୍ର ପ୍ରଦେଶ ପାଇଁ ଫ୍ରାନଚାଇଜ ପାଇଥିବା ଫାର୍ମ ଶ୍ରୀନିବାସ ହାଚେରୀ ମଧ୍ୟ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଋଣ ନେଇଛି । ତେଣୁ ମନେ କଲି ସେଠାକୁ ଯାଇ ଭାଗ୍ୟ ପରୀକ୍ଷା କରିବି । ଖବର ନେଇ ବୁଝିଲି ଆନ୍ଧ୍ର ପ୍ରଦେଶର ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଫିସରସ ଆସୋସିଏସନର ଜେନେରାଲ ସେକ୍ରେଟାରୀ ଜଣେ ଓଡିଆ- ଶ୍ରୀ ନାରାୟଣ ମହାନ୍ତି । ମୁଁ ତାଙ୍କୁ ଆଗରୁ ଜାଣିଥିଲି । ରେଭେନସାରେ ମୋର ଦୁଇ ବର୍ଷ ଉପରେ ପଢୁଥିଲେ ଏବଂ ଆମ ୱେଷ୍ଟ ହଷ୍ଟେଲର ସେକ୍ରେଟାରୀ ମଧ୍ୟ ଥିଲେ । ତାଙ୍କୁ ପ୍ରଥମେ ଫୋନରେ ଯୋଗାଯୋଗ କଲି । ସେ ଉତ୍ସାହିତ କଲେ ଏବଂ ଭେଙ୍କେଟେଶ୍ୱର ହାଚେରୀର ଡାଇରେକ୍ଟର ଶ୍ରୀ ଜଗପତି ରାଓ ଯେକି ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଋଣ ନେଇ ବ୍ରିଡିଙ୍ଗ ଫାର୍ମ (ଶ୍ରୀନିବାସ ହାଚେରୀ) କରିଛନ୍ତି ତାଙ୍କ ସହ ସାକ୍ଷାତ କରାଇବାରେ ବନ୍ଦୋବସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଲେ ।

ହାଇଦ୍ରାବାଦରେ ପହଞ୍ଚିଲୁ । ସେ ଦିନ ସନ୍ଧ୍ୟାରେ ଶ୍ରୀ ନାରାୟଣ ମହାନ୍ତିଙ୍କ ସହ ଶ୍ରୀ ଜଗପତି ରାଓଙ୍କୁ ଦେଖା କରିବା ପାଇଁ ତାଙ୍କ ଘରକୁ ଗଲୁ । ଏଠାରେ ଭେଙ୍କେଟେଶ୍ୱର ହାଚେରୀର କଥା ଟିକେ କହେ । ଭେଙ୍କେଟେଶ୍ୱର ହାଚେରୀର ପ୍ରତିଷ୍ଠାତା ହେଉଛନ୍ତି ଶ୍ରୀ ବି.ଭି.ରାଓ । ତାଙ୍କର କାହାଣୀ ହେଉଛି ଅତ୍ୟନ୍ତ ବିସ୍ମୟକର । ମାତ୍ର ବର୍ଷ କେତୁଟା ଭିତରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ଡାଏରୀ ଫାର୍ମରେ ୪୦୦ ଟଙ୍କା ମାସିକ ବେତନରେ ସୁପରଭାଇଜର କାମ କରୁଥିବା ବ୍ୟକ୍ତି ଆଜି କୋଟିପତି । ଭାରତର କୁକୁଡା ଶିଳ୍ପର ଜନକ ବୋଲି ତାଙ୍କୁ କହିଲେ ବରଂ ଠିକ୍ ବୁଝାଇ ହେବ । ତାଙ୍କର ମୁଖ୍ୟ ଫାର୍ମ ଓ ଅଫିସ ପୁନାରେ । ମାତ୍ର ଆନ୍ଧ୍ର ଓ ହାଇଦ୍ରାବାଦ ତାଙ୍କର ମୁଖ୍ୟ ବଜାର । ସେ ବହୁ ସମୟରେ ହାଇଦ୍ରାବାଦ ଆସନ୍ତି ।

ମୋ ଭାଗ୍ୟକୁ ସେତେବେଳକୁ ଶ୍ରୀ ବି.ଭି.ରାଓ ହାଇଦ୍ରାବାଦ ଆସିଥିଲେ ଓ ହୋଟେଲ ବନଜାରାରେ ରହୁଥିଲେ । ତାପର ଦିନ ମୋତେ ନେଇ ଶ୍ରୀ ବି.ଭି.ରାଓଙ୍କ ସହ ଦେଖା କରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଲେ । ପ୍ରକାଶଥାଉକି ଶ୍ରୀ ଜଗପତି ରାଓ ହେଉଛନ୍ତି ଶ୍ରୀ ବି.ଭି. ରାଓଙ୍କର ବାଲ୍ୟବନ୍ଧୁ ତଥା ବି.ଭି.ରାଓଙ୍କ କମ୍ପାନୀର ଡାଇରେକ୍ଟର । ଏହା ବ୍ୟତୀତ ବି. ଭି.ରାଓଙ୍କ କବ୍ ବ୍ରିଡର ଜଣେ ବିଶିଷ୍ଟ ଗ୍ରାହକ ତଥା ଜଣେ ଅତ୍ୟନ୍ତ ସମ୍ମାନିତ କୁକୁଡା ଚାଷୀ ।

Digitized by PPRACHIN, SOA

ତାପରଦିନ ଶ୍ରୀ ଜଗପତି ରାଓଙ୍କ ସହିତ ମୁଁ ଶ୍ରୀ ବି. ଭି. ରାଓଙ୍କୁ ଦେଖା କରିବାକୁ ଗଲି । ମୋତେ ସେ ତାଙ୍କ ରୁମକୁ ଡକାଇଲେ । ସମସ୍ତ ବିଷୟ ମୋଠାରୁ ଶୁଣିଲେ । ସେଇ ଗୋଟିଏ ମୁହୂର୍ତ୍ତରେ ଓଡିଶା ପାଇଁ ଫ୍ରାନଚାଇଜ ମୋତେ ଦେବାପାଇଁ ନିଷ୍ପତ୍ତି କଲେ ଏବଂ ଟେଲିଫୋନରେ ତାଙ୍କର ଅଫିସକୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେଲେ ।

ତାପରେ ମୁଁ ଜାଣିଲି ଓଡିଶାର ଫ୍ରାନଚାଇଜ ଆଗରୁ ଡ. ଚେନଚା ରାଓଙ୍କୁ ଦେଇ ସାରିଥିଲେ । ସେ ଭଦ୍ର ଲୋକ ହେଉଛନ୍ତି ବିଶାଖାପାଟଣାର ବାସିନ୍ଦା । ସେଠାରେ ତାଙ୍କର କୋଷ୍ଟାଲ ହାଚେରୀ ନାମରେ ଏକ ବ୍ରିଡିଙ୍ଗ ଫାର୍ମ ଆଣ୍ଡ ହାଚେରୀ ଅଛି । ଆଉ ସେ ଭଦ୍ର ଲୋକ ନିଜେ ହେଉଛନ୍ତି ମୋତେ ବି.ଭି.ରାଓଙ୍କ ସହ ଦେଖା କରାଇବାକୁ ଆଣିଥିବା, ଶ୍ରୀ ଜଗପତି ରାଓଙ୍କ ଭିଣୋଇ । ମୋତେ ଶ୍ରୀ ଜଗପତି ରାଓ ତାଙ୍କର ସମ୍ପର୍କ ବିଷୟରେ ସାମାନ୍ୟତମ ସୂଚନା ମଧ୍ୟ ଦେଇ ନଥିଲେ । ମୁଁ ପ୍ରକୃତରେ ବିସ୍ମିତ ହେଲି । ଶ୍ରୀ ଜଗପତି ରାଓଙ୍କ ସହିତ ମୋର ଆନ୍ତରୀକ ସମ୍ପର୍କ ଅନେକ ବର୍ଷ ପର୍ଯ୍ୟନ୍ତ ରହିଥିଲା ।

ପ୍ରକୃତରେ ଡ.ଚେନଚା ରାଓ ଓଡିଶାର ଫ୍ରାନଚାଇଜ ନେଇ ହାଚେରୀଟିଏ ପ୍ରତିଷ୍ଠା କରିବା ପାଇଁ ଯାଁଆଳା ପାଖରେ ୫ ଏକର ଜମି ଅନେକ ଦିନରୁ କିଣିଥିଲେ । ମାତ୍ର ଓଡିଶାର ବଜାର ବିଷୟରେ ସେ ସ୍ଥିର ନିଶ୍ଚିତ ହୋଇ ପାରୁ ନଥିବାରୁ ପ୍ରୋଜେକ୍ଟଟିକୁ ଆରମ୍ଭ ନକରି କେବଳ ଗଡାଇ ଗଡାଇ ଚାଲିଥିଲେ । ଶ୍ରୀ ବି.ଭି.ରାଓଙ୍କ ମୋ ସପକ୍ଷରେ ନିଷ୍ପତ୍ତି ପରେ ତାଙ୍କ ସଂସ୍ଥାର କିଛି ମ୍ୟାନେଜର ତଥା ଡ.ଚେନଚା ରାଓ ନିଜେ ଶ୍ରୀ ବି.ଭି.ରାଓଙ୍କୁ ଦେଖା କରି ତାଙ୍କ ନିଷ୍ପତ୍ତି ବଦଳାଇବାକୁ ଅନୁରୋଧ କରିଥିଲେ ଏବଂ ପୂର୍ବ ଯୋଜନା ଅନୁଯାୟୀ ଡ.ଚେନଚା ରାଓ ବର୍ଷକ ଭିତରେ ପ୍ରଡକସନ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବେ ବୋଲି କହିଲେ । ଶ୍ରୀ ବି. ଭି. ରାଓ ସେଥିରେ ରାଜି ହେଲେ ନାହିଁ । "ମୋର ସ୍ଥାନୀୟ ଉତ୍ସାହୀ ଯୁବକ ଦରକାର" ଏବଂ ମୋ କ୍ଷେତ୍ରରେ ସେ ଯାହା ଖୋଜୁଥିଲେ ତାହା ପାଇଥିବାରୁ ମୋତେ ବ୍ୟବସାୟଟି ଦେବା ପାଇଁ ନିଷ୍ପତ୍ତି ନେବାରେ ୨ ମିନିଟ ମାତ୍ର ଲାଗିଲା ବୋଲି ସେମାନଙ୍କୁ କହିଲେ । ପଶ୍ଚାତରେ ଏତେ କଥା ଘଟି ଯାଇଛି ବୋଲି ବହୁତପରେ ମୁଁ ସେଠାରେ ଉପସ୍ଥିତ ଥିବା ବିକ୍ରୟ ମ୍ୟାନେଜରଙ୍କ ଠାରୁ ଜାଣି ପାରିଲି ।

ସେତେବେଳକୁ ଟମକୋ ଆମ ସହିତ କରିଥିବା ଦାନା ବ୍ୟବସାୟରୁ ଆଗ୍ରହ ହରାଇଲାଣି । ଏହାର ମୁଖ୍ୟ କାରଣ ହେଉଛି ଯେଉଁ ପରିମାଣରେ ଦାନା ସେମାନେ ବିକ୍ରୟ କରିପାରିବେ ବୋଲି ମନେ କରୁଥିଲେ ତାହା କରି ପାରିଲେ ନାହିଁ ।

Digitized by PPRACHIN, SOA

ଉପରନ୍ତୁ ଟମକୋକୁ ବିକ୍ରି କରିଦେବା ପାଇଁ କଥାବାର୍ତ୍ତା ସେତେବେଳକୁ ଚାଲିଲାଣି । ଟମକୋର ଦାନା ଉତ୍ପାଦନ ବିଭାଗଟିକୁ ଗଡରେଜ କିଣି ନେଲା । ତେଣୁ ଆମ ସହିତ ଥିବା ବ୍ୟବସ୍ଥାର ଇତି ହେଲା । ଏହା ସାଙ୍ଗକୁ ଆମର ଅଂଶୀଦାରମାନଙ୍କ ଭିତରେ କିଛିଟା ଭୁଲ ବୁଝାମଣା କ୍ରମେ ସୃଷ୍ଟି ହେଲାଣି । ମୋର ଅଂଶୀଦାର ଯେ ମଣିଷ ହିସାବରେ ଅତ୍ୟନ୍ତ ଭଲ ଲୋକ ତା କହିବା ପାଇଁ ମୋର ଦ୍ୱିଧା ନାହିଁ । ମୁଁ ନିଜକୁ ତା ସହିତ ତୁଳନା କରି ଦେଖୁଛି ମୁଁ ନିଜକୁ ମଧ୍ୟ ସେତିକି ନମ୍ବର ଦେବି ନାହିଁ । ମାତ୍ର ତା'ର ମୁଖ୍ୟ ଦୁର୍ବଳତା ଅତ୍ୟନ୍ତ ନରମତା, ମୁହଁମତପଣିଆ । ତା'ର ଘରଆଡୁ କ୍ରମେ ହସ୍ତକ୍ଷେପ ଆରମ୍ଭ ହେଲା, ଯେଉଁଟା ଅନୁଚିତ ଆଉ ମୁଁ ଆଶା କରୁଥିଲି, ରଣଜିତ୍ ସେ ସବୁ ବ୍ୟାପାରକୁ ସଜାଡି ନେବ, ଆଉ ତାହା ଯେପରି ଆମର ଅଂଶୀଦାରୀ ବେପାର ଇଲାକାକୁ ମାଡି ନଆସିବ ତା ପାଇଁ ଦୃଢ ପଦକ୍ଷେପ ନେବ । ମାତ୍ର ଦୁର୍ଭାଗ୍ୟର ବିଷୟ ତା'ର ସେ ପ୍ରକାର ଦୃଢତା ମୋଟେ ନଥିଲା । ସେ କ୍ଷେତ୍ରରେ ଯାହା ହେବାର ହେଲା । ମନାନ୍ତର, ମତାନ୍ତର ଆରମ୍ଭ ହେଲା । କମ୍ପାନୀ କ୍ଷତିଗ୍ରସ୍ତ ହେଲା । ସଂସ୍ଥାଟି ଯେତେବେଳେ ଠିକ୍ ଚାଲିଥିଲା, ସେତେବେଳେ ସଂସ୍ଥାଟିକୁ ସମ୍ପୂର୍ଣ୍ଣ ଅକ୍ତିଆରକୁ ନେବା ପାଇଁ ସେପଟୁ ଉଦ୍ୟମ ଆରମ୍ଭ ହେଲା । ଏ ସବୁ ମୋତେ ଅତ୍ୟନ୍ତ ବାଧିଲା । ଆନ୍ତରୀକତାର ସହ କାମ କରିବାର ବାତାବରଣ ନଷ୍ଟ ହୋଇଗଲା । ସମ୍ପର୍କରେ ଅଧିକ ତିକ୍ତତା ନବଢାଇ, ମୋ ନିଜ ତରଫରୁ ମୁଁ କାହାରି ଦୋଷ ନଦେଇ କମ୍ପାନୀରୁ ବାହାରି ଆସିଲି । ଆଉ କଳିଙ୍ଗ ହାଚେରୀ (ପୋଲଟ୍ରି ବ୍ରିଡିଙ୍ଗ ଫାର୍ମ ଓ ହାଚେରୀ) ପ୍ରତିଷ୍ଠା ପାଇଁ ଜୋର୍‌ସୋର୍‌ରେ ଲାଗି ପଡିଲି ।

ଜମି ନିଆଗଲା, ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ସରିବାକୁ ବସିଲା । ପ୍ୟାରେଣ୍ଟ ଷ୍ଟକ ଫାଷ୍ଟ ବ୍ୟାଚ ଆସି ପହଞ୍ଚିଲେ । ନିଜ ଫାର୍ମ ପାଇଁ କୁକୁଡା ଦାନା ମୁଁ ନିଜେ ତିଆରି କଲି । ମୋର ଆବଶ୍ୟକତାର ପରିମାଣ ଅତ୍ୟନ୍ତ କମ୍ ହୋଇଥିଲେ ମଧ୍ୟ ଅଟା ଚକିଟିଏ ପକାଇ କାମ ଆରମ୍ଭ କଲି । ପ୍ୟାରେଣ୍ଟ ଷ୍ଟକର ଦାନା ପାଇଁ ବାହାର ତିଆରି ଦାନା ଉପରେ ନିର୍ଭର କରିବା ସମ୍ଭବ ନୁହେଁ । ଶତକଡା ଶହେ ଦାନାଟି ସୁଷମ ହେବା ଦରକାର । ତା ନହେଲେ ପ୍ୟାରେଣ୍ଟ ଷ୍ଟକ ଠିକ୍ ଭାବରେ ଅଣ୍ଡା ଦେବ ନାହିଁ । ଏପରି କ୍ଷେତ୍ରରେ ଫାର୍ମରୁ ଲାଭ ପାଇବା କଷ୍ଟକର ହୋଇ ପଡିବ ।

ସେ ପର୍ଯ୍ୟନ୍ତ ଜମିର ଲିଜଡିଡ୍ ଇଡକୋ ସହିତ ହୋଇ ନଥାଏ । ବ୍ୟାଙ୍କ ଇଡକୋକୁ ବାରମ୍ବାର ଚିଠି ଲେଖିଲା ପରେ କାଗଜପତ୍ର ଜନିତ କାମ ଶେଷ ହେଲା । ମୋ ଠାରୁ ଇଡକୋ କେଉଁ ରେଟ୍‌ରେ ଜମିର ଦାମ୍ ନେବ ତାହା ସେ

Digitized by PPRACHIN, SOA

ପର୍ଯ୍ୟନ୍ତ ସ୍ଥିର ହୋଇ ନଥାଏ । ସେ ଅଞ୍ଚଳରେ ଇଡକୋ ରେଭିନ୍ୟୁ ଡିପାର୍ଟମେଣ୍ଟର ୧୧୦ ଏକର ଜମି ନେଇଥାଏ । ସେଥିନେଇ ସମସ୍ତ କାମ ଦୌଡ ଧାପଡ କରି ମୁଁ ହିଁ କରିଥାଏ । ସେଥିପାଇଁ ଇଡକୋ ମୋ ଉପରେ ଅତ୍ୟନ୍ତ ସନ୍ତୁଷ୍ଟ ଥାଏ । ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଝା ଫାର୍ମକୁ ବୁଲି ଆସିଲେ ଓ ମୋର ସମସ୍ତ ବ୍ୟବସ୍ଥା ଦେଖି ଅତ୍ୟନ୍ତ ଖୁସୀ ହୋଇ ମୁଁ ଜମିର ଦର କେତେ ଦେବାକୁ ପ୍ରସ୍ତୁତ ଅଛି ବୋଲି ମୋତେ ପଚାରିଲେ । "ଯେହେତୁ ତୁମ ପରିଶ୍ରମରୁ ଆମେ (ଇଡକୋ) ୧୧୦ ଏକର ଜମି ପାଇଛୁ, ତେଣୁ ତୁମକୁ କିଛି ସୁବିଧା ଦେବା ମୋର ନୈତିକ କର୍ତ୍ତବ୍ୟ । ତୁମେ କୁହ କେତେ ଦରରେ ତୁମେ ନେବ ?"

ମୋ ପାଟିରୁ ବାହାରି ଆସିଲା "ପ୍ରତି ଏକର ଦଶ ହଜାର ।"

"ଓ.କେ., ୟୁ ପେ ଆଟ୍ ଦି ରେଟ୍ ୧୦,୦୦୦/- ପର୍ ଏକର ଇନ୍ ଟେନ୍ ଇଅରସ୍ ।" ଏତକ କହିଦେଲେ ଆଉ ଅଫିସକୁ ଫେରି ସେହିପରି ଆଦେଶ ମଧ୍ୟ ଫାଇଲରେ କରି ଦେଲେ ।

Digitized by PPRACHIN, SOA

କୁକୁଡ଼ା ଶିଳ୍ପ ପାଇଁ ପାଣିପାଗ

ଏଠାରେ ସେ ସମୟର କୁକୁଡ଼ା ଚାଷ ପାଇଁ ପାଣି ପାଗ କିପରି ଥିଲା ଏବଂ ଆମମାନଙ୍କୁ ଯେଉଁମାନଙ୍କ ପାଖେ ନା ଥିଲା ଅର୍ଥ ନା ଥିଲା ଅନୁଭୂତି ଥିଲା କେବଳ ସାହସ । କେଉଁ ପ୍ରକାର ପରିସ୍ଥିତି ଦେଇ ଗତି କରିବାକୁ ହୋଇଛି ତା ବର୍ଣ୍ଣନା କରିବା ଅପ୍ରାସଙ୍ଗିକ ହେବ ନାହିଁ ।

ଅଶୀ ଦଶକର କଥା । ସେ ସମୟରେ କୁକୁଡା ଚାଷ ପ୍ରତି କାହାର ନଜର ନଥିଲା । କାଁ ଭାଁ ଗାଁ ଗହଳରେ ପଠାଣ ସାହି ମାନଙ୍କରେ କୁକୁଡା କିଛି ରଖୁଥିଲେ । କୁକୁଡା ରଖିବାକୁ ଯେପରି ଅନାଗ୍ରହ ଥିଲା, କୁକୁଡା ଅଣ୍ଡା, ମାଂସ ପ୍ରତି ସେହିପରି ଘୃଣା ଥିଲା । କୁକୁଡା ମାଂସ ବା ଅଣ୍ଡା ରୋଷେଇ ଘରକୁ ପଶୁ ନଥିଲା ।

କୁକୁଡା ଚାଷକୁ ଗୋଟିଏ ଶୃଙ୍ଖଳିତ ବ୍ୟବସାୟିକ ମାନ୍ୟତା ଯେ ଦିଆଯାଇ ପାରିବ ଓ ତାରି ଜରୀଆରେ କିଛି ପରିମାଣରେ ପ୍ରୋଟିନ ଅଭାବ ସମସ୍ୟା ତଥା ବେକାରୀ ସମସ୍ୟା ଦୂର କରାଯାଇ ପାରିବ, ତାହା ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡିଶାର ମୁଖ୍ୟମନ୍ତ୍ରୀ ହେବା ପର୍ଯ୍ୟନ୍ତ କେହି ଚିନ୍ତା କରି ନଥିଲେ । ତାଙ୍କର ଦୂର ଦୃଷ୍ଟି ଓ ପ୍ରୋତ୍ସାହନରୁ କ୍ରମେ ଏହି 'ବାରିଆଡ' ବ୍ୟବସାୟଟି ଗୋଟିଏ ମୁଖ୍ୟ ବ୍ୟବସାୟ ହୋଇ ହଜାର ହଜାର ବେକାର ଯୁବକଙ୍କ ସାହାରା ପାଲଟିଲା ।

ହଜାରେ ଦିନରେ ହଜାରେ କୋଟିରେ ହଜାରେ ଶିଳ୍ପର ସ୍ଲୋଗାନର ସେତେବେଳେ ଅନେକ ସମାଲୋଚକ ବାହାରିବେ । ତାହା ସ୍ୱାଭାବିକ । କାରଣ ଯେ କୌଣସି ଅନୁନ୍ନତ, ସଂକୀର୍ଣ୍ଣମନା, ଦୂରଦୃଷ୍ଟି ହୀନ ରାଜ୍ୟରେ ଦଶ ବର୍ଷ, ପଚିଶ ବର୍ଷ ଆଗକୁ ଚିନ୍ତା କରିବା ପାଇଁ ନେତୃତ୍ୱର ସବୁବେଳେ ଅଭାବ ଥାଏ । ଓଡିଶାର ସୌଭାଗ୍ୟକୁ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଫଳରେ ଯେଉଁ ଶିଳ୍ପ ବିପ୍ଳବ ଆରମ୍ଭ ହେଲା, କୃଷି ଶିଳ୍ପରେ ମଧ୍ୟ ତାର ପ୍ରଭାବ ଅନୁଭବ କରି ହେଲା । ଶହଶହ ନୁହନ୍ତି ହଜାର ସଂଖ୍ୟାରେ ଯୁବକ ଯୁବତୀ କୁକୁଡା ଚାଷକୁ ଆପଣେଇବାକୁ ଆଗେଇ ଆସିଲେ । ଗାଁ ଗହଳରେ ସୁବିଧା ସୁଯୋଗ ଅଭାବରୁ ହାତ ବାନ୍ଧି ବସିଥିବା ଯୁବକଟି ସରକାରୀ ପ୍ରୋତ୍ସାହନ ପାଇ ଛୋଟିଆ ଫାର୍ମଟିଏ କରି ବ୍ରଏଲର କୁକୁଡା ବିକି ଆପଣାର କର୍ମ ସଂସ୍ଥାନ କରି ପାରିଲା । ସେ କେତେ ଟଙ୍କା ମାସକୁ ରୋଜଗାର କଲା, ସେଟା ବଡ କଥା ନୁହେଁ, ବଡ କଥା ହେଉଛି ତାର ଆତ୍ମ ବିଶ୍ୱାସ । ନିଜେ ସେ କିଛି କରି ପାରିବ, ନିଜ ଭାଗ୍ୟ ନିଜେ ଗଢି ପାରିବ,

Digitized by PPRACHIN, SOA

ଏ ଦୃଢ ମନୋଭାବ ସେ ପାଇ ପାରିଲା ହଜାରେ ଦିନରେ ହଜାର ଶିଳ୍ପର ସ୍ଲୋଗାନରୁ ।

ସେହି ସମୟରେ ଓଡିଶା ସରକାରଙ୍କ ଉଦାରନୀତିର ସୁଯୋଗ ନେଇ ଶିଳ୍ପ ବିଭାଗ କୁକୁଡା ଚାଷକୁ ଶିଳ୍ପର ମାନ୍ୟତା ଦେଲେ । ପ୍ରତି ୟୁନିଟକୁ ୨୫୦୦୦ ଟଙ୍କାର ସାହାଯ୍ୟ ଦେଲେ ଏବଂ ଫଳ ସ୍ୱରୂପ ଗାଁ ଗହଳରେ ଅନ୍ଦିକନ୍ଦିରେ ବ୍ରଏଲର ଫାର୍ମ ଗଢି ଉଠିଲା । ଯେଉଁ ଉଦ୍ୟୋଗୀମାନେ ସେ ଦିନ ୨୫୦୦୦ ଟଙ୍କାର ସାହାଯ୍ୟ ପାଇଁ ସରକାରଙ୍କୁ ଦରଖାସ୍ତ କରିଥିଲେ ଆଜି ସେମାନଙ୍କ ମଧ୍ୟରୁ ଅନେକ ଓଡିଶାର କୁକୁଡା ଶିଳ୍ପର ମଜଭୁତ ଖୁଣ୍ଟ ପରି ଠିଆ ହୋଇଛନ୍ତି । ହଜାର ହଜାର କୁକୁଡା ଉତ୍ପାଦନ କରି ରାଜ୍ୟରେ କୁକୁଡା ମାଂସର ଅଭାବ ଦୂର କରି ପାରିଛନ୍ତି । ଆଜି ଓଡିଶା କୁକୁଡା ମାଂସ କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ । ସେମାନେ ଆଜି ଆଉ ଚାକିରି ପଛରେ ଗୋଡାଉ ନାହାନ୍ତି । ସେମାନେ ପ୍ରତ୍ୟେକ ଆଜି ଜଣେ ଜଣେ ନିଯୁକ୍ତି ଦାତା । ସେ ସମୟରେ ବ୍ୟାଙ୍କମାନେ ଅତ୍ୟନ୍ତ ରକ୍ଷଣଶୀଳ ବ୍ୟବହାର ଦେଖାଉଥିଲେ । ବ୍ୟାଙ୍କମାନେ କୁକୁଡା ଚାଷ ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ । ଏତେ ପ୍ରକାର ପ୍ରଶ୍ନ ଏତେ ପ୍ରକାର ପଚରା ଉଚୁରା ସେମାନେ କରୁଥିଲେ ଯେ ନୂତନ ଉଦ୍ୟୋଗୀ ବାରମ୍ବାର ବ୍ୟାଙ୍କକୁ ଦଉଡି ଶେଷରେ ତାର ଉତ୍ସାହ ହରାଉଥିଲା । ଏତେ ବର୍ଷ ପରେ ମୋର ସ୍ପଷ୍ଟ ମନେ ଅଛି, ଆମେମାନେ କେତେଜଣ ଯାଇ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକଙ୍କୁ ଏ ଅସୁବିଧା କଥା କହିଲୁ । ଆମର ସୌଭାଗ୍ୟ ଆମକୁ ଆଉ ଦ୍ୱିତୀୟବାର ସେ ବିଷୟରେ ଚିନ୍ତା କରିବାକୁ ହୋଇ ନାହିଁ । ଗୋଟିଏ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଲେ କୁକୁଡା ଚାଷ ଶିଳ୍ପର ମାନ୍ୟତା ପାଇବ ଆଉ ଓଡିଶା ରାଜ୍ୟ ଅର୍ଥ ନିଗମ ଅର୍ଥ ଯୋଗାଇ ଦେବ । ଏହାହିଁ ହେଉଛି ଠିକ୍ ସମୟରେ ଠିକ୍ ପଦକ୍ଷେପ ।

ମୁଖ୍ୟମନ୍ତ୍ରୀଙ୍କର ସେହି ନିଷ୍ପତ୍ତିଠାରୁ ଆରମ୍ଭ ହେଲା ଓଡିଶାରେ କୁକୁଡା ମାଂସ ବିପ୍ଳବ । ଯେଉଁ କୁକୁଡା ମାଂସ ସେତେବେଳେ ଛେଳି ମାଂସ ଠାରୁ ମହରଗ ଥିଲା ଆଜି ବହୁଳ ଉତ୍ପାଦନ ହେତୁ ୧ କେଜି ଛେଳି ମାଂସର ଦରରେ ୩ କେଜି କୁକୁଡା ମାଂସ କିଣା ଯାଇ ପାରୁଛି ।

ଆଜି ଦିନକୁ ୩ ଲକ୍ଷରୁ ଅଧିକ କୁକୁଡା ଛୁଆ ଚାଷ ହେଉଛି । ଆଉ ସେହି ପରିମାଣରେ ଉତ୍ପାଦନ ହେଉଛି । ଆଉ ଏହି ସଫଳତାର ଶ୍ରେୟ ହେଉଛି ଓଡିଶା ସରକାରଙ୍କର ସମୟ ଉପଯୋଗୀ ବିଭିନ୍ନ ପଦକ୍ଷେପ ।

କୁକୁଡା ଦାନା:- କୁକୁଡା ଚାଷର ନା ନଥାଇ ମଧ୍ୟ ଓଡିଶା ସରକାର କୁକୁଡା ଦାନା, ଯାହା ସବୁ ବାହାରୁ ଆସୁଥିଲା ତା ଉପରେ ରାଜ୍ୟ ବିକ୍ରିକର ଆଦାୟ

Digitized by PPRACHIN, SOA

କରୁଥିଲେ । ତଦ୍ୱାରା ଦାନାର ଦାମ ବଢ଼ିଯାଇ ଚାଷୀର ଲାଭ ଅଂଶ କମି ଯାଉଥିଲା । ଚାଷୀ ଲାଭ ନ ପାଇଲେ ବେପାର କରିବ କାହିଁକି ? ଏତକ ସରକାର ବୁଝି କୁକୁଡ଼ା ଦାନାକୁ ବିକ୍ରିକର ମୁକ୍ତ କଲେ । ଏହାର ଫଳ ହେଲା ଅନେକ ଜାତୀୟ ସ୍ତରର ଦାନା ଉତ୍ପାଦନକାରୀ ଯଥା ଟାଟା, ଗଦରେଜ, ହିନ୍ଦୁସ୍ଥାନ ଲିଭର ଓଡିଶାରେ ତାଙ୍କର କାରଖାନା ଖୋଲିଲେ ।

ଓଡିଶା ରାଜ୍ୟ ଅର୍ଥ ନିଗମ ଅର୍ଥ ଯୋଗାଣ ଆରମ୍ଭ କରିବା ପରେ ଗାଁ ଗହଳରେ ମଧ୍ୟ କୁକୁଡ଼ା ଚାଷ ବ୍ୟାପିଲା । ଲାଭ ହେଲା, ବହୁ ପରିମାଣରେ ଯୁବକ ଯୁବତୀ କାମ ପାଇଲେ । ସ୍ଥାନୀୟ କଞ୍ଚାମାଲ ମଧ୍ୟ ଚାଷୀ ଉପଯୁକ୍ତ ମୂଲ୍ୟରେ ବିକ୍ରି କରି ପାରିଲା । ପିଡିଆ, ଖୁଦ, ବାଜରା, ମକା ଏ ସବୁ ବ୍ୟବହାର କରି ଦାନା ତିଆରି କରୁଥିବା ସଂସ୍ଥାମାନେ ଓଡିଶା ଭିତରୁ ଭଲ ଦାମ୍ ଦେଇ ସେ ସବୁ ସଂଗ୍ରହ କଲେ ।

ଓଡିଶାର ଲମ୍ବା ସାମୁଦ୍ରିକ ଉପକୂଳ ସତ୍ତ୍ୱେ କୁକୁଡ଼ା ଦାନା ପାଇଁ ଆବଶ୍ୟକ ହେଉଥିବା ମାଛ ଗୁଣ୍ଡ ଓଡିଶା ବାହାରୁ ଆସୁଥିଲା । ସାଧାରଣତଃ ଅଖାଦ୍ୟ ମାଛରୁ ଏ ମାଛ ଗୁଣ୍ଡ ହୁଏ । ଓଡିଶା ରାଜ୍ୟ ଅର୍ଥ ନିଗମର ସାହାଯ୍ୟରେ ପାରଦ୍ୱୀପଠାରେ ରାଜ୍ୟର ପ୍ରଥମ ମାଛ ଗୁଣ୍ଡ କାରଖାନା ଆରମ୍ଭ ହେଲା ।

ବ୍ରଏଲର ଉତ୍ପାଦନ ପାଇଁ ହାଚେରୀ ଓ ବ୍ରିଡିଙ୍ଗ ଫାର୍ମ ସ୍ଥାପନା ହେଉଛି ଜରୁରୀ । ଠିକ୍ ସମୟରେ ଭଲ ଚିଆଁ ନ ପାଇଲେ ଫାର୍ମ ଚାଲି ପାରିବ ନାହିଁ । ଓଡିଶା ସରକାର ଏହା ହୃଦୟଙ୍ଗମ କରି ଓଡିଶା ରାଜ୍ୟ ଅର୍ଥ ନିଗମ ଜରୀଆରେ ହାଚେରୀ ଓ ବ୍ରିଡିଙ୍ଗ ଫାର୍ମ ପାଇଁ ଋଣ ଦେଲେ । ଫଳ ସ୍ୱରୂପ ଓଡିଶା କୁକୁଡ଼ା ଛୁଆ ଉତ୍ପାଦନରେ ଏକ ଆଗୁଆ ପ୍ରଦେଶ ହୋଇ ଆପଣାର ଆବଶ୍ୟକତା ମେଣ୍ଟାଇ ଅନ୍ୟ ପଡୋଶୀ ରାଜ୍ୟକୁ ଚିଆଁ ବିକ୍ରି କରି ପାରିଲା । ସେଥିପାଇଁ ଯେଉଁ ପ୍ରୋତ୍ସାହନ ଦରକାର ହେଉଥିଲା ତାହା ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉଦାର ଶିଳ୍ପ ନୀତି ହେତୁ ସମ୍ଭବ ହେଲା ।

ମୁଁ ନିଜେ ସେଇ ହଜାର ଦିନରେ ହଜାର ଶିଳ୍ପ ସ୍ଲୋଗାନରେ ପ୍ରଭାବିତ ହୋଇ କୁକୁଡ଼ା ଚାଷ କ୍ଷେତ୍ରରେ ପଶିବାର ନିଷ୍ପତ୍ତି କଲି । ଏମ୍.ଏ. ପାଶ୍ କରି ସାରିବା ପରେ ମିଳିଥିବା ଚାକିରିରେ ଯୋଗ ନଦେଇ ନିଜେ କିଛି କରିବା ପାଇଁ ଅଣ୍ଟା ଭିଡିଲି ଆଉ ଶତାଧୀକ ଆମ ସମୟର ଯୁବକ ମାନଙ୍କ ପରି ଆମ ପାଖରେ ବୈଷୟିକ ଜ୍ଞାନ ନଥିଲା, ପୁଞ୍ଜି ନଥିଲା । ମାତ୍ର ମୋ ନିଜ କଥା କହିବି, ଏ ସବୁ ନଥିବା ସତ୍ତ୍ୱେ ମୁଁ ଓଡିଶା ସରକାରଙ୍କ ଉଦାର ନୀତିରେ ବିଶ୍ୱାସ କରି ରାଜ୍ୟର ପ୍ରଥମ ବ୍ରଏଲର ବ୍ରିଡିଙ୍ଗ ଫାର୍ମ ଆଉ ହାଚେରୀ ସ୍ଥାପନ କଲି ।

Digitized by PPRACHIN, SOA

ଆଜି ଏତେ ବର୍ଷ ପରେ ପଛକୁ ଅନାଇଲେ ମୁଁ ନିଜେ ବିଶ୍ୱାସ କରି ପାରୁନାହିଁ ମାତ୍ର ୧୮୦୦ ଟଙ୍କା ଯାହା ଏମ୍.ଏ.ରେ ଋଣ ବୃତ୍ତି ପାଇଥିଲି ତାହାକୁ ପୁଞ୍ଜି କରି ଏ ସବୁ କରିବାରେ ସାହସ କିପରି କଲି । ପ୍ରତି ପଦକ୍ଷେପରେ ଅସୁବିଧା ଭୋଗିଛି । ମିଳିଥିବା ଚାକିରି ନକରି ସ୍ୱପ୍ନ ପଛରେ ଦୌଡିଥିବାରୁ ପ୍ରତି ପଦକ୍ଷେପରେ ଉପହାସ ଶୁଣିଛି । ଶିଳ୍ପଟିଏ ପ୍ରତିଷ୍ଠା ପାଇଁ ପ୍ରଥମ ଅସୁବିଧା ହେଉଛି ଉପଯୁକ୍ତ ଜମିଟିଏ ପାଇବାରେ । ତହସିଲଦାର ବା କଲେକ୍ଟରଙ୍କଠାରୁ ଲିଜରେ ଜମି ନେବା କଦାପି ସମ୍ଭବ ନୁହେଁ । ସେତେବେଳେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକ ଏ ଅସୁବିଧାକୁ ଦେଖିପାରି ସ୍ଥାପନ କଲେ ଇଡ୍‌କୋ, ଯେଉଁ ସଂସ୍ଥା ସରକାରୀ ଜମି ନେଇ ଉଦ୍ୟୋଗୀମାନଙ୍କୁ ଜମି ଯୋଗାଇଦେବ । ଉଦ୍ୟୋଗୀ ଆଉ ବାର ଦୁଆର ଶୁଙ୍ଘି ପିଣ୍ଡା ହେବ ନାହିଁ । ତାହାହିଁ ହେଲା, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ହେତୁ ଶହଶହ ଉଦ୍ୟୋଗୀ ଜମି ଖଣ୍ଡେ ଖଣ୍ଡେ ପାଇ ଶିଳ୍ପ ସ୍ଥାପନ କଲେ । ମୁଁ ନିଜେ ଭୁବନେଶ୍ୱର ନିକଟରେ ଇଡ୍‌କୋ ଜରୀଆରେ ଜମିନେଇ ବ୍ରିଡିଙ୍ଗ ଫାର୍ମ ଓ ହାଚେରୀ ପ୍ରତିଷ୍ଠା କଲି । ଏହାପରେ ଆସିଲା ଆର୍ଥୀକ ସମସ୍ୟା । ବ୍ୟାଙ୍କମାନେ ଯଦିବା କିଛିଟା ଆର୍ଥୀକ ସାହାଯ୍ୟ ଦେଉଥିଲେ ସେଥିପାଇଁ ଅଧିକ ମାର୍ଜିନ ଦାବି କରୁଥିଲେ । ବ୍ୟାଙ୍କରୁ ମାତ୍ର ୧୧ ଲକ୍ଷ ଟଙ୍କା ଆଣି ମୁଁ ଆରମ୍ଭ କରିଥିଲି ମୋର ଫାର୍ମ । ସେତକ ପାଇବା ପାଇଁ ଯେଉଁ ମାର୍ଜିନ ଦେବା କଥା ଅଶୀ ଦଶକରେ ସେତକ ଯୋଗାଡ କରିବା ମୋ ପାଖରେ ସମ୍ଭବ ନଥିଲା । ମୋ ପରି ଅନେକ ଏହିପରି ଅସୁବିଧାରେ ପଡିଥିଲେ । ଆରମ୍ଭ ହେଲା ମୁଖ୍ୟମନ୍ତ୍ରୀଙ୍କର ଆଉ ଏକ ଯୁଗାନ୍ତକାରୀ ପଦକ୍ଷେପ । ଓଡିଶା କ୍ଷୁଦ୍ର ଶିଳ୍ପ ନିଗମକୁ ନିର୍ଦ୍ଦେଶ ଦିଆଗଲା ସାମାନ୍ୟ ସୁଧରେ ମାର୍ଜିନ ଭରଣା କରିବା ପାଇଁ ଉଦ୍ୟୋଗୀ ମାନଙ୍କୁ ସେ ଋଣ ଦେଉ । ମୋର ସମସ୍ୟା ସମାଧାନ ହୋଇଗଲା । ଶହ ଶହ ଉଦ୍ୟୋଗୀ ଏ ସୁବିଧା ନେଇଛନ୍ତି । ମୁଁ ନିଜେ ସୁଧ ସହ ଓଡିଶା କ୍ଷୁଦ୍ର ଶିଳ୍ପ ନିଗମର ସମସ୍ତ ପଇସା ଶୁଝି ଦେଇଛି । ସେଇଟା ବଡକଥା ନୁହେଁ । ଏତିକି ନ ହୋଇଥିଲେ ମୋର ସ୍ୱପ୍ନ କେବଳ ସ୍ୱପ୍ନରେ ରହି ଥାଆନ୍ତା । ସେଦିନ ମାତ୍ର ୨୦୦୦ ବ୍ରିଡିଙ୍ଗ ଷ୍ଟକରେ ଯେଉଁ ସଂସ୍ଥାଟି ଆରମ୍ଭ ହୋଇଥିଲା ମାତ୍ର ୧୫ ବର୍ଷ ଭିତରେ ୨୦ ଗୁଣ ବୃଦ୍ଧି ପାଇଲା । ମାତ୍ର ସପ୍ତାହକୁ ୪୦୦୦ ଚିଆଁ ଫୁଟାଉଥିବା ସଂସ୍ଥା ୧୫ ବର୍ଷ ଭିତରେ ମାସକୁ ୪ ଲକ୍ଷ ଚିଆଁ ଉତ୍ପାଦନ କଲା ଏବଂ ତାହାକୁ କେନ୍ଦ୍ର କରି ଓଡିଶାରେ ଶହଶହ ନୁହେଁ ହଜାର ହଜାର କ୍ଷୁଦ୍ର ବ୍ରଏଲର ଫାର୍ମ ଗଢି ଉଠିଲା । ହଜାର ହଜାର ଯୁବକ ଆପଣାର କର୍ମ ସଂସ୍ଥାନ କରି ପାରିଲେ । ସେଥିରେ ମୋ ନିଜର କୃତିତ୍ୱ କେବେ ମୁଁ କଳନା କରି ନାହିଁ, ମାତ୍ର ସେ ସମୟରେ ଉପଯୁକ୍ତ ଶିଳ୍ପର ବାତା ବରଣ ଆଉ ସରକାରଙ୍କ ଉଦାରନୀତି,

Digitized by PPRACHIN, SOA

ଉଚିତ୍ ସମୟରେ ଉଚିତ୍ ପଦକ୍ଷେପ ନହୋଇଥିଲେ ଏ ସବୁ ସମ୍ଭବ ହୋଇ ନଥାନ୍ତା ।

କୁକୁଡ଼ା ଚାଷ ପାଇଁ ଉପଯୁକ୍ତ ବାତାବରଣ ତ ସୃଷ୍ଟି ହେଲା । ସେଥିପାଇଁ ସରକାର ସବ୍‌ସିଡି ଘୋଷଣା କଲେ ମାତ୍ର ଏହି ବିପ୍ଳବର ପ୍ରଥମ ଅବସ୍ଥାରେ ଉଦ୍ୟୋଗୀ ମାନଙ୍କର ଉପଯୁକ୍ତ ତାଲିମର ଅଭାବ ଅନୁଭବ କରାଗଲା । ଆମର ସଂଘ ତରଫରୁ ଆମେ ପଶୁପାଳନ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରି ଭୁବନେଶ୍ୱରରେ ଗୋଟିଏ ଟ୍ରେନିଂ ପ୍ରୋଗାମର ବନ୍ଦୋବସ୍ତ କରାଇଲୁ । ୩/୪ଟି ବ୍ୟାଚ ଟ୍ରେନିଂ ନେଇ ଉପକୃତ ହେଲେ । ଆମ ସଂଘ ଅନୁଭବ କରିଥିଲା ଯେ ଯେହେତୁ ସହରାଞ୍ଚଳ ହେଉଛି କୁକୁଡ଼ା ମାଂସ ବ୍ୟବହାର/ବିକ୍ରି ପାଇଁ ଉପଯୁକ୍ତ କ୍ଷେତ୍ର, ଯେତେ କମ ଖର୍ଚ୍ଚରେ ଫାର୍ମରୁ କୁକୁଡ଼ା ଖାଉଟି ପାଖରେ ସହଜରେ ପହଞ୍ଚ ପାରିବ ସେଥିରେ ଚାଷୀର ଅଧିକ ଲାଭ ହେବ । ଏହାକୁ ଆଖି ଆଗରେ ରଖି ଆମେ ନିଷ୍ପତ୍ତି କଲୁ ଯେ ପରୀକ୍ଷା ସ୍ୱରୂପ ଭୁବନେଶ୍ୱରର ଉପାନ୍ତ ଅଞ୍ଚଳରେ ଗୋଟିଏ ଯାଗାରେ ଅନ୍ୟୁନ୍ୟ ୫୦ଟି ଫାର୍ମ କରାଯାଉ । ଯେଉଁମାନେ ଟ୍ରେନିଂ ନେଇ ବାହାରିବେ ସେମାନଙ୍କୁ ସେହି ଫାର୍ମ କରିବାରେ ପ୍ରଥମ ସୁଯୋଗ ଦିଆଯାଉ ।

ଆମେ ଏ ପ୍ରସ୍ତାବ ନେଇ ଇଡ଼କୋରେ ଦେଲୁ ଏବଂ ଇଡ଼କୋ ଶିଳ୍ପ ବିଭାଗ ସହ ପରାମର୍ଶ କରି ମାତ୍ର କେତୋଟି ସପ୍ତାହ ଭିତରେ ଯାଆଁଳା ପାଖରେ ୧୨ ଏକର ଜମି ଦେବାର ପ୍ରତିଶ୍ରୁତି ଦେଲେ । ପରବର୍ତ୍ତି ଅବସ୍ଥାରେ ଟ୍ରେନିଂ ଚାଲି ପାରିଲା ନାହିଁ, ନିର୍ଦ୍ଦେଶକ କୌଣସି ଆଗ୍ରହ ଦେଖାଇଲେ ନାହିଁ । ଇଡ଼କୋ ଅପେକ୍ଷା କରି କରି ଶେଷରେ ଜମି ଫେରସ୍ତ ନେଲା, ଏ ସବୁ ଅନ୍ୟ ଏକ ପ୍ରସଙ୍ଗ ।

ଏତ ଗଲା ବ୍ରଏଲର ଉତ୍ପାଦନର କଥା । ଆଜି ଓଡ଼ିଶା ବ୍ରଏଲର ଉତ୍ପାଦନରେ ଆତ୍ମ ନିର୍ଭରଶୀଳ ହୋଇ ପାରିଛି ତା'ର ଆରମ୍ଭ ହୋଇଥିଲା, ସେହି ଅଶୀ ଦଶକରେ ଯେଉଁ ଦିନ କୁକୁଡ଼ା ଚାଷକୁ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାର ଶିଳ୍ପର ମାନ୍ୟତା ଦେଇଥିଲେ ।

ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ସେତେବେଳେ ଆଶାନୁରୂପ ଫଳ ମିଳି ପାରିଲା ନାହିଁ । ତା'ର କାରଣ ହେଉଛି ଏଥିପାଇଁ ପୁଞ୍ଜି ବିନିଯୋଗ ବହୁତ ବେଶି । ସାଧାରଣ ବେକାର ଯୁବକଟିଏ ଏତେ ବେଶି ପୁଞ୍ଜି ଖଟାଇବା ଓଡ଼ିଶାରେ ଅସମ୍ଭବ । ତଥାପି ମଧ୍ୟ ଓଡ଼ିଶା ରାଜ୍ୟ ଅର୍ଥ ନିଗମର ସହାୟତାର ସୁଯୋଗ ନେଇ କିଛି କିଛି ଲେୟର ଫାର୍ମ ଗଢ଼ି ଉଠିଲା । ମାତ୍ର ଆବଶ୍ୟକ ପରିମାଣ ଅନୁପାତରେ ତାହା ଯଥେଷ୍ଟ ନୁହେଁ ।

Digitized by PPRACHIN, SOA

ମାତ୍ର ଏ କଥା ସ୍ୱୀକାର କରାଯିବ ଯେ କୁକୁଡ଼ା ଶିଳ୍ପ ପାଇଁ ଯେଉଁ ଭିତ୍ତି ଭୂମି ଆବଶ୍ୟକ ସେହି ଅଶୀ ଦଶକରେ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ସରକାର ଅମଳରେ ଗଢ଼ି ଉଠିଥିଲା । ଯେଉଁ ରାଜ୍ୟରେ କୁକୁଡ଼ା ଚାଷର ନାମ ଗନ୍ଧ ନ ଥିଲା, ସେଠାରେ ମାତ୍ର କେତୋଟି ବର୍ଷ ଭିତରେ ଏଇଟି ଗୋଟିଏ ଲୋକପ୍ରିୟ ରୋଜଗାର ମାଧ୍ୟମ ହୋଇ ପାରିଲା ।

ବାରମ୍ବାର ବାର୍ଡ ଫ୍ଲୁ ତଥା ଅନ୍ୟାନ୍ୟ ଅସୁବିଧା ସତ୍ତ୍ୱେ ଏ ଶିଳ୍ପ ବଞ୍ଚିଛି । ମାତ୍ର ଏ ଅସୁବିଧା ଜନକ ବାତାବରଣରେ ଚାଷୀ ଯେଉଁ ପ୍ରକାର ସୁବିଧା ସୁଯୋଗ ପାଇବା କଥା ଆଜି ତା ପାଉ ନାହିଁ ।

ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ କୌଣସି ପ୍ରକାର ସହାୟକ ବାତାବରଣ ନଥିଲା, ଏହା ସତ୍ୟ । ତେଣୁ ପ୍ରଥମ ଅବସ୍ଥାରେ ଅତ୍ୟନ୍ତ ସଂକ୍ଷିପ୍ତ ପୁଞ୍ଜି ନେଇ ଆମେ ଯେଉଁମାନେ ନିଜ ଗୋଡରେ ଠିଆ ହେବାକୁ ଆଗେଇ ଆସିଲୁ, ସେମାନଙ୍କ ପାଖରେ ନା ଥିଲା ଅନୁଭବ, ନା ଥିଲା ଅର୍ଥ-ସାମର୍ଥ୍ୟ । ଥିଲା କେବଳ ଉତ୍ସାହ ଆଉ ସ୍ୱପ୍ନ । ସେଇ ପ୍ରତିକୂଳ ପରିବେଶରେ ଆମକୁ ଆଗେଇବାକୁ ହେଉଥିଲା । ଶ୍ରୀ ଜେ.ବି. ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବା ପରେ ଶିଳ୍ପ ପ୍ରତିଷ୍ଠା ପାଇଁ ବାତାବରଣ ବଦଳିଲା । ଏକ ଅନୁକୂଳ ପରିବେଶ ସୃଷ୍ଟି ହେଲା । ଯେ କୌଣସି ଅନୁନ୍ନତ ପ୍ରଦେଶରେ ପ୍ରଥମ ଅବସ୍ଥାରେ ବିଫଳତାର ମାତ୍ରା ହିଁ ଭବିଷ୍ୟତରେ ସଫଳତା ପାଇଁ ପ୍ରଥମ ପାହାଚ ।

ଓଡିଶା କ୍ଷେତ୍ରରେ ମଧ୍ୟ ସେଇଆ ହେଲା । ଅନେକ ଶିଳ୍ପାଞ୍ଚଳରେ ଥିବା ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନରେ ତାଲା ଝୁଲିଲା । ତାହା ଅବଶ୍ୟାମ୍ଭାବି । ଯେହେତୁ ଆମର ଅନୁଭବ ନାହିଁ, କେଉଁ ବ୍ୟବସାୟଟି/ଶିଳ୍ପଟି କଲେ ଚାଲିବ, ଆଉ ତାକୁ ସଫଳତାର ସହ ଚଳାଇବାର ସୂତ୍ରଟି କଣ ତାହା କେବଳ ସମୟକ୍ରମେ, କେତୋଟି ବିଫଳତା ପରେ ଅନୁଭବରେ ଆସିବ ଏହା ସ୍ୱାଭାବିକ । ଯେଉଁମାନେ ପ୍ରଥମ ଅବସ୍ଥାରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ଚେଷ୍ଟା କରି ସଫଳ ହୋଇ ପାରି ନାହାନ୍ତି, ଋଣ ଶୁଝି ପାରି ନାହାନ୍ତି ସେମାନଙ୍କୁ କିଏ କେଉଁ ଦୃଷ୍ଟିରୁ ଦେଖୁ ପଛେ ଆମେ ଯେଉଁମାନେ ସେ ଅଗ୍ନି ପରୀକ୍ଷା ପାରି ହୋଇ ଏ ପଟକୁ ଆସିଛୁ ଆମ ପାଇଁ ସେମାନେ ହେଉଛନ୍ତି ପଥ ପ୍ରଦର୍ଶକ, ଶହୀଦ । ସେମାନଙ୍କ ବିଫଳତା ହିଁ ଆଜି ଶିଳ୍ପ ପାଇଁ ଥିବା ଅନୁକୂଳ ବାତାବରଣ ଓ ସଫଳତା ଆଣି ଦେଇଛି । ସେମାନଙ୍କର ବିଫଳତା ସରକାରଙ୍କୁ ଆପଣାର ନୀତି ନିୟମ ବଦଳାଇ ଅଧିକ ପ୍ରଗତିଶୀଳ ତଥା ଶିଳ୍ପ ଉପଯୋଗୀ କରିବାରେ ସାହାଯ୍ୟ କରିଛି । ସର୍ବତ୍ର ସେଇଆ ହିଁ ଘଟେ । ହିଁ ଓଡିଶା ରାଜ୍ୟ ଅର୍ଥ

Digitized by PPRACHIN, SOA

ନିଗମର କିଛି ଅର୍ଥ ବୁଡିଗଲା । ଏ ସମାଲୋଚନା ଶୁଣିବାକୁ ମିଳେ । ମାତ୍ର ସେତକ ଦାମ ନ ଦେଇଥିଲେ ଆଜି ଏତେ ସଂଖ୍ୟାରେ ଉତ୍ସାହୀ, ସଫଳ ଉଦ୍ୟୋଗୀ ବାହାରି ପାରି ନଥାନ୍ତେ । ମୋର କହିବାକୁ ଦ୍ୱିଧା ନାହିଁ ଯେ ସେତେବେଳେ ଯେଉଁ ସ୍ଲୋଗାନ ଜେ.ବି. ଦେଉଥିଲେ ୧୦୦୦ ଦିନରେ ୧୦୦୦ କୋଟିରେ ୧୦୦୦ ଶିଳ୍ପ । ତାହା ପ୍ରକୃତରେ ଜଣେ ଦୂରଦୃଷ୍ଟି ସମ୍ପନ୍ନ ଶାସକର ଉଚିତ୍ ପଦକ୍ଷେପ । ଆକ୍ଷରିକ ଅର୍ଥରେ କେତୋଟି ଶିଳ୍ପ ହେଲା, କେତେ ଉତ୍ପାଦନ ହେଲା, କେତେ ବୁଡିଲା, କେତେ ଉଠିଲା । ଏ ସବୁର ହିସାବ ନିରର୍ଥକ । ଯାହା ବୁଡିଲା, ସେତକ ଭିତ୍ତିଭୂମୀ, ତାରି ଉପରେ ଆଜି ଯାହା କିଛି ସଫଳତା ଗଢି ଉଠିଛି । ଯେଉଁମାନେ ଏହାକୁ ସମାଲୋଚନା କରନ୍ତି, ମୁଁ ସେମାନଙ୍କ ସହ ଏକମତ ନୁହେଁ । ସମାଲୋଚକମାନଙ୍କର କର୍ମ ଉପଯୋଗୀ, ବ୍ୟବହାରିକ ଜ୍ଞାନ ନାହିଁ । ଏହା ମୋର କେବଳ ନୁହେଁ, ମୋପରି ଅନେକ ଯେଉଁମାନେ ସେତେବେଳର ଅଗ୍ନି ପରୀକ୍ଷାରୁ ଉତୁରୀ ଆଜି ମୁଣ୍ଡ ଟେକି ଠିଆ ହୋଇଛନ୍ତି ସେମାନଙ୍କର ମତାମତ ଏବଂ ଦୃଢ ବିଶ୍ୱାସ ।

ଏଠାରେ ଆଉ ଗୋଟିଏ ଛୋଟିଆ ଘଟଣା ଉଲ୍ଲେଖ କରିବାକୁ ଯାଉଛି । କାରଣ କ୍ରମେ ମୁଁ ବୁଝି ପାରୁଥିଲି ଯେ ମୋର ସଫଳତା ବିଫଳତା ପଛରେ କେବଳ ମୋର ଆଜିର କର୍ମ ନାହିଁ । ଆଉ କିଛି ରହିଛି । ତା କଣ ମୁଁ ବୁଝି ନ ପାରୁ ନଥିଲେ ମଧ ଜାଣୁଥିଲି ଯେ ମୋର କାର୍ଯ୍ୟ କଳାପ ସଫଳତା, ପାରଦର୍ଶୀତା ଆଉ କେଉଁ ଶକ୍ତିର ପ୍ରଚ୍ଛନ୍ନ ନିୟନ୍ତ୍ରଣରେ ରହିଛି । ତାହାକୁ ଭାଗ୍ୟ କୁହାଯାଇପାରେ । ପୂର୍ବ କର୍ମର ଫଳ ବୋଲି କୁହାଯାଇପାରେ । ଯେତେବେଳେ ବ୍ରିଡିଙ୍ଗ ଫାର୍ମଟି କରିବାକୁ ପ୍ରଥମେ ନିଷ୍ପତ୍ତି କଲି, ସେ ନିଷ୍ପତ୍ତି ପଛରେ ମୋ ନିଜ ଅପେକ୍ଷା ସେହି ଅଦୃଶ୍ୟ ଶକ୍ତିର ନିୟନ୍ତ୍ରଣ ଅଧିକ ବୋଲି ମୁଁ ସର୍ବଦା ମନେ କରିଛି । ସେଥିପାଇଁ ପାତ୍ରପଡା ମୌଜାରେ ଆଜି ଯେଉଁଠି ଆଳୁ ଗଦି ଅଛି ଠିକ୍ ତା'ର ସାମନାରେ ଜାତୀୟ ରାଜପଥ-୫ର ଅପର ପାର୍ଶ୍ୱରେ ୩.୫ ଏକର ଜମି କିଣିଛି । ମାତ୍ର ଶତ ଚେଷ୍ଟା ସତ୍ତ୍ୱେ ସେ ଜମିରେ କୌଣସି ପ୍ରକାର କାମ ମୁଁ ଆରମ୍ଭ କରି ପାରିଲି ନାହିଁ । ମୁଁ ନିଜେ ମଧ ଆଶ୍ଚର୍ଯ୍ୟ ହୋଇଗଲି । କାହିଁକି ଏପରି ଘଟୁଛି । ଠିକାଦାର କାମ ପାଇଁ ସମ୍ମତି ଦେଇ ଠିକ୍ ସମୟରେ ଆସିବ ନାହିଁ । ନଆସିବାର କାରଣ ମଧ ସେପରି ହୃଦବୋଧ ଯୋଗ୍ୟ ନୁହେଁ । ଏହି ଘଡି ସନ୍ଧି ମୁହୂର୍ତ୍ତରେ ମୋର ଜଣେ ବୟସ୍କ ବନ୍ଧୁ ଜି.ଆର.ସି. ରାଓ ଯେ ଆଜି ଏ ସଂସାରରେ ନାହାନ୍ତି ତାଙ୍କ ଘରେ ତାଙ୍କର ଜଣେ ବନ୍ଧୁଙ୍କ ସହ ଦେଖା ହେଲା । ସେ ହେଉଛନ୍ତି ମି. ଶର୍ମା, ରାଜମହେନ୍ଦ୍ରି ଲୋକ । ମୋଠାରୁ ମୋର ଅସୁବିଧା ଶୁଣି ସେ ଯାଗା ପାଖକୁ ଯିବାକୁ

Digitized by PPRACHIN, SOA

ଚାହିଁଲେ । ତାଙ୍କୁ ନେଇ କରି ଗଲି । ପ୍ରାୟ ଏକ ଘଣ୍ଟା ଧରି ଯାଗାରେ ଚାରି ଜଣ ବୁଲିଲେ । ଶେଷରେ କହିଲେ ଏ ଯାଗାରେ ଆପଣ କିଛି କରନ୍ତୁ ନାହିଁ, କାରଣ ଏ ଯାଗା ଶିଳ୍ପ ଉପଯୋଗୀ ନୁହେଁ । ଏ ମାଟି ତଳେ ଅନେକ କଙ୍କାଳ ରହିଛି । ଏଠାରେ ଶିଳ୍ପ କଲେ ଆପଣ ସଫଳତା ମୋଟେ ପାଇବେ ନାହିଁ । ଏଣେ ତାଙ୍କ କଥା ମୁଁ ବିଶ୍ୱାସ କରି ପାରୁ ନାହିଁ କି ଅବିଶ୍ୱାସ କରି ପାରୁ ନାହିଁ । ମୁଁ ନିଜେ ତ ଦେଖୁଛି ଯେ ଶତ ଚେଷ୍ଟା ସତ୍ତ୍ୱେ କାମ ମୋଟେ ଆଗେଇ ପାରୁ ନାହିଁ । ମୋର ମାମୁଁ ଶ୍ରୀ ଆଶୁତୋଷ ପଟ୍ଟନାୟକ, ଇତିହାସ ନେଇ ଗବେଷଣା କରନ୍ତି । ତାଙ୍କ ଘର ମଧ୍ୟ ପାତ୍ରପଡା । ତାଙ୍କୁ ପଚାରିଲି ସେ କହିଲେ " ସେ ଅଞ୍ଚଳଟି ପୂର୍ବରୁ ପୁରୀ ରାଜାଙ୍କର ସୈନ୍ୟ ଛାଉଣୀ ଥିଲା । ଖୋର୍ଦ୍ଧା ଅଧିକାର କରିବା ପାଇଁ ଉତ୍ତରରୁ ଯେଉଁ ଆକ୍ରମଣ ହୋଇଥିଲା, ତାହା ଥିଲା ପ୍ରଥମ ଘାଟୀ । ତେଣୁ ସେ ଜମି ତଳେ କଙ୍କାଳ ଥିବା ଅବିଶ୍ୱାସ୍ୟ ନୁହେଁ ।" ମୁଁ ସେତକ ଶୁଣିଲା ପରେ ସେ ଯାଗାଟି ତନ୍ନ ତନ୍ନ କରି ବୁଲି ଦେଖିଲି । ବୁଦୁବୁଦିଆ ଜଙ୍ଗଲ ଥିଲା । ଦେଖିଲି ପଥର କାଟି ଭୁଇଁ ତଳକୁ ବିରାଟ ବିରାଟ ଖାତ କରା ଯାଇଛି । ୧୫୦ ଫୁଟରେ ୫୦ ଫୁଟ ଆଉ ୨୦ ଫୁଟ ଗଭୀର । ସେଗୁଡିକରେ ହାତୀମାନଙ୍କ ପାଇଁ ପାଣି ସଞ୍ଚିତ ହୋଇ ରହୁଥିଲା । ଆଉ ସେ ଖାତର ଦୁଇପଟ ଗଡାଣିଆ କରା ଯାଉଥିଲା, ଯେପରି ହାତୀ ଭିତରକୁ ପ୍ରବେଶ କରି ପୁଣି ଉଠି ଆସି ପାରିବ । ଏ ସବୁ ଜାଣିଲାପରେ ସେ ପ୍ଲଟଟି ବିକ୍ରି କରି ଦେବାର ନିଷ୍ପତ୍ତି କଲି । ଭାଗ୍ୟକୁ ବ୍ୟାଙ୍କ ମଧ୍ୟ ୧୫ ଏକର ଅତି କମ୍‌ରେ ଜମି ନହେଲେ ଋଣ ଦେବ ନାହିଁ ବୋଲି କହିବାରୁ ଏ ଜମିଟି ରଖିବାର କିଛି ଆବଶ୍ୟକ ରହିଲା ନାହିଁ ।

ହଁ ଇତକୋ ଜମି ପାଇବା ପାଇଁ ପରିଶ୍ରମର ପରିଚ୍ଛେଦ ସରିଲା । ଘର ତୋଳା ଆରମ୍ଭ ହୋଇ ସରିବାକୁ ବସିଲା । ମାତ୍ର ବିଦ୍ୟୁତ ସଂଯୋଗ ମିଳିଲା ନାହିଁ । ବାରମ୍ବାର ଦୌଡି ମଧ୍ୟ ମୋତେ ଏ ବ୍ୟାପାରରେ କିଛି ବୋଲି କିଛି ସଫଳତା ମିଳିଲା ନାହିଁ । ବିଦ୍ୟୁତ ପାଇବା ପାଇଁ ଏତେ ପ୍ରକାର ନିୟମ କଟକଣା, ଲାଭ କ୍ଷତିର ହିସାବ ଯେ ଜଣେ କ୍ଷୁଦ୍ର ଶିଳ୍ପ ପାଇଁ କେବଳ ବିଦ୍ୟୁତ ବିଭାଗ ଚାହିଁଲେ ହିଁ ବିଦ୍ୟୁତ ମିଳିବ, ନଚେତ୍ ସେ ଆଇନ କାନୁନ, ଏଷ୍ଟିମେଟ ଏସବୁ ଜାଲରେ ଅଫିସରମାନେ ଏପରି ଛନ୍ଦି ଦେବେ ଯେ ବର୍ଷ ବର୍ଷ ଚାଲି ଯିବ, ବିଦ୍ୟୁତ ମିଳିବ ନାହିଁ । ମୋ କ୍ଷେତ୍ରରେ ଏଇଆ ହେଲା ଯେ ଏଇଟିକୁ କେଉଁ ଟାରିଫରେ ବିଦ୍ୟୁତ ଦିଆଯିବ ତାହା ସ୍ଥିର ହୋଇ ପାରିଲା ନାହିଁ । ସେତେବେଳେ କେନ୍ଦ୍ର ସରକାରଙ୍କର ଗୋଟାଏ ନିର୍ଦ୍ଦେଶନାମା ଥିଲା ଯେ କୁକୁଡା ଫାର୍ମ ପାଇଁ କୃଷି ହାରରେ ବିଦ୍ୟୁତ ଦିଆ ଯିବ । ଏଇଟି ସମସ୍ତ ରାଜ୍ୟକୁ ଗୋଟିଏ ଉପଦେଶ ମାତ୍ର ଥିଲା ।

Digitized by PPRACHIN, SOA

ମୋ କ୍ଷେତ୍ରରେ ସମସ୍ୟା ହେଲା ମୁଁ କ୍ଷୁଦ୍ର ଶିଳ୍ପ ହିସାବରେ ରେଜେଷ୍ଟ୍ରି ହୋଇଛି । ସବ୍‌ସିଡି ପାଇଛି । ଜମି ମଧ୍ୟ କ୍ଷୁଦ୍ର ଶିଳ୍ପ ପାଇଁ ପାଇଛି । ଋଣ ପାଇଛି କୃଷି ଋଣ-ସୁଧ ହାରରେ । ବର୍ତ୍ତମାନ ଓଡିଶା ରାଜ୍ୟ ବିଦ୍ୟୁତ ବୋର୍ଡ ମୋତେ ଶିଳ୍ପର ମାନ୍ୟତା ଦେବ ନା କୃଷର ମାନ୍ୟତା ଦେବ । ତାପର ମୁଖ୍ୟ ସମସ୍ୟା ହେଲା କୃଷି ପାଇଁ ଓଡିଶାରେ ଅଲଗା ଟାରିଫ ନଥିଲା । ଯାହା ଥିଲା ତାହା ହେଉଛି ଜଳ ସେଚନ ଟାରିଫ । ତେଣୁ ମୋ ଶିଳ୍ପ ପାଇଁ ଜଳ ସେଚନ ଟାରିଫ ଲାଗୁ ହେବା ଯୁକ୍ତି ଯୁକ୍ତ ବୋଲି ମୋର ନିଜର ମଧ୍ୟ ମନେ ହେଉ ନଥିଲା ।

ଫାର୍ମଟି ଆରମ୍ଭ କରିବା ପାଇଁ ଅସୁବିଧା ସବୁ ସେତିକିରେ ସରିଲା ନାହିଁ । ବିଦ୍ୟୁତ୍‌ ସଂଯୋଗ ମଧ୍ୟ ଅନୁରୂପ ଅସୁବିଧା ସୃଷ୍ଟି କଲା । ତେଣୁ ବିଦ୍ୟୁତ ସଂଯୋଗ ପାଇଁ ମୋ ଫାଇଲଟି ଟେବୁଲରୁ ଟେବୁଲକୁ ଡେଉଁଥିଲା, କେଉଁଠି ଟିକେ ଘୁମାଇ ପଡୁଥିଲା ସିନା, ମୋର ପିଛା ଲାଗିବା ସତ୍ତ୍ୱେ କାମଟି ହୋଇ ପାରୁ ନଥିଲା । ଏଣେ ଘର ତିଆରି ସରିଲାଣି । ପ୍ୟାରେଣ୍ଟ ଷ୍ଟକ ପାଇଁ ଅଗ୍ରୀମ ପଠାଇ ସାରିଲିଣି । ଉପାୟ ନପାଇ ମୁଖ୍ୟ ଶାସନ ସଚିବ, ଏସ୍. ଏମ୍. ପଟ୍ଟନାୟକଙ୍କୁ ଦେଖାକଲି । ସେତେବେଳକୁ ମୁଁ ଓଡିଶା ରାଜ୍ୟ ବିଦ୍ୟୁତ ବୋର୍ଡରୁ ତଳ ଉପରୁ ସମସ୍ତଙ୍କୁ ଦେଖା କରି ସାରିଲିଣି । ଆଉ ସେହି ଅନୁପାତରେ ମୋ ଫାଇଲଟି ବେଶ୍ ପୃଥୁଳ ହୋଇ ସାରିଲାଣି । ଏସ୍.ଏମ୍. ପଟ୍ଟନାୟକ ମୋ ପ୍ରତି ଅତ୍ୟନ୍ତ ସହାନୁଭୂତିଶୀଳ । ଅନେକ କ୍ଷେତ୍ରରେ ସେ ମୋତେ ଯଥେଷ୍ଟ ସାହାଯ୍ୟ କରିଛନ୍ତି । ସେ ସମସ୍ତ ବ୍ୟାପାର ବୁଝିବା ପରେ, ଏକ୍‌ଜ୍ୟୁକିଟିଭ୍ ଇଂଜିନିୟର, ଭୁବନେଶ୍ୱର ଯେକି ମୋତେ ବିଦ୍ୟୁତ ସଂଯୋଗ ଦେବା ଦାୟୀତ୍ୱରେ ତାଙ୍କୁ ସିଧା ସଳଖ ଫୋନ କରିବାକୁ ଚାହିଁଲେ । କେବଳ ଧାଡିଏ ଦୁଇ ଧାଡିର ନିର୍ଦ୍ଦେଶ ଦେଲେ " ୭ ଦିନ ଭିତରେ କଳିଙ୍ଗ ହାଚେରୀକୁ ବିଦ୍ୟୁତ ସଂଯୋଗ ହୋଇଥିବା ଦରକାର । ସଂଯୋଗ କରିସାରି ମୋତେ ଖବର ଦିଅ ।" ମୁଁ ମୁଖ୍ୟ ଶାସନ ସଚିବଙ୍କଠାରୁ ଫେରି ଆଉ ଏକ୍‌ଜ୍ୟୁକିଟିଭ୍ ଇଂଜିନିୟର ଶ୍ରୀ ବି.ସି.ଜେନାଙ୍କୁ ଦେଖା କରିବା ଦରକାର ହେଲା ନାହିଁ । ତାଙ୍କ ଅଫିସ ଅତ୍ୟନ୍ତ ଚଳଚଞ୍ଚଳ ହୋଇ ଉଠିଲା । ଏଗ୍ରୀମେଣ୍ଟ କରିବାକୁ ମୋତେ ଖବର ଦେଲେ ଏବଂ ମୋ ଠାରୁ ଗୋଟିଏ ଅଣ୍ଡରଟେକିଙ୍ଗ ନେଲେ ଯେ, ଯେହେତୁ କୌଣସି ନିର୍ଦ୍ଦିଷ୍ଟ ଟାରିଫ କୁକୁଡା ଫାର୍ମ ପାଇଁ ବୋର୍ଡର ନାହିଁ, ବର୍ତ୍ତମାନ କ୍ଷୁଦ୍ର ଶିଳ୍ପ ଟାରିଫ ଲାଗୁ କରାଯିବ । ଆଉ ଓଡିଶା ସରକାରଙ୍କଠାରୁ ଅନୁମତି ମଗାଯିବ । ଓଡିଶା ସରକାର ଯେଉଁ ଟାରିଫ ନିର୍ଣ୍ଣୟ କରିବେ ତାହା ପ୍ରଥମରୁ ଲାଗୁ ହେବ । ମୋର ଆପତ୍ତି କରିବାକୁ କିଛି ନଥିଲା । ୭ ଦିନ ନୁହେଁ ମାତ୍ର ୪ ଦିନ ଭିତରେ କଳିଙ୍ଗ ହାଚେରୀରେ ଆଲୁଅ ଜଳିଲା । ଏଇ ଯେଉଁ

Digitized by PPRACHIN, SOA

ଅଣ୍ଡରଟେକିଙ୍ଗଟି ମୁଁ ଦେଇଥିଲି ପ୍ରାୟ ୧୦ ବର୍ଷ ପରେ ଏଇଟି ମୋ ପାଇଁ ଗୋଟିଏ କିଳା ହେଲା । ହଠାତ୍ ଗୋଟିଏ ପ୍ରେମ ପତ୍ର ପାଇଲି ଯେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କଳିଙ୍ଗ ହାଚେରୀକୁ କମରସିଆଲ ଟାରିଫ ଲାଗୁହେବ୍ ଆଉ ସେହି ହିସାବରେ ପ୍ରାୟ ୪ ଲକ୍ଷ ଟଙ୍କା ତୁମକୁ ପୁରୁଣା ବିଲ ଆଡକୁ ଦେବାକୁ ହେବ । ସେତେବେଳକୁ କୁକୁଡା ଫାର୍ମ ଶିଳ୍ପର ମାନ୍ୟତା ପାଇ ସାରିଲାଣି । ସେଥିରୁ କିପରି ମୁକ୍ତି ପାଇଲି ସେ ଅନ୍ୟକଥା । ମାତ୍ର ମୋର ଅନୁଭବ ଏଇ ଯେ ଛୋଟିଆ କାଗଜ ଖଣ୍ଡେ ଦସ୍ତଖତ ସହ ଯଦି ସରକାରଙ୍କ ପାଖରେ ରହିଗଲା କେତେବେଳେ ଯେ ସେଇଟି ଫଣା ଟେକିବ ଆଉ ଚୋଟ ମାରିବ କେହି କହି ପାରିବେ ନାହିଁ ।

ଘର ତୋଳା ସରିଲା । ପ୍ୟାରେଣ୍ଟ ଷ୍ଟକ ଆସିଲେ । ସେତେବେଳେ ବ୍ୟାଙ୍କ ଯେଉଁ ଫାଇନାସ କରୁଥିଲା, ତାହା ଏ.ଆର୍.ଡି.ସି. (ପଛରେ ନାବାର୍ଡ) ରିଫାଇନାସ କରୁଥିଲା । ମାତ୍ର ଏ.ଆର୍.ଡି.ସି. ଘର ତୋଳା ପାଇଁ ଯେଉଁ ଦରଧାର୍ଯ୍ୟ କରିଥିଲା ତାହା କଦାପି ଯଥେଷ୍ଟ ନଥିଲା । ମୋର ମନେ ଅଛି ପୋଲଟ୍ରି ସେଡ ପାଇଁ Sft.୨୧ ଟଙ୍କା ସେମାନେ ଦରଧାର୍ଯ୍ୟ କରିଥିଲେ । ଅନେକ ବର୍ଷ ଧରି ସେମାନଙ୍କର ଦର ସଂଶୋଧିତ ହୋଇ ନଥିଲା । ଏଣେ ପ୍ରତି ବର୍ଷ ନିର୍ମାଣ ଖର୍ଚ୍ଚ ବଢ଼ି ବଢ଼ି ଚାଲିଥିଲା । ଏ.ଆର୍.ଡି.ସି. ଦର ସଂଶୋଧନ ନ କଲେ ବ୍ୟାଙ୍କ ଅଧିକ ପଇସା ଦେବା ସମ୍ଭବ ନୁହେଁ । ସେ ଯାହା ହେଉ ଏ.ଆର୍.ଡି.ସି. ଉଚ୍ଚ କର୍ତ୍ତୃପକ୍ଷଙ୍କୁ ତାଙ୍କର ବମ୍ବେ ଅଫିସରେ ଦେଖା କରି, ବୁଝାଇ ଶୁଝାଇ ତାଙ୍କର ହୃଦବୋଧ କରାଇବା ଦ୍ୱାରା ଏ.ଆର୍.ଡି.ସି. ନିର୍ମାଣ ଖର୍ଚ୍ଚ ସଂଶୋଧନ କରିବା ଦ୍ୱାରା ମୁଁ କିଛି ଅଧିକ ପଇସା ପାଇ ପାରିଲି ଓ ନିର୍ମାଣ ସୁରୁଖୁରୁରେ ସରି ପାରିଲା ।

ପ୍ରଥମ ଅବସ୍ଥାରେ ବ୍ୟାଙ୍କରୁ ମାତ୍ର ୧୧ ଲକ୍ଷ ଟଙ୍କା ଋଣ ନେଇଥିଲି । ସେଥିରୁ ୨୫ ଭାଗ ମୋତେ ଦେବାକୁ ହେବ । ସେତକ ସେତେବେଳେ ବିଜିନେସ୍‌ରେ ଖଟାଇବା ପାଇଁ ମଧ୍ୟ ମୋର ଶକ୍ତି ନଥିଲା । ଏ ହେଉଛି ୧୯୮୦ ମସିହାର କଥା । ଖୁବ୍ ଶୀଘ୍ର ମୋତେ ଆଉ କିଛି ଅଧିକ ଘର ଫାର୍ମ ପାଇଁ କରିବାକୁ ପଡ଼ିଲା । ତା ବ୍ୟତୀତ ବ୍ୟାଙ୍କମାନେ କୁକୁଡା ଫାର୍ମ ପାଇଁ ଦୈନନ୍ଦିନ ଖର୍ଚ୍ଚ (c. c.) ପାଇଁ ଯେଉଁ ଋଣ ଦେଉଥିଲେ ତାହା ଆଦୌ ଯୁକ୍ତିଯୁକ୍ତ ନଥିଲା । ଫାର୍ମ ପ୍ରଡକସନ ଆସିବା ଭିତରେ ଯାହା ଖର୍ଚ୍ଚ ବ୍ୟାଙ୍କ ହିସାବକୁ ନେଉଥିଲା ମାତ୍ର ଉତ୍ପାଦନ ଆରମ୍ଭ ହେବା ପରେ ଆଉ କିଛି ଖର୍ଚ୍ଚ ସେ ବିଚାରକୁ ନେଉ ନଥିଲା । ଅନ୍ୟାନ୍ୟ ଶିଳ୍ପ ପାଇଁ ହୁଏତ ଏ ସୂତ୍ର ଠିକ୍ ହୋଇପାରେ ମାତ୍ର କୁକୁଡା ଫାର୍ମ ପାଇଁ ଏହା ଉପଯୁକ୍ତ ନୁହେଁ । କୁକୁଡା ଫାର୍ମରେ ଯେଉଁ କୁକୁଡା ରଖା ଯାଏ ତାହା ଏକା ଥରକେ ରଖା

Digitized by PPRACHIN, SOA

ଯାଏ ନାହିଁ । ଫାର୍ମର ସମୁଦାୟ କୁକୁଡା ରଖିବାର କ୍ଷମତାକୁ ସମାନ ଭାଗ କରି ବର୍ଷକ ଭିତରେ ଦଳ ଦଳ କରି ଅଣା ଯାଏ । ତଦ୍ୱାରା ଉତ୍ପାଦନ ବର୍ଷ ସାରା ଗୋଟାଏ ନିର୍ଦ୍ଦିଷ୍ଟ ପରିମାଣରେ ହୋଇ ପାରିବ । ଯଦି ଉତ୍ପାଦନ ଆରମ୍ଭ ପର୍ଯ୍ୟନ୍ତ କେବଳ କାର୍ଯ୍ୟକାରୀ ଋଣ ୱର୍କିଂ କ୍ୟାପିଟାଲ୍ ଦିଆଯିବ ତେବେ ଅନ୍ୟ ଦଳ କୁକୁଡା ଯେତେବେଳେ ଥର ଥର କରି ବର୍ଷକ ଭିତରେ ଫାର୍ମରେ ପଶିବେ ତାଙ୍କ ପାଇଁ ଦାନା କିଣିବାକୁ ପଇସା ନଥିବ ।

ମୋ ସମୟର ଉତ୍ସାହୀ ଉଦ୍ୟୋଗୀମାନେ ଶିଳ୍ପ ପ୍ରତିଷ୍ଠା ପାଇଁ ଉତ୍ସାହ ତ ଦେଖାଉଥିଲେ ମାତ୍ର ନିଜ ଅଂଶ ପରିମାଣ ଯୋଗାଡ କରିବା ଏକ କାଠିକର ପାଠ ହୋଇ ପଡୁଥିଲା । ଏ ସମସ୍ୟା ମଧ୍ୟ କିଛି ପରିମାଣରେ ସରକାରୀ ସାହାଯ୍ୟରେ ସୁଧୁରିଗଲା । ଆମେମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବୁଝାଇବାରେ ସରକାର ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ଜରୀଆରେ ମାରଜିନ୍‌ମନି ଅତି କମ ସୁଧ ହାର (୪%)ରେ ଦେଲେ । ତଦ୍ୱାରା ଉଦ୍ୟୋଗୀ ନିଜ ଅଂଶ ଦାଖଲ କରି ଋଣ ପାଇବା ନେଇ ଯେଉଁ ଅନିଶ୍ଚିତତା ଥିଲା ତାହା ଦୂର ହୋଇଗଲା । ମୁଁ ଏ ଯୋଜନା ଅନୁଯାୟୀ ୪ ଲକ୍ଷ ଟଙ୍କା ଓଡିଶା କ୍ଷୁଦ୍ର ଶିଳ୍ପ ନିଗମରୁ ନେଇଥିଲି ଓ କିଛି ସେୟାର ଓଡିଶା କ୍ଷୁଦ୍ର ଶିଳ୍ପ ନିଗମକୁ ଦେଇଥିଲି ।

ମୁଁ ଯେତେବେଳେ ଏହା ନେଲି, ସେତେବେଳେ ଜାଣି ନଥିଲି ଯେ ନେବା ବେଳର ଅସୁବିଧାଠାରୁ ଦେବା ବେଳର ଅସୁବିଧା ୧୦୦ ଗୁଣ ହେବ । ୧୯୯୨ ମସିହାରେ ମୁଁ ସେ ଋଣ ସୁଧ ମୂଳ କରି ଫେରାଇ ଦେବାକୁ ଚାହିଁଲି । ବାରମ୍ବାର ଓଡିଶା କ୍ଷୁଦ୍ର ଶିଳ୍ପ ନିଗମକୁ ଚିଠି ଲେଖିଲି । କୌଣସି ଉତ୍ତର୍ ପାଇଲି ନାହିଁ । ପରିଚାଳନା ନିର୍ଦ୍ଦେଶକଙ୍କୁ ଦେଖା କଲି, ଅଫିସରମାନଙ୍କୁ ଦେଖା କଲି । ଉତ୍ତର ମିଳିଲା ସେ ଋଣ ଫେରସ୍ତ ନେବା ପାଇଁ କେଉଁ ନୀତି ଅନୁସୃତ ହେବ ତାହା ଆମକୁ ଜଣାଇବା ପାଇଁ ଆମେ ସରକାରଙ୍କୁ ଲେଖିଛୁ । ୧୦/୧୨ ବର୍ଷ ଚାଲିଗଲା । ଓଡିଶା କ୍ଷୁଦ୍ର ଶିଳ୍ପ ନିଗମରୁ ଉତ୍ତର ପାଇଲି ନାହିଁ । ମୁଁ ବାରମ୍ବାର ରେଜିଷ୍ଟର୍ଡ ଚିଠି ଦେଇଛି ମାତ୍ର ଗୋଟିଏ ହେଲେ ଉତ୍ତର ପାଇ ନାହିଁ । ଶେଷରେ ମୁଁ କୋର୍ଟକୁ ଯିବି ବୋଲି ଗୋଟିଏ ନୋଟିସ ଦେଲି । ମୋ ନୋଟିସ ପାଇବା ପରେ ଓଡିଶା କ୍ଷୁଦ୍ର ଶିଳ୍ପ ନିଗମର ନିଦ ଭାଙ୍ଗିଲା । ଅନେକ ପାଟିତୁଣ୍ଡ ଯୁକ୍ତିତର୍କ ପରେ ୪% ସୁଧ ହାରରେ ୧୯୯୨ ପର୍ଯ୍ୟନ୍ତ ହିସାବ କରି ମୁଁ ଗୋଟିଏ ଦିନରେ ଚେକ୍ ଦେଇ ଦେଲି ଓ ମୋର ସେୟାର ଫେରସ୍ତ ନେଇ ଆସିଲି । ମୋର ସେତିକି ବେଳେ ମୁଖ୍ୟ ଶାସନ ସଚିବ, ଏସ୍.ଏମ୍.ପଟ୍ଟନାୟକଙ୍କ ଉପଦେଶ ମନେ ପଡିଲା । ସେ

Digitized by PPRACHIN, SOA

କହିଥିଲେ ..ସରକାରୀ ଅର୍ଥ ପାଇବାକୁ ଯେତେ ଦୌଡିବାକୁ ପଡେ, ଶୁଝିବା ପାଇଁ ତାର ୧୦ ଗୁଣ ଦୌଡିବାକୁ ପଡିବ ।

ଏ ସମସ୍ତ ଅଡୁଆ ସୁତାକୁ ସଜାଡି ଫାର୍ମକୁ ଚଳାଇବାକୁ ହେଲା । ପ୍ରଥମ ଅବସ୍ଥାରେ ସ୍ଥାନୀୟ କିଛି ଲୋକଙ୍କ ପାଖରୁ କିଛି ବିରୋଧ ଆସିଲା । ସେ ସବୁ ବିଶେଷତଃ ଇଡ୍‌କୋ ମୋତେ ଦେଇଥିବା ଜମିର ମାପଚୁପ ନେଇ । ସେ ସବୁ ଅଡୁଆ ତୁଟିବାରେ ବେଶି ସମୟ ଲାଗିଲାନି । ଏତେ ବର୍ଷ ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ମୋର ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଅତ୍ୟନ୍ତ ସୁସମ୍ପର୍କ ରହିଛି ଏବଂ ମୋତେ ସେମାନେ ସେମାନଙ୍କ ଭିତରୁ ଜଣେ ବୋଲି ଗ୍ରହଣ କରି ନେଇଛନ୍ତି । ଆଉ ମୁଁ ମଧ୍ୟ ନିଜକୁ ତାଙ୍କ ଗ୍ରାମରେ ଜଣେ ବୋଲି ମନେ କରି ଖୁସୀ ଅଛି ।

ପ୍ରଥମ ଅବସ୍ଥାରେ ଫାର୍ମ ଚଳାଇବାରେ ଅନେକ ଅସୁବିଧାର ସମ୍ମୁଖୀନ୍ନ ହେବାକୁ ହେଲା । ଆବଶ୍ୟକୀୟ ଭିଟାମିନ, ମେଡିସିନ ଇତ୍ୟାଦି ଏଠାରେ ମିଳେ ନାହିଁ । ମୋର ଆବଶ୍ୟକତାର ପରିମାଣ ମଧ୍ୟ ଅଳ୍ପ । ସେ ସବୁ ହାଇଦ୍ରାବାଦରୁ ସଂଗ୍ରହ କରିବାକୁ ହୁଏ । ବୈଷୟିକ ଜ୍ଞାନ ଥିବା ସୁପରଭାଇଜର ମଧ୍ୟ ଓଡିଶାରେ ମିଳୁ ନଥିଲେ । ସାଧାରଣ କୁକୁଡା ଫାର୍ମ ଠାରୁ ବ୍ରିଡିଙ୍ଗ ଫାର୍ମର ପରିଚାଳନାରେ ଆକାଶ ପାତାଳ ପ୍ରଭେଦ ।

ବ୍ରିଡିଙ୍ଗ ଫାର୍ମ ପାଇଁ ଆମକୁ ପ୍ୟାରେଣ୍ଟ ଷ୍ଟକ ବାହାରୁ ଆଣିବାକୁ ହୁଏ । ଦିନକର ଛୁଆ ହିଁ ଆମ ପାଖକୁ ଆସେ, ଆମ ପାଖରେ ଏ ଛୁଆଟି ପାଖାପାଖି ୧୮ ମାସ ରହେ । ଆସିବାର ୫ ମାସ ଭିତରେ ଅଣ୍ଡା ଦେବାକୁ ଆରମ୍ଭ କରେ । ବାକିତକ ସମୟ ଅଣ୍ଡା ଦିଏ । ଆମେ ଚିଆଁ କିଣିଲା ବେଳେ ୧୦ଟି ଫିମେଲ ଚିଆଁ ପାଇଁ ଗୋଟିଏ ମେଲ ଚିଆଁ କିଣି ଥାଉ । ୧୮ ମାସ ପରେ ଯେ ପ୍ୟାରେଣ୍ଟ ଷ୍ଟକ ଆଉ ଅଣ୍ଡା ଦିଏ ନାହିଁ ତା ନୁହେଁ, ଯେଉଁ ପରିମାଣରେ ସେ ୧୮ ମାସ ପରେ ଦିଏ ତାହା ତୁଳନାରେ ତା ପିଛା ଦାନା, ମେଡିସିନ୍‌ରେ ଅଧିକ ଖର୍ଚ୍ଚ ହୋଇଯାଏ ଏବଂ ସେ ଅଣ୍ଡାରୁ ଚିଆଁ ଫୁଟିବା ହାର କମି ଯାଏ । ତେଣୁ ୧୮ ମାସ ପରେ ଆମେ ତାକୁ ମାଂସ ଭାଉରେ ବିକି ଦେଉ । ଏ ପ୍ୟାରେଣ୍ଟ ଷ୍ଟକ ଗୁଡିକ ବିକ୍ରି ବେଳକୁ ବେଶ୍ ଓଜନ ହୋଇଥାନ୍ତି । ଗୋଟିଏ କୁକୁଡା ୩ ରୁ ୪ କେଜି ଓଜନ ହୁଏ । ଆମେ ମେଲ ଫିମେଲ ବ୍ରିଡିଙ୍ଗ ଷ୍ଟକ ରଖି ଯେଉଁ ଅଣ୍ଡା ପାଉ ତାକୁ ମେସିନରେ ବସାଇ ୨୧ ଦିନରେ ଚିଆଁ ପାଉ । ଆଉ ଏଇ ଚିଆଁ ଚାଷୀମାନଙ୍କୁ ଫାର୍ମ କରିବାକୁ ଦେଉ । କୁକୁଡା ବ୍ରିଡ ୨ ଜାତିର । ଅଣ୍ଡା ଦିଆ କୁକୁଡା ଓ ମାଂସ କୁକୁଡା । ମୁଁ ଯେଉଁ ବ୍ରିଡିଙ୍ଗ ଫାର୍ମ କରିଥିଲି ତାହା କେବଳ ମାଂସ ଜାତିର ଚିଆଁ ଉତ୍ପାଦନ ପାଇଁ । ସେ ଚିଆଁକୁ

Digitized by PPRACHIN, SOA

ଫାର୍ମରେ ଜଣେ କିଛି ଦିନ ରଖି ମାଂସ ପାଇଁ ବିକ୍ରି କରି ଦିଏ। ଆଗରୁ ଏ ବ୍ରିଡ ପ୍ରାୟ ୨ ମାସ ପାଇଁ ପାଳିବାକୁ ହେଉଥିଲା ଓ ଓଜନ ୧.୫ ରୁ ୨ କେଜି ମଧ୍ୟରେ ହେଉଥିଲା। କ୍ରମାଗତ ଗବେଷଣା ଫଳରେ ବର୍ତ୍ତମାନ ମାତ୍ର ୩୫ ଦିନରେ ୧.୩ ରୁ ୧.୫ କେଜି ଓଜନ ହେଉଛି ଆଉ ଦାନା ମଧ୍ୟ କମ୍ ଖାଉଛି।

ଆଜି କେବଳ ଭୁବନେଶ୍ୱର କାହିଁକି ଗାଁ ଗହଳ ଅନ୍ଦିକନ୍ଦିରେ ବ୍ରଏଲର ଫାର୍ମ ଠିଆ ହୋଇଗଲାଣି ଏବଂ ଫାର୍ମର ସଂଖ୍ୟା ଓ ବିସ୍ତାର ସହିତ ତା ପାଇଁ ଦରକାର ହେଉଥିବା କଞ୍ଚାମାଲ, ଭିଟାମିନ, ଭ୍ୟାକସିନ୍, ମେଡିସିନ ସବୁ କିଛି ଓଡିଶା ଭିତରେ ଛୋଟ ଛୋଟ ସହରରେ ତଥା ଗ୍ରାମ୍ୟ ବଜାରରେ ମଧ୍ୟ ମିଳୁଛି। ମାତ୍ର ବର୍ଷ କେତୁଟା ଭିତରେ ବ୍ରଏଲର ଫାର୍ମ ଅତ୍ୟନ୍ତ ଲୋକପ୍ରୀୟ ହୋଇ ଯାଇଛି। ଅଳ୍ପ ପୁଞ୍ଜିରେ ଜଣେ ସାଧାରଣ ଯୁବକ ଯାହାର କୌଣସି ବୈଷୟିକ ଜ୍ଞାନ ନାହିଁ ସେ ଛୋଟିଆ ଫାର୍ମଟେ କରି ମାସକୁ ୧୦୦ଟି ଚିଆଁ ରଖି ବଳକା ସମୟରୁ କିଛି ଫାର୍ମ ପାଇଁ ଦେଇ ମାସକୁ ହାରାହାରି ୫୦୦ ଟଙ୍କା ପାଇ ପାରୁଛି। ଗାଁ ଗହଳରେ ଏ ୫୦୦ ଟଙ୍କା ସେ ସମୟରେ କିଛି କମ୍ ନଥିଲା। ଏ ବ୍ରଏଲର ଫାର୍ମର ବିସ୍ତାର ଏପରି ଘଟିଛି ଯେ ଆମେ ଆଜି କୁକୁଡା ମାଂସ ପାଇଁ ଅନ୍ୟ ରାଜ୍ୟ ଉପରେ (ଯେପରି ଅଣ୍ଡା ପାଇଁ) ନିର୍ଭର କରୁ ନାହୁଁ ବରଂ ଅନେକ ସମୟରେ ଏଠାରୁ କୁକୁଡା କଲିକତା ଯାଉଛି। ସବୁଠାରୁ ମଜା କଥା କୁକୁଡାର ରୋଗ, ବୈରାଗ୍ୟ, ଉତ୍ତମ ପରିଚାଳନା ପାଇଁ ଗାଁ ଗହଳିରେ ସେ ଯୁବକଟି ଆଉ ପଶୁ ଡାକ୍ତର ଉପରେ ନିର୍ଭର କରିବାକୁ ପଡୁ ନାହିଁ। ସେ ଚଳାଇ ପାରିବ, ସେ ଆତ୍ମ ବିଶ୍ୱାସ ତା'ର ଆସି ଗଲାଣି। ସେ ପାରୁଛି ମଧ୍ୟ।

ମୋ ଫାର୍ମର ପ୍ୟାରେଣ୍ଟ ଷ୍ଟକ ଅଣ୍ଡା ଦେବାକୁ ଆରମ୍ଭ କଲେ। ହାଚେରୀ ମେସିନ ମଧ୍ୟ ବସି ଗଲାଣି। ଅଣ୍ଡା ମେସିନକୁ ଯିବ ଏବଂ ୨୧ ଦିନ ପରେ ଚିଆଁ ଫୁଟିବ। ଯେଉଁ ଦିନ ଚିଆଁଟି ଫୁଟିବ, ସେହିଦିନ ଯଥା ସମ୍ଭବ କମ୍ ସମୟରେ ଚିଆଁଟି ଚାଷୀ ପାଖରେ ପହଞ୍ଚି ଯିବା ଦରକାର। ଚିଆଁଟି ଅତି ବହୁତରେ ୩୬ ଘଣ୍ଟା ବିନା ଖାଇବା, ପିଇବାରେ ସାଧାରଣ ଜଳବାୟୁରେ ରହି ପାରିବ। ମାତ୍ର ଯେତେ ଶୀଘ୍ର ସେ ଚାଷୀ ପାଖରେ ପହଞ୍ଚିବ, ସେତେ ଭଲ କାରଣ ଯେତେ ଶୀଘ୍ର ସେ ପାଣି ଓ ଦାନା ପାଇବ, ତା'ର ଓଜନ ସେହି ପରିମାଣରେ ବଢ଼ିବ।

ଜମି ମିଳିଲା, ଋଣ ମିଳିଲା, ନିର୍ମାଣ କାମ ସରି ପ୍ୟାରେଣ୍ଟ ଷ୍ଟକ ରହିଲେ। ଅଣ୍ଡାରୁ ଛୁଆ ଫୁଟାଇବା ମେସିନ ଆସି ବସିଗଲା। ବାହାରୁ ସୁପରଭାଇଜର ଆଣି ରଖିଲି। ୨ ଜଣଙ୍କୁ ପୁନେରେ ଏ ବ୍ୟାପାରରେ ଟ୍ରେନିଂ ନେବା ପାଇଁ ପଠାଇଲି। ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ନିଜ ହାତରେ ଦାନା ମଧ୍ୟ ତିଆରି କଲି। ଦାନା ତିଆରି ପାଇଁ ବ୍ୟାଙ୍କ କିଛି ଫାଇନାନ୍ସ କରି ନଥିଲା। ସମାନ୍ୟ କିଛି

Digitized by PPRACHIN, SOA

ବିନିଯୋଗ କରି ଗୋଟିଏ ପୁରୁଣା ଅଟା ଚକି କିଣିଲି । ସେଇଥିରେ ଦାନା ପାଇଁ ବ୍ୟବହୃତ କଞ୍ଚାମାଲକୁ ଗୁଣ୍ଡ କରିଲି ଆଉ ସେଥିରେ ଭିଟାମିନ, ମେଡିସିନ ଇତ୍ୟାଦି ହାତରେ ହିଁ ମିଶାଇଲି । ବାହାରୁ କିଣା ଦାନା ଅପେକ୍ଷା ଭଲ ଫଳ ପାଇଛି । ଆଉ କିଛି ପରିମାଣରେ ଶସ୍ତା ମଧ୍ୟ ପଡିଲା ।

ପ୍ରଥମ ବ୍ୟାଚରେ ମୁଁ ୨୧୦୦ ପ୍ୟାରେଣ୍ଟ ଷ୍ଟକ (ଫିମେଲ) ଆଉ ୧୨% ମେଲ ଆଣିଥିଲି । ଏତିକି ପ୍ୟାରେଣ୍ଟ ଷ୍ଟକରୁ ପ୍ରାୟ ସପ୍ତାହକୁ ୪୦୦୦ ବିକ୍ରି ଯୋଗ୍ୟ ଚିଆଁ ବାହାରିବା କଥା । ଏତିକି ପରିମାଣର ଉତ୍ପାଦନରେ ସାଧାରଣତଃ ଗୋଟିଏ ବ୍ରିଡିଙ୍ଗ ଫାର୍ମ ଅର୍ଥନୈତିକ ଦୃଷ୍ଟିରୁ ସାଧନ ଯୋଗ୍ୟ ହେବା ସମ୍ଭବ ନୁହେଁ । ମାତ୍ର ଓଡିଶାରେ ବ୍ରଏଲର ଚିଆଁଟି ପ୍ରଥମ କରି ଉତ୍ପାଦନ ହେଉଥିବାରୁ ମୋତେ ଅତ୍ୟନ୍ତ ସତର୍କତାର ସହିତ ପାଦ ପକାଇବାକୁ ହେଉଥିଲା । ବ୍ରଏଲର ଫାର୍ମ ବ୍ୟାପାରରେ ସେପରି କିଛି ଅଭିଜ୍ଞତା କାହାରି ଓଡିଶାରେ ନଥିଲା । ମାତ୍ର କିଛି ଉତ୍ସାହୀ ଯୁବକ ସେ ଅନିଶ୍ଚିତତା ଭିତରକୁ ମୋ କଥାରେ ଭରସା କରି ଡେଇଁବାକୁ ପ୍ରସ୍ତୁତ ଥିଲେ । ମୁଁ ନିଜେ ଦର୍ଶନ ଶାସ୍ତ୍ରରେ ଏମ୍.ଏ. କରି ସାରି, ଚାକିରି ମିଳିବା ସତ୍ତ୍ୱେ ସେଥିରେ ମନ ନଦେଇ ଏପରି ଏକ ନୂତନ ଉଦ୍ୟମ ଯେ ଆରମ୍ଭ କରିଥିଲି, ସେଇଟି କେତେକଙ୍କ ପାଇଁ ପ୍ରେରଣା ଦାୟକ ହୋଇଥିଲା । ମୁଁ ପୁନେ ତଥା ହାଇଦ୍ରାବାଦ ପାଖଆଖରେ ବିଭିନ୍ନ ଅଞ୍ଚଳ ବୁଲି, ବିଭିନ୍ନ କୁକୁଡା ଚାଷୀଙ୍କ ସହ କଥାବାର୍ତ୍ତା କରି ଓଡିଶାରେ ନୂଆ କରି ପାଦ ଦେଇଥିବା ଚାଷୀଙ୍କ ପାଇଁ ଗୋଟାଏ ବ୍ଲୁ ପ୍ରିଣ୍ଟ ମନେମନେ ସ୍ଥିର କରିଥିଲି ।

ଘର କିପରି ହେବା ଦରକାର, କେତେ ଖର୍ଚ୍ଚ ଭିତରେ ହେବ । ବାୟୁ ଚଳାଚଳ ପାଇଁ ବ୍ୟବସ୍ଥା କିପରି ରହିବ । ଦାନା ଆଉ ପାଣି ଯୋଗା କିପରି ହେବ ଏବଂ ୧୦୦ଟି ଚିଆଁ ପାଇଁ କେତେ ପରିମାଣରେ ଏସବୁ ରହିବ । ଚିଆଁ ଘରେ ପଶିବା ମାତ୍ରକେ କିପରି ତାଙ୍କୁ ଉଷୁମ ଦିଆଯିବ । କେଉଁ ବୟସରେ ସେମାନେ କ'ଣ ଖାଇବେ । ଏସବୁକୁ ଦର୍ଶାଇ ଗୋଟିଏ ଛୋଟିଆ ପୁସ୍ତିକା ଛପାଇଥିଲି ଏବଂ ମୋର ବିଦ୍ୟା ବୁଦ୍ଧି ଅନୁସାରେ ସେମାନଙ୍କୁ ବୁଝାଇଥିଲି । ହାତ ପାଆନ୍ତାରେ ମିଳୁଥିବା ଉପକରଣ ବ୍ୟବହାର କରି କିପରି ଚାଷୀ ଅଳ୍ପ ଖର୍ଚ୍ଚରେ ଫାର୍ମଟି କରି ପାରିବ, ତାହା ମୋର ଲକ୍ଷ୍ୟ ଥିଲା । ପ୍ରକାଶଥାଉକି ସେତେବେଳେ ଓଡିଶାର କୌଣସି ସରକାରୀ ପଶୁଡାକ୍ତର ବ୍ରଏଲର କୁକୁଡାଟି କ'ଣ, ହାତୀ ନା ଘୋଡା, ତା ମଧ୍ୟ ଜାଣି ନଥିଲେ । ଜାଣିବାକୁ ଆଗ୍ରହୀ ନଥିଲେ । ଯଦିଓ ଶହ ଶହ ପଶୁଡାକ୍ତର ସରକାରଙ୍କ ଚାକିରିରେ ଥିଲେ ଓ କୁକୁଡ଼ା ଚାଷ ଉନ୍ନୟନ ଦାୟୀତ୍ୱ ନେଇଥିଲେ ।

Digitized by PPRACHIN, SOA

ଲଂଗ ଜଂପ୍-ହାଇ ଜଂପ୍ ଓ ଖଣ୍ଡିଆ ଖାବରାର କାହାଣୀ

ଚିଆଁ ବାହାରିବା ପୂର୍ବରୁ ଏଗୁଡିକ ପାଇଁ ବିକ୍ରିର ବନ୍ଦୋବସ୍ତ ହୋଇଯିବା ଦରକାର । ସେଥିପାଇଁ ଅଣ୍ଡା ମେସିନକୁ ଯିବା ପୂର୍ବରୁ କେଉଁ ଚାଷୀ ସେ ଚିଆଁ ନେବ ତାହା ସ୍ଥିର ହୋଇ ତା'ଠାରୁ ତା'ର ଦାମ ଆସିଥିବା ଦରକାର । ତା'ର କାରଣ ହେଉଛି ଛୁଆ ଉତ୍ପାଦନ ପରେ ଆଉ ସମୟ ନଥାଏ ଗ୍ରାହକ ଖୋଜିବାକୁ । ଆଉ ଥରେ ଦାମ୍‌ଟି ଆଗତୁରା ନପାଇଥିଲେ, ଗ୍ରାହକ ନେବା ନନେବା ନେଇ ଅନିଶ୍ଚିତତା ରହିଯାଏ । ଚିଆଁ ଉତ୍ପାଦନ ଆରମ୍ଭ ହେଲା । ନିଜେ ମୁଁ ମଧ୍ୟ କାର୍ ଡିକିରେ ଚିଆଁ ନଦି ଚାଷୀ ପାଖରେ ପହଞ୍ଚାଇ ଦେବାରେ ସାହଯ୍ୟ କରେ । ଥରେ ଗୋଟିଏ ସପ୍ତାହରେ ଚିଆଁ କିଛି ବଳି ପଡିଲେ । ମୁଁ କାର୍ ଡିକିରେ ନଦି ଫାର୍ମରୁ ଫାର୍ମ ବୁଲୁଥାଏ । କିଛି କାମ ପଡିବାରୁ ଆସି ୟୁକୋ ବ୍ୟାଙ୍କ, ସି.ଆର୍.ପି ଶାଖାରେ ପହଞ୍ଚିଲି । ପ୍ରକାଶଥାଉକି ସେମାନେ ମୋତେ ବ୍ରିଡିଙ୍ଗ ଫାର୍ମ ପାଇଁ ଋଣ ଦେଇଥାଆନ୍ତି । ବଳି ପଡିଥିବା ଚିଆଁ ଗୁଡିକ ଡିକି ଭିତରେ ଚିଂ ଚିଂ ହେଉଥାଆନ୍ତି । ଏହି ସମୟରେ ସମର ବଲ୍ଲଭ ମହାପାତ୍ର, ଆଇ.ଏ.ଏସ୍., ବ୍ୟାଙ୍କରେ ତାଙ୍କର କିଛି କାମ ଥିବାରୁ ଆସି ପହଞ୍ଚିଲେ । କାର୍ ଭିତରୁ ଚିଂ ଚିଂ ଶବ୍ଦ ଶୁଣି କ୍ଷଣେ ଅଟକି ଗଲେ ।

ଅତ୍ୟନ୍ତ ହସଖୁସୀ ମଣିଷ । ସର୍ବଦା ଅନ୍ୟକୁ ସାହାଯ୍ୟ କରିବାରେ ଆଗ୍ରହୀ । ଏତେବଡ ଅଫିସର ବୋଲି ସାମାନ୍ୟତମ ଅଂହକାର ନାହିଁ । ମୋ ସହ ସାମାନ୍ୟ ପରିଚୟ ଥିଲା । ସେଇଠି ଠିଆ ଠିଆ ତାଙ୍କ ସାଙ୍ଗରେ କଥା ହେବା ଭିତରେ ବ୍ରଏଲର ଫାର୍ମ ଯଥେଷ୍ଟ ନ ଥିବାରୁ ଏପରି କିଛି ଅସୁବିଧା ହେଉଛି ବୋଲି କହିଲି । ଟିକିଏ ଚିନ୍ତା କରି ମୋତେ କହିଲେ "କାଲି ମୋତେ ଅଫିସରେ ଆସି ଦେଖାକର ।" ସେ ସେତେବେଳକୁ ଶିଳ୍ପ ନିର୍ଦ୍ଦେଶକ ଥାଆନ୍ତି । ଅଫିସ ତାଙ୍କର କଟକରେ । ତାପର ଦିନ କଟକ ଯାଇ ତାଙ୍କୁ ଦେଖା କଲି । ସେତେବେଳକୁ ଭାରତ ସରକାରଙ୍କର ପ୍ରଧାନମନ୍ତ୍ରୀଙ୍କ ନାମରେ ଏକ ଯୋଜନା, ସେଲଫ୍ ଏମ୍ପ୍ଲଏମେଣ୍ଟ ପାଇଁ କାର୍ଯ୍ୟକାରୀ ହେଉଥାଏ । ୩୦ରୁ ଅଧିକ ବ୍ୟବସାୟ/କୁଟୀର ଶିଳ୍ପ/ସେବା ଇତ୍ୟାଦିର ନାମ ତାଲିକାଭୁକ୍ତ ଥାଏ । ଯେଉଁଥିପାଇଁ ଜଣେ ୨୫,୦୦୦ ଟଙ୍କା ନେଇ ତାର କ୍ଷୁଦ୍ର ବ୍ୟବସାୟଟି ଆରମ୍ଭ କରି ପାରିବ । ୧୯୮୨ ମସିହାରେ ୨୫,୦୦୦ ଟଙ୍କା କିଛି କମ୍ ପରିମାଣ ନଥିଲା । ମୁଁ ହିସାବ କରି ଦେଖିଲି ଜଣେ ଚାହିଁଲେ ଏଇ ୨୫ ହଜାର ଟଙ୍କାରେ ଖୁସିରେ ମାସକୁ ୨୦୦ ବ୍ରଏଲର ଉତ୍ପାଦନ

Digitized by PPRACHIN, SOA

କରି ବିକ୍ରି କରିବା ଭଳି ଫାର୍ମଟିଏ ହୋଇ ପାରିବ। ଏ ଯୋଜନା ଗାଁ ଗହଳର ଉତ୍ସାହୀ ଯୁବକମାନଙ୍କ ପାଇଁ ବେଶ୍ କାମ ଦେବ। ଡାଇରେକ୍ଟର ମୋତେ ସେଇକଥା ହିଁ କହିଲେ। ଏଇ ଯୋଜନାରେ ବ୍ରଏଲର ଫାର୍ମ ପଶି ପାରିଲେ ଓଡିଶାର କୁକୁଡା-ଉତ୍ପାଦନ-ବିପ୍ଳବର ମୂଳଦୁଆ ପଡିବ। ଡାଇରେକ୍ଟରଙ୍କୁ ଖର୍ଚ୍ଚ, ହିସାବ ଲାଭ ସବୁ ବୁଝାଇଲି। ମୁଁ ତାଙ୍କରି ଅଫିସରେ ତାଙ୍କ ଟେବୁଲର ଅପରପାର୍ଶ୍ୱରେ ବସିଥାଏ। ଯେଉଁ ଅଫିସର କେତେ ଜଣଙ୍କ ଉପରେ ଏ ଯୋଜନା ଦାୟୀତ୍ୱ ଥିଲା, ସେମାନଙ୍କୁ ଡକାଇଲେ। ବ୍ରଏଲର ଫାର୍ମିଙ୍ଗକୁ ସେଇ ଅନୁମୋଦିତ ବ୍ୟବସାୟ-ଶିଳ୍ପ-ତାଲିକାରେ ଅର୍ନ୍ତଭୁକ୍ତ କରିବା ନେଇ ସେମାନଙ୍କର ମତାମତ ଚାହିଁଲେ। ଯାହା ମୁଁ ଅନ୍ୟତ୍ର ଅଫିସମାନଙ୍କରେ ଦେଖିଛି ଏଠି ତାହାହିଁ ଦେଖିଲି। ଭେଟେନାରୀ ନିର୍ଦ୍ଦେଶାଳୟରେ ଯେଉଁ ପ୍ରକାର ସଂକୀର୍ଣ୍ଣତା ଓ ବିରୋଧର ସମ୍ମୁଖୀନ୍ ହୋଇଥିଲି ଏଠି ମଧ୍ୟ ସେଇଆ। ମୁଁ ବହୁ ସମୟରେ ଚିନ୍ତା କରିଛି, ଏପରି ହୁଏ କାହିଁକି? ଏ ଦୋଷ କାହାର? ସେ ବ୍ୟକ୍ତିର ନା ସରକାରୀ କଳର?

ମୋର ସରକାରୀ କଳର କାର୍ଯ୍ୟକାରୀତା ନେଇ ସିଧା ସଳଖ ଅଭିଜ୍ଞତା ନାହିଁ, ତେଣୁ ମୁଁ ନିଜେ ବିସ୍ମିତ ହୁଏ ଏ ସରକାରୀ କଳରେ ଲୁଚିଛପି କ'ଣ ରହିଛି ଯାହା କିଛି ବର୍ଷ ଖଟିଲା ପରେ ଜଣକଠାରୁ ସ୍ୱାଧୀନ ଚିନ୍ତା, ଯୁକ୍ତିଯୁକ୍ତ ବିଚାର ତଥା ସ୍ୱାଭିମାନ କାଢି ଦେଇ ତାକୁ ଗୋଟିଏ ଯନ୍ତ୍ରାଂଶ ବନାଇ ଦେଉଛି। ସମର ବାବୁ ସବୁ ଶୁଣିଲେ। ନିର୍ଦ୍ଦେଶ ଦେଲେ "ବ୍ରଏଲର ଫାର୍ମକୁ ଏ ତାଲିକାରେ ଯୋଗ କରିବା ମୋର ନିଷ୍ପତ୍ତି। ଉପର ମହଲରୁ ଅନୁମୋଦନ ପରେ ମୁଁ ଆଣିବି। ବର୍ତ୍ତମାନ ସବୁ ଜିଲ୍ଲା ଶିଳ୍ପ କେନ୍ଦ୍ରମାନଙ୍କୁ ଏହି ମର୍ମରେ ଚିଠି ଲେଖି ଦିଅ ଓ ଆଜିଠାରୁ ବ୍ରଏଲର ଫାର୍ମ ପାଇଁ ଏ ଯୋଜନାରେ ଯେତେ ଦରଖାସ୍ତ ଆସିବ ସବୁକୁ ଅନୁମୋଦନ କର।" ଫାଇଲ ଖୋଲିଲା ନାହିଁ। ପୃଷ୍ଠା ପରେ ପୃଷ୍ଠା ନୋଟ ଲେଖା ହେଲା ନାହିଁ। ଟେବୁଲରୁ ଟେବୁଲ ଫାଇଲ ବୁଲିଲା ନାହିଁ। ଦିନ ଦିନ ଧରି ଆଉ ବିଭିନ୍ନ ଟେବୁଲରେ ନିଦ୍ରା ଗଲା ନାହିଁ କି ତାକୁ ନିଦରୁ ଉଠାଇବା ପାଇଁ ଆଉ କିଛି କାଗଜ ଓ ଚପରାଶୀ ତା ପଛରେ ଗୋଡାଇଲେ ନାହିଁ। ମାତ୍ର ୨ ଘଣ୍ଟାରେ କାମ ହୋଇଗଲା। ନିଷ୍ପତ୍ତି ହୋଇଗଲା। ମୋର ଦୀର୍ଘ ୩୫ ବର୍ଷରୁ ଅଧିକ ସମୟର ବ୍ୟବସାୟିକ ଅଭିଜ୍ଞତାରୁ ମନେ ହୋଇଛି ଏହିପରି ଗୋଟିଏ ଗୋଟିଏ ନିଷ୍ପତ୍ତି ଅନେକଙ୍କର ଭାଗ୍ୟ ବଦଳାଇ ଦିଏ। ସମାଜର, ରାଜ୍ୟର ରୂପ ବଦଳାଇ ଦିଏ। ସେଦିନ ସମର ବାବୁ ଏପରି ଏକ ନିଷ୍ପତ୍ତି ନ ନେଇଥିଲେ ଗାଁ ଗହଳର ଅନ୍ଧି କନ୍ଦିରେ ଯେପରି ବ୍ରଏଲର ଫାର୍ମ ଫୁଟି ଉଠିଲା ତା ହୋଇ ପାରି ନଥାନ୍ତା। ହଜାର ହଜାର ଯୁବକ ଯୁବତୀ ଆପଣାର କର୍ମ ସଂସ୍ଥାନ କରିପାରି

Digitized by PPRACHIN, SOA

ନଥାନ୍ତେ । ଓଡିଶା ବ୍ରଏଲର ମାଂସରେ ଆତ୍ମ ନିର୍ଭର ହେବାରେ ଯେଉଁମାନେ ମାନ୍ୟତା ପାଇବାକୁ ହକ୍‌ଦାର ସେମାନଙ୍କ ଭିତରେ ଶ୍ରୀଯୁକ୍ତ ସମର ବଲ୍ଲଭ ମହାପାତ୍ର ପ୍ରମୁଖ ।

ସେଦିନ ଯେଉଁମାନେ ମାତ୍ର ୨୫୦୦୦ ଟଙ୍କା ନେଇ ୨୦୦/୩୦୦ ଚିଆଁ ନେଇ ଫାର୍ମ ଆରମ୍ଭ କରିଥିଲେ ସେମାନେ ଆଜି ହଜାର ହଜାର କୁକୁଡାର ଫାର୍ମ କରି ଓଡିଶାର ବିଭିନ୍ନ ଅଞ୍ଚଳ ତଥା ପଡୋଶୀ ରାଜ୍ୟକୁ ଚାଲାଣ କରୁଛନ୍ତି । ସେମାନଙ୍କ ଫାର୍ମରେ ଆଜି ଶତାଧୀକ ଶ୍ରମିକ କାମ କରୁଛନ୍ତି । ହଁ ପରେ ଓଡିଶା ରାଜ୍ୟ ଅର୍ଥ ନିଗମ ବ୍ରଏଲର ପାଇଁ ଋଣ ଦେବା ଆରମ୍ଭ କଲା ଓ ଓଡିଶା ରାଜ୍ୟ ଅର୍ଥ ନିଗମ ସାହାଯ୍ୟରେ ବେଶ୍ ବଡ ବଡ ଫାର୍ମ ଗଢି ଉଠିଲା । ମାତ୍ର ଓଡିଶାର ବ୍ରଏଲର ହୀନ ଟାଙ୍ଗରା ଭୂଇଁରେ ଅନେକ ବିରୋଧ ସତ୍ତ୍ୱେ ପ୍ରଥମ ଚାରାଟି ରୋପଣ କରିବାର ଶ୍ରେୟ ଯିବ ସମର ବଲ୍ଲଭ ମହାପାତ୍ରଙ୍କୁ । ପରେ ମୁଁ ଜାଣି ପାରିଲି ଯେ ଓଡିଶା ସରକାରଙ୍କ ପ୍ରଚ୍ଛନ୍ନ ଅନୁମୋଦନ ଏ ନିଷ୍ପତ୍ତି ପଛରେ ହିଁ ଥିଲା । ମାତ୍ର ଗୋଟିଏ ବର୍ଷ ଭିତରେ ୨୦୦ ରୁ ଅଧିକ ବ୍ରଏଲର ଫାର୍ମ, ୨୫୦୦୦ ଟଙ୍କାର ସାହାଯ୍ୟ ନେଇ ଗଢି ଉଠିଲା । ଏ ଯେଉଁ ସୁଅ ଛୁଟିଲା ତାହା ବେଶ୍ କେତେ ବର୍ଷ ଲାଗି ରହିଲା । ଅନେକ ଉଦ୍ୟୋଗୀ ଅଧିକ ଋଣ ବ୍ୟାଙ୍କ/ଓଡିଶା ରାଜ୍ୟ ଅର୍ଥ ନିଗମରୁ ନେଇ ବଡ ଆକାରର ଫାର୍ମ ମାନ କଲେ । ମୋର ବିକ୍ରିର ସମସ୍ୟା ରହିଲା ନାହିଁ ବରଂ ଅଧିକ କିପରି ଉତ୍ପାଦନ ହେବ ସେଥିରେ ମୋତେ ଲାଗି ପଡିବାକୁ ହେଲା ।

ସେହି ସମୟରେ କୁକୁଡା ଶିଳ୍ପକୁ ଅଗ୍ରାଧୀକାର ଭିତ୍ତିରେ ଶିଳ୍ପର ମାନ୍ୟତା ଦେବାକୁ ମୁଁ ଲାଗି ପଡିଲି । ସଚ୍ଚିବାଳୟ ବାରମ୍ୱାର ଦୌଡି ଅଫିସରମାନଙ୍କୁ ଏ ବିଷୟରେ ବୁଝାଇବାକୁ ହେଉଥାଏ । ଶିଳ୍ପର ମାନ୍ୟତା ଦେବା ପାଇଁ ମୁଁ ଚେଷ୍ଟା କରିବା ପଛରେ ଥାଏ ଦୁଇଟି କାରଣ- ପ୍ରଥମ- ଶିଳ୍ପର ମାନ୍ୟତା ପାଇଲେ ଜମି, ବିଦ୍ୟୁତ ଆଉ ଋଣ ସହଜରେ ମିଳି ପାରିବ । ଇଡ୍‌କୋ ଜମି ଦେବ-ଓଡିଶା ରାଜ୍ୟ ଅର୍ଥ ନିଗମ ଋଣ ଦେବ । ବ୍ୟାଙ୍କର ରକ୍ଷଣଶୀଳତାର ଶୀକାର ହେବାକୁ ହେବ ନାହିଁ । ଦ୍ୱିତୀୟ- ଶିଳ୍ପ ପାଇଁ ମିଳୁଥିବା ସବ୍‌ସିଡ୍ ୨୦% ପର୍ଯ୍ୟନ୍ତ ଏଠାରେ ମିଳି ପାରିବ । ଏତକ ହୋଇ ପାରିଲେ ବଡ ବଡ ଫାର୍ମ ସହଜରେ ପ୍ରତିଷ୍ଠା ହୋଇ ପାରିବ । ଯେଉଁ ସମୟର କଥା କହୁଛି, ସେତେବେଳେ ବ୍ରଏଲର ଫାର୍ମ ସିନା ଆଖିଦୃଶିଆ ବଢି ଚାଲିଥିଲା ମାତ୍ର ଅଣ୍ଡା ଦିଆ କୁକୁଡା (ଲେୟର) ଫାର୍ମ ଓଡିଶାରେ ମୋଟେ ନଥିଲା କହିଲେ ଚଳେ । ତା'ର କାରଣ ଅବଶ୍ୟ ଅର୍ଥନୈତିକ ତଥା କିଛି ମାତ୍ରାରେ ବୈଷୟିକ । ବ୍ରଏଲର ପରି ଲେୟରର ଛୋଟ ଫାର୍ମ କଲେ ତାହା ଲାଭ

Digitized by PPRACHIN, SOA

ଜନକ ହେବ ନାହିଁ। ଦ୍ୱିତୀୟରେ ଲେୟର କୁକୁଡାଟି ଚାଷୀ ପାଖରେ ପାଖାପାଖି ୧.୫ ବର୍ଷ ରହେ। ଏତକ ସମୟ ଅତ୍ୟନ୍ତ ଯତ୍ନର ସହିତ ରଖିବାକୁ ହୁଏ। ଲେୟର ଫାର୍ମର ପରିଚାଳନା ପାଇଁ ଟିକେ ଅଧିକ ସଜାଗତା ଓ ବୈଷୟିକ ଜ୍ଞାନ ଦରକାର। ବ୍ୟାଙ୍କମାନେ ଲେୟର ଫାର୍ମ ପାଇଁ ଋଣ ଦେବା ପାଇଁ କୁଣ୍ଠିତ ଥିଲେ। ସେଥିପାଇଁ ଓଡିଶାରେ ଅଣ୍ଡା ଉତ୍ପାଦନ ଉଧେଇ ପାରୁ ନଥିଲା। ମୋର ବିଚାର ହେଲା ଯେ ଯଦି ଉଭୟ ଲେୟର ଓ ବ୍ରଏଲର ଫାର୍ମକୁ ଶିଳ୍ପର ମାନ୍ୟତା ମିଳିଯିବ ତେବେ ଋଣ ସୁବିଧାରେ ମିଳିବ, ଜମି ମିଳିବ। ସେ କ୍ଷେତ୍ରରେ ଲେୟର ଫାର୍ମ ପ୍ରତିଷ୍ଠା ପାଇଁ ଉଦ୍ୟୋଗୀଙ୍କର ଅଭାବ ହେବ ନାହିଁ।

ଏଥିପାଇଁ ସରକାରୀ ସ୍ତରରୁ ସାହାଯ୍ୟ ତଥା ପ୍ରୋତ୍ସାହନ ମିଳୁଥିଲା। ସେତେବେଳେ ଶ୍ରୀ ସୁଧାଂଶୁ ଭୁଷଣ ମିଶ୍ର ଶିଳ୍ପ ସଚିବ। ବାରମ୍ବାର ତାଙ୍କ ପାଖକୁ ଦୌଡି ତାଙ୍କୁ ସମସ୍ତ ବିଷୟ ବୁଝାଇଛି, ସେ ମଧ୍ୟ ସହାନୁଭୂତିଶୀଳ ହୋଇ ଏ ଦିଗରେ ସାହାଯ୍ୟ କରିଛନ୍ତି। ମାତ୍ର ଯେତେବେଳେ ଅନ୍ତିମ ଆଦେଶ ସରକାରଙ୍କ ଶିଳ୍ପ ବିଭାଗରୁ ବାହାରିଲା, ସେତେବେଳେ କେବଳ ବ୍ରଏଲର ଫାର୍ମକୁ Meat Processing ର ନାମ ନେଇ ଶିଳ୍ପର ମାନ୍ୟତା ମିଳିଲା। ଲେୟର ଫାର୍ମ ସେ ସୁବିଧାରୁ ବଞ୍ଚିତ ହେଲା। ନିଜେ ସଚିବ ଶ୍ରୀ ମିଶ୍ର ମଧ୍ୟ ମୋ ଆଗରେ ଏ ପ୍ରକାର ପରିବର୍ତ୍ତନ କିପରି ଶେଷ ମୁହୂର୍ତ୍ତରେ ହେଲା ବୋଲି ବିସ୍ମୟ ପ୍ରକାଶ କଲେ। ପ୍ରକାଶଥାଉକି ସେତେବେଳେ ଓଡିଶାର ଦରକାର ହେଉଥିବା ସମସ୍ତ ଅଣ୍ଡା ଆନ୍ଧ୍ର ଚାଷୀଙ୍କ ପାଖରୁ ଆସୁଥିଲା। ଓଡିଶାର କିଛି ପ୍ରଭାବଶାଳୀ ବେପାରୀ ତାହାକୁ ନିୟନ୍ତ୍ରଣ କରୁଥିଲେ ଓ ବେଶ୍ ଲାଭ କରୁଥିଲେ। କିଛି ପ୍ରଭାବଶାଳୀ ଅଫିସର ମଧ୍ୟ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସେମାନଙ୍କର ହାତବାରିସୀ ହୋଇଥିଲେ। ମୁଁ ପଛରେ ଖବର ନେଲି ଯେ ତଳସ୍ତରର କିଛି କୁଜି ଅଫିସର ଶେଷ ମୁହୂର୍ତ୍ତରେ ଏ ଚାଲାକି କରିଛନ୍ତି। ସବୁ କାଳରେ ଦଳେ ଶିଖ ମନାଇଥାନ୍ତି। ଏଥିରେ ମୁଁ ଦୁଃଖ ପାଇଲି ସିନା ବିସ୍ମିତ ହେଲି ନାହିଁ।

ମାତ୍ର ଦୁଇଗୁଣ ଉତ୍ସାହରେ ଲାଗି ପଡିଲି। ଅର୍ଥ ବିଭାଗ ଜୀରଆରେ ବିଭିନ୍ନ ବ୍ୟାଙ୍କ ଉପରେ ଚାପ ଦିଆଗଲା ଯେ ଓଡିଆ ଯୁବକମାନେ ଯେଉଁମାନେ ଲେୟର ଫାର୍ମ କରିବାକୁ ଚାହୁଁଛନ୍ତି ତାଙ୍କୁ ସୁବିଧା ସର୍ତ୍ତରେ ଋଣ ଦିଆଯାଉ। ସେତେବେଳେ ବ୍ୟାଙ୍କମାନେ ଓଡିଶାରୁ ଜମା ନିଅନ୍ତି ମାତ୍ର ଅଧିକାଂଶ ଭାଗ ଋଣ ଦିଅନ୍ତି ଆନ୍ଧ୍ରା ଚାଷୀଙ୍କୁ। ଏ ସବୁର ତଥ୍ୟ ମୁଁ ନେଇ ଖବର କାଗଜରେ ଲେଖାଲେଖି କଲି। ଓଡିଶାର ଅର୍ଥ ବିଭାଗ ଜରୀଆରେ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲେଖିଲୁ। ସେତେବେଳେ

Digitized by PPRACHIN, SOA

ଅର୍ଥ ବିଭାଗ ଆନୁକୁଲ୍ୟରେ ବ୍ୟାଙ୍କମାନଙ୍କର ଏକ ସମନ୍ୱୟ କମିଟି ପ୍ରତି ମାସରେ ବସି ବିଭିନ୍ନ ସମସ୍ୟା, ନୀତି ନିୟମ ନେଇ ଆଲୋଚନା କରୁଥିଲେ । ଅର୍ଥ ବିଭାଗର ପ୍ରତିନିଧି ତାହାକୁ ସଞ୍ଚାଳନ କରନ୍ତି । ଅର୍ଥ ବିଭାଗ ବ୍ୟାଙ୍କ ମାନଙ୍କୁ ଏକ ପ୍ରକାର ଧମକାଇଲା ଯେ ଯଦି ଓଡିଶାରୁ ଜମା ନେଇ ସ୍ଥାନୀୟ ଯୁବକମାନଙ୍କୁ ଋଣ ଦେବାରେ ଏପରି ଟାଳଟୁଳ ନୀତି ଗ୍ରହଣ କରାଯାଏ ତେବେ ସରକାର ସେ ବ୍ୟାଙ୍କକୁ ଆପଣାର କୌଣସି ଡିପୋଜିଟ୍ ନଦେବା ପାଇଁ ସବୁ ବିଭାଗ ଓ ଦପ୍ତରକୁ ନିର୍ଦ୍ଦେଶ ଦେବେ । ଏ ପ୍ରଚ୍ଛନ୍ନ ଧମକ ବେଶ୍ କାମ ଦେଖାଇଲା । ଏଣେ ଶିଳ୍ପ ସଚିବଙ୍କ ନିର୍ଦ୍ଦେଶରେ Egg Processing ନାମ ଦେଇ ଲେୟର ଫାର୍ମକୁ ଋଣ ଦେବାକୁ ଓଡିଶା ରାଜ୍ୟ ଅର୍ଥ ନିଗମକୁ ନିର୍ଦ୍ଦେଶ ଦେଲେ ।' ଖୁବ୍ ଅଳ୍ପ ସମୟ ଭିତରେ ବେଶ୍ କେତେକୁଡିଏ ଲେୟର ଫାର୍ମ ପ୍ରତିଷ୍ଠିତ ହେଲା । ଲେୟର ଫାର୍ମକୁ ଶିଳ୍ପର ମାନ୍ୟତା ଦେବା ତଥା ବ୍ୟାଙ୍କମାନେ ଏଥିପାଇଁ ଓଡିଆ ଉଦ୍ୟୋଗୀମାନଙ୍କ ପ୍ରତି ପାତର ଅନ୍ତର କରୁଥିବା ନେଇ ମୋର ଯେଉଁ ଜଣକିଆ ଯୁଦ୍ଧ ଚାଲିଥିଲା, ସେଥିରେ ମୁଁ ଅନେକ ଅଫିସରଙ୍କର ପ୍ରୋତ୍ସାହନ ପାଉଥିଲି । ସେମାନେ ସାହାଯ୍ୟ ନକରିଥିଲେ, ସାହସ ନଦେଇଥିଲେ ମୁଁ ଏକା କ'ଣ କରି ପାରିଥାଆନ୍ତି ।

କିନ୍ତୁ ମୋର ଏହି କାର୍ଯ୍ୟ କଳାପ ହେତୁ ମୁଁ ବେଶ୍ କେତେକଙ୍କ ଶତ୍ରୁ ହୋଇଗଲି । ମୋର ପ୍ରଚାର ତଥା ସରକାରଙ୍କୁ ନିବେଦନ, ଖବରକାଗଜକୁ ଚିଠି ପତ୍ରରେ ମୁଁ ଏହି ପ୍ରତିକ୍ରିୟାଶୀଳ ବ୍ୟକ୍ତିମାନଙ୍କୁ ଆକ୍ରମଣ କରୁଥିଲି । ମୋର ଭୁଲ ଯେ ମୁଁ ଅନେକ ସମୟରେ ଏ ବ୍ୟାପାରରେ ଯଥେଷ୍ଟ ସଂଯମ ଆଚରଣ କରି ପାରୁ ନଥିଲି । ଏତେ ଦିନ ପରେ ପଛକୁ ଅନାଇ ମୋର ଭୁଲ ମୁଁ ଜାଣି ପାରୁଛି । ମାତ୍ର ସେତେବେଳେ, ଯୁବକ ସୁଲଭ ଉଦ୍ଦାମତାରେ ତାହା ମୁଁ ବୁଝି ପାରୁ ନଥିଲି । ଏଥିନେଇ ମୋର ଲେଖା, ମୋର ନିବେଦ୍ନ ପତ୍ର ତଥା ସାମ୍ବାଦିକ ସମ୍ମିଳନୀରେ ମୋର କଥାରେ ଏ ଗୋଷ୍ଠୀ ପ୍ରତି ତିକ୍ତତା ବିଶେଷ ପ୍ରକାଶ ପାଉଥିଲା । ଏହାର ଫଳ ଯେ ଏତେ ଦୂର ଗୁରୁତର ହେବ ଏ ଧାରଣା ମୋର ନଥିଲା । ବ୍ୟକ୍ତିଗତ ସ୍ୱାର୍ଥ ଲାଗି ଏହି ପ୍ରତିକ୍ରିୟାଶୀଳ ଗୋଷ୍ଠୀ ଯେ ଏପରି ଆଚରଣ କରିବେ ସେପରି ଧାରଣା ମୁଁ ଚିନ୍ତାରେ ମଧ୍ୟ ଆଣି ନଥିଲି । ତାହାର ନମୁନା ଦେଉଛି ।

୨/୪ ଦିନ ଛୁଟି କଟାଇବା ପାଇଁ ସସ୍ତ୍ରୀକ ଓ ଝିଅପୁଅଙ୍କୁ ନେଇ ହାଇଦ୍ରାବାଦ ଯାଇଥିଲି । ପ୍ରଥମତଃ ମୋର ଫାର୍ମ ସମ୍ବନ୍ଧୀୟ କିଛି କାମ ଥିଲା, ତାପରେ ପିଲାମାନଙ୍କୁ ମିୟୁଜିଅମ, ଫୋର୍ଟ ଏସବୁ ବୁଲାଇ ଦେଖାଇବାର ଯୋଜନା ମଧ୍ୟ କରିଥିଲି । ହଠାତ୍ ଦିନେ ଇଣ୍ଡିଆନ ଏକ୍ସପ୍ରେସରେ ଓଡିଶାର ପ୍ରତିନିଧି ମୋ

Digitized by PPRACHIN, SOA

ବିରୁଦ୍ଧରେ ଏକ ଉତ୍ତେଜନା ମୂଳକ ଲେଖା ପ୍ରକାଶ କରିଥିବାର ଦେଖିଲି । ମୁଁ ଆନ୍ଧ୍ର ଚାଷୀମାନଙ୍କ ବିରୁଦ୍ଧରେ ଓଡିଶାରେ ଏକ ତିକ୍ତ ବାତାବରଣ ସୃଷ୍ଟି କରୁଛି, ପ୍ରାଦେଶିକ ମନୋଭାବ ନେଇ ସମସ୍ତ ସଂକୀର୍ଣ୍ଣତାର ସହ କାମ କରୁଛି । ଓଡିଶାରେ ଆନ୍ଧ୍ରର ଚାଷୀ ଆସି ଫାର୍ମ କରିବାକୁ ବିରୋଧ କରୁଛି । ସେଥିରେ ଏତକ ମଧ୍ୟ ଲେଖାଥିଲା ଯେ ବର୍ତ୍ତମାନ ମୁଁ ହାଇଦ୍ରାବାଦରେ ଅଛି । ସ୍ଥାନୀୟ କେତେକ ଚାଷୀ ଖବର ନେଇ ବିଭିନ୍ନ ହୋଟେଲ ବୁଲି ମୋ ବିଷୟରେ ପଚାରୁ ଥାଆନ୍ତି । ମୁଁ ଆବିଦର ଗୋଟିଏ ହୋଟେଲରେ ଥାଏ ଓ ସେଇଟି ମୋର ଫେରିବାର ଦିନ । ୨ଟାରେ ଫ୍ଲାଇଟ । ମୁଁ ବାହାରୁ ଆସି ହୋଟେଲରେ ପହଞ୍ଚିବା ବେଳକୁ କିଛି ଲୋକ ଆସି ହୋଟେଲରୁ ଏ ବିଷୟରେ ତଦନ୍ତ କରି ଫେରୁ ଥାଆନ୍ତି । ଭାଗ୍ୟକୁ ମୋ ନାଁମଟି ସେମାନେ ସଠିକ୍ ଜାଣି ନଥିବାରୁ ସଠିକ ଖବର ପାଇ ପାରୁ ନଥାନ୍ତି । ସେମାନଙ୍କର ପଚାରିବା ଢଙ୍ଗ, ପ୍ରତିକ୍ରିୟାରୁ ମୋର ଜାଣିବାରେ ବାକି ରହିଲା ନାହିଁ, ଅବସ୍ଥା କେତେ ସଙ୍ଗୀନ । ମାତ୍ର ଅଧ ଘଣ୍ଟାକ ଭିତରେ ହୋଟେଲ ବିଲ୍ ତୁଟାଇ ମୁଁ ପିଲାମାନଙ୍କୁ ଧରି ଏୟାରପୋର୍ଟ ଚାଲି ଆସିଲି । ସେଠାରେ ବରଂ ୪/୫ ଘଣ୍ଟା ଅପେକ୍ଷା କଲି । ଏକ ପ୍ରକାର ନିଶ୍ଚିତ ଆକ୍ରମଣରୁ ମୁଁ ରକ୍ଷା ପାଇଲି ।

ମୋର କାର୍ଯ୍ୟକଳାପ ଜାରୀ ରହିଲା । ଓଡିଶାରେ ଫାର୍ମ ସଂଖ୍ୟା ବଢିଲା । କୁକୁଡା ଶିଳ୍ପ/ଚାଷୀ ଗୋଟାଏ ଦୃଷ୍ଟି ଆକର୍ଷଣ ଅବସ୍ଥାକୁ ଆସିଗଲେ । କୁକୁଡା ଫାର୍ମ ବଢିଲା । ଅଧିକ କୁକୁଡା ପ୍ରତି ସପ୍ତାହରେ ବିକ୍ରି ଯୋଗ୍ୟ ହୋଇ ବାହାରିଲେ । ମାତ୍ର କୁକୁଡା ମାଂସ ପାଇଁ ଗ୍ରାହକ ସେହି ଅନୁପାତରେ ବଢିଲେ ନାହିଁ । ଫାର୍ମରୁ କୁକୁଡା ଠିକ୍ ସମୟରେ ଖାଲି ହୋଇ ନପାରିଲେ ଚାଷୀର କ୍ଷତି । ଫାର୍ମ ଖାଲି ନହେଲେ ମୋ ଚିଆଁ ବିକ୍ରି ହେବ ନାହିଁ । ମୋର କ୍ଷତି । ତେଣୁ ମୋତେ କୁକୁଡା ମାଂସ ବିକ୍ରି ବଢାଇବା ପାଇଁ ପଦକ୍ଷେପ ନେବାକୁ ହେଲା । କୁକୁଡା ଚାଷ ପରି କୁକୁଡା ମାଂସ ପ୍ରତି ସାଧାରଣ ପରିବାରମାନଙ୍କରେ ସେପରି ଆଗ୍ରହ ପ୍ରକାଶ ପାଉ ନଥିଲା । କୁକୁଡା ପାଳନ ତ ପ୍ରଥମ ଅବସ୍ଥାରେ ଏକ ଅସ୍ପୃଶ୍ୟ କାର୍ଯ୍ୟ ରୂପେ ଗଣା ଯାଉଥିଲା । କେବଳ ମୁସଲମାନ ବସ୍ତିମାନଙ୍କରେ କୁକୁଡା କିଛି ଦେଖିବାକୁ ମିଳୁଥିଲେ । ମୋର ମନେ ଅଛି ଆମ ଗାଁରେ ପଠାଣ ସାହିରେ କେବଳ କୁକୁଡା ଅଣ୍ଡା ମିଳୁଥିଲା । କୁକୁଡା ମାଂସ/ଅଣ୍ଡା ଏସବୁ ଘରର ରୋଷେଇଶାଳକୁ ଯିବାର ପ୍ରଶ୍ନ ନଥିଲା । ନିତାନ୍ତ ଯଦି ରୋଷେଇ କରିବାକୁ ହୁଏ ବାହାରେ, ବାରିପଟେ ଉଠା ଚୁଲିରେ ରନ୍ଧା ହୁଏ ଆଉ ସେଇଠାରେ ହିଁ ଖିଆଯାଏ । ସବୁ ସରିବାପରେ ସେ ସ୍ଥାନଟିକୁ ଗୋବର ପାଣିରେ ଲିପି ପବିତ୍ର କରାଯାଏ ।

Digitized by PPRACHIN, SOA

ଏ ପ୍ରକାର ପରିବେଶରେ, ମାନସିକତାରେ କୁକୁଡ଼ା ଚାଷ ତଥା କୁକୁଡ଼ା ରୋଷେଇକୁ ଘରେ ଘରେ ଲୋକପ୍ରିୟ କରିବା କେତେଦୂର ଦୁରୂହ ତାହା ଆଜିକାଲିର ଯୁବକମାନେ ବୁଝି ପାରିବେ ନାହିଁ। ଆଜି କୁକୁଡ଼ା ମାଂସ ବା ଅଣ୍ଡା ପାଇଁ ଯେଉଁ ସ୍ଥିର ନିଶ୍ଚିତ ବଜାରଟିଏ ସୃଷ୍ଟି ହୋଇଛି, ତାହା ଦିନକରେ ହୋଇ ଯାଇ ନାହିଁ। ଅନେକ, ଅନେକ ପରିଶ୍ରମ କରିବାକୁ ପଡ଼ିଛି। ଉପହାସ ଶୁଣିବାକୁ ହୋଇଛି (ଜଣେ ଗୃହସ୍ଥ ମୋତେ କହିଥିଲେ ଯେ ଯାହା ହେଉ ଗୋଟାଏ ନୂଆ ପଠାଣ ଦଳ ଆପଣ ସୃଷ୍ଟି କରୁଛନ୍ତି) ନିରାଶ ହେବାକୁ ହୋଇଛି। ଛେଳି ମାଂସ ତୁଳନାରେ କୁକୁଡ଼ା ମାଂସର ଚାହିଦା ପ୍ରାୟ ନଥିଲା କହିଲେ ଚଳେ। ଛେଳି ମାଂସ ଦୋକାନରେ ଧାଡ଼ି ଲାଗିଥିବ ଅଥଚ କୁକୁଡ଼ା ବିକ୍ରି ଦୋକାନରେ ମାଛି ଉଡ଼ୁଥିବେ। କିପରି ଏ ଅବସ୍ଥାର ପରିବର୍ତ୍ତନ କରାଯିବ। ବିଭିନ୍ନ ପ୍ରଦେଶ ଯଥା ଆନ୍ଧ୍ର, ତାମିଲନାଡୁ, ମହାରାଷ୍ଟ୍ର, ପଂଜାବର ଅନେକ ଫାର୍ମକୁ ମୁଁ ଯାଇ ସେମାନଙ୍କ ମାଲିକମାନଙ୍କ ସହିତ କଥାବାର୍ତ୍ତା କରି କିଛି ଉପାୟ ପାଇବାକୁ ଚେଷ୍ଟା କରିଛି। ବେଶ୍ କିଛି ପରୀକ୍ଷା ନିରୀକ୍ଷା ପରେ ଓଡିଶାର ପରିବେଶ, ମାନସିକତାକୁ ବିଚାରକୁ ନେଇ ମୁଁ ଗୋଟାଏ ଯୋଜନା ପ୍ରସ୍ତୁତ କଲି। ପ୍ରଥମତଃ- କୁକୁଡ଼ା ମାଂସ ରାନ୍ଧି କରି ବିକିବା, ଦ୍ୱିତୀୟତଃ- କୁକୁଡ଼ା ମାଂସ ଘର ପାଖରେ ପହଞ୍ଚାଇବା ଏବଂ ତୃତୀୟତଃ- ଉତ୍ସବ ଅନୁଷ୍ଠାନରେ କୁକୁଡ଼ା ମାଂସ ବ୍ୟବହାର କରାଇବା।

ପ୍ରଥମ ଉପାୟଟିର ସୂଚନା ମୁଁ ପାଇଥିଲି, ଭୁବନେଶ୍ୱରରେ ବିଭିନ୍ନ ଛକ ଯାଗାମାନଙ୍କରେ ସନ୍ଧ୍ୟା ବେଳେ ବୁଲିବାରେ। ଅନେକ ଛକରେ ଯୁବକମାନଙ୍କର ଖଟି ଜମେ। ଆଉ ସେଠାରେ ଠେଲା ଗାଡ଼ିର ଚଟପଟି, ଘୁଘୁନି, ଦହିବରା ଆଳୁଦମ୍ ଇତ୍ୟାଦିର କାଟତି ଭଲ ହୁଏ। କିଛି ଖଟିରେ ଦେଖିଲି କେହି କେହି ଉତ୍ସାହୀ ବେପାରୀ ଏକ ନୂତନ କୌଶଳ କରି ସେମାନଙ୍କର ବେପାର ବଢ଼ାଉଛନ୍ତି ଏବଂ ସନ୍ଧ୍ୟାରେ ହିରୋମାନେ ମଧ୍ୟ ତାହାକୁ ପସନ୍ଦ କରୁଛନ୍ତି। ସେଇଟି ହେଲା ଘୁଘୁନି ସହିତ ସିଝା ଅଣ୍ଡା ମିଶାଇ ବିକିବା। ମୋର ମନେ ହେଲା ଯଦି ଏ କଥା ହୋଇ ପାରୁଛି ତେବେ ମାଂସ ଭଜା/ମସଲା ସହ ରୁଟି/ପରଟା ବିକ୍ରି ନହେବ କାହିଁକି। ଗୋଟିଏ ସେମିନାରରେ ଯୋଗ ଦେବା ପାଇଁ ହାଇଦ୍ରାବାଦ ଯାଇଥିଲି। ସେଠାରେ ଆନ୍ଧ୍ରର ପୋଲଟ୍ରି ଆସୋସିଏସନ୍ 'ଏଗ୍ କାର୍ଟ ସ୍କିମ' ବୋଲି ଗୋଟିଏ ଯୋଜନା ଆରମ୍ଭ କରିଥାଏ। ଏଇଟି ଗୋଟିଏ ଟ୍ରଲି ରିକ୍ସା। ଚାଳକ ନିଜେ ହିଁ ବିକ୍ରେତା, ଅଣ୍ଡା ତଥା ଜୀବନ୍ତ କୁକୁଡ଼ା ପରିଷ୍କାର ପରିବେଶରେ ଜାଲି ବାକ୍ସରେ ରିକ୍ସା ଡାଲାରେ ଥାଏ। ଗ୍ରାହକମାନଙ୍କ ପାଖରେ ଛକରେ/କଲୋନୀରେ ଯାଇ ଏଇଟି ପହଞ୍ଚି ଯାଏ। ଯାହାର ଯେପରି ଦରକାର ସଙ୍ଗେ ସଙ୍ଗେ କୁକୁଡ଼ାକୁ ମାରି

Digitized by PPRACHIN, SOA

ପରିଷ୍କାର କରି ବିକ୍ରୟ କରାଯାଏ । ସନ୍ଧ୍ୟାବେଳେ ଏହି ଟ୍ରଲି ରିକ୍ସା କେତେକ ଖଟି ଯାଗାରେ ପରଟା, କୁକୁଡା ମାଂସ ମସଲା ମଧ୍ୟ ବିକ୍ରି କରେ । ଏଥିପାଇଁ ସେ ସମୟରେ ୫୦୦୦ ରୁ ୬୦୦୦ ଟଙ୍କାର ବିନିଯୋଗ ଦରକାର ହେଉଥିଲା । ବିଭିନ୍ନ ବ୍ୟାଙ୍କକୁ ରାଜି କରାଇ କଟକ ଭୁବନେଶ୍ୱରରେ କେତୋଟି ଏଗ୍ କାର୍ଟ ସ୍କିମ ଆରମ୍ଭ କରାଇଲୁ । ମାତ୍ର ଏହା ଆଶା କରାଯାଉଥିବା ସଫଳତା ପାଇଲା ନାହିଁ ।

ପରବର୍ତ୍ତୀ ସମୟରେ ହାଇଦ୍ରାବାଦ ଯାଇ ଦେଖିଲି ସେଠାରେ ମଧ୍ୟ ସଫଳତାର ମାତ୍ରା ଅତ୍ୟନ୍ତ ସୀମିତ । ଏ ଉଦ୍ୟମ ସିନା ସଫଳତା ପାଇଲା ନାହିଁ, ବଜାରରୁ ଏହା ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହେଲା ନାହିଁ । କ୍ରମେ ବିଭିନ୍ନ ସ୍ତର ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ କୁକୁଡା ମାଂସ ଫାଷ୍ଟଫୁଡର ରୂପ ନେଇ ସର୍ବତ୍ର ବିଶେଷ ଆଦୃତ ହେଲା । ଏଥିପାଇଁ ସମୟ ଲାଗିଲା । ଏହାର ସଫଳତା ଆଜି ସର୍ବତ୍ର ଏବଂ ଏହା ଦେଖି ମୋର ମନେ ହୁଏ ଆମ ପିଲାଏ ପାରିବେ ନାହିଁ ଏପରି କିଛି ନାହିଁ । କ୍ରମେ କୁକୁଡା ଚାଷୀମାନେ ସିଧା ସଳଖ ରାସ୍ତା କରରେ କାଉଣ୍ଟର ଖୋଲି ଆପଣାର ଉତ୍ପାଦନ ବିକ୍ରି କରିବାକୁ ଆରମ୍ଭ କଲେ । ଏ ବ୍ୟବସ୍ଥା ବେଶ୍ ଲୋକପ୍ରିୟ ହେଲା ଏବଂ ଆଜି ଶହ ଶହ ପରିମାଣରେ ବ୍ରଏଲର କାଉଣ୍ଟର ସହର ବଜାର ଗାଁ ଗହଳରେ ମଧ୍ୟ ସଫଳତାରେ ଚାଲିଛି । ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ରଖି, ଗ୍ରାହକକୁ ଆକର୍ଷଣ କରିବା ପାଇଁ ଆଜି ଅନେକ ଚକାଚକ୍ ଏ.ସି. ବ୍ରଏଲର କାଉଣ୍ଟର ମଧ୍ୟ ଦେଖା ଗଲାଣି । ଏହା ଆମ କୁକୁଡା ଶିଳ୍ପ ପାଇଁ ଏକ ଆଶ୍ୱସନାର ବିଷୟ ।

ଏ ପ୍ରକାରେ ଯେଉଁ ବ୍ରଏଲର ବିକ୍ରି ହେଲା ତାହାର ପରିମାଣ ସୀମିତ । ଏ କ୍ଷେତ୍ରରେ ବ୍ରଏଲର ନିଜ ପାଇଁ କିଛି ବଜାର ସୃଷ୍ଟି କଲା । କିନ୍ତୁ ଯେଉଁ ପରିମାଣରେ କୁକୁଡା ଚାଷ ଲୋକପ୍ରୀୟ ହୋଇ ଗାଁ ଗହଳି ଅନ୍ଦି କନ୍ଦିରେ ବ୍ୟାପିଲା, ସେଥିରେ ଏ ସୀମିତ ବିକ୍ରିରେ ଫାର୍ମମାନ ଲାଭଜନକ ହେବା ସମ୍ଭବ ନୁହେଁ । କେବଳ ବିବାହ, ଭୋଜି ଭାତ ଉତ୍ସବ ଅନୁଷ୍ଠାନମାନେ ଯଦି କୁକୁଡା ମାଂସ ବ୍ୟବହାର କରିବେ ତେବେ ଯାଇ ଫାର୍ମମାନଙ୍କର ଅସୁବିଧା ଦୂର ହେବ । ପ୍ରକାଶଥାଉକି କ୍ରମେ ଆମର ଯୁବକମାନେ ବେଶ୍ ବଡ ବଡ ବ୍ରଏଲର ଫାର୍ମ ସେତେବେଳକୁ ଆରମ୍ଭ କଲେଣି । 'ବ୍ରଏଲର ମାଂସ କାହିଁକି ?' ବୋଲି ଗୋଟିଏ ପ୍ରଚାର ପତ୍ର ଛପାଇଲି । ଛେଳି ମାଂସ ତୁଳନାରେ ବ୍ରଏଲର ମାଂସର ଦର, ଗୁଣ ଇତ୍ୟାଦିର ଗୋଟାଏ ତୁଳନାତ୍ମକ ଚିତ୍ର ଦେଲି । ଦର ଛେଳି ମାଂସ ତୁଳନାରେ ଶସ୍ତା । ନିୟନ୍ତ୍ରିତ ପରିବେଶରେ ଉତ୍ପାଦିତ ହେଉଥିବାରୁ କୌଣସି ପ୍ରକାର ରୋଗ ଇତ୍ୟାଦିର ଭୟ ନାହିଁ । ଅତି କମ୍ ସମୟରେ ରୋଷେଇ ହୋଇ ପାରୁଥିବାରୁ ଗ୍ୟାସ ଇତ୍ୟାଦିର ଖର୍ଚ୍ଚ ବଞ୍ଚିଯାଏ । ସମ୍ପୂର୍ଣ୍ଣ ବିବରଣୀ ଆଜି ମୋର ମନେ ନାହିଁ । ମାତ୍ର ମୋଟାମୋଟି

Digitized by PPRACHIN, SOA

ଏହା ଥିଲା ଜଣକୁ ୨ ମିନିଟ ଭାବିବାକୁ, ଚିନ୍ତା କରିବାକୁ ବାଧ କରିବା ପରି ପ୍ରଚାର ପତ୍ରଟିଏ । ଶେଷରେ ଟିକିଏ ଭାବ ପ୍ରବଣତାର ସ୍ପର୍ଶ ଦେଇଥିଲି । ଲେଖିଥିଲି ଆପଣ ଯେଉଁ ବ୍ରଏଲରଟି କିଣିବେ ସେଇ ପଇସା ଆମର ଗୋଟିଏ ବେକାର ଓଡିଆ ଯୁବକକୁ ଦାନା ଯୋଗାଇବ ।

ବାହାଘର ତିଥିମାନଙ୍କରେ ଭୁବନେଶ୍ୱରରେ ବେଶ୍ ବାହାଘରର ଭିଡ ଜମେ । ଆଜି ପରି ସେତେବେଳେ ହୋଟେଲ ମାନଙ୍କରେ ବାହାଘର ପ୍ରାୟ ହେଉ ନଥିଲା । ଅଳ୍ପ କେତୋଟି ମଣ୍ଡପ ଥିଲା । ସେଠାରେ ବାହାଘର ହୁଏ । ବେଶି ଭାଗ କର୍ତ୍ତାମାନେ ନିଜ ଘରେ ବା ଘର ପାଖରେ ଖାଲି ଯାଗାରେ ତମ୍ବୁ ଭିଡି କରନ୍ତି । ରୋଷେଇ ସେ ନିଜେ କରନ୍ତି ବା କେତେକ କ୍ଷେତ୍ରରେ କାଟରିଂକୁ ଦିଅନ୍ତି । ମୋର କାମ ହେଲା ବାହାଘରର ଆୟୋଜନ ଚାଲିଥିବାର ସ୍ଥାନ ଖୋଜି, ସେଠାରେ ପହଞ୍ଚି ଯାଏ, ଆଉ କର୍ତ୍ତାଙ୍କୁ ଦେଖା କରେ । ମୋର ପରିଚୟ ଥିବା କାର୍ଡ ଖଣ୍ଡିଏ ଧରାଇ ଦେଇ ମୋତେ କିଛି ସମୟ ଦେବାକୁ ଅନୁରୋଧ କରେ । ପ୍ରଚାରପତ୍ରରେ ଯାହା ଲେଖାଥାଏ ତାକୁ ଟିକେ ରଙ୍ଗ ଦେଇ, ସଂଖ୍ୟାର ହିସାବ ଦେଇ କର୍ତ୍ତାଙ୍କୁ ବୁଝାଏ । ମୋ ନିଜ ନିବେଦନରେ ମୁଁ ନିଜେ ବେଳେ ବେଳେ ଆଶ୍ଚର୍ଯ୍ୟ ହୁଏ । କର୍ତ୍ତାଙ୍କର ଭାବପ୍ରବଣତାରୁ କିଛି ଲାଭ ଉଠାଇ ଏପରି ଚିତ୍ରଟିଏ ଆଙ୍କେ ଯେପରି କର୍ତ୍ତାଙ୍କ ନିଷ୍ପତ୍ତି ଉପରେ କେତେଜଣ ଯୁବକଙ୍କର ପାଟିକୁ ଭାତ ଗୁଣ୍ଡା ଯିବା ନିର୍ଭର କରୁଛି । ପ୍ରାୟ ଗୋଟିଏ ବର୍ଷ ଏହିପରି ବୁଲିବା ପରେ କ୍ରମେ ଅବସ୍ଥା କୁକୁଡା ସପକ୍ଷରେ ବଦଳିବା ଆରମ୍ଭ କଲା । ଏ ସଫଳତା ପଛରେ ୨ଟି କାରଣ, ଗୋଟିଏ ହେଲା ଅର୍ଥନୈତିକ, ଦ୍ୱିତୀୟ ହେଲା କୁକୁଡା (ବ୍ରଏଲର) ରୋଷେଇରେ କ୍ରମ ପାରଂଗମତା । ଏ ମାଂସଟି ଅତ୍ୟନ୍ତ ନରମ ହୋଇଥିବାରୁ ଅତ୍ୟନ୍ତ ଅଳ୍ପ ସମୟରେ ଏହା ରୋଷେଇ ହୋଇଯାଏ ଆଉ ସେଇଥିପାଇଁ ରୋଷେଇ କରୁଥିବା ବ୍ୟକ୍ତିର ଟିକିଏ ସତର୍କତା ଦରକାର ହୁଏ ।

କୁକୁଡା ମାଂସ ପାଇଁ ଗ୍ରାହକ ବଢିଲେ । ଅନେକ ଫାଷ୍ଟଫୁଡ କାଉଣ୍ଟର ଟ୍ରଲି ରିକ୍ସାରେ ଖୋଲି ଗଳି କନ୍ଦିରେ ଛାଇ ହୋଇଗଲେ ଏବଂ ଏମାନେ ସମସ୍ତେ ଅଣ୍ଡା ତଥା କୁକୁଡା ମାଂସ ହିଁ ବ୍ୟବହାର କରୁଥିଲେ । ଆଗରୁ କୁକୁଡା ବିକ୍ରି କାଉଣ୍ଟରରେ ଯେଉଁ ମାଛି ଉଡୁଥିବା ଅବସ୍ଥା ଥିଲା ତାହା ବଦଳିଗଲା । ବ୍ରଏଲର ସେକ୍ଟର ଖୁବ୍ ଶୀଘ୍ର ବଢିବାକୁ ଆରମ୍ଭ କଲା । କେତେକ ଆଗୁଆ ଚାଷୀ ଓଡିଶାର ବିଭିନ୍ନ ଅଞ୍ଚଳ ତଥା ପ୍ରଦେଶ ବାହାରକୁ ଜିଅନ୍ତା କୁକୁଡା ସ୍ୱତନ୍ତ୍ର ଟ୍ରକରେ ପଠାଇଲେ । ଅନେକ ଶ୍ରମିକ କାମ ପାଇଲେ । କୁକୁଡା ଚାଷକୁ ସାହାଯ୍ୟ କରିବା ଶିଳ୍ପ ଯଥା କୁକୁଡା ଦାନା, ପାଣି ପିଇବା ଆଉ ଦାନା ଖାଇବା ଯାଗା, କୁକୁଡା ଚିଆଁ ଉଷୁମ କରିବା

Digitized by PPRACHIN, SOA

ଯନ୍ତ୍ର ଆଗରୁ ଓଡିଶାରେ ମୋଟେ ମିଳୁ ନଥିଲା । ଏ ସବୁର ତିଆରି ଏଠାରେ ଆରମ୍ଭ ହେଲା । କୁକୁଡା ଦାନାରେ ମକା ବ୍ୟବହାର ୫୦%ରୁ ଅଧିକ । ଆମ ରାଜ୍ୟର ଆଦିବାସୀ ଅଞ୍ଚଳରେ ପ୍ରଚୁର ମକା ଚାଷ ହୁଏ ମାତ୍ର ତାହା ପାଇଁ ବଜାର ସେପରି ନଥିଲା । କୁକୁଡା ଚାଷର ବିସ୍ତାର ସହିତ ମକା ଚାଷୀ ଭଲ ଦୁଇ ପଇସା ପାଇ ପାରିଲେ । କେବଳ ସେତିକି ନୁହେଁ ଜାତୀୟ ସ୍ତରର ଦାନା ଉତ୍ପାଦନକାରୀ ଯଥା ଗଦ୍‌ରେଜ, ହିନ୍ଦୁସ୍ତାନ ଲିଭର ଇତ୍ୟାଦି ତଥା ଅନ୍ୟ ପ୍ରଦେଶର କିଛି ଉତ୍ପାଦକ ଯେଉଁମାନେ କି ଏ ପର୍ଯ୍ୟନ୍ତ ଓଡିଶାରେ ବଜାର ନଥିବାରୁ ଅବହେଳା କରୁଥିଲେ, ସେମାନେ ସମସ୍ତେ ଆସି ଏଠାରେ ଦାନା ତିଆରି କରିବାର କାରଖାନା ବସାଇଲେ । ଓଡିଶାର ମକା ବ୍ୟବହାର କଲେ । ଏଠା ତିଆରି ଦାନା ବାହାରକୁ ପଠାଇଲେ ।

ବର୍ଷସାରା ବ୍ରଏଲର ମାଂସର ଚାହିଦା ରହିଥିଲେ ମଧ୍ୟ, ସବୁବେଳେ ଏହାର ବଜାର ଚାହିଦାକୁ ସଠିକ ଅନୁମାନ କରିବା ସମ୍ଭବ ହୁଏ ନାହିଁ । ଅନେକ ସମୟରେ ହଠାତ୍ ଚାହିଦା ବଢି ଯାଇ ମାର୍କେଟରୁ କୁକୁଡା ଉଭାନ ହୋଇଯାଏ । ଆଉ କେତେବେଳେ ବିକ୍ରି ନହୋଇ ଫାର୍ମରେ କୁକୁଡା ରହିଯାଏ । ଏହା ପଛରେ ଅନେକ ଛୋଟ ଛୋଟ କାରଣ ଥିଲେ ମଧ୍ୟ ଗୋଟିଏ ମୁଖ୍ୟ କାରଣ ହେଉଛି, ଆମର ଚାଷୀ ଠିକ୍ ଭାବରେ ଯୋଜନା କରିପାରେ ନାହିଁ । ଆଜି ମାର୍କେଟରେ କୁକୁଡା ଅଭାବ ଅଛି ଆଉ ତା'ର ଦାମ୍ ଆକାଶ ଛୁଆଁ ହୋଇ ଯାଇଛି ତ, ଚାଷୀ ସେହି ସମୟରେ ଲୋଭରେ ଆଖି ବୁଜି ଅଧିକ ଚିଆଁ ରଖି ପକାଏ । ହୁଏତ ଏ ଚିଆଁ ବଡ ହୋଇ ବଜାରକୁ ଆସିବା ବେଳକୁ ବଜାର ଅବସ୍ଥା ଆଗପରି ନଥାଏ । ଆଉ କେତେବେଳେ କୁକୁଡା ବିକ୍ରିର ମାନ୍ଦା ଅବସ୍ଥା ଦେଖି ସେ ଫାର୍ମ ଖାଲି ରଖେ ପଛେ ଚିଆଁ ପୁରାଏ ନାହିଁ । ଏ ବ୍ୟବସ୍ଥା/ଅବ୍ୟବସ୍ଥା ବ୍ରଏଲର ଚାଷର ପ୍ରଥମ ଦିନରୁ ଲାଗି ରହିଛି । ଆଗ ଅପେକ୍ଷା ଆଜିର ଚାଷୀ ଅଧିକ ସଜାଗ । ବଜାର ଉପରେ ତା'ର ନଜର ଅଧିକ, କେଉଁଠି କ'ଣ ଘଟୁଛି ଖବର ତା ପାଖରେ ପହଞ୍ଚୁଛି, ତଥାପି ଆଜି ମଧ୍ୟ କେତେକ ସ୍ଥାନରେ ସେଇ ପୂର୍ବ ରୋଗ ଦେଖିବାକୁ ମିଳୁଛି ।

ଏ ଅବସ୍ଥାଟି ଚିଆଁ ଉତ୍ପାଦନ କରୁଥିବା ସଂସ୍ଥା ପାଇଁ ଅତ୍ୟନ୍ତ ବିପଦ୍‌ଜନକ । ହଠାତ୍ ଅଧିକ ଚିଆଁ ବଜାର ଚାହିଁଲେ ଯେପରି ଯୋଗାଣ ଅସମ୍ଭବ, ତାଠାରୁ ଅଧିକ ମୁଣ୍ଡ ବ୍ୟଥା ହେଉଛି ଚାଷୀ ଫାର୍ମରେ ଚିଆଁ ପୁରାଇବାକୁ ବିଳମ୍ବ କଲେ । ଏ ତ ଅନ୍ୟ କୌଣସି ପଦାର୍ଥ ନୁହେଁ ଯେ ଜଣେ ଆଜି ବିକ୍ରି ନହେଲା ତ କାଲିକୁ ରଖି ଦେବ ବା ସାମାନ୍ୟ ରିହାତି ଦେଇ ବଜାରକୁ ଛାଡି ଦେବ । ଲାଭ ନହେଉ ପଛେ ଉତ୍ପାଦନ ଖର୍ଚ୍ଚ ଉଠିଯିବ । ମାତ୍ର ଏଇଟି ଲାଇଭ୍ ଷ୍ଟକ । ଯଦି ଆଜି ବିକ୍ରି ନହେଲା

Digitized by PPRACHIN, SOA

କାଲିକି ସେଇଟି ଡେଡ୍ ଷ୍ଟକ। ଏ ଅବସ୍ଥାରେ ବାକିରେ ଚିଆଁ ଦେବାକୁ ଅନେକ ଉତ୍ପାଦକ ବାହାରି ପଡନ୍ତି। ମାତ୍ର ମୋର ମତାମତ ହେଉଛି ଯେ ଥରେ ଚିଆଁ ବାକିରେ ଦେଲେ ସେ ପଇସା ତ ଯିବ, ସେ ଚାଷୀଟି ମଧ୍ୟ ତୁମ ହାତରୁ ଯିବ। ମୁଁ ତେଣୁ ଚିଆଁ କେବେବି ବାକିରେ ଦେଇ ନାହିଁ।

କିନ୍ତୁ କ୍ରମେ ଏ ଅବସ୍ଥା ବାରମ୍ବାର ଉପୁଜିବାରୁ ମୁଁ ନିଜେ ଗୋଟିଏ ବ୍ରଏଲର ଫାର୍ମ କରିବାକୁ ନିଷ୍ପତ୍ତି କଲି। ଉଦ୍ଦେଶ୍ୟ ବଳକା ଛୁଆ ନିଜ ଫାର୍ମରେ ରଖି ଦେଇ ଖାଇବା ଯୋଗ୍ୟ ହେଲେ ବିକ୍ରି କରିବି। ଯଦି ସେ କୁକୁଡାକୁ ମୁଁ ସ୍ଥାନୀୟ ମାର୍କେଟରେ ବିକ୍ରି କରେ ତେବେ ସ୍ଥାନୀୟ କୁକୁଡା ଚାଷୀ ଯେଉଁମାନେ ମୋଠାରୁ ଚିଆଁ ନେଇଛନ୍ତି, ସେମାନଙ୍କର ବିକ୍ରି ବାଧା ପାଇବ, ସେମାନେ କ୍ଷତି ଗ୍ରସ୍ତ ହେବେ। ଏହାକୁ ନଜରରେ ରଖି ମୁଁ ପ୍ରଥମେ ମୋଟା ପରିମାଣ କୁକୁଡା ବାହାରେ କେଉଁଠି ଦେଇ ହେବ ତା'ର ଅନୁସନ୍ଧାନ କଲି। ମୁଁ ସେତେବେଳେ କଲିକତା ବଜାରକୁ ଚିଆଁ ପଠାଉଥାଏ ଆଉ ମୋର ଉତ୍ପାଦିତ ଚିଆଁ ପାଇଁ ସେଠାରେ ଭଲ ଚାହିଦା ଥାଏ। ସେଠାରେ ସର୍ବଦା କୁକୁଡା ଅଭାବ। କିଛି ବେପାରୀଙ୍କ ସହ କଥା ହୋଇ ସ୍ଥିର ହେଲା ଦିନକୁ ୧ ହଜାର କୁକୁଡା ଯାହାର ଓଜନ ହାରାହାରି ୧୨୦୦ ଗ୍ରାମ ହେବ ସେମାନେ ନେବେ। ମୋତେ କଲିକତା ନିୟୁ ମାର୍କେଟର କୁକୁଡା ବଜାରରେ ପାହାନ୍ତା ୩ ରୁ ୪ ଭିତରେ କୁକୁଡା ନେଇ ପହଞ୍ଚାଇବାକୁ ପଡିବ। ଏ ପ୍ରୋଜେକ୍ଟର କଠିନତମ ଅଂଶ ଥିଲା, ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ୫୦୦ କି.ମି. ଦୂରରେ ଥିବା ବଜାରରେ ଜୀବନ୍ତ କୁକୁଡାତକ ପହଞ୍ଚାଇବା। ସେଥିରେ ଦବି ନ ଯାଇ କିପରି ଏହି ସମସ୍ୟା ତେଇଁବି ତା'ର ବିଚାର ବିମର୍ଷରେ ଲାଗି ପଡିଲି।

ଭୁବନେଶ୍ୱରଠାରୁ ୫୦ କିଲୋମିଟର ଦୂରରେ ଜାତୀୟ ରାଜପଥ.-୫ କରରେ (ମୋର ଗାଁ ରାମେଶ୍ୱର ନିକଟରେ) କିଛି ଜମି କିଣିଲି। ବର୍ତ୍ତମାନ ବ୍ୟାଙ୍କକୁ ୩୨ ଲକ୍ଷ ଟଙ୍କାର ଗୋଟିଏ ପ୍ରସ୍ତାବ ଦେଲି। ଲକ୍ଷ୍ୟ-ଦିନକୁ ୧୦୦୦ ବ୍ରଏଲର ଉତ୍ପାଦନ ଆଉ ୨ଟି ଟ୍ରକ ଦ୍ୱାରା କଲିକତା ନିୟୁ ମାର୍କେଟକୁ ପ୍ରେରଣ। ମୋର ପୂର୍ବ ଅଭିଜ୍ଞତା ତଥା ବ୍ୟାଙ୍କ ସହ ପୂର୍ବର କାରବାରକୁ ବିଚାରକୁ ନେଇ ୟୁକୋ ବ୍ୟାଙ୍କ ମୋର ଏ ପ୍ରସ୍ତାବଟିକୁ ତାର ମୁଖ୍ୟ ଅଫିସ୍‌ର ଅନୁମୋଦନ ପାଇଁ ପଠାଇଲା। ବିଭିନ୍ନ ପ୍ରଶ୍ନ ସେଠାରୁ ଉଠିଲା ମୁଁ ସମସ୍ତ ପ୍ରଶ୍ନର ଯଥୋଚିତ ଉତ୍ତର ଦେଲି। ତଥାପି ମଧ୍ୟ ଅନୁମୋଦନ ଆସୁ ନଥାଏ। ଏଣେ କଲିକତାରେ କରିଥିବା କଣ୍ଟ୍ରାକ୍ଟର ଦିନ ପାଖେଇ ଆସୁଥାଏ। ବୁଝିଲି ମୋ ପ୍ରସ୍ତାବଟି ଇ.ଡି.ଙ୍କ ପାଖରେ ପଡି ରହିଛି। ଉପାୟ ନପାଇ କଲିକତା ବାହାରିଲି।

Digitized by PPRACHIN, SOA

ମୁଁ ସେତେବେଳକୁ ପ୍ରତି ସପ୍ତାହରେ କିଛି ଚିଆଁ କଲିକତା ବଜାରକୁ ଛାଡୁଥାଏ । ଏଥିପାଇଁ ଅନେକ ସମୟରେ ମୋତେ କଲିକତା ଯିବାକୁ ହେଉଥାଏ । ମଝିରେ ମଝିରେ ମୁଁ ଯାଇ ଚେୟାରମ୍ୟାନଙ୍କୁ ଦେଖା କରି ସମ୍ପର୍କର ଖିଅଟିଏ ବଞ୍ଚାଇ ରଖିଥାଏ । ମୋର ୟୁନିଟ କଳିଙ୍ଗ ହାଚେରୀର ଉତ୍ପାଦନ ଉଦ୍‌ଘାଟନ ଚେୟାରମ୍ୟାନଙ୍କ ଦ୍ୱାରା ହିଁ ହୋଇଥିଲା । କ'ଣ ପାଇଁ କହି ପାରିବି ନାହିଁ, ମୋ ପ୍ରତି, ଚେୟାରମ୍ୟାନ ଟିକିଏ ଅଧିକ ସହାନୁଭୂତିଶୀଳ ବୋଲି ମୋର ସର୍ବଦା ମନେ ହୋଇଛି । ଆଉ ମୁଁ ସେଥିପାଇଁ କୃତଜ୍ଞ ।

ବ୍ରୋବନ ରୋଡରେ ଟି ବୋର୍ଡ ଅଫିସ ପାଖରେ ୟୁକୋ ବ୍ୟାଙ୍କର ମୁଖ୍ୟ ଅଫିସ କୋଠା । ହୋଟେଲରୁ ଗାଧୋଇ ପାଧୋଇ ଜଳଖିଆ ଖାଇ ଚେୟାରମ୍ୟାନଙ୍କ ଅଫିସ ମହଲାରେ ଠିକ୍ ୧୦ଟା ବେଳେ ପହଞ୍ଚିଗଲି । ଇ.ଡି. ମଧ୍ୟ ସେଇ ମହଲାରେ ବସନ୍ତି । ଚେୟାରମ୍ୟାନଙ୍କ ପି.ଏ.ଙ୍କୁ ଦେଖା କଲି । ଚେୟାରମ୍ୟାନଙ୍କର ଜଣେ ପିଅନ (?) ସିହ୍ନା ରେ ଥାଆନ୍ତି । ତାଙ୍କ କାର୍ଯ୍ୟ କଳାପରୁ ଆଉ ଦକ୍ଷତାରୁ ସେ ପିଅନ ବୋଲି ମନେ ହୁଅନ୍ତି ନାହିଁ । ମୋର ପି.ଏ. ଏବଂ ସିହ୍ନା ରେଙ୍କ ସଙ୍ଗେ ସୁ ସମ୍ପର୍କ । ମୋର କାର୍ଡଟି ପି.ଏ.ଙ୍କୁ ଦେବାପରେ ସେ ଓ ସିହ୍ନା ରେ ପରସ୍ପର ମୁହଁକୁ ଚାହିଁ ହସିଲେ । ମୁଁ ସନ୍ଦେହରେ ପଡିଲି । ଚେୟାରମ୍ୟାନ ତ ଅଫିସରେ ବସିଛନ୍ତି ତେବେ କ'ଣ ଅସୁବିଧା ହେଲା ଏମାନେ ମୁରୁକି ହସୁଛନ୍ତି କାହିଁକି ? କାର୍ଡଟି ଭିତରକୁ ପଠାଉ ନାହାଁନ୍ତି କାହିଁକି ? ସିହ୍ନା ରେ ପାଟି ଖୋଲିଲେ "ଦାସ ବାବୁ ଚେୟାରମ୍ୟାନଙ୍କ ମନ ଆଜି ଅତ୍ୟନ୍ତ ଅପ୍ରସନ୍ନ । ଆଜି କାହାରିକୁ ଭିତରକୁ ପଠାଇବାକୁ ସେ ମନା କରିଛନ୍ତି ।" କାରଣ କ'ଣ ପଚାରିଲି । ଚେୟାରମ୍ୟାନଙ୍କର ଆସନ୍ତାକାଲି ଦିଲ୍ଲୀରେ ଅର୍ଥ ମନ୍ତ୍ରୀଙ୍କ ସହ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାକ୍ଷାତକାର ସ୍ଥିର ହୋଇଛି ।

ଚେୟାରମ୍ୟାନ ସେହିଦିନ ୨ଟା ବେଳର ଫ୍ଲାଇଟ ଧରି ଦିଲ୍ଲୀ ଯିବା କଥା । ମାତ୍ର ପାଇଲଟ ମାନଙ୍କର ବିଜୁଳୀ ଧର୍ମଘଟ ପାଇଁ ଆଜି କୌଣସି ଫ୍ଲାଇଟ ଯାଉନାହିଁ । ଆଉ ଫ୍ଲାଇଟ କେବେ ଯିବ ତା ବି କେହି କହି ପାରୁ ନାହାନ୍ତି । ଫ୍ଲାଇଟର ଏ ଅବସ୍ଥା ଦେଖି ରେଳ (ରାଜଧାନୀ ଏକ୍ସପ୍ରେସ)ରେ ଯିବାକୁ ବସିଲା ବେଳକୁ ଟିକେଟ ମିଳୁ ନାହିଁ । (ଯାହା ମିଳୁଛି ଅପେକ୍ଷାରେ) । ଏତକ ଶୁଣିବା ପରେ ମୋ ମୁଣ୍ଡକୁ ଗୋଟେ ବୁଦ୍ଧି ଜୁଟିଲା । ମୁଁ ସିହ୍ନା ରାୟଙ୍କୁ କହିଲି "ମୁଁ ଟିକିଏ ଚେଷ୍ଟା କରିବି କି ?" ସେ ହଁ କହିଲେ ମାତ୍ର ତାଙ୍କର ମୋ କଥା ଉପରେ ଭରସା ଆସିଲା ନାହିଁ । ମୋର ଜଣେ ଘନିଷ୍ଠ ବନ୍ଧୁ ଶ୍ରୀ ଅଜିତ୍ ପଟ୍ଟନାୟକ, ଆଇ,ଆର୍.ଏସ୍. ପାଇ ରେଲୱେ ସର୍ଭିସରେ ଜଏନ କରି ଥାଆନ୍ତି । ତାର ପୋଷ୍ଟିଙ୍ଗ ଥାଏ କଲିକତାର

Digitized by PPRACHIN, SOA

କୋଇଲା ଘାଟ ଷ୍ଟ୍ରିଟରେ ଥିବା ରେଲୱେ ଅଫିସରେ ଡେପୁଟି ଡିଭିଜନାଲ ମ୍ୟାନେଜର । ମୁଁ ଯେତେବେଳେ ଟିକେଟ ପାଇଁ ଅସୁବିଧାରେ ପଡେ, ତାଙ୍କୁ କହିଦେଲେ କାମ ହୋଇଯାଏ । ସେଇ ଚେୟାରମ୍ୟାନଙ୍କ ଅଫିସରୁ ତାଙ୍କୁ ଫୋନ କରି କହିଲି, ଯେ କୌଣସି ପ୍ରକାରେ ଚେୟାରମ୍ୟାନଙ୍କ ଟିକେଟଟି କନଫର୍ମ ହେବା ଦରକାର । ସେ ୱେଟ ଲିଷ୍ଟରେ ଥିବା ଟିକେଟର ପି.ଏନ୍.ଆର୍. ନମ୍ବର ପଚାରିଲା ଆଉ ୫ ମିନିଟ ପରେ କହିଲା ଯେ ଟିକେଟ କନଫର୍ମ । ସିଟ୍ ନଂ, ବଗି ନଂ ସବୁ ଦେଇ ଦେଲା ଏବଂ ଚାହିଁଲେ କେହି ଯାଇ ତା ପାଖରୁ କନଫର୍ମ କରେଇ ଆଣି ପାରିବ । ତେଣିକି ସେ ଦାୟିତ୍ୱ ରହିଲା ପି.ଏ.ଙ୍କର । ବର୍ତ୍ତମାନ ବେଶ୍ ହସ ହସ ମୁହଁରେ ସେ ଚେୟାରମ୍ୟାନଙ୍କ ରୁମରେ ପଶିଲେ । ଟିକେଟ ହେଲା ଓ କିପରି ହେଲା ସବୁ କହିବା ପରେ ମୋତେ ସଙ୍ଗେ ସଙ୍ଗେ ଡକରା ଆସିଲା । ମୁଁ ଭିତରକୁ ଯାଇ ମୋର ସମସ୍ୟା କଥା କହିଲି । ଚେୟାରମ୍ୟାନ ଟ୍ରେନ ଧରିବାକୁ ଯିବାକୁ ତରତର ହେଉ ଥାଆନ୍ତି । ମୋତେ ପଚାରିଲେ ପ୍ରୋଜେକ୍ଟ ରିପୋର୍ଟର କପି ଅଛି କି ? ମୁଁ ଆଟାଚିରୁ କାଢି କପିଟି ଦେଲି । ତା ଉପରେ ଲେଖି ଦେଲେ ସାଙ୍କସନଡ ଏବଂ ଦସ୍ତଖତ କରି ମୋତେ ଫେରାଇ ଦେଲେ । ପି.ଏ.ଙ୍କୁ ଆବଶ୍ୟକୀୟ ଚିଠି ଦେଇ ଦେବାକୁ ନିର୍ଦ୍ଦେଶ ଦେଲେ । ଚେୟାରମ୍ୟାନ ଅଫିସ ଛାଡିଲେ । ମୁଁ ପି.ଏ.ଙ୍କଠାରୁ ଗୋଟିଏ ପ୍ରୋଭିଜନାଲ ସାଙ୍କସନ ଚିଠି ନେଇ ଫେରିଲି ।

ଏଠାରେ ଆଉ ଗୋଟିଏ ଘଟଣା ଲେଖିବାକୁ ଉଚିତ ମନେ କରୁଛି । ଥରେ ଇକୋନୋମିକସ୍ ଟାଇମସ୍ ର ସାମ୍ବାଦିକ ଭୁବନେଶ୍ୱର ଆସି ଥାଆନ୍ତି । ତାଙ୍କର ୟୁକୋ ବ୍ୟାଙ୍କର ୟୁନିଅନ କର୍ତ୍ତୃପକ୍ଷଙ୍କ ସହ ଉତ୍ତମ ସଂପର୍କ ଥାଏ । ସେହି ସୂତ୍ରରେ କଲିକତାରେ ୟୁନିଅନ ବସ୍ ଓଡିଶାରେ ଥିବା ତାଙ୍କର ୟୁନିଅନ୍‌ର ସଚିବଙ୍କୁ ସାମ୍ବାଦିକଙ୍କ ପାଇଁ ଆବଶ୍ୟକୀୟ ବନ୍ଦୋବସ୍ତ କରିବାକୁ ଅନୁରୋଧ କରିଥାଆନ୍ତି । ଭୁବନେଶ୍ୱରରେ ଥିବା ୟୁକୋ ବ୍ୟାଙ୍କର ୟୁନିଅନ ସେକ୍ରେଟାରୀ ତଥା ଅନ୍ୟାନ୍ୟ କର୍ମକର୍ତ୍ତା ସେ ପ୍ରଭାବଶାଳୀ ସାମ୍ବାଦିକଙ୍କ ଖାଇବା, ପିଇବା, ରହିବାର ସୁବନ୍ଦୋବସ୍ତ ତ କରି ଥାଆନ୍ତି ତା ସହିତ ତାଙ୍କୁ କିଛି ଦାମୀ ଉପହାର ଦେବା ପାଇଁ ମଧ୍ୟ ଯୋଜନା କରିଥାଆନ୍ତି । ଏ ବୋଝ ବାଣ୍ଟି ହୋଇ ଶେଷରେ ଆମ ଋଣ ଗ୍ରହୀତାଙ୍କ ମୁଣ୍ଡ ଉପରକୁ ଆସେ । ମୋ ଭାଗରେ ପଡିଥିଲା ଗୋଟିଏ ସୁଟ ପିସ୍ ଉପହାର ଦେବା ପାଇଁ । ଆଉ ସେଥିପାଇଁ ମୋ ସହିତ କେତେ ମିନିଟର ଗୋଟିଏ ସାକ୍ଷାତକାର ନେଇ ସେ ତାଙ୍କ କାଗଜରେ ଛପାଇବେ । ସେହିପରି କେତେକ ପ୍ରମୁଖ ପ୍ରମୁଖ ଋଣ ଗ୍ରହୀତାଙ୍କ ଭାଗରେ ବିଭିନ୍ନ ଦାୟୀତ୍ୱ ପଡିଥାଏ । ମୁଁ ତ ଏ

Digitized by PPRACHIN, SOA

ପ୍ରସ୍ତାବରେ ପ୍ରଥମେ ରାଜି ଥିଲି । ମାତ୍ର ଏଠାରେ ମୋର ସ୍ୱଳ୍ପ ସାମ୍ବାଦିକ ଅଭିଜ୍ଞତା କାମଦେଲା । ସାକ୍ଷାତକାର ପୂର୍ବରୁ ବ୍ୟାଙ୍କର କଲିକତା ହେଡ ଅଫିସକୁ ଫୋନ କରି ଏ ସାମ୍ବାଦିକ ବନ୍ଧୁଙ୍କର ଉପର ମହଲରେ ଯଥା ଏମ୍.ଡି./ଚେୟାରମ୍ୟାନଙ୍କ ସହ କାଟତି କିପରି ତାହା ବୁଝିବାକୁ ଚେଷ୍ଟା କଲି । ଶ୍ରୀଯୁକ୍ତ ସିହ୍ନା ରାୟ ମୋତେ ସୂଚାଇ ଦେଲେ ଯେ ଚେୟାରମ୍ୟାନଙ୍କ ସହ ତାଙ୍କର ସମ୍ପର୍କ ଅତ୍ୟନ୍ତ ତିକ୍ତ । ବର୍ତ୍ତମାନ ମୋତେ କ'ଣ କରିବାକୁ ହେବ ନିଷ୍ପତ୍ତି ମୁଁ ନେଇଗଲି । ଉପହାର ପାଇଁ ଆବଶ୍ୟକୀୟ ଅର୍ଥ ଭୁବନେଶ୍ୱର କର୍ମକର୍ତ୍ତାଙ୍କୁ ଧରାଇ ଦେଲି ଏବଂ ସାକ୍ଷାତକାର ପାଇଁ ସ୍ଥିର ହୋଇଥିବା ସମୟରେ ମୁଁ ଅଗତ୍ୟା ବାହାରକୁ ଯିବାକୁ ହେବ ଏବଂ ମୁଁ ନରହିପାରେ ବୋଲି ସେମାନଙ୍କୁ କହି ସେ କାର୍ଯ୍ୟକ୍ରମଟି ବାତିଲ କରାଇଲି । ପ୍ରକାଶଥାଉକି, ଭୁବନେଶ୍ୱରର କର୍ମକର୍ତ୍ତାମାନେ ମୋର ବନ୍ଧୁ ତଥା ମୋ ସହିତ ଉତ୍ତମ ସମ୍ପର୍କ । ସେମାନେ ଉପହାରଟିର ବ୍ୟବସ୍ଥା ପରେ ସାକ୍ଷାତକାର ଉପରେ ଆଉ ଜୋର ଦେଲେ ନାହିଁ ।

ସାମ୍ବାଦିକ ବନ୍ଧୁ ଆସିଲେ । ଆମର ଆଉ ଜଣେ ବନ୍ଧୁ ଯେ କି ଚୁଙ୍ଗୁଡି ରପ୍ତାନି କରୁଥାଆନ୍ତି ଆଉ ଯେ କି ୟୁକୋ ବ୍ୟାଙ୍କର ଋଣ ଗ୍ରହୀତା, ତାଙ୍କ ସହ ସାକ୍ଷାତକାରଟିଏ ନେଇ ଉପହାର ସହ କଲିକତା ଫେରିଗଲେ । ୨/୩ ଦିନ ପରେ ଇକୋନୋମିକ୍ ଟାଇମସରେ ଆମ ବନ୍ଧୁ ଚୁଙ୍ଗୁଡି ଉତ୍ପାଦନକାରୀଙ୍କର ଫଟ ସହ ଭଲ ସାକ୍ଷାତକାରଟିଏ ବାହାରିଲା । ମୁଁ ଯାହା ସନ୍ଦେହ କରି ଏ ସାକ୍ଷାତକାରକୁ ଆଡେଇ ଦେଇ ଥିଲି ତାହାହିଁ ହେଲା । ବନ୍ଧୁଙ୍କର ଋଣ ବଢେଇବା ପ୍ରସ୍ତାବଟି ଯେଉଁଟିକି ଅନୁମୋଦନ ପାଇବା ଅବସ୍ଥାରେ ଥିଲା, ହେଡ ଅଫିସର ଅନେକ ଅନେକ କଠିନ ପ୍ରଶ୍ନ ସହ ଫେରି ଆସିଲା ।

ହଁ ବ୍ରଏଲର ଫାର୍ମ କଥା କହୁଥିଲି । ମୋର ନିଜ ଗାଁ ପାଖ ଜାତୀୟ ରାଜପଥ-୫ କଡରେ ୬ ଏକର ଜମିରେ ଫାର୍ମଟି ଆରମ୍ଭ କଲି । ସେଇଟି ୧୯୮୪-୮୫ର କଥା । ସେ ସମୟରେ ଦିନକୁ ୧୦୦୦ ବ୍ରଏଲର ପାଳିବା ପରି ଫାର୍ମଟିଏ ଓଡିଶାରେ କେଉଁଠି ନଥିଲା । ଏଇଟି ହେଲା ସର୍ବ ବୃହତ ଫାର୍ମ । ଖୁବ୍ କମ ସମୟ ମଧ୍ୟରେ ଫାର୍ମ ଠିଆ ହୋଇଗଲା । ଚିଆଁ ରଖାଗଲା । ମୋ ନିଜର ଚିଆଁ ଆଉ ମୋ ନିଜର ତିଆରି କୁକୁଡା ଦାନା । ପ୍ରକାଶଥାଉକି ମୁଁ ମୋର ବ୍ରିଡିଂ ଫାର୍ମ ପାଇଁ ନିଜେ ଦାନା ତିଆରି କରୁଥିଲି । ଏହାଦ୍ୱାରା ଦାନାର କ୍ୱାଲିଟି ବ୍ୟାପାରରେ ନିଶ୍ଚିତ ହୋଇ ପାରୁଥିଲି । 8 mt କ୍ଷମତାର ଗୋଟିଏ ମିନିଟ୍ରକ କିଣିଲି ଆଉ ଗୋଟିଏ ଭଡା ସୂତ୍ରରେ ନେଲି । ଦୁଇ ଜଣ ଡ୍ରାଇଭର ରଖିଲି । ଜଣେ ଡ୍ରାଇଭର ଏକାଦିକ୍ରମେ ୫୦୦ କିଲୋମିଟର ଚଲାଇ ଯିବା ସମ୍ଭବ ନୁହେଁ ।

Digitized by PPRACHIN, SOA

କୁକୁଡ଼ା ଉତ୍ତମ ପରିଚାଳନାରେ ଆଉ ସୁଷମ ଖାଦ୍ୟ ଖାଇ ବେଶ୍ ବଢ଼ିଲେ। ମିନିଟ୍ରକରେ ଏକାଥରକେ ୧୦୦୦ କୁକୁଡ଼ା ଯାଇ ପାରିବା ଭଳି ଲୁହାର କେଜ୍ କରି ଲଗାଇଲି। ଗାଡ଼ି ଦିନ ୨ଟା/୩ଟା ସୁଦ୍ଧା କୁକୁଡ଼ା ବୋଝେଇ ହୋଇ ବାହାରିଯାଏ ଏବଂ ଠିକ୍ ସମୟରେ ସେଠାରେ ପହଞ୍ଚେ। ମାତ୍ର ସେଠାରେ ପହଞ୍ଚି ଟେଲିଫୋନ ନଆସିବା ପର୍ଯ୍ୟନ୍ତ ମୋର ମାନସିକ ଭାରସାମ୍ୟ ରହେ ନାହିଁ। ଅଳ୍ପ ବହୁତ ସୁବିଧା ଅସୁବିଧା ଭିତରେ ବ୍ୟବସାୟ ଚାଲିଲା। ମାତ୍ର ପାଖାପାଖି ଗୋଟିଏ ବର୍ଷ ଏ କଲିକତା ବେପାର ଚାଲିବା ପରେ ଅସୁବିଧାମାନ ଆସି ପହଞ୍ଚିଲା, ଯେଉଁଟାକୁ ସମାଧାନ କରିବା ମୋ ପକ୍ଷରେ ସମ୍ଭବ ହେଲା ନାହିଁ। ସବୁଦିନ ଗୋଟାଏ ଟ୍ରକରେ ଏତେ ଏତେ ସୁଖାଦ୍ୟ କୁକୁଡ଼ା ଯାଉଛି, ଆମ ଭାଗରେ କିଛି ପଡ଼ିଲା ନାହିଁ? ଏଇଠୁ ଆରମ୍ଭ ହେଲା ଚେକ୍ ଗେଟ୍‌ରେ ବଦମାସୀ। କଟକ ପୂର୍ବ ଗୋପାଳପୁରରୁ ପ୍ରଥମେ ଆରମ୍ଭ ହେଲା। ବିନା କାରଣରେ ଗାଡ଼ିକୁ ଖରାରେ ଘଣ୍ଟା ଘଣ୍ଟା ଅଟକାଇଲେ। ଦଲାଲ ଆସି କହିଲା ଯେ ପ୍ରତିଦିନ ଗାଡ଼ି ଯିବା ବେଳକୁ କିଛି କୁକୁଡ଼ା ବଟି ଦେବାକୁ ହେବ। ଯେତେ ରାଗ ଆସିଲେ ମଧ୍ୟ ତା କରିବାକୁ ବାଧ୍ୟ ହେଲି। ମାତ୍ର ସମସ୍ୟାର ସମାଧାନ ହେଲା ନାହିଁ। କେବଳ କଟକ କାହିଁକି, ଏପରିକି ବାଲେଶ୍ୱର ପରେ ଥିବା ଚେକ୍ ଗେଟ୍ ମଧ୍ୟ ଅନୁରୂପ ଦାବି କଲେ। ସେମାନେ ଦୁଇଟା କୁକୁଡ଼ା ନେଲେ ମୋ କର୍ମଚାରୀ ଦଶଟା କହିଲେ। ଗାଡ଼ି ଅଟକାଇ ଦେଲେ ଖରାରେ ତ କୁକୁଡ଼ା ମରିବେ, ପୁଣି ନିୟୁ ମାର୍କେଟରେ ଠିକ୍ ସମୟରେ ନ ପହଞ୍ଚିଲେ କୁକୁଡ଼ା ଗାଡ଼ି ୨୪ ଘଣ୍ଟା ଅଟକି ରହିବ।

ଏ ଜଟୀଳ ପରିସ୍ଥିତିକୁ କିପରି ମୁକାବିଲା କରିବି ମୋତେ ବୁଦ୍ଧି ଜୁଟିଲା ନାହିଁ। ମୁଁ ଶିଳ୍ପ ଉଦ୍ୟୋଗୀ, ଉତ୍ପାଦନ ଓ ବିକ୍ରିର ସମସ୍ୟା ସୁଧାରିବା ପାଇଁ ମୋର ତାକତ ଅଛି ଆଉ ମୁଁ ପ୍ରସ୍ତୁତ। ମାତ୍ର ଏ କେଳଙ୍କରୀ ପରିସ୍ଥିତି ମୋ ପାଇଁ ଅନେକ ଦୁର୍ଦ୍ଦଶା, ହତାଶା ସୃଷ୍ଟି କଲା। ମୋର ଜଣେ ବନ୍ଧୁ ସେତେବେଳେ ଭିଜିଲାନସ ଡି.ଆଇ.ଜି. ଥିଲେ। ସେ ସେମାନଙ୍କୁ ରଙ୍ଗା ହାତ ଧରିବାରେ ପ୍ରତିଶ୍ରୁତି ଦେଲେ। ମାତ୍ର ମୁଁ ସେଥିରେ ରାଜି ହେଲି ନାହିଁ। କାରଣ ସେ କେତେଥର, କେଉଁଠାରେ ଲୋକ ଜଗାଇ ଏପରି କରିବେ? ସିଷ୍ଟମଟା କାମ କରିବା ଦରକାର। ମୁଁ ବ୍ୟବସାୟୀ ହିସାବରେ ମୋର କାଗଜ ପତ୍ର ଠିକ୍ ରଖିବି, ବିକ୍ରି କର ଠିକ୍ ଦେବି। ସରକାରଙ୍କୁ ଠକିବି ନାହିଁ। କୁକୁଡ଼ା କିପରି ସୁରୁଖୁରୁରେ କଲିକତାରେ ପହଞ୍ଚିବେ, ଏସବୁ ମୁଁ ଚଳାଇ ନେଇ ପାରିବି। ମାତ୍ର ଚେକ୍‌ଗେଟ୍‌ରେ ଏ ଦାଦାଗିରିର ସାମନା କରିବା ମୋ ପକ୍ଷରେ ସମ୍ଭବ ନୁହେଁ। ତେଣୁ ବାଧ୍ୟ ହୋଇ କଲିକତା କୁକୁଡ଼ା ପଠାଇବା ବନ୍ଦ କରିଦେଲି। ସ୍ଥାନୀୟ ବଜାରରେ ବ୍ରଏଲର ବିକିବା ମୋ ପକ୍ଷରେ

Digitized by PPRACHIN, SOA

ଉଚିତ୍ ନୁହେଁ, କାରଣ ତାଦ୍ୱାରା ମୁଁ ମୋ ନିଜ ଗ୍ରାହକ (ଯେଉଁମାନେ ମୋଠାରୁ ଚିଆଁ ନିଅନ୍ତି)ଙ୍କର ପ୍ରତିଦ୍ୱନ୍ଦୀ ହେବାକୁ ପଡିବ। ଫାର୍ମର କୁକୁଡା ପାଳନ କ୍ଷମତା କମାଇ ଦେଲି। ୨/୩ ବର୍ଷ ସ୍ଥାନୀୟ ବଜାରରେ ହୋଟେଲ ଆଉ ମୋଟା ବେପାରୀଙ୍କୁ ଦେଇ ଫାର୍ମ ବନ୍ଦ କରିଦେଲି। ଫାର୍ମ ବନ୍ଦ କରିବା ଭିତରେ ବ୍ୟାଙ୍କର ଲୋନ ଶୁଝିଦେଲି। ଏଇଟି ମୋ ପାଇଁ ଏକ ଦୁଃଖଦ ଅନୁଭୂତି ହୋଇ ମୋତେ ବହୁଦିନ ପର୍ଯ୍ୟନ୍ତ ଛୁଞ୍ଚ ଫୋଡିଲା।

ସରକାରୀ ଯୋଜନାରେ ଛୋଟ ଛୋଟ କୁକୁଡା ଫାର୍ମ ଗ୍ରାମାଞ୍ଚଳରେ ଛତୁ ଫୁଟିଲା ପରି ଫୁଟି ଉଠିଲା। ସେ ଫାର୍ମଗୁଡିକ ମାତ୍ର ୫୦ଟି କୁକୁଡାକୁ ନେଇ। ୫୦ ଭାଗ ରିହାତି। ସେଗୁଡିକ ଯେ ସଫଳ ହେବ ନାହିଁ ତାହା ପ୍ରଥମରୁ ଜଣା ପଡୁଥିଲା। ମାତ୍ର ମୋର ସେଥିରେ ମୁଣ୍ଡ ଖେଳାଇବାର କ'ଣ ଅଛି। ପୁରୀ ଜିଲ୍ଲାର ସମସ୍ତ କୁକୁଡା ଫାର୍ମକୁ ଦାନା ଯୋଗାଇବା ହେଲା ମୋର ଦାୟିତ୍ୱ। ଭୁବନେଶ୍ୱରରେ ଲକ୍ଷ୍ମୀସାଗର ଅଞ୍ଚଳରେ ଏହି ପ୍ରୋଜେକ୍ଟର ଅଫିସ। ଆମକୁ ଏହି ପ୍ରୋଜେକ୍ଟକୁ ହିଁ ଦାନା ଦେବାକୁ ହୁଏ ଆଉ ସେମାନେ ଛୋଟ ଛୋଟ ଫାର୍ମକୁ ଗାଁ ଗାଁ ବୁଲି ଦାନା ବାଣ୍ଟନ୍ତି। ତାଙ୍କର ଡାକ୍ତର ଯାଇ କୁକୁଡାର ସ୍ୱାସ୍ଥ୍ୟ ଦେଖନ୍ତି। ମୋର ସର୍ବଦା ମତାମତ ହେଉଛି ଯେଉଁଠି ନିଜର ଉଦ୍ୟମ ନଥିବ, ଆଉ ବାହାର ସାହାଯ୍ୟରେ ଜଣେ ଠିଆ ହେବାକୁ ଚାହାଁଯିବ, ସେ କ୍ଷେତ୍ରରେ ସାହାଯ୍ୟ ତ ବୁଡିବ, ସେ ଲୋକ ଠିଆ ହେବ କ'ଣ, କ୍ରମେ ହାତ ବଢାଇ ସର୍ବଦା ବାହାର ସାହାଯ୍ୟକୁ ଅପେକ୍ଷା କରିବ ଆଉ ନମିଳିବା ଯାଏଁ ଭୂଇଁରେ ଲୋଟୁଥିବ। ଏ କୁକୁଡା ପ୍ରୋଜେକ୍ଟ ଥିଲା ସେହିପରି। ସେ ଯାହା ହେଉ ଯେଉଁମାନେ ଏ ଯୋଜନାର ଉପଭୋକ୍ତା ସେମାନେ ମଧ୍ୟ ପ୍ରଥମ ଦିନରୁ ସରକାରଙ୍କୁ ଠକିବା ପାଇଁ ବାଟ ବାହାର କରୁଥିଲେ ଏବଂ ଦୋଷ ଆମ ଉପରେ ନଦି ଦେଉଥିଲେ। ଗୋଟିଏ ଉଦାହରଣ ଦେଉଛି।

ଧଉଳି ପାଖରେ ନଖଉର ପାଟଣା ବୋଲି ଗୋଟିଏ ଗାଁ। ଅଧିକାଂଶ ବାସିନ୍ଦା, ଅନୁସୂଚିତ ଜାତି। ସେ ଗ୍ରାମଟିରୁ ପ୍ରାୟ ୫ ଜଣ ଏ ଯୋଜନାର ଉପଭୋକ୍ତା। ସେ ଗ୍ରାମଟି ମଧ୍ୟ ରୋଟାରୀ ସଂସ୍ଥାର ପୋଷିତ ଗ୍ରାମ। ହଠାତ୍ ଦିନେ ପ୍ରୋଜେକ୍ଟ ଅଫିସର (ଡ. ଏସ୍.ସି. ପାତ୍ର) ମୋ ପାଖରେ ଆସି ପହଞ୍ଚିଲେ। ନଖଉର ପାଟଣାକୁ ଯେଉଁ ଦାନା ଯାଇଥିଲା, ସେଗୁଡିକର ଗୁଣାତ୍ମକ ମାନ ନିମ୍ନ ସ୍ତରର, ଆଉ କୁକୁଡା ସେଗୁଡିକୁ ଖାଉ ନାହାନ୍ତି। ଏ ଅଭିଯୋଗ ସିଧା ଯାଇ ପହଞ୍ଚିଛି ରାଜ୍ୟପାଳଙ୍କ ନିକଟରେ। ଆଉ ସେଠାରୁ ଏ ପ୍ରେମ ପତ୍ର ପ୍ରୋଜେକ୍ଟ ଅଫିସରଙ୍କ ପାଖକୁ ଆସିଛି। ଯେହେତୁ ରାଜ୍ୟପାଳ ରୋଟାରୀର ଗଭର୍ଣ୍ଣର, ଆଉ ଏଇଟି ରୋଟାରୀ ପୋଷିତ ଗ୍ରାମ, ତେଣୁ ଅଭିଯୋଗକାରୀଙ୍କୁ ରାଜ୍ୟପାଳଙ୍କ ତଳକୁ

Digitized by PPRACHIN, SOA

କେହି ଦେଖା ଗଲେ ନାହିଁ। ମନ ଭିତରେ ଯେତେ ବିଦ୍ରୋହ ଆସିଲେ ମଧ୍ୟ ସବୁକୁ ଚାପି ଚୁପି ଏହାର ସମାଧାନ କରିବାକୁ ଆମେ ବାହାରିଲୁ। ଢ଼ିଙ୍କି କୁଟିବ ସେ ଧାନ ହେଉ କି ଚୁଡା ହେଉ। ପ୍ରୋଜେକ୍ଟ ଅଫିସରଙ୍କୁ ନେଇ ମୁଁ ସେ ଗ୍ରାମରେ ପହଞ୍ଚିଲି। ସେ ଚାଷୀ କେତେ ଜଣ ଆମକୁ ଏକ ପ୍ରକାର ଘେରି ଯାଇ ଯେତେ କଦର୍ଯ୍ୟ ଭାଷା ହୋଇପାରେ ଗାଳି ବର୍ଷି ଗଲେ। ମୁଁ ମନେ ମନେ ରକ୍ତ ଚାଉଳ ଚୋବାଇଲେ ବି ନିରୁପାୟ। ସେମାନେ ତ ମହାଦେବଙ୍କ ଷଣ୍ଢ। ଆମକୁ କାହିଁକି ବା ଖାତିର କରିବେ।

ଫାର୍ମଗୁଡିକ ବୁଲି ଦେଖିଲୁ। ଦାନା ଯାଗାରେ ଦାନାତ ନାହିଁ, କୁଣ୍ଡା କିଛି ପଡିଛି। ଆଉ କିଛି ସବୁଜ ପତ୍ର ମଧ୍ୟ ଛୋଟ ଛୋଟ କଟା ହୋଇ ଘର ଯାକ ପଡିଛି। କୁକୁଡା ପ୍ରାୟ ୨୦/୨୫ଟି ଅଛନ୍ତି। ଅଭିଯୋଗ ଯେ ବାକି କୁକୁଡା ଏ ଦାନ ଖାଇ ମରି ଯାଇଛନ୍ତି। ଡଃ. ପାତ୍ର ତାଙ୍କ ଚାକିରି ବଞ୍ଚାଇବା ପାଇଁ ସେମାନଙ୍କୁ ବିଭିନ୍ନ ପ୍ରକାରେ ବୁଝାଇବାକୁ ଯେତେ ଚେଷ୍ଟା କଲେ ମଧ୍ୟ ତା'ର କିଛି ଫଳ ହେଲା ନାହିଁ। ବର୍ତ୍ତମାନ ତାଙ୍କୁ କିଛି ତଟକା ଭଲ ଦାନା ଦରକାର। ମୋର କିନ୍ତୁ ଏ ସମସ୍ତ ବ୍ୟାପାର ଦେଖି ସନ୍ଦେହ ଆସିଲା। ମୁଁ କେବଳ ନଖଉର ପାଟଣାର କୁକୁଡା ଫାର୍ମ ନୁହଁ, ପୁରୀ, କଟକ, ଢ଼େଙ୍କାନାଳ ଜିଲ୍ଲାରେ ସରକାରୀ ଯୋଜନାରେ ଉନ୍ନତ ଗାଈ ପାଳନକୁ ମଧ୍ୟ ଆମେ ଦାନା ଯୋଗାଉଥିଲୁ। ମୁଁ ବ୍ୟକ୍ତିଗତ ଭାବେ ସେ ଜିଲ୍ଲାର ପ୍ରୋଜେକ୍ଟ ଅଫିସରଙ୍କ ସହ ପ୍ରାୟ ୬୦ ରୁ ୭୦% ଚାଷୀଙ୍କୁ ଦେଖା କରିଛି। ଦେଖିଛି ଯେଉଁଠାରେ ଚାଷୀର କିଛି ଗଫଲତି ଥିବ, ବିଶେଷ କରି ଗାଈଟି ବିକି ଦେଇଥିବ, ଦାନା ବିକି ଦେଇଥିବ, ସେଠାରେ ଚାଷୀର ପାଟି ତୁଣ୍ଡ ଅଭିଯୋଗ ଟିକିଏ ମାତ୍ରାଧୀକ ହୁଏ। ଆପଣା ଦୋଷ ଘୋଡାଇବା ପାଇଁ ଆକ୍ରମଣ ଅତର୍କିତ ଆରମ୍ଭ ହୁଏ। ଉଦ୍ଦେଶ୍ୟ ଶତ୍ରୁ ଛତ୍ରଭଙ୍ଗ ଦେଉ।

ଏ କ୍ଷେତ୍ରରେ ମୋତେ ସେହିପରି କିଛି ଗନ୍ଧ ଆସିଲା। ସେ ଯାହା ହେଉ ଡ. ପାତ୍ର ସେହିଦିନ ହିଁ କିଛି ଦାନା ସେ ଗାଁକୁ ପଠାଇଲେ। ଆମର ଯୋଜନା ଅନୁଯାୟୀ ପରଦିନ ସକାଳ ୫/୬ଟା ସୁଦ୍ଧା ଆମେ ସେ ଗାଁରେ ପହଞ୍ଚିଲୁ। ଗାଡି ଦୂରରେ ରଖି ଚାଲି ଚାଲି ଗଲୁ ଏବଂ ମୁଁ ଯାହା ସନ୍ଦେହ କରୁଥିଲି ତାହାହିଁ ଦେଖିଲି। ପିପିଲିର ଜଣେ ଚାଷୀକୁ ସେମାନ ଗତ କାଲି ପାଇଥିବା ଦାନାତକ ବିକ୍ରି କରି ଦେଉଛନ୍ତି। ଆଉ କୁକୁଡା ମଧ୍ୟ ଜଣେ ବେପାରୀ ଓଜନ କରି ନେବାକୁ ବସିଛି। ଆମକୁ ହଠାତ୍ ସେଠାରେ ଦେଖି ଗତ କାଲି ସବୁଠାରୁ ବେଶି ପାଟି କରୁଥିବା ବ୍ୟକ୍ତିଟିର ପାଟିରୁ କଥା ବାହାରିଲା ନାହିଁ। ଡଃ. ପାତ୍ର ତା ଠାରୁ ଷ୍ଟେଟମେଣ୍ଟ ନେଲେ। କ'ଣ ଉପରକୁ ଲେଖିଲେ, ତା'ର ଫଳ କ'ଣ ହେଲା

Digitized by PPRACHIN, SOA

ମୋତେ ଜଣା ନାହିଁ କି ମୋର ଜାଣିବାର ଆଗ୍ରହ ନଥିଲା। ମାତ୍ର ସରକାରୀ ଯୋଜନା, ଯେଉଁଠି ଚାଷୀଙ୍କୁ ଭାତ ଡାଲି ଗୋଳାଇ ବାପାଲୋ ମାଆଲୋ କହି ଖୁଆଇ ଦିଆଯାଏ ସେଠାରେ ଫଳ ଏଇଆ ହୁଏ। ମୁଁ ବାରମ୍ବାର ଏକଥା ଦେଖୁଛି। ମାତ୍ର ସରକାର ବାହାଦୂର ଏ କଥା ବୁଝନ୍ତି ନାହିଁ କି ବୁଝିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ।

ଗାଈ ଦାନା କ୍ଷେତ୍ରରେ ମଧ୍ୟ ସେହିପରି ଅନେକ ଉଦ୍ଭଟ ସମସ୍ୟାର ସମ୍ମୁଖୀନ୍ ହେବାକୁ ପଡିଛି। ଗୋଟିଏ ଅନୁଭୂତିର କଥା କହୁଛି। ବୋଧହୁଏ ଗାଁଟିର ନାମ ବୀରମହାରାଜାପୁର। ସେଠାରୁ ଅନେକ ଅଭିଯୋଗ ଆସୁଥାଏ। ଗାଈ ଦାନାର ମାନ ବହୁତ ନିମ୍ନ ସ୍ତରର। ବାଛୁରୀ/ଗାଈ ଖାଉ ନାହାନ୍ତି। ଗ୍ରୋଥ ହେଉ ନାହିଁ, କ୍ଷୀର ଦେଉ ନାହାନ୍ତି। ଡେପୁଟି ଡାଇରେକ୍ଟର ଭେଟେନାରୀର ଡି.ଡି.(ନିୟୁଟ୍ରିସନ) ଥାନ୍ତି ଜି.ସି. ମହାନ୍ତି। ପ୍ରୋଜେକ୍ଟ କିପରି ସଫଳ ହେବ ସେଥି ନେଇ ତାଙ୍କର ଅନେକ ଚିନ୍ତା। ସେ ଗାଁରୁ ଅନେକ ଅଭିଯୋଗ ଆସିବା ପରେ ଡଃ. ମହାନ୍ତି ଓ ମୁଁ ଆଗରୁ ଖବର ନଦେଇ ସେ ଗାଁକୁ ବାହାରିଲୁ। ୫/୭ ଜଣ ଚାଷୀଙ୍କୁ ଦେଖା କଲୁ। ସମସ୍ତଙ୍କର ଅଭିଯୋଗ ସେଇ ଏକ ପ୍ରକାର। ବାଛୁରୀ/ଗାଈକୁ ଦେଖିବାକୁ ଚାହିଁବାରୁ ସମସ୍ତଙ୍କଠାରୁ ସେଇ ଏକ ପ୍ରକାର ଉତ୍ତର। ବାହାରକୁ ଚରିବାକୁ ଯାଇଛନ୍ତି। ଦାନା ତ ଦିଆ ଯାଉଛି, ବାହାରକୁ ଚରିବାକୁ ଛାଡୁଛନ୍ତି କାହିଁକି? "ସେ ଗୁରାକ କ'ଣ ଦାନା, ସେଗୁରାକ ଖୁଆଇ ଆମ ଗାଈକୁ ଆମେ ମାରିବୁ ନା କ'ଣ?" ଏଇଟା ଥିଲା ସଫେଇ। ଆଉ ଏପରି ଆକ୍ରମଣାତ୍ମକ ଢ଼ଙ୍ଗରେ ସେମାନେ ଏସବୁ କହିଲେ ଯେ ଆମେ ଚୁପ୍ ରହିବାକୁ ବାଧ୍ୟ ହେଲୁ। ମୁଁ ଡଃ.ମହାନ୍ତିଙ୍କୁ କହିଲି ଚାଲନ୍ତୁ ଏଲ.ଆଇ. ଯେ କି ସେ ଗାଁ ଦାୟିତ୍ୱରେ, ତାଙ୍କ ପାଖକୁ ଯିବା। ଏଲ.ଆଇ.ଙ୍କୁ ଦେଖା କରି ବୁଝିବାରେ ସେ ବି ସେହିପରି ଅନେକ ପେଖନା ଆରମ୍ଭ କଲେ। ମୁଁ ସ୍ଥିର ନିଶ୍ଚିତ ହେଲି ଯେ ଏଠାରେ କିଛି ଦୋ ନମ୍ବରୀ କାମ ଚାଲିଛି। ଡଃ. ମହାନ୍ତି ଏଲ.ଆଇ.ଙ୍କୁ କହିଲେ ଯେ ମୁଁ ବସି ରହିଲି, ସନ୍ଧ୍ୟାରେ ସେ ଗାଈ ସବୁ ଗୁହାଳକୁ ଫେରିଲେ ମୁଁ ଦେଖିସାରି ଯିବି। ଆଉ ଯାହା ଦାନା ବଳିଛି ସେ ସବୁ ତୁମ ଅଫିସକୁ ଆଣ। ମୁଁ ଦେଖିବି ଆଉ ତାକୁ ଫେରାଇ ଦେଇ ନୂଆ ଦାନା ଦେବି। ଏ ସବୁ ନିର୍ଦ୍ଦେଶ ପାଇବା ପରେ ଏଲ.ଆଇ.ଙ୍କର ଦିହରୁ ଯମ ଝାଳ ବୋହିବାକୁ ଲାଗିଲା। ମନେ ହେଲା ସେ ମହମବତୀ ପରି କିଛି ସମୟ ପରେ ସମ୍ପୂର୍ଣ୍ଣ ତରଳି ଯାଇ ମାଟିରେ ମିଶି ଯିବେ। ସବୁ ସତ କଥା ତାଙ୍କରିଠାରୁ ହିଁ ବାହାରିଲା। ଚାଷୀ ସେମାନଙ୍କ ବାଛୁରୀ/ଦାମୁଡି/ଗାଈଗୁଡିକ ବିକ୍ରି କରି ଦେଇଛନ୍ତି ଅନେକ ପୂର୍ବରୁ। ଆଉ ପ୍ରତି ମାସରେ ଦାନାତକ ବାହାରେ ବିକ୍ରି କରି ଦେଉଛନ୍ତି।

Digitized by PPRACHIN, SOA

ଏଲ.ଆଇ.ଙ୍କ ପ୍ରଚ୍ଛନ୍ନ ସାହାଯ୍ୟରେ ହିଁ ଏହା ହେବା କେବଳ ସମ୍ଭବ। ଆମେ ଫେରି ଆସିଲୁ। ଡଃ. ମହାନ୍ତି ସେ ଏଲ.ଆଇ.ଙ୍କ ପ୍ରତି କି ପ୍ରକାର ଶାସ୍ତି ବିଧାନ କଲେ ମୁଁ କହିପାରିବି ନାହିଁ। ମାତ୍ର ଆଉ ଅଭିଯୋଗ ଆସିଲା ନାହିଁ।

ପୁରୀ, କଟକ, ଢ଼େଙ୍କାନାଳ (ଅବିଭାଜ୍ୟ) ଜିଲ୍ଲା ତିନୋଟିରେ ଆମେ ସେ ପ୍ରୋଜେକ୍ଟ ଅନ୍ତର୍ଗତ ଗାଈ ଦାନା ଯୋଗାଉଥିଲୁ। ପ୍ରତି ଜିଲ୍ଲା ପାଇଁ ଜଣେ ଜଣେ ପ୍ରୋଜେକ୍ଟ ଅଫିସର ଓ ଆସିଷ୍ଟାଣ୍ଟ ପ୍ରୋଜେକ୍ଟ ଅଫିସର ଥାଆନ୍ତି। ଏ ଯୋଜନାରେ ଦାନା ଯୋଗାଣ ଆମ ତରଫରୁ ବେଶ୍ କିଛି ଦିନ ଚାଲିବା ପରେ ବିଭିନ୍ନ ଜିଲ୍ଲାକୁ ଯାଇ ଚାଷୀଙ୍କୁ ଦେଖା କଲି, ଗାଈ ଓ ଚାଷୀର ଫଟ ଉଠାଇ ଆଣିବାକୁ ନିଷ୍ପତ୍ତି କଲି। ମୋର ବିକ୍ରି ବଢ଼ାଇବା ପ୍ରଚାରରେ ଏହାକୁ ଏକ ମୁଖ୍ୟ ଆୟୁଧ କରିବା ଥିଲା ମୋର ଉଦ୍ଦେଶ୍ୟ। ସେହି ପ୍ରସ୍ତାବ ମୁଁ ପ୍ରୋଜେକ୍ଟ ଅଫିସରଙ୍କୁ ଦେବା ପରେ ସେମାନେ ଆଗ୍ରହର ସହିତ ବାହାରି ପଡିଲେ। ଉଦ୍ଦେଶ୍ୟ ଗାଈଟି/ବାଛୁରୀଟି ଆମ ଦାନା ଖାଇ କିପରି ହୃଷ୍ଟପୁଷ୍ଟ ହୋଇଛି ତାହା ରେକର୍ଡ କରିବା। ତିନୋଟି ଜିଲ୍ଲାରେ ଗୋଟିଏ ଫଟୋଗ୍ରାଫରକୁ ନେଇ ବୁଲି ପ୍ରାୟ ୨୦୦ ଚାଷୀ ଓ ତାଙ୍କ ଗାଈର ଫଟ ଉଠାଇ ଆଣିଲି। ଏତକ ଦେଖିବା ପରେ ଡାଇରେକ୍ଟର ଭେଟେନାରୀ ବହୁତ ଖୁସୀ ହେଲେ କାରଣ ଯୋଜନା ପ୍ରକୃତରେ ଠିକ୍ ବାଟରେ ଚାଲିଛି ଓ ଅନେକ ସଫଳ ହୋଇଛି। ଏ ଫଟୋକୁ ନେଇ ସେ ଗୋଟିଏ ପ୍ରଦର୍ଶନୀ ପାଇଁ ପ୍ରସ୍ତାବ ଦେଲେ। ଯେଉଁ ବ୍ୟାଙ୍କ ମାନେ ଏ ପ୍ରୋଜେକ୍ଟ ସହ ସମ୍ପୃକ୍ତ ସେମାନଙ୍କୁ ନିମନ୍ତ୍ରଣ କରାଗଲା। ଆମର ବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆର ରିଜିଓନାଲ ମ୍ୟାନେଜର ବିଶେଷ ଅତିଥି ଭାବେ ନିମନ୍ତିତ ହେଲେ। ସରକାରୀ କଳରୁ ପଶୁପାଳନ ବିଭାଗର ସଚିବ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ କରାଗଲା। ସବୁ ପ୍ରୋଜେକ୍ଟ ଅଫିସର, ଆସିଷ୍ଟାଣ୍ଟ ପ୍ରୋଜେକ୍ଟ ଅଫିସର ତଥା ଭେଟେନାରୀ-ଡାଇରେକ୍ଟୋରେଟରୁ ଅନ୍ୟାନ୍ୟ ଅଫିସର ଆସିଥିଲେ। ପ୍ରଦର୍ଶନୀ ତଥା ସଭାଟି ପାନ୍ଥନିବାସରେ କରା ଯାଇଥିଲା। ମଧ୍ୟାହ୍ନ ଭୋଜନର ଆୟୋଜନ ମଧ୍ୟ ଥିଲା।

ପ୍ରୋଜେକ୍ଟ ଅଫିସରମାନେ ଏ ସଫଳତା ଦେଖାଇ ଡାଇରେକ୍ଟର ଭେଟେନାରୀଙ୍କ ଠାରୁ ସାବାସି ନେବା ପାଇଁ ଆଗ୍ରହୀ। ଡାଇରେକ୍ଟର ଡିପାର୍ଟମେଣ୍ଟ ସେକ୍ରେଟାରୀଙ୍କ ପାଖରୁ ବାହାବା ପାଇବା ପାଇଁ ଆଗ୍ରହୀ। ମୁଁ ମଧ ଏ ଉତ୍ସବଟିକୁ ନିଜ ପାଣ୍ଠିରୁ ଆୟୋଜନ କରି ନିଜ ସଂସ୍ଥା ପାଇଁ କିଛି ଫାଇଦା ଉଠାଇବା ପାଇଁ ଯୋଜନା କରିଥାଏ। ମଧ୍ୟାହ୍ନ ଭୋଜନ ପାଇଁ ପାନ୍ଥନିବାସର ରେଷ୍ଟୁରାଣ୍ଟର କଣ୍ଟ୍ରାକ୍ଟରଙ୍କୁ ଦାୟିତ୍ୱ ଦେଇଥାଏ। ମି. ୱାଗ୍ (ବ୍ୟାଙ୍କ ଅଫ ଇଣ୍ଡିଆର ରିଜିଓନାଲ ମ୍ୟାନେଜର)ଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ଅନୁରୋଧ କରିଥାଏ। ପ୍ରଦର୍ଶନୀ ଓ ସଭା ମଧ୍ୟରେ

Digitized by PPRACHIN, SOA

ମୋ ପାଇଁ ଦି ପଦ ୱାଗ୍‌ଙ୍କୁ ସୁପାରିଶ କରିବା ପାଇଁ ଡାଇରେକ୍ଟର ଭେଟେନାରୀଙ୍କୁ ଅନୁରୋଧ କରିଥାଏ ଏବଂ ସେ ତାଙ୍କ ଦାୟିତ୍ୱ ସୁନ୍ଦର ତୁଲାଇ ଥାଆନ୍ତି । ଉତ୍ସବର ୨/୩ ଦିନ ପୂର୍ବରୁ ମୁଁ ମି.ୱାଗ୍‌ଙ୍କ ରୋଷେୟା (ମି.ୱାଗ୍ ଫାମିଲି ଆଣି ନଥାନ୍ତି । ଗୋଟିଏ ଓଡିଆ ପିଲା ରଖିଥାଆନ୍ତି ଯେ କି ରୋଷେଇ କରିଦିଏ)କୁ ଯୋଗାଯୋଗ କରି ସେ କ'ଣ ଖାଇବାକୁ ଭଲ ପାଆନ୍ତି ବୁଝିଲି । ଦେଶୀ କାଙ୍କଡର କଡା ଭଜା ଖାଇବାକୁ ସେ ପାଗଳ ବୋଲି ଜାଣିଲି । ଯେତେବେଳେ ଏ ପ୍ରଦର୍ଶନୀ ହେଉଥିଲା ସେତେବେଳକୁ ବର୍ଷା ସରିବା ଉପରେ । କାଙ୍କଡଟି ଏଇ ବର୍ଷା ସମୟରେ ମିଳେ । ଆଜି କାଲି ପରି ଦେଶୀ କାଙ୍କଡ ଚାଷ ହେଉ ନଥିଲା । ଜଙ୍ଗଲରୁ ତୋଳି ଆଣି ବଜାରରେ ବିକ୍ରି ହେଉଥିଲା । ଆମ ଅଞ୍ଚଳରେ ମଧ୍ୟ ଜଙ୍ଗଲରୁ ଏହା ମିଳୁଥିଲା । ମୁଁ ବିଭିନ୍ନ ଆଡକୁ ଖବର ଦେଇ ଶେଷକୁ ଅନୁଗୁଳଠାରେ ଏହା ବର୍ତ୍ତମାନ କିଛି କିଛି ମିଳୁଛି ବୋଲି ଖବର ପାଇଲି । ଗୋଟିଏ ପିଲାକୁ ସେଠାକୁ ପଠାଇ ଦିନକ ପୂର୍ବରୁ ପ୍ରାୟ ଅଧା କେଜି ସଂଗ୍ରହ କରି ଆଣିଲି । ରେଷ୍ଟୋରାଣ୍ଟର କଣ୍ଟ୍ରାକ୍ଟର ଅତ୍ୟନ୍ତ ଯତ୍ନର ସହାକାରେ ତାକୁ ସରୁ ସରୁ (ଚିପ୍‌ସ ପରି) କାଟି କ୍ଷୀରରେ ସିଝାଇ, ଭଲ ଘିଅରେ ଅଲଗା କରି ଭାଜି ରଖିଥାଏ । କ୍ଷୀର ଆଉ ଘିଅର ବ୍ୟବହାର କରି ଭାଜିବାକୁ ମୁଁ ହିଁ ତାକୁ ବତାଇଥାଏ । ଏପରି ଭାଜିଲେ କାଙ୍କଡ଼ର ସ୍ୱାଦ ଅପୂର୍ବ ବୋଲି ମୁଁ ଆଗରୁ କେଉଁଠି ପଢ଼ିଥିଲି ।

ମଧ୍ୟାହ୍ନ ଭୋଜନ ଆରମ୍ଭ ହେଲା । ଖାଇବା ଆରମ୍ଭ ପରେ କଣ୍ଟ୍ରାକ୍ଟର ନିଜେ ଗୋଟିଏ ପ୍ଲେଟରେ ଏ ଭଜାରୁ କିଛି ଆଣି ମି.ଓାଗ୍‌ଙ୍କୁ ଦେଲେ । ୱାଗ୍‌ଙ୍କ ଖାଇବା ଉପରେ ମୁଁ ଲକ୍ଷ୍ୟ ରଖିଥାଏ । ତାଙ୍କ ମୁହଁକୁ ଅନାଇ ତାଙ୍କର ପ୍ରତିକ୍ରିୟା ଉପରେ ଲକ୍ଷ୍ୟ ରଖିଥାଏ । ଦେଖିଲି ଏ ଭଜାରୁ ଥରେ ଦୁଇଥର ଖାଇବା ପରେ ଅତ୍ୟନ୍ତ ପ୍ରୀତ ଦେଖାଗଲେ । ପ୍ଲେଟରେ ଭଜା ତକ ସରି ଆସିଲା । ଆଉ ଥରେ ଆଣି ତାଙ୍କୁ ଭଜା ଦିଆଗଲା । ସେତେବେଳେ ସେ ଜାଣିଲେ ଯେ ଏଇ ବିଶେଷ ଦ୍ରବ୍ୟଟି କେବଳ ତାଙ୍କରି ପାଇଁ । ମୋର କାମ ହୋଇଗଲା ବୋଲି ଜାଣିଲି । ଖାଇବା ପରେ ସେ ଅତ୍ୟନ୍ତ ଖୁସୀ ହୋଇ ମୋ ସହିତ ଦୁଇ ପଦ କଥା ହୋଇ ବ୍ୟାଙ୍କକୁ ଫେରିଗଲେ । କହିବା ବାହୁଲ୍ୟ ଆମରି ଅଧିକ ଫାଇନାସ୍ ପାଇଁ ଦିଆ ଯାଇଥିବା ଦରଖାସ୍ତ ଖୁବ୍ ଶୀଘ୍ର ମଞ୍ଜୁର ହୋଇଗଲା ।

କଳିଙ୍ଗ ହାଚେରୀର ଜନ୍ମ ବେଳର କଥା- ଇଡକୋଠାରୁ ଜମି ପାଇଲି । ମାତ୍ର ଲିଜ୍ ଡିଡ୍ ର ଫରମାଟ ପ୍ରସ୍ତୁତ ହୋଇ ନଥିବାରୁ କାଗଜ ପତ୍ର ମୋ ନାମରେ ହୋଇ ପାରୁ ନଥାଏ । ମାତ୍ର ପରିଚାଳନା ନିର୍ଦ୍ଦେଶକ (ଶ୍ରୀ ବିନୋଦ ଝା)ଙ୍କ ଏକ ପତ୍ର ଉପରେ ନିର୍ଭର ରଖି ବ୍ୟାଙ୍କ ଋଣ ବିନିଯୋଗ ଆରମ୍ଭ କରି ଦେଲା । ମୁଁ ଘର

Digitized by PPRACHIN, SOA

ତୋଳିଲି । ଭିତ୍ତି ପ୍ରସ୍ତର ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ଜେ.ବି.ପଟ୍ଟନାୟକଙ୍କୁ ଡାକିବା ପାଇଁ କେହି କେହି ଶୁଭେଚ୍ଛୁ ପ୍ରସ୍ତାବ ଦେଲେ । ତାଙ୍କର ଯୁକ୍ତି ହେଲା ଯେ ମୁଖ୍ୟମନ୍ତ୍ରୀ ଆସିଲେ ଅନ୍ୟାନ୍ୟ ସମ୍ପୃକ୍ତ ଅଫିସର ତଥା ସ୍ଥାନୀୟ ନେତାମାନେ ମଧ୍ୟ ଆସିବେ । ଏହା ଯେ କୌଣସି ନୂତନ ସଂସ୍ଥା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବ । ଯଦ୍ୱାରା ବିନା ପ୍ରଚେଷ୍ଟା, ବିନା ଦୌଡରେ ଅନେକ କାମ ହୋଇ ପାରିବ । ପ୍ରସ୍ତାବ ମନ୍ଦ ନୁହେଁ । ଜେ.ବି.ଙ୍କ ୧୦୦୦ ଦିନରେ ୧୦୦୦ କୋଟିରେ ୧୦୦୦ ଶିଳ୍ପର ପ୍ରୋତ୍ସାହନ ମଧ୍ୟ ମୋ ମନରେ ସାହାସ ଯୋଗାଇଥାଏ । ଯେଉଁଥିପାଇଁ ମୋପରି ଜଣେ ଅଣବୈଷୟିକ, ଅନୁଭୂତିହୀନ ଯୁବକ, ଏପରି ଏକ ରାସ୍ତାରେ ପାଦ ଦେଇଥାଏ । ଜେ.ବି.ଙ୍କୁ ନିମନ୍ତ୍ରଣ କଲି । ସ୍ଥାନୀୟ କିଛି ନେତୃ ସ୍ଥାନୀୟ ଲୋକଙ୍କୁ ଡାକିଲି । ଆମ ଗାଁରୁ ଅନେକ ପରିଚିତ ବ୍ୟକ୍ତି ଆସିଲେ । ଆମ ଖୋର୍ଦ୍ଧାର ବିଧାୟକ., ଶ୍ରୀ ପ୍ରସନ୍ନ ପାଟ୍ଟଶାଣୀଙ୍କୁ ମୁଁ ଡାକି ନଥିଲେ ମଧ୍ୟ ସେ ଆସି ପହଞ୍ଚିଲେ । ଅନେକ ଅନେକ ଅଫିସରମାନେ ଆସି ପହଞ୍ଚିଲେ । ମୁଖ୍ୟମନ୍ତ୍ରୀ ତାଙ୍କର ଧଳା ଆମ୍ବାସଡର ଗାଡିରେ ଆସି ପହଞ୍ଚିଲେ । ମୁଁ ଯାଇ ଦୁଆର ଖୋଲି ଯେତେବେଳେ ନମସ୍କାର କରି ପାଛୋଟି ଆଣିବାକୁ ବସିଲି, ମୋତେ ମୁଖ୍ୟମନ୍ତ୍ରୀ ପ୍ରଶ୍ନ କଲେ " ତୁ ସୁର ବାବୁଙ୍କୁ ଡାକିନୁ କି?" ମୋ ପାଟିରୁ ବାହାରିଲା "ସୁର ବାବୁ କିଏ?" ପ୍ରକୃତରେ ସୂର ବାବୁ କିଏ ଆଉ ତାଙ୍କର ମୋ ଅନୁଷ୍ଠାନରେ କି ପ୍ରକାର ସମ୍ପୃକ୍ତି ମୁଁ ଜାଣି ପାରୁ ନଥାଏ । ସେତେବେଳେ ମୋର ଯାଇ ଦୃଷ୍ଟି ପଡିଲା ଯେ ଆଉ ଜଣେ ଭଦ୍ର ଲୋକ ବଡ ବଡ ନିଶ ରଖି ଜେ.ବି.ଙ୍କ ସହିତ ଆସିଛନ୍ତି । ମୋର ସୁର ବାବୁ କିଏ? ପ୍ରଶ୍ନଟି ଯଦିଓ କୌଣସି ଉଦ୍ଦେଶ୍ୟ ମୂଳକ ନଥିଲା ତଥାପି ଏହା ତାଙ୍କୁ ଅପମାନଜନକ ମନେ ହେଲା ଏବଂ ସେ ଅତ୍ୟନ୍ତ ଉତ୍‌କ୍ଷିପ୍ତ ହୋଇ ପଡିଲେ । ମୋର ୟୁନିଟ ପାଇଁ ମିଳିଥିବା ଜମିଟି ଜଟଣୀ ନିର୍ବାଚନ ମଣ୍ଡଳୀର ଅନ୍ତର୍ଗତ ଆଉ ଜଟଣୀର ବିଧାୟକ ସୁର ବାବୁ ବୋଲି ମୋତେ ଜଣା ନଥାଏ । ଜେ.ବି. ତାଙ୍କୁ ସାଙ୍ଗରେ ଧରି ସଭା ମଞ୍ଚ ପାଖକୁ ଗଲେ । ମୁଁ ମନେ ମନେ ନିଜକୁ ଦୋଷୀ ମନେ କଲି । ଆଉ ସଭାରେ ସ୍ୱାଗତ ଭାଷଣ ଦେବା ବେଳେ ମୋର ଅଜ୍ଞତା ପାଇଁ କ୍ଷମା ମାଗି ନେଲି । ମୁଁ ମନେ ମନେ ଧରି ନେଲି ଏ ନାଟକ ଏଇଠି ସରିଲା । ମାତ୍ର ସୁର ବାବୁଙ୍କ ରାଗ ସେତେବେଳଯାଏ ଯାଇ ନଥାଏ ।

ସେ ତାଙ୍କ ଭାଷଣ ଦେବା ବେଳେ ଆଉ କିଛି ନକହି ମୋ ଉପରେ ଗାଳି ବର୍ଷଣ କଲେ । "ମୋ ନିର୍ବାଚନ ମଣ୍ଡଳୀରେ ଆପଣ ଏକର ଏକର ଜମି ନେବେ ଆଉ ମୋତେ ଚିହ୍ନିବେ ନାହିଁ । ମୋର ମନେ ହେଉଛି ମୁଁ ଏଇଠି ଆପଣଙ୍କ ବେକ ମୋଡି ଦିଅନ୍ତି । କେବଳ ମୁଖ୍ୟମନ୍ତ୍ରୀଙ୍କ ମୁହଁକୁ ଚାହିଁ ମୁଁ ଚୁପ୍ ରହୁଛି ।" ମାତ୍ର ଚୁପ୍

Digitized by PPRACHIN, SOA

ରହୁ ନଥାନ୍ତି। ମୋ ସହିତ ଅଫିସରମାନେ ମଧ୍ୟ ଗାଳିର ଶରବ୍ୟ। ସେତେବେଳକୁ ମୋତେ କାନ୍ଦ ମାଡିଲାଣି। ଜେ.ବି. ମଧ୍ୟ ନିର୍ବିକାର ବସିଥାଆନ୍ତି। ମୁଁ ଯେତେବେଳେ ସମ୍ଭାଳି ନପାରି ଆଖି ପୋଛିଲି, ସେତେବେଳେ ଯାଇ ମୁଖ୍ୟମନ୍ତ୍ରୀଙ୍କ ନିଦ ଭାଙ୍ଗିଲା। ସୁର ବାବୁଙ୍କ ହାତ ଧରି ବସିବାକୁ ସେ ଠାରିଲେ। ମୋର ଅବସ୍ଥା ଦେଖି ବିନୋଦ ଝା, ପରିଚାଳନା ନିର୍ଦ୍ଦେଶକ, ଇତ୍‌କୋ ସମ୍ଭାଳି ପାରିଲେ ନାହିଁ। ଦର୍ଶକ ମଣ୍ଡଳୀରୁ ସେ ଠିଆ ହୋଇପଡି ସୁର ବାବୁଙ୍କୁ ଆଉ କିଛି ନକହିବା ପାଇଁ ଅନୁରୋଧ କଲେ। ଏଇଟି ଯେ ମୋର ଅନିଛାକୃତ ତାହା ବୁଝାଇଲେ। ତେବେ ଯାଇ ସୁର ବାବୁ ଥଣ୍ଡା ପଡିଲେ। ସଭା ସରିଲା। ମୁଖ୍ୟମନ୍ତ୍ରୀ ନଡିଆ ବାଡେଇ କାର୍ଯ୍ୟ ଆରମ୍ଭ କରାଇଲେ। ମାତ୍ର ମୋ ମନରେ ସରାଗ ନଥାଏ। ଆମ ଗାଁରୁ ମୋର ବାପା, ଦାଦା, ମୋର ଶିକ୍ଷକ, ସାଇ ପଡିଶା, ବନ୍ଧୁବାନ୍ଧବ, ସାଙ୍ଗସାଥୀ ଅନେକ ଆସି ଥାଆନ୍ତି। ସେମାନଙ୍କ ଆଗରେ ପ୍ରଥମରୁ ଏ ଯେଉଁ ଘଟଣା ଘଟିଲା, ସେମାନେ ବି ଅତ୍ୟନ୍ତ ଦୁଃଖୀ ହୋଇ ପଡିଲେ। ମାତ୍ର ଜେ.ବି. ଯିବାବେଳେ ମୋତେ ସାନ୍ତ୍ୱନା ଦୁଇପଦ ଦେଲେ।

ସୁର ବାବୁଙ୍କ ସହ ସମ୍ପର୍କ ଭବିଷ୍ୟତରେ କି ପ୍ରକାର ରୂପ ନେଲା ତା କହୁଛି।

ଦିନେ ମାମୁଁଙ୍କ ୯ ନମ୍ବର ସରକାରୀ କ୍ୱାଟରରେ ବସିଛି। ମାମୁଁଙ୍କ ସାଙ୍ଗ ବୃନ୍ଦାବନ ସାମଲ, ସେତେବେଳର ଭୁବନେଶ୍ୱର ଏସ୍.ଡି.ଓ. ଆସି ପହଞ୍ଚିଲେ। ମୋତେ ମଧ୍ୟ ସେ ଅତ୍ୟନ୍ତ ସ୍ନେହ କରନ୍ତି। କଥାବାର୍ତ୍ତା ଭିତରେ ସେ ମତେ ପଚାରିଲେ "ଆରେ ସୁର ବାବୁଙ୍କ ସହ ତୋର ସମ୍ପର୍କ କିପରି?" ମୁଁ କ'ଣ ବା ଉତ୍ତର ଦେବି। ତାଙ୍କ ଆଗରେ ସମସ୍ତ ଘଟଣାଟି ବର୍ଣ୍ଣନା କଲି। ସେ ହସିଲେ କହିଲେ, "ଏ ସବୁ ସୁର ବାବୁଙ୍କର ମନେ ନଥିବ। ସେ ହଠାତ୍ ପାଟିକୁ ଯାହା ଆସିଲା ହୁଏତ କହିଦେବେ ମାତ୍ର ତାକୁ ଧରି ରଖି ଅନ୍ୟର କ୍ଷତି କରିବା ପରି ଲୋକ ସେ ନୁହନ୍ତି। ସେ ମୋ ଅଫିସକୁ ଦୁଇ ଦିନ ପରେ ଆସିବେ ତୁ ସେତିକି ବେଳକୁ ଆସ। ତାଙ୍କ ସାଙ୍ଗେ ଗୋଟିଏ ଘରୋଇ ପରିବେଶରେ ଦୁଇ ପଦ କଥା ହେଲେ ଜାଣିବୁ ସେ କିପରି ଖୋଲା ଲୋକ।"

ଏ ସୁଯୋଗ ହାତ ଛଡା କରିବାର ନୁହେଁ। ମୁଁ ମଧ୍ୟ ମନେ ମନେ ସୁର ବାବୁଙ୍କୁ ବ୍ୟକ୍ତିଗତ ଭାବେ ଭେଟି କ୍ଷମା ମାଗି ନେବାକୁ ଗୋଟାଏ ସୁଯୋଗକୁ ଅପେକ୍ଷା କରୁଥିଲି। ଠିକ୍ ସମୟରେ ଯାଇ ଏସ.ଡି.ଓ.ଙ୍କ ଚ୍ୟାମ୍ବରରେ ପହଞ୍ଚିଲି। ଚ୍ୟାମ୍ବର ବାହାରୁ ଜାଣିଗଲି ସୁର ବାବୁ ଭିତରେ ଅଛନ୍ତି। ତାଙ୍କର ମୋଟା ଘଘଡା ଉଚ୍ଚ ସ୍ୱରରେ କଥାବାର୍ତ୍ତାହିଁ ତାଙ୍କର ଟ୍ରେଡ ମାର୍କ। ଭିତରକୁ ଗଲି ବୃନ୍ଦାବନ ବାବୁ

Digitized by PPRACHIN, SOA

ନଜାଣିଲା ପରି ମୋତେ ପରିଚୟ କରାଇ ଦେଲେ । ସୁର ବାବୁଙ୍କ ପ୍ରତିକ୍ରିୟା ଦେଖି ପ୍ରକୃତରେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ମୁଁ ତାଙ୍କୁ କ୍ଷମା ମାଗିବି କ'ଣ ସେ ବିନା ସଙ୍କୋଚରେ ମୋତେ ସେଦିନ ଗାଳି ଏତେ ଲୋକଙ୍କ ଭିତରେ ଦେଇଥିବାରୁ ଦୁଃଖ ପ୍ରକାଶ କଲେ । ମଜାରେ କହିଲେ ଆଜ୍ଞା ସୁଧାଂଶୁ ବାବୁ କୁକୁଡା ଫାର୍ମ କରିଛନ୍ତି ଯେ ସେଠାରେ କୁକୁଡାଙ୍କର ଦୁଇଟା ଗୋଡ ନା ଚାରିଟା ଗୋଡ ଆମେ ଏ ପର୍ଯ୍ୟନ୍ତ ଜାଣିଲୁ ନାହିଁ । ବୃନ୍ଦାବନ ବାବୁ କହିଲେ ଆପଣ କାହାକୁ ପଠାନ୍ତୁ ସେ କୁକୁଡା ଦେବ, ଆପଣ ତେବେ ତା'ର କେତୋଟି ଗୋଡ ଜାଣିବେ । ମୁଁ ମନେ ମନେ ଗୋଟିଏ ଦୁଇଟି କୁକୁଡା ତାଙ୍କ ଘରକୁ ପଠାଇବାକୁ ସ୍ଥିର କଲି, ସେଇଆ ପ୍ରକାଶ କଲି । ମାତ୍ର ସେ କହିଲେ, ମୋର ଦରକାର ବେଳେ ମୁଁ ଫୋନ କରି ଲୋକ ପଠାଇ ଆଣିବି । ଶେଷରେ ଆସିବା ବେଳେ ଯାହା କିଛି ସାହାଯ୍ୟ ଦରକାର ହେଲେ ବିନା ସଙ୍କୋଚରେ ତାଙ୍କ ପାଖରେ ପହଞ୍ଚିବାକୁ ଅନୁମତି ଦେଲେ । ବହୁତ କମ୍ ଥର ସେ (ତାଙ୍କ ପି.ଏ.) ଫୋନ କରି କୁକୁଡା ନେଇଛନ୍ତି । ମାତ୍ର ପ୍ରତିଥର ଦାମ୍ ହିଁ ପଠାଇଛନ୍ତି । କେବେବି ପଇସା ନଦେଇ ନେଇ ନାହାନ୍ତି । ତାପରେ ଅନେକ ସ୍ଥାନରେ ତାଙ୍କ ସହିତ ଦେଖା ହୋଇଛି । ପ୍ରତି ଥର ହସି ହସି ମୋ ସହିତ କଥା ହୋଇଛନ୍ତି । ମୋର ମନେ ହୋଇଛି ଅତ୍ୟନ୍ତ ଖୋଲା ଆଉ ଭୋଳା ଲୋକ । ବାହାରକୁ ଦେଖା ଯାଉଥିବା ରୁକ୍ଷତା ହୁଏତ କେବଳ ରାଜନୀତି ପାଇଁ ବା ଭିତରର କୋମଳତାକୁ ଘୋଡାଇବା ପାଇଁ ।

ମସିହାଟି ମୋର ମନେ ନାହିଁ । ଜେ.ବି.ପଟ୍ଟନାୟକ ନିର୍ବାଚନ ଜିଣି ଥାଆନ୍ତି । ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ସ୍ୱାଭାବିକ ଭାବେ ସେ ରହୁଥିବା ଘରେ (ବାପୁଜୀ ନଗର ଶେଷ ମୁଣ୍ଡ ଓଭରବ୍ରିଜ ପାଖେ) ସାଧାରଣ କର୍ମୀ, ଜନତା ତଥା ବିଧାୟକ, ମନ୍ତ୍ରୀ ଆଶାୟୀମାନଙ୍କର ଅସମ୍ଭବ ଭିଡ । ପତି ବୋଲି ପିଲାଟିଏ ତାଙ୍କର ଘରେ ପି.ଏ. କାମ ତୁଲାଉଥାଏ । ତାଙ୍କଠାରୁ ଫୋନ ପାଇଲି ଯେ ଜେ.ବି. ଡକାଇଛନ୍ତି ଯିବା ପାଇଁ । ମୁଁ ସାଧାରଣତଃ ଏ ଗହଳି ଚହଳି ହାଟ ଭିତରେ ଯାଇ ଦେଖା କରିବାକୁ ବା କଥା ହେବାକୁ ସଙ୍କୋଚ କରେ । ମାତ୍ର ମନା ତ କରି ହେବନି । ପତି କହିଲେ ଯେ ଘର ବାହାରେ ଅସମ୍ଭବ ଭିଡ । ଆପଣ ଠିକ୍ ଏତିକି ସମୟରେ କବାଟ ପାଖକୁ ଚାଲି ଆସିବେ ମୁଁ ସେହି ସମୟରେ କବାଟ ଖୋଲି ଆପଣଙ୍କୁ ଭିତରକୁ ନେଇ ଆସିବି ।

ଠିକ୍ ସମୟରେ ପହଞ୍ଚିଲି । ପତିବାକୁ ଠିକ୍ ସମୟରେ କବାଟ ଖୋଲି ମୋତେ ଭିତରକୁ ନେଲେ । ମାତ୍ର ମୁଁ ଯିବା ଭିତରେ ପେଲି ହୋଇ ଆଉ ଦୁଇ ଜଣ ପଶିଗଲେ । ଭିତରେ ପଶିବା ପରେ ଜାଣିଲି ସେଥିରୁ ଜଣେ ସୁର ବାବୁ ଆଉ

Digitized by PPRACHIN, SOA

ଜଣେ ଭଦ୍ର ମହିଳା । ପରେ ଜାଣିଲି ସେ ଭଦ୍ର ମହିଳା ହେଉଛନ୍ତି ଅର୍ଚ୍ଚନା ନାୟକ । ଜେ.ବି.ଙ୍କ ବସିଥିବା ଯାଗାର ଚାରିପଟେ ଅସମ୍ଭବ ଭିଡ । ଭିଡ ଠେଲି ଆଗକୁ ଯିବା ପାଇଁ ନିଜେ ବାଟ ବାହାର କରିବା ମୋ ପାଇଁ ଅରୁଚିକର । ମାତ୍ର ଜେ.ବି.ଙ୍କ ନଜର ମୋ ଉପରେ ପଡିଲା । ମୁଁ ତାଙ୍କୁ ଘେରିଥିବା ୩/୪ ପ୍ରସ୍ତ ଲୋକଙ୍କ ପଛପଟେ ଚୁପ୍ ଚାପ୍ ଠିଆ ହୋଇଥାଏ । ମୋତେ ହାତ ଠାରି ପାଖକୁ ଡାକିଲେ । କଣ ପାଇଁ ଡକାଇଥିଲେ ତ କହିଲେ ନାହିଁ, ବା କହି ପାରିଲେ ନାହିଁ । ଆଉ ଥରେ ୨/୩ ଦିନ ପରେ ଡକାଇବେ ବୋଲି କହିଲେ । ମୁଁ ବିଦାୟ ନେଇ ଆସିଲି । ମୋତେ ଜେ.ବି. ପଛ ଧାଡିରୁ ଡାକିବା ଏବଂ ପାଖକୁ ଯିବା ପରେ କିଛି କହିବାକୁ ଲକ୍ଷ୍ୟ କରି କିଏ କ'ଣ ଭାବିଥିବ ମୁଁ କହି ପାରିବି ନାହିଁ । ମାତ୍ର ମୁଁ ଫେରିବା ବେଳକୁ ଦୁଆର ପାଖରେ ସୁର ବାବୁ ମୋତେ କୁଣ୍ଢାଇ ପକାଇ ତାଙ୍କ ପାଇଁ ଜେ.ବି.ଙ୍କୁ ଟିକିଏ ସୁପାରିଶ କରିବାକୁ କହିଲେ । ସୁପାରିଶ ମନ୍ତ୍ରୀ ପଦ ପାଇଁ । ମୁଁ ଏକଦମ୍ ଆକାଶରୁ ଖସି ପଡିଲି । ମୁଁ ଅତ୍ୟନ୍ତ ନଗଣ୍ୟ ଲୋକଟିଏ ! ଜେ.ବି. ମୋ କଥା ଏସବୁ ବ୍ୟାପାରରେ ଶୁଣିବେ ବା କାହିଁକି । ତା ବାଦ ମୋର ସୀମା ସରହଦ ବ୍ୟାପାରରେ ମୁଁ ସଚେତନ । ମୁଁ କ'ଣ ପାଇଁ ସେ ସୀମା ଡେଇଁବି । ମାତ୍ର ସୁର ବାବୁ ବୁଝିବାକୁ ନାରାଜ । ଯାହା ହେଉ କୌଣସି ପ୍ରକାରେ ତାଙ୍କଠାରୁ ବିଦାୟ ନେଇ ଆସିଲି । ଭାଗ୍ୟକୁ ମନ୍ତ୍ରୀମଣ୍ଡଳ ଗଠନରେ ତାଙ୍କୁ ମନ୍ତ୍ରୀ ପଦ ମିଳିଲା । କ୍ରୀଡା ଉପମନ୍ତ୍ରୀ । ମୋତେ ଦିନେ ସଚିବାଳୟରେ ଦେଖି ମନ ଖୋଲା ହସଟି ହସି ମୋ ପିଠି ଥାପୁଡାଇଲେ । ସତେ ଯେପରି ମୋର ସୁପାରିଶରେ ସେ ମନ୍ତ୍ରୀ ହୋଇଛନ୍ତି । ପ୍ରକାଶଥାଉକି, ସେଠାରୁ ଫେରିବା ପରେ ମୁଁ ତାଙ୍କର ଅନୁରୋଧ ସମ୍ପୂର୍ଣ୍ଣ ଭୁଲି ଯାଇଥିଲି । ଭୁଲି ନଥିଲେ ମଧ ଜେ.ବି.ଙ୍କୁ ଏ ବ୍ୟାପାରରେ ମୋ ପରି ଜଣେ ଅକିଂଚନ କହିବାର ପ୍ରଶ୍ନ ହିଁ ଉଠୁ ନାହିଁ । ମାତ୍ର ସୁର ବାବୁଙ୍କର ଧାରଣା ଯେ ମୋର ସୁପାରିଶ ହୁଏତ କିଛିଟା କାମ ଦେଖାଇଛି । ତାଙ୍କର ଏ ଧାରଣାଥିବାର ପର ଘଟଣାରୁ ଜାଣି ପାରିଲି ।

ବେଶ୍ କିଛି ମାସ ପରେ ଏୟାରପୋର୍ଟରେ ସୁର ବାବୁଙ୍କ ସହ ଦେଖା । ମୁଁ ପ୍ଳେନକୁ ଅପେକ୍ଷା କରିଥାଏ । ସେ କାହାକୁ ବିଦାୟ ଦେବାକୁ ଆସିଥାଆନ୍ତି । ସେଇ ମନ ଖୋଲା ଉଚ୍ଛୁଳା ସମ୍ଭାଷଣ । ସେ ସବୁ ସୌଜନ୍ୟ ପରେ ମୋତେ ତ ଗୋଟିଏ କଣକୁ ଡାକି ନେଇ କହିଲେ, "ହେ ମନ୍ତ୍ରୀ ହେଲି ଯେ ପେଣ୍ଟୁ ମନ୍ତ୍ରୀ । ଏଇଟା କ'ଣ ଗୋଟାଏ ମନ୍ତ୍ରୀରେ ଲେଖା । ଏବେ ମନ୍ତ୍ରୀମଣ୍ଡଳ ଅଦଳ ବଦଳ ହେବ । ମୋ ପାଇଁ ଟିକିଏ କହିବେ । ଆପଣଙ୍କ ସୁପାରିଶ ମୋ ପାଇଁ ଶୁଭ ହେଉଛି ।" ମୁଁ ହସିବି ନା କାନ୍ଦିବି । କିପରି ଏ ଅଦ୍ଭୁତ ଧାରଣା ତାଙ୍କ ମୁଣ୍ଡରେ ପଶିଲା ଆଉ କିପରି ଏଥିରୁ

Digitized by PPRACHIN, SOA

ମୁଁ ମୁକ୍ତି ପାଇବି, ତାହା ମୁଁ ଚିନ୍ତା କରି ପାରିଲି ନାହିଁ। କିଛି ଦିନ ପରେ ଖବର କାଗଜରୁ ପଢ଼ିଲି ମନ୍ତ୍ରୀମଣ୍ଡଳ ଅଦଳବଦଳରେ ସୁର ବାବୁ ଅବକାରୀ ମନ୍ତ୍ରୀ ହୋଇଛନ୍ତି। ତାଙ୍କ ଷ୍ଟାରକୁ ଧନ୍ୟ କହିବ।

ସୁର ବାବୁ ତାଙ୍କ କାମରେ ବ୍ୟସ୍ତ ଆଉ ମୁଁ ମୋର କାମରେ। ସୁର ବାବୁଙ୍କ ସହ ଆଉ ଦେଖା ହୋଇ ନାହିଁ ବା ମୁଁ ଦେଖା କରିବାର ଆବଶ୍ୟକତା ଅନୁଭବ କରି ନାହିଁ। କିଛି ମାସ ପରେ ଦିନେ ମୁଁ ବାପୁଜୀ ନଗରରେ ମୋର କୁକୁଡ଼ା ଛୁଆର ବିତରକର ଅଫିସ ସାମନାରେ ଛିଡା ହୋଇଥିବା ସମୟରେ ଗୋଟିଏ ଧଳା ଫିଆଟ ଗାଡ଼ି ଆସି ସେଠାରେ ଅଟକିଲା। ସ୍ୱଦେହରେ ସୁର ବାବୁ ବାହାରି ପଡ଼ିଲେ। ମତେ ପାଖକୁ ଟାଣି ନେଇ ଗୁରାଏ ପ୍ରଶଂସା ଆଉ ଶୁଭ କାମନାରେ ପୋତି ପକାଇଲେ। ତାଙ୍କ କଥାରୁ ଜାଣିଲି ଯେ ଏପରି ଏକ ମନ ଲୋଭା ମନ୍ତ୍ରୀ ପଦ ପାଇବାରେ ସାହାଯ୍ୟ କରିଥିବା ହେତୁ ତାଙ୍କର ଆଜିର ଏ ଉଚ୍ଛ୍ୱସିତ ପ୍ରତିକ୍ରିୟା। ମୁଁ ପାଟି ନଖୋଲି ଚୁପ୍ ଚାପ୍ ଠିଆ ହୋଇଥାଏ। ଆସିଥିଲେ ଯେପରି ହଠାତ୍, ଚାଲିଗଲେ ମଧ୍ୟ ସେହିପରି ହଠାତ୍। ଯିବା ପୂର୍ବରୁ ଦି ପଦ ଫୋପାଡ଼ି ଦେଇ ଗଲେ "ଲାଇସେନ୍ସ ପାଇଁ ଆବେଦନ କରନ୍ତୁ।" (ମଦ ଦୋକାନ ପାଇଁ ଲାଇସେନ୍ସ) ଅବସର ସମୟରେ ଏ ସମସ୍ତ ଘଟଣା ମୂଳରୁ ଆଉଟାଇ ମୁଁ ମନେ ମନେ ହସିବା ବ୍ୟତୀତ ମୋର ଆଉ କିଛି କରିବାର ନଥିଲା। ଏ ସବୁ ସମୟର ଖେଳ। ଆଉ ଏତକ ମଧ୍ୟ ବୁଝିଲି। ଏ ସୁର ବାବୁ ଲୋକଟି ଭିତରେ ଅନେକ ସରଳ, କଦାଚ ମାରାତ୍ମକ ନୁହନ୍ତି, ବାହାରକୁ ଯାହା କହୁଥାଆନ୍ତୁ ଆଉ ଯାହା ଦେଖା ଯାଆନ୍ତୁ ପଛକେ।

ଜାତୀୟ ରାଜପଥ କଡ଼ରେ କୁକୁଡ଼ା ଫାର୍ମ। ଯିବା ଆସିବା ସମୟରେ ସମସ୍ତଙ୍କ ନଜର। ବିନା ଖର୍ଚ୍ଚରେ ବିଜ୍ଞାପିତ ହେଉଥିଲା ଯେପରି, ଅଯଥା ବିପଦ ମଧ୍ୟ ଆସି ପହଞ୍ଚୁଥିଲା। ଅନେକ ସମୟରେ ବିନା ପଇସାରେ କୁକୁଡ଼ା ନେବା ପାଇଁ ଅନେକ ଆସି ପହଞ୍ଚ, ଅନେକ ପେଖନା କାଢ଼ନ୍ତି। ଏମାନଙ୍କୁ ସମ୍ଭାଳି ଫାର୍ମ ଚଳାଇବା ଏକ କାଠିକର ପାଠ। ତଥାପି ସବୁ କିଛି ସୁରୁଖୁରୁରେ ଚାଲିଥାଏ। ଏପରି ସୁଚାରୁରୂପେ ବାହ୍ୟ ହସ୍ତକ୍ଷେପରୁ ରକ୍ଷା ପାଇବା ସମ୍ଭବ ହେଉଥିଲା ସ୍ଥାନୀୟ ବାସିନ୍ଦାଙ୍କର ସାହାଯ୍ୟ ତଥା ଖଣ୍ଡଗିରୀ ଥାନାର ସାହାଯ୍ୟ ହେତୁ। ସ୍ଥାନୀୟ ଗ୍ରାମବାସୀଙ୍କ ସହ ମୁଁ ସର୍ବଦା ସୁସମ୍ପର୍କ ରଖିଥାଏ ଏବଂ ତାହା ଏପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ମଧ୍ୟ ଅଛି।

ଖଣ୍ଡଗିରୀ ଥାନାର ଅଧିକାରୀ ତଥା କର୍ମଚାରୀଙ୍କ ସହ ଆମର ସମ୍ପର୍କ ମଧ୍ୟ ଅତ୍ୟନ୍ତ ଉତ୍ତମ ରହି ଆସିଛି। ସେଥିପାଇଁ ଯେ ଆମକୁ ବିଶେଷ କିଛି କରିବାକୁ

Digitized by PPRACHIN, SOA

ହୋଇଛି ତା ନୁହେଁ। ସେମାନେ କେବେ ବି, କୁକୁଡା ବା ଅଣ୍ଡା ଫାର୍ମରୁ ମାଗଣାରେ ଚାହିଁ ନାହାନ୍ତି। ହଁ ସେମାନଙ୍କର ଅକାଳେ ସକାଳେ ଦରକାର ହେଲେ ୫/୧୦% ରିହାତି ଦରରେ ତାଙ୍କୁ କୁକୁଡା ଦେଇଛି। ମାତ୍ର ଏପରି ତ ମୁଁ ଅନେକ ଲୋକଙ୍କୁ ଦେଇଛି। ଆଉ ବିଭିନ୍ନ ସରକାରୀ ଦପ୍ତର ଯେଉଁଠି ମୋର ଫାର୍ମକୁ ନେଇ ନିୟମିତ କାମ ସେପରି କେହି ଷ୍ଟାଫ ଆସିଲେ ମୋର ନିର୍ଦ୍ଦେଶ ଥାଏ ୫/୧୦% ରିହାତିରେ କୁକୁଡା ଦେବା ପାଇଁ।

ଖଣ୍ଡଗିରୀ ଥାନା ସହ ବର୍ଷ ପରେ ବର୍ଷ ଥାନା ଅଧିକାରୀ ବଦଳିବା ସତ୍ତ୍ୱେ ଆମର ସମ୍ପର୍କ ଅତ୍ୟନ୍ତ ଉତ୍ତମ ରହି ଆସିଛି। ନିୟମିତ ସେମାନଙ୍କ ସହିତ ଆମେ ସୁସମ୍ପର୍କ ବିନା ଖର୍ଚ୍ଚରେ ରଖିଛୁ। ନୂଆ ବର୍ଷରେ କ୍ୟାଲେଣ୍ଡର ଖଣ୍ଡେ ଦେବା ବ୍ୟତୀତ ଆଉ କିଛି ବି ଦେଇନୁ। ହଁ ଆଉ ଗୋଟିଏ ଦିଗରୁ ତାଙ୍କୁ ଆମେ ଅନେକ ଗୁରୁତ୍ୱ ଦେଇଛୁ। ସେତେବେଳେ ଆଜି କାଲି ପରି ହାଉ ଯାଉ କୁକୁଡା ମିଳୁ ନଥିଲା। ମଝିରେ ମଝିରେ ବଜାରରୁ କୁକୁଡା ଉଭାନ ହୋଇଯାଏ। ସେତେବେଳେ କୌଣସି ଉତ୍ସବ ଅନୁଷ୍ଠାନ ପାଇଁ କୁକୁଡା ଦରକାର ହେଲେ ଆମ ଉପରେ ଚାପ ପଡେ। ଭୁବନେଶ୍ୱରର ଅନ୍ୟାନ୍ୟ ଥାନାର କେହି କର୍ମଚାରୀ ବା ପୋଲିସ ବିଭାଗ ସହ ସମ୍ପୃକ୍ତ କେହି ଆମକୁ ଏଥିପାଇଁ କୁହନ୍ତି। ମାତ୍ର ମୁଁ ନିୟମ କରିଥାଏ ଯେ ପୋଲିସ ବିଭାଗ/ବା ଅନ୍ୟ ଥାନାରୁ ଯିଏ ରିହାତି ଚାହିଁବେ ସେ ଖଣ୍ଡଗିରୀ ଥାନା ଅଧିକାରୀଙ୍କଠାରୁ ସୁପାରିଶ ଆଣିବେ। ତା ନହେଲେ ରିହାତି ମିଳିବ ନାହିଁ। ଏହାଦ୍ୱାରା ମୁଁ ସିଧା ସଳଖ ଅଜଣା ସତ/ମିଛ ଅଧିକାରୀଙ୍କ ଦାଉରୁ ରକ୍ଷା ପାଇଲି। ଆଉ ଖଣ୍ଡଗିରୀ ଥାନା ଅଧିକାରୀ ମନେ ମନେ ଖୁସୀ ହେଲେ ଯେ ତାଙ୍କ ଅଞ୍ଚଳରେ ଏପରି ଏକ ସଂସ୍ଥା ଅଛି, ଯେ ତାଙ୍କୁ ଏପରି ଗୁରୁତ୍ୱ ଦେଉଛି।

ସୁସମ୍ପର୍କ କିପରି ଅନେକ ସମୟରେ ପାଖରେ ଛିଡ଼ା ହୋଇ ସାହାଯ୍ୟ କରେ ସେ କଥା କହୁଛି।

ଆମେ ବର୍ଷକୁ ଚାରି ଥର ପ୍ୟାରେଣ୍ଟ ଷ୍ଟକ 'ପୁନେ'ରୁ ଆଣୁ। ପ୍ୟାରେଣ୍ଟ ଷ୍ଟକ ଦିନିକିଆ ଛୁଆ ଆସିବା ପୂର୍ବରୁ ସେମାନଙ୍କ ପାଇଁ ଘର ପ୍ରସ୍ତୁତ ହେବା ଦରକାର। ଘର ଗୁଡ଼ିକରେ ଆଗରୁ କୁକୁଡ଼ା ରହି ଥାଆନ୍ତି ତେଣୁ ଯେଉଁ ଘରଟିରେ ଏ ଚିଆଁ ରହିବେ ସେ ଘର ଯଥେଷ୍ଟ ଆଗରୁ ସଫା ହୋଇ ଧୂଆଧୋଇ ହୋଇ ୨/୩ ଥର ଶୋଧିତ ହେବା ଦରକାର। ସେହି ଅନୁସାରେ ସେ ଘରେ ଯେଉଁ ବ୍ୟାଚ କୁକଡ଼ା ରହି ଅଣ୍ଡା ଦେଉଥିବେ ସେମାନଙ୍କୁ ବିକ୍ରି କରି ଘର ଖାଲି କରିବାକୁ ହୁଏ। ସବୁ କିଛି ଆଗରୁ ଦିନ ମାସ ଧରି ନିର୍ଦ୍ଧାରିତ କରା ଯାଇଥାଏ। ମାତ୍ର ଅସୁବିଧା ଉପୁଜେ

Digitized by PPRACHIN, SOA

ଯେତେବେଳେ ସେ କାର୍ଯ୍ୟ ନିର୍ଘଣ୍ଟର ଗୋଟିଏ କଡ଼ିରେ କେଉଁଠି ଖିଲାପ ହୁଏ । ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ସେ ଘରଟିରେ ଥିବା କୁକୁଡ଼ା ବିକ୍ରି ଆରମ୍ଭ ହେଲେ ୧ ମାସ ଭିତରେ ସବୁତକ କୁକୁଡ଼ା ବିକ୍ରି ହୋଇଯିବ ବୋଲି, ପୂର୍ବ ଅଭିଜ୍ଞତାକୁ ନେଇ କାର୍ଯ୍ୟକ୍ରମ କରାଯାଇଥାଏ । ମାତ୍ର ବଜାର ଅନେକ ସମୟରେ ଅଦ୍ଭୁତ ବ୍ୟବହାର କରେ । କୁକୁଡ଼ା ବିକ୍ରି ଯଦି ଧିମେଇ ଗଲା ତେବେ ସବୁ କିଛି ଗୋଳମାଳ ହୋଇ ଯିବ ।

ଏପରି ନୁହେଁ ଯେ ପ୍ୟାରେଣ୍ଟ ଷ୍ଟକ ଚିଆଁକୁ ଅନ୍ୟ କେଉଁଠି ସପ୍ତାହେ ଖଣ୍ଡେ ଚଳାଇ ନେବାକୁ ହେବ, ଘର ପ୍ରସ୍ତୁତ ହେଲା ଯାଏ । ଏହା ସମ୍ଭବ ନୁହେଁ । ଏମାନଙ୍କ ପ୍ରତିପାଳନରେ ସାମାନ୍ୟ ଅସୁବିଧା ହେଲେ ବ୍ୟବସାୟଟି ବୁଡ଼ିଲା ବୋଲି ଜାଣ । କାରଣ ସେମାନେ ଠିକ୍ ଅଣ୍ଡା ଠିକ୍ ସମୟରେ ଦେବେ ନାହିଁ । ସେ କ୍ଷେତ୍ରରେ ଚାଷୀ କୌଣସି ପ୍ରକାରେ କୁକୁଡ଼ା ବିକ୍ରି କରି ଘର ଖାଲି କରିବାକୁ ବାଧ୍ୟ । ଦର ବଢୁ ବା କମୁ ତା କରିବାକୁ ସେ ବାଧ୍ୟ ।

ମୋର ଅବସ୍ଥା ଥରେ ସେହିପରି ହେଲା । ହଠାତ୍ କୁକୁଡ଼ା ବଜାରର ଚାହିଦା ହଠାତ୍ କମିଗଲା । ତେଣୁ ଯେଉଁ ପରିମାଣରେ ବିକ୍ରି ହେଲେ ଠିକ୍ ସମୟରେ ଘର ଖାଲି ହୋଇଯିବ ବୋଲି ମୁଁ ମନେ କରିଥିଲି, ତା ହେଲା ନାହିଁ । ପ୍ୟାରେଣ୍ଟ ଷ୍ଟକ ପହଞ୍ଚିବା ତାରିଖ ଘୁଞ୍ଚେଇ ହେବନି । ତେଣୁ ବାଧ୍ୟ ହୋଇ ଦର କମାଇ ଦେଲି । ଏକ କେଜି କୁ ୧୦ଟଙ୍କା । ପ୍ରବଳ ଭିଡ଼ ହେଲା । କୁକୁଡ଼ା ବିକ୍ରି ଚାଲିଛି । ଏହି ସମୟରେ ଦମ୍‌କଳର ଗାଡ଼ିଟିଏ ଖୋର୍ଦ୍ଧା ଆଡୁ ଆସି ରାସ୍ତା ଉପରେ ରହିଲା ଏବଂ ତା ଭିତରୁ ଜଣେ ମହାଶୟ ଫାର୍ମ ଭିତରକୁ ଆସିବାକୁ ଚାହିଁଲେ । ପ୍ରବଳ ଭିଡ଼ ହେତୁ ଆମେ ଛୋଟ ଫାଟକ ତାଲା ଦେଇଥାଉ । ଲୋକ ବାହାରୁ ବାହାରୁ କାଉଣ୍ଟରରୁ କୁକୁଡ଼ା ନେଇ ଚାଲି ଯାଉଥାଆନ୍ତି । ସେ ଭଦ୍ର ଲୋକଙ୍କୁ ଏପରି ଧାଡ଼ିରେ ଠିଆ ହୋଇ ନେବାକୁ ବୋଧେ ବାଧିଲା । ସେ ହୁଏତ ତାଙ୍କର ୟୁନିଫର୍ମରେ ଥିଲେ ଆମର ପିଲା ଚିହ୍ନି ଅନ୍ୟ କିଛି ବନ୍ଦୋବସ୍ତ କରିଥାଆନ୍ତେ । ମାତ୍ର ସେ ସାଦା ପୋଷାକରେ ଥିଲେ । ସାନ କବାଟଟି ଠେଲି ଭିତରେ ପଶିବାକୁ ଚାହିଁଲେ । ଆମର ଜଗୁଆଳୀ ତାଙ୍କୁ ବାଟ ଛାଡ଼ିଲା ନାହିଁ କି କବାଟର ଚାବି ଖୋଲିଲା ନାହିଁ । ସେଇଠୁ ଉଠିଲା ତାଙ୍କର ରାଗ । ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଗୁଲଜ କଲେ । "ଶଳାଙ୍କୁ ଦେଖିଦେବୁ । ଯାଉଛି ମୋ ସାଥୀଙ୍କୁ ନେଇ କରି ଆସୁଛି" କହି ଧମକାଇଲେ ଓ ଚାଲି ଗଲେ ।

ଫାର୍ମ କର୍ମଚାରୀମାନେ ବ୍ୟସ୍ତ ହୋଇ ପଡ଼ିଲେ । ପୋଲିସ ବିନା କାରଣରେ ପଶି ଅନ୍ଧାଦୁନିଆ ବାଡ଼ିଆ ପିଟା କରିବା ତଥା ଭଙ୍ଗା ରୁଜା କରିବା କିଛି ନୂଆ

Digitized by PPRACHIN, SOA

କଥା ନୁହେଁ । ଏପରି ଅନେକ ଦୃଷ୍ଟାନ୍ତ ଓ ଖ୍ୟାତି ପୋଲିସର ଅଛି । ଅନ୍ୟକିଛି ଅଫିସ ବା କାରଖାନା ହୋଇଥିଲେ ଅଲଗା । ମାତ୍ର ଲାଇଭ୍ ଷ୍ଟକ ଫାର୍ମରେ ଭଙ୍ଗାରୁଜା କଲେ ଜଣେ ବୁଡ଼ି ଯିବା କଥା । ପଛରେ କ'ଣ ହେବ କିଏ ଦୋଷୀ ନିର୍ଦ୍ଦୋଷୀ ସେ ବିଚାର ଅଲଗା କଥା । ସେତେବେଳକୁ ମୋ ଭେଳା ବୁଡ଼ି ଯାଇଥିବ । ମ୍ୟାନେଜରଠାରୁ ଫୋନ ପାଇ ମୁଁ ଅତ୍ୟନ୍ତ ତ୍ରସ୍ତ ହୋଇ ପଡ଼ିଲି । ଏକେତ କି ପ୍ରକାର କ୍ଷତି ହେବ ତାହା ଅନୁମାନ କରି ହତାଶ ହୋଇ ପଡୁଥାଏ । ତାପରେ ବିନା ଦୋଷରେ ସେମାନଙ୍କ ଗୁଣ୍ଡାମୀ ସହିବାଟା ମୋ ଆତ୍ମାକୁ ବାଧୁଥାଏ । ସେତେବେଳେ R. N. Das, IAS ଯିଏ ମୋତେ ଋଣ ମିଳିବାରେ ସାହାଯ୍ୟ କରିଥିଲେ ତାଙ୍କୁ ଫୋନ କଲି । ସିଏ ସେତେବେଳକୁ ଗୃହ ସଚିବ । ତାଙ୍କୁ ସମସ୍ତ ବିଷୟ ବୁଝାଇ କହିଲି । ମୋ ସ୍ୱର ମୋ ନିଜକୁ ମଧ୍ୟ ଅଲଗା ଶୁଣା ଯାଉଥାଏ । ଜଣେ ଅତ୍ୟନ୍ତ ତ୍ରସ୍ତ ଓ ମ୍ରିୟମାଣ ବ୍ୟକ୍ତିର ସ୍ୱର ପରି ଶୁଭୁଥାଏ । ମୋ କଥା ଓ ଆତୁରତା ତାଙ୍କ ଉପରେ କ'ଣ ପ୍ରତିକ୍ରିୟା ସୃଷ୍ଟି କଲା କେଜାଣି, ମୋତେ ବ୍ୟସ୍ତ ନହେବାକୁ କହିଲେ ଆଉ ତିରିଶ ମିନିଟ ଛାଡ଼ି ଖଣ୍ଡଗିରି ଥାନା ଯାଇ ଥାନା ଅଧିକାରୀଙ୍କୁ ଭେଟିବା ପାଇଁ କହିଲେ । ମୁଁ ଆଉ ଅଧ ଘଣ୍ଟାଏ ଅପେକ୍ଷା କରିବା ଅବସ୍ଥାରେ ନଥାଏ । ମୁଁ ଥାନାରେ ପହଞ୍ଚିବା ବେଳକୁ ଉପରୁ ନିର୍ଦ୍ଦେଶ ଆସି ସାରିଲାଣି । ଏକେତ ଆମର ଥାନା ସହିତ ସୁସମ୍ପର୍କ । ତାପରେ S. P. ଫୋନ କରି ଥାନା ଅଧିକାରୀଙ୍କୁ ଗୃହ ସଚିବଙ୍କ କଥା ମଧ୍ୟ କହିଥିଲେ ବୋଲି ପରେ ଶୁଣିଲି ।

ଥାନା ଅଧିକାରୀ ମୋତେ ତାଙ୍କ କୋଠରୀରେ ବସାଇଲେ । ଆଉ ଦୁଇ ଜଣ ପୋଲିସଙ୍କୁ ରାସ୍ତା ଉପରେ ଠିଆ କରାଇଲେ । ଦମ୍କଳ ଗାଡ଼ି ଆସିଲେ ଅଟକାଇ ଥାନାକୁ ଆଣିବାକୁ ନିର୍ଦ୍ଦେଶ ଦେଲେ । ପ୍ରାୟ କୋଡ଼ିଏ ମିନିଟ ପରେ ଦମ୍ କଳର ନାଲି ଗାଡ଼ି ଆସିଲା । ୧୦/୧୨ ଜଣ ସେଥିରେ ଠିଆ ହୋଇ ଥାଆନ୍ତି । ପୋଲିସ ଗାଡ଼ି ଅଟକାଇଲା ଓ ଥାନାକୁ ଆସିବା ପାଇଁ ଥାନା ଅଧିକାରୀଙ୍କ ବାର୍ତ୍ତା ସେମାନଙ୍କୁ ଦେଲା । ସେମାନେ କିଛିଟା ଆଶ୍ଚର୍ଯ୍ୟ ହେଲେ ମାତ୍ର ଗାଡ଼ି ନେଇ ଥାନା Compoundକୁ ଆସିଲେ । ସେମାନେ ଆସିବା ଭିତରେ ମୁଁ ଯେଉଁ ଜଣକ ଆମ ଫାର୍ମକୁ ଯାଇଥିଲା ତାକୁ ଥାନା ଅଧିକାରୀଙ୍କୁ ଦୂରରୁ ଚିହ୍ନାଇ ଦେଇଥିଲି ।

ଗାଡ଼ି ଆସି ରହିବା ମାତ୍ରକେ ଥାନା ଅଧିକାରୀ ଡ୍ରାଇଭର ଆଉ ସେ ଲୋକଟିକୁ ଡ଼କାଇ କୌଣସି କଥାବାର୍ତ୍ତା ନକରି ହାଜତରେ ଠୁଙ୍କି ଦେଲେ । ଯେଉଁ ଦଳକ ମାଡ଼ ପିଟ କରିବାକୁ ଆସିଥିଲେ ସେମାନେ ଏପରି ଆଚମ୍ବିତ ଘଟଣା ଦେଖି ଅତ୍ୟନ୍ତ ଆଶ୍ଚର୍ଯ୍ୟ ଓ ଭୟଭୀତ ହୋଇ ପଡ଼ିଲେ । ପଳାଇ ଯାଇ ପାରୁ ନଥାନ୍ତି ମଧ୍ୟ ।

Digitized by PPRACHIN, SOA

କାରଣ ଡ୍ରାଇଭର ହାଜତରେ । ସେମାନେ ବିନା ଡ୍ୟୁଟିରେ ସରକାରୀ ଗାଡ଼ି ନେଇ ଦଳବଳ ଧରି ଆସିଛନ୍ତି । ଥାନା ଅଧିକାରୀ ସେମାନଙ୍କୁ ତାଙ୍କ ପୋଲିସ ଭାଷାରେ ନିୟମ କାନୁନ ଦେଖାଇ ଧମକ ଚମକ କରୁଥାଆନ୍ତି । S. P. ଗୃହ ସଚିବଙ୍କ ନିର୍ଦ୍ଦେଶ ମିଳିଛି ତେଣୁ ଥାନା ଅଧିକାରୀ ଆବଶ୍ୟକ ଅପେକ୍ଷା ଅଧିକ ତତ୍ପରତା ଦେଖାଉଥାଆନ୍ତି । ମାତ୍ର ଏହା ଭବିଷ୍ୟତରେ ମୋ ପାଇଁ କିଳା ନହେବ କିଏ କହିବ । ମୁଁ ବାଧ ହୋଇ ଥାନା ଅଧିକାରୀଙ୍କୁ ଏହାର ଆପୋଷ ସମାଧାନ କରି ଦେବାକୁ ଅନୁରୋଧ କଲି । ସେହି ଅନୁସାରେ କାମ ହେଲା । ସେମାନେ ହାଜତରୁ ଛାଡ଼ ପାଇଲେ । ଆପୋଷ କଥାବାର୍ତ୍ତା ହେଲା । ଥାନା ଅଧିକାରୀ ତାଙ୍କୁ କହିଲେ ଯେ ତୁମର ଯଦି କୁକୁଡ଼ା ଦରକାର, ତୁମେ ଆମ ପାଖରୁ ଲେଖାଟିଏ ନେଇଗଲେ ସୁବିଧା ଦରରେ କୁକୁଡ଼ା ପାଇବ । ଯାହା ହେଉ ସବୁ କିଁଛି ତୁଟିବା ପରେ, ସେଇ ପ୍ରଥମ କର୍ତ୍ତାଙ୍କୁ ସାଙ୍ଗରେ ଧରି ମୁଁ ଫାର୍ମକୁ ଗଲି ଆଉ ଦୁଇଟି କୁକୁଡ଼ା ଦେଲି । ସେ ଖୁସୀ ହୋଇଗଲେ । ଏ ଅଧ୍ୟାୟର ପରିସମାପ୍ତି ଏଇଠି ଘଟିଲା ।

ମାତ୍ର ବେଳେ ବେଳେ ମୁଁ ଭାବେ ଯଦି ମୋର ଉପଯୁକ୍ତ ସମ୍ପର୍କ, ଯୋଗାଯୋଗ ପୋଲିସ ସହିତ ତଥା ଉପର ଅଧିକାରୀଙ୍କ ସହ ନଥାନ୍ତା ତେବେ ସେଦିନ କ'ଣ ହୋଇଥାନ୍ତା । ଯଦି ମୁଁ ନିଜେ ସେ ଦିନ ଭୁବନେଶ୍ୱରରେ ନଥାନ୍ତି କ'ଣ ହୋଇଥାଆନ୍ତା । ଏତକ ଭାବିଲେ ମୋର ଦେହରେ ଗୋଟାଏ ଶୀତଳ ତରଙ୍ଗ ଖେଳିଯାଏ । ସେଇଠି ମୋର ମନେହୁଏ ଏହା ସବୁ ଠାକୁରଙ୍କ ଲୀଳା, ଆମେ ନିମିତ୍ତମାତ୍ର ।

ସରକାରୀ ଦପ୍ତରରେ କାମ କିପରି ହୁଏ ଆଉ ଆମ ପରି ସାଧାରଣ ଲୋକଙ୍କୁ କିପରି ପରିସ୍ଥିତିରେ ମୁକାବିଲା କରିବାକୁ ହୁଏ ସେ ବିଷୟରେ କେତୋଟି ଉଦାହରଣ ଦେବାକୁ ଉଚିତ୍ ମନେ କରୁଛି ।

ଆଉ ଗୋଟିଏ ଘଟଣାର ବର୍ଣ୍ଣନା କରୁଛି । ଆମର ସୁଷମ କୁକୁଡ଼ା ଦାନା ଆଉ ଗାଈ ଦାନା କ୍ରମେ ଲୋକପ୍ରିୟତା ହାସଲ କରୁଥାଏ । କାରଖାନାଟି ଭୁବନେଶ୍ୱରରେ ହୋଇଥିବାରୁ ଖୁଚୁରା ବିକ୍ରି ପାଇଁ ଭୁବନେଶ୍ୱରରେ କିଛି ଅସୁବିଧା ନଥାଏ । ଯେଉଁଠି ଯେତେ କମ୍ ପରିମାଣରେ ଚାହିଦା ଆସିଲେ ମଧ୍ୟ ଆମେ ସେଠାକୁ ପଠାଇ ଦେଉ । ମାତ୍ର କଟକରେ ବିକ୍ରି ଏକ ସମସ୍ୟା ହେଲା । ହଠାତ୍ ବିତରକ ନିଯୁକ୍ତ କରି ତାଙ୍କୁ ନିୟନ୍ତ୍ରଣ କରିବା ଆମ ପକ୍ଷରେ ସମ୍ଭବ ନୁହେଁ । କାରଣ ସେ ଏକକାଳୀନ ଅଧିକ ଦାନା ଚାହିଁବ ପୁଣି ବାକିରେ । କଟକରେ ଆଖପାଖ ଅଞ୍ଚଳରେ ସେ ବିକ୍ରି କରିବାର/ବାଣ୍ଟିବାର ଏକଚାଟିଆ ଅଧିକାର ଚାହିଁବ । ବିତରକଟି ସଫଳ ହେଲେ ବି ବିପଦ ନହେଲେ ବି ବିପଦ । ସଫଳ ହେଲେ ତା ପାଖରେ ଅନ୍ୟ

Digitized by PPRACHIN, SOA

ଦାନା ପ୍ରସ୍ତୁତକାରୀ ପହଞ୍ଚି ଅଧିକ ରିହାତିରେ ଦାନା ନେବା ପାଇଁ ତାକୁ ଫୁସୁଲାଇବେ। ବିଫଳ ହେଲେ ବଜାରରୁ ସେ ତା'ର ପଇସା ପାଇବ ନାହିଁ। ଆଉ ସେହି ଅନୁପାତରେ ଆମ ପଇସା ମାଡ଼ି ବସିବ। ଆମର ପୁଞ୍ଜି କମ୍ ତେଣୁ ଏ ବାଟରେ ଗଲେ ଅଧିକ ବିପଦ ବିଚାର କରି କଟକରେ ନିଜେ ଗୋଟିଏ ଖୁଚୁରା ବିକ୍ରୟ କେନ୍ଦ୍ର ଖୋଲିଲୁ। ଗ୍ରାଣ୍ଡ ସିନେମା ପରେ ପରେ ଆମେ ଗୋଟିଏ ଘର ନେଇ "ସରସ" ନାମରେ ଦୋକାନଟି ଆରମ୍ଭ କଲୁ। ଭଲ ବିକ୍ରିବଟା ମଧ୍ୟ ଚାଲିଲା। ଆଖପାଖ ଅଞ୍ଚଳରେ ମଧ୍ୟ କିଛି କ୍ଷୁଦ୍ର ବେପାରୀଙ୍କୁ ଦେଇ ଆମ ଦାନା ବିକ୍ରି କରାଇଲୁ।

ସବୁ ଠିକ୍ ଠାକ୍ ଚାଲିଥିଲା। ମାତ୍ର ଗଣ୍ଡଗୋଳ ଆରମ୍ଭ ହେଲା ଆମ ଦୋକାନ ଦାୟୀତ୍ୱରେ ଥିବା ପିଲାଟିକୁ ନେଇ। ଜଣେ ଭେଟେନାରୀ ଡ଼ାକ୍ତର ଯେ କି ଆମର ପରିଚିତ ତାଙ୍କ ସୁପାରିଶରେ ଆମେ କଟକରେ ସେ ପିଲାକୁ ରଖିଥିଲୁ। କ୍ରମେ ସେ ପିଲାଟି ବାଟ ମାରଣା କରିବା ଆରମ୍ଭ କଲା। ଦାନାର ହିସାବରେ ଭୁଲ ଭାଲ ବାହାରିଲା। ବସ୍ତା ଖୋଲି କିଛି ବସ୍ତାରୁ ଦାନା ବାହାର କରି ବିକ୍ରି କରିଦେଲା। ଆଉ ଆମେ କମ୍ ଓଜନର ଦାନା ଦେଉଛୁ ବୋଲି ବଦନାମ ପାଇଲୁ। ମଫସଲରୁ ଯେଉଁମାନେ ଆସି ଦାନା ନେଇଥିଲେ ସେମାନେ ଦେଇଥିବା ନଗଦ ଟଙ୍କାରୁ କିଛି ପକେଟ୍‌ରେ ପକାଇ ଦେଇ ଆମକୁ ଭୁଲ ହିସାବ ଦେଲା। ସର୍ବୋପରି ସନ୍ଧ୍ୟାରେ ସେ ଗ୍ରାଣ୍ଡ ସିନେମା ପାଖରେ ଟିକେଟ କଳା ବଜାରୀ କରି ପୋଲିସ ଦ୍ୱାରା ୨/୪ଥର ଧରା ପଡ଼ିଲା।

ତାର କାର୍ଯ୍ୟ କଳାପ କ୍ରମେ ଅସହ୍ୟ ହେବାରୁ ଏବଂ ତାକୁ ସୁଧାରିବାର କୌଣସି ବାଟ ନପାଇ ଆମେ ତାକୁ କାମରୁ ଅନ୍ତର କରି ଆଉ ଜଣଙ୍କୁ ସେଠାରେ ବସାଇଲୁ। କଞ୍ଚା ପଇସା ତା ହାତକୁ ବିନା ପରିଶ୍ରମରେ ଆସିବା ପରେ ତା'ର ପିଆପିଇ ଅଭ୍ୟାସଟି ଆରମ୍ଭ ହୋଇ ଯାଇଥିଲା। ବର୍ତ୍ତମାନ ସେ ବାଟ ବନ୍ଦ ହୋଇ ଯିବାରୁ ସେ ଅତ୍ୟନ୍ତ ଉତକ୍ଷିପ୍ତ ହୋଇ ଉଠିଲା। ଦିନେ ଦୋକାନକୁ ନିଶାସକ୍ତ ହୋଇ ଆସି ଆମର ନୂଆ ପିଲାଟିକୁ ଛୁରୀ ଦେଖାଇ ଧମକାଇଲା। ଡ୍ରୟର ଭାଙ୍ଗି ସେ ଦିନର ବିକ୍ରି ପଇସା ନେଇଥିଲା। ଆଉ ପୋଲିସକୁ କହିଲେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେବ ବୋଲି ଧମକ ଦେଇ ତା ସାଥୀରେ ଆସିଥିବା ୨/୩ ଜଣଙ୍କ ସହ ଚାଲିଗଲା।

ବର୍ତ୍ତମାନ ଆମ ଆଗରେ ମୁଖ୍ୟ ସମସ୍ୟା ଥିଲା ଏ ସମସ୍ୟାର ଉଚିତ୍ ସମାଧାନ ନ ହେଲେ ଆମେ ସେଠାରେ ବିକ୍ରି କେନ୍ଦ୍ର ଚଳାଇବା ସମ୍ଭବ ହେବ ନାହିଁ। କାରଣ କୌଣସି ପଦକ୍ଷେପ ନନେଲେ ସାହସ ପାଇ ତା'ର ଦୌରାତ୍ମ୍ୟ

Digitized by PPRACHIN, SOA

ବଢ଼ିଯିବ । ସେହି ପରିସ୍ଥିତିରେ ମୁଁ ସେତେବେଳେ ଗୃହ ସଚିବ ଥିବା ଶ୍ରୀ ଆର୍. ଏନ୍. ଦାସଙ୍କୁ ଫୋନରେ ଯୋଗାଯୋଗ କରି ଏସବୁ ସମସ୍ତ ବିଷୟ ବୁଝାଇ କହିଲି । ସମସ୍ତ କଥା ସେ ଶୁଣିବା ପରେ ମୋତେ ଟିକିଏ ସାନ୍ତ୍ୱନା ମିଳିଲା ଓ ମୋତେ ଲାଗିଲା କିଛି ଯଥା ଶୀଘ୍ର ଘଟିବ । ସେତେବେଳକୁ ଆମର ଜଣେ କର୍ମଚାରୀ ଯାଇ ମଧୁପାଟଣା ଥାନାରେ F I R ଟିଏ ଦେଇ ଆସିଥାଏ । ସନ୍ଧ୍ୟା ପରେ ମୁଁ ଘରେ ଥାଏ ମାତ୍ର ଚିନ୍ତିତ ଥାଏ । ଏହି ସମୟରେ ମଧୁପାଟଣା ଥାନାରୁ ଜଣେ S.I.ଫୋନ କଲେ ଏବଂ ଜଣାଇଲେ ଯେ ପୋଲିସ ତାକୁ ଧରି ନେଇ ହାଜତରେ ପୁରାଇଛନ୍ତି । ଆଜି ରାତି ସେଠାରେ ସେ ରହିବ । ତା ପରଦିନ ସକାଳୁ Inspector ଆସିଲେ ଯାହା ନିଷ୍ପତ୍ତି ନେବେ । ମୋତେ ସକାଳୁ ଯାଇ ମଧୁପାଟଣା ଥାନାରେ ପହଞ୍ଚିବାକୁ ସେ ନିର୍ଦ୍ଦେଶ ଦେଲେ । ତାଙ୍କ ସହିତ କଥା ହେବା ଭିତରେ ଜାଣି ପାରିଲି ଯେ S. P. ଙ୍କ ନିର୍ଦ୍ଦେଶ ମୁତାବକ ଏ ପଦକ୍ଷେପ ନିଆ ଯାଇଛି । ଆମେ F I R ଦେବାର ୬/୭ ଘଣ୍ଟା ପର୍ଯ୍ୟନ୍ତ ଯାହା ଘଟି ନଥିଲା, S. P. ଙ୍କ ଫୋନର ଅଧଘଣ୍ଟାଏ ଭିତରେ ତତ୍କ୍ଷଣାତ୍ କାମ ହୋଇଛି । ମୋର ଆଉ ବୁଝିବାକୁ ବାକି ରହିଲା ନାହିଁ ଯେ ଏହା ମୋ ପ୍ରତି ଶ୍ରୀ ଆର୍.ଏନ୍.ଦାସଙ୍କ ଶୁଭେଚ୍ଛା ଓ ଆଶୀର୍ବାଦର ଫଳ ।

ସେଇଟା ମୋର ବ୍ୟବସାୟର ଆରମ୍ଭ ସମୟ । ନିଜ ଗୋଡ଼ରେ ଠିଆ ହେବା ପାଇଁ ତଥାପି ବାକି ଅଛି । ସେ ସମୟରେ ମୋ ପାଖରେ ଗାଡ଼ି ନଥାଏ । ମଟର ସାଇକେଲରେ ହିଁ ମୁଁ ସବୁ କରୁଥାଏ । ମୁଁ ସକାଳ ୮ଟା ଭିତରେ ଯାଇ ମଧୁପାଟଣା ଥାନାରେ ପହଞ୍ଚିଲି । ମୋତେ ଫୋନ କରିଥିବା S. I. ଙ୍କୁ ଦେଖାକଲି । ସେମାନେ ଗତ କାଲି ସନ୍ଧ୍ୟାରୁ ସେ ପିଲାକୁ ବାନ୍ଧିଆଣି ହାଜତରେ ପୁରାଇଛନ୍ତି । ଏ ପର୍ଯ୍ୟନ୍ତ ତା ଘରୁ କେହି ଆସି ନାହାନ୍ତି କି ସେ ପିଲା କିଛି ଖାଇ ନାହିଁ । ମୁଁ ମନେ ମନେ ଅବସ୍ଥାର ଆଗ ପଛ ଭଲ ମନ୍ଦ ତଉଲିଲି । ଆଜି ଉପରୁ ଫୋନ ଆସିଛି ବୋଲି ଥାନା ବାବୁ ଆବଶ୍ୟକଠାରୁ ଅଧିକ ଉତ୍ସାହ ଦେଖାଉଛନ୍ତି । କାଲି ମୋତେ ଏ ତ୍ୱରିତ୍ ସେବା ଉପଲବ୍ଧ ନହୋଇ ପାରେ ।

ଦ୍ୱିତୀୟରେ ସେ ପିଲାକୁ ଏମାନେ କେତେ ଦିନ ବା ଅଟକାଇ ରଖି ପାରିବେ । କୋର୍ଟରେ ସଙ୍ଗେ ସଙ୍ଗେ ଜାମିନ ପାଇବ । ସେତେବେଳେ ସେ ଯେ ରାଗ ଶୁଝାଇବା ପାଇଁ ଅଧିକ ଭୟଙ୍କର କାମ ନକରିବ ସେ କଥା କିଏ କହିବ । ଆଉ ପୋଲିସ ପଣତ ତଳେ ରହି ବ୍ୟବସାୟ କରିବା ସମ୍ଭବ ନୁହେଁ କି ତାହା ମୋର ପସନ୍ଦ ନୁହେଁ । ଏସବୁ ବିଚାର କରି ମୁଁ ସେ S.I. ଙ୍କୁ O I C ଆସିବା ପୂର୍ବରୁ ତାର ମୁରବୀ/ଅଭିଭାବକଙ୍କୁ ଡ଼କାଇ ଦେବାକୁ ଅନୁରୋଧ କଲି ।

Digitized by PPRACHIN, SOA

ସେ ବି କଥା ରଖିଲେ ଆଉ ସେମାନେ ଆସି ଖୁବ୍ ଅଳ୍ପ ସମୟରେ ପହଞ୍ଚିଗଲେ । ସେ ପିଲା ପାଇଁ ଜଳଖିଆ ଚା ମଗାଇ ମୁଁ ଦିଆଇଲି । ସେ ଖାଇଲା ମଧ୍ୟ ।

ଇତ୍ୟବସରରେ Inspector ଆସିଲେ । ଆଜି ଏତେ ଦିନ ପରେ ମୋର ତାଙ୍କ ନାମଟି ସଠିକ ମନେ ନାହିଁ । ମାତ୍ର ସାଙ୍ଗିଆ ତାଙ୍କର ବଳିଆରସିଂ ବୋଲି ମୋର ମନେ ଅଛି । ଏ ପ୍ରକାର ସାଙ୍ଗିଆ ଯଥା ପାଲଟା ସିଂ, ଗୁମାନ ସିଂ, ଜୟ ସିଂ ଇତ୍ୟାଦି ପାଇକ ବହୁଳ ଖୋର୍ଦ୍ଧାରେ ବେଶି ଦେଖିବାକୁ ମିଳେ । ମୋ ଅନୁମାନ ବି ଠିକ୍ ବୋଲି ଜଣାଗଲା ।

Inspector ଆସିଲେ ଅଫିସରେ ତାଙ୍କ ସିଂହାସନରେ ବସି ପଡ଼ି S.I.ଙ୍କଠାରୁ ସବିଶେଷ ଶେଷ ସମ୍ବାଦ ନେଲେ । ମୋତେ ଡ଼କାଇଲେ । କଥାବାର୍ତ୍ତା ଛଳରେ ମୋର ଘର ଗାଁ ଇତ୍ୟାଦି ଜାଣିଲେ । ଏତକ ଜାଣିବା ପରେ ତାଙ୍କ ରୂପ ରଙ୍ଗ ବଦଳିଗଲା । ଆଉ ପୋଲିସ ଅଫିସର ସୁଲଭ ଠାଣି ବଦଳି ଯାଇ ତା ଯାଗାରେ ଠିଆ ହେଲେ ପୂର୍ବ ପରିଚିତ-ସମ୍ପର୍କିତ ସୁଲଭ ଠାଣି ।

ହଠାତ୍ ମୋତେ ସେ ତୁ ତା କରି ସମ୍ବୋଧନ କଲେ । ଆରେ ତୋ ଘର ରାମେଶ୍ୱର ମତେ କହିନୁ । ମୁଁ ପରା ତୁମ ଗାଁ ସ୍କୁଲରେ ପଢୁଥିଲି । ତୁ ନବ ନା ଙ୍କ ପୁଅ ସେ କଥା ମୋତେ ଆଗରୁ କହୁନୁ । ମୁଁ ପରା ଜାନକୀ ବାବୁଙ୍କ ସାଙ୍ଗରେ ପଢୁଥିଲି । ଇତ୍ୟାଦି ଇତ୍ୟାଦି ଅନେକ କଥା ସେ ଅନେକ ଦିନରୁ ଆତ୍ମୀୟତା ଥିବା ପରି ବଖାଣି ଦେଇଗଲେ । ମୋତେ ସେତେବେଳକୁ ପ୍ରବଳ ଭୋକ ହେଲାଣି । ଦିନ ଆସି ୧୦ଟା ବାଜିଲାଣି । ତାଙ୍କ ଟେପ୍ ବନ୍ଦ ହେବାର ନା ନାହିଁ । କଣ କରିବି ? ହଠାତ୍ ସେ ଉଚ୍ଛଳତାରେ ପୂର୍ଣ୍ଣଚ୍ଛେଦ ପକାଇ ସେ S.I. ଙ୍କୁ ଡ଼ାକ ପକାଇଲେ । S.I. ଆସିଲେ ଆଦେଶ ଦେଲେ " ସେ ଶଳାକୁ ଆଗ ବୁହେ ପିଟି ହାତ ଗୋଡ଼ ଭାଙ୍ଗି ଦିଅ । ଶଳା କାହାକୁ ଧମକାଇଛି ସେ ଜାଣି ନାହିଁ । ଶଳା ଆଜି ବୁଦ୍ଧି ଶିଖୁ ।" S.I. ଅତ୍ୟନ୍ତ ଥଣ୍ଡା ଲୋକ । ମୋ ସହିତ କଥାବାର୍ତ୍ତା ପରେ ମୋ ଯୁକ୍ତିର ସାରବତା ବୁଝି କଥାଟିର ସମାଧାନ କରିବା ପାଇଁ ସେ ପ୍ରସ୍ତୁତ ହୋଇ ଥାଆନ୍ତି । ମୁଁ ଦେଖିଲି, ମାଡ଼ପିଟ କଲେ କଥା ପୁଣି ଗୋଳିଆ ଧରିବ । ମୁଁ ଙ୍କୁ ଏପରି ନକରିବାକୁ ଅନୁରୋଧ କଲି ଏବଂ ବୁଝାଇ କହିଲି ଯେ, "କାଲି ଆପଣ ନଥିବେ ଆଉ ସେ ପିଲା ହିଁ କଟକରେ ରହିବ । ମାଡ଼ ଖାଇ ରାଗ ରଖି ସେ ଯଦି ମୋ ବ୍ୟବସାୟକୁ ଆଉ ଥରେ ଆକ୍ରମଣ କରେ ମୁଁ କେତେଥର ଥାନାକୁ ଦୌଡ଼ିବି । ମୁଁ ପ୍ରତିଶୋଧ ଚାହୁଁନି । ମୁଁ ଚାହୁଁଛି ବ୍ୟବସାୟ କିପରି ନିରାପଦରେ କରିବି । ସେଥିପାଇଁ ମୋର ଅନୁରୋଧ ତାର ଅଭିଭାବକଙ୍କ ଉପସ୍ଥିତିରେ ତାଠାରୁ

Digitized by PPRACHIN, SOA

କିଛି ଲେଖା ନେଇ ତାକୁ ଛାଡ଼ି ଦିଅନ୍ତୁ । ଭଦ୍ରଲୋକ ମୋ ଅବସ୍ଥା ବୁଝିଲେ । ସେହି ଅନୁସାରେ S.I. ଙ୍କୁ ନିର୍ଦ୍ଦେଶ ଦେଲେ । ପ୍ରକୃତରେ S.I., Inspector ଆସିବା ପୂର୍ବରୁ ତା'ର ଅଭିଭାବକ ତଥା ତାଠାରୁ ଗୋଟାଏ କାଗଜରେ ଲେଖାଇ ନେଇଥିଲେ । ସେଇଟି O I C ଙ୍କୁ ଦେଖାଇଲେ । ସେ ଅନୁମୋଦନ କଲେ । ଏ ସବୁ ସରିବା ବେଳକୁ ଦିନ ୧୧ଟା ।

ମୁଁ ବର୍ତ୍ତମାନ ଭୁବନେଶ୍ୱର ଫେରିବି । O I C ଙ୍କୁ କୃତଜ୍ଞତା ଜଣାଇ ନମସ୍କାର କରି ଚୌକିରୁ ଉଠିଲି । ମତେ ଦୁଇ ମିନିଟ ଅପେକ୍ଷା କରିବାକୁ କହି S.I. ଙ୍କୁ ଡ଼ାକି କ'ଣ ଚୁପି ଚୁପି କଥା ହେଲେ । ତାପରେ ମୋତେ କହିଲେ "ହଉ ତୋ କାମ ତ ହୋଇଗଲା । ଥାନାର ପାଉଣା ଦେ ।" ମୁଁ ଆକାଶରୁ ଖସି ପଡ଼ିଲି । ଘଡ଼ିକ ତଳର ରୂପ ସହିତ ଏ ରୂପର କିଛି ସାମଞ୍ଜସ୍ୟ ଦେଖି ପାରିଲି ନାହିଁ । ମୋ ବିସ୍ମୟ ମୋଚନ କରି ସେ କହିଲେ, "ଆରେ ଗଉଡ଼ ଯେପରି କ୍ଷୀରରେ ଟୋପାଏ ହେଉବି ପାଣି ମିଶାଇବାକୁ ବାଧ୍ୟ, ନହେଲେ ତା'ର ଅଧର୍ମ ହେବ । ଆମ କଥା ବି ସେହିପରି । ଆମେ ଥାନାକୁ ଆସିଥିଲେ ନିଜ ପୁଅଠାରୁ ବି ପାଉଣା ନେବୁ । ନହେଲେ ଆମଠାରୁ ଲକ୍ଷ୍ମୀ ଛାଡ଼ି ଯିବେ । ତାପରେ କାଲି ନୂଆ ବର୍ଷ । ଆମର ପେଟପାଟଣା ଅଛି ନା ନାହିଁ ।" ଅଗତ୍ୟା ମୁହଁରେ ହସ ଫୁଟାଇ ୨୦୦ଟି ଟଙ୍କା କାଢ଼ି ଦେଲି । ସେତିକିରେ ସନ୍ତୁଷ୍ଟ ନହୋଇ ଆଉ ୧୦୦ ଟଙ୍କା ମାଗିଲେ ଆଉ ତା ମଧ୍ୟ ଦେଲି । ସେତକ ନେଇ ଅତ୍ୟନ୍ତ ଆତ୍ମୀୟତା ଭରା କଣ୍ଠରେ କହିଲେ "ତୁ ତ ଆମ ନିଜ ଲୋକ । ଠିକ୍ ଅଛି ଯାହା ଦେଲୁ ସେତିକିରେ ଚଳାଇ ନେବା ।" ଆଉ ଡ଼େରି ନକରି ଯଥା ଶୀଘ୍ର ଚୌକିରୁ ଉଠି ମଟର ସାଇକେଲ ଧରି ଭୁବନେଶ୍ୱର ପଳାଇ ଆସିଲି ।

"ପାଉଣା ନନେଲେ ଲକ୍ଷ୍ମୀ ଛାଡ଼ିଯିବେ । ଆମେ ଆମ ପୁଅଠାରୁ ମଧ୍ୟ ପାଉଣା ନେବୁ ।" ଏତକ କଥା ମୋ ମନରେ ଗାର ହୋଇ ରହିଗଲା । ଏଇତକ କଥାବାର୍ତ୍ତା କାର୍ଯ୍ୟ କଳାପରୁ ସେ ଭଦ୍ରଲୋକଙ୍କର ସଂସ୍କାର, ଚରିତ୍ର ଏସବୁ ବୁଝିବାରେ କିଛି ଅସୁବିଧା ନାହିଁ । ତାଙ୍କୁ ଲକ୍ଷ୍ମୀ କିପରି ଛାଡ଼ିଲେ ସେ କଥା କହେ । କିପରି ସେ ଆପଣା କର୍ମର ଫଳ ଏଇ ଜନ୍ମରେ ହିଁ ହାତେ ହାତେ ପାଇଲେ । ପ୍ରାୟ ୩/୪ ବର୍ଷ ପରର କଥା । ମୁଁ ଦିନେ ସନ୍ଧ୍ୟାରେ ଲକ୍ଷ୍ମୀସାଗରରେ ମୋର ଥିବା ଛୋଟ ଘରଟିର ବାଲ୍‌କୋନିରେ ବସିଛି । ସେ ମହାଶୟ ଖୋଜି ଖୋଜି ମୋ ପାଖରେ ଆସି ପହଞ୍ଚିଲେ । ତାଙ୍କୁ ଦେଖି ହଠାତ୍ ଚିହ୍ନି ପାରିଲି ନାହିଁ । ଜଣେ ମାତ୍ର ୩/୪ ବର୍ଷ ଭିତରେ ଏପରି ପତ୍ର ଝଡ଼ା ଦେଇପାରେ ତାହା ମୁଁ ବିଶ୍ୱାସ କରିପାରିଲି

Digitized by PPRACHIN, SOA

ନାହିଁ। ପୋଲିସ ପୋଷାକ ନାହିଁ। ସେ ଦୃପ୍ତ ଠାଣୀ ନାହିଁ। ସେ ଭାଷା ବି ନାହିଁ। ଆଜି ସେ ଅତ୍ୟନ୍ତ ଅସହାୟ ହୋଇ କୌଣସି ବେସରକାରୀ ସଂସ୍ଥାରେ କିଛି ଚାକିରିଟିଏ ଖୋଜୁଛନ୍ତି। ଚାକିରି ସମୟର କିଛି ଗଣ୍ଡଗୋଳିଆ କାମ ପାଇଁ ତାଙ୍କର ପ୍ରାପ୍ୟ ଆଉ ପେନ୍‌ସନ୍ ମିଳିବାରେ ଡ଼େରି ହେଉଛି। ଅବସରପରେ ପୁଅ ସମସ୍ତ ସମ୍ପତ୍ତି ନେବା ପରେ ତାଙ୍କୁ ଘରୁ ବାହାର କରି ଦେଇଛି। ବର୍ତ୍ତମାନ ଚଳିବା ପାଇଁ ମଧ୍ୟ ତାଙ୍କର ଅସୁବିଧା। ମୋତେ ସାମାନ୍ୟତମ ଦୁଃଖ ଲାଗିଲା ନାହିଁ। କୌଣସି ସହାନୁଭୂତି ଆସିଲା ନାହିଁ। ମନେକଲି ଲକ୍ଷ୍ମୀ ବୋଧେ ଏହିପରି ଛାଡ଼ି ଚାଲି ଯାଆନ୍ତି।

କେବଳ ଯେ ସଂସାର ଏହିପରି ଲୋକମାନଙ୍କରେ ଭରପୂର ତା ନୁହେଁ। କଦାପି ନୁହେଁ। ତା ହୋଇଥିଲେ ସଂସାର କେବେଠାରୁ ଲୋପ ପାଇ ସାରନ୍ତାଣି। ଏ ସଙ୍କ୍ରାନ୍ତରେ ମୋର ଗୋଟିଏ ଛୋଟିଆ ଅନୁଭୂତି ବର୍ଣ୍ଣନା କରୁଛି।

ଗାଈ, କୁକୁଡ଼ା ଦାନା ଉତ୍ପାଦନ ପାଇଁ କାରଖାନା ବସାଇବାର ପ୍ରଥମ ଅବସ୍ଥାର କଥା। ବିକ୍ରି ଦାୟିତ୍ୱ ମୋ ଉପରେ। କୌଣସି ପ୍ରକାରେ ବିକ୍ରି ବଢ଼ାଇବା ପାଇଁ ମୋର ପ୍ରାଣ ମୂର୍ଚ୍ଛା ଉଦ୍ୟମ। ସେତେବେଳେ ଓ.ୟୁ.ଏ.ଟି.ର ଗୋଟିଏ ଛୋଟିଆ କୁକୁଡ଼ା ଫାର୍ମ ଥାଏ। ସେଇଟି ଭେଟେନାରୀ କଲେଜ ତତ୍ତ୍ୱାବଧାନରେ, ସେମାନଙ୍କର ନିଜର ଶିକ୍ଷା ତଥା ପରୀକ୍ଷା ପାଇଁ ଥାଏ। ସରକାରୀ କଳରେ ଯେପରି ହେବା କଥା ତାହାହିଁ ଘଟୁଥାଏ। କେଉଁଦିନ କୁକୁଡ଼ା ଦାନା ଖାଇଲେଣି ତ କେଉଁଦିନ ଦାନା ନାହିଁ। ସେମାନେ ନିଜେ ଦାନା ତିଆରି କରୁଥାଆନ୍ତି। ମାତ୍ର ଛୋଟିଆ ଫାର୍ମ ହେତୁ କଞ୍ଚାମାଲ ଅଳ୍ପ ପରିମାଣରେ ଆବଶ୍ୟକ ହେଉଥିବା ହେତୁ ସବୁ କିଛି ସ୍ଥାନୀୟ ବଜାରରୁ ଆଣୁ ଥାଆନ୍ତି। ଫଳରେ ଯାହା ଅବଶମ୍ଭାବି ତାହାହିଁ ହେଉଥାଏ। କେଉଁ ଦିନ ପିଡ଼ିଆ ନାହିଁ ତ କେଉଁ ଦିନ ଶୁଖୁଆ ନାହିଁ। ଏ ସବୁର ଅସୁବିଧା କୁକୁଡ଼ା ବାପୁଡ଼ା ବୁଝେ ନାହିଁ। ତେଣୁ ଠିକ୍ ସମୟରେ ଠିକ୍ ଦାନା ନପାଇ ସେ ଅଣ୍ଡା ଦିଏ ନାହିଁ। ଏଥିରେ ପିଲାଏ କ'ଣ ବା ସେ ଫାର୍ମକୁ ଆଦର୍ଶ କରି ଶିଖିବେ।

ଏସବୁ ଖବର ଟିକିନିଖି ବୁଝିବା ପରେ ମୁଁ ଯାଇ ଦାୟିତ୍ୱରେ ଥିବା ଡ଼ାକ୍ତର ଅଧ୍ୟାପକଙ୍କୁ ଦେଖା କଲି। ସ୍ଥାନୀୟ ବଜାରରୁ ଅସୁବିଧା ସମୟରେ ଦୈନିକ ଭିତିରେ କଞ୍ଚାମାଲ କିଣିବା ଦ୍ୱାରା ଅଧିକ ଖର୍ଚ୍ଚ ପଡୁଛି। ଆଉ କୁକୁଡ଼ା ମଧ୍ୟ ଠିକ୍ ମାନର ଦାନା ଠିକ୍ ସମୟରେ ପାଉ ନାହାନ୍ତି। ଏସବୁ ଡ଼ାକ୍ତରଙ୍କୁ ବୁଝାଇ ମୋଠାରୁ ସୁଷମ ଦାନା ନେବା ପାଇଁ ଅନୁରୋଧ କଲି। ଭଦ୍ରଲୋକ ବୁଝିଲେ ଏବଂ ଏପରି ହେଲେ ତାଙ୍କର ଅନେକ ମୁଣ୍ଡ ବ୍ୟଥା କମିଯିବ ବୋଲି ମଧ୍ୟ କହିଲେ। ଏ

Digitized by PPRACHIN, SOA

ବ୍ୟାପରରେ ଶେଷ ନିଷ୍ପତ୍ତି ନେବା ତାଙ୍କ ପରିସରର ଉର୍ଦ୍ଧ୍ୱରେ । ମାତ୍ର ସେ ଏ ପ୍ରସ୍ତାବଟି ଉପରକୁ ପଠାଇଲେ । ଉପରୁ ଅନୁମୋଦନ ମଧ୍ୟ ଆସିଗଲା । ମୋତେ ଏ ବ୍ୟାପାରରେ ପ୍ରାୟ ଅନେକ ଥର ସେଠାକୁ ଦୌଡ଼ିବାକୁ ହୋଇଛି । ବର୍ତ୍ତମାନ ଦାନା କିଣିବା ପାଇଁ ସେମାନେ ଚିଠିଟିଏ ଦେବେ । ସେଇଟି ଯେଉଁ ବିଭାଗରୁ ଆସିବ ତାର ମୁଖ୍ୟ ଜଣେ ବଡ଼ବାବୁ । ତାଙ୍କର ପୁରା ନାମ ମୋର ମନେ ନାହିଁ । ସ୍ୱାଇଁ ବାବୁ । ତାଙ୍କୁ ଯାଇ ଥରେ ଦୁଇଥର ଦେଖା କଲି । ହଁ କରିବା, କହି ଟାଳଟୁଳ ନୀତି ଧରୁ ଥାଆନ୍ତି । ଏହାର କାରଣ ମଧ୍ୟ ମୋତେ ଅଛପା ନଥାଏ । ସ୍ଥାନୀୟ ବଜାରରୁ ଖୁଚୁରା ଜିନିଷ କିଣିଲେ ସେଥିରେ ହାତ ଚିକ୍କଣର ଅନେକ ସୁବିଧା । ଦରରେ ଏବଂ ଓଜନରେ । ମାତ୍ର ଏ ସୁକ୍ଷମ ଦାନା କିଣା ଗଲେ କୁକୁଡ଼ାଙ୍କର ହୁଏତ ଲାଭ ହେବ ମାତ୍ର ସ୍ୱାଇଁ ବାବୁ କ୍ଷତିଗ୍ରସ୍ତ ହେବେ । ଆଉ ପର୍ଚେଜ ଅର୍ଡ଼ର କୁକୁଡ଼ା ତ ଦେବେ ନାହିଁ । ସ୍ୱାଇଁ ବାବୁ ହିଁ ଦେବେ । ଏ ସମସ୍ୟା ଜଣେ ଶିଳ୍ପୋଦ୍ୟୋଗୀ ପାଇଁ ନୂଆ ନୁହେଁ । ତୁମ ଦାନା ଯୋଗାଣରେ ଯଦି ସ୍ୱାଇଁ ବାବୁଙ୍କ ସ୍ୱାର୍ଥ ପୁରଣ ହୋଇ ପାରିଲା ତେବେ ଠିକ୍ । ଯଦି ତା ନହେଲା ଆକାଶ ଛିଣ୍ଡି ପଡ଼ିବ । ଏଠାରେ ଉପରୁ ଧରାଧରି କିଛି କାମ ଦେବନି । ସେପରି ହେଲେ ଫାଇଲ ହଜିଯିବ । ଅର୍ଡ଼ର ଦେବାକୁ ସମୟ ଅଭାବ ହେବ ଏପରି ଅନେକ କଥା । ଏସବୁ ଜାଣି ମୁଁ ଏହାର ବ୍ୟବସ୍ଥା ପାଇଁ ପ୍ରତିଶ୍ରୁତି ଦେଲି । ଆଉ କୌଣସି ଅସୁବିଧା ହେବନାହିଁ ବୋଲି ସ୍ୱାଇଁବାବୁଙ୍କଠାରୁ ପ୍ରତିଶ୍ରୁତି ପାଇଲି । ମାତ୍ର ଚିଠିଟି ଏ ପର୍ଯ୍ୟନ୍ତ ପାଉ ନଥାଏ । ବାରମ୍ବାର ସ୍ୱାଇଁ ବାବୁଙ୍କ ପାଖକୁ ଯାଉଥାଏ । ବର୍ତ୍ତମାନ ତାଙ୍କ ଅଫିସ ନଯାଇ ମୁଁ ତାଙ୍କ ବସାକୁ ଗଲି ଏବଂ ଖାଲି ହାତରେ ଯିବା ଅତ୍ୟନ୍ତ ଅଭଦ୍ରାମୀ । ଅତ୍ୟନ୍ତ ସୌହାଦ୍ୟପୂର୍ଣ୍ଣ ସମ୍ଭାଷଣ । ହସହସ କଥାବାର୍ତ୍ତା । ମାତ୍ର ଫାଇଲ ଘୁଞ୍ଚୁ ନଥାଏ । ତାହାର କାରଣ ଏହିପରି । ସ୍ୱାଇଁ ବାବୁ ଜାଣିଗଲେ ଯେ ତାଙ୍କର ସ୍ୱାର୍ଥ ସୁରକ୍ଷିତ । ମାତ୍ର ତାହା ଦାନା ଯୋଗାଣ ଆଉ ବିଲ ପେମେଣ୍ଟ ସମୟରେ । ତା ପୂର୍ବରୁ ଯାହା କିଛି ମିଳୁଛି ସେଗୁଡ଼ିକ ବୋନସ । ଥରେ କାମ ସରିଗଲେ ତାଙ୍କ ପର୍ସେଣ୍ଟେଜ ସିନା ମିଳିବ । ବୋନସ ଆଉ ମିଳିବ ନାହିଁ । ତେଣୁ ଯେତେ ସମ୍ଭବ ବୋନସ ପାଇବା ପାଇଁ, ଅର୍ଡ଼ର ପ୍ରଦାନ ବିଭିନ୍ନ ଆଳରେ ଗଡ଼ାଇ ଦିଆଯାଉଥାଏ । ଅଫିସରମାନଙ୍କର ଏହା ବହୁ ପରିକ୍ଷିତ ଅବ୍ୟର୍ଥ ଅସ୍ତ୍ର । ମୋର ୨/୪ ଥର ଯିବା ଏବଂ ବୋନସ ପ୍ରଦାନ ପରେ ତାଙ୍କ କଲମ ଚଳିଲା । ବର୍ତ୍ତମାନ ଅର୍ଡ଼ର ଫାଇଲଟି ତାଙ୍କ ଅଫିସର ଜଣେ ଟାଇପିଷ୍ଟ/କିରାଣୀ ଅଲିବାବୁଙ୍କ ଟେବୁଲକୁ ଗଲା । ତାଙ୍କର କାମ ହେଲା, ଚିଠିଟି ଟାଇପ କରିବେ, ସ୍ୱାଇଁ ବାବୁଙ୍କଠାରୁ ଦସ୍ତଖତ କରାଇବେ ଆଉ ଖାତାରେ ଚଢ଼ାଇ ଚିଠିଟି ମୋତେ ଦେବେ । ସେ ତାଙ୍କ କାମତକ ଠିକ୍ ସମୟରେ ଗୋଟିକ

Digitized by PPRACHIN, SOA

ପରେ ଗୋଟିଏ କରି ପକାଇଲେ। ଚିଠିଟି ତାଙ୍କଠାରୁ ଆଣିବା ବେଳେ ଅଲି ବାବୁଙ୍କୁ ସମସ୍ତ ସଙ୍କୋଚର ସହ ସାମାନ୍ୟ କିଛି ଯାଚିଲି। ସେ ଭଦ୍ର ଲୋକ ମତେ କେବେ କିଛି ମାଗି ନାହାନ୍ତି କି ସେଥିପାଇଁ କୌଣସି ସୂଚନା ଦେଇ ନାହାନ୍ତି। ମାତ୍ର ମୋର ପୂର୍ବ ଅନୁଭୂତି ତଥା ପ୍ରଚଳିତ ପରମ୍ପରାରୁ ମୁଁ ତାଙ୍କୁ ଯାଚିବା ଉଚିତ୍ ମନେ କଲି। ଆଉ ତାଙ୍କର ପ୍ରତିକ୍ରିୟା ମୋତେ ଆଶ୍ଚର୍ଯ୍ୟ କରି ଦେଲା।

ସେ ଅତ୍ୟନ୍ତ ଶାନ୍ତ ସ୍ୱରରେ ଅନିଚ୍ଛା ପ୍ରକାଶ କଲେ। ମୁଁ ଭାବିଲି ବୋଧହୁଏ ପରିମାଣ ନଗଣ୍ୟ ହେତୁ ଏ ବୈରାଗ୍ୟ। ମାତ୍ର ମୋର ଗଣନା ସମ୍ପୂର୍ଣ୍ଣ ଭୁଲ ଥିଲା। ସେ ଅତ୍ୟନ୍ତ ଦୁଃଖିତ ହୋଇ ହାତ ଯୋଡ଼ି ମୋତେ ନିବାରଣ କଲେ। "ଆଜ୍ଞା ମୋ ଦରମା ଗଣ୍ଡାକ ଭଲ ତ ମୁଁ ଭଲ। ଆଉ ଏ ପ୍ରକାର ପଇସା ହେଉଛି ହାରାମୀ ପଇସା। ଆଲ୍ଲାଙ୍କ ପାଖରେ ମୁଁ ଦୋଷୀ ହୋଇ ପାରିବି ନାହିଁ। ମୋତେ କ୍ଷମା କରନ୍ତୁ।" ଭଦ୍ରଲୋକଙ୍କର ବୟସ ବେଶି ହେବନି ଯୁବକ ବୟସ। ଏତକ କହିବା ବେଳେ ତାଙ୍କ ସ୍ୱରରେ ଗର୍ବ ବା ଅହଂକାରର ଚିହ୍ନ ନଥିଲା। ମୋର ମନେ ହେଲା ଏ ସାଧୁତା ତାଙ୍କ ପାଇଁ ନିୟମିତ ବ୍ୟାପାର। ଜନ୍ମ ଜନ୍ମର ସଂସ୍କାରର ଫଳ। ତାଙ୍କର ଦୈନନ୍ଦିନ କାର୍ଯ୍ୟ କଳାପ, ଚିନ୍ତା ଭିତରକୁ ଏ କୁତ୍ସିତ ଚିନ୍ତା, ଅଭ୍ୟାସମାନେ ଅନୁପ୍ରବେଶ କରି ପାରି ନାହାନ୍ତି। ତାଙ୍କ ପାଖରେ ମୋ ମୁଣ୍ଡ ନଇଁ ଗଲା। ମୁଁ ସେଇଠି ହୃଦୟଙ୍ଗମ କଲି ବୋଧେ ଅନେକ ସ୍ୱାଇଁ ବାବୁଙ୍କ ସତ୍ତ୍ୱେ ଏ ସଂସାର ତିଷ୍ଠି ରହିଛି ଏହିପରି ଜଣେ ଜଣେ ନିର୍ବିକାର, ସଦାଚାରୀ ଅଲି ବାବୁମାନଙ୍କ ପାଇଁ। ମାତ୍ର ଦୁଃଖର ବିଷୟ କ୍ରମେ ଅଲୀ ବାବୁମାନେ ଏ ଧରାରୁ ନିଶ୍ଚିହ୍ନ ହେଉଛନ୍ତି ଆଉ ସେହି ଅନୁପାତରେ ସ୍ୱାଇଁ ବାବୁମାନେ ଚକ୍ରବୃଦ୍ଧି ହାରରେ ବୃଦ୍ଧି ପାଉଛନ୍ତି।

ଉଠ୍‌ପଡ଼୍ ହୋଇ ବ୍ୟବସାୟ ଚାଲିବା ଭିତରେ ଅନେକ ଅନେକ ପ୍ରକାର ଉଭୟ ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିର ସାମନା କରିବାକୁ ହୋଇଛି। ଅନେକ ଅଫିସର ଆଗେଇ ଆସି ସାହାଯ୍ୟ କରିଛନ୍ତି। ତାଠାରୁ ଅଧିକ ଅଫିସର୍ କାମଟି ନହୋଇ ପାରିବା ପାଇଁ ଯାହା କିଛି ଦରକାର ତାସବୁ କରିଛନ୍ତି ଏବଂ ଅତ୍ୟନ୍ତ ଉତ୍ସାହର ସହ ଅମଲାତାନ୍ତ୍ରିକ ଚତୁରତାର ସହ ଏସବୁ କରିଛନ୍ତି। ଆଜି ଏତେ ଦିନ ପରେ ମୋର କାହା ପ୍ରତି କିଛି ଅଭିଯୋଗ ନାହିଁ। ମାତ୍ର ସେତେବେଳେ ଯେଉଁପରି କ୍ଷତ, ବିକ୍ଷତ ଓ ରକ୍ତାକ୍ତ ହୋଇଥିଲି, ସେ ସବୁ ମନରୁ ଆଜି ମଧ୍ୟ ଯାଉ ନାହିଁ। କେତୋଟି ଘଟଣା ଏଠାରେ ବର୍ଣ୍ଣନା କରିବା ପ୍ରାସଂଗିକ ହେବ ବୋଲି ମନେ କରୁଛି।

Digitized by PPRACHIN, SOA

ଗାଈ ଓ କୁକୁଡ଼ା ଦାନା ଉତ୍ପାଦନ ସମୟର କଥା (୭୦ ଦଶକ ହେବ)। ଆମର ସି.ସି.ଆକାଉଣ୍ଟ. ବ୍ୟାଙ୍କ ଅଫ୍ ଇଣ୍ଡିଆର ୟୁନିଟ୍ -୨ (ବାଟା ଦୋକାନ ପାଖ) ଶାଖାରେ ଥାଏ। ସେତେବେଳେ ବ୍ୟାଙ୍କ ମାନଙ୍କରେ ଚରମ ଅବ୍ୟବସ୍ଥା ରାଜୁତି କରୁଥାଏ। ବ୍ୟାଙ୍କ ଜାତୀୟକରଣ ଅନେକ ଦିନରୁ ହୋଇ ସାରିଥାଏ। ଆଉ ବ୍ୟାଙ୍କର ୟୁନିଅନ୍ ଗୁଡ଼ିକ ଅମାପ ପ୍ରଭାବଶାଳୀ ହୋଇ ବ୍ୟାଙ୍କ ବ୍ୟବସ୍ଥାକୁ ଏକ ପ୍ରକାର ପଙ୍ଗୁ ଅବସ୍ଥାକୁ ନେଇ ଆସିଥାଆନ୍ତି। ମନହେଲେ କାମ କରିବେ ନହେଲେ କାମ କରିବେ ନାହିଁ। ସେଥିପାଇଁ ଯେ କୌଣସି ବାହାନା ହେଲେ ଚଳିବ। ବ୍ୟାଙ୍କ ମ୍ୟାନେଜରଙ୍କର କିଛି ବୋଲି କିଛି ନିୟନ୍ତ୍ରଣ ସେମାନଙ୍କ ଉପରେ ନଥାଏ। କ୍ଲର୍କ (ତୃତୀୟ ଶ୍ରେଣୀ) କର୍ମଚାରୀଙ୍କ ମର୍ଜିରେ ହିଁ ବ୍ୟାଙ୍କ ଚାଲୁଥାଏ।

ଦିନେ ବ୍ୟାଙ୍କରୁ କିଛି ଟଙ୍କା ଉଠାଇବା ପାଇଁ ତଥା ସି.ସି. ଆକାଉଣ୍ଟରେ କିଛି ଜମା ଦେବା ପାଇଁ ମୁଁ ପ୍ରାୟ ୧୦.୩୦ରେ ବ୍ୟାଙ୍କରେ ପହଞ୍ଚିଲି। ଦୁର୍ଭାଗ୍ୟକୁ ସେତେବେଳେ ବିଦ୍ୟୁତ ସରବରାହ ବନ୍ଦଥିଲା। ବିଦ୍ୟୁତ ସରବରାହର ଅନିୟମିତତା ସେତେବେଳେ ଏକ ସାଧାରଣ ଘଟଣା ଥିଲା। ତେଣୁ ଅନେକ ବ୍ୟାଙ୍କ ଜେନେରେଟର ରଖି କାମ ଚଳାନ୍ତି।

ସେଦିନ ବିଦ୍ୟୁତ ତ ନଥିଲା। ଜେନେରେଟର ମଧ୍ୟ କିଛି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଚାଲିପାରୁନଥାଏ। ଗ୍ରାହକମାନେ ଜମା, ଉଠାଣ କାଉଣ୍ଟର ପାଖରେ ଠିଆ ହୋଇ ଗରମରେ ସିଝୁ ଥାଆନ୍ତି। ମୁଁ ଯାଇ କାଉଣ୍ଟର ଖୋପ ଭିତରକୁ ଦେଖେ ଯେ ଜଣେ କର୍ମଚାରୀ, କୁଣ୍ଟୁ ବାବୁ ବସିଛନ୍ତି ମାତ୍ର ଟଙ୍କା ଦେବାନେବା କରୁନାହାନ୍ତି। ମୁଁ ପଚାରିଲି କୁଣ୍ଟୁ ବାବୁ କ'ଣ ହେଲା, ଟିକିଏ ହାତ ଚଞ୍ଚଳ କରନ୍ତୁ। ମାତ୍ର ମୁଁ ସେତେବେଳକୁ ଜାଣି ନଥାଏ ଯେ ବିଦ୍ୟୁତ ନଥିବାରୁ ସେ ମୂଳରୁ ହିଁ କାମ ବନ୍ଦ କରି ଦେଇଛନ୍ତି। ହାତ ଚଞ୍ଚଳ କରିବା ତ ବହୁତ ଦୂରର କଥା।

ଗ୍ରାହକମାନଙ୍କ ସଂଖ୍ୟା ବଢୁଥାଏ ତା ସହିତ ପରିବେଶ ଅତ୍ୟନ୍ତ ଅସ୍ୱସ୍ତିକର ହୋଇ ଉଠୁଥାଏ। ଜମିଥିବା ଲୋକମାନେ ସ୍ୱାଭାବିକ ଭାବରେ ବ୍ୟାଙ୍କର କାର୍ଯ୍ୟ ଧାରା, କର୍ମଚାରୀମାନଙ୍କର ମନମୁଖୀ କାର୍ଯ୍ୟ କଳାପ ନେଇ ନିଜ ଭିତରେ ଆଲୋଚନା କରୁଥାଆନ୍ତି। ବିଭିନ୍ନ ଅରୁଚିକର ମନ୍ତବ୍ୟ ମଧ୍ୟ ଆସୁଥାଏ। ମାତ୍ର କୁଣ୍ଟୁ ବାବୁଙ୍କର ସେଥିପ୍ରତି ଖାତିର ନଥାଏ। ବିଦ୍ୟୁତ ନଥିବାରୁ ଗରମରେ ସେ କିପରି ଅତିଷ୍ଠ ତାହା ପ୍ରତିପାଦନ କରିବାକୁ ଜାମାଟି ତ ଆଗରୁ କାଢ଼ି ଦେଇଥିଲେ, ବର୍ତ୍ତମାନ ଗଞ୍ଜିଟି କାଢ଼ିଦେଲେ। ପେଣ୍ଟଟି ଓହ୍ଲାଇ ପକାଇ, ଅଣ୍ଡରୱେୟାରଟି ପିନ୍ଧି ଜାଲିଘେର କାଉଣ୍ଟର ଭିତରେ ବସି ଗଞ୍ଜିଟି ହାତରେ ବୁଲାଇ ନିଜକୁ ବିଞ୍ଚିବାକୁ

Digitized by PPRACHIN, SOA

ଲାଗିଲେ । ଗ୍ରାହକମାନଙ୍କ ଅସୁବିଧା ପାଇଁ ତ ତାଙ୍କର ଚିନ୍ତା ନଥାଏ ମାତ୍ର ତାଙ୍କ ମୁଖମଣ୍ଡଳରେ ଖେଳୁଥାଏ ଗୋଟାଏ ସରୁ ମୁଚୁକୁନ୍ଦିଆ ହସ ଗ୍ରାହକ ଆଉ ଗ୍ରାହକ ସେବା ପରି ଏକ ଅବାନ୍ତର ବ୍ୟବସ୍ଥା ପାଇଁ ତାଚ୍ଛଲ୍ୟ ସେଥିରୁ ବାରି ହୋଇ ପଡୁଥାଏ । ସେ ନିଜେ ପୁଣି ବ୍ୟାଙ୍କର ଅଣ ଅଫିସର ସଂଘର ଗୋଟାଏ ବଡ଼ ମୁଣ୍ଡି । ଏସବୁ ଡ୍ରାମା କରି ସେ ବାହାରକୁ ଦେଖାଇବାକୁ ଚାହୁଁଥାଆନ୍ତି ଯେ ମୁଁ ଏପରି କରିଲେ ମଧ୍ୟ ବ୍ୟାଙ୍କ ମ୍ୟାନେଜର ମୋର ବାଳ ବଙ୍କା କରିପାରିବେ ନାହିଁ । କେହି କିଛି କରିପାରିବେ ନାହିଁ । ତାଙ୍କର ଏ ଅର୍ଦ୍ଧ ନା ଅର୍ଦ୍ଧ କାହିଁକି ତିନି ଚତୁର୍ଥାଂଶ ଉଲଗ୍ନ ଅବସ୍ଥା ଦେଖି ଜମିଥିବା କିଛି ମହିଳା ଗରାଖଙ୍କ ମୁହଁ ନାଲି ପଡ଼ିଗଲାଣି । ମାତ୍ର ସେଥିପ୍ରତି ତାଙ୍କର ଖାତିର ନଥାଏ । ମୁଁ ଆଉ ସମ୍ଭାଳି ପାରିଲି ନାହିଁ । ସେଇ କାଉଣ୍ଟର ଜାଲି ପାଖରେ ବାହାରପଟୁ ମୁହଁ ରଖି ପଚାରିଲି, "କୁଣ୍ଡୁ ବାବୁ ଏ କି ବେଶ ?" ମୋତେ ଆଉ କିଛି କହିବାକୁ ନଦେଇ ବେଶ୍ ବଡ଼ ପାଟିରେ କହିଲେ, "ଦେଖୁ ନାହାନ୍ତି, ଗରମରେ ବସି ହେଉନି ଆଉ କ'ଣ କରିବି ।" ମୋ ଦେହରେ ନିଆଁ ଲାଗିଗଲା । ମୁଁ ତତୋଧିକ ବଡ଼ ପାଟିରେ କହିଲି, " ହଇରେ ଶଳା, ତୁ କ'ଣ ଲାଟ୍ ସାହେବ । ହଇବେ ତୋ ଘରେ ଲାଇନ୍ କଟୁନି ? ସେତେବେଳେ ତୋ ମାଇକିନିଆ ଲଙ୍ଗଳା ହୋଇ ରାସ୍ତାରେ ଡ଼େଉଁଛି ? ଶଳା ଆମକୁ ଏଠି ତୁ ଦୟା କରୁଛୁ ।" ମୁଁ ଏତେ ଜୋର୍‌ରେ ପାଟି କଲି ଯେ କୁଣ୍ଡୁ ବାବୁ ନିଜେ ତ ହତମ୍ଭବ ହୋଇ ପଡ଼ିଲା, ମ୍ୟାନେଜର ମଧ୍ୟ ତାଙ୍କ ଚାମ୍ବର ଛାଡ଼ି ଦୌଡ଼ି ଆସିଲେ । ମୁଁ ମ୍ୟାନେଜରଙ୍କୁ କହିଲି, "ଏ ଭଦ୍ରଲୋକ ଆଜି ଗ୍ରାହକମାନଙ୍କ ସମ୍ମୁଖରେ,ବିଶେଷ କରି ମହିଳା ଗ୍ରାହକମାନଙ୍କ ସମ୍ମୁଖରେ ଯେପରି ଲୁଗାପଟା ଉତାରି ଅଶୋଭନୀୟ ଆଚରଣ କରିଛନ୍ତି, ଆମେ ତାର ପ୍ରତିବାଦ କରୁଛୁ ଓ ତା'ର ପ୍ରତିକାର ଚାହୁଁଛୁ । ଆପଣ ବର୍ତ୍ତମାନ ଚେୟାରମ୍ୟାନଙ୍କୁ ଲେଖନ୍ତୁ ଏବଂ ଆମେ ମଧ୍ୟ ଉପସ୍ଥିତ ସମସ୍ତ ଗ୍ରାହକ ଅଭିଯୋଗପତ୍ରରେ ଦସ୍ତଖତ କରିବୁ । ଉପସ୍ଥିତ ଥିବା ସମସ୍ତ ଗ୍ରାହକ ଅତ୍ୟନ୍ତ କ୍ଷୁବ୍ଧ ଥିଲେ ଓ ଉତ୍ତେଜିତ ଥିଲେ । ସମସ୍ତେ ଦସ୍ତଖତ ଦେବାକୁ ଆଗେଇ ଆସିଲେ । ମ୍ୟାନେଜର ତ କୁଣ୍ଡୁର ଆଚରଣରେ ଅନେକ ଦିନରୁ କ୍ଷୁବ୍ଧ ମାତ୍ର ଶକ୍ତିହୀନ । ଏ ମଉକା ହାତଛଡ଼ା ନ କରି ସେ ଅଭିଯୋଗ ପତ୍ର ପ୍ରସ୍ତୁତ କରି ଆମର ଦସ୍ତଖତ ନେବାକୁ ପ୍ରସ୍ତୁତ ହେଲେ ।

ବର୍ତ୍ତମାନ କୁଣ୍ଡୁର ମୁଣ୍ଡରେ ଚିନ୍ତା ପଶିଲା । ଦେଖିଲା ତା ଦାଦାଗିରି ଆଉ ଚଳିବ ନାହିଁ । ପୋଷାକ ତ ପିନ୍ଧି ପକାଇଲା । ଅନ୍ୟ କିଛି ସହକର୍ମୀଙ୍କୁ ଧରି ମୋ ସହିତ ଦଫାରଫା କରିବାକୁ ଚାହିଁଲା । ଠିଆ ହୋଇ ନିସର୍ତ୍ତ କ୍ଷମା ପ୍ରାର୍ଥନା କରିବା ପରେ ଏ ଘଟଣାର ପରିସମାପ୍ତି ଘଟିଲା । ଭାଗ୍ୟକୁ ସେତିକି ବେଳକୁ ଲାଇନ୍ ଆସିଗଲା ଆଉ ପଙ୍ଖା ଚାଲିବା ଆରମ୍ଭ ହେଲା ।

Digitized by PPRACHIN, SOA

ଏ ଘଟଣାର ଅଳ୍ପ କିଛି ଦିନପରେ ସେହି ବ୍ୟାଙ୍କରେ ସେଇ ଶାଖାରେ ଆଉ ଏକ ଅପ୍ରିତିକର ପରିସ୍ଥିତିର ସାମନା ମୋତେ କରିବାକୁ ହେଲା। ଆମେ ରେଲ୍‌ରେ କିଛି କଞ୍ଚା ମାଲ ମଗାଇଥାଉ। ୱାଗନ ଆସିବା ମାତ୍ରକେ ଖଲାସ ନକଲେ ଜୋରିମାନା ପଡ଼ିଯାଏ। ଆଉ ଥରେ ଜୋରିମାନା ପଡ଼ିଲେ ୱାଗନରେ ଆଣି ପରିବହନ ଖର୍ଚ୍ଚ କମାଇବାର ପ୍ରଚେଷ୍ଟା ଫସର ଫାଟିଯାଏ। ଏ ସବୁକୁ ଆଖି ଆଗରେ ରଖି ଯେଉଁ ସଂସ୍ଥା ୱାଗନରେ ପଠାଏ ସେ ରେଲୱେ ବୁକିଙ୍ଗ ଡ଼କୁମେଣ୍ଟର ଗୋଟିଏ କପି ବ୍ୟାଙ୍କକୁ ପଠାଇବା ସହିତ ଆମ ପାଖକୁ ମଧ୍ୟ ଫୋନରେ ଖବର ପଠାଏ। ବ୍ୟାଙ୍କକୁ ଡ଼କୁମେଣ୍ଟ ଆସିଗଲେ ଆମକୁ ସେମାନେ ଜଣାଇ ଦିଅନ୍ତି ଆଉ ଆମେ ବିଲ୍‌ର ପରିମାଣ ଇତ୍ୟାଦି ଦେଇ ଡ଼କୁମେଣ୍ଟଟି ଆଣି ଆଉ ସେଇଟି ଦେଖାଇ ରେଳୟାର୍ଡ଼ରୁ ଜିନିଷ ଆଣୁ।

ସାଧାରଣତଃ ପଠାଉଥିବା ସଂସ୍ଥାରୁ ଖବର ପାଇବା ପରେ ଆମକୁ ବାରମ୍ବାର ବ୍ୟାଙ୍କରୁ ଖବର ନେବାକୁ ହୁଏ। ଉଦ୍ଦେଶ୍ୟ ଡ଼କୁମେଣ୍ଟଟି ଠିକ୍ ସମୟରେ ସଂଗ୍ରହ କରି ଜୋରିମାନା ଦେବାରୁ ବର୍ତ୍ତିବା। ଏଥର ମଧ୍ୟ ଆମେ ସେଇଆ କଲୁ। ବାରମ୍ବାର ଆମେ ବ୍ୟାଙ୍କରୁ ଶୁଣିଲୁ ଯେ ଡ଼କୁମେଣ୍ଟ ସେମାନଙ୍କ ପାଖରେ ପହଞ୍ଚି ନାହିଁ। ଷ୍ଟେସନରୁ ବୁଝିଲୁ ଯେ ଦିନେ ଦୁଇ ଦିନ ଭିତରେ ୱାଗନ ଲାଗିଯିବ। ମୋ ମୁଣ୍ଡ ଚକର ଖାଇଲା। ସେ ପାର୍ଟିକୁ ଫୋନରେ ପାଟିତୁଣ୍ଡ କଲି। ସେ ତା'ର ବ୍ୟାଙ୍କ, ଯାହା ଜରୀଆରେ ଆମ ବ୍ୟାଙ୍କକୁ ଡ଼କୁମେଣ୍ଟ ପଠାଇଥିଲା ତାଙ୍କ ସହିତ କଥାବାର୍ତ୍ତା କରି କନଫର୍ମ କଲା ଯେ ଆମର ଭୁବନେଶ୍ୱର ବ୍ୟାଙ୍କ ଡ଼କୁମେଣ୍ଟ ପାଇଛି। ହୁଏତ ହୁଗୁଳାମିରେ ଡ଼କୁମେଣ୍ଟଟି କୋଉଠି ରହିଯାଇଛି ଆଉ ଆମକୁ ସେମାନେ ନାସ୍ତି ବାଚକ କରି ଚାଲିଛନ୍ତି। ୱାଗନ ମଧ୍ୟ ପହଞ୍ଚିଗଲା। ମୁଁ ନିଜେ ଯାଇ ବ୍ୟାଙ୍କ ମ୍ୟାନେଜରଙ୍କୁ ଦେଖା କରି ପ୍ରେରକ ବ୍ୟାଙ୍କର କନଫର୍ମେଶନ ଦେଖାଇଲି। ବର୍ତ୍ତମାନ ବ୍ୟାଙ୍କରେ ଖୋଳତାଡ଼ ପରେ ଡ଼କୁମେଣ୍ଟଟି ବାହାରିଲା। ଯୋଉଠି ସେମାନେ ଡ଼କୁମେଣ୍ଟ ପାଇବା ମାତ୍ରକେ ଆମକୁ ସୂଚନା ଦେବା କଥା ତା ନହୋଇ ଆମେ ବାରମ୍ବାର ପଚାରିବା ସତ୍ତ୍ୱେ ଆମକୁ ନାସ୍ତି ବାଚକ ଶୁଣାଇ ଆସୁଛନ୍ତି। ଆଉ ଏ ହେଲା ଆଉ ଅପାରଗତା ପାଇଁ କାହାରି ଶୋଚନା ମଧ୍ୟ ନାହିଁ। ବର୍ତ୍ତମାନ ଆମ ଉପରେ ଜୋରିମାନା ପଡ଼ିବା ଆରମ୍ଭ ହୋଇଗଲାଣି। ମୁଁ ବ୍ୟାଙ୍କ ମ୍ୟାନେଜରଙ୍କୁ କହିଲି ମୁଁ ଆପଣଙ୍କ ଇଣ୍ଟିମେଶନ ପାଇ ନାହିଁ। ଏଣେ ଡ଼କୁମେଣ୍ଟଟି ଆପଣ ପାଇ ଚୁପ୍‌ଚାପ୍ ବସିଛନ୍ତି, ତଦ୍ୱାରା ଜୋରିମାନା ମୋତେ ଗଣିବାକୁ ହେବ। ଏହା ମୋ ପକ୍ଷରେ ବହନ କରିବା ସମ୍ଭବ ନୁହେଁ। ଯାହା ଜୋରିମାନା ମୁଁ ଦେବି ତାହା ମୋତେ ବ୍ୟାଙ୍କ ଫେରଉ। ଆଉ ତାରିଖ, ସମୟ

Digitized by PPRACHIN, SOA

ପକାଇ ମୋତେ ଡ଼କୁମେଣ୍ଟ ଦିଅନ୍ତୁ। ବର୍ତ୍ତମାନ ବ୍ୟାଙ୍କର ଯେଉଁ କର୍ମଚାରୀ ଏ ବ୍ୟାପାରଟିର ଦାୟୀତ୍ୱରେ ଥିଲେ ତାଙ୍କ ମୁଣ୍ଡକୁ ତେନ୍ତୁଳିଆ ବିଛା କାମୁଡ଼ିଲା। ଏହା ଏକ ଗର୍ହିତ ଅପରାଧ ସେ ମଧ୍ୟ ଜାଣିଛନ୍ତି ଆଉ ମୋର ଅଭିଯୋଗ ଉପରେ ବ୍ୟାଙ୍କର ବଦ୍‌ନାମ ତ ହେବ ସେ କର୍ମଚାରୀଙ୍କ ଚାକିରି ମଧ୍ୟ ଚାଲିଯିବ। କୁଣ୍ଡୁଙ୍କ ଉପାଖ୍ୟାନଠାରୁ ମୋ ପ୍ରତି ସେମାନଙ୍କର ସାମୁହିକ ବିଦ୍ୱେଷ ମୁଁ ଲକ୍ଷ୍ୟ କରିଛି। କୁଣ୍ଡୁ କେଶ୍‌ରେ ଯେହେତୁ ଅନେକ ଗ୍ରାହକ ସମ୍ପୃକ୍ତ ଓ ଉପସ୍ଥିତ ଥିଲେ, ସେଥିପାଇଁ ସେମାନେ କୁଣ୍ଡୁ ପାଇଁ ଆଗକୁ ବାହାରି ପାରିଲେ ନାହିଁ। ମାତ୍ର ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ଅଲଗା। କ୍ଷତିଗ୍ରସ୍ତ ଗ୍ରାହକ ମୁଁ ଜଣେ। ତା ପୁଣି ତାଙ୍କଠାରୁ ଋଣ ନେଇଥିବା ଗ୍ରାହକ। ବର୍ତ୍ତମାନ ମୋତେ ବୁଦ୍ଧି ଶିଖାଇବାର ମଉକା ଉପସ୍ଥିତ ବୋଲି ସେମାନେ ମନେ କଲେ। ଆଉ ଜଣେ ୟୁନିଅନ କର୍ମକର୍ତ୍ତା (କ୍ଲରିକାଲ) ବାହାରିପଡ଼ି ମ୍ୟାନେଜରଙ୍କୁ, ମୋତେ ଶୁଣାଇ ଶୁଣାଇ କହିଲେ ଯେ, "ଯଦି ଆମ ସହକର୍ମି ବିରୁଦ୍ଧରେ ଲିଖିତ ଅଭିଯୋଗ ହୁଏ ଆମେ ସେ ଡ଼କୁମେଣ୍ଟ ବାବଦରେ କୌଣସି କାମ କରିବୁ ନାହିଁ। ତା'ର ଅର୍ଥ ମୁଁ ଡ଼କୁମେଣ୍ଟ ଛଡ଼ାଇ, ରେଳରୁ ଜିନିଷ ନେଇପାରିବି ନାହିଁ।

ମୁଁ ଦେଖିଲି ଅନ୍ୟାୟ ସୀମା ଅତିକ୍ରମ କରୁଛି। ମୁଁ ମ୍ୟାନେଜର ତଥା ଜମା ହୋଇଥିବା ଷ୍ଟାଫଙ୍କୁ ଶୁଣାଇ କହିଲି ଯେ, ମୁଁ ଯଦି ସଙ୍ଗେ ସଙ୍ଗେ ଡ଼କୁମେଣ୍ଟ ନପାଏ, ଆଇନକୁ ମୁଁ ମୋ ହାତକୁ ନେବି। ଏଇଠି ବର୍ତ୍ତମାନଠାରୁ ବ୍ୟାଙ୍କ ଦୁଆରେ ମୁଁ ବସି ରହିଲି। ଯେଉଁ କର୍ମଚାରୀ ମୋ ଡ଼କୁମେଣ୍ଟ ଛଡ଼ାଇବାରେ ବାଧା ଦେବ, ବ୍ୟାଙ୍କ ଛୁଟି ବେଳକୁ ମୁଁ ତା'ର ଗୋଡ଼ ଦୁଇଟି ଭାଙ୍ଗିଦେବି ଆଉ ସେ ଘରକୁ ନଯାଇ ଡ଼ାକ୍ତରଖାନା ଯିବ। ପ୍ରକୃତରେ ମୁଁ ଅତ୍ୟନ୍ତ କ୍ଷୁବ୍‌ଧ ଥିଲି ଆଉ ମୁଁ ଯାହା କହିଲି ତାହା କରିବା ପାଇଁ ପ୍ରସ୍ତୁତ ଥିଲି। ସେମାନେ ମଧ୍ୟ ଭୁବନେଶ୍ୱରରେ ମୋର ପ୍ରତିପତ୍ତି, ଚିହ୍ନା ପରିଚୟ, ଉପରମହଲରେ ସମ୍ପର୍କ ତଥା ସାଙ୍ଗସାଥୀଙ୍କ ବ୍ୟାପାରରେ ଅଚ୍ଛେ ବହୁତ ଜାଣନ୍ତି। ଏତକ ମୁଁ କହିବା ପରେ ଆଉ କେହି ସାହାସ କଲେ ନାହିଁ। ମୋ ଡ଼କୁମେଣ୍ଟ ମୁଁ ପାଇଲି। ରେଳରୁ ଜିନିଷ ଛଡ଼ାଇଲି। ଭାଗ୍ୟକୁ ଢୋରିମାନା କିଛି ପଡ଼ିଲା ନାହିଁ। ଏସବୁ ଥିଲା ମୋ ପାଇଁ ଅତ୍ୟନ୍ତ ଅରୁଚିକର।

ଏପରି ଘଟଣାଟିଏ ଘଟିଲେ ମୁଁ ଅତ୍ୟନ୍ତ ବିମର୍ଷ ହୋଇପଡ଼େ। ଆଉ ଦିନ ଦିନ ଧରି ଉଦାସର ବୋଝ ମନରୁ ଉତାରି ପାରି ନାହିଁ। ବର୍ତ୍ତମାନ ତାହାହିଁ ଘଟିଲା। ଗୋଟାଏ ହୋ ରେ କରିଗଲି ମାତ୍ର ଘରେ ନିରୋଳାରେ ବସି ମୁଁ ନିଜକୁ ପଚାରିଲି ମୁଁ ଇଏ କରୁଛି କ'ଣ? କୁଆଡେ ଗଲା ମୋର ଶିକ୍ଷା ଦୀକ୍ଷା, ସଂସ୍କାର ଆଉ ମୂଲ୍ୟବୋଧ। ମୋର ଗତି କୁଆଡ଼େ। ମୁଁ ଯାହା କରୁଛି ଯଦି ଠିକ୍ କରୁଛି

Digitized by PPRACHIN, SOA

ତେବେ ଏ ବିମର୍ଷ ଭାବ କାହିଁକି ? କାହିଁକି ମୁଁ ଏଥିରୁ ମୁକୁଳି ପାରୁନାହିଁ । କେଉଁଠି ଏହାର ଶେଷ । ଏହିପରି ଅନେକ ଆଗପଛ ପ୍ରଶ୍ନ ଉତ୍ତର ନୀତି ଅନୀତିର ଯୁକ୍ତି ମୋତେ ଏସବୁ ଘଟଣାରେ ଆନ୍ଦୋଳିତ କରେ ଏବଂ ଏଥର ମଧ୍ୟ ତାହାହିଁ ଘଟିଲା । କୁଣ୍ଡୁ ଘଟଣା ଆଉ ଏ ଘଟଣାକୁ ଆଖିବୁଜି ଦେବା ଉଚିତ୍ ହୋଇଥାଆନ୍ତା କି ? ମୋ ଭିତରୁ ମୁଁ ଶୁଣିଲି ନା, ତୁ ଯାହା କରିଛୁ ଠିକ୍ କରିଛୁ । ତା ନକରିଥିଲେ ତୁ ସାମାଜିକ ସ୍ଖଳନକୁ ପ୍ରୋତ୍ସାହନ ଦୋଷରେ ଦୋଷୀ ହୋଇଥାଆନ୍ତୁ ଆଉ ନିଜକୁ ନିଜେ କ୍ଷମା କରିପାରି ନଥାନ୍ତୁ । ଏସବୁକୁ Operational hazard ବୋଲି ଧରିନେ । ମୁଁ ନିଜକୁ ବୁଝାଇଲି । ଏ ବୃତ୍ତି ଯାହା ଉପରେ ମୋର ପରିବାର ତଥା ଆଉ ଅନେକ ପରିବାର ନିର୍ଭରଶୀଳ ତାଙ୍କୁ ବଞ୍ଚାଇବା ମୋର ଦାୟୀତ୍ୱ । ତେଣୁ ମୁଁ ଯାହା କରିଛି ବୃତ୍ତିର ଦାୟରେ କରିଛି । "ବୃତ୍ତି ଏ ମୋ ପୋଷେ କୁଟୁମ୍ବ" ମନରେ ବାରମ୍ବାର ଦୋହରାଇ ନିଜକୁ ସାନ୍ତ୍ୱନା ଦେଲି ।

Digitized by PPRACHIN, SOA

କୁକୁଡ଼ା ଚାଷୀ ସଂଗଠନର ଦାୟୀତ୍ୱ

କୁକୁଡ଼ା ବ୍ୟବସାୟ କ୍ରମେ ଉପଯୁକ୍ତ ପାଣିପାଗ ପାଇଁ ପକ୍ଷ ବିସ୍ତାର କଲା । କେବଳ ମୋ ଫାର୍ମ ନୁହେଁ ଅନେକ ଉତ୍ସାହୀ ଯୁବକ ଏ ବେପାରରେ ପଶିଲେ । ବ୍ୟାଙ୍କମାନେ କ୍ରମେ କୋହଳ ମନୋଭାବ ପ୍ରକାଶ କଲେ । ତଥାପି ମଧ୍ୟ ଅଣ୍ଡା ଉତ୍ପାଦନ ପାଇଁ ଯେଉଁ ପ୍ରକାର କୁକୁଡ଼ା ଫାର୍ମ ଦରକାର, ସେଥିପାଇଁ ବେଶୀ ଉଦ୍ୟୋଗୀ ଆସୁ ନଥାନ୍ତି । ଯଦିଓ ଅଣ୍ଡାର ଚାହିଦା ସେ ସମୟରେ ଓଡ଼ିଶାରେ ପ୍ରାୟ ଦିନକୁ ଥିଲା ପଚାଶ ଲକ୍ଷରୁ ଅଧିକ । ମାତ୍ର ଉତ୍ପାଦନ ହେଉଥିଲା ମାତ୍ର ଦଶ ଲକ୍ଷ ବା ତାଠାରୁ କମ୍ । କାଁ ଭାଁ କେତୋଟି ଫାର୍ମ ଏଠି ସେଠି ଥିଲା ।

ସେ ସମୟରେ ପଶୁପାଳନ ବିଭାଗ ସେକ୍ରେଟାରୀ ହୋଇ ଆସିଲେ ଶ୍ରୀ ଭେନୁଗୋପାଳ, ଆଇ.ଏ.ଏସ୍. । ମହାଶୟ ଅତ୍ୟନ୍ତ ଉତ୍ସାହୀ ପ୍ରଗତିଶୀଳ ମନୋଭାବର ଅଫିସର । ଅଣ୍ଡା ଉତ୍ପାଦନ ବଢ଼ାଇବା ପାଇଁ କ'ଣ କରାଯିବ ସେଥିପାଇଁ ସେ ଏ ଶିଳ୍ପ ସହିତ ସମ୍ପୃକ୍ତ, ଅନେକଙ୍କ ସହ ଅଣ ଅନୁଷ୍ଠାନିକ ଓ ଆନୁଷ୍ଠାନିକ ବିଚାର ବିମର୍ଷ କଲେ । ଯେହେତୁ ମୁଁ ହିଁ ଓଡ଼ିଶାର ପ୍ରଥମ ପୋଲଟ୍ରି ବ୍ରିଡ଼ିଙ୍ଗ ଫାର୍ମ ଆଉ ବେଶ୍ ବଡ଼ ଏକ ଅଣ୍ଡା ଦିଆ କୁକୁଡ଼ା ଫାର୍ମର ପ୍ରତିଷ୍ଠାତା, (ସେ ସମୟରେ ମୋ ଫାର୍ମରୁ ଦିନକୁ ୧,୨୫,୦୦୦ ଖାଇବା ଅଣ୍ଡା ଉତ୍ପାଦନ ହେଉଥିଲା) ସେ ଦୃଷ୍ଟିରୁ ମୋ ଉପରେ/ମୋ ଫାର୍ମ ଉପରେ ନଜର ପଡ଼ିବା ଏକ ପ୍ରକାର ସ୍ୱାଭାବିକ ଥିଲା । ତାଙ୍କ ସହିତ ଦଳଗତ ଭାବରେ ତଥା ବ୍ୟକ୍ତିଗତ ଭାବରେ ଅନେକ ଥର ମିଶିବା ପରେ, ଆଲୋଚନା କରିବା ପରେ ସେ କିଛି ସିଦ୍ଧାନ୍ତରେ ପହଞ୍ଚିଲେ ଏବଂ ଅଣ୍ଡା ଉତ୍ପାଦନ କିପରି ବଢ଼ିବ ତାର କାର୍ଯ୍ୟକ୍ରମ ସ୍ଥିର କଲେ ।

ସିଦ୍ଧାନ୍ତଟି ହେଲା ଯେ ସରକାରଙ୍କ ପଶୁପାଳନ ବିଭାଗର ଅଫିସରଙ୍କ ଉପରେ କେବଳ ନିର୍ଭର କରି କୁକୁଡ଼ା ଶିଳ୍ପକୁ ଆଗକୁ ନେଇ ହେବ ନାହିଁ । ସେଥିପାଇଁ ସରକାରଙ୍କୁ ପଛରେ ରଖି ବେସରକାରୀ ଉଦ୍ୟମୀମାନଙ୍କୁ ସାହାଯ୍ୟ କଲେ, ଆଖିଦୃଶିଆ ଅଗ୍ରଗତି ହୋଇପାରିବ ।

Digitized by PPRACHIN, SOA

ଅନ୍ତିମ ପରିଚ୍ଛେଦ

ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମୟରେ ଯେଉଁ ନୂତନ ଶିଳ୍ପ ନୀତି ଘୋଷିତ ହେଲା ଓ କାର୍ଯ୍ୟକାରୀ ହେଲା, ସେଥିରେ ନିଃସନ୍ଦେହ ଗୋଟାଏ ଶିଳ୍ପ ପାଇଁ ଅନୁକୂଳ ଉତ୍ସାହର ବାତାବରଣ ସୃଷ୍ଟି ହେଲା। ବିଶେଷକରି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ଅନେକ ଉଦ୍ୟୋଗୀ ଆଗେଇ ଆସିଲେ। ସରକାରୀ ନୀତି ନିୟମ ମଧ୍ୟ ଆଶା ଅନୁରୂପ ବଦଳିବାକୁ ଆରମ୍ଭ କଲା। କେତେ ଶିଳ୍ପ ସଫଳ ହେଲା କେତେ ବିଫଳ ହେଲା ତା'ର ହିସାବ କରିବା ମୋର ଉଦ୍ଦେଶ୍ୟ ନୁହେଁ। ମାତ୍ର ସେହି ଅନୁକୂଳ ଦକ୍ଷିଣା ପବନରେ କୁକୁଡ଼ା ଶିଳ୍ପ ଯଥେଷ୍ଟ ପ୍ରୋତ୍ସାହନ ପାଇ ଅନେକ କିଛି ଅଗ୍ରଗତି କରିପାରିଲା। ମାତ୍ର କେତୁଟା ବର୍ଷ ଭିତରେ ବ୍ରଏଲର (ମାଂସ ପାଇଁ କୁକୁଡ଼ା) ଯାହା ସେ ପର୍ଯ୍ୟନ୍ତ ଓଡ଼ିଶାରେ ଶୁଣା ନଥିଲା ତା'ର ଉତ୍ପାଦନ ଆଶାତୀତ ଭାବେ ବୃଦ୍ଧି ପାଇ ଅନେକ ଯୁବକ ଯୁବତୀଙ୍କୁ ସଫଳ ଉଦ୍ୟୋଗୀର ମୁକୁଟ ପିନ୍ଧାଇଲା। ଓଡ଼ିଶା ଆଉ କୁକୁଡ଼ା ମାଂସ ପାଇଁ ଆନ୍ଧ୍ର ଉପରେ- ନିର୍ଭର କଲା ନାହିଁ। ବରଂ ଖାଦ୍ୟ ପାଇଁ ଉପଯୁକ୍ତ ବଡ଼ କୁକୁଡ଼ା ତଥା ଚିଆଁ (ଚିକ୍) ଏଠାରୁ କଲିକତା ବଜାରକୁ ନିୟମିତ ବୁହା ଚାଲିଲା। ମାତ୍ର ମୋର ଏଠାରେ କହିବାକୁ କୁଣ୍ଠା ନାହିଁ ଯେ ଅଣ୍ଡା ଉତ୍ପାଦନ ଅନୁରୂପ ବଢ଼ି ପାରିଲା ନାହିଁ ଏବଂ ତା'ର କାରଣ ମୁଁ ପୂର୍ବରୁ କହି ସାରିଛି। ଯାହା ହେଉ, ନାହି-ମାମୁଁଠାରୁ କଣା-ମାମୁଁ ନ୍ୟାୟରେ ଏ ସଫଳତା ମଧ୍ୟ କିଛି କମ୍ ନଥିଲା।

ଆମେମାନେ ଆଶା କରୁଥିଲୁ ଯେ ଏ ଯେଉଁ ଉତ୍ସାହର ବାତାବରଣ ସୃଷ୍ଟି ହୋଇ ବ୍ରଏଲର ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇ ପାରିଛି, ସେହିପରି ଆପଣାଛାଏଁ କ୍ରମେ ଧୀରେ ଧୀରେ ଅଣ୍ଡା ଉତ୍ପାଦନ ମଧ୍ୟ ବଢ଼ିବ। କିଛି ଉଦ୍ୟୋଗୀ ଏଥିପାଇଁ ବାହାରିବେ ଆଉ ସରକାର ମଧ୍ୟ କ୍ରମେ ଏଥିପାଇଁ ଆବଶ୍ୟକ ବିଶେଷ ପ୍ରୋତ୍ସାହନର ବ୍ୟବସ୍ଥା କରିବେ।

ମାତ୍ର ମୋତେ ଦୁଃଖର ସହିତ କହିବାକୁ ହେଉଛି ଯେ ଏକଥା ଘଟିଲା ନାହିଁ। ଅଣ୍ଡା ଉତ୍ପାଦନ ପାଇଁ ଆବଶ୍ୟକତାର ପ୍ରୋତ୍ସାହନ ମିଳିଲା ନାହିଁ। କ୍ରମେ ଏ କ୍ଷେତ୍ରରେ ସ୍ଥାଣୁତା ଆସିଗଲା। ଆମେ ସମସ୍ତେ ଅଣ୍ଡାଟି ପାଇଁ ଆନ୍ଧ୍ର ଚାଷୀଙ୍କ ହାତକୁ ଅନାଇ ରହିଲୁ। ସରକାରୀ ସ୍ତରରେ କାହାରି କୁକୁଡ଼ା କଥା ମନେ ରହିଲା ନାହିଁ।

Digitized by PPRACHIN, SOA

ଏହା ବି ସମୟର ଖେଳ । ଏ ସମୟଟି ଥିଲା ଗୁରୁ ଶିଳ୍ପର ସମୟ । ଇସ୍ପାତ କାରଖାନା, ଆଲୁମିନା କାରଖାନା, ବେଦାନ୍ତ,ବିଦ୍ୟୁତ ଉତ୍ପାଦନ ତଥା ଅନ୍ୟାନ୍ୟ ବୃହତ୍ତ ଶିଳ୍ପ ନେଇ ସରକାର ଓ ସରକାରୀ କଳ ଏପରି ବ୍ୟସ୍ତ ରହିଲା ଯେ ଆମ କଥା (କୁକୁଡ଼ା ଚାଷୀ) କାହାରି ମନେ ରହିଲା ନାହିଁ ।

ମୋର ଏତେ ଦିନର ଅଭିଜ୍ଞତାରୁ ମୁଁ ବୁଝି ପାରିଛି ଯେ ସବୁପାଇଁ ଉପଯୁକ୍ତ ସମୟଟି ବିଧି ନିର୍ଦ୍ଦିଷ୍ଟ । ଆମକୁ ଲାଗିବାକୁ ତ ପଡ଼ିବ ମାତ୍ର ଉପଯୁକ୍ତ ସମୟ ନଆସିବା ପର୍ଯ୍ୟନ୍ତ ସମସ୍ତ ପରିଶ୍ରମ ସତ୍ତ୍ୱେ ତାଲା ଖୋଲିବ ନାହିଁ । ଏ ସମୟ ଆସିଲା ଏବଂ ଶ୍ରୀଯୁକ୍ତ ଭେନୁଗୋପାଳ, ଆଇ.ଏ.ଏସ୍, ପଶୁପାଳନ ବିଭାଗର ସଚିବ ପଦକୁ ଆସିବା ପରେ ଏ ସମୟ ଆସିଲା । ସେ ଏ ଦାୟୀତ୍ୱ ସମ୍ଭାଳିବା ପରେ କୁକୁଡ଼ା ଶିଳ୍ପର ଅଭିବୃଦ୍ଧି ବିଶେଷ କରି ଅଣ୍ଡାର ଉତ୍ପାଦନରେ ଆମେ କିପରି ଆତ୍ମନିର୍ଭରଶୀଳ ହେବା, ସେଥିପାଇଁ ଅନେକ ଚିନ୍ତା କଲେ, ବିଚାର ବିମର୍ଷ କଲେ । ଏ ଶିଳ୍ପ ସହ ସମ୍ପୃକ୍ତ ମୁଖିଆ ଉଦ୍ୟୋଗୀ କେତେଜଣଙ୍କୁ ତଥା ବିଭାଗୀୟ ଅଫିସର କେତେକଙ୍କୁ ନେଇ ଗୋଟିଏ ଆଲୋଚନା ସଭା ଡ଼କାଇଲେ । ମୋତେ ଆଲୋଚନାରେ ଭାଗ ନେବା ପାଇଁ ଚିଠିଟିଏ ଆସିଥିଲା । ସେତେବେଳକୁ ମୁଁ ଅଣ୍ଡାର ଉତ୍ପାଦନ ଆରମ୍ଭ କରିସାରିଲିଣି ଓ ଦିନକୁ ପାଖାପାଖି ୧,୨୫,୦୦୦ ଅଣ୍ଡା ଉତ୍ପାଦନ ହେଉଥାଏ । କେତେକ କାରଣରୁ ମୋ ଫାର୍ମର ଅଣ୍ଡାର ଏକ ସ୍ୱତନ୍ତ୍ର ପରିଚୟ ଥାଏ । ପ୍ରଥମତଃ ମୋ ଫାର୍ମରୁ ଉତ୍ପାଦିତ ଅଣ୍ଡାର ସ୍ୱାଦ ନିଆରା । ସେଥିରେ ଆଇଁଷିଆ ଗନ୍ଧ ନଥାଏ । ତା'ର କାରଣ ହେଉଛି କୁକୁଡ଼ା ଦାନାରେ ମୁଁ ଅନେକ ଦିନୁ ମାଛ ଶୁଖୁଆ ଗୁଣ୍ଡ ବା ମାଂସ ଗୁଣ୍ଡ ମିଶାଇବା ବନ୍ଦ କରିଦେଇଥାଏ । ତା'ର ପ୍ରତିବଦଳରେ ସୋୟାବିନ୍ ଗୁଣ୍ଡ ମିଶାଉଥାଏ । ମାଛ, ଶୁଖୁଆ ଗୁଣ୍ଡ ମିଶାଇଲେ ପ୍ରୋଟିନ ଅଳ୍ପ ଖର୍ଚ୍ଚରେ କୁକୁଡ଼ାଙ୍କୁ ମିଳେ ମାତ୍ର ଏଗୁଡ଼ିକ ତାଙ୍କର ଗନ୍ଧଟି ମଧ୍ୟ ଛାଡ଼ି ଯାଆନ୍ତି । ଅନେକ ଚାଷୀ ଉତ୍ପାଦନ ଖର୍ଚ୍ଚ କମାଇବା ଲକ୍ଷ୍ୟରେ ଏସବୁ କରିବାକୁ ବାଧ୍ୟ ହୁଅନ୍ତି । ସୋୟାବିନ, ମାଛ ଶୁଖୁଆ ଗୁଣ୍ଡ ତୁଳନାରେ ଅଧିକ ଦାମ୍ । ମାତ୍ର ଏହା ଅଣ୍ଡାର ସ୍ୱାଦ ବଢ଼ାଇଥାଏ । ଏଥିରେ ପ୍ରଥମରୁ ହୁଏତ ଲାଭ କମ୍ ମିଳେ ମାତ୍ର କ୍ରମେ ଠିକ୍ ଭାବରେ ପ୍ରଚାର କରିପାରିଲେ ମାର୍କେଟରେ ଖାଉଟି ଦୁଇ ପଇସା ଅଧିକା ଦେଇ ଏ ଅଣ୍ଡା କିଣନ୍ତି । ମୁଁ ମଧ୍ୟ ମୋର ଭୁବନେଶ୍ୱରରେ ବିକୁଥିବା ଅଣ୍ଡାର ପାଖାପାଖି ଗୋଟିକୁ ଦଶ ପଇସା ଅଧିକ ଦରରେ ବିକ୍ରି କରିପାରୁଥିଲି ।

ଦ୍ୱିତୀୟ କାରଣ ହେଉଛି ପ୍ରଥମ କରି ମୁଁ ଓଡ଼ିଶାରେ କାର୍ଡ଼ବୋର୍ଡ଼ କାଗଜ ପ୍ୟାକେଟରେ ବାରଟି ଖୋପରେ ବାରଟି ଅଣ୍ଡା ଥାଇ ବଜାରକୁ ଛାଡ଼ିଲି ।

Digitized by PPRACHIN, SOA

ପାକେଟଗୁଡ଼ିକ ଉପରେ ରଙ୍ଗୀନ କୁକୁଡ଼ା ଚିତ୍ର ସହ ତଥା ଉତ୍ପାଦନ ତାରିଖ ଲେଖାଥାଏ । ମୋର ଫାର୍ମର ପ୍ରତିଟି ଅଣ୍ଡା ଉପଯୁକ୍ତ ଭାବରେ ବିଶୋଧକରେ ପୋଛି ସମ୍ପୂର୍ଣ୍ଣ ପରିଷ୍କାର କରି ମୁଁ ବଜାରକୁ ଛାଡ଼େ । ପ୍ରକାଶ ଥାଉକି ଏ କାର୍ଡ଼ବୋର୍ଡ଼ ପ୍ୟାକେଟରେ ଯାହା ଅଧିକ ଖର୍ଚ୍ଚ ହୁଏ ଖାଉଟି ତାହା ମଧ୍ୟ ଦେଇ ମୋ ଫାର୍ମ ଅଣ୍ଡା ନେବାକୁ ପସନ୍ଦ କରନ୍ତି । ଏହିସବୁ କାରଣରୁ ତଥା ଓଡ଼ିଶାର ପ୍ରଥମ ସଙ୍ଗଠିତ ବୃହତ ହାଚେରୀ ଓ ବ୍ରିଡ଼ିଂ ଫାର୍ମ ଆରମ୍ଭ କରିଥିବାରୁ ମୋର କିଛିଟା ସରକାରୀ ତଥା ବେସରକାରୀ ମହଲରେ ସ୍ୱତନ୍ତ୍ର ପରିଚିତି ଥାଏ । ଯେହେତୁ ମୁଁ ଭୁବନେଶ୍ୱରରେ ପ୍ରାୟ ୧୯୬୮ ମସିହାରୁ ଏକାଦିକ୍ରମେ ରହି ଆସିଛି, ଏଇଠି ପାଠ ପଢ଼ିଛି, ଏଇଠି ବ୍ୟବସାୟ କରିଛି ସେ ଦୃଷ୍ଟିରୁ ମୋର ବ୍ୟକ୍ତିଗତ ବନ୍ଧୁ ତଥା ପରିଚୟର ସୀମା ମଧ୍ୟ ବ୍ୟାପକ । ତା ବ୍ୟତୀତ କଳିଙ୍ଗ ହାଚେରୀର ଅବସ୍ଥିତି ମଧ୍ୟ ସମସ୍ତଙ୍କ ଯାତାୟାତ ଓ ଆଖି ପଡୁଥିବା ସ୍ଥାନରେ । ଏହି ସମସ୍ତ କଥ ମିଶାମିଶି ହୋଇ ଅନେକ ସମୟରେ ମୋତେ ସାହାଯ୍ୟ କରେ ।

ସେ ଯାହାହେଉ ଆଲୋଚନା ହେଲା । ସଚିବଙ୍କ ସଚିବାଳୟ ଦପ୍ତରରେ ଏ ଆଲୋଚନା ହେଲା । ମୋର ଏତେ ବର୍ଷର ଅଭିଜ୍ଞତାକୁ ନେଇ ମୋର ଯାହା କହିବା କଥା ତା କହିଲି । ଏହା ମଧ୍ୟ କହିଲି ଯେ ସାମାନ୍ୟ କିଛି ସରକାରୀ ପ୍ରୋତ୍ସାହନ ମିଳିଲେ ବ୍ରଏଲର ପରି ଅଣ୍ଡା ଉତ୍ପାଦନରେ ମଧ୍ୟ ଆମେ ସ୍ୱାବଲମ୍ବୀ ହୋଇପାରିବୁ । ସଚିବଙ୍କ ମନକୁ ଏକଥା ଛୁଇଁଲା । ସେ ଏ ସମ୍ପର୍କରେ ଗୋଟିଏ ସ୍ମାରକପତ୍ର ପ୍ରସ୍ତୁତ କରିବାକୁ ମୋତେ କହିଲେ । ଏବଂ ଗୋଟିଏ କୁକୁଡ଼ାଚାଷୀ ତଥା ଚାଷ ସହ ସିଧାସଳଖ ସମ୍ପୃକ୍ତ ବ୍ୟବସାୟ ଯଥା ଦାନା ପ୍ରସ୍ତୁତକାରୀ, ଚିଆଁ ଉତ୍ପାଦନକାରୀ, କୁକୁଡ଼ା ମାଂସ ରପ୍ତାନୀକାରୀ ମାନଙ୍କର ପ୍ରତିନିଧିମାନଙ୍କୁ ନେଇ ଗୋଟିଏ ଆପେକ୍ସ କମିଟି ଗଢ଼ାହେଲା । ସେଥିରେ ପଶୁପାଳନ ସଚିବ ତ ରହିଲେ, ନିର୍ଦ୍ଦେଶକ ମଧ୍ୟ ରହିଲେ ଏବଂ ଏହାର ଚେୟାରମ୍ୟାନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କମିଶନର ରହିଲେ ।

ପ୍ରତି ଦୁଇମାସରେ ଥରେ ଏହି କମିଟି ବସି କୁକୁଡ଼ା ଚାଷର ଲକ୍ଷ୍ୟ ପୁରଣ ପାଇଁ କ'ଣ କ'ଣ ସରକାରୀ ସ୍ତରରେ କରାଯାଇପାରିବ ସେନେଇ ଆଲୋଚନା କରି ବିହିତ ପଦକ୍ଷେପ ନେବାର ସ୍ଥିର ହେଲା । ସେହି ଅନୁସାରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଅଣ୍ଡା ଉତ୍ପାଦନକାରୀ, ମାଂସ ଉତ୍ପାଦନକାରୀ ଚିଆଁ ଉତ୍ପାଦନକାରୀ, ବ୍ରିଡ଼ିଂ ଫାର୍ମ ସଂସ୍ଥା, ଦାନା ଉତ୍ପାଦକ ଏମାନଙ୍କର ପ୍ରତିନିଧିମାନେ ଏହି କମିଟିରେ ରହିବାର ସ୍ଥିର ହେଲା ଏବଂ କୁକୁଡ଼ା ଚାଷର ପ୍ରତିନିଧିମାନେ ଏଥିରେ ମୁଖ୍ୟ ଭୂମିକା ତୁଲାଇବାରେ ବ୍ୟବସ୍ଥା ରହିଲା । ସେହି ବ୍ୟବସ୍ଥା ଅନୁସାରେ କୁକୁଡ଼ା

Digitized by PPRACHIN, SOA

ଚାଷୀମାନଙ୍କର ଗୋଟିଏ ସଭା ହୋଇ ମୋତେ ସେମାନେ ସଭାପତି ବାଛିଲେ ଏବଂ ମୋ ଉପରେ ଏ କମିଟିରେ ପ୍ରତିନିଧିତ୍ୱ କରିବାର ଦାୟୀତ୍ୱ ଦେଲେ ।

ଏତେବେଳକୁ ବ୍ରଏଲର ଉତ୍ପାଦନରେ ଓଡ଼ିଶା ସ୍ୱାବଲମ୍ବୀ ହୋଇସାରିଲାଣି । ବର୍ତ୍ତମାନ ଅଣ୍ଡା ଉତ୍ପାଦନରେ ଆମେ କେବଳ ପଛରେ ନୁହେଁ ଅନେକ ପଛରେ ପଡ଼ିଛୁ । ସଚିବଙ୍କ କଥା ଅନୁସାରେ ମୁଁ ଗୋଟିଏ ସ୍ମାରକପତ୍ର ପ୍ରସ୍ତୁତ କଲି ଏବଂ କିଛି ଉଚ୍ଚ ସରକାରୀ କର୍ମକର୍ତ୍ତା ତଥା ପଶୁପାଳନ ମନ୍ତ୍ରୀଙ୍କ ସମ୍ମୁଖରେ ମୋତେ ସେଇଟି ପଢ଼ିବାକୁ ହେଲା । ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ଦେଲି । ମୋର ମୁଖ୍ୟ ବକ୍ତବ୍ୟ ଥିଲା ଯେ ଓଡ଼ିଶାରେ ବର୍ତ୍ତମାନ(ନବେ ଦଶକ) ଦୈନିକ ୫୦ ରୁ ୬୦ ଲକ୍ଷ୍ୟ ଅଣ୍ଡା ଅତି କମ୍‌ରେ ଦରକାର ହେଉଛି । ମାତ୍ର ଆମର ଉତ୍ପାଦନ ମାତ୍ର ୧୫/୧୮ ଲକ୍ଷ । ସମସ୍ତ ଅଣ୍ଡା ବାହାରୁ (ଆନ୍ଧ୍ର) ଆସୁଛି ।

ତା ବ୍ୟତୀତ ବଙ୍ଗଳା, ବିହାର, ଉତ୍ତର ପୂର୍ବ ରାଜ୍ୟ ଗୁଡ଼ିକରେ ଦୈନିକ ୭୫ରୁ ୧୦୦ ଲକ୍ଷ ଅଣ୍ଡାର ଅଭାବ ରହିଛି । ସେମାନେ ବାହାର ଯୋଗାଣ ଉପରେ ନିର୍ଭର କରୁଛନ୍ତି । ଏପରି କ୍ଷେତ୍ରରେ ଓଡ଼ିଶା ପାଇଁ ଏହା ଗୋଟିଏ ସୁବର୍ଣ୍ଣ ସୁଯୋଗ । ଆମେ ଆମର ଚାହିଦା ମେଣ୍ଟାଇବା ସହିତ ବାହାରକୁ ପଠାଇପାରିବା । ଏହା କରିପାରିଲେ ଆମର ମାଳ ଅଞ୍ଚଳ/ଆଦିବାସୀ ଅଞ୍ଚଳରେ ହେଉଥିବା କୃଷି ଜାତ ଦ୍ରବ୍ୟ ଯଥା ମକା, ବାଜରା, ମାଣ୍ଡିଆର ଚାହିଦା ବଢ଼ିଯିବ (କୁକୁଡ଼ା ଦାନା ପାଇଁ) । ଚାଷୀ ଆଉ କ୍ଷତିଗ୍ରସ୍ତ ହୋଇ ଦଲାଲକୁ ବିକ୍ରି କରିବ ନାହିଁ । ସବୁଠାରୁ ବଡ଼ କଥା ହେଉଛି ଯେ ଯଦି ଦିନକୁ ଅନ୍ତତଃ ୧୦୦ ଲକ୍ଷ ଅଣ୍ଡା ଉତ୍ପାଦନ ଲକ୍ଷ୍ୟ ହାସଲ କରାଯାଇ ପାରନ୍ତା, ତେବେ ଏହା ୬୦,୦୦୦ ଗ୍ରାମୀଣ ଯୁବକ ଯୁବତୀଙ୍କୁ କାମ ଯୋଗାଇପାରନ୍ତା ।

ଏହା ବ୍ୟତୀତ ସେ ସମୟର ହିସାବ ଅନୁଯାୟୀ ମାତ୍ର ୫୦୦ କୋଟି ଟଙ୍କା ପୁଞ୍ଜିରେ ଏହା ହାସଲ କରାଯାଇ ପାରିବ । ଏ ପୁଞ୍ଜି ବ୍ୟାଙ୍କମାନେ ଚାଷୀଙ୍କୁ ଦେବେ । ସରକାର ଗୋଟିଏ ପଇସା ଖର୍ଚ୍ଚ କରିବା ଦରକାର ନାହିଁ ।

ମାତ୍ର ସରକାର ଭିତ୍ତିଭୂମୀ ନେଇ କେତୋଟି ପ୍ରୋତ୍ସାହନମୂଳକ ସୁବିଧା ଦେବା ଦରକାର । ଯଥା-ଶସ୍ତାରେ ଜମି, ସୁବିଧାରେ କମ୍ ଦରରେ ବିଦ୍ୟୁତ୍, ବିକ୍ରିକର ନେଇ କିଛିଟା ରିହାତି ଇତ୍ୟାଦି । ଛୋଟ ଛୋଟ ଫାର୍ମ ବ୍ରଏଲର ମଡ଼େଲରେ ଏହା ହେଲେ ସଫଳ ହେବ ନାହିଁ । ଅନ୍ୟୁନ୍ୟ ପଚାଶ ହଜାରର ଗୋଟିଏ ଗୋଟିଏ ଫାର୍ମର କ୍ଷମତା ହେବା ଦରକାର । ତେବେ ଯାଇଁ ଅର୍ଥନୈତିକ ଦୃଷ୍ଟିରୁ ଏହା ସଫଳ ହେବ ।

Digitized by PPRACHIN, SOA

ମୋର ବକ୍ତବ୍ୟଟି ଉପସ୍ଥିତ ଅନେକଙ୍କର ପସନ୍ଦ ହେଲା ଓ ପରେ ଜାଣିଲି ଏହା ମୁଖ୍ୟମନ୍ତ୍ରୀଙ୍କ ପାଖରେ ବିଚାର ବିମର୍ଷ ହୋଇ ସରକାରୀ ସ୍ତରରେ ଦିନକୁ ୧୦୦ ଲକ୍ଷ ଅଣ୍ଡା ଉତ୍ପାଦନର ଲକ୍ଷ୍ୟ ଧାର୍ଯ୍ୟ ହେଲା । ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ପଶୁପାଳନ ବିଭାଗ ଲାଗି ପଡ଼ିଲା । ବର୍ତ୍ତମାନ ମୋର ଦାୟୀତ୍ୱ ଓ କାମ ବଢ଼ିଗଲା । ପ୍ରକୃତରେ କୁକୁଡ଼ା ଶିଳ୍ପ ବା ଚାଷକୁ ଆଗେଇ ନେବାରେ ସେତେବେଳର ସଚିବ ଶ୍ରୀ ଭେନୁଗୋପାଳ ଓ ପରେ ଆସିଥିବା ନିର୍ଦ୍ଦେଶକ ଶ୍ରୀ ବିଷ୍ଣୁ ସେଠୀଙ୍କ ଉଦ୍ୟମ ଅତ୍ୟନ୍ତ ଦୃଷ୍ଟାନ୍ତମୂଳକ । ମୋତେ ସେମାନଙ୍କ ସହ ବାରମ୍ଭାର ଦେଖା କରି କୁକୁଡ଼ା ଫାର୍ମ ବଢ଼ାଇବା ପାଇଁ ନିତାନ୍ତ ଆବଶ୍ୟକ ହେଉଥିବା କେତୋଟି ସରକାରୀ ନିଷ୍ପତ୍ତିର ତାଲିକା କରିବାକୁ ହେଲା । ଯଥା- ପ୍ରଦୂଷଣ, ଶ୍ରମିକ ଆଇନ, ବିକ୍ରୟକର-ଏଣ୍ଟ୍ରି ଟ୍ୟାକ୍ସ/ ସବ୍‌ସିଡ଼ି, ମିଡ୍ ଡ଼େ ମିଲ୍, କଞ୍ଚାମାଲ ପାଇଁ ସୁବିଧା/ରିହାତି, ବିଦ୍ୟୁତ ତାରିଫ୍, ପୋଲଟ୍ରି ଜୋନ୍ ପାଇଁ ଭିତ୍ତିଭୂମି ।

ଏଇତକ ହାସଲ କରିବା ପାଇଁ ମୋତେ ଅକ୍ଲାନ୍ତ ପରିଶ୍ରମ କରିବାକୁ ହୋଇଛି । ବାରମ୍ଭାର ସଚିବାଳୟକୁ ଦୌଡ଼ିବାକୁ ହୋଇଛି । ବିଭିନ୍ନ ସରକାରୀ ଅଫିସରଙ୍କୁ ଦେଖା କରିଛି । କାମ ନଆଗେଇଲେ ବାରମ୍ଭାର ଦେଖାକରିଛି ଏବଂ ବିରକ୍ତ କରିଛି ଓ ବିରକ୍ତ ହୋଇଛି । ଶେଷରେ ଓଡ଼ିଶାରେ କୁକୁଡ଼ା ଶିଳ୍ପ ପାଇଁ କିଛି ହାସଲ୍ କରିପାରିଛି । ମୋର କହିବାକୁ ଦ୍ୱିଧା ନାହିଁ ଯେ ଅନେକ ଚାଷୀ, ମୋର ଏ ପ୍ରଚେଷ୍ଟାରେ ସେମାନଙ୍କର ଅକୁଂଠ ସମର୍ଥନ ଦେଇଛନ୍ତି । ମୋର ସେଇ ୩/ ୪ ବର୍ଷ ପରିଶ୍ରମ, ଲଢ଼ାଇ,ସଫଳତା ତଥା ବିଫଳତାର ଅନୁଭୂତି ବର୍ଣ୍ଣନା କରି ଏ ପରିଚ୍ଛେଦ ତଥା ସ୍ମୃତି କଥାର ମଧ୍ୟମ ପ୍ରସ୍ଥ ଶେଷ କରିବି ।

ସଚିବ ଶ୍ରୀ ଭେନୁଗୋପାଳ, କୁକୁଡ଼ା ଚାଷର ବିସ୍ତାର ତଥା ସମସ୍ୟାର ସମାଧାନ ପାଇଁ ଯେଉଁ ଆପେକ୍ସ କମିଟି କଲେ ତାରି ମାଧ୍ୟମରେ ଅନେକ କିଛି ହୋଇ ପାରିଲା ।

<u>ପ୍ରଦୁଷଣ:-</u> ଛତୁ ଫୁଟିଲା ପରି ବ୍ରଏଲର ଫାର୍ମ ଗାଁ ଗହଳ ତଥା ସହରତଳି ଅଞ୍ଚଳରେ ଫୁଟି ଉଠିଲା । ଅତ୍ୟନ୍ତ ଛୋଟ ଛୋଟ ଫାର୍ମ ହୋଇଥିବାରୁ ସେମାନେ ପରିବେଶ ତଥା ପରିଷ୍କାର ପରିଛନ୍ନତା ପ୍ରତି ଆଦୌ ଗୁରୁତ୍ୱ ଦେଉ ନଥିଲେ । ତାହା ନିଶ୍ଚିତଭାବେ ପ୍ରଦୁଷଣ ସୃଷ୍ଟି କରୁଥିଲା । ମାତ୍ର ସେଗୁଡ଼ିକ ପ୍ରତି ପ୍ରଦୁଷଣ ବୋର୍ଡ଼ର ପ୍ରାୟ ନଜର ନଥିଲା । ମାତ୍ର ସମସ୍ୟା ଦେଖାଦେଲା ବଡ଼ ବଡ଼ ଫାର୍ମ ଯେଉଁମାନେ ହଜାର ହଜାର, ଲକ୍ଷ ଲକ୍ଷ ଦୈନିକ ଅଣ୍ଡା ଉତ୍ପାଦନ କରୁଥିଲେ । ସେମାନେ ନିଶ୍ଚିତ ଭାବେ କୁକୁଡ଼ାଙ୍କୁ ସୁସ୍ଥ ରଖି ଅଧିକ ଉତ୍ପାଦନ ପାଇବା ପାଇଁ ପରିବେଶର

Digitized by PPRACHIN, SOA

ପରିଷ୍କାର ପରିଚ୍ଛନ୍ନତା ପାଇଁ ସଚେତନ ଥିଲେ ମାତ୍ର ତାହା ଯଥେଷ୍ଟ ନଥିଲା । ଯଥା କୁକୁଡ଼ା ଫାର୍ମରେ ମାଛି ହେବେ ହିଁ ହେବେ । ଏହାକୁ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇପାରିବ । ମାତ୍ର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ସମ୍ଭବ ନୁହେଁ । ଯେଉଁମାନେ ଜନବସତିଠାରୁ ଦୂରରେ କରିଥିଲେ ସେମାନଙ୍କ ପାଇଁ ଯେତେ ସମସ୍ୟା ନଥିଲା, ସହର ନିକଟରେ, ମୁଖ୍ୟ ରାସ୍ତା କରରେ କରିଥିବା ଫାର୍ମମାନଙ୍କ ପାଇଁ ଏହା ଏକ ବିଶେଷ ସମସ୍ୟା ଥିଲା ।

ମୁଁ ମୋର ନିଜର ଫାର୍ମ ଯେତେବେଳେ କଲି, ସେତେବେଳେ ଜାତୀୟ ରାଜପଥ -୫ କରରେ ପାତ୍ରପଡ଼ା/ଭଗବାନପୁରଠାରେ ଜମି ଚିହ୍ନଟ କରି ଇଡ୍‌କୋରୁ ନେଲି । ସେତେବେଳେ ସେ ଅଞ୍ଚଳ ନିର୍ଜନ, ଅପନ୍ତରା ଥିଲା । ସେତେବେଳେ ଖଣ୍ଡଗିରି ଛକ ଛାଡ଼ନ୍ତୁ ସି.ଆର୍.ପି. ଛକଠାରେ ମଧ୍ୟ ଘରଦ୍ୱାର ଦୋକାନ ବଜାର କିଛି ନଥିଲା । ମାତ୍ର ବହୁତ ଶୀଘ୍ର ସହର ବଢ଼ିଲା ଏବଂ ମୋ ଫାର୍ମ ଡେ଼ଇଁ ୨୦୦୦ ମସିହା ବେଳକୁ ସହର ଆଗକୁ ମାଡ଼ି ଗଲାଣି । ମୋ ଫାର୍ମ ଓଡ଼ିଶାର ସବୁଠାରୁ ବଡ଼ ଫାର୍ମ ଥିଲା । ଦୈନିକ ୧,୨୫,୦୦୦ ଅଣ୍ଡା ଉତ୍ପାଦନ ହେଉଥିଲା । ସେହି ଅନୁପାତରେ ଅଣ୍ଡା ଦେଉଥିବା କୁକୁଡ଼ା ତଥା ଚିଆଁ ଓ ବଢୁଥିବା କୁକୁଡ଼ା ମିଶାଇ ଅନ୍ୟୁନ ଦୁଇ ଲକ୍ଷ କୁକୁଡ଼ା ସର୍ବଦା ଫାର୍ମରେ ଥିଲେ । ସେମାନଙ୍କର ରହିବା ଘର ପାଖାପାଖି୧,୫୦,୦୦୦ ବର୍ଗଫୁଟ । ଦାନା ତିଆରି ଓ ଗୋଦାମ ଘର । ଶ୍ରମିକ ପାଖାପାଖି ୧୦୦ରୁ ଅଧିକ । ଅଫିସ କର୍ମଚାରୀ ଇତ୍ୟାଦି ନେଇ ଅନୁଷ୍ଠାନ । ଅଧିକାଂଶ ଶ୍ରମିକ ଫାର୍ମ ଭିତରେ ରହୁଥିଲେ ।

ଏ ପ୍ରକାର ପରିବେଶରେ ପ୍ରଦୁଷଣ ହେଉଥିବ ନିଶ୍ଚୟ । କୁକୁଡ଼ାଙ୍କ ମଳ ସେମାନେ ରହୁଥିବା କେଜ୍‌ରୁ ତଳକୁ ପଡ଼ି ଗଦା ହୋଇ ରହେ । ସେଥିରୁ ମାଛି ଜନ୍ମ ନିଅନ୍ତି । ସେମାନେ ଆଖପାଖ ଅଞ୍ଚଳରେ ଉଡ଼ି ବୁଲନ୍ତି । କିଛିଟା ଗନ୍ଧ ମଧ୍ୟ ହୁଏ । ବର୍ଷକେ ଥରେ ହିଁ ସେ ଲିଟର ସଫା ହୁଏ । ଟ୍ରକରେ ବୁହାହୋଇ ବାହାରକୁ ଗଲାବେଳେ ପାଖ କଲୋନୀରେ ରହୁଥିବା ବାସିନ୍ଦା ଅଭିଯୋଗ ଆଣନ୍ତି ।

ଏ ସବୁ ସତ । ମାତ୍ର ମୁଁ ବା କ'ଣ କରିପାରିବି ? ମୁଁ ମଳରେ ଲାର୍ଭା ନ ହେବା ପାଇଁ ନିୟମିତ ସ୍ପ୍ରେ କରେ । ଦାନାରେ ଔଷଧ ମିଶାଏ ଯେପରି ମଳରେ ଲାର୍ଭା ହେବ ନାହିଁ । ମାତ୍ର ଏହାଦ୍ୱାରା ଶତପ୍ରତିଶତ ନିୟନ୍ତ୍ରଣ ସମ୍ଭବ ନୁହେଁ । ନିୟମିତ ଯଦି ଏ ଔଷଧ କୁକୁଡ଼ା ଖାଇବେ ତା'ର କୁପ୍ରଭାବରେ ଉତ୍ପାଦନ ଶକ୍ତି ତା'ର କମିଯିବ ।

ପ୍ରଦୁଷଣ ବୋର୍ଡ଼ର ଦୃଷ୍ଟି ସବୁବେଳେ ସହରତଳି ବଡ଼ ବଡ଼ ଫାର୍ମ ଉପରେ ଯେଉଁଠାକୁ ସେମାନଙ୍କର ଗାଡ଼ି ମଟର ସୁବିଧାରେ ଯାଇପାରିବ । ସେମାନଙ୍କର

Digitized by PPRACHIN, SOA

ନିୟମକୁ ସେମାନେ କଡ଼ାକଡ଼ି ପ୍ରୟୋଗ କରିବାକୁ ନିୟମିତ ବାରମ୍ବାର ପରିଦର୍ଶନ କରୁଥିଲେ ଏବଂ ସେଥିନେଇ ଚାଷୀ ଖର୍ଚ୍ଚାନ୍ତ ତଥା ବ୍ୟତିବ୍ୟସ୍ତ ମଧ୍ୟ ହେଉଥିଲେ । ସେମାନଙ୍କ କଥା ଠିକ୍‌ରେ ନବୁଝିଲେ ସେମାନେ ଅତ୍ୟନ୍ତ ଛୋଟ ଛୋଟ କଥାକୁ ଆଳ କରି ହଇରାଣ କରୁଥିଲେ । ଗୋଟିଏ ଉଦାହରଣ ହେଉଛି, ମଲା କୁକୁଡ଼ା ପୋତି ଦେବାକୁ ବା ନିଆଁ ଲଗାଇ ଯନ୍ତ୍ର ସାହାଯ୍ୟରେ ପୋତି ଦେବାକୁ ନିର୍ଦ୍ଦେଶ ଥାଏ । ଏଇଟା ଫାର୍ମର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅତ୍ୟନ୍ତ ଆବଶ୍ୟକ । ପୋଡ଼ିବା ମେସିନ ପ୍ରାୟ ଆମେ କେହି ବ୍ୟବହାର କରୁନା କାରଣ ସେଥିରେ ଖର୍ଚ୍ଚ ବେଶୀ ଏବଂ ତାହା ବାରମ୍ବାର ଖରାପ ହୁଏ । ବଡ଼ ବଡ଼ ଗାତ କରି ସେଥିରେ ମଲା କୁକୁଡ଼ା ପକାଇ, ଚୂନ ଇତ୍ୟାଦି ପକାଉ ଓ ଖାତ ପୁରି ଆସିଲେ ମାଟି ପକାଇ ବନ୍ଦ କରି ଆଉ ଗୋଟିଏ ଖାତ ବ୍ୟବହାର କରୁ । ଏଥିରେ ଖର୍ଚ୍ଚ କମ୍ ଓ ସୁବିଧାଜନକ ଓ ସଫଳ ଉପାୟ । ମାତ୍ର ଏଇ ଖାତଟି ବହୁତ ସମୟରେ ପ୍ରଦୂଷଣ କର୍ମଚାରୀଙ୍କର ମନୋନୀତ ହୁଏ ନାହିଁ । ତାର ଲମ୍ବ ଓସାର ସେ ବହିରେ ୫ ଫୁଟ ଅଛିତ ୫ ଫୁଟହିଁ ହେବ । ୬ ଇଞ୍ଚ କମ୍ ବେଶୀ ହେଲେ କେଉଁଠି ବେଦ ଅଶୁଦ୍ଧ ହୋଇଯାଏ । ଚୂନ ୫ କେଜି ନପଡ଼ି ୪ କେଜି ଯଦି ପଡ଼ିଛି ବୋଲି ମନେ କରିବେ ତେବେ ମଧ୍ୟ ଆମ କର୍ମଚାରୀ ପ୍ରଦୁଷଣ ନିରୀକ୍ଷକଙ୍କ ନାଲି ଆଖି ଦେଖନ୍ତି । ଏହା ବ୍ୟତୀତ ମାଛି, ଗନ୍ଧ ତ ଅଛି ଏବଂ ଏମାନେ ଫାର୍ମକୁ ପଶିବା ବେଳକୁ ନାକରେ ଲୁଗା ଦେଇ ପକାନ୍ତି । ଆମକୁ କିଛି ନିଲ୍ଲଜ ହେବାକୁ ହୁଏ, ଖର୍ଚ୍ଚାନ୍ତ ହେବାକୁ ହୁଏ ତାପରେ ଏସବୁ ଗନ୍ଧ ଉଭେଇଯାଏ ଆଉ ନାକରୁ ଲୁଗା ହଟିଯାଏ । କାହାପ୍ରତି ବ୍ୟକ୍ତିଗତ ଆକ୍ଷେପ କରିବା ମୋର ଉଦ୍ଦେଶ୍ୟ ନୁହେଁ । ମାତ୍ର ଆମେମାନେ ଏହି ପ୍ରକାର ଅତ୍ୟାଚାର ଦିନ ଦିନ ଧରି ସହୁଥିଲୁ । ଉପାୟ ଆମ ପାଖରେ କିଛି ନଥିଲା ।

ଆପେକ୍ସ କମିଟି ମାସିକ ବୈଠକରେ କୁକୁଡ଼ା ଆସୋସିଏସନର ସଭାପତି ହିସାବରେ ଆମର ଚାଷୀମାନେ ଭୋଗୁଥିବା ଏହି ଦୈନଦିନ ସମସ୍ୟାଟି ମୁଁ ଉପସ୍ଥାପନ କଲି । ଅନେକ ଯୁକ୍ତି ତର୍କ ବାଦବିବାଦ ଚାଲିଲା । ପ୍ରଦୁଷଣ ବୋର୍ଡ଼ର ପ୍ରତିନିଧି, ବୈଷୟିକ ତାଲିମ ପ୍ରାପ୍ତ ଅଫିସର ତାଙ୍କର ମୋଟା ବହିଖାତା କାଢ଼ି ଅନେକ କିଛି ତଥ୍ୟ କାଢ଼ିଲେ । ଆମେରିକା, ଇଂଲଣ୍ଡର ଉଦାହରଣ ଦେଲେ । ଜାତିସଂଘର (ହୁ)ର ନିୟମ ଆଉ ମାପକ ବାହାରକଲେ । ମୋର ମନେ ହେଲା ଏ ଆଲୋଚନା ଆଉ ସରିବନି କି ତାଙ୍କ କଥା ମାନିଲେ ଆମ କୁକୁଡ଼ା ଆଉ ଝାଡ଼ା ଯାଇ ପାରିବେ ନାହିଁ ।

Digitized by PPRACHIN, SOA

ଅଯଥା ଏପରି ଆଲୋଚନା ଲମ୍ବିଲେ ମୁଁ ବ୍ୟକ୍ତିଗତ ଭାବେ ବହୁତ ବ୍ୟସ୍ତ ହୋଇପଡ଼େ। ମୋତେ ଛାଟିପିଟି ଲାଗେ। ବୋଧହୁଏ ସରକାରୀ ଚାକିରିରେ ନପଶିଥିବାରୁ ଏ ସମୟ ନଷ୍ଟ କରିବା ବା ସହିବା କଳା ମୋତେ ପସନ୍ଦ ଆସୁ ନଥିଲା। ସେତେବେଳେ ଆପେକ୍ସ କମିଟିର ଚେୟାରମ୍ୟାନ ଥାଆନ୍ତି ଆର୍.ଏନ୍. ବହିଦାର। ଚମତ୍କାର ଅଫିସର। ଶିଷ୍ଟକୁ, ନିୟମକାନୁନ ବାହାରକୁ ଯାଇ ମଧ୍ୟ ସାହାଯ୍ୟ କରିବାକୁ ତତ୍ପର। ଏସବୁ ତଥ୍ୟ ଭିତ୍ତିକ ଭାଷଣରେ ସେମାନେ ମଧ୍ୟ ବ୍ୟସ୍ତ ହେଲେଣି। ସେତିକିବେଳେ ମୁଁ ହାତ ଟେକି କିଛି କହିବାକୁ ଅନୁମତି ମାଗିଲି। ଅନୁମତି ସଙ୍ଗେ ସଙ୍ଗେ ମିଳିଲା। ମୁଁ ପ୍ରଦୁଷଣ ବୋର୍ଡ଼ର ବୈଷୟିକ ଅଫିସରଙ୍କୁ ଲକ୍ଷ୍ୟ ରଖି ଚେୟାରମ୍ୟାନ୍‌ଙ୍କ ଉଦ୍ଦେଶ୍ୟରେ କହିଲି "ସାର୍ ପ୍ରଦୁଷଣ ବୋର୍ଡ଼ର ଅଫିସଟି ଯେଉଁଠାରେ ଅଛି,ସେଠାରୁ ଡ଼ାକେ ବାଟରେ ସି.ଆର୍.ପି. ଛକ ଆଉ ସେଠାରେ ଗୋଟିଏ ମାର୍କେଟ ଅଛି, ଯାହାର ନାମ ପ୍ରିୟଦର୍ଶନ ମାର୍କେଟ। ମୋର ଅନୁରୋଧ ପ୍ରଦୁଷଣ ବୋର୍ଡ଼ ଅଫିସର ମୋ ସହିତ ସେ ମାର୍କେଟକୁ ଟିକେ ବୁଲି ଯିବେ କି? ସେଠାରୁ ବୁଲିକରି ଆସିବା ପରେ ମଧ୍ୟାହ୍ନ ବିରତି ପରେ ଆମେ ଏ ସବୁ ଆଲୋଚନା କଲେ ଭଲ ହୁଅନ୍ତା।" ପ୍ରିୟଦର୍ଶନ ମାର୍କେଟଟି ଗୋଟିଏ ମୁଖ୍ୟ ରାସ୍ତା କଡ଼ରେ। ସମସ୍ତେ ସେ ମାର୍କେଟଟି ଦେଖିଛନ୍ତି। ଆଉ ପ୍ରଦୁଷଣ ବୋର୍ଡ଼ ଅଫିସର ମଧ୍ୟ ସେଠାକୁ କିଣାକିଣି କରିବାକୁ ଯାଇଛନ୍ତି ବୋଲି କହିଲେ। ତାଙ୍କଠାରୁ ଏତକ ଜାଣିବାପରେ ମୁଁ କହିଲି, "ସାର୍ ସେ ମାର୍କେଟର ପରିବେଶ ଅବର୍ଣ୍ଣନୀୟ। ଦୋକାନ ସାମନାରେ ମଣିଷ ଉଚ୍ଚର ଆବର୍ଜନା। ଯେଉଁଠି ଅନେକ ଲୋକ ଝାଡ଼ା, ପରିସ୍ରା ମଧ୍ୟ କରୁଛନ୍ତି। ଏପରି ଅଳିଆ ଗଦା ସେଠାରେ ୪/୫ଟି ଅଛି। ମାର୍କେଟ ଭିତରକୁ ପଶିଲେ ଗନ୍ଧରେ ନାକ ଫାଟିଯିବ। ମାର୍କେଟ ଭିତରର କଥା ନକହିଲେ ଭଲ। ବାରଣ୍ଡା/କାନ୍ଥ ପାନ ଛେପରେ ଭର୍ତ୍ତି। ମାର୍କେଟ ଭିତର ଜଳଖିଆ ଦୋକାନ/ ହୋଟେଲ ପେଜ ପାଣିରେ ଭାସୁଛି। ତେବେ ଏହା ବର୍ଷ ବର୍ଷ ଧରି ଅବାଧରେ ଚାଲୁଥିବା ବେଳେ ପ୍ରଦୁଷଣ ବୋର୍ଡ଼ ଆଖି, କାନ ବୁଜି ରହିଛି କିପରି? ଆଉ ଆମରି ବେଳକୁ ଆକାଶ ଛିଣ୍ଡି ପଡୁଛି। ହୁ ର ନିୟମ କ'ଣ ସେଠାରେ ଲାଗୁକରିବା କଥା ନୁହେଁ। ସେଠାକାର ଦୋକାନୀ ଓ ବ୍ୟବସାୟୀଙ୍କ ପ୍ରତି ଆଖି ବୁଜି ଦେବାରେ ବୋର୍ଡ଼ ଅଫିସରଙ୍କର କି ସ୍ୱାର୍ଥ ରହିଛି? ତାହା ପ୍ରଥମେ ସେମାନଙ୍କଠାରୁ ଶୁଣାଯାଉ।" ମୋର ଏପରି ସିଧା ସଳଖ ଆକ୍ରମଣରେ ଉପସ୍ଥିତ ଥିବା ସମସ୍ତ ସଭ୍ୟ ଚୁପ୍ ହୋଇଗଲେ। କାହାର ପାଟିରୁ କିଛି କଥା ବାହାରିଲା ନାହିଁ। ପ୍ରଦୁଷଣ ବୋର୍ଡ଼ ପ୍ରତିନିଧି ଅତ୍ୟନ୍ତ ଲଜ୍ଜିତ ହେଲେ ଓ ମୋ ପ୍ରତି ବିଷ ଦୃଷ୍ଟି ନିକ୍ଷେପ କଲେ। ମାତ୍ର ମୁଁ ଚୁପ୍ ନହୋଇ କହି ଚାଲିଲି "ସାର୍ ବୋର୍ଡ଼ର

Digitized by PPRACHIN, SOA

କର୍ମଚାରୀଙ୍କର ଦୋଷ ଦୁର୍ବଳତା ଦେଖାଇବା ମୋର ଉଦ୍ଦେଶ୍ୟ ନୁହେଁ, ବା ମୋ କଥାରେ ଯଦି କେହି ଅପମାନିତ ହୋଇଥାଆନ୍ତି ମୁଁ ଦୁଃଖୀତ । ମାତ୍ର ମୋର ଚାଷୀ ଭାଇମାନଙ୍କର ଅସୁବିଧାକୁ ଠିକ୍ ଭାବରେ ଉପସ୍ଥାପିତ କରିବା ମଧ୍ୟ ମୋର ଦାୟୀତ୍ୱ । ତା ନହେଲେ ମୁଁ ମୋ ନିଜ ନିକଟରେ ମଧ୍ୟ ଦାୟୀ ରହିବି । ଆଉ ରହିଲା, କୁକୁଡ଼ା ଫାର୍ମରେ ଗନ୍ଧ ଆଉ ମାଛିର କଥା । ସାର୍ ଆନ୍ଧ୍ର ଦୈନିକ ୪ କୋଟି ଅଣ୍ଡା ଉତ୍ପାଦନ କରୁଛି । ଆମର ମାତ୍ର ୨୦/୨୫ ଲକ୍ଷ । ତା'ର ଅର୍ଥ ସେଠାରେ ଅଣ୍ଡା ଦିଆ କୁକୁଡ଼ା ସଂଖ୍ୟା ୬ କୋଟିରୁ ଅଧିକ । ସେ କୁକୁଡ଼ା କ'ଣ ଝାଡ଼ା ଫେରୁ ନାହାନ୍ତି । ସେଠାରେ କ'ଣ ମାଛି ହେଉ ନାହାନ୍ତି ? ତେବେ ଆମ ବେଳକୁ ଏ ତୁମ୍ଭିତୋଫାନ କାହିଁକି ? ସେଠାରେ କ'ଣ ପ୍ରଦୁଷଣ ବୋର୍ଡ଼ ନାହିଁ । ମୋର ନିବେଦନ ପ୍ରଥମେ ଆପଣ ସ୍ଥିର କରନ୍ତୁ ଓଡ଼ିଶା ଅଣ୍ଡା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବ ନା ସର୍ବଦା ଆନ୍ଧ୍ରର ଅଣ୍ଡା ଉପରେ ନିର୍ଭର କରିବ ? ଯଦି ଆମେ କିଛିଟା ଗନ୍ଧ ଓ ମାଛିକୁ ନସହିବା, ତେବେ ଜୀବନସାରା ଆମେ ଅନ୍ୟ ପ୍ରଦେଶ ଉପରେ ଅଣ୍ଡା ପାଇଁ ନିର୍ଭର କରିବା । ନାଇଁ ଯଦି ସରକାର ଅଣ୍ଡା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାକୁ ଚାହାନ୍ତି, ଗନ୍ଧ ଓ ମାଛି ମଧ୍ୟ ସହିବାକୁ ପଡ଼ିବ । ଏହାହିଁ ସତ୍ୟ । ଆମେ କ'ଣ କରିବା ସେ ନିଷ୍ପତ୍ତି ଆପଣ ନିଅନ୍ତୁ ।" ସମସ୍ତେ ଚୁପ୍ ରହିଲେ । ଶେଷରେ ଚେୟାରମ୍ୟାନ ମୋତେ ପଚାରିଲେ ତୁମର ପ୍ରସ୍ତାବ କ'ଣ ? ମୁଁ ଉତ୍ତର ଦେଲି । କୁକୁଡ଼ା ଫାର୍ମଗୁଡ଼ିକୁ ପ୍ରଦୁଷଣ- ବୋର୍ଡ଼ ନିୟନ୍ତ୍ରଣରୁ ମୁକ୍ତ କରାଯାଉ । ଚେୟାରମ୍ୟାନ ରାଜି ହେଲେ । ତଦନୁଯାୟୀ ପ୍ରସ୍ତାବ ଅନୁମୋଦିତ ହେଲା ଓ ପ୍ରଦୁଷଣ ବୋର୍ଡ଼କୁ ସେହି ପ୍ରକାରେ ନିର୍ଦ୍ଦେଶ ଗଲା ଓ କିଛି ଦିନପରେ ସେହି ପ୍ରକାରେ ସରକାରୀ ନିର୍ଦ୍ଦେଶ ନାମା ମଧ୍ୟ ବାହାରିଲା ।

ବୈଠକ ସରିଲା । ବାହାରେ ଶ୍ରୀ ଭେନୁଗୋପାଳ ତାଙ୍କ ଅଫିସ (ସଭାଟି ରାଜୀବ ଭବନରେ ହେଉଥିଲା) ସଚିବାଳୟ ଯିବା ପୂର୍ବରୁ ମୋତେ ଡ଼ାକି ହସି ହସି କହିଲେ, "ମି.ଦାସ୍ ଯାହା ଚହିଲ ଠିକ୍ କହିଲ ମାତ୍ର ଏପରି ସିଧାସଳଖ ଆକ୍ରମଣ କରି ନଥିଲେ ଭଲ ହୋଇଥାଆନ୍ତା ।" ମୁଁ କହିଲି "ସାର୍ ମୁଁ ଭୁକ୍ତଭୋଗୀ, ସେମାନଙ୍କ ଛଳନା, ମୁଁ ନିଜେ ଭୋଗୁଛି । ତେଣୁ ଅନ୍ୟ ଚାଷୀମାନେ କିପରି ହଇରାଣ ହରକତ ହେଉଛନ୍ତି ମୁଁ ଜାଣିପାରୁଛି । ଏତକ ହାସଲ ପାଇଁ ମୋ ପାଖରେ ଅନ୍ୟ ପନ୍ଥା କ'ଣ ଥିଲା କୁହନ୍ତୁ ।"

ବାଟରେ ଆସିବା ବେଳେ ଡ଼ଃ ଦେ ଯେକି ସେ କମିଟିର ଜଣେ ମୁଖିଆ ସଭ୍ୟ ମୋତେ କହିଲେ, "ସାର୍ ଆପଣ ଏପରି କହି ନଥିଲେ ଆଜି ସରକାର ଏହାକୁ ପ୍ରଦୁଷଣ ବୋର୍ଡ଼ ନିୟନ୍ତ୍ରଣରୁ ମୁକ୍ତ କରିନଥାନ୍ତେ । ଠିକ୍, ମାତ୍ର ସେମାନେ

Digitized by PPRACHIN, SOA

(ପ୍ରଦୁଷଣ ବୋର୍ଡ଼) ଆପଣଙ୍କୁ ହଇରାଣ କରିପାରନ୍ତି।" ମୁଁ କହିଲି, ଡ଼ଃ ଦେ, ଆଜି ମୁଁ ଯେଉଁଠାରେ ପହଞ୍ଚିଛି, ସେଠାରେ ପହଞ୍ଚିବାକୁ ମୋତେ କିଛି କମ୍ ହଇରାଣ ହେବାକୁ ପଡ଼ିନାହିଁ। ସେ ସବୁ ମୋର ଦେହ ସୁହା ହୋଇଯାଇଛି। ଯାହା ଆସିବ ତାକୁ ସାମନା କରିବି।"

ସମନ ବହୁତ ଶୀଘ୍ର ଆସିଗଲା। ପ୍ରାୟ ୩ଟା ବେଳକୁ ଫୋନ ପାଇଲି ଯେ ପ୍ରଦୁଷଣ ବୋର୍ଡ଼ର ଚେୟାରମ୍ୟାନ କଥାବାର୍ତ୍ତା କରିବାକୁ ଡ଼କାଇଛନ୍ତି। ଠିକ୍ ସମୟରେ ଯାଇ ପହଞ୍ଚିଲି। ଭିତରୁ ଖୁବ୍ ଶୀଘ୍ର ଡ଼କରା ଆସିଗଲା। ତାଙ୍କର ଅଧସ୍ତନ ଅଫିସରଙ୍କଠାରୁ ସେଦିନର ମିଟିଂରେ ମୋର ଆକ୍ଷେପ/ସମାଲୋଚନା ସେ ଜାଣି ସାରିଥାଆନ୍ତି। ମାତ୍ର ତାଙ୍କ କଥାବାର୍ତ୍ତାରୁ ସେ ଯେ କ୍ଷୁବ୍ଧ ଓ ମୋ ଉପରେ ଆକ୍ରୋଶ ରଖିଛନ୍ତି, ସେପରି କିଛି ମୁଁ ଜାଣି ପାରିଲି ନାହିଁ। ବରଂ ତାଙ୍କ ବିଭାଗ ଯେ ଠିକ୍ ଭାବରେ କାମ ତଦାରଖ କରୁନାହିଁ ଓ ସେଥିପାଇଁ ଉଦ୍ୟୋଗୀମାନେ ଅଯଥା ହଇରାଣ ହେଉଛନ୍ତି, ସେଥିପାଇଁ ଦୁଃଖ ପ୍ରକାଶ କଲେ। ମୁଁ ଯେ ସିଧାସଳଖ ଏବଂ ନିର୍ଭୟରେ ଆମର ସଂଗଠନ ପାଇଁ ଅପ୍ରିୟ ସତ୍ୟ କିଛି କହି ଗୋଟାଏ ବଡ଼ ସୁବିଧା ହାସଲ କରିପାରିଲି, ସେଥିନେଇ ବରଂ ସେ ମୋତେ ପ୍ରଶଂସା କଲେ। ସେଠାରୁ ଫେରିବା ବେଳକୁ ମୋ ମୁଣ୍ଡରୁ ଗୋଟେ ବଡ଼ ବୋଝ ଓହ୍ଲାଇ ଯାଇଥିଲା।

<u>ବିକ୍ରିକର ଓ ପ୍ରବେଶ କର</u>-ଆଉ ଗୋଟିଏ ସମସ୍ୟା ଓ ସେ ନେଇ ସରକାରୀ ଆଭିମୁଖ୍ୟ ବିଷୟରେ କହୁଛି। ଦେଶରେ ସବୁ ପ୍ରଦେଶରେ ସମାନ ବିକ୍ରିକର ଲାଗୁ ହେବାର ପ୍ରସ୍ତୁତି ସମୟର କଥା। ବିଭିନ୍ନ ରାଜ୍ୟକୁ କେଉଁ ଦ୍ରବ୍ୟ ଉପରେ କେତେ ଟିକସ ଲାଗିବ ତାହାର ଗୋଟାଏ ଚିଠା ପ୍ରସ୍ତାବ ଆସିଲା। ତାହା ଉପରେ ବିଭିନ୍ନ ସ୍ତରରେ ତର୍ଜମା ଚାଲିଲା। ଆମେ ଦେଖିଲୁ ଆମର ଶିଳ୍ପ ପାଇଁ ଆବଶ୍ୟକ ହେଉଥିବା କଞ୍ଚାମାଲ ଉପରେ ଟିକସ ପ୍ରସ୍ତାବ ରହିଛି, ଆଉ ସେହି ସବୁ କଞ୍ଚାମାଲ ଉପରୁ ଆନ୍ଧ୍ର ତଥା ପଡ଼ୋଶୀ ରାଜ୍ୟରେ ଟିକସ ଆଗରୁ ଉଠି ଯାଇଛି ବା ଉଠାଇନେବାକୁ ପ୍ରସ୍ତାବ ହୋଇଛି। ଯଦି ଆମ ରାଜ୍ୟରେ ଚିଠା ପ୍ରସ୍ତାବ ଅନୁସାରେ ଟାକ୍ସ ଲାଗୁହୁଏ ଏଠାକାର ଚାଷୀ ଆନ୍ଧ୍ରର, ରାୟପୁର ଅଞ୍ଚଳର ଚାଷୀଙ୍କ ସହ ପ୍ରତିଯୋଗୀତା କରି ଅଣ୍ଡା, କୁକୁଡ଼ା ବିକ୍ରି କରି ପାରିବ ନାହିଁ। କାରଣ କଞ୍ଚାମାଲ ଉପରେ ଅଧିକ ଟାକ୍ସ ଯୋଗୁ ତା'ର ଉତ୍ପାଦନ ଖର୍ଚ୍ଚ ତୁଳନାତ୍ମକ ଭାବେ ବଢ଼ିଯିବ। ଆମର ଆସୋସିଏସନର ଗୋଟିଏ ସଭା କରି ଏ ବ୍ୟାପାରଟି ଜରୁରୀ ନିଷ୍ପତ୍ତି ନେବାକୁ ସ୍ଥିର ହେଲା। ତଦନୁଯାୟୀ, ଆମର କାମ ଆରମ୍ଭ ହେଲା। ପଶୁପାଳନ ବିଭାଗର ସଚିବ ତଥା ନିର୍ଦ୍ଦେଶକ ପ୍ରତ୍ୟକ୍ଷ ସାହାଯ୍ୟ କରୁଥାଆନ୍ତି। ଆପେକ୍ସ କମିଟିର ଦ୍ୱିମାସିକ ମିଟିଂରେ ମଧ୍ୟ ଅର୍ଥ ବିଭାଗକୁ ଅନୁରୂପ ପ୍ରସ୍ତାବ କମିଟିର

Digitized by PPRACHIN, SOA

ଚେୟାରମ୍ୟାନଙ୍କ ପାଖରୁ ଯାଇଥାଏ । ମୁଁ ପ୍ରାୟ ପ୍ରତିଦିନ ସଚିବାଳୟକୁ ଦୌଡୁଥାଏ, ଅର୍ଥ ବିଭାଗରୁ ବୁଝାବୁଝି କରି ଆମ କାମ ହାସଲ କରିବାକୁ । ମାତ୍ର ଅନେକବାର ଦୌଡ଼ିବା ପରେ ଦେଖିଲି ଯେ କେତେକ ଅଫିସର ଯେଉଁମାନେ ଏ ଦାୟୀତ୍ୱରେ ଅଛନ୍ତି, ସେମାନେ ମୋଟେ ଏ ବ୍ୟାପାରରେ ଆଗ୍ରହୀ ନୁହନ୍ତି । ସେହି ପୁରୁଣା ଯୁକ୍ତି ସରକାର କାହିଁକି ରାଜସ୍ୱ ହରାଇବେ ।

ତଳ ସ୍ତରରୁ ଫେଲ ମାରିବା ପରେ, ପଶୁପାଳନ ସଚିବଙ୍କଠାରୁ ଗୋଟିଏ ଚିଠି ନେଇ, ଅର୍ଥ ସଚିବଙ୍କ ସହ ଦେଖାକଲି । ସେ ମହାଶୟ ବି.ଜେ.ବି. କଲେଜରେ ମୋର ତଳ ଶ୍ରେଣୀରେ ପଢୁଥିଲେ । ମୋ ସହିତ ସେହିବେଳୁ ଉତ୍ତମ ସମ୍ପର୍କ । ତାଙ୍କ ବ୍ୟସ୍ତ ସମୟ ଭିତରୁ ମୋ ପାଇଁ ବେଶ୍ କିଛି ସମୟ ଦେଇ ମୋ କଥା ଶୁଣିଲେ । ମୋର ଯୁକ୍ତି ହେଲା ଯେ ଆନ୍ଧ୍ର ସହିତ ଆମକୁ ପ୍ରତିଯୋଗୀତା କରିବାକୁ ପଡୁଥିବାରୁ ଆମେ ଅଧିକ ନହେଉ ପଛେ, ସେଠାକାର ଚାଷୀ ଯେଉଁ ଟିକସ ସୁବିଧା ପାଉଛନ୍ତି ସେତିକି ଅନ୍ତତଃ ଆମେ ପାଇବା ଦରକାର । ଗୋଟିଏ ତୁଳନାତ୍ମକ ଟିକସ ହାରର ହିସାବ ଟାଇପ କରି ନେଇଥିଲି ତାଙ୍କୁ ଦେଲି । ସେ ତତ୍‌କ୍ଷଣାତ୍ ସେଇଟି ପଢ଼ି ତାଙ୍କର ଯେଉଁ ଅଫିସର (ଶ୍ରୀ ପରିଜା) ଏବଂ ଭାଟ ଦାୟୀତ୍ୱରେ ତାଙ୍କ ପାଖକୁ ପଠାଇଦେଲେ ଓ ମୋ ସହିତ ଆଲୋଚନା କରି 'ସମାଧାନ' କରିବାକୁ ନିର୍ଦ୍ଦେଶ ଦେଲେ ।

ମୋତେ ଶ୍ରୀ ପରିଜାଙ୍କୁ ପରଦିନ ଦେଖା କରିବାକୁ କହିଲେ । ତାପରଦିନ ମୁଁ ସକାଳୁ ଅର୍ଥ ସଚିବଙ୍କଠାରୁ ଗୋଟିଏ ଫୋନ ପାଇଲି ଏବଂ ସେ କହିଲେ ଯେ ମୁଁ ଗତକାଲି ତାଙ୍କୁ ଯେଉଁ ଟିକସର ତୁଳନାତ୍ମକ ତାଲିକା ଦେଇଛି ତାହା ଭ୍ରମାତ୍ମକ ଓ ମୁଁ ତାଙ୍କୁ ଏପରି ଏକ ଭୁଲ ପରିସଂଖ୍ୟାନ ଦେଇଥିବାରୁ ସେ ଅତ୍ୟନ୍ତ ଦୁଃଖୀତ । ମୋତେ ଅତ୍ୟନ୍ତ ଦୁଃଖ ଲାଗିଲା । କାରଣ ଏପରି ଗୋଟିଏ ଅଭିଯୋଗ, ମୋର ଚରିତ୍ର, କାର୍ଯ୍ୟ ପ୍ରଣାଳୀର ସାଧୁତା ପ୍ରତି ଆକ୍ଷେପ । ହୁଏତ ସଚିବ କହିବାକୁ ଚାହୁଁଥିଲେ ଯେ ମୋର ବ୍ୟକ୍ତିଗତ ସମ୍ପର୍କର ବାହାନାରେ ମୁଁ କିଛି ଅନୁଚିତ କଥା ତାଙ୍କଠାରୁ କରାଇ ନେବାକୁ ଚାହୁଁଥିଲି ଆଉ ସେଇଟା ତାଙ୍କୁ ବହୁତ ବାଧିଛି । ଏ ଅଭିଯୋଗ ମୋତେ କମ୍ ବାଧିଲା ନାହିଁ । ବର୍ତ୍ତମାନ ମୋର ମାନସମ୍ମାନର ପ୍ରଶ୍ନ । ଯେଉଁ ଅଫିସର (ପରିଜା) ସଚିବଙ୍କୁ ଏପରି ଧାରଣା ଦେଇଛନ୍ତି, ସେ ଯେ ଭୁଲକଥା କହିଛନ୍ତି ଏଥିରେ ମୋର ସନ୍ଦେହ ନଥିଲା । ମାତ୍ର ସଚିବଙ୍କ ପାଖରେ ଏକଥା ଉଠିବା ଦରକାର । ଆଉ ସମୟ ନଷ୍ଟ ନକରି ମୁଁ ସଚିବାଳୟ ଚାଲିଲି ।

ପରିଜା ତାଙ୍କ ପ୍ରକୋଷ୍ଠରେ ଥିଲେ ଓ ମୋର କାର୍ଡ଼ଟି ପାଇବା ମାତ୍ରେ ମୋତେ ଡ଼କାଇ ପଠାଇଲେ । ମୁଁ ତାଙ୍କ ସାମ୍ନାରେ ବସୁ ବସୁ ମୋ ଉପରେ ବର୍ଷି

Digitized by PPRACHIN, SOA

ଦେଇଗଲେ । ତାଙ୍କର ବକ୍ତବ୍ୟର ସାରାଂଶ ହେଲା ଯେ କୁକୁଡ଼ା ଚାଷୀ ସଂଗଠନ ସ୍ୱାର୍ଥ ହାସଲ ପାଇଁ ସଚିବଙ୍କ ପାଖରେ ଭୁଲ ତଥ୍ୟ ପେଶ୍ କରିଛି । ଆଉ ଏହା ଏକ ଅକ୍ଷମଣୀୟ ଅପରାଧ । ତାଙ୍କ ଚାରିପଟେ କିଛି କର୍ମଚାରୀ ମଧ୍ୟ ସେ ସମୟରେ ଉପସ୍ଥିତ ଥାଆନ୍ତି । ମୁଁ ତାଙ୍କୁ ଧୀରସ୍ଥିର ଭାବରେ କହିଲି ଯେ ଆପଣ ଯାହାକୁ ଭୁଲ ତଥ୍ୟ ବୋଲି କହୁଛନ୍ତି, ସେ ବିଷୟରେ ଆପଣ କ'ଣ ସ୍ଥିର ନିଶ୍ଚିତ ? ସେ ଅତ୍ୟନ୍ତ ବିରକ୍ତିଆ ସ୍ୱରରେ କହିଲେ ଯେ ମୁଁ ଅଯଥା ତାଙ୍କର ସମୟ ନଷ୍ଟ କରୁଛି । ମୁଁ ତାଙ୍କୁ ତାଙ୍କର ତଳ ଅଫିସର ଶ୍ରୀଯୁକ୍ତ ବିଶ୍ୱାଳ ବାବୁଙ୍କୁ ଡ଼ାକି ନୋଟିଫିକେଶନଟି ଆଣିବାକୁ ଅନୁରୋଧ କଲି । ମୋ ଉପରେ ସେ ରାଗି ପାଚି ଯାଇଥିଲେ ମଧ୍ୟ ଶ୍ରୀ ବିଶ୍ୱାଳଙ୍କୁ ଡ଼ାକିଲେ । ମୋ ସହିତ ସେ ସମୟର ଭେଟେନାରୀ ଡ଼ାଇରେକ୍ଟର ଶ୍ରୀଯୁକ୍ତ ଧଳ ମଧ୍ୟ ଥାଆନ୍ତି । ମାତ୍ର ତାଙ୍କର ସମସ୍ତ ଚିକ୍ରାର ରାଗ ମୋ ଉପରେ ଚାଲିଥାଏ । କାରଣ ଶ୍ରୀଯୁକ୍ତ ଧଳ ଯାହାହେଲେ ବି ଆଇ.ଏ.ଏସ୍. (ପ୍ରମୋଟି) । ତା ପୂର୍ବଦିନ ଆମେ ଦୁଇ ଜଣ ଶ୍ରୀ ବିଶ୍ୱାଳ (ଡ଼େପୁଟି ସେକ୍ରେଟାରୀ)ଙ୍କୁ ଦେଖା କରିଥିଲୁ ଓ ଏହି ଟିକସର ତାରତମ୍ୟ ନେଇ ଆଲୋଚନା କରିଥିଲୁ । ଆଉ ସେ ସମସ୍ତ ନୋଟିଫିକେଶନର ରେକର୍ଡ଼ ଆମରି ସାମ୍ନାରେ ଯାଞ୍ଚ କରି ହିଁ ଏ ତାରତମ୍ୟ ହଟାଇବାକୁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆମର ଦାବି ଥିଲା ଯେ ଆନ୍ଧ୍ରରେ ଯଦି କୁକୁଡ଼ା ଦାନାର ମୁଖ୍ୟ କଞ୍ଚାମାଲ ଉପରେ ବିକ୍ରିକର ନାହିଁ, ତେବେ ଆମ ଏଠାରେ କାହିଁକି ଲାଗୁ କରୁଛନ୍ତି । ଭାଟ ବ୍ୟବସ୍ଥା ଅନୁସାରେ ସବୁ ରାଜ୍ୟରେ ଏକ ପ୍ରକାର ଟିକସ ରହିବା ଦରକାର । ତାପରେ ଆନ୍ଧ୍ର କୁକୁଡ଼ା ଚାଷରେ ଆମଠାରୁ ବହୁ ଆଗରେ । ଯଦି ତାଙ୍କ ସରକାର ସେଠାକାର ଚାଷୀଙ୍କୁ ଏ ସୁବିଧା ଦେଇ କେନ୍ଦ୍ରରୁ ତାହା ଆଦାୟ କରି ନେଉଛି, ଆମ ରାଜ୍ୟରେ ଯେଉଁ ଶିଳ୍ପ ଶିଶୁ ଅବସ୍ଥାରେ ଅଛି ଏବଂ ସରକାର ତାହାକୁ ପ୍ରୋତ୍ସାହନ ଦେବାକୁ ଚାହୁଁଛନ୍ତି ସେଠାରେ ଆମେ ବରଂ ଆନ୍ଧ୍ର ଚାଷୀଙ୍କ ଠାରୁ ଅଧିକ ସୁବିଧା ସୁଯୋଗ ପାଇବା ଦରକାର । ଅନ୍ତତଃପକ୍ଷେ ସମାନ ସୁଯୋଗ ତ ଆମକୁ ନିଶ୍ଚୟ ମିଳିବା ଦରକାର ।

ଶ୍ରୀଯୁକ୍ତ ବିଶ୍ୱାଳ ଆସିଲେ ଏବଂ ପ୍ରାସଂଗିକ ରେକର୍ଡ଼ କାଢ଼ି ପରିଜାଙ୍କୁ ଦେଖାଇଲେ ଯେ ଆମେ ଦେଇଥିବା ତଥ୍ୟ ଠିକ୍ । ବର୍ତ୍ତମାନ ପରିଜାଙ୍କ ମୁହଁକୁ ଦେଖିବାର କଥା । ସତେ ଯେପରି ଘରପୋଡ଼ି ଉପରେ ଝର ଝର ବରଷା । ତଥାପି ମୁହଁ ଭୁରୁଡ଼ି ମାରି କହିଲେ, "ଆଚ୍ଛା ଆଚ୍ଛା, ଆମେ ଏଇଟା ଷଡ଼ି କରିବା, ତାପରେ ଦେଖିବା କ'ଣ କରି ହେଉଛି ।"

ମୋର ରାଗ ସେତେବେଳକୁ ଶେଷ ସୀମାରେ । ମୁଁ କହିଲି, "ଆପଣ କ'ଣ ଷଡ଼ି କରିବେ କରନ୍ତୁ । ମାତ୍ର ଏଇ ମୁହୂର୍ତ୍ତରେ ଯଦି ଆପଣ ସଚିବଙ୍କୁ ଫୋନ କରି

Digitized by PPRACHIN, SOA

ମୋ ଆଗରେ ଆପଣ ତାଙ୍କୁ ଭୁଲ ପରାମର୍ଶ ଦେଇଛନ୍ତି ବୋଲି ସ୍ୱୀକାର ନକରିବେ, ତେବେ ମୁଁ ଏଠାରୁ ଉଠିବି ନାହିଁ ଏବଂ ଫୋନ କରି କିଛି ସାମ୍ବାଦିକଙ୍କୁ ଡ଼ାକି ଏଇଠାରେ ଆପଣଙ୍କ ମୁଖା ଖୋଲିବି। ଆପଣ ପୋଲିସ ଡ଼ାକନ୍ତୁ ବା ଯାହା କିଛି କରନ୍ତୁ ମୁଁ ଏଠାରୁ ଉଠୁ ନାହିଁ।" ଭେଟେନାରୀ ଡ଼ାଇରେକ୍ଟର ନା ମତେ ଛାଡ଼ି ଦେଇ ଯାଇପାରୁଛନ୍ତି, ନା ମୋ କଥା ଉପରେ କିଛି କହିପାରୁଛନ୍ତି। ତାଙ୍କର କର୍ମଚାରୀଙ୍କ ସାମନାରେ ଏ ମାଡ଼ ହେତୁ ପରିଜାଙ୍କ ଅବସ୍ଥା ଦୟନୀୟ। ବାଧ୍ୟ ହୋଇ ସଚିବଙ୍କୁ ମୋ ଆଗରେ ଫୋନ କରି ଭୁଲ ପରାମର୍ଶ ଦେଇଛନ୍ତି ବୋଲି ସ୍ୱୀକାର କଲେ। ମୁଁ ସେଠାରେ ବସିଛି ବୋଲି ଜାଣି, ସଚିବାଳୟ ଛାଡ଼ିବା ପୂର୍ବରୁ ତାଙ୍କୁ ଦେଖା କରିବାକୁ କହିଲେ, ଯାହାକି ପରିଜା ମୋତେ ଜଣାଇଲେ।

ଉଠିବା ପୂର୍ବରୁ ମୁଁ ପରିଜାଙ୍କୁ ଆଉ ଦୁଇପଦ ଶୁଣାଇବାର ଲୋଭ ସମ୍ବରଣ କରିପାରିଲି ନାହିଁ, "ଆଜ୍ଞା ଆପଣମାନେ କ'ଣ ଷଡ଼ି କରନ୍ତି ତା ଆମେ ଜାଣିଛୁ। ଆଉ ଆପଣଙ୍କ ଟେବୁଲ ଉପରେ ଫାଇଲ ଗଦା ଆଉ ଘର ସାରା ନାଲି କପଡ଼ା ବନ୍ଧା ଗଣ୍ଠିଲିରୁ ଆପଣଙ୍କ ପାରଂଗମତା ଜାଣି ହେଉଛି। ଆଉ ମଧ୍ୟ ଆପଣଙ୍କପରି କିଛି ପାରଂଗମ ଅଫିସର ଷଡ଼ି କରି କରି ଏତେ ସମୟ ନେଲେଣି ଯେ ଓଡ଼ିଶାରେ କୁକୁଡ଼ା ଚାଷ ବନ୍ଦ ହେଲାଣି। ଆଉ ସକାଳ ଜଳଖିଆରେ ଅଣ୍ଡାଟିଏ ପାଇଁ ଓଡ଼ିଆ ଆନ୍ଧ୍ର ଟ୍ରକକୁ ଅନାଇ ରହୁଛି। ଆଉ ଅଧିକ ଷଡ଼ି କରନ୍ତୁ ନାହିଁ, କାମ କରନ୍ତୁ। ଷଡ଼ିରେ ଓଡ଼ିଆଙ୍କର ପେଟ ପୁରିବ ନାହିଁ।"

ମୋ କଥା ଶୁଣି ଧଳ ବାବୁ (ଡ଼ାଇରେକ୍ଟର ଭେଟେନାରୀ) ଫିକ୍ କରି ହସି ଦେଲେ ଏବଂ ଚାରିପଟେ ଠିଆ ହୋଇଥିବା କିଛି କର୍ମଚାରୀ ନିଶବ୍ଦ ହସ ହସିଲେ। ପରିଜାଙ୍କ ମୁହଁ ଏ.ସି. ରୁମ୍ ସତ୍ତ୍ୱେ ଝାଳରେ ଓଦା ହୋଇ ଯାଇଥାଏ।

ଆସିବା ବାଟରେ ଧଳ ବାବୁ ଓ ମୁଁ ସଚିବଙ୍କୁ ଦେଖା କଲୁ। ସେ ମଧ୍ୟ ମୋତେ ସକାଳେ ଏପରି ଫୋନ କରିଥିବାରୁ ଦୁଃଖ ପ୍ରକାଶ କଲେ ଏବଂ ଏ ତାରତମ୍ୟ ହଟାଇବା ପାଇଁ ଜରୁରୀ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଲେ।

ଗାଡ଼ିକୁ ଆସିବା ବାଟରେ ଧଳ ବାବୁ ହସି ହସି କହିଲେ, 'ଆଜ୍ଞା ଆଜି ଆଉ କିଛି ହେଉ ନହେଉ ଗୋଟିଏ ଶତ୍ରୁ ଅର୍ଜନ କଲେ।' ମୋର କହିବା ପାଇଁ କିଛି ନଥିଲା। ମାତ୍ର ଶତ୍ରୁ ଅର୍ଜନ ସତ୍ତ୍ୱେ ମୁଁ ଖୁସୀ ଥିଲି ଏଇଥିପାଇଁ ଯେ ମୋ ଉପରେ ଯେଉଁ ମିଥ୍ୟାଚାରର ଅଭିଯୋଗ ତାହା ମୁଁ ସଫଳତାର ସହ ମେଣ୍ଟାଇ ପାରିଥିଲି ଓ କୁକୁଡ଼ା ଶିଳ୍ପକୁ ଗୋଟାଏ ବଡ଼ ଦୁର୍ବିପାକ ମୁହଁରୁ ବଞ୍ଚାଇ ପାରିଥିଲି।

ପରିଜାଙ୍କ ସହ ମୁହାଁମୁହିଁ ଏଇଠି ଶେଷ ହେଲା ନାହିଁ। ସେ ବିଷୟରେ କହୁଛି। ଭାଟ୍ ଲାଗୁ ହେବା ପରେ ଅକ୍ଟ୍ରାଇ ଟାକ୍ସ ଉଠାଇ ଦେଇ ବର୍ତ୍ତମାନ

Digitized by PPRACHIN, SOA

ମାର୍କେଟିଂ ଟାକ୍ସ ଓ ଏଣ୍ଟ୍ରୀ ଟାକ୍ସ ଲାଗୁ ହେଲା । ମାର୍କେଟିଂ ଟାକ୍ସ ବିଷୟରେ ଆମ ସଂଗଠନର କିଛି କରିବାର ନାହିଁ । କାରଣ ଯଦି ସହରାଞ୍ଚଳରେ ମାର୍କେଟ କରିବାକୁ ହେବ ଆଉ ସେଥିପାଇଁ ସରକାରୀ ଭିତ୍ତିଭୂମିର ସାହାଯ୍ୟ ନିଆଯିବ ତେବେ ସେଥିପାଇଁ କିଛି ଦାମ୍ ଯଥା ଟାକ୍ସ 'ଦେବା' ଉଚିତ୍ । ମାତ୍ର ଅନେକ କ୍ଷେତ୍ରରେ ସରକାରୀ ସୁବିଧା ନଥାଇ ମଧ୍ୟ ଆଞ୍ଚଳିକ ବଜାର କମିଟି ବା ସେହିପରି କିଛି ସରକାରୀ, ଅର୍ଦ୍ଧ ସରକାରୀ ଅନୁଷ୍ଠାନ କିଛି ଟିକସ ନେବାକୁ ବାଧ୍ୟ କରିଲେ । ପ୍ରକାଶଥାଉକି ଅଧୀକାଂଶ କ୍ଷେତ୍ରରେ ଏ ଟିକସ ସବୁ ତହବିଲକୁ ଯାଏ ନାହିଁ । ଏହା କର୍ମଚାରୀଙ୍କର ଦରମା ଉପରେ ବୋନସ । ମହଙ୍ଗା ଯୁଗରେ ସେମାନେ ବଞ୍ଚିବେ କିପରି ? ଏହାହିଁ ଯୁକ୍ତି ସେମାନେ ଦେଖାନ୍ତି । ଏ ବ୍ୟାପାରରେ ସରକାରୀ ନୀତି ନିୟମ ସ୍ପଷ୍ଟ ଥିଲେ ମଧ୍ୟ ତାହା ବୋଧହୁଏ ସମବାୟ ବିଭାଗ ବାହାରେ କେହି ଜାଣନ୍ତି ନାହିଁ । ମୁଁ ନିଜେ ସଚ୍ଚିବାଳୟର ସମବାୟ ବିଭାଗର ଏ ନିୟମଟି ଜାଣିବାପରେ ସଚିବ (ସେତେବେଳର ମାଧୁରୀ ଷଡ଼ଂଗୀ)ଙ୍କୁ ଦେଖା କରି ଆମର ଅସୁବିଧା କଥା କହିଲି । ସେ ସଙ୍ଗେ ସଙ୍ଗେ ଏ ବ୍ୟାପାରରେ ସମସ୍ତ ଆଞ୍ଚଳିକ ବଜାର କମିଟିକୁ ଏ ପ୍ରକାର ବେନିୟମ ଟାକ୍ସ ଆଦାୟରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ପଠାଇଲେ ଓ ମୋତେ ସେ ନିର୍ଦ୍ଦେଶନାମାର କପି ଦେଇ ଆମର ଚାଷୀ ଭାଇମାନଙ୍କୁ ବାଣ୍ଟି ଦେବାକୁ ଦେଲେ । ଏ ସମସ୍ୟାଟି ମଧ୍ୟ ସୁରୁଖୁରୁରେ ସମାଧାନ ହୋଇଗଲା ।

ବର୍ତ୍ତମାନ ଆସନ୍ତୁ ଶୁଣିବା ଏଣ୍ଟ୍ରି ଟାକ୍ସ ବା ପ୍ରବେଶ କରର କାହାଣୀ । ଏ ଟାକ୍ସଟି ବୋଧହୁଏ ଏନେ.ଏ.ସି./ମ୍ୟୁନିସପାଲିଟି ଆଦାୟ କରୁଥିଲା । ଅକଟ୍ରାଇର ନୂତନ ନାମରେ ଏହି ଟାକ୍ସ ଚାଲୁଥିଲା । ଅକଟ୍ରାଇ ଆମେ ବୁଝି ପାରିଥିଲୁ । ସହର ଭିତରେ ପ୍ରବେଶ କରି ବେପାର କଲେ ଟାକ୍ସ ଦବୁ । ଯଦି ସହର ପାରି ହେବାକୁ ଥାଏ, ସେ ଟାକ୍ସ ସହର ସୀମା ଫାଟକରେ ଆମେ ଫେରିପାଉ ବା ପ୍ରଥମରୁ ଆମକୁ ଦେବାକୁ ପଡ଼େ ନାହିଁ ।

ମାତ୍ର ଏ ପ୍ରବେଶ-କରଟି ଏପରି ଯେ ଫାର୍ମର ଗେଟରୁ ରାସ୍ତାକୁ ବାହାରିଲେ ଅଣ୍ଡା ଗୋଟିକ ୧ ପଇସା କରି ପ୍ରବେଶ କର ଦେବାକୁ ହେବ । ତାମାନେ ମୁଁ ମୋ ଫାର୍ମରୁ ଅଣ୍ଡା ବାହାରକୁ ନେଇ ପାରିବି ନାହିଁ । ଏହା କିପରି କାହାର ଉନ୍ନତ ମସ୍ତିଷ୍କରୁ ବାହାରିଲା ଏବଂ ସରକାରୀ ଅନୁମୋଦନ ପାଇ କାର୍ଯ୍ୟକାରୀ ହେଲା ତାହାହିଁ ମୋତେ ଆଶ୍ଚର୍ଯ୍ୟ କଲା । ଏଇଥିରୁ ଜାଣି ହେବ ଆମ ସରକାରୀ କଳ କିପରି ଖାମଖିଆଲି ଚାଲିଛି ।

ମୁଁ ପୁଣି ଦୌଡ଼ିଲି ସଚ୍ଚିବାଳୟ । ଅନେକ ଅଫିସର ଏପରି କର ଗୋଟାଏ ଲାଗୁ ହୋଇଛି ଶୁଣି ଆଶ୍ଚର୍ଯ୍ୟ ହେଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କୁ ଦେଖା କରି

Digitized by PPRACHIN, SOA

କହିଲି । ସେ ବ୍ୟକ୍ତିଗତ ଭାବେ ମୋତେ ଜାଣିଥିଲେ । ସବୁ ଶୁଣି ହସି ଦେଇ ମୋ କଥାକୁ ଉଡ଼ାଇ ଦେଲେ । ସେ ବିଶ୍ୱାସ କଲେ ନାହିଁ ଯେ ଏପରି ଏକ କର ଧାର୍ଯ୍ୟ ହୋଇଛି । ବର୍ତ୍ତମାନ କରିବାକୁ କ'ଣ ହେବ । ପ୍ରତିଦିନ ବିଭିନ୍ନ ସ୍ଥାନରୁ କୁକୁଡ଼ା ଚାଷୀ ମୋତେ ଫୋନ କରୁଥାଆନ୍ତି । ମାତ୍ର ମୁଁ ନିଜେ ବି କାହାକୁ କହି ଏହାର ସମାଧାନ କରିବି ଜାଣି ପାରୁ ନଥାଏ । ଅର୍ଥ ବିଭାଗର ସେଇ ପରିଜାଙ୍କୁ ଦେଖାକଲି ମାତ୍ର ସେ ଏ ବିଷୟରେ ନିଜେ କିଛି କରିପାରିବେ ନାହିଁ ବୋଲି କହିଲେ । ଅର୍ଥ ସଚିବଙ୍କୁ ଦେଖା କରି ଦାବୀପତ୍ରଟିଏ ସଂଗଠନ ତରଫରୁ ଦେଲି ।

ଆନ୍ଧ୍ରରୁ ଆସୁଥିବା ମାଛ ଉପରେ ମଧ୍ୟ ସୀମା ଫାଟକରେ ପ୍ରବେଶ କର ଲାଗୁହେଲା । ସେଠାରେ ପ୍ରବେଶ କର ଲାଗୁ ହେବାର ଯଥାର୍ଥତା ଅଛି । କାରଣ ଗୋଟାଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାଉଛି । ମାତ୍ର ନିଜ ରାଜ୍ୟ ଭିତରେ ଘରୁ ଗୋଡ଼ କାଢ଼ି ରାସ୍ତାକୁ ବାହାରିଲେ ପ୍ରବେଶ କର ଦେବାକୁ ହେବ, ଏପରି ଏକ ଉଦ୍ଭଟ ଯୁକ୍ତି ମୁଁ କଦାପି ଗ୍ରହଣ କରିପାରିଲି ନାହିଁ । ଏ ବ୍ୟାପାରଟି ଆମର ଆପେକ୍ସ କମିଟି ମିଟିଂରେ ପକାଇଲି । ଆର୍.ଏନ୍. ବହିଦାର, ଅତରିକ୍ତ ମୁଖ୍ୟ ଶାସନ ସଚିବ ମୋ ଯୁକ୍ତିକୁ ଗ୍ରହଣ କଲେ । କ'ଣ କରିବାକୁ ହେବ ସେଥିନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ବିଚାର ବିମର୍ଷ କରିବେ ବୋଲି ପ୍ରତିଶ୍ରୁତି ଦେଲେ । ମୁଁ ପଛରେ ବୁଝିଲି ଯେ ଏ ବ୍ୟାପାରଟି ଶ୍ରୀଯୁକ୍ତ ପରିଜାଙ୍କ ଉନ୍ନତ ମସ୍ତିଷ୍କରୁ ଗଜା ହୋଇଛି ଆଉ ଅନ୍ୟ ଅଫିସରମାନେ ସରକାରୀ ରାଜସ୍ୱ ବଢ଼ିବା ଯୁକ୍ତିରେ ମୋହିତ ହୋଇ ହଁ ମାରି ଦେଇଛନ୍ତି । ପରିଜାଙ୍କର ଏଇଟି ହାତରେ ନମାରି ଭାତରେ ମାରିବା ନ୍ୟାୟ । ଆନ୍ଧ୍ର ଲବି ବହୁତ ଶକ୍ତିଶାଳୀ । ତାଙ୍କ ଲାଙ୍ଗୁଡ଼ରେ ହାତ ମାରି ପରିଜା ଭୁଲ କରିପକାଇଲେ । ସେମାନେ ଖୁବ୍ ଶୀଘ୍ର ଉପରୁ ଚାପ ପକାଇ ଏ ପ୍ରବେଶ କର ମାଛ ଉପରୁ ଉଠାଇ ଦେବାର ସରକାରୀ ନୂତନ ନିର୍ଦ୍ଦେଶ ଜାରି କରିସାରିଲେଣି । ମାତ୍ର ୬ ମାସ ଭିତରେ ସେମାନେ ଏକଥା କରାଇପାରିଲେ । ଆମର ପରବର୍ତ୍ତୀ ଆପେକ୍ସ କମିଟି ମିଟିଂକୁ ପରିଜାଙ୍କୁ ଡ଼କା ଯାଇଥିଲା । ସେ ଅତରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ବହୁତ ନିୟମକାନୁନ ଦେଖାଇ ଏହା କିପରି ଯୁକ୍ତି ସଂଗତ, ଏହା ନହେଲେ ସରକାର ରାଜସ୍ୱ ହରାଇ ବଙ୍ଗୋପସାଗରରେ ବୁଡ଼ି ମରିବେ ଏସବୁ ବୁଝାଇ ତାଙ୍କୁ ଚୁପ୍ କରିଦେଲେ । ଶ୍ରୀଯୁକ୍ତ ବହିଦାର୍ ଏ ବ୍ୟାପାରଟି ଅର୍ଥ ସଚିବଙ୍କ ସହ ତଥା ମୁଖ୍ୟ ସଚିବଙ୍କ ସହ ଆଲୋଚନା କରିବେ ବୋଲି ଗଡ଼ାଇ ରଖିଲେ । ସେଦିନ ବୈଠକପରେ ପରିଜାଙ୍କ ମୁହଁରେ ଯେଉଁ ହସ ତା ବୋଧେ ହିଟଲର ଫ୍ରାନସ ଅଧିକାର କରିବା ବେଳର ହସ ସହ ତୁଳନୀୟ । ପରବର୍ତ୍ତୀ ବୈଠକ ବେଳକୁ ବାହାରୁ (ଆନ୍ଧ୍ର ପ୍ରଦେଶ) ଆସୁଥିବା ମାଛ ଉପରୁ ପ୍ରବେଶ କର

Digitized by PPRACHIN, SOA

ଉଠିଗଲାଣି । ନିର୍ଦ୍ଦେଶନାମା ସେଇ ପରିଜାଙ୍କ ଦସ୍ତଖତରେ ବାହାରିଛି । ସେ ବୈଠକରେ ପରିଜା ମଧ୍ୟ ଉପସ୍ଥିତ ଥିଲେ । ମୁଁ ସେହି ଅଣ୍ଡା ଉପରେ ପ୍ରବେଶ କର ନେଇ ସିଧା ସଳଖ ପରିଜାଙ୍କୁ ପ୍ରଶ୍ନ କଲି । "ମାଛ ଉପରେ ପ୍ରବେଶ କର ଲାଗୁ ହେବାରେ କିଛିଟା ଯଥାର୍ଥତା ଥିବା ବେଳେ ଆପଣ ତାକୁ ଉଠାଇ ଦେଲେ । ମାତ୍ର ଓଡ଼ିଶା ଚାଷୀଙ୍କ ଉପରେ ଲାଗୁ ହୋଇଥିବା ଅଯୌକ୍ତିକ ପ୍ରବେଶ କର ଉଠାଇବା ବେଳକୁ ଆପଣଙ୍କ ମୁଣ୍ଡରୁ ଅନେକ ଅନେକ ଯୁକ୍ତି ବାହାରିଛି । ଆପଣ କେଉଁ ସ୍ୱାର୍ଥରେ ଆନ୍ଧ୍ର ଚାଷୀଙ୍କ ସ୍ୱାର୍ଥ ରକ୍ଷା କରୁଛନ୍ତି । କ'ଣ ପାଇଁ ଆପଣଙ୍କର ଓଡ଼ିଆ ମାରଣ ନୀତି ।" ମୋର ସିଧା ସଳଖ ଆକ୍ରମଣରେ ଉପସ୍ଥିତ ପ୍ରାୟ ୩୦/୩୫ ଜଣ ସଭ୍ୟ ହତବାକ୍ ହୋଇ ଅନାଇଥାଆନ୍ତି । ମୁଁ ସମସ୍ତଙ୍କୁ କ୍ଷମା ମାଗି ଭାଟ୍ ବେଳର ଘଟଣା ଠାରୁ ଆରମ୍ଭ କରି ଆଜିଯାଏଁ ଘଟିଥିବା ସମସ୍ତ କଥା ବର୍ଣ୍ଣନା କଲି । ପରିଜା ମହାଶୟ ସେତେବେଳକୁ କାନ୍ଦ କାନ୍ଦ । ଠିଆ ହୋଇ ଅତିରିକ୍ତ ମୁଖ୍ୟ ସଚିବଙ୍କୁ ହାତ ଯୋଡ଼ି କ୍ଷମା ମାଗି ଦିନେ ଦୁଇଦିନ ଭିତରେ ଅଣ୍ଡା ଉପରୁ ପ୍ରବେଶ କର ଉଠାଇବାର ନିର୍ଦ୍ଦେଶନାମାଜାରୀ କରିବେ ବୋଲି ପ୍ରତିଶ୍ରୁତି ଦେଲେ ।

ମୁଁ ବୁଝିପାରେ ନାହିଁ, ଏ ଅଫିସର ଏପରି କାମ କରନ୍ତି କାହିଁକି ? କ'ଣ ସେମାନଙ୍କ ସ୍ୱାର୍ଥ, ସେମାନେ କ'ଣ ଜାଣିପାରନ୍ତି ନାହିଁ ବାହାରେ ତାଙ୍କର କାର୍ଯ୍ୟର ପ୍ରତିକ୍ରିୟା କ'ଣ ହେବ । ମୋର ମନେହୁଏ ଏମାନେ ଫାଇଲ ବ୍ୟତୀତ ମଣିଷ ଚିହ୍ନି ନାହାନ୍ତି । ଫାଇଲ ୫ଟି ନୋଟ ଦେଇ ତଳ ବା ଉପରକୁ ପଠାଇଦେଲେ ଗୋଟାଏ ହୀରାକୁଦ ବନ୍ଧ ବାନ୍ଧି ଦେବାର ସନ୍ତୋଷ ପାଆନ୍ତି । ଆଉ ମୋର କହିବାକୁ ଦ୍ୱିଧା ନାହିଁ ଯେ ଏ ପ୍ରକାର ସଂକୀର୍ଣ୍ଣ, ରୁଗ୍ଣ ମାନସିକତା ବେଶି ପରିମାଣରେ ପ୍ରମୋଟି ଅଫିସରଙ୍କ ପାଖରେ ମୁଁ ଦେଖିଛି । ବୋଧହୁଏ ହୀନମନ୍ୟତାର ଶିକାର ହୋଇ ସେମାନେ ଫାଇଲ ସହିତ ଫାଇଲ ହୋଇଯାଆନ୍ତି ।

ଯାହାହେଉ ଅନେକ ତିକ୍ତ ମଧୁର ଅନୁଭୂତି ମଧ୍ୟରେ ଏ ପ୍ରବେଶ କରର ପ୍ରସ୍ଥାନ ଘଟିଲା । କୁକୁଡ଼ା ଚାଷୀଙ୍କର ବଡ଼ ବିଜୟ ଘଟିଲା । ବ୍ୟକ୍ତିଗତ ଭାବରେ ମୋ ଫାର୍ମଟି ଭୁବନେଶ୍ୱରରେ ଥିବାରୁ ଓ ଜାତୀୟ ରାଜପଥ ଉପରେ ଥିବାରୁ ମୁଁ ଏ ବ୍ୟାପାରରେ ନିଜେ ବେଶି କ୍ଷତିଗ୍ରସ୍ତ ହେଉଥିଲି ।

<u>ରିହାତିରେ ବିଦ୍ୟୁତ</u>:- ଗୋଟିଏ କୁକୁଡ଼ା ଫାର୍ମ ପାଇଁ ବଡ଼ ସମସ୍ୟା ଥିଲା ବିଦ୍ୟୁତ୍ । କେଉଁ ଦରରେ ବିଦ୍ୟୁତ୍ ନିଆଯିବ ତାହା ସ୍ଥିର ହୋଇ ପାରୁ ନଥିଲା । କମର୍ସିଆଲ ହେବ କି ଘରୋଇ ହେବ କି ଶିଳ୍ପ ହେବ । ଏ ନେଇ ବହୁତ ଅସୁବିଧା ହେଉଥିଲା । ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଟାରିଫ ଲାଗୁଥିବାବେଳେ ଗାଁ ଗହଳରେ ଅନେକ ଛୋଟ ଛୋଟ ବ୍ରଏଲର ଫାର୍ମ ବାରିପଟେ ହୋଇଥିଲା । ତେଣୁ

Digitized by PPRACHIN, SOA

ଘରର ସଂଯୋଗରୁ ସେଗୁଡ଼ିକ ଚାଲିଥିଲା । ସେଥିରେ କିଛି ସମସ୍ୟା ନଥିଲା । ମାତ୍ର ବଡ଼ ବଡ଼ ଫାର୍ମ ଆସିବା ପରେ, ବ୍ରିଡ଼ିଙ୍ଗ ଫାର୍ମ ଇତ୍ୟାଦି ଆସିବା ପରେ ଏ ସମସ୍ୟା ଆସିଲା । କୁକୁଡ଼ା ଚାଷ ପାଇଁ ପୃଥକ ଟାରିଫ ନଥିଲା । ବ୍ୟାଙ୍କମାନେ କୁକୁଡ଼ା ଚାଷକୁ କୃଷିର ମାନ୍ୟତା ଦେଇଥିଲେ । ମାତ୍ର ଓଡ଼ିଶାର ଶିଳ୍ପ ବିଭାଗ ପାଇଁ ଏହା ଥିଲା ଶିଳ୍ପ । ତେଣୁ ପ୍ରାୟ ଇଣ୍ଡଷ୍ଟ୍ରିଆଲ ଟାରିଫ୍ ଲାଗୁ ହେଉଥିଲା ଓ ଏହା ଅତ୍ୟନ୍ତ ବ୍ୟୟବହୁଳ ଥିଲା । ଆମର ସଂଗଠନ ଲାଗିପଡ଼ି, ଶ୍ରୀଯୁକ୍ତ ଭେନୁଗୋପାଳ ତଥା, ଆର୍.ଏନ୍.ବହିଦାର୍ଙ୍କ ସାହାଯ୍ୟରେ ଓଡ଼ିଶା ସରକାର ଏହାକୁ କୃଷିର ମାନ୍ୟତା ଦେଲେ । ଏହା ଦ୍ୱାରା କେତେକ ସୁବିଧା ସୁଯୋଗ ଅଗ୍ରାଧୀକାର ଭିତରେ ମିଳିଲା । ମାତ୍ର ବିଦ୍ୟୁତ ଟାରିଫରେ ରିହାତି ନେଇ ଅଚଳ ଅବସ୍ଥା ସୃଷ୍ଟି ହେଲା । କାରଣ କୃଷି ପାଇଁ ଓଡ଼ିଶାରେ ପୃଥକ ଟାରିଫ୍ ନାହିଁ । ଯାହା ଅଛି ତାହା ଜଳସେଚନ ପାଇଁ । ତେଣୁ କୁକୁଡ଼ା ଚାଷୀ ଜଳସେଚନ ଟାରିଫ ଦାବି କରିବା ଯଥାର୍ଥ ନୁହେଁ । ତାପର କୁକୁଡ଼ା ଫାର୍ମ ସହିତ ଦାନା ତିଆରି (ନିଜ ଫାର୍ମ ପାଇଁ) ଗୋଟିଏ ଅତ୍ୟାବଶ୍ୟକ ଅଙ୍ଗ ଆଉ ସେଥିରେ ମେସିନାରୀର ପ୍ରୟୋଗ ଅପରିହାର୍ଯ୍ୟ । ଏହାପରେ ପୁଣି କୁକୁଡ଼ା ଫାର୍ମରେ କିଛି ପରିମାଣରେ ଅଟୋମେସନ ପ୍ରୟୋଗ ହେତୁ ମେସିନ ଚାଲିବା ପାଇଁ ବିଦ୍ୟୁତ ଦରକାର । ବ୍ରିଡ଼ିଂ ଫାର୍ମରେ ଅଣ୍ଡା ଫୁଟାଇବା ପାଇଁ ମେସିନ ଚାଲିବା ଦରକାର ଓ ତାହାପାଇଁ ବିଦ୍ୟୁତ ଦରକାର । ଏ ସମସ୍ତ ଜଟୀଳ ସମସ୍ୟା ବାରମ୍ବାର ଆଲୋଚିତ ହେବା ପରେ ସଚିବ ଶ୍ରୀଯୁକ୍ତ ଭେନୁଗୋପାଳ ନିଷ୍ପତ୍ତି ନେଲେ ଯେ ଯେତେ କଷ୍ଟ ହେଉ ପଛେ କୁକୁଡ଼ା ଫାର୍ମ ପାଇଁ ଗୋଟାଏ ସ୍ୱତଂନ୍ତ ଟାରିଫ ନ ହେଲେ ଆମ ସମସ୍ୟାର ସମାଧାନ ହେବ ନାହିଁ । ଅନେକ ଚେଷ୍ଟା ସେଥିପାଇଁ ସରକାରୀ ସ୍ତରରେ ସଚିବ କରିଥିଲେ ମାତ୍ର ବିଶେଷ କିଛି ଏ ବ୍ୟାପାରରେ ଅଗ୍ରଗତି ହୋଇପାରୁନଥାଏ । ମୁଁ ମଧ ଦୋଛକିରେ ପଡ଼ିଥାଏ । କେଉଁ ବାଟରେ ଗଲେ କାମ ହୋଇପାରିବ ମୁଁ ଚିନ୍ତା କରୁଥାଏ, ଏହିପରି ସମୟରେ ମୁଁ ଦିନେ ଶ୍ରୀ ଅସୀତ୍ ତ୍ରିପାଠୀଙ୍କଠାରୁ ଗୋଟିଏ ଫୋନ ପାଇଲି । ସେ ସେତେବେଳକୁ ବିଦ୍ୟୁତ ସଚିବ । ତାଙ୍କୁ ମୁଁ ସେ ଇଡ଼କୋ ସି.ଏମ୍.ଡ଼ି. ଥିବା ବେଳୁ ଜାଣିଥିଲି । ବଜାରରେ ମୋର ରଙ୍ଗିନ କାର୍ଡ଼ବୋର୍ଡ଼ ପ୍ୟାକେଟରେ ଅଣ୍ଡା ବିକ୍ରି ହେଉଥିବା ଦେଖି ଖୁସୀ ହୋଇ ମୋତେ ଧନ୍ୟବାଦ ଦେବାକୁ ଫୋନ କରିଥିଲେ । ସେଇ ମଉକାରେ ମୁଁ ତାଙ୍କୁ ଟିକେ ଦେଖା କରିବାକୁ ଅନୁରୋଧ କଲି ।

ତାଙ୍କ ସରକାରୀ ବାସଭବନରେ ତାଙ୍କୁ ଦେଖା କଲି । ଆମୂଳଚୂଳ ସେ ସମସ୍ତ କଥା ମୋର ଶୁଣିଲେ । ଆମର ଅନୁରୋଧ ପତ୍ର ମଧ ଦେଖିଲେ, ସଚିବ ଶ୍ରୀଯୁକ୍ତ ଭେନୁଗୋପାଳଙ୍କର ସୁପାରିଶ ପତ୍ର ପଢ଼ିଲେ । ମୋଠାରୁ ସେତକ ନେଲେ ଏବଂ ରାଜ୍ୟ ବିଦ୍ୟୁତ ନିୟାମକଙ୍କୁ ଦେଖା କରିବାକୁ କହିଲେ ।

Digitized by PPRACHIN, SOA

ରାଜ୍ୟ ବିଦ୍ୟୁତ ନିୟାମକ ବୋର୍ଡ଼ରେ ଯାଇ ଅନୁସନ୍ଧାନ କଲି ଏହି ରିହାତି କିପରି ହୋଇ ପାରିବ? ସେତେବେଳକୁ ବିଦ୍ୟୁତ ସଚିବ ତଥା ପଶୁପାଳନ ସଚିବଙ୍କ ଦପ୍ତରରୁ ସୁପାରିଶ ପତ୍ର, ଏଥିପାଇଁ (କୁକୁଡ଼ା ଚାଷୀଙ୍କୁ) କମ୍ ହାରରେ ବିଦ୍ୟୁତ ଦେବା ପାଇଁ ଯାଇସାରିଥାଏ। ମାତ୍ର ସେଠାରେ ବିଭିନ୍ନ ଅଫିସରଙ୍କୁ ଦେଖା କରି ଯାହା ଜାଣିଲି, ଏ ସୁପାରିଶ ବଳରେ କିଛି ହୋଇପାରିବ ନାହିଁ। ନିୟାମକ ବୋର୍ଡ଼ର ବର୍ଷକେ ଥରେ ଟାରିଫ ସଂଶୋଧନ ବଢ଼ିବା ବା କମିବା ପାଇଁ ଦରଖାସ୍ତ ଗ୍ରହଣ କରାଯାଏ। ସାଧାରଣ ଶୁଣାଣି ହୁଏ ତାପରେ ନିଷ୍ପତ୍ତି ନିଆଯାଏ। କିନ୍ତୁ ସବୁଠାରୁ ବଡ଼ କଥା ହେଲା ଯେ ରିହାତି ଦେବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ। କାରଣ ସେଥିପାଇଁ ଯେଉଁ ରାଜସ୍ୱ ହାନି ଘଟିବ, ବେସରକାରୀ ସଂସ୍ଥା, ଯେ ବିଦ୍ୟୁତ ବିତରଣ କରୁଛି ସେ ତ ସହିବ ନାହିଁ, ତେବେ ସହିବ କିଏ? ସରକାର ସହିବେ ନହେଲେ ଅନ୍ୟ ଉପଭୋକ୍ତାଙ୍କ ଟାରିଫ ବଢ଼ିବ, ସେତକ ଭରଣା ପାଇଁ।

ଏ ବ୍ୟାପାରଟି ଏଡ଼େ କଷ୍ଟ ହେବ ବୋଲି ମୋର ଧାରଣା ନଥିଲା। ଯାହାହେଉ ବାରମ୍ବାର ସଚିବାଳୟ ଦୌଡ଼ି, ବିଭିନ୍ନ ପଦସ୍ଥ ଅଫିସରଙ୍କୁ ଦେଖାକରି କାମଟି ହାସଲ କରିବାକୁ ଚେଷ୍ଟା କରୁଥାଏ। ନିୟାମକ ବୋର୍ଡ଼ ଓ ସରକାରୀ କଳ ଭିତରେ କ'ଣ ଆଲୋଚନା ହେଲା ମୋତେ ଜଣା ନାହିଁ, ମାତ୍ର କ୍ରମେ ନିୟାମକ ବୋର୍ଡ଼ରେ ଆମର ଦାବି ପ୍ରତି ଅନୁକୂଳ ମନୋଭାବର ମୁଁ ସୂଚନା ପାଇଲି। ଆସୁଥିବା ସାଧାରଣ ଶୁଣାଣିରେ ଆମର ଦାବିର ଶୁଣାଣି ଓ ବିଚାର ହେବା ପାଇଁ ସମୟ ଧାର୍ଯ୍ୟ ହେଲା ଓ ମୋ ପାଖକୁ ଚିଠି ଆସିଲା। ସେହି ନିୟାମକ ବୋର୍ଡ଼ର ଲ ଅଫିସରଙ୍କ ଘରୋଇ ଉପଦେଶ ଅନୁଯାୟୀ ଆମେ ସଂଗଠନ ତରଫରୁ ଆର୍.ପି.ମହାପାତ୍ରଙ୍କୁ ଆମପାଇଁ ପ୍ରତିନିଧିତ୍ୱ ଓ ସୁଆଲ କରିବାପାଇଁ ଅନୁରୋଧ କଲୁ। ଏ ଭଦ୍ରଲୋକ ବିଦ୍ୟୁତ ବିଭାଗର ଜଣେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ। ନିୟମକାନୁନ ସବୁ ଦୋରସ୍ତ। ତାସହିତ ଦୀର୍ଘ ଚାକିରିକାଳ ଭିତରେ ସେ ଅର୍ଜନ କରିଥିବା ସୁନାମ ଓ ପ୍ରତିଷ୍ଠା, ପ୍ରାୟ ବିଦ୍ୟୁତ ବିଭାଗରେ ସର୍ବସ୍ୱୀକୃତ। ସେ ମଧ୍ୟ ଏପରି ଏକ ସାମୁହିକ ସ୍ୱର୍ଶକାତର ବିଷୟଟି ହାତକୁ ନେବାରେ କୌଣସି ଆପତ୍ତି କଲେ ନାହିଁ।

ଜବାବ୍, ସୁଆଲ, ଶୁଣାଣି ସରିଲା। ତାପରେ ଫଳାଫଳ ଜଣାପଡ଼ିବ ପ୍ରାୟ ଏକ ବର୍ଷପରେ। ମହାପାତ୍ର ବାବୁ ଆମକୁ ତାଙ୍କର ପରିଶ୍ରମ, ଆବେଦନ ପତ୍ର ଲେଖା, ତା ସପକ୍ଷରେ କାଗଜପତ୍ର ଯୋଗାଡ଼ କରିବା, ଶୁଣାଣିରେ ନିଜେ ଉପସ୍ଥିତ ରହି ପ୍ରଶ୍ନ ସବୁର ଉତ୍ତର ଦେବାରେ ଯଦିଓ ଯଥେଷ୍ଟ ପରିଶ୍ରମ ଓ ସମୟ ଦେଉଥିଲେ

Digitized by PPRACHIN, SOA

ତଥାପି ଆମଠାରୁ କୌଣସି ପାରିଶ୍ରମିକ ନେବାକୁ ମନା କଲେ। ମାତ୍ର ମୁଁ ବାଧ କରି ଯତ୍ କିଞ୍ଚିତ୍ ପାରିଶ୍ରମିକ ଦେଇଥିଲି।

ବର୍ଷାଧୀକ ପରେ ଫଳ ଜଣା ପଡ଼ିଲା। କୁକୁଡ଼ା ଫାର୍ମ ପାଇଁ ବିଦ୍ୟୁତ୍ ପ୍ରତି ୟୁନିଟ ପିଛା ୧ ଟଙ୍କା ହେଲା। ସେତେବେଳକୁ ମୋର ଶାରୀରିକ ଅସୁସ୍ଥତା ହେତୁ ମୁଁ ସଂଗଠନ ଦାୟୀତ୍ୱରୁ ଅବ୍ୟାହତି ନେଇ ସାରିଥିଲି। ଏଇଟି କୁକୁଡ଼ା ଚାଷୀଙ୍କ ପାଇଁ ଗୋଟିଏ ବଡ଼ ଲାଭ ଓ ପ୍ରୋତ୍ସାହନ। ମୋର ଅନେକ ପ୍ରାୟ ଏକାକୀ ପରିଶ୍ରମ ସଫଳ ହେବାରେ ମୁଁ ଆତ୍ମସନ୍ତୋଷ ପାଇଲି।

<u>ସର୍ବନିମ୍ନ ମଜୁରୀ/ଶ୍ରମିକ ସମସ୍ୟା</u>:- କୁକୁଡ଼ା ଚାଷୀଙ୍କ ପାଇଁ ଆଉ ଗୋଟିଏ ବଡ଼ କିଳା ହେଉଛି, ଶ୍ରମିକ ସମସ୍ୟା। ସରକାରୀ ନିୟମ ଅନୁସାରେ ୧୦/୧୫ ଜଣ ଶ୍ରମିକରୁ ଅଧିକ ହେଲେ, ଆମକୁ ପଞ୍ଜିକରଣ କରିବାକୁ ହେବ। ଶ୍ରମିକ ସ୍ଥାୟୀ କରି ସମସ୍ତ ସରକାରୀ ସୁବିଧା ସୁଯୋଗ ଦେବାକୁ ହେବ। ସେମାନେ ଟ୍ରେଡ୍ ୟୁନିଅନ କରିପାରିବେ। ଧର୍ମଘଟ କରି ଫାର୍ମକୁ ଅଚଳ କରି ଦେଇପାରିବେ। ଏସବୁ ସେମାନଙ୍କର ଆଇନ ସମ୍ମତ ଅଧିକାର। ମାତ୍ର ସରକାରୀ ଆଇନରେ ଗୋଟିଏ କୁକୁଡ଼ା ଚାଷୀର ଉଦ୍ୟୋଗ ଆଉ ଗୋଟିଏ ଖଣି ମାଲିକର ଉଦ୍ୟୋଗ ଭିତରେ କୌଣସି ପାର୍ଥକ୍ୟ ନାହିଁ। ଜଣେ ଖଣି ମାଲିକ ବା ମାଛ ରପ୍ତାନୀ କରୁଥିବା ଉଦ୍ୟୋଗୀ ଜଣେ ଶ୍ରମିକକୁ ଯେଉଁ ସୁବିଧା ସୁଯୋଗ ଦେଇ ପାରିବ ଆମେ କୁକୁଡ଼ା ଚାଷୀ ସେପରି ଦେବା ସମ୍ଭବ ନୁହେଁ। କାରଣ ଆମର ଲାଭ ପରିମାଣ କାଗଜ ପରି ଅତ୍ୟନ୍ତ ପତଳା ଏବଂ ଆମର ବ୍ୟବସାୟ ବିଭିନ୍ନ ବାହ୍ୟ ସମସ୍ୟା ଦ୍ୱାରା ପ୍ରଭାବିତ। ମାତ୍ର ସରକାରୀ କଳରେ ସେହି ପାର୍ଥକ୍ୟକୁ ସ୍ୱୀକାର କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ।

ଧରି ନିଅନ୍ତୁ ଆନ୍ଧ୍ର ପ୍ରଦେଶ କଥା। ସେଠାରେ ପ୍ରତି ଗାଁ ଗାଁରେ କୁକୁଡ଼ା ଫାର୍ମ। ସେଠାରେ ଏ ସରକାରୀ ନୀତି ନିୟମ କିଛି ଲାଗୁ ନୁହେଁ। ଧାନ ଫସଲର କ୍ଷେତ ଚାଷୀ ପରି ସେମାନେ କୁକୁଡ଼ା ଫାର୍ମର ଚାଷୀଙ୍କୁ ଦେଖନ୍ତି ଏବଂ ମଜୁରୀ ଦିଅନ୍ତି। ଜଣେ ଆନ୍ଧ୍ର କୁକୁଡ଼ା ଚାଷୀ ତା'ର ଫାର୍ମର ଆକାର ଦେଖି, କେତୋଟି ମଜୁରିଆ ପରିବାରକୁ ଫାର୍ମ ଭିତରେ ରଖି ନିଅନ୍ତି। ସେମାନଙ୍କୁ ଖୋରାକ ଖାଇବା ପାଇଁ ସରଞ୍ଜାମ ଦେଇ ଦିଅନ୍ତି ଆଉ ବର୍ଷ ଶେଷରେ ମୋଟା ଆକାରରେ କିଛି ଦେଇ ଦିଅନ୍ତି। ସେ ପରିବାରଟିର ସମସ୍ତ ସଦସ୍ୟ ପିଲା, ବୁଢ଼ା, ସ୍ତ୍ରୀ, ସ୍ୱାମୀ ସମସ୍ତେ ଆପଣା ଭିତରେ ଘରକାମ ବାଣ୍ଟିଲା ପରି ଫାର୍ମର ତାଙ୍କ ଭାଗରେ ପଡ଼ିଥିବା କୁକୁଡ଼ା ଘରର ସମସ୍ତ କାମ, ଘର ସଫା କରିବାଠାରୁ, ଦାନା ଦେବା, ପାଣି ଦେବା

Digitized by PPRACHIN, SOA

ଏବଂ ଅଣ୍ଡା ସଂଗ୍ରହ ଓ ପ୍ୟାକିଂ କରିବା ପର୍ଯ୍ୟନ୍ତ ସବୁ କାମ ବାଣ୍ଟିକୁଣ୍ଟି କରନ୍ତି । ସେଥିପାଇଁ ତାଙ୍କର ଆଠ ଘଣ୍ଟିଆ ଡ଼ିୟୁଟି ନାହିଁ କି ରବିବାର ଛୁଟି ନାହିଁ ।

ସେଠାରେ ଟ୍ରେଡ୍ ୟୁନିଅନର ଧମକ ନାହିଁ କି ସର୍ବ ନିମ୍ନ ମଜୁରୀର ଅସୁବିଧା ନାହିଁ । ମୁଁ ଆନ୍ଧ୍ର, ତାମିଲନାଡୁ ଓ କର୍ଣ୍ଣାଟକର ଅନେକ ଅଞ୍ଚଳ ବୁଲି, ଅନେକ ଫାର୍ମ ଦେଖିଛି । ସବୁଠାରେ ଏହି ପ୍ରକାର ବ୍ୟବସ୍ଥା । ସେଥିପାଇଁ ସେ ସବୁ ରାଜ୍ୟରେ କୁକୁଡ଼ା ଚାଷ ବେଶ୍ ଆଗେଇଛି ଓ ଚାଷୀ ମଧ୍ୟ ଦୁଇ ପଇସା ବିନା ମୁଣ୍ଡ ବ୍ୟଥାରେ ପାଇ ପାରୁଛି ।

ମାତ୍ର ଆମ ଓଡ଼ିଶା ଅବସ୍ଥା ସମ୍ପୂର୍ଣ୍ଣ ଓଲଟା । ଶ୍ରମ ବିଭାଗରେ ପଞ୍ଜିକରଣ, ଶ୍ରମ ଅଧିକାରୀଙ୍କର ବାରମ୍ବାର ପରିଦର୍ଶନ, ଟ୍ରେଡ୍ ୟୁନିଅନ, ସ୍ଥାୟୀ ଚାକିରି, ବାର୍ଷିକ ଦରମା ବୃଦ୍ଧି, ବୋନସ୍ ଏସବୁକୁ ମୁଣ୍ଡାଇ ଓଡ଼ିଶା ଚାଷୀକୁ ଚାଲିବାକୁ ପଡ଼େ, ତେଣୁ କୁକୁଡ଼ା ଫାର୍ମ ଏଠାରେ ବିଶେଷ ଲାଭ ଜନକ ନୁହେଁ । ଚାଷୀ ଯଦି ତା ଟଙ୍କାର ମୂଲ୍ୟ ଫେରି ନପାଇଲା, ତେବେ ସେ କାହିଁକି ଏଥିରେ ପଶିବ । ତେଣୁ ଓଡ଼ିଶାରେ କୁକୁଡ଼ା ଚାଷ ସେଥିପାଇଁ ବିଶେଷ ଅଗ୍ରଗତି କରିପାରୁନାହିଁ ।

ମୋର ଅନେକ ବର୍ଷର ଅଭିଜ୍ଞତାରୁ ମୁଁ ଏହି ନିର୍ଣ୍ଣୟରେ ପହଞ୍ଚିଲି ଯେ, ଯେଉଁମାନଙ୍କ ହାତରେ ପଇସା ଅଛି ତାହା ଧଳା ହେଉ ବା କଳା ହେଉ, ସେମାନେ ଯଦି କୁକୁଡ଼ା ଚାଷ କ୍ଷେତ୍ରକୁ ନଆସିବେ, ତେବେ ଓଡ଼ିଶା ଅଣ୍ଡା ଉତ୍ପାଦନରେ ସ୍ୱାବଲମ୍ବି ହୋଇପାରିବ ନାହିଁ । ଯାହାର ଟଙ୍କା ଅଛି, ସେ ଯଦି ତା'ର ବିନିଯୋଗ ବଦଳରେ ବିନା ମୁଣ୍ଡବ୍ୟଥାରେ କିଛି ନ ପାଇଲା ସେ କାହିଁପାଇଁ ଏଥିରେ ପଶିବ ।

ଏ ସବୁକୁ ବିଚାରକୁ ନେଇ ଏଇ ଶ୍ରମିକ ସମସ୍ୟାଟି ମୁଁ ସଂଗଠନ ତରଫରୁ ସରକାରଙ୍କ ପାଖରେ ଉପସ୍ଥାପନ କଲି । ମୋର ଯୁକ୍ତି ହେଲା, ଜଣେ ଖଣି ମାଲିକ ଜଣେ ଶ୍ରମିକକୁ ୧୫୦ ଟଙ୍କା କାହିଁକି ହୁଏତ ୨୦୦ ଟଙ୍କା ଦିନକୁ ମଜୁରୀ ଦେଇ ପାରିବ । ମାତ୍ର ଆମେ ଦେଇ ପାରିବୁ ନାହିଁ । ସ୍ଥାୟୀ ଶ୍ରମିକ କରି ଅନ୍ୟାନ୍ୟ ଆନୁସଂଗିକ ସୁବିଧା ଯୋଗାଇବା ଆମର ପାଉଥିବା ଲାଭ ପକ୍ଷରେ ସମ୍ଭବ ନୁହେଁ । ତାପରେ ଶ୍ରମ ବିଭାଗ ତରଫରୁ ଏସବୁ ନେଇ ଆମକୁ ବିଭିନ୍ନ ଆଳରେ ହଇରାଣ ହରକତ ମଧ୍ୟ କରାଯାଉଛି । ସବୁଠାରୁ ବଡ଼ କଥା ହେଉଛି ଟ୍ରେଡ୍ ୟୁନିଅନ ସମସ୍ୟା । ୟୁନିଅନ କରି ସେମାନେ ଧର୍ମଘଟ କରିବା ଯଦିଓ ସେମାନଙ୍କର ମୌଳିକ ଅଧିକାର, ତାହା ଅନ୍ୟାନ୍ୟ ଶିଳ୍ପରେ ଚଳିଯାଇ ପାରିବ । ଗୋଟିଏ ମଟର କାରଖାନା, ଦାନା ତିଆରି କାରଖାନାରେ ୧୦ ଦିନ କାମ ବନ୍ଦ ହେଲେ, ବିଶେଷ

Digitized by PPRACHIN, SOA

କିଛି କ୍ଷତି ଘଟିବ ନାହିଁ। ୧୦ ଦିନ ପରେ କାମ ଚାଲୁ କରାଯାଇପାରିବ କେବଳ ଏଇ ୧୦ ଦିନର ଉତ୍ପାଦନ କମିଯିବ। ମାତ୍ର ଗୋଟିଏ ଲାଇଭ୍ ଷ୍ଟକ ଫାର୍ମରେ ଗୋଟିଏ ଦିନର ଧର୍ମଘଟ ଆତ୍ମହତ୍ୟା ସଦୃଶ ହେବ। ଗୋଟିଏ ଦିନ ପରେ ଲାଇଭ୍ ଷ୍ଟକ ଫାର୍ମଟି ଡେ଼ଡ୍ ଷ୍ଟକ ଫାର୍ମ ହୋଇ ଯାଇଥିବ। ଶ୍ରମିକ ଏକଥା ଜାଣିଛି ଏବଂ ସେଥିପାଇଁ ମାଲିକମାନଙ୍କୁ ଧମକାଉଛି।

ହଁ ଅତ୍ୟନ୍ତ ବଡ଼ କୁକୁଡ଼ା ଫାର୍ମ ହେଲେ କେତକ ମାତ୍ରାରେ ଶ୍ରମ ଆଇନ ଅନୁସାରେ ପରିଚାଳନା କରିବା ହୁଏତ ସମ୍ଭବ ମାତ୍ର ୪୦/୫୦ ହଜାର କୁକୁଡ଼ା ଥିବା ଫାର୍ମରେ ଏହା ଅର୍ଥନୈତିକ ଦୃଷ୍ଟିରୁ ଆଦୌ ସମ୍ଭବ ନୁହେଁ।

ମୁଁ ଯେତେବେଳେ ଏସବୁ ସମସ୍ୟା ଆପେକ୍ସ କମିଟି ମିଟିଂରେ ଉଠାଇଲି ସମସ୍ତ ସରକାରୀ ପଦସ୍ଥ ଅଫିସର ମୋତେ କିପରି ଭିନ୍ନ ଦୃଷ୍ଟିରେ ଦେଖିଲେ। ସତେ ଯେପରି ମୁଁ ଗୋଟାଏ ଅଯାଗାରେ, ଅତ୍ୟନ୍ତ ସ୍ପର୍ଶକାତର ବ୍ୟାପାରରେ ଅବାଞ୍ଛିତ ମନ୍ତବ୍ୟ ଦେଇଛି। ମୋତେ ଅନେକ ବିଭିନ୍ନ ପ୍ରଶ୍ନ ମଧ କଲେ। ଧୈର୍ଯ୍ୟର ସହ ସମସ୍ତ ପ୍ରଶ୍ନର ଉତ୍ତର ଦେଲି। ପ୍ରାୟ ୧ ଘଣ୍ଟାର ପ୍ରଶ୍ନୋତ୍ତର ପରେ ମନେହେଲା ଯେ ଉପସ୍ଥିତ ବିଭିନ୍ନ ବିଭାଗର ପଦସ୍ଥ ଅଫିସରମାନଙ୍କର କିଛି ମାତ୍ରାରେ ମୋର ଯୁକ୍ତିରେ ହୃଦବୋଧ ହେଲା। ମାତ୍ର ମୁଁ ଚାହୁଁଥିବା ସୁବିଧାସୁଯୋଗ କିପରି କେବଳ କୁକୁଡ଼ା ଚାଷୀଙ୍କ କ୍ଷେତ୍ରରେ ଲାଗୁ ହେବ ତାହାହିଁ ସମସ୍ୟା ହୋଇ ଠିଆ ହେଲା। କାରଣ ଶ୍ରମ ଆଇନଟି କେନ୍ଦ୍ର ସରକାରଙ୍କର ଓ ସେଥିରେ ରାଜ୍ୟ ସରକାରଙ୍କର କ୍ଷମତା ଅତ୍ୟନ୍ତ ସୀମିତ। ସେ ଯାହାହେଉ ବିଭିନ୍ନ ଦିଗରୁ ବିଚାର କରି କିଛି କରିବା ପାଇଁ କମିଟି ଚେୟାରମ୍ୟାନ ଅତିରିକ୍ତ ଶାସନ ସଚିବ ସ୍ୱୀକୃତି ଦେଲେ। ସେଇ ଆଲୋଚନା ବେଳେ ଶ୍ରୀ ଭେନୁଗୋପାଳଙ୍କର ସାହାଯ୍ୟ ଓ ସମର୍ଥନ ପ୍ରକୃତରେ ମୋତେ ଅନେକ ସାହସ ଦେଇଥିଲା।

ତାପରେ ମୋର ଆରମ୍ଭ ହେଲା ସରକାରୀ ମହଲରେ ବିଭିନ୍ନ ପଦସ୍ଥ ଅଫିସରଙ୍କୁ ଭେଟି କିଛି ଗୋଟାଏ ବାଟ ବାହାର କରିବା। ମୁଁ କୁକୁଡ଼ା ଚାଷୀଙ୍କ ପାଇଁ ପ୍ରକୃତରେ କ'ଣ ଚାହୁଁଥିଲି-

୧) ଆମକୁ କଣ୍ଟ୍ରାକ୍ଟ ଶ୍ରମିକ ରଖିବାକୁ ସୁବିଧା ଦିଆଯାଉ।

୨) ସ୍ଥାୟୀ କରିବା ପାଇଁ ବାଧ୍ୟ କରା ନଯାଉ।

୩) ଶ୍ରମ ବିଭାଗର ନିୟନ୍ତ୍ରଣରୁ ମୁକ୍ତ ରଖାଯାଉ।

୪) ସର୍ବନିମ୍ନ ମଜୁରୀ ଆମପ୍ରତି ଲାଗୁ ନ ହେଉ।

Digitized by PPRACHIN, SOA

ଅନେକ ଧାଁ ଦଉଡ଼, ଆଲୋଚନା, ତର୍କ ପରେ ମଧ୍ୟ ବିଶେଷ କିଛି କଥା ଆଗଉ ନଥାଏ। ସମସ୍ତେ ଏହା କେନ୍ଦ୍ର ସରକାରଙ୍କ ବ୍ୟାପାର କହି ହାତ ଝାଡ଼ି ଦେଉଥାଆନ୍ତି। ପଶୁପାଳନ ସଚିବଙ୍କ ପରାମର୍ଶ ଅନୁସାରେ ଶ୍ରମ କମିଶନରଙ୍କୁ ବାରମ୍ବାର ଭେଟିଲି। ମାତ୍ର ସେ ବି କିଛି ବାଟ ବାହାର କରିପାରିଲେ ନାହିଁ। ମୋର ସମସ୍ତ ପରିଶ୍ରମର ସଫଳତା ବା ବିଫଳତା ମୁଁ ସାପ୍ତାହିକ ଭିତିରେ ଶ୍ରୀ ଭେନୁଗୋପାଳଙ୍କ ସହ ଦେଖା କରି ତାଙ୍କୁ ଜଣାଉଥାଏ। ସେ ବତାଉଥିବା ବାଟରେ କାମ କରୁଥାଏ। ଶେଷ ଅସ୍ତ୍ର ଭାବରେ ଦିନେ ମୋତେ ସାଙ୍ଗରେ ନେଇ ଶ୍ରମ ସଚିବଙ୍କ ପାଖକୁ ଗଲେ। ଶ୍ରୀଯୁକ୍ତ ୰ଜଗଦାନନ୍ଦ ପଣ୍ଡା ସେତେବେଳେ ସଚିବ ଥାଆନ୍ତି (ସେ ଭଦ୍ରଲୋକ ଏହା ଲେଖିଲାବେଳକୁ ନାହାନ୍ତି) ମୋଠାରୁ ସମସ୍ତ ବିଷୟ ଧୈର୍ଯ୍ୟର ସହିତ ଶୁଣିଲେ। ଶେଷରେ କହିଲେ "ସରକାରୀ କଳ ଏ ବ୍ୟାପାରରେ ବିଶେଷ କିଛି କରିପାରିବ ନାହିଁ। କେନ୍ଦ୍ର ସରକାର ଏ ପ୍ରସ୍ତାବରେ ରାଜି ହେବ ନାହିଁ। ମାତ୍ର ଯେଉଁ ପ୍ରସ୍ତାବ ସୁଧାଂଶୁ ଦେଇଛି ତାହା ଅତ୍ୟନ୍ତ ଯୁକ୍ତିଯୁକ୍ତ ମାତ୍ର ତାହା କିପରି ହେବ ତାହା ସେ ଚିନ୍ତା କରିପାରୁ ନାହାନ୍ତି।" ହୁଏତ ତାଙ୍କଠାରୁ କିଛି ସରକାରୀ ରିହାତି ଏ ବିଷୟରେ ପାଇବା ସମ୍ଭବ ନୁହେଁ ବୋଲି ଶ୍ରୀ ଭେନୁଗୋପାଳଙ୍କୁ କହିଲେ। ଆମେ ବିଦାୟ ନେବାବେଳେ ଗୋଟିଏ ବାକ୍ୟ କହିଲେ ଯେଉଁଥିରେ ଟିକିଏ ଆଶାର ଝଲକ ଦେଖାଗଲା। "ରାଜ୍ୟ ସରକାର ଚାହିଁଲେ କେନ୍ଦ୍ରକୁ ନଜଣାଇ କିଛି ସାମୟିକ ରିହାତି ସୀମିତ ଭାବରେ ଦେଇ ପାରିବେ। ଏହା ସମ୍ଭବ ହୁଏତ ହେବ।"

ଏହି ପ୍ରକାର ଆଲୋଚନା ପରେ ଆମେ ଅତିରିକ୍ତ ଶାସନ ସଚିବଙ୍କୁ ତା ପରଦିନ ଦେଖାକଲୁ। ସେତେବେଳକୁ ଶ୍ରୀ ବହିଦାର ବାବୁ ବଦଳି ହୋଇ ସତ୍ୟ ପ୍ରକାଶ ନନ୍ଦ ନୂତନ ଅତିରିକ୍ତ ଶାସନ ସଚିବ ଓ ବ୍ୟବସ୍ଥା ଅନୁଯାୟୀ ଆମର ଆପେକ୍ସ କମିଟିର ଚେୟାରମ୍ୟାନ।

ସେ ମହାଶୟ ଆଗରୁ ଓଡ଼ିଶା ରାଜ୍ୟ ଅର୍ଥ ନିଗମର ପରିଚାଳନା ନିର୍ଦ୍ଦେଶକ ଥିବା ବେଳୁ ମୁଁ ତାଙ୍କୁ କେତେଥର ଭେଟିଥିଲି ଓ ସେ ମୋତେ ସାମାନ୍ୟ ଚିହ୍ନି ଥିଲେ। ଅତ୍ୟନ୍ତ ଧୈର୍ଯ୍ୟର ସହ ମୋର ସମସ୍ତ ଯୁକ୍ତି ଶୁଣିଲେ। ପରବର୍ତ୍ତୀ ଆପେକ୍ସ କମିଟିରେ ଏହାର ଆଲୋଚନା କରି ନିଷ୍ପତ୍ତି ନେବେବୋଲି ଆଶ୍ୱାସନା ଦେଲେ ଓ ଶ୍ରମ କମିଶନରଙ୍କୁ ସେ କମିଟି ମିଟିଂକୁ ଡ଼ାକିବାକୁ ଶ୍ରୀ ଭେନୁଗୋପାଳଙ୍କୁ କହିଲେ। ଦୁଇମାସ ପରେ ପରବର୍ତ୍ତୀ ଆପେକ୍ସ କମିଟି ମିଟିଂର ତାରିଖ ସ୍ଥିର ହେଲା। ସେହି ସମୟ ମଧ୍ୟରେ ଯେତେଦୂର ସମ୍ଭବ ମୁଁ ବିଭିନ୍ନ ଅଫିସର ବିଶେଷ କରି ମଧ୍ୟମ ବର୍ଗର ଅଫିସରମାନଙ୍କ ସହ କଥାବାର୍ତ୍ତା କରି, କିପରି ଏହାର

Digitized by PPRACHIN, SOA

ସମାଧାନ ସୂତ୍ର ବାହାରିପାରିବ, ଯେଉଁଟିକି ନିୟମ ଭିତରେ ଥିବ ମାତ୍ର, କୁକୁଡ଼ା ଚାଷୀ ରିହାତି ପାଉଥିବ । ଗୋଟାଏ ସମାଧାନର ଗ୍ରହଣୀୟ ବାଟ ବାହାର କରିବାକୁ ଚେଷ୍ଟାକରୁଥାଏ । ମାତ୍ର ତାହା ସମ୍ଭବ ହେଉ ନଥାଏ । କାରଣ କେତେକ ପରସ୍ପର ବିରୋଧୀ ବ୍ୟାପାର/ସମସ୍ୟାହିଁ ସାମନାକୁ ଆସୁଥାଏ । ଶ୍ରମିକ ରହିବେ, ନିର୍ଦ୍ଦିଷ୍ଟ ସମୟ ପରେ ସେମାନେ ସ୍ଥାୟୀ ହେବେ । ସ୍ଥାୟୀ ହେଲେ ସେମାନଙ୍କ ପାଇଁ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧାର ଧାରା ଲାଗୁହେବ । ସେମାନଙ୍କ ସଂଖ୍ୟା ନିର୍ଦ୍ଦିଷ୍ଟ ରେଖା ଡ଼େଇଁଲେ ସେମାନେ ୟୁନିଅନ କରିପାରିବେ । ତେଣିକି ଧର୍ମଘଟ ହେବ ତାଙ୍କର ଅଧିକାରର ଅର୍ନ୍ତଭୁକ୍ତ । ଆଉ ଥରେ ଧର୍ମଘଟ ହେଲେ କୁକୁଡ଼ା ଫାର୍ମ ଆଉ କୁକୁଡ଼ା ଫାର୍ମ ହୋଇ ରହିବ ନାହିଁ । ଏ ସବୁକୁ ଦୃଷ୍ଟିରେ ରଖି, ସମଗ୍ର ବ୍ୟାପାରଟି ନିରପେକ୍ଷ ଭାବରେ ବିଚାର କରି ମୁଁ ପରବର୍ତ୍ତି ମିଟିଂ ପାଇଁ ବିଶେଷ ଆଶାୟୀ ହୋଇ ପାରୁ ନଥିଲି ।

ମାତ୍ର ମିଟିଂ ପାଇଁ ଦିନ ତ ସ୍ଥିର ହୋଇଥିଲା । ସେହି ଅନୁସାରେ ଚେୟାରମ୍ୟାନ ଅତିରିକ୍ତ ଶାସନ ସଚିବ ସତ୍ୟ ପ୍ରକାଶ ନନ୍ଦଙ୍କ ସଭାପତିତ୍ୱରେ ମିଟିଂ ଆରମ୍ଭ ହେଲା । ସେଦିନ ଅନ୍ୟାନ୍ୟ ଛୋଟ ଛୋଟ ସମସ୍ୟା ବାଦ ଏଇଟି ମୁଖ୍ୟ ବିଷୟବସ୍ତୁଥିଲା । ଛୋଟ ଛୋଟ କାମ ସରିବା ପରେ ଚେୟାରମ୍ୟାନ ମୋତେ ସମସ୍ତ ବିଷୟ ବୁଝାଇ ମିଟିଂରେ କହିବାକୁ କହିଲେ । ବିଭିନ୍ନ ବିଭାଗର ଉଚ୍ଚ କର୍ମକର୍ତ୍ତା, ଲେବର କମିଶନର ଇତ୍ୟାଦି ଉପସ୍ଥିତ ଥାଆନ୍ତି । ମୁଁ ଆମର ଲେବର ଆଇନକୁ ନେଇ ସମସ୍ୟା ତଥା ତା'ର ଉପଶମ ପାଇଁ ମୋର ପ୍ରସ୍ତାବ ତଥା ବିଭିନ୍ନ ସ୍ତରରେ ମୋର ଉଦ୍ୟମର ଗୋଟାଏ ବିଷଦ ବ୍ୟାଖ୍ୟା ଦେଲି । ସମସ୍ତେ ଚୁପ୍‌ଚାପ୍ ଶୁଣୁଥାଆନ୍ତି ।

ମୋର ବକ୍ତବ୍ୟ ଶେଷ ହେଲା । ଚେୟାରମ୍ୟାନ ତ ସବୁ କଥା ଆଗରୁ ଜାଣିଥିଲେ, ସେ କେବଳ ଆନୁଷ୍ଠାନିକ ଭାବରେ ବର୍ତ୍ତମାନ ସବୁ ସଂପୃକ୍ତ ବିଭାଗୀୟ ମୁଖ୍ୟଙ୍କ ଉପସ୍ଥିତିରେ ସେଇ ପୁରୁଣା ଯୁକ୍ତି, ଆବେଦନ ପ୍ରତିବେଦନା ମୋର ଶୁଣିଲେ ।

ଚେୟାରମ୍ୟାନ ପାଟି ଖୋଲିଲେ । ଏ ସମସ୍ୟାର ସମାଧାନ କିପରି ହେବ । କିପରି କୁକୁଡ଼ା ଚାଷକୁ ଆମେ ପ୍ରୋତ୍ସାହନ ଦେଇ ପାରିବା । କାରଣ ସରକାର ମଧ୍ୟ ଏହି ଶିଳ୍ପଟିକୁ ଗୁରୁତ୍ୱ ଦେଇଛନ୍ତି । ଜଣ ଜଣ କରି ବିଭିନ୍ନ ବିଭାଗ ମୁଖ୍ୟଙ୍କୁ ପଚାରିଲେ । ସମସ୍ତେ ମୁଣ୍ଡ ନାଡ଼ିଲେ ଅର୍ଥାତ୍ ଜଣାଇଲେ ଏହା ସମ୍ଭବ ନୁହେଁ । ଶ୍ରମିକ ସ୍ଥାୟୀ ହେବେନି, ୟୁନିଅନ ହେବନି, ଧର୍ମଘଟ ହେବନି, ସର୍ବନିମ୍ନ ମଜୁରୀ ଲାଗୁ ହେବନି ଏହା ସମ୍ଭବ ନୁହେଁ । ମୁଁ ପ୍ରକୃତରେ ଏହି ପ୍ରକାର ପ୍ରତିକ୍ରିୟା ହିଁ ଆଶା କରୁଥିଲି ତେଣୁ ଆଶ୍ଚର୍ଯ୍ୟ ହେଲି ନାହିଁ ।

Digitized by PPRACHIN, SOA

ଶେଷରେ ଚେୟାରମ୍ୟାନ ପାଟି ଖୋଲିଲେ। "ଓଡ଼ିଶାକୁ ଅଣ୍ଡା ଉତ୍ପାଦନରେ ସ୍ୱାବଲମ୍ବି କରିବାକୁ ହେବ। ସେଥିପାଇଁ ସରକାର ଦିନକୁ ଏକ କୋଟି ଅଣ୍ଡା ଉତ୍ପାଦନର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସେଥିପାଇଁ ଟାକ୍ସ ତଥା ବିଦ୍ୟୁତ ଦରରେ ଅନେକ ରିହାତି ଓ ପ୍ରୋତ୍ସାହନ ଦେଇଛନ୍ତି। ବର୍ତ୍ତମାନ କୁକୁଡ଼ା ଚାଷୀଙ୍କର ସଂଗଠନ ଶ୍ରମ ଆଇନ ନେଇ ଯେଉଁ ସମସ୍ୟା ଉପସ୍ଥାପିତ କରିଛନ୍ତି, ତାହା ମୋ ବିଚାରରେ ଅତ୍ୟନ୍ତ ଯୁକ୍ତିଯୁକ୍ତ ଆଉ ସେଥିରେ ସେମାନେ କିଛିଟା ପ୍ରୋତ୍ସାହନ ନପାଇଲେ ଅନ୍ୟାନ୍ୟ ପ୍ରୋତ୍ସାହନ ତଥା ଟାକ୍ସ ଓ ବିଦ୍ୟୁତ ରିହାତିର କିଛି ବୋଲି କିଛି ମାନେ ରହିବ ନାହିଁ।

ମାତ୍ର ବର୍ତ୍ତମାନ ପ୍ରଶ୍ନ ହେଉଛି କ'ଣ କରାଯିବ ନୁହେଁ ବରଂ କିପରି କରାଯିବ। କୁକୁଡ଼ା ଚାଷୀ ତାଙ୍କର ନ୍ୟାଯ୍ୟ ସୁବିଧା ପାଇବେ। ମାତ୍ର ତାହା କିପରି?"

କିଛି ସମୟ ବିଶ୍ରାମ ନେଇ ସେ ସିଧାସଳଖ ଶ୍ରମ କମିଶନରଙ୍କୁ ପଚାରିଲେ, " ଅଶ୍ୱିନୀ (ସେତେବେଳେ ଶ୍ରମ କମିଶନର ଥାଆନ୍ତି ଶ୍ରୀ ଅଶ୍ୱିନୀ ଦାସ) ତୁମେ କ'ଣ ଏ ବ୍ୟାପରରେ ସାହାଯ୍ୟ କରିପାରିବ କୁହ?"

"ସାର୍ ମୁଁ ବା କ'ଣ କରିପାରିବି? ଏଇଟା କେନ୍ଦ୍ର ସରକାରଙ୍କ ଆଇନ। ମୁଁ କେବଳ ସେ ଆଇନ ଲାଗୁ କରିବା ପାଇଁ ଅଛି। ତେଣୁ ମୁଁ କିପରି କୁକୁଡ଼ା ଶିଳ୍ପକୁ ସେଥିରୁ ବାଦ ଦେବି?"

"ଠିକ୍ ଅଛି, ତୁମେ ଯଦି କେନ୍ଦ୍ର ଆଇନ ବୋଲି କିଛି କରିପାରିବ ନାହିଁ ଏବଂ ତୁମ କହିବା ମଧ୍ୟ ଯଥାର୍ଥ, ତେବେ ଅନ୍ତତଃ ତୁମେ ତୁମର କୌଣସି ଅଫିସର ବା ଇନସ୍ପେକ୍ଟରଙ୍କୁ କୁକୁଡ଼ା ଫାର୍ମକୁ ତଦାରଖ କରିବାକୁ ପଠାଇବ ନାହିଁ। ଧରିନେବ ଯେ କୁକୁଡ଼ା ଫାର୍ମ ସେମାନଙ୍କ ଅଞ୍ଚଳରେ ମୋଟେ ନାହିଁ। ଏତକ ତୁମେ କରାଇ ପାରିବ? ଏଥିପାଇଁ ମୁଁ ଲିଖିତ ନିର୍ଦ୍ଦେଶ ଦେଇପାରିବି ନାହିଁ ମାତ୍ର କୁକୁଡ଼ା ଚାଷର ଉନ୍ନତି ପାଇଁ ଏହା ମୋର ଅଲିଖିତ ନିର୍ଦ୍ଦେଶ। ଯଦି କେହି ଅମାନ୍ୟ କରେ କ'ଣ କରିବାକୁ ହେବ ତାହା ମୋର ତୁମକୁ କହିବା ଦରକାର ନାହିଁ। ଅନ୍ୟୁନ୍ୟ ୫ ବର୍ଷ ପାଇଁ ଏହା ଚାଲୁରଖ।"

ଏପରି ଏକ ସହଜ ତଥା ଦୁନିଆ ବାହାର ସମାଧାନ ମୁଁ କସ୍ମିନ କାଳେ ଚିନ୍ତା କରିନଥିଲି। ମନେହେଲା, ସେ ମିଟିଂରେ ସତେ ଯେପରି ବୋମାଟିଏ ଫୁଟିଲା। ସମସ୍ତେ ହାଁ କରି ଅନାଇ ରହିଲେ। ଶ୍ରମ କମିଶନର ମଧ୍ୟ ହତବାକ୍ ହୋଇଗଲେ। ବେଶ୍ କିଛି ସମୟ ନେଲେ କଥାର ମଞ୍ଜିଟି ହୃଦୟଙ୍ଗମ କରିବା ପାଇଁ। ବର୍ତ୍ତମାନ

Digitized by PPRACHIN, SOA

ପାଟି ଖୋଲିଲେ, "ସାର୍, ଏହା ସମ୍ଭବ। ମୁଁ ଆସନ୍ତା କାଲିଠାରୁ ତାହା ଲାଗୁ କରିବି।" ସାହାଯ୍ୟ କରିବାକୁ ଗୋଟାଏ ବାଟ ପାଇଥିବାରୁ ସେ ମଧ୍ୟ ଖୁସୀ ମନେହେଲେ।

ଚେୟାରମ୍ୟାନ ମୋତେ ନିର୍ଦ୍ଦେଶ ଦେଲେ, " ମି.ଦାସ ତୁମର ସମସ୍ତ ସଭ୍ୟଙ୍କୁ ଜଣାଇ ଦିଅ, କୌଣସି ଶ୍ରମ ନିରୀକ୍ଷକ ସେମାନଙ୍କ ଫାର୍ମକୁ ଯିବେ ନାହିଁ। ଯଦି କେହି ବଦମାସୀ କରି ଯାଆନ୍ତି ବା ହଇରାଣ କରନ୍ତି, ତେବେ ତୁମେ ସିଧାସଳଖ ମୋତେ କୁହ ଏବଂ ଯାହା କରିବା କଥା ତା ମୁଁ କରିବି। ଏ ସୁବିଧା ତୁମେ ୫ ବର୍ଷ ପାଇବ।"

ଏଇ ଗୋଟିଏ ମାତ୍ର ପଦକ୍ଷେପରେ ଆମର ସର୍ବନିମ୍ନ ମଜୁରୀ, ୟୁନିଅନ, ଠିକା ଶ୍ରମିକ, ଧର୍ମଘଟ ଇତ୍ୟାଦି ଯାହା ମୋତେ ଅଲଂଘ୍ୟ ମନେ ହେଉଥିଲା ତାହାର ସମାଧାନ ହୋଇଗଲା। ବୋଧହୁଏ କୌଣସି ଉଚିତ୍ ଲକ୍ଷ୍ୟ ହାସଲ ପାଇଁ ଦରକାର ହେଲେ ଆଇନର ବାହାରକୁ ଯାଇଁ କେତୁଟା ପଦକ୍ଷେପ ନେବାକୁ ହେବ। ଆଉ ଏପରି ପଦକ୍ଷେପ ନେବା ପାଇଁ ଯଥେଷ୍ଟ ଦୃଢ଼ତା ଓ ମନୋବଳ ଦରକାର। ଆମେ କୁକୁଡ଼ା ଚାଷୀମାନେ ଏ ଦୃଷ୍ଟିରୁ ଶ୍ରୀଯୁକ୍ତ ନନ୍ଦଙ୍କ ପ୍ରତି କୃତଜ୍ଞ। ପ୍ରକାଶଥାଉକି ଆଜି ପର୍ଯ୍ୟନ୍ତ ୫ ବର୍ଷ ପୁରିବାପରେ ମଧ୍ୟ କେହି ଶ୍ରମପରିଦର୍ଶକ କୁକୁଡ଼ା ଫାର୍ମକୁ ଯାଇ ନାହାନ୍ତି।

<u>ବ୍ୟାଙ୍କ ଋଣ:-</u> ଆଉ ଗୋଟିଏ ସମସ୍ୟା, ଯେଉଁଟି କୁକୁଡ଼ା ଚାଷ ବୃଦ୍ଧିରେ ଅନ୍ତରାୟ ଥିଲା। ତା ହେଉଛି ବ୍ୟାଙ୍କମାନଙ୍କର ଋଣ ପ୍ରଦାନରେ ମତିଗତି। ସେମାନେ ଅହେତୁକ ବିଳମ୍ବ କରୁଥିଲେ ତା ସହିତ ଋଣ ପାଇଁ ଅତ୍ୟଧୀକ ମାର୍‌ଜିନ୍ ମାଗୁଥିଲେ ଏବଂ କୋଲାଟେରାଲ ସିକୁରିଟି ପ୍ରାୟ ଋଣ ପରିମାଣର ଦୁଇଗୁଣ ମାଗୁଥିଲେ। ଆପେକ୍ସ କମିଟିର ହସ୍ତକ୍ଷେପ ଫଳରେ ନାବାର୍ଡ଼ ସହାୟତାରେ ଏ ଦୁଇଟି ଅସୁବିଧାର ସୁରୁଖୁରୁରେ ସମାଧାନ ହୋଇପାରିଲା। ଅନ୍ତତଃ ଛୋଟ ଛୋଟ ଫାର୍ମଗୁଡ଼ିକ ଏହାଦ୍ୱାରା ବେଶି ଉପକୃତ ହେଲେ। ମୁଁ ସଂଗଠନ ପକ୍ଷରୁ ଏତିକିରେ ସନ୍ତୁଷ୍ଟ ହେଲି କାରଣ ମୁଁ ସ୍ଥିର ନିଶ୍ଚିତ ଥିଲି ଯେ ଆଜି ଯିଏ ଛୋଟିଆ ଫାର୍ମଟିଏ କରିଛି, ଉପଯୁକ୍ତ ସୁବିଧା ପାଇଲେ ତା'ର ନିଜର ଉଦ୍‌ଯୋଗ ରହିଲେ ସେ କାଲି ବେଶ୍ ବଡ଼ ହୋଇ ଠିଆ ହେବ। ତାର ଦୃଷ୍ଟାନ୍ତ ଆମର ଅନେକ କୁକୁଡ଼ା ଚାଷୀ। ଯେଉଁମାନେ ସରକାରଙ୍କ ୨୫,୦୦୦ ଟଙ୍କାର କୁକୁଡ଼ା ଫାର୍ମ ଯୋଜନାରେ କ୍ଷୁଦ୍ର ଫାର୍ମଟିଏ ଆରମ୍ଭ କରିଥିଲେ, ମାସକୁ ୧୦୦/୨୦୦ ବ୍ରଏଲର ମାତ୍ର ପାଳୁଥିଲେ ଆଜି ସେମାନେ ସପ୍ତାହକୁ ହଜାର ହଜାର କୁକୁଡ଼ା ପାଳୁଛନ୍ତି ଓ ବିକୁଛନ୍ତି।

Digitized by PPRACHIN, SOA

ଏପରିକି ପଡ଼ୋଶୀ ରାଜ୍ୟରେ ମଧ୍ୟ ବିକ୍ରି କରିପାରୁଛନ୍ତି । ମୁଁ ନିଜେ ମାତ୍ର ୨୦୦୦ ପ୍ୟାରେଣ୍ଟ ଷ୍ଟକରେ ଯେଉଁ ବ୍ରିଡ଼ିଙ୍ଗ ଫାର୍ମ ଓ ହାଚେରୀ ଆରମ୍ଭ କରିଥିଲି, ୧୯୮୦ ମସିହାରେ ତାହା ୧୯୯୫ ବେଳକୁ ୪୦,୦୦୦ ପ୍ୟାରେଣ୍ଟ ଷ୍ଟକରେ ପହଞ୍ଚିଥିଲା । ସପ୍ତାହକୁ ମାତ୍ର ୪/୫ ହଜାର ଚିଆଁ ଯେଉଁଠି ପାଉଥିଲି ତାହା ୧୯୯୫/୧୯୯୬ ବେଳକୁ ସପ୍ତାହକୁ ପାଖାପାଖି ୧ ଲକ୍ଷରେ ପହଞ୍ଚିଥିଲା ।

ମାତ୍ର ଆମର ସଂଗଠନର କେତେକ ମୁଖିଆ ସଭ୍ୟ ଯେଉଁମାନେ ବଡ଼ ବଡ଼ ଫାର୍ମ କରିଛନ୍ତି ସେମାନେ ମଧ୍ୟ ବ୍ୟାଙ୍କରୁ କିଛି ରିହାତି ପାଇବା ପାଇଁ ବେଶି ଆଗ୍ରହୀ ଥିଲେ । ମାତ୍ର ଏକ ସମୟରେ ଛୋଟ ବଡ଼ ସମସ୍ତଙ୍କ ପାଇଁ ବ୍ୟାଙ୍କଠାରୁ ଏକ ପ୍ରକାର ସୁବିଧା ହାସଲ ଲଢ଼ାଇର କୌଶଳ ଦୃଷ୍ଟିରୁ ମଧ୍ୟ ଠିକ୍ ନୁହେଁ । ଏ ଯୁଦ୍ଧ ବ୍ୟାଙ୍କ ସହିତ ସେଇଠି ଶେଷ କରି ଯାହା ମିଳିଲା ତାହାକୁ ଗୋଟାଇ ନେଇ, ଭବିଷ୍ୟତରେ ଏହି ଦୃଷ୍ଟାନ୍ତକୁ ଆୟୁଧ କରି ଆଉଥରେ ଲଢ଼େଇ କରିବାର ଅଭିପ୍ରାୟରେ ମୁଁ ସେଦିନର ଯୁଦ୍ଧ ସେଇଠି ଶେଷ କରିବାର ନିଷ୍ପତ୍ତି ନେଇଥିଲି । ମୋର ଏହି ଏକତରଫା ଯୁଦ୍ଧ ବିରତି ଘୋଷଣା ନେଇ ଆମ ସଂଗଠନର କିଛି ବରିଷ୍ଠ ସଭ୍ୟ (ଯେଉଁମାନଙ୍କର ବଡ଼ ବଡ଼ ଫାର୍ମ ଅଛି) ଅସନ୍ତୋଷ ପ୍ରକାଶ କଲେ । ମାତ୍ର ସେମାନଙ୍କ ସମାଲୋଚନା ସତ୍ତ୍ୱେ ମୁଁ ଯେ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେଇଛି, ଏ ନେଇ ମୋର ମନରେ କେବେ ବି ଦ୍ୱିଧା ଭାବ ଆସି ନାହିଁ ।

ଆପେକ୍ସ କମିଟିର ଆନୁକୁଲ୍ୟରେ, ସଂଗଠନର ସକ୍ରିୟ ସହଯୋଗରେ କୁକୁଡ଼ା ଶିଳ୍ପ ପାଇଁ ଯେଉଁ ଅନୁକୂଳ ବାତାବରଣ ସୃଷ୍ଟି ହେଲା, ସେଥିରେ ଓଡ଼ିଶାରେ ବ୍ରଏଲର ଉତ୍ପାଦନ ଗାଁ ଗହଳକୁ ତ ବେଶ୍ ବ୍ୟାପିଗଲା । ତା ସହିତ ନୂଆ ନୂଆ କିଛି ଲେଆର (ଅଣ୍ଡା ଦେବା) ଫାର୍ମ ମଧ୍ୟ ଗଢ଼ି ଉଠିଲା । ଅନେକ ଆପଣାର ଫାର୍ମର ଅଣ୍ଡା ଉତ୍ପାଦନ କ୍ଷମତା ମଧ୍ୟ ବଢ଼ାଇଲେ । ଏହିପରି ଅବସ୍ଥା ରହିଥିଲେ ଆଜି ହୁଏତ ଓଡ଼ିଶା ଅଣ୍ଡା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇ ପାରିଥାଆନ୍ତା । ମାତ୍ର ଦୁର୍ଭାଗ୍ୟକୁ ବାର୍ଡ଼ ଫ୍ଲୁ ବୋଲି ଗୋଟିଏ ରୋଗ ଆସିଲା, ଯାହା ପ୍ରାୟ ଦେଶର ସମସ୍ତ ପ୍ରଦେଶରେ ବ୍ୟାପିଗଲା । ଏହି ରୋଗ ଏବଂ ଅପପ୍ରଚାର କୁକୁଡ଼ା ଚାଷୀଙ୍କର ମେରୁଦଣ୍ଡ ଭାଙ୍ଗିଦେଲା । ଲାଗ ଲାଗ ୩ ବର୍ଷରେ ୩/୪ ଥର ବାର୍ଡ଼ ଫ୍ଲୁ ର ଆକ୍ରମଣରେ ଦେଶର ଅନେକ ଯାଗାରେ କୁକୁଡ଼ା ଫାର୍ମ ସବୁ ବନ୍ଦ ହୋଇଗଲା । ଆମ ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ଜଳ ଜଳ ଦୃଷ୍ଟ ହେଲା । ଏହି ବିଷୟରେ ଲେଖି ମୋର ଏ ପରିଚ୍ଛେଦ ଶେଷ କରିବି ।

<u>ବାର୍ଡ଼ ଫ୍ଲୁ ଓ ସରକାରୀ କଳ</u>–ପ୍ରକୃତରେ ବାର୍ଡ଼ ଫ୍ଲୁ ସେପରି ଏକ ମାରାତ୍ମକ ରୋଗ ନୁହେଁ । ଏହା ଏକ ପ୍ରକାର ଥଣ୍ଡା ରୋଗ ଏବଂ ଯେଉଁ ପ୍ରକାର ଫ୍ଲୁଟି

Digitized by PPRACHIN, SOA

ହେଲା ସେଇଟି ଗୋଟିଏ ଅତି ସଂକ୍ରାମକ, ଶକ୍ତିଶାଳୀ ଥଣ୍ଡା। ମାତ୍ର ତାହା କୁକୁଡ଼ାଠାରୁ ମନୁଷ୍ୟକୁ ଆସିବାର କୌଣସି ଆଶଙ୍କା ନଥିବା ବେଳେ, ନକାରାତ୍ମକ ପ୍ରଚାର ହୋଇ ଏହା ଏକ ଉଗ୍ର, ମନୁଷ୍ୟକୁ ପ୍ରଚଣ୍ଡ ଭାବେ ସଂକ୍ରମିତ କରୁଥିବା ମହାମାରୀର ଚିତ୍ର ପାଇଲା। କେଉଁଠି କେଉଁଠି କୁକୁଡ଼ା ଫାର୍ମରେ କାମ କରୁଥିବା କର୍ମଚାରୀ ଜଣେ ଅଧେ ପ୍ରାଣ ହରାଇଲେଣି ବୋଲି ଖବର ପ୍ରକାଶ ପାଇଲା। ମାତ୍ର ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ମଧ ସେହି ଖବରକାଗଜ ମାନଙ୍କରେ ପରେ ପ୍ରକାଶ ପାଇଲା। ଅଣ୍ଡା ବା କୁକୁଡ଼ା ସିଝାଇ/ତରକାରୀ କରି ଖାଇଲେ, ଏହା ସମ୍ପୂର୍ଣ୍ଣ ନିରାପଦ ବୋଲି ସରକାରୀ ପ୍ରଚାର ସତ୍ତ୍ୱେ ଅଣ୍ଡା କୁକୁଡ଼ାଠାରୁ ଆଡ଼େଇ ହୋଇ ରହିବା ଜନତା ପାଇଁ ଗୋଟାଏ ଫେସନ ହୋଇଗଲା। ଯେଉଁମାନଙ୍କର ବଡ଼ ବଡ଼ ଫାର୍ମ ଏବଂ ସେଥିରେ ଶତାଧୀକ କର୍ମଚାରୀ ନିଯୁକ୍ତ, ସେମାନଙ୍କ ଅବସ୍ଥା କହିଲେ ନସରେ। ମନୁଷ୍ୟ ପାଇଁ ଥଣ୍ଡା ଗୋଟାଏ ସାଧାରଣ ରୋଗ ମାତ୍ର, ସେତେବେଳେ ଯଦି କେଉଁ କର୍ମଚାରୀଙ୍କର ଛିଙ୍କଟିଏ ହେଲା, ସେ ବାହାନା ଖୋଜି ଛୁଟି ନେଲା ଓ ଆମକୁ ତା ପିଛା ଖର୍ଚ୍ଚାନ୍ତ ହେବାକୁ ହେଲା। ଏଣେ ବିକ୍ରିର ସମସ୍ୟା ତେଣେ ଖର୍ଚ୍ଚାନ୍ତ ତା ସାଙ୍ଗକୁ ମାନସିକ କ୍ଲେଶ, ଏମାନେ ମିଶି କୁକୁଡ଼ା ଚାଷୀକୁ ତଳିତଳାନ୍ତ କରିଦେଲେ।

ବ୍ରଏଲର ଖାଇବା ଏକ ପ୍ରକାର ବନ୍ଦ ହୋଇଗଲା। ଅଣ୍ଡା ଦାମ୍ ୧.୨୦/ ୧.୨୫ରୁ ୬୦ ପଇସାକୁ ଖସି ଆସିଲା। ବ୍ରଏଲର ଫାର୍ମରେ କ୍ଷତିର ପରିମାଣକୁ ସୀମିତ କରିହେବ କାରଣ ଦରକାର ପଡ଼ିଲେ ନୂଆ ଚିଆଁ ନପାଳିଲେ ଫାର୍ମରେ ଥିବା କୁକୁଡ଼ା ୧.୫ ମାସ ଭିତରେ ସରିଯିବ। ଆଉ ଅବସ୍ଥା ଦେଖି ପରେ ଚିଆଁ ପୁରାଇଲେ ଚଳିବ ମାତ୍ର ଅଣ୍ଡା ଫାର୍ମରେ ତାହା ସମ୍ଭବ ନୁହେଁ। ଥରେ ଚିଆଁ ପଶିଲେ ଫାର୍ମରେ ଅତି କମ୍‌ରେ ୧.୫ ବର୍ଷ ରହିବେ। ସେଥିରୁ ୧ ବର୍ଷ ଅଣ୍ଡା ଦେବା ସମୟ। ତେଣୁ ଆଜି ଫାର୍ମ ବନ୍ଦ କରିବାକୁ ଚାହିଁଲେ ୧.୫ ବର୍ଷ ଅପେକ୍ଷା କରିବାକୁ ହେବ। ଏବଂ ତାପରେ ଫାର୍ମ ଚାଲୁ କରିବାକୁ ଚାହିଁଲେ ମଧ ଅନ୍ୟୁନ୍ୟ ୬ମାସ ଅପେକ୍ଷା କରିବାକୁ ହେବ। ଏହି କାରଣରୁ ଅଣ୍ଡା କୁକୁଡ଼ା ଫାର୍ମ ତତ୍କାଳ ପରିସ୍ଥିତିରେ ବନ୍ଦ କରିବା ବା ସାମୟିକ ବନ୍ଦ କରିବା ପ୍ରାୟ ସମ୍ଭବ ହେଉନଥିଲା।

ସେ ଯାହାହେଉ ଲୋକଙ୍କ ମନରୁ ଭୟ ତୁଟାଇବାକୁ ଆମ ସଂଗଠନ ତରଫରୁ ବିଭିନ୍ନ ପ୍ରକାରେ ପ୍ରଚାର ଉପାୟ ନେବାକୁ ହେଲା। ଫ୍ରି ଚିକେନ ଖାଇବାକୁ ଦେଲୁ, ଫ୍ରି ଅଣ୍ଡା ସିଝା ଖାଇବାକୁ ଦେଲୁ। ଦେଖିଲୁ ମାଗଣା ଖାଇବା ଯାଗାରେ ଅସମ୍ଭବ ଭିଡ଼। ସେମାନେ ଯେ ରାସ୍ତାର ଭିକାରୀ, ତା ନୁହନ୍ତି। ପ୍ରାୟ

Digitized by PPRACHIN, SOA

ସମସ୍ତେ ଧୋବ ଧାଉଳିଆ । ମାଗଣା ଖାଇଲା ବେଳକୁ ଆଉ ବାର୍ଡ଼ ଫ୍ଲୁ ମନେ ପଡ଼ିଲା ନାହିଁ । ବୋଧହୁଏ ଯାହା କହନ୍ତି ମାଗଣା ମିଳିଲେ କିଛି ଲୋକ ବିଷ ମଧ୍ୟ ଖାଇଦେବେ ତାହା ବୋଧେ ଏହି ପ୍ରକାର ମାନସିକତା ଦେଖି କେହି କହିଛନ୍ତି ।

ସେ ତ ରୋଗ ବୈରାଗ୍ୟର କଥା । ଲାଭ କ୍ଷତି ତ ହେଲା । ମାତ୍ର ଯେଉଁ ସମୟରେ ସରକାରଙ୍କର ସାହାଯ୍ୟ ଅତିମାତ୍ରାରେ ଆବଶ୍ୟକ ହେଉଥିଲା ସେତିକିବେଳେ ଆମେ ସାମାନ୍ୟତମ ସାହାଯ୍ୟ ମଧ୍ୟ ପାଇଲୁ ନାହିଁ । ସେହି ପ୍ରସଙ୍ଗଟି ବରଂ ବର୍ଣ୍ଣନା କଲେ ଜାଣି ହେବ ଆମେ କାହିଁକି ଆଜି ସବୁଥିବା ସତ୍ତ୍ୱେ ଆଗକୁ ବଢ଼ି ପାରୁନାହୁଁ, କାହିଁକି ଅଣ୍ଡା, ମାଛ ଗାଡ଼ି ଆନ୍ଧ୍ରରୁ ନଆସିଲେ ଆମର ଚଳୁ ନାହିଁ ।

ଶରଦପାୱାର କୃଷିମନ୍ତ୍ରୀ । ମହାରାଷ୍ଟ୍ର କୁକୁଡ଼ା ଚାଷରେ ଅନେକ ଆଗୁଆ । ସେଠାକାର ଚାଷୀ ସଂଗଠନ ତଥା ସର୍ବଭାରତୀୟ କୁକୁଡ଼ା ଚାଷୀ ସଂଗଠନ କୃଷିମନ୍ତ୍ରୀଙ୍କୁ ଦେଖା କରି ଏ ଅସମୟରେ କିଛିଟା ସାହାଯ୍ୟ କରିବାକୁ ଅନୁରୋଧ କଲେ । ସେହି ଅନୁସାରେ ଯେଉଁ ରାଜ୍ୟ ସରକାରମାନେ ଲାଗି ପଡ଼ିଲେ ସେମାନେ ଅନେକ ସାହାଯ୍ୟ ପାଇଲେ । ଅନ୍ୟ ରାଜ୍ୟ କଥା ମୁଁ କହିପାରିବି ନାହିଁ । ମହାରାଷ୍ଟ୍ରର କୁକୁଡ଼ା ଚାଷୀମାନଙ୍କର ବ୍ୟାଙ୍କ ଋଣ ଉପରୁ ଗୋଟିଏ ବର୍ଷର ସୁଧ ସମ୍ପୂର୍ଣ୍ଣ ଛାଡ଼ ହେଲା । ଆଉ କିଛି ଅଧିକ ଋଣ (ୱାର୍କିଙ୍ଗ କ୍ୟାପିଟାଲ) ଅତ୍ୟନ୍ତ କମ୍ ସୁଧରେ ମଧ୍ୟ ସେମାନଙ୍କୁ ଅଗ୍ରାଧୀକାର ଭିତିରେ ମିଳିଲା । ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କ କୃଷି ବିଭାଗ ନାବାର୍ଡ଼ ଜରୀଆରେ ବ୍ୟାଙ୍କ ଉପରେ ଚାପ ପକାଇ ଏସବୁ କରିପାରିଲେ । ଆମେ ବାରମ୍ବାର ଲେଖି ମଧ୍ୟ ଆମ ରାଜ୍ୟରେ ଏ ବାବଦରେ କୌଣସି ପଦକ୍ଷେପ ମଧ୍ୟ ନିଆଗଲା ନାହିଁ ।

ସେହି ସମୟରେ ଶୁଣାଗଲା ଯେ କେନ୍ଦ୍ର କୃଷିମନ୍ତ୍ରୀ ବିଭିନ୍ନ ରାଜ୍ୟକୁ ରିହାତି ଦରରେ ମକା ଦେବାକୁ ଏଫ୍.ସି.ଆଇ. ଜରୀଆରେ ବନ୍ଦୋବସ୍ତ କରୁଛନ୍ତି । ଆମ ରାଜ୍ୟରେ ସେଥିପାଇଁ କିଛି ତତ୍ପରତା ସରକାରୀ ସ୍ତରରେ ଦେଖା ଗଲା ନାହିଁ । ରିହାତି ଦରରେ ମକା ମିଳିଲେ ଚାଷୀ ଉପକୃତ ହେବେ ଓ ଅନେକ ପରିମାଣରେ କୁକୁଡ଼ା ଦାନା ଖର୍ଚ୍ଚର ବୋଝରୁ ମୁକ୍ତି ପାଇବେ । କୁକୁଡ଼ା ଅଣ୍ଡା ବିକ୍ରି ନହେଉ ବା କମ୍ ଦରରେ ବିକ୍ରି ହେଉ, କୁକୁଡ଼ା ଦାନା ଖାଇବ ହିଁ ଖାଇବ । ଆଉ ଅନ୍ତତଃ ୪୦/୫୦ ଭାଗ ମକା ସେମାନଙ୍କ ଦାନାରେ ମିଶିବା ଦରକାର । ସେ ଯାହାହେଉ ସରକାରୀ ସ୍ତରରୁ ଯେତେବେଳେ କୌଣସି ତତ୍ପରତା ପ୍ରକାଶ ପାଇଲା ନାହିଁ, ବାଧ୍ୟ ହୋଇ ମୁଁ ମୋର ବ୍ୟକ୍ତିଗତ ଯୋଗାଯୋଗ ଉପରେ ନିର୍ଭର କରି କିଛି କରିବାକୁ

Digitized by PPRACHIN, SOA

ଚେଷ୍ଟା କଲି । ଆମର ସଂଗଠନ ତରଫରୁ କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ଗୋଟିଏ ନିବେଦନ ପତ୍ର ଲେଖି ଆମ ରାଜ୍ୟକୁ ରିହାତି ଦରରେ ମକା ଦେବା ପାଇଁ ଅନୁରୋଧ କରିଲୁ । ସେଇ ନିବେଦନ ପତ୍ରର ଗୋଟିଏ ନକଲ ଧରି ମୁଁ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପାଖକୁ ଗଲି । କେନ୍ଦ୍ର କୃଷିମନ୍ତ୍ରୀ ଶରଦ ପାଓ୍ୱାରଙ୍କ ସହିତ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ଖୁବ୍ ଭଲ ବୋଲି ମୁଁ ଜାଣିଥିଲି । ନିବେଦନ ପତ୍ରର ନକଲଟି ତାଙ୍କୁ ଦେଇ, ଆମମାନଙ୍କୁ କୌଣସି ପ୍ରକାରେ ରିହାତି ମକା ପାଇବାରେ ସାହାଯ୍ୟ କରିବାକୁ ଅନୁରୋଧ କଲି । ସେ ଶରଦ ପାଓ୍ୱାରଙ୍କୁ ଆମ ନିବେଦନ ପତ୍ରଟି ନିଜର ସୁପାରିଶ ସହ ପଠାଇବା ସହ ଫୋନରେ ଅନୁରୋଧ କରିଥିଲେ ବୋଲି ପରେ ମୁଁ ଜାଣି ପାରିଲି ।

ପ୍ରକାଶଥାଉକି ଓଡ଼ିଶା କେବେବି, ଅତୀତରେ ଏପ୍ରକାର ରିହାତି ମକା କୁକୁଡ଼ା ଚାଷୀଙ୍କ ପାଇଁ ପାଇନାହିଁ । ଯାହାହେଉ ପ୍ରଭୁଙ୍କ ଦୟାରୁ ଖୁବ୍ ଶୀଘ୍ର ସରକାରଙ୍କ ପଶୁପାଳନ ବିଭାଗକୁ ଚିଠି ଆସିଗଲା । ୨୦୦୦୦ (୨୦ ହଜାର) ମେଟ୍ରିକ ଟନ ମକା ଟନ ମାତ୍ର ୪ହଜାର ଟଙ୍କା ଦରରେ ଓଡ଼ିଶା ଚାଷୀଙ୍କ ପାଇଁ ମିଳିଲା । ପ୍ରକାଶଥାଉକି ସେତେବେଳେ ମକା ଟନ ଭୁବନେଶ୍ୱରରେ ଦରଥିଲା ୧ ଟନ ୮ହଜାର ଦରରେ । ଆମେ ତ ଖୁସୀ ହେଲୁ । ମାତ୍ର ଗୋଟିଏ ସମସ୍ୟା ସେଥିରେ ଥିଲା ଯେ ମକା ଓଡ଼ିଶାରେ କୌଣସି ଗଚ୍ଛିତ ନଥିବାରୁ ଆମକୁ ଆନ୍ଧ୍ର ଏଫ୍.ସି.ଆଇ.ର ଗୋଦାମରୁ ଆଲଟ କରାଯାଇଥିଲା ।

ବର୍ତ୍ତମାନ ସମସ୍ୟା ହେଉଛି ଆନ୍ଧ୍ର ପ୍ରଦେଶରୁ ଏଫ୍.ସି.ଆଇ. ଗୋଦାମରୁ ମାଲ ଆଣିବା ଏକ କାଠିକର ପାଠ । ତାପରେ ଟ୍ରକ ଭଡ଼ା ଓଡ଼ିଶାକୁ ଆଣିବାକୁ ଅନେକ ବେଶି ପଡ଼ିବ । ଯାହାହେଉ ଆମର ସଚିବ ଶ୍ରୀ ଭେନୁଗୋପାଳ ଚେଷ୍ଟାକରି କେନ୍ଦ୍ର କୃଷି ମନ୍ତ୍ରଣାଳୟ ସହ ଯୋଗାଯୋଗକରି ଟନ ପିଛା ପରିବହନ ବାବଦକୁ ୧୦୦୦ ଟଙ୍କା ରିହାତି କରାଇ ଦେଲେ ।

ବର୍ତ୍ତମାନ ମକା ତକ ଚାଷୀଙ୍କ ଭିତରେ ବଣ୍ଟାଯିବ । ସେମାନେ ଯାଇ କାଗଜପତ୍ର ପ୍ରସ୍ତୁତ କରି ଆନ୍ଧ୍ରର ବିଭିନ୍ନ ସ୍ଥାନରୁ ଏଫ୍.ସି.ଆଇ. ଗୋଦାମରୁ ମକା ଉଠାଇବେ । ବର୍ତ୍ତମାନ ସମସ୍ୟା ହେଲା କେଉଁ ନୀତି ଅନୁସରଣ କରି ମକା ଚାଷୀଙ୍କ ଭିତରେ ବଣ୍ଟାଯିବ । ଯେହେତୁ ପ୍ରଥମ କରି ଓଡ଼ିଶା ଏପରି ମକା ପାଇଲା, ସେ ଦୃଷ୍ଟିରୁ ଆଗରୁ ଏପରି ବଣ୍ଟନ ବ୍ୟବସ୍ଥାର ନଜିର ନାହିଁ । ଅତିରିକ୍ତ ଶାସନ ସଚିବ ଆର୍.ଏନ୍.ବହିଦାରଙ୍କ ଅଫିସ ପ୍ରକୋଷ୍ଠରେ ଆଲୋଚନା ଚାଲିଥିଲା, କେଉଁ ନିୟମ ଅନୁସୃତ ହେବ, ଯେପରି ପଛରେ କୌଣସି ଅଫିସରଙ୍କୁ ଅସୁବିଧାରେ

Digitized by PPRACHIN, SOA

ପଡ଼ିବାକୁ ହେବ ନାହିଁ। ସେହି ଆଲୋଚନା ସମୟରେ ମୁଁ ଆନ୍ଧ୍ର ପ୍ରଦେଶରେ ଅନୁସୃତ ହେଉଥିବା ନୀତି ଛାଞ୍ଚରେ ଆମର ବାଣ୍ଟିବାକୁ ପ୍ରସ୍ତାବ ଦେଲି। ଏହା ସମସ୍ତଙ୍କ ମନକୁ ପାଇଲା କାରଣ ପ୍ରାୟ ଆନ୍ଧ୍ର ଅନେକ ଥର ପୂର୍ବରୁ ଏପରି ମକା ପାଇ ସାରିଛି। ଆନ୍ଧ୍ର ପ୍ରଦେଶର ପଶୁପାଳନ ବିଭାଗର ଶାସନ ସଚିବ ଥାଆନ୍ତି ମୁଖ୍ୟ ଶାସନ ସଚିବ ପାହ୍ୟାର ଜଣେ ଅଫିସର। ସେ ଜଣେ ଓଡ଼ିଆ। ମୋର ତାଙ୍କ ସହିତ (ପ୍ରିୟଦର୍ଶୀ ଦାସ) ରେଭେନସାରେ ପଢ଼ିବାବେଳେ ବେଶ୍ ପରିଚୟ ଓ ବନ୍ଧୁତା। ମୋର ଦୁଇବର୍ଷ ଉପରେ ସେ ପଢୁଥିଲେ। ସେ ଭୁବନେଶ୍ୱର ଆସିଲେ ମୋ ସହିତ ଦେଖାହୁଏ। ମୁଁ ହାଇଦ୍ରାବାଦ ଗଲେ ତାଙ୍କ ସହିତ ଦେଖା କରେ। ଅତିରିକ୍ତ ଶାସନ ସଚିବଙ୍କ ପ୍ରକୋଷ୍ଠରୁ(ତାଙ୍କ ଅନୁମତି ନେଇ)ତାଙ୍କୁ ମୋବାଇଲରେ ଫୋନ କରି ଆମର ସମସ୍ୟା କହିଲି। ସେ ଆମେ ମକା ୨୦ ହଜାର ମେଟ୍ରିକ ଟନ ପାଇବା କଥା ଜାଣିଥିଲେ। କାରଣ ଏ ସମ୍ବାଦ ଆନ୍ଧ୍ରରେ କୁକୁଡ଼ା ଚାଷୀଙ୍କ ଭିତରେ ଗୋଟାଏ ଈର୍ଷା ଭାବ ସୃଷ୍ଟି କରିଥିଲା। ପ୍ରକାଶଥାଉକି, କୁକୁଡ଼ା ସଂଖ୍ୟାକୁ ବିଚାରକୁ ନେଲେ ସେମାନେ ପାଇଥିବା ରିହାତି ମକାର ପରିମାଣ ଆମ ତୁଳନାରେ କମ୍ ଥିଲା।

ଭାଗ୍ୟକୁ ଆର୍.ଏନ୍.ବହିଦାର (ଆପେକ୍ସ କମିଟିର ଚେୟାରମ୍ୟାନ)ମଧ୍ୟ ତାଙ୍କର ପୂର୍ବ ପରିଚିତ, ଏକା ସାଙ୍ଗରେ ଆଇ.ଏ.ଏସ୍. ଟ୍ରେନିଙ୍ଗ ନେଇଥିଲେ। ଅତିରିକ୍ତ ଶାସନ ସଚିବ ତାଙ୍କ ସହିତ କଥା ହେଲେ ଏବଂ ତାଙ୍କର ଅନୁସୃତ ନୀତି ବୁଝି ନେଲେ। ଆପେକ୍ସ କମିଟିର ମିଟିଂ ଡ଼କା ଯାଇ ଏ ବିଷୟରେ ଶେଷ ନିଷ୍ପତ୍ତି ନେବାର ସ୍ଥିର ହେଲା।

ଆପେକ୍ସ କମିଟି ମିଟିଂରେ ଅନେକ ପ୍ରକାର ପ୍ରସ୍ତାବ ସ୍ୱାଭାବିକ ଭାବେ ଆସିଲା। ସେଥିରୁ ଯେ ଅନେକ ଅବାନ୍ତର ଏଥିରେ ସନ୍ଦେହ ନାହିଁ। ସେ ଯାହା ହେଉ ଶେଷରେ ସବୁ ବର୍ଗର ସିଧାସଳଖ ଚାଷୀଙ୍କୁ ରିହାତି ମକା ଦେବା ପାଇଁ ନୀତି ସ୍ଥିର ହେଲା। ସେହି ଅନୁସାରେ ଫାଇଲରେ ମନ୍ତ୍ରୀଙ୍କ ପାଖ ଦେଇ ମୁଖ୍ୟ ଶାସନ ସଚିବଙ୍କ ବାଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ଗଲା। ସେଇଟି ବୋଧେ ସେପ୍ଟେମ୍ବର ମାସର ଘଟଣା (ମସିହା ମନେନାହିଁ)।

ଗହମ ଉଠାଇବା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ତାରିଖ ଏଫ୍.ସି.ଆଇ. ଧାର୍ଯ୍ୟ କରିଥାଏ। ତାପୁଣି ବିଶାଖାପାଟଣା ଓ ତା'ର ଆଖପାଖରେ ଥିବା କେତୋଟି ଗୋଦାମରୁ। ଫାଇଲରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିବା ପରେ ତାହା କାର୍ଯ୍ୟକାରୀ କରିବେ, ପଶୁପାଳନ ନିର୍ଦ୍ଦେଶାଳୟ। ତାଙ୍କ ଚିଠି ଧରି ଆମକୁ ଆନ୍ଧ୍ର ଦୌଡ଼ିବାକୁ ହେବ। ସେଠାକାର କାଗଜପତ୍ର କାମ ସାରି ଆଗତୁରା ସମସ୍ତ ପଇସା ଜମା ପରେ ଯାଇ ଆମକୁ ମକା ମିଳିବ। ଏଫ୍.ସି.ଆଇ. ଦ୍ୱାରା ନିର୍ଦ୍ଧାରିତ ତାରିଖ ଭିତରେ ସେ

Digitized by PPRACHIN, SOA

ସବୁ ହେବା ଦରକାର । ତେଣୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କିପରି ଶୀଘ୍ର ମିଳିଯିବ, ସେଥିପାଇଁ ମୋତେ ଆଉ ଜଣେ ସକ୍ରିୟ ସଭ୍ୟ ଡ଼ଃ ଦେ ଙ୍କୁ ସାଙ୍ଗରେ ନେଇ ସବୁଦିନ ସଚିବାଳୟ ଦୌଡ଼ିବାକୁ ହେଉଥାଏ । କିନ୍ତୁ ଖାଲି ହାତରେ ଫେରିବାକୁ ହେଉଥାଏ । ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କୁ ବାରମ୍ବାର ଦେଖାକରି ଆମର ଅସୁବିଧା କହୁଥାଉ । ମାତ୍ର ସେ ବା କ'ଣ କରିବେ ? ସେ କହିଲେ, "ମୁଁ ସିନା ଫାଇଲଟି ଠିକ୍‌ଠାକ୍ କରି ମୁଖ୍ୟମନ୍ତ୍ରୀଙ୍କ ପାଖକୁ ନେଇଯିବି, ମାତ୍ର ସେ କେତେବେଳେ ଦସ୍ତଖତ କରିବେ ତା ତ ମୁଁ ନିର୍ଦ୍ଦିଷ୍ଟ କରାଇପାରିବି ନାହିଁ ।" ତାହା ବି ସତ । ଲାଗ ଲାଗ ଆମେ ପ୍ରାୟ ସେତେବେଳକୁ ୧୫ ଦିନ ଧରି ଉପରବେଳା ୩.୩୦ମିନିଟ ବେଳକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ସାମନା ପ୍ରତୀକ୍ଷା କକ୍ଷରେ ବସୁ ଓ ମୁଖ୍ୟମନ୍ତ୍ରୀ ଅଫିସ ଛାଡ଼ିବା ପରେ ରାତି ପ୍ରାୟ ୮.୩୦ ବେଳକୁ ମନଦୁଃଖରେ ଘରକୁ ଫେରୁ । ସେ ସମୟଟା ଅନେକ ଏମଓୟୁ ସାଇନ୍ ହେବାର ସମୟ । ପ୍ରତିଦିନ ଗୋଟେ ଅଧେ ଏମଓୟୁ ସାଇନ ହେଉଥାଏ । ଆଜି ଅମ୍ବାନୀ କାଲି ଜିନ୍ଦଲ ତାପର ଦିନ ଟାଟା । ପଛକୁ ପଛ ସିଂଘାଣିଆ ଆଉ ପୋସ୍କୋର ଲମ୍ବା ଲାଇନ । ଏମାନଙ୍କ ଛାଇତଳେ ଆମେ ବା ଉଧେଇବୁ କିପରି ? ଆମେ କେବଳ ଭକୁଆ ପରି ଅନାଇ ରହୁ । ଆଉ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ସେମାନଙ୍କ ପାଇଁ ଆଶାତୀତ ଚଳଚଞ୍ଚଳ ହୋଇପଡୁଥାଏ । ସେମାନଙ୍କ ଗହଣରୁ ମୁକ୍ତି ମିଳିଲେ ହୁଏତ ଆମ ଫାଇଲରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ପଡ଼ନ୍ତା । ମାତ୍ର ତା ଘଟେ ନାହିଁ ।

ଦିନେ ମୁଖ୍ୟମନ୍ତ୍ରୀଙ୍କ ସଚିବ ମୋତେ କହିଲେ, "ପଶୁପାଳନ ନିର୍ଦ୍ଦେଶକଙ୍କୁ କୁହ ତାଲିକା ଅନୁସାରେ ସେ ରିଲିଜ ଆଦେଶ ଚାଷୀଙ୍କୁ ଦେଇଦେବେ । ଫାଇଲ ଡ଼େରି ହେଲେ ବି ଅନୁମୋଦନ କରି ପଠାଇବା ଦାୟୀତ୍ୱ ମୋର ।" ମୋତେ ତ ସରକାରୀ ଆଦବ କାଇଦା କିଛି ବିଶେଷ ଜଣା ନଥାଏ । ସେଇ ସଚିବାଳୟରୁ ମୁଁ ଡ଼ାଇରେକ୍ଟର ଶ୍ରୀ ବିଷ୍ଣୁ ଚରଣ ସେଠୀଙ୍କୁ ମୋବାଇଲରେ ସଚିବଙ୍କ ଏହି ପ୍ରସ୍ତାବଟି ଦେଲି । ମାତ୍ର ସେ ଏହା କରିପାରିବେ ନାହିଁ ବୋଲି ସଫା କହିଦେଲେ । "ଆପଣ ସରକାରୀ କଳ କଥା ଜାଣି ନାହାନ୍ତି, ଏଇ ଟିକକ ବିଚ୍ୟୁତରେ ମୋର ଚାକିରି ତ ଚାଲିଯିବ ତା ସହିତ ଜେଲ ବି ହୋଇଯାଇପାରେ । ଏ କାମ ମୁଁ କରିପାରିବି ନାହିଁ ।" କିଛି ମାସପରେ ଏଥିପାଇଁ ନୁହେଁ ବରଂ ନିର୍ଦ୍ଦୋଷରେ ଏଇ ମକା ବାଣ୍ଟିବାକୁ ନେଇ ତାଙ୍କୁ ହାଇକୋର୍ଟରୁ ନୋଟିସ ଆସିଲା ଏବଂ ସେ ଅନେକ ହଇରାଣ ହେଲେ ।

ଏଣେ ପୂଜା ଛୁଟି ଆସି ଯାଉଛି । ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଆହୁରି ଡ଼େରି ହେଲେ ଛୁଟି ଭିତରେ ନା ଆମେ ରିଲିଜ ଅର୍ଡ଼ର ପାଇପାରିବୁ ନା ଆମେ ଆନ୍ଧ୍ର

Digitized by PPRACHIN, SOA

ପ୍ରଦେଶ ଯାଇ ଅନ୍ୟାନ୍ୟ ଆନୁସଂଗିକ ବିଧି ବ୍ୟବସ୍ଥା କରି ପାରିବୁ । କ'ଣ କରିବୁ, କ'ଣ ନକରିବୁ ଏହିପରି ଅବସ୍ଥା ଆମର । ପ୍ରତିଦିନ ସଂଗଠନର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କଠାରୁ ବାରମ୍ବାର ଫୋନ ଆସୁଥାଏ । କେବେ ରିଲିଜ ଅର୍ଡ଼ର ମିଳିବ ? କେବେ ମିଳିବ ? ଏହି ଘଡ଼ିସନ୍ଧି କ୍ଷଣରେ ଅଯାଚିତ ଗୋଟିଏ ଅଦ୍ଭୁତ ଘଟଣା ଘଟିଲା । ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଥିବା ଜଣେ ପିଅନଟି ମୋତେ ଚିହ୍ନା ଚିହ୍ନା ଲାଗୁଥାଏ । ସେ ବି ମୋତେ ଚିହ୍ନିଥିବା ପରି ବ୍ୟବହାର କରେ । ତା'ର ଅର୍ଥ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ତାଙ୍କର ବ୍ୟକ୍ତିଗତ ସଚିବ ଶ୍ରୀ ଲକ୍ଷ୍ମୀଧର ପଟ୍ଟନାୟକଙ୍କ ପାଖକୁ ମୁଁ ବିଭିନ୍ନ କାମପାଇଁ ବାରମ୍ବାର ଯିବା ଭିତରେ ସେ ମୋତେ ଦେଖିଛି ଓ ମୋର ମୁଖ୍ୟମନ୍ତ୍ରୀଙ୍କ ତଥା ଲକ୍ଷ୍ମୀଧର ପଟ୍ଟନାୟକଙ୍କ ସହ ପୂର୍ବ ପରିଚୟ ତଥା ସମ୍ପର୍କ ଥିବାର ସେ ଜାଣିଛି । ଦିନେ ବ୍ୟସ୍ତ ହୋଇ ମତେ ପଚାରିଲା "ଆଜ୍ଞା ମୁଁ ଆପଣଙ୍କୁ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମୟରୁ ଜାଣିଛି । କ'ଣ ପାଇଁ ଆପଣ ପ୍ରତିଦିନ ଆସୁଛନ୍ତି ପୁଣି ବସି ବସି ଫେରି ଯାଉଛନ୍ତି କୁହନ୍ତୁ ।" ମୁଁ ଆମର ଫାଇଲ କଥା ଏବଂ ଡ଼େରି ହେଲେ କ'ଣ ଅସୁବିଧା ହେବ ତା ମଧ୍ୟ କହିଲି । ସବୁ ଶୁଣି ସାରି ସେ କହିଲା, "ଆପଣ ଅଯଥା ଏଠାରେ ନବସି ଫେରି ଯାଆନ୍ତୁ, କାଲି ଆସିବେ ଫାଇଲ ହୋଇ ଯାଇଥିବ ।"

ତା କଥା ଉପରେ ସମ୍ପୂର୍ଣ୍ଣ ଭରସା କରି ନହେଲେ ମଧ୍ୟ, ଅନେକ ସମୟରେ ପିଅନମାନେ ଆସାଧ୍ୟ ସାଧନ କରିପାରନ୍ତି ବୋଲି ମୁଁ ଶୁଣିଛି । ଯେଉଁଟି ବରିଷ୍ଠ କର୍ମଚାରୀ କରିପାରନ୍ତି ନାହିଁ, ସେ କାମ ସେମାନେ କହି କରେଇପାରନ୍ତି । ତା କଥା ଉପରେ ଭରସା କରିବା ବ୍ୟତୀତ ଆମ ପାଖରେ ଅନ୍ୟ କିଛି ପନ୍ଥା ମଧ୍ୟ ନଥିଲା ।

ତା ପରଦିନ ଡ଼ଃ ଦେଙ୍କୁ ସାଙ୍ଗରେ ଧରି ସେହି ସମୟରେ (ଉପରବେଳା) ଯାଇ ଆମେ ସେଠାରେ ପହଞ୍ଚିଲୁ । ଆମକୁ ଦେଖୁ ଦେଖୁ ସେ ଖବର ଦେଲା ଯେ ଫାଇଲ ମୁଖ୍ୟମନ୍ତ୍ରୀଙ୍କଠାରୁ ଅନୁମୋଦିତ କରାଇ ନିୟମ ଅନୁସାରେ ଡ଼େପୁଟି ସେକ୍ରେଟାରୀଙ୍କଠାରୁ ଦସ୍ତଖତ କରାଇ ବିଭାଗକୁ ପଠାଇଦେଲାଣି । ଆମେ କେବଳ ଆଶ୍ଚର୍ଯ୍ୟ ହୋଇ ଅନାଇରହିଲୁ । ଫେରିବାବେଳକୁ ତାକୁ ପାଖକୁ ଡ଼ାକି ୧୦୦ଟି ଟଙ୍କା ଦେଲି । ତା'ର ଅନିଚ୍ଛା ସତ୍ତ୍ୱେ ତାକୁ ବାଧ୍ୟ କରି ପୂଜା ଖର୍ଚ୍ଚ କହି ଦେଲି । ତାପରେ କାମ ଅତ୍ୟନ୍ତ ସହଜ ହୋଇଗଲା ।

ବିଭିନ୍ନ ଗଳି କନ୍ଦି ଦେଇ ଫାଇଲଟି ଶେଷରେ ପଶୁପାଳନ ବିଭାଗରେ ପହଞ୍ଚିଲା ଏବଂ ସେଠାରୁ ଆଦେଶନାମାଟି ନିର୍ଦ୍ଦେଶାଳୟକୁ ଗଲା । ପଶୁପାଳନ ନିର୍ଦ୍ଦେଶକଙ୍କୁ ଧନ୍ୟବାଦ ଦେବାକୁ ହେବ ଯେ ସେଦିନ ସନ୍ଧ୍ୟା ୬ଟା ବେଳକୁ

Digitized by PPRACHIN, SOA

ଫାଇଲ ତାଙ୍କ ପାଖରେ ପହଞ୍ଚିଥିଲେ ମଧ୍ୟ ପ୍ରାୟ ରାତି ୧୦ଟା/୧୧ଟା ପର୍ଯ୍ୟନ୍ତ ରହି ସମସ୍ତ ରିଲିଜ ଅର୍ଡ଼ର ବାହାର କରିଲେ । ଏଫ୍.ସି.ଆଇ.କୁ ଆବଶ୍ୟକୀୟ ନିର୍ଦ୍ଦେଶନାମା ପଠାଇଲେ । ସେ ଅଧ୍ୟାୟ ଶେଷ ହେଲା ।

ପ୍ରକୃତରେ ସେ ଅଧ୍ୟାୟ ଶେଷ ହେଲା ଏବଂ ଚାଷୀମାନେ ବର୍ତ୍ତମାନ ଯେ ଯାହାର ଆୟୋଜନରେ ମକା ନେଇ ଆସିବେ । ତାହେଲା ମଧ୍ୟ । ମାତ୍ର ପ୍ରାୟ ୨/ ୩ ବର୍ଷ ପରେ କବର ଭିତରୁ ଶବ ଜିଇଁ କରି ଉଠିଲା ପରି ଏ ମକା ବ୍ୟାପାର ନେଇ ଖୋଳତାଡ଼ ଆରମ୍ଭ ହେଲା । ତେଣୁ ମକା ଅଧ୍ୟାୟ ଶେଷ ନହୋଇ ସେଥିରେ ଆଉ କିଛି ପୃଷ୍ଠା ସଂଯୁକ୍ତ ହେଲା । ଖବର କାଗଜରେ ମକା ସ୍କାମ ବୋଲି ବଡ଼ ବଡ଼ ଅକ୍ଷରରେ ଅତ୍ୟନ୍ତ ରୋଚକ, ଚାଂଚଲ୍ୟକର ଖବରମାନ ଦିନ ପରେ ଦିନ ବାହାରିଲା । ଏ ମକା ସବୁ ଓଡ଼ିଶା ଆସି ନାହିଁ ଚାଷୀମାନେ ଦଲାଲ ଜରୀଆରେ ରିଲିଜ ଅର୍ଡ଼ରଟି ମାନ ବିକ୍ରି କରିଦେଇ ଅନେକ ଲାଭ ହସ୍ତଗତ କରିଛନ୍ତି ବୋଲି ହିସାବ ବାହାରିଲା । ପୁଣି ପଶୁପାଳନ ନିର୍ଦ୍ଦେଶକ ଏ ରିଲିଜ ଅର୍ଡ଼ର ଦେବାରେ ହାତ ଚିକ୍କଣ କରିଛନ୍ତି ବୋଲି ମଧ୍ୟ ପ୍ରକାଶିତ ହେଲା । ସରକାର ତଦନ୍ତ ଆଦେଶ ଦେଲେ । ସେତେବେଳକୁ ମୋର ଅସୁସ୍ଥତା ହେତୁ ମୁଁ କୁକୁଡ଼ା ଫାର୍ମ ପ୍ରାୟ ବନ୍ଦ କରିଦେଲିଣି । ନିଜେ ମଧ୍ୟ ଆଉ ବେଶି ବାହାରକୁ ଯିବା ଆସିବା କରୁ ନଥାଏ । ସଂଗଠନ ଦାୟୀତ୍ୱରୁ ମଧ୍ୟ ମୁଁ ଓହରି ଗଲିଣି ।

ଦିନେ ପଶୁପାଳନ ନିର୍ଦ୍ଦେଶକ ଶ୍ରୀ ବିଷ୍ଣୁ ସେଠୀଙ୍କଠାରୁ ଫୋନଟିଏ ପାଇଲି । ତାଙ୍କ ବିରୁଦ୍ଧରେ ଭିଜିଲାନସ ଲାଗିଲା । ସେ ଆଗତୁରା ଜାମିନି ନେଇଥାଆନ୍ତି । ସଂଗଠନ ତଥା କୁକୁଡ଼ା ଶିଳ୍ପପାଇଁ ତାଙ୍କର ଅବଦାନ ଦୃଷ୍ଟିରୁ ବର୍ତ୍ତମାନ ସଂଗଠନ ତାଙ୍କ ପଛରେ ଠିଆ ହେବା ସେ ଆଶା କରିବା ସ୍ୱାଭାବିକ୍ ମାତ୍ର ବର୍ତ୍ତମାନ ସଂଗଠନର ନୂତନ କର୍ମକର୍ତ୍ତା କେହି ଧରାଛୁଆଁ ଦେଉ ନାହାନ୍ତି । ମୋତେ କେବଳ ମନ ଦୁଃଖରେ ହିଁ ଫୋନ କରିଥିଲେ । ମୁଁ ଅତ୍ୟନ୍ତ ଦୁଃଖୀତ ହେଲି । ମାତ୍ର ମୁଁ ବା କ'ଣ କରିପାରିବି । ଏହି ତଦନ୍ତ ସମୟ ଭିତରେ ପଶୁପାଳନ ବିଭାଗୀୟ ଅଧିକାରୀଙ୍କୁ ଧରି କିଛି ଭିଜିଲାନସ ଅଧିକାରୀ ମୋ ପାଖରେ ପହଞ୍ଚିଲେ । ଯେହେତୁ ମୁଁ ସଂଗଠନର ସଭାପତି ଥିବା ସମୟର ଏ ତଥାକଥିତ ଘୋଟଲା ଓ ମୁଁ ନିଜେ ଜଣେ ବୃହତ କୁକୁଡ଼ା ଚାଷୀ ଏବଂ ରିହାତି ମକା ମୁଁ ମଧ୍ୟ ପାଇଥିଲି, ତେଣୁ ସେମାନେ ମୋ ସହିତ କଥାବାର୍ତ୍ତା କରିବାକୁ ତଥା କିଛି ତଥ୍ୟ ନେବାକୁ ଆସିଥିଲେ । ଏ ରିହାତି ମକା ବିଷୟରେ ମୋର ମତାମତ ହେଉଛି:-

୧)ଯେଉଁ ମକା ଆମକୁ ଦିଆଯାଇଥିଲା, ତାହା ବାର୍ଡ଼ ଫ୍ଲୁରେ କ୍ଷତିଗ୍ରସ୍ତ ଚାଷୀଙ୍କର କ୍ଷତିର ପରିମାଣ କିଛି ମାତ୍ରାରେ ଲାଘବ କରିବା ପାଇଁ । କୁକୁଡ଼ା ବାର୍ଡ଼

Digitized by PPRACHIN, SOA

ଫୁ ସମୟରୁ ଆଜି ପର୍ଯ୍ୟନ୍ତ ଉପାସ ନାହାନ୍ତି । ବିନା ରିହାତି ମକାରେ ଆମେ ତାଙ୍କୁ ଦାନା ଦେଇ ଚାଲିଛୁ । ତେଣୁ ଏଇ ରିହାତି ମକାକୁ ଆମେ କିପରି ଭାବରେ ବ୍ୟବହାର କଲୁ ତାହା ବିଷୟରେ ଖୋଳତାଡ଼ କରିବା ଅଯଥା ବୋଲି ମୋର ମତ ।

ଗୋଟିଏ କ୍ଷୁଦ୍ର ଶିଳ୍ପ କିଛି କ୍ୟାପିଟାଲ ସବ୍‌ସିଡ୍ ପାଉଛି ମାତ୍ର ସବ୍‌ସିଡ୍ ମିଳୁଛି ଶିଳ୍ପ ଆରମ୍ଭ ହୋଇ ଉତ୍ପାଦନ କ୍ଷମ ହେବାର ଅନେକ ପରେ । ସେ କ୍ଷେତ୍ରରେ ଉଦ୍ୟୋଗୀ ଧାର ଉଧାର କରି ତା'ର ଅଂଶ ଭରଣା କରି ବ୍ୟାଙ୍କ ଋଣ ନେଉଛି । ବର୍ତ୍ତମାନ ସବ୍‌ସିଡ୍ ପାଇ ଯଦି ସେହି ଟଙ୍କାରେ ତା'ର କରିଥିବା ଋଣ ଶୁଝେ କ୍ଷତି କ'ଣ ?

ସେହିପରି କୁକୁଡ଼ା ଚାଷୀ କ୍ଷେତ୍ରରେ ଦେଖିବାର କଥା ପ୍ରକୃତରେ କୁକୁଡ଼ା ଫାର୍ମ ଥାଇ ଏ ରିହାତି ମକା ମିଳିଛି ନା କେବଳ କାଗଜପତ୍ରରେ ଫାର୍ମ ଦେଖାଇ ଏ ମକା ମିଳିଛି । ସେଥିପ୍ରତି ଗୁରୁତ୍ୱ ନଦେଇ ମକା ଜଣେ ଆନ୍ଧ୍ରରୁ କେତେ ଆଣିଲା, କିପରି ଆଣିଲା, ସବୁ ଆଣିଛି କି ନାହିଁ ଏସବୁ ଖୋଳତାଡ଼ର ମୂଲ୍ୟ କ'ଣ ?

୨) ଦ୍ୱିତୀୟ କଥାଟି ଦେଖାଯାଉ । ମକାଟି କୁକୁଡ଼ା ଦାନାର ଏକ ବିଶେଷ ଓ ଅତ୍ୟାବଶ୍ୟକ ଅଂଶ । ତାପରେ ମକାଟି ଗୋଟିଏ ନିର୍ଦ୍ଦିଷ୍ଟ ଋତୁରେ ଓଡ଼ିଶାରେ ହୁଏ ଯଥା ନଭେମ୍ବର, ଡ଼ିସେମ୍ବରରେ ଉତ୍ପାଦନ ହୁଏ । ସେହିପରି ବିହାର ମକା ଫେବୃୟାରୀ, ମାର୍ଚ୍ଚରୁ ପ୍ରଭୁତ ପରିମାଣରେ ମିଳେ ଏବଂ ଜୁନ୍, ଜୁଲାଇ ବେଳକୁ ଆନ୍ଧ୍ରରୁ ମକା ମିଳେ ।

ଆମ ଓଡ଼ିଶା ଚାଷୀମାନେ ଏହି ତିନୋଟି ଉତ୍ପାଦନ ଅଂଚଳର ଫସଲର ଯୋଗାଣ ଉପରେ ସାଧାରଣତଃ ନିର୍ଭର କରିଥାଆନ୍ତି । ଗୋଟିଏ ସିଜନରେ ମକା କିଣି ବର୍ଷକ ପାଇଁ ରଖିବା ଅର୍ଥନୈତିକ କାରଣରୁ କୁକୁଡ଼ା ଚାଷୀ ପକ୍ଷରେ ସମ୍ଭବ ନୁହେଁ କି ଉଚିତ୍ ମଧ୍ୟ ନୁହେଁ କାରଣ ବେଶି ଦିନ ରହିଲେ ମକା ପୋକ ଧରିଯାଏ । ଆନ୍ଧ୍ରରୁ ଯେଉଁ ମକା ମିଳିଲା ତାହା ଆମେ ପାଇବା ବେଳକୁ ଆନ୍ଧ୍ରରେ ମକା ଋତୁ ସରିଗଲାଣି ଏବଂ ଓଡ଼ିଶାରେ ମକା ଋତୁ ଆରମ୍ଭ ହୋଇ ଶସ୍ତାରେ ମିଳିଲାଣି ।

ଉମରକୋଟ (ଓଡ଼ିଶା) ମକା ଆଉ ଆନ୍ଧ୍ର ମକାର ବେପାରୀ ସମାନ ଲୋକ । ଋତୁ ଅନୁସାରେ ସେମାନେ ଓଡ଼ିଶାରୁ ନେଇ ଆନ୍ଧ୍ରରେ ବିକନ୍ତି ଆଉ ଅନ୍ୟ ସମୟରେ ଆନ୍ଧ୍ରରୁ ଆଣି ଓଡ଼ିଶାରେ ବିକନ୍ତି । ଏହି ପରିସ୍ଥିତିରେ ଆନ୍ଧ୍ରରୁ ମକା ଗାଡ଼ି ଭଡ଼ା ଦେଇ ଆଣିବା ଅପେକ୍ଷା ବଦଳ କରି ଉମରକୋଟ ମକା ଆଣିବା ଦାମ୍ ଦୃଷ୍ଟିରୁ ଅନୁକୂଳ । ତାବାଦ୍ ଏଫ୍.ସି.ଆଇ.ର ଗୋଦାମରୁ ମକା ଆଣିବାକୁ ହେଲେ ଦଲାଲଙ୍କର ବିନା ସାହାଯ୍ୟରେ ସମ୍ଭବ ନୁହେଁ । ସବୁଠାରୁ ବଡ଼ ସମସ୍ୟା ହେଉଛି

Digitized by PPRACHIN, SOA

ଏଫ୍.ସି.ଆଇ. ଯେଉଁ ମକା ଦେଉଥିଲା ତାହା କେତେଦୂର ବ୍ୟବହାର ଯୋଗ୍ୟ ତା ଦେଖିବାକୁ ହେବ। ଜଣେ ଅଧେ ଯେଉଁମାନେ କିଛି କିଛି ଆଣିଲେ, ଦେଖାଗଲା ଯେ ମକା ଯଦିଓ ଶୁଖିଲା, ଭିତରେ ପୋକା ମକା ମଧ୍ୟ ରହିଛି। ଆଉ ଏଫ୍.ସି.ଆଇ. ମକା ଆଗତୁରା ଦେଖିବାକୁ ସୁବିଧା ଦିଏ ନାହିଁ। ତୃତୀୟ ଅସୁବିଧା ହେଉଛି ଯେଉଁମାନେ ଅଧିକ ପରିମାଣରେ ମକା ପାଇଛନ୍ତି ସେମାନେ ଦଲାଲ ଜରୀଆରେ ତଥା ଅନ୍ୟାନ୍ୟ ଖର୍ଚ୍ଚ କରି ଆଣି ପାରିବେ। ମାତ୍ର କ୍ଷୁଦ୍ର ଚାଷୀ ଯେଉଁମାନେ ୨/୩ ଟ୍ରକ (୨୦/୩୦ ଟନ)ର ପରମିଟ ପାଇଛନ୍ତି ସେମାନେ ଏସବୁ ଖର୍ଚ୍ଚ କରିବା ସମ୍ଭବ ନୁହେଁ। ଏସବୁକୁ ବିଚାର କଲେ ଦେଖିବାକୁ ହେବ ଯେ ପରମିଟଟି ବେପାରୀକୁ ଧରାଇ ଦେଲେ ସବୁ ଦୃଷ୍ଟିରୁ ସୁବିଧା। ସେ ସେହି ପରିମାଣରେ ମକା ଉମରକୋଟରୁ ଆଣି ଦେଇଦେଲା। ଆନ୍ଧ୍ର ମକା ଆନ୍ଧ୍ରରେ ଅଧିକ ଦରରେ ବିକ୍ରି କଲା ଆଉ ଲାଭାଂଶରୁ ଗୋଟାଏ ଅଂଶ ଚାଷୀକୁ ଫେରସ୍ତ କଲା ଏବଂ ଏଫ୍.ସି.ଆଇ.ରେ ଯେଉଁ ଆଗତୁରା ସମସ୍ତ ଟଙ୍କା ଜମା କରିବାକୁ ହୁଏ ତାହା ମଧ୍ୟ ସେ କରିଲା।

ଏପରି ହୋଇଛି ବୋଲି ମୁଁ ଜାଣିଥିଲି ଏବଂ ଅନେକ ଚାଷୀ ମୋର ମତାମତ ଚାହିଁଥିଲେ। ମୁଁ ସିଧାସଳଖ ହଁ ବା ନାହିଁ କିଛି କହି ନଥିଲି। ମୋତେ ଯେଉଁ ବେପାରୀ ମକା ଯୋଗାଏ ସେ ମଧ୍ୟ ମୋର ପରମିଟ ନେଇ ମୋ ପାଇଁ ଆଗତୁରା ଜମା ଏଫ୍.ସି.ଆଇ.ରେ କରି ଭଲ ମକା ଉମରକୋଟର ବୋଧହୁଏ ଆଣି ମୋତେ ଦେଇଥିଲା। ମାତ୍ର ସୀମା ତନଖି ଫାଟକର କାଗଜପତ୍ର ସବୁ କିଛି ସେ ନିୟମ ମୁତାବକ ବିଲ ସହିତ ମୋତେ ଦେଇଥିଲା।

ମୋର ଏହି ମତାମତ ଆସିଥିବା ଅଫିସରଙ୍କୁ ମୁଁ ବୁଝାଇଲି ଏବଂ ପଚାରିଲି "ସାର୍ ଆପଣଙ୍କ ପୁଅ ଯଦି ଗୋଟିଏ କୁକୁଡ଼ା ଚାଷୀ ହୋଇଥାଆନ୍ତା ଆଉ ସେ ଆସି ଆପଣଙ୍କ ପରାମର୍ଶ ଏ ପରିସ୍ଥିତିରେ ଚାହିଁ ଥାଆନ୍ତା, ଆପଣ କ'ଣ କରିଥାଆନ୍ତେ?" ଅଫିସର ଦୁଇଜଣଯାକ ସାମାନ୍ୟ ହସି ମୋଠାରୁ ବିଦାୟ ନେଲେ। ମୋଠାରୁ ଫେରିବା ପରେ ଆଉ କୌଣସି ଚାଷୀଙ୍କ ପାଖକୁ ଯାଇ ନାହାନ୍ତି ବୋଲି ଖବର ପାଇଲି।

ଏହାହିଁ ସରକାରୀ ସ୍ତରରେ କାମର ନମୁନା। ଠିକ୍ କଥା ବୁଝୁଥିଲେ ମଧ୍ୟ ସେହି ଅନୁସାରେ କାମ କରିବାକୁ ଅନେକ ଅଧିକାରୀ ପଛଘୁଞ୍ଚା ଦିଅନ୍ତି। ନିଜ ଉପରେ କୌଣସି ବିପଦ ନଆସୁ, କାମ ନହେଲେ ନହେଉ ପଛେ। ଏହି ଦୃଷ୍ଟି ଭଙ୍ଗୀ ନେଇ ସେମାନେ କାମ କରନ୍ତି। ଆଉ ଏଥିରେ ଯାହା ହେବା କଥା ହୁଏ।

Digitized by PPRACHIN, SOA

ଦ୍ୱିତୀୟ ଜୀବନ

ଚାରି ନମ୍ବର ହାଟରୁ ବାହାରକୁ ବାହାରିବା ବାଟରେ ଫାଟକ ପୂର୍ବରୁ ଡ଼ାହାଣପଟେ କୁଷ୍ଠ ରୋଗୀ ଭିକାରିଟିଏ ଗୋଟିଏ ପୁରୁଣା ଧଡ଼ିଆ ତିନି ଚକିଆ ଚୌକିରେ ବସି ଭିକ ମାଗେ। ତଳକୁ ବିନା ସାହାଯ୍ୟରେ ଓହ୍ଲାଇ ପାରେ ନାହିଁ। ତାକୁ ଠେଲି ଠେଲି ସ୍ତ୍ରୀ ଲୋକଟି ଆଣି ସେଠାରେ ଛାଡ଼ି ଦିଏ ଆଉ ୨/୪ ଘଣ୍ଟା ପରେ ନିଜେ ଏଣେତେଣେ ଭିକ ମାଗି ଫେରି ବୁଢ଼ାକୁ ନେଇ ଯାଏ। ପ୍ରତି ରବିବାର ଦିନ ବୁଢ଼ାକୁ ବସିଥିବାର ମୁଁ ଦେଖେ। ବସିବା ଯାଗାରୁ ଘୁଞ୍ଚି ପାରେ ନାହିଁ। ହାତରେ ରସ ତାଟିଆଟିଏ ଧରିଥାଏ ଆଉ ଗଲାଆଇଲା ବାବୁମାନଙ୍କୁ ମାଗୁଥାଏ। ମୋର ଅଭ୍ୟାସ ପ୍ରତି ଥର ଫେରିବା ବେଳକୁ ତାକୁ ୧୦ଟି ଟଙ୍କା ଦିଏ। ଦେବା ବେଳେ କେହି ଯେପରି ପରିମାଣ ଦେଖି ନପାରିବେ ସେଥିପାଇଁ ନୋଟଟିକୁ ଚାରିଭାଗ କରି ଚୁପ୍‌ଚାପ୍ ତା ତାଟିଆରେ ପକାଇ ଦିଏ। ଏଇଟା ପ୍ରାୟ ନିୟମିତ ଘଟେ। କୋଉଥର ମୁଁ ଯାଇ ନଥିଲେ ବା ସେ ଆସି ନଥିଲେ ଅଲଗା କଥା। ମାତ୍ର ତାହା ଅତ୍ୟନ୍ତ କ୍ୱଚିତ୍। ଭିକାରିକୁ ଭିକ ଦେଇ ସାରି ଡ଼ାହାଣ ହାତଟି ପ୍ରଣାମ ମୁଦ୍ରାରେ ମାରିବା ମୋର ଅଭ୍ୟାସ। ଏ କ୍ଷେତ୍ରରେ ମଧ୍ୟ ସେଇଆ କରେ। ଚୁପ୍‌ଚାପ୍ ଏତକ କାମ ସାରି ଗାଡ଼ି ପାଖକୁ ଫେରି ଆସେ।

ଭିକାରିର ସାମନାରେ ରାସ୍ତାର ଅପର ପାର୍ଶ୍ୱରେ ତେଜରାତି ଦୋକାନଟିଏ। ଗଞ୍ଜାମୀ ଲୋକଟିଏର ଦୋକାନ। ଛୋଟିଆ କ୍ୟାବିନଟିଏ ମାତ୍ର, କ୍ୟାବିନକୁ ଆଗକୁ କରକୁ ବଢ଼ାଇ ବେଢ଼ାଇ ସେ ତା ଦୋକାନ ଖୋଲି ଥାଏ। ପସରା ସଜାଇଥାଏ। ପସରା ସଜାଇବା କଥା କହିବା ବରଂ ଭୁଲ ହେବ। ତା ଦୋକାନରେ ସବୁ କିଛି ମିଳେ ମାତ୍ର ସବୁ କିଛି ଏପରି ଅସଜଡ଼ା ହୋଇ ରହିଥାଏ ଯେ ମନେ ହେବ ଏଠାରୁ ଜିନିଷ କିଛି ଖୋଜି ପାଇବାକୁ ଘଣ୍ଟା ଘଣ୍ଟା ଲାଗିଯିବ। ମାତ୍ର ଆଶ୍ଚର୍ଯ୍ୟର କଥା, ବେପାରୀର ସାହାଯ୍ୟକାରୀ ଟୋକାଟି ଠିକ୍ ଜାଣେ ତା'ର ଦରକାରୀ ପଦାର୍ଥଟି ଗଦାର କେଉଁ ଯାଗାରେ ଅଛି। ବିନା ବିଳମ୍ବରେ ସେ ଗରାକ ଖୋଜୁଥିବା ଜିନିଷ ବାହାର କରି ଦିଏ। ଯଦି ଦୈବାତ ତା'ର ଅନୁମାନ ଭୁଲ ହୁଏ ଆଉ ଥରକରେ ସେ ଖୋଜୁଥିବା ଜିନିଷ ପାଇପାରେ ନାହିଁ, ତେବେ କୁମୁଟି ବୁଢ଼ା ତାକୁ ଠିକ୍ କେଉଁ ଯାଗାରେ ଜିନିଷ ଅଛି କହି ଦିଏ। ମୁଁ ବେଳେବେଳ ଆଶ୍ଚର୍ଯ୍ୟ ହୁଏ। ଆପଣା ଦୋକାନ ଆଉ ପସରା ସହିତ ଏକାତ୍ମ

Digitized by PPRACHIN, SOA

ନହେଲେ ଏପରି ନିର୍ଭୁଲ ନଜର ରହିବା ସମ୍ଭବ ନୁହେଁ । ସେଇଥିପାଇଁ କୁମୁଟିମାନେ ଉତ୍ତମ ବ୍ୟବସାୟୀ । ଓଡ଼ିଆଙ୍କ ଭିତରେ ମାରୱାଡ଼ି ।

ବେଳେବେଳେ ଶୁଖିଲା ଲଙ୍କା, ଗୁଡ଼, ପାମ୍ପଡ଼ ଇତ୍ୟାଦି ପାଇଁ ଘରେ ବରାଦ ଥାଏ । ଏଠାରେ ମିଳୁଥିବା ଏସବୁ ଜିନିଷ କ୍ୱାଲିଟି ଦୃଷ୍ଟିରୁ ବେଶ୍ ଭଲ । ତେଣୁ ମୁଁ ମଝିରେ ମଝିରେ କୁମୁଟି ବୁଢ଼ାର ଗ୍ରାହକ ହୁଏ । ସେଇ ଅସଜଡ଼ା ପାହାଡ଼ ଭିତରୁ କେଉଁ ଡ଼ବାରେ କ'ଣ ଅଛି, କେଉଁ ଢ଼ାବଲରେ କ'ଣ ଅଛି କେଉଁ ବସ୍ତାଟି ଖୋଲିବା ଦରକାର, ସବୁ କିଛି ତାଙ୍କ ନଖ ଦର୍ପଣରେ । ବିନା ବିଳମ୍ବରେ ସହାକାରୀଟିଏ ଏ ସବୁ ଜିନିଷ କାଢ଼ି, ଓଜନ କରି ପଲିଥିନ୍‌ରେ ପୁରାଇ ଧରାଇ ଦିଏ । ମାସକେ ୨/୩ ଥର ମୁଁ ଏଠାରୁ କିଛି କିଛି କିଣେ । ସେ ପ୍ରାୟ ଦୁଇ ପ୍ରକାର ଜିନିଷ ରଖିଥାଏ । ଏକ ନମ୍ବର ଆଉ ଚାଲୁ । ଗ୍ରାହକର ଆବଶ୍ୟକତା ଅନୁଯାୟୀ ସେ ଏକ ନମ୍ବର ମାଲ ଦିଏ ବା ଚାଲୁ ମାଲ ଦିଏ । ହଁ ବୁଢ଼ା ଦାମ ଟିକିଏ ଅଧିକ ନିଏ । ମାତ୍ର ଆଜିକାଲି କେଉଁ ଜିନିଷଟି ଶସ୍ତାରେ ମିଳୁଛି କି? ଭଲ ଜିନିଷ ଖୋଜିଲେ ଭଲ ପଇସା ହିଁ ଦେବାକୁ ପଡ଼ିବ ।

ଭିକାରି ବୁଢ଼ାକୁ ପ୍ରତି ରବିବାର ଲୁଚାଇ କରି କିଛି ଦେଉଥିବାର, କୁମୁଟି ବୁଢ଼ାର ଆଖିରେ ବୋଧହୁଏ ପଡ଼ିଛି । ଅନେକଥର ଦେଖିବା ପରେ ଥରେ ସେ ପଚାରିଲା । ଏପରି ଲୁଚାଇ କରି କ'ଣ ଦେଉଛି ବୋଲି ତା'ର ପ୍ରଶ୍ନ । ମାତ୍ର କୌଣସି ଉତ୍ତର ନଦେଇ କେବଳ ହସି ଦେଇ ଚୁପ୍ ରହିଲି ଯଦି ବାହାରେ ଏ କଥାଟି ପ୍ରଘଟ କରିବାର ଅଛି ତେବେ ଲୁଚାଇ କରି ଦେବାର ଅର୍ଥ କ'ଣ ।

କେତୋଟି ରବିବାର ପରେ ଦେଖିଲି ଭିକାରି ପାଖରେ, ତାକୁ ଆଣୁଥିବା ଅଧା ବୁଢ଼ୀ ସ୍ତ୍ରୀ ଲୋକଟି ବସିଛି । ଆଗପରି ବୁଢ଼ାକୁ ବସାଇ ଦେଇ ଅନ୍ୟତ୍ର ଭିକମାଗି ଯାଇନାହିଁ । ଥରେ ନୁହେଁ ୨/୪ଟି ରବିବାର ଠିକ୍ ଏକା ଦୃଶ୍ୟ ଦେଖି ସାମାନ୍ୟ ବିସ୍ମିତ ହେଲି । ମାତ୍ର ମୋର ସେଥିରେ ମୁଣ୍ଡ ଖେଳାଇବାର ବା କ'ଣ ଅଛି । ମାତ୍ର ଏବେ କେତୋଟି ରବିବାର ହେଲା ଦେଖୁଛି ବୁଢ଼ାବୁଢ଼ୀଙ୍କର ମୋ ପ୍ରତି ଭକ୍ତି ବଢ଼ି ଯାଇଛି । ବୁଢ଼ୀ ଦେଖିଲେ ଭୂଇଁରେ ମୁଣ୍ଡ ଲଗାଇ ମୁଣ୍ଡିଆ ମାରୁଛି । ବୁଢ଼ାର ଆଶୀର୍ବାଦ ଆଗଠାରୁ ଅଧିକ ଲମ୍ବା ହୋଇ ଯାଇଛି । ତା ବ୍ୟତୀତ ଦେଖିଲି ବୁଢ଼ାବୁଢ଼ୀ ମନ ଖୁସୀରେ ନିଜ ନିଜ ଭିତରେ ପ୍ରାୟ କଥାବାର୍ତ୍ତା ହେଉଛନ୍ତି । ମାତ୍ର ଏ ପରିବର୍ତ୍ତିତ ପରିସ୍ଥିତି ତଥା ବ୍ୟବହାରର କାରଣ ମୁଁ ବୁଝି ପାରୁ ନଥିଲି ।

ଦିନେ ସେ ଗଞ୍ଜାମୀ କୁମୁଟି ଦୋକାନରେ ହାଟରୁ ଫେରିବା ବାଟରେ ଅଟକି କିଛି ସୋୟାବିନ-ନୁଡୁଲ୍ସ କିଣିବା ବେଳେ ହିଁ ଏସବୁର କାରଣ ଜାଣିପାରିଲି । ମୁଁ

Digitized by PPRACHIN, SOA

ସିନା ସେ ଦୋକାନୀ ବୁଢ଼ାକୁ ଭିକାରିର ରସ ତାଟିଆରେ କ'ଣ ପକାଉଛି ପ୍ରକାଶ କରି ନଥିଲି, ମାତ୍ର ସେ ଭିକାରିକୁ ପଚାରି ବୁଝି ସାରିଥିଲା ଆଉ ପ୍ରତିଥର ଭିକ ଦେଇ ସାରି ବୁଢ଼ା ଭିକାରିକୁ ପ୍ରଣାମ କରିବା କଥାଟି ତା ମନକୁ ଛୁଇଁଥିଲା । କେବଳ ସେ ନୁହେଁ ଭିକାରିର ପାଖଆଖର କେତେଜଣ ଉଠା ଦୋକାନୀ ଆଉ କ୍ୟାବିନ ଦୋକାନୀ ଏ କଥାଟି ସପ୍ତାହ ପରେ ସପ୍ତାହ ଘଟିବାର ଦେଖୁଥିଲେ ମାତ୍ର କାରଣ ଜାଣି ନପାରି ଚୁପ୍ ରହୁଥିଲେ । ଏହାର ଗୁମରଟି ଗଞ୍ଜାମୀ ବୁଢ଼ା ତା ସାଥୀ ବେପାରୀ ଭାଇମାନଙ୍କ ଆଗରେ ଖୋଲିଦେଲା । ଏହାର ଫଳ ଏଇଆ ହେଲା ଯେ ସେଇ ପାଖଆଖର ପ୍ରାୟ ୩୦/୪୦ ଜଣ ବେପାରୀ (ଉଠା ଦୋକାନୀ ଓ କ୍ୟାବିନ ଦୋକାନୀ) ପ୍ରତି ରବିବାର ଭିକାରୀ ବୁଢ଼ାକୁ ଆପଣା ଆପଣା ବିକ୍ରି ପାଇଁ ଥିବା ଜିନିଷରୁ କିଛି କିଛି ଦେଲେ । କିଏ ବାଇଗଣ ଦୁଇଟା ଦେଲା ତ କିଏ ବିଲାତିବାଇଗଣ ଦେଲା ଆଉ କିଏ କଖାରୁ ଖଣ୍ଡେ ଦେଲା । କ୍ୟାବିନ ଦୋକାନୀ ସାଧାରଣତଃ ଚାଉଳ ଓ ଡ଼ାଲି କିଛିକିଛି ଦେଲେ । ଅନ୍ୟ ବେପାରୀମାନେ ଯଥା ମନୋହରୀ, ପୂଜାସାମଗ୍ରୀ ଇତ୍ୟାଦି ବେପାରୀ ତାକୁ ପଇସା ଦେଲେ ।

ଏତକ ପାଇବାପରେ ବୁଢ଼ୀ ଆଉ ବାରଦୁଆର ବୁଲିବା ଦରକାର ହେଲା ନାହିଁ । ଏଇମାନଙ୍କଠାରୁ ଯାହା ପାଇଲା ସେଥିରେ ଦୁଇଜଣଯାକ ଭଲରେ ଗୋଟାଏ ସପ୍ତାହ ଚଳିଲେ । ଆଉ ଭିକାରିର ଦୃଢ଼ ଧାରଣା ଯେ ସେମାନେ ମୋ ଯୋଗୁଁ ଏସବୁ ପାଇପାରିଲେ । ଯଦିଓ ମୋ ଜାଣତରେ ମୋର ଏଥିରେ କିଛି କୃତିତ୍ୱ ନାହିଁ ।

ବର୍ତ୍ତମାନ ବୁଝିପାରିଲି ବୁଢୀର ଲମ୍ୱା ଚଉଡ଼ା ଭକ୍ତି ଆଉ ବୁଢ଼ାର ଦୀର୍ଘ ଆଶୀର୍ବାଦ ପଛରେ ଥିବା ରହସ୍ୟ । ଭିକାରି ବୁଢ଼ାବୁଢ଼ୀଙ୍କ କଥା କହିବା ପାଇଁ ଏସବୁର ଅବତାରଣା ହୋଇଥିଲେ ସେମାନଙ୍କୁ ନାୟକ କରି ବକ୍ତବ୍ୟଟି ଏଇଠି ମୁଁ ଶେଷ କରିପାରିଥାନ୍ତି । ସବୁକିଛି ପୂର୍ବ ପରି ଚାଲିଥାଆନ୍ତା । ମୁଁ ରବିବାର ହାଟକୁ ଯାଉଥାଆନ୍ତି । ୧୦ଟି ଟଙ୍କା ଦେଇ ପ୍ରଣାମଟିଏ କରି ଲମ୍ୱା ଆଶୀର୍ବାଦ ପାଇ ଘରକୁ ଫେରୁଥାଆନ୍ତି । ମାତ୍ର ଅଦୃଷ୍ଟର ନିର୍ଦ୍ଦେଶ ଅନ୍ୟ ପ୍ରକାର ଥିଲା । କଥାଟି ଏଇଠି ଛିଣ୍ଡିବାର ନଥିଲା । ତାପର ଘଟଣା ଯେଉଁଥିରେ ମୁଁ ସିଧାସଳଖ ଛନ୍ଦି ହୋଇଗଲି ତାହିଁ ବର୍ତ୍ତମାନ କହୁଛି ।

କ୍ରମେ ଏକ ସାଂଘାତିକ ବ୍ୟାଧିରେ ମୁଁ ଆକ୍ରାନ୍ତ ହେଲି । ଏ ବ୍ୟାଧିର ପ୍ରାୟ ଉପଶମ ନାହିଁ । ଔଷଧ ଖାଇ ଏହାକୁ ଭଲ କରିବା ପ୍ରାୟ ଦେଖା ଯାଏନାହିଁ । ୨/ ୩ ବର୍ଷ ଧରି ଚିକିତ୍ସା ଚାଲିବା ସତ୍ତ୍ୱେ ଶରୀର କ୍ରମେ ଦୁର୍ବଳ ହେବାକୁ ଲାଗିଲା । ଅନ୍ୟାନ୍ୟ ଅନେକ ଆନୁସଙ୍ଗିକ ସମସ୍ୟା ମଧ୍ୟ କ୍ରମେ ଦେଖା ପଡ଼ିଲେ । ଗୋଟିଏ

Digitized by PPRACHIN, SOA

ଲକ୍ଷଣ ପାଇଁ ଔଷଧ ଖାଇବା ବେଳକୁ ଆଉ ଗୋଟିଏ ଉପସର୍ଗ ଦେଖା ଦିଏ । ଏ ରୋଗ ବି ସେହିପରି । ପରିଣତିକୁ କିଛି ବିଳମ୍ବିତ ହୁଏତ କରାଯାଇପାରେ ମାତ୍ର ସମ୍ପୂର୍ଣ୍ଣ ଟାଳି ଦେବା ସମ୍ଭବ ନୁହେଁ । ଗୋଟିଏ ଜଟୀଳ ଅସ୍ତ୍ରୋପଚାର ଦ୍ୱାରା ଏହାର ନିରାକରଣ ହୁଏତ କରାଯାଇପାରେ, ମାତ୍ର ତାହା ସଂପୂର୍ଣ୍ଣ ଭରସା ଯୋଗ୍ୟ ନୁହେଁ କି ଓଡ଼ିଶାରେ ସେଥିପାଇଁ ଉନ୍ନତମାନର ସୁବିଧା ନାହିଁ ।

ଏହି ପ୍ରକାର ଅବସ୍ଥାରେ ଓଡ଼ିଶାରେ ଥାଇ ଏଠାରେ ଉପଲବ୍ଧ ହେଉଥିବା ଚିକିତ୍ସାରେ ଦୁଇବର୍ଷରୁ ଉର୍ଦ୍ଧ୍ୱ ରହିଲି । ଏ ଚିକିତ୍ସା କେବଳ ସମୟ ଗଡ଼ାଇବାକୁ । ଗୋଟାଏ ସମୟ ପରେ ଏ ଚିକିତ୍ସା ମଧ୍ୟ ଅକାମି ଏବଂ ସେ ଅବସ୍ଥା ଆସିବାର ଉପକ୍ରମ ମଧ୍ୟ ଜଣାପଡ଼ିଲା । ଏପରି ଏକ ଅଭାବନୀୟ ପରିସ୍ଥିତିରେ ପୁତ୍ର, ପତ୍ନୀ, ବିବାହ କରି ଚାଲିଯାଇଥିବା କନ୍ୟା ସମସ୍ତେ ବିବ୍ରତ, ଚିନ୍ତିତ । ଦେଖିବାକୁ ଗଲେ ମାସ ମାସ ଧରି ଘରେ ହସଖୁସୀର କଥା ଦି ପଦ ଶୁଣାଯାଇ ନାହିଁ କି ସେଥିପାଇଁ କାହାର ଆଗ୍ରହ ଆସିନାହିଁ ।

ଆଉ ଗୋଟିଏ ସମସ୍ୟା ଆମକୁ ଅତ୍ୟନ୍ତ ଚିନ୍ତିତ କରି ଦେଇଥାଏ । ପୁଅ ଏଇ ମାତ୍ର ପାଠ ସାରିଛି । ଚାକିରିରେ ନପଶି ମୋରି ପରି ବ୍ୟବସାୟରେ ପଶିଛି । ତାକୁ ହାତ ଧରି କିଛି ବାଟ ଆଗେଇ ନେବା ନିତାନ୍ତ ଦରକାର । ଜମିବାଡ଼ି, କରଜ, ସଞ୍ଚୟ ସବୁକିଛିକୁ ବିବାଦ ଶୂନ୍ୟ କରି ତା ହାତକୁ ଟେକି ଦେବାକୁ ହେବ । ତା ନହେଲେ ମୋ ଅବର୍ତ୍ତମାନରେ ଏ ଗୋଲକଧନ୍ଦାରେ ପଡ଼ି ଠକି ଯିବ ଏବଂ ଭାଙ୍ଗି ପଡ଼ିବ । ତାରି ଚିନ୍ତା ମୋର ଏବଂ ପତ୍ନୀଙ୍କର ଏକ ମୁଖ୍ୟ ମୁଣ୍ଡବ୍ୟଥାର କାରଣ ହୋଇପଡ଼ିଲା ।

ମୁଁ ପ୍ରଥମେ ଏ ରୋଗର ଆସନ୍ନ ପରିଣତି ବ୍ୟାପାରରେ ନିଜକୁ ପ୍ରସ୍ତୁତ କରିବାକୁ ଲାଗିପଡ଼ିଲି । ମନକୁ ବୁଝାଇଲି ହୁଏତ ଏ ରୋଗ ନହୋଇଥିଲେ ଆଉ ୧୫/୨୦ ବର୍ଷ ବଞ୍ଚିଥାଆନ୍ତି । ମାତ୍ର ଭଗବାନଙ୍କ ଇଚ୍ଛା ଅନ୍ୟ ପ୍ରକାର । ମୋର କର୍ମ ଏତେ ଲମ୍ବା ଜୀବନ ଅର୍ଜନ କରିପାରିନାହିଁ । ଆଉ ହୁଏତ ମୋର ଜମାରେ ୨/ ୩ ବର୍ଷ ମାତ୍ର ଅଛି । ଯେତିକି ଜମା କରିଛି, ସେତିକି ଉଠାଇ ପାରିବି । ତା'ଠାରୁ ଅଧିକ ଆଶା କରିବା ମଧ୍ୟ ମୋର ଉଚିତ୍ ନୁହେଁ ।

ଏହି ଘଡ଼ି ସନ୍ଧି ମୁହୂର୍ତ୍ତରେ କେତେକ ଅତ୍ୟନ୍ତ ଅନ୍ତରଙ୍ଗ ବନ୍ଧୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ । ଓଡ଼ିଶା ବାହାରେ ଚିକିତ୍ସା ଓ ଅସ୍ତ୍ରୋପଚାରର ସମସ୍ତ ବନ୍ଦୋବସ୍ତ କରି ଆମେ ପତିପତ୍ନୀ ଓଡ଼ିଶା ଛାଡ଼ିଲୁ । ୬/୭ ମାସ ରହିବା ପରି ଘରକରଣା ସହିତ ପ୍ରସ୍ତୁତ ହୋଇ ସାଙ୍ଗରେ ଜଣେ ସହକାରୀ ନେଇ ଆମେ ଓଡ଼ିଶା

Digitized by PPRACHIN, SOA

ଛାଡ଼ିଲୁ । ପୁଅଟି ମୋର ପାଟି ଫିଟାଇ କିଛି କହିପାରୁନଥାଏ । ଆମେ ଯିବା ପାଇଁ ସମସ୍ତ ଆୟୋଜନ ସେ କରୁଥାଏ ମାତ୍ର ତା ମୁହଁଟି ଶୁଖି ଯାଇଥାଏ । ଅନେକ ସମୟରେ ଏକୁଟିଆ ବସି ଉଦାସ ରହି କିଛି ଚିନ୍ତା କରୁଥାଏ । ପଚାରିଲେ କିଛି କହେ ନାହିଁ । ଆଜିକାର ସ୍ୱାର୍ଥପର ସମାଜରେ, ବ୍ୟବସାୟ କ୍ଷେତ୍ରରେ ବିନା ଅଭିଭାବକ, ବିନା ଅନୁଭୂତି ଆଉ ବିନା ପଥ ପ୍ରଦର୍ଶକରେ ଏତେ ବଡ଼ ଆରବା ସେ କିପରି ସମ୍ଭାଳିବ ଆଉ ମୁଣ୍ଡ ଟେକି ଠିଆ ହେବ, ସେ ନେଇ ସେ ହତାଶ ହୋଇପଡୁଥାଏ । ଏହା ସ୍ୱାଭାବିକ ମଧ୍ୟ । ଏସବୁ ବୁଝିଲେ ମଧ୍ୟ ମୋର ନିଜର ଅକର୍ତ୍ତବ୍ୟ ଅବସ୍ଥା ମୋତେ କିଂକର୍ତ୍ତବ୍ୟ ତଥା ଅତ୍ୟନ୍ତ ବିମର୍ଷ କରି ପକାଉଥାଏ ।

ମୁଁ ତା'ର ଉଦାସ ଭାବ ଦୂର କରି, ସାହାସ ଦେଇ ପଦେ ଅଧେ କିଛି କୁହେ ମାତ୍ର ସେ କଥାରେ ମୋ ନିଜର ଭରସା ମଧ୍ୟ ନଥାଏ । ମୁଁ ଯେ ଭଲ ହୋଇ ଭୁବନେଶ୍ୱର ଫେରିବି ସେଥିରେ ମୋର ନିଜର ମଧ୍ୟ ସଂଶୟ ଥାଏ । ସେଥିପାଇଁ ନିଜକୁ ପ୍ରସ୍ତୁତ କରୁଥାଏ । ପୁଅ ଆମ ପାଖରେ ୫/୬ ଦିନ ରହେ ତା'ପରେ ଭୁବନେଶ୍ୱର ଫେରି ଆସି ଏଠାରେ ୫/୭ ଦିନ ରହି ବ୍ୟବସାୟ ଦେଖି ପୁଣି ଆମ ପାଖକୁ ଚାଲିଆସେ ।

ଏହିପରି ଅବସ୍ଥାରେ ଗୋଟିଏ ରବିବାର ସେ ଚାରି ନମ୍ବର ହାଟକୁ ଯାଇଥିଲା । ଯେତେଦିନ ମୁଁ ସୁସ୍ଥ ଆଉ ଭୁବନେଶ୍ୱରରେ ଥିଲି ତା'ର ହାଟକୁ ଯିବା ଦରକାର ହେଉନଥିଲା । ପରିବା, ମାଛ ଚିହ୍ନିବା ମଧ୍ୟ ତାକୁ ଜଣାନଥାଏ । ମାତ୍ର ବେକରେ ପକାଇଲେ ବଜାଇ ଶିଖିବା ପରି ବର୍ତ୍ତମାନ ତାକୁ ଏସବୁ କରିବାକୁ ପଡ଼ିଲା । ମଝିରେ ମଝିରେ ସେ ମୋ ସାଙ୍ଗରେ ହାଟକୁ କେତେବାର ଯାଇଛି । ମୋର ନାଗୁଆ ବେପାରୀମାନେ ତାକୁ ପ୍ରାୟ ଚିହ୍ନି ଯାଇଥିଲେ । ବର୍ତ୍ତମାନ ସେଇ ପରିଚୟଟି ବରଂ କାମରେ ଆସିଲା । ସେଇ ନାଗୁଆ ଉଠା ଦୋକାନୀ ଆଉ ବେପାରୀଙ୍କ ପାଖରୁ ପନିପରିବା, ଫଳ ବା ମାଛ ଆଣିବା ପାଇଁ ମୁଁ ତାକୁ ବତାଇଲି । ଅନ୍ୟ କାହା ପାଖକୁ ଗଲେ ମୂଲଚାଲ କରିବାକୁ ପଡ଼ିବ, ଭଲ କହି ମନ୍ଦ ଜିନିଷ ହୁଏତ ତାକୁ ଧରାଇ ଦେବେ । ଚିହ୍ନା ପୁରୁଣା ଦୋକାନୀ, ସମ୍ପର୍କକୁ ଆଖି ଆଗରେ ରଖି ଅନ୍ତତଃ ଖରାପ ଜିନିଷ ଦେବନି କି ଦରରେ ଠକାଇବନି । ସେ ତାହାହିଁ କଲା ଏବଂ ସେମାନଙ୍କର ଆନ୍ତରୀକତା ତାକୁ ପ୍ରଭାବିତ କଲା ।

ହାଟରୁ ବାହାରିବା ବାଟରେ ଯେଉଁ ଭିକାରିକୁ ମୁଁ ପ୍ରତି ରବିବାର ଦଶଟି ଟଙ୍କା ଦେଉଥିଲି, ସେ ମଧ୍ୟ ପୁଅକୁ ଚିହ୍ନି ଥିଲା । ପୁଅ ତାକୁ ଏଥର ଦଶ ଟଙ୍କା ଦେବାବେଳେ, ସେ ମୋ କଥା ପଚାରିଲା । ମୁଁ କାହିଁକି ଆଉ ହାଟକୁ ଆସୁନାହିଁ

Digitized by PPRACHIN, SOA

ବୋଲି ପଚାରିଲା । ପୁଅ ମୋର ଶାରୀରିକ ଅସୁସ୍ଥତା ତଥା ଓଡ଼ିଶା ବାହାରେ ରହି ଚିକିତ୍ସିତ ହେଉଥିବା କଥା ଏବଂ ହେବାକୁ ଥିବା ଅସ୍ତ୍ରୋପଚାର କଥା ମଧ୍ୟ କହିଲା । ଏତକ କହିବା ବେଳେ ପୁଅର ସ୍ୱରରେ ଥିବା କୁଣ୍ଠା ତଥା ବିଷାଦ ବାରି ହୋଇପଡ଼ିବା ସ୍ୱାଭାବିକ ଥିଲା । ମାତ୍ର ସେଥିରୁ ଭିକାରିଟି କ'ଣ ବୁଝିଲା କେଜାଣି ଭୋ ଭୋ ହୋଇ କାନ୍ଦି ପକାଇଲା ଆଉ ହାଟ ଫାଟକ ପାଖରେ ଥିବା ମା ଦୁର୍ଗାଙ୍କ ଆସ୍ଥାନ ଯେଉଁଟିକି ସେଇ ଉଠା ଦୋକାନୀମାନଙ୍କ ସାହାଯ୍ୟରେ ସ୍ଥାପିତ ହୋଇଥିଲା, ତା'ର ପୂଜକଙ୍କୁ ଡ଼ାକି ଦଶଟି ଟଙ୍କା ଦେଇ ଅତ୍ୟନ୍ତ ଆକୁଳିତ ହୋଇ ପ୍ରତିଦିନ ଦୀପଟିଏ ମୋ ନାମରେ ଜଳାଇବାକୁ ଅନୁରୋଧ କଲା ।

ପୁଅକୁ କାନ୍ଦି କାନ୍ଦି କହିଲା, "ଦେଖିବେ ବାବୁଙ୍କର କିଛି ହେବନି । ସେ ନିଶ୍ଚୟ ଭଲ ହୋଇ ଫେରିବେ ।" ଅପରେଶନ ତାରିଖ ପୁଅଠାରୁ ବୁଝି ନେଇ ସେଦିନ ଠାକୁରଙ୍କ ପାଖରେ ଅଖଣ୍ଡ ଦୀପ ଜାଳିବ ବୋଲି କହିଲା । ପୁଅ ତା'ର ଏ ପ୍ରକାର ପ୍ରତିକ୍ରିୟାରେ ଆଶ୍ଚର୍ଯ୍ୟ ହୋଇଗଲା । ସେଥର ପୁଅ ଆମ ପାଖକୁ ଆସିବା ସମୟରେ ଏ ଘଟଣାଟି ଆମ ପାଖରେ ବର୍ଣ୍ଣନା କଲା । ମୋର ସ୍ୱଳ୍ପଭାଷୀ ପୁଅ, ଯେ ତା'ର ଅନେକ ପ୍ରତିକ୍ରିୟା, ଭାବଅଭାବ ନିଜ ଭିତରେ ଲୁଚାଇ ରଖେ ଅନ୍ୟ କାହାକୁ ଏପରିକି ମୋତେ ମଧ୍ୟ ଜାଣିବାକୁ ଦିଏନି, ସେଦିନ ଏ ଘଟଣାଟି ବର୍ଣ୍ଣନା କରିବାବେଳେ ଅତ୍ୟନ୍ତ ଖୁସୀ ଓ ଉତ୍ଫୁଲ୍ଲ ମନେ ହେଉଥିଲା । ତା' ବୋଉ ସହିତ ପ୍ରାୟତଃ ତା'ର ଅନେକ କଥା ସେ ବାଣ୍ଟେ । ତା' ବୋଉ ମଧ୍ୟ ତା'ର ଅନ୍ତରର ଗଭୀରତା ତଳେ କ'ଣ ଅଛି ଅନେକ ସମୟରେ ଅନୁମାନ କରିପାରେ, ଯାହା ମୁଁ କରିପାରେ ନାହିଁ ଏବଂ ସେହି ଅନୁସାରେ ସେ ପୁଅକୁ ବାଟ ଦେଖାଏ, ବୁଝାଏ, ସାହାଯ୍ୟ କରେ । ସେଦିନ ତା' ବୋଉକୁ ସେ ଅତ୍ୟନ୍ତ ଭାବପ୍ରବଣ ହୋଇ କହିଲା, "ଦେଖିବୁ ବାପା ନିଶ୍ଚୟ ଭଲ ହୋଇଯିବେ, ସେ ଭିକାରିର ଆକୁଳତା ଦେଖିବା ପରେ ମୋର ମନେହେଉଛି, ଭଗବାନଙ୍କ ଆଶୀର୍ବାଦ ଆମପାଇଁ ଅଛି ।"

ପୁଅଠାରୁ ଭିକାରି ବୃତ୍ତାନ୍ତ ଆଉ ସ୍ୱାଭାବତଃ ଚୁପ୍‌ଚାପ୍ ପୁଅର ଉଲ୍ଲସିତ ପ୍ରତିକ୍ରିୟା ମୋତେ ମଧ୍ୟ ପ୍ରଭାବିତ କଲା । ବେଶ୍ କିଛି ମାସ ଧରି ମୁଁ ଅବଶ୍ୟମ୍ଭାବୀ ପରିଣତି ପାଇଁ ନିଜକୁ ପ୍ରସ୍ତୁତ କରୁଥିଲି । ପତ୍ନୀଙ୍କର ନୀରବ ଛଳଛଳ ଆଖିତଳର ଆତୁରତା, ସର୍ବଦା ଚୁପ୍‌ଚାପ୍ ରହୁଥିବା ପୁଅକୁ ଘୋଟି ରହିଥିବା ବିଷାଦର ମେଘ ତଳର ଅସହାୟତା, ଆଉ ଦୈନିକ ଝିଅ ଟେଲିଫୋନ କରି ମୋତେ ଧୈର୍ଯ୍ୟ ଆଉ ସାହାସ ଧରିବା ପାଇଁ କହିବା ଭିତରୁ ବାରି ହୋଇ ପଡୁଥିବା ତା'ର ଥମଥମ ଭାବ

Digitized by PPRACHIN, SOA

ଆଉ ସର୍ବଦା ମନ ଭିତରେ କିଛି ଘୋଡ଼ାଇ ନରଖି ସବୁ କିଛିକୁ ବଡ଼ପାଟିରେ ପ୍ରକାଶ କରିଦେଉଥିବା ଝିଅର ଆପଣାର ହତାଶାକୁ ଘୋଡ଼ାଇବାର ଅସଫଳ ଚେଷ୍ଟା ମୋତେ ସଂକ୍ରମିତ ହେଉଥିଲା ।

ମୋର କର୍ମଫଳ ମୁଁ ଭୋଗୁଛି ଆଉ ଭୋଗିବି । ଏହି ସିଦ୍ଧାନ୍ତ ଉପରେ ମୋର ଦୃଢ଼ ଆସ୍ଥା ଆଉ ତାହାକୁ ଆଶ୍ରୟ କରି ମୁଁ ବର୍ତ୍ତମାନ ପରିସ୍ଥିତି ଆଉ ପରିବେଶକୁ ସାମ୍ନା କରୁଥିଲି । ପତ୍ନୀଙ୍କର ଘଣ୍ଟାଘଣ୍ଟା ଧରି ପ୍ରାର୍ଥନା ମୋତେ ହୁଏତ କିଛି ସାହାସ ଦେଉଥିଲା । ମାତ୍ର ଏହା ମାଧ୍ୟମରେ ଯେ କର୍ମଫଳ ଭୋଗକୁ ଏଡ଼ାଇ ଦେଇହେବ, ତା ନେଇ ମୁଁ ନିଶ୍ଚିତ ନଥିଲି । ଯାହାକିଛି ଘଟୁଛି ତା ତ ମୋର ନିଜର କର୍ମଫଳ । ହୁଏତ ଏ ଜନ୍ମର ନହୋଇପାରେ । ହୁଏତ ପୂର୍ବଜନ୍ମର କରଜ ମୋତେ ଏ ଜନ୍ମରେ ଶୁଝିବାକୁ ହେଉଛି । ବରଂ ଠାକୁରଙ୍କ ଆଶୀର୍ବାଦରୁ ଜୀବନଟି ବଞ୍ଚିସାରି ପରିଣତ ବୟସରେ ଏହାର ସମ୍ମୁଖୀନ୍ ହେବାକୁ ହୋଇଛି ।

ଏହି ପ୍ରକାର ଆଶା, ନିରାଶା, ପତ୍ନୀ, କନ୍ୟା, ପୁତ୍ରର ପ୍ରାର୍ଥନା ଭିତରେ ମୋର ସମୟ କଟୁଥିବା ସମୟରେ, ପୁଅର ଭିକାରି ବୃତ୍ତାନ୍ତ ମୋତେ ବିଦ୍ୟୁତ୍ ସକ୍ ଲାଗିବା ପରି ମନେହେଲା । ସେ ଭିକାରି ବୁଢ଼ାର ମୁହଁଟି ମୋ ଆଖି ଆଗରେ ସ୍ପଷ୍ଟ ଭାସି ଉଠିଲା । ମୋର ମନେହେଲା ଅପରେଶନର ଅବ୍ୟବହିତ ପୂର୍ବରୁ ପ୍ରଭୁଙ୍କର ଏହା ମୋ ପାଇଁ ଗୋଟିଏ ବାର୍ତ୍ତା । ମୋର ପତ୍ନୀ ଆଉ ପୁଅଝିଅଙ୍କର ଆକୁଳ ପ୍ରାର୍ଥନା ଗ୍ରହଣ କରି ପ୍ରଭୁ ଏ ବାର୍ତ୍ତା ଜରୀଆରେ ମୋ ପାଇଁ ଦ୍ୱିତୀୟ ଜୀବନଟିଏ ମଞ୍ଜୁର କରିଛନ୍ତି ।

ଅପରେଶନ ସରିଲା । ପ୍ରାୟ ୬ ମାସ ପରେ ଭୁବନେଶ୍ୱର ଫେରିଲି । ଏହି ସମୟରେ ଅନେକ ଅନେକ ହିତାକାଂକ୍ଷୀ ବନ୍ଧୁ, ପରିଚିତ, ଟେଲିଫୋନରେ, ବ୍ୟକ୍ତିଗତ ଭାବରେ ମୋର ଭଲମନ୍ଦ ବୁଝିଛନ୍ତି, ସଙ୍ଗୁଳିଛନ୍ତି । ସେମାନଙ୍କର ଆନ୍ତରୀକତା ମୋତେ ଅଭିଭୂତ କରିଛି, ଋଣୀ କରିଛି ।

ମାତ୍ର ଆଜି ସମୟ ଅସମୟରେ ଅନ୍ୟ ଶୁଭାକାଂକ୍ଷୀମାନଙ୍କ ମୁହଁ ନୁହେଁ ବରଂ ଯାହା ଆଖି ସାମ୍ନାକୁ ଆସୁଛି ସେଇଟି ହେଉଛି ସେଇ କୁଷ୍ଠରୋଗୀ, ଚଳତ ଶକ୍ତିହୀନ ଭିକାରି ବୁଢ଼ାର ଆକୁଳ ପ୍ରାର୍ଥନା ଆଉ ଲୁହଧୁଆ ମୁହଁ । କହିବା ବାହୁଲ୍ୟ ଏ ଦୃଶ୍ୟ ମୁଁ ବୋଧହୁଏ ଶେଷ ପର୍ଯ୍ୟନ୍ତ ଦେଖୁଥିବି ଆଉ ମୋର ଦ୍ୱିତୀୟ ଜୀବନ ପାଇଁ ସେ ଭିକାରି ବୁଢ଼ା ପାଖରେ ହିଁ ଋଣୀ ହୋଇ ରହିଥିବି ।

Digitized by PPRACHIN, SOA

ପୃଷ୍ଠ ବନ୍ଧ/ମେଲାଣୀର ବେଳା

ଶରୀର ଅସୁସ୍ଥ ହେବା ପରେ ଆଉ କୁକୁଡ଼ା ଫାର୍ମ ଚଳାଇବା ସମ୍ଭବ ହେଲା ନାହିଁ। ଏକମାତ୍ର ପୁଅ ମଧ୍ୟ କୁକୁଡ଼ା ବେପାରର ଅନିଶ୍ଚିତତା, ଉଠପଡ଼, ଅବାଞ୍ଛିତ ଉତ୍ତେଜନା ଦେଖିଥିବାରୁ ସେ ବେପାରରେ ଗୋଡ଼ ଦେବାକୁ ରାଜି ହେଲା ନାହିଁ। ସେ ତା ପାଇଁ ଅନ୍ୟ ବ୍ୟବସାୟ ବାଛି ନେଲା। ମୋତେ ବାଧ୍ୟ ହୋଇ କୁକୁଡ଼ା ବେପାର ବନ୍ଦ କରିବାକୁ ହେଲା।

ବର୍ତ୍ତମାନ ପ୍ରାୟ ମୋର ଅବସର। ଆଉ ବେଳେବେଳ ମୁଁ ଚିନ୍ତା କରେ ଏ ଦୀର୍ଘ କର୍ମମୟ ଜୀବନରେ ପାଇଲି କ'ଣ, ଦେଲି କ'ଣ। ଓକିଲ ହୋଇଥାନ୍ତି, ସେ ବାଟ ବନ୍ଦ ହୋଇଗଲା। ସାମ୍ବାଦିକ ହୋଇଥିଲି ପରିସ୍ଥିତି ସେଥିରୁ ମୋତେ ଓହରାଇ ଆଣିଲା। ଚାକିରି କରିବାକୁ ମନ ବଳିଲାନି। ଏ ସବୁତ କିଛି ମୋ ନିଜ ମର୍ଜିରେ ହୋଇ ନାହିଁ। କାହାର ଇଙ୍ଗିତରେ ଏସବୁ ହେବା ପରି ମୋର ହୃଦୟଙ୍ଗମ ହୋଇଛି।

ମାତ୍ର ଏବେ ହିସାବ ନିକାଶ ସମୟ। ଆଉ ଚିନ୍ତା କରୁଛି ପାଇଲି କ'ଣ ଦେଲି କ'ଣ। ସଂସାରରୁ ଅନେକ ଅନେକ ଅନୁଭୂତି ଆହରଣ କଲି ହୁଏତ ଚାକିରିରେ ପଶି ଥିଲେ ତାହା ପାଇ ନଥାନ୍ତି। ଚାଲାକି ଦେଖିଲି, ଚାତୁରୀ ଦେଖିଲି, ଧୂର୍ତ୍ତାମି ଦେଖିଲି, ଧଳାକୁ କଳା ଓ କଳାକୁ ଧଳା କରାଇ ପାରୁଥିବା ଲୋକଙ୍କୁ ଦେଖିଲି। ଏସବୁକୁ ଡ଼େଇଁବାକୁ ଯାଇ କିଛିଟା ଖଣ୍ଡିଆ ଖାବରା ତ ହେଲି ମାତ୍ର ଏଥିରୁ ମୁକୁଳିବାର ଉପାୟ ଆୟତ କରିପାରିଲି। କାମ କରି କରାଇବା ସୂତ୍ର ଜାଣି ପାରିଲି। ଏସବୁ ବ୍ୟବସାୟ ପାଇଁ ଆବଶ୍ୟକ ହେଉଥିଲା ଓ ବ୍ୟବସାୟ ସୁରୁଖୁରୁରେ ଚାଲିଲା।

ମାତ୍ର ମୋର, ଏକାନ୍ତ ମୋର ଏଥିରେ ଲାଭ କ'ଣ ହେଲା। ଏ ସବୁ ମୁଁ ଅଙ୍ଗେ ଲିଭାଇ ନ ଥିଲେ କ'ଣ ଭାସି ଯାଇଥାଆନ୍ତା। ମୁଁ ତ ଦେଲି ଯେତିକି, ନେଇଗଲି ସେତିକି। ଏ ତ ଚଳନ୍ତି ଖାତାର କଥା। ମାତ୍ର ମୋ ଖାତାରେ ଜମା ରହିଲା କ'ଣ, ଯାହାକୁ ନେଇ ମୁଁ ଏ ଜନ୍ମର ନଈ ପାର ହୋଇ ଆର ପାରିକୁ ଯାଇ ପାରିବି। ଯାହାକୁ ମୂଳ ଧନ କରି ନୂତନ ଜୀବନ ଆରମ୍ଭ କରିପାରିବି? ଏ ପ୍ରାଣ ମୂର୍ଚ୍ଛା ଦୌଡ଼ ଆଉ, ଆପଣାକୁ ମୁଣ୍ଡ ଟେକି ଠିଆ ହେବାର ପ୍ରଚେଷ୍ଟା ମଧ୍ୟରେ ସ୍ଥାୟୀ ଜମା କିଛି କରି ପାରିବା ପରି ମନେ ହେଉ ନାହିଁ। ଯେଉଁଟି ମୋ ସହିତ

Digitized by PPRACHIN, SOA

ଆର ଜନ୍ମକୁ ଯାଆନ୍ତା, ଯେଉଁଥିରୁ ସବୁ କିଛି ପରେ ମୁଁ କିଛି କିଛି ଖର୍ଚ୍ଚ କରି ଅସୁବିଧା ପରିସ୍ଥିତିରୁ ମୁକୁଳି ପାରନ୍ତି ।

ବର୍ତ୍ତମାନ ଉତ୍ତର ବୟସରେ ସେଇ ଚିନ୍ତା ଭାରାକ୍ରାନ୍ତ କରୁଛି । କର୍ତ୍ତବ୍ୟ ନାଁଆରେ ମୁଁ ଏସବୁକୁ କରି ପକାଇଲି, ଘର କଲି, ସଂସାର କରି ସଂସାରର ଦାୟୀତ୍ୱ ନେଲି । ଏଥିରେ କିଛି ମାତ୍ରାରେ ସଫଳ ମଧ୍ୟ ହେଲି । ମାତ୍ର କାଇଁ ମୋତେ ନିଜକୁ ତ ଶାନ୍ତି ମିଳୁନି । ମନେ ହେଉଛି ମୁଁ ବର୍ତ୍ତମାନ ନିଃସ୍ୱ । ଆଉ ମୋ ପାଖରେ କିଛି ନାହିଁ । ଦେବାକୁ ନାହିଁ କି ନେବାକୁ ନାହିଁ । ଆଜି ହେଉ ବା କାଲି ହେଉ ମୋତେ ଯିବାକୁ ହେବ । କ'ଣ ନେଇ ଏ ଲମ୍ୱା ରାସ୍ତାରେ ବାହାରିବି । କ'ଣ ନେଇ ନିୟନ୍ତାଙ୍କୁ ଦେଖାଇବି । ମୋର ନିଜର ବୋଲି କହିବି ? ଚାଲାକି ଶିଖିଲି, ଚାତୁରୀ ଶିଖିଲି । ନେଇ ଆଣି ଥୋଇ ପାରିବା ଶିଖିଲି । ଜିତାପଟ ହାସଲ କଲେ ଖୁସୀ ହେଲି, ହରାଇଲେ ଦୁଃଖୀ ହେଲି । ୩୫ ବର୍ଷରୁ ଅଧିକ ଏହିପରି କଟି ଯିବା ପରେ ଆଜି ମନେ ହେଉଛି, କ'ଣ ନେଇ ମୁଁ ଏଠାରୁ ଯିବି । ମୋ ଜମା ଖାତା ଖୋଜିଲେ, ସେଥିରେ ଏ ସବୁ ହାରଜିତ ଦରଜ ହୋଇ ନାହିଁ ଦେଖୁଛି । ଜମା ଖର୍ଚ୍ଚ ବାଦ ଦେଇ ଯତ୍ କିଞ୍ଚିତ ସଞ୍ଚୟ ରହି ଯାଇଛି ବୋଲି ଦେଖୁଛି, ବାରମ୍ୱାର ସେଇ ପ୍ରଶ୍ନ ମନକୁ ଆନ୍ଦୋଳିତ କରୁଛି । ଏ ସବୁରେ ମାତି ନଥିଲେ କ'ଣ ହୋଇ ଥାଆନ୍ତା । ହଁ ହୁଏତ ଜୀବନଟା ବଞ୍ଚିବା ପରେ ଏତେ ବର୍ଷ ପରେ ଏଇଆ ବୁଝିଛି ଯେ ଏ ସବୁରେ ମାତି ନଥିଲେ କିଛି ଗୋଟାଏ ଆକାଶ ଛିଣ୍ଡି ପଡ଼ି ନଥାନ୍ତା । ଏଇ ଅନୁଭବ, ଏଇତକ ବୁଝିବା ପାଇଁ ଏତକ ରାସ୍ତା ଅତିକ୍ରମ ହୁଏତ ଆବଶ୍ୟକ ଥିଲା । ସବୁ କ'ଣ ମୋ ଇଚ୍ଛାରେ ହୋଇଛି ? । ମୋ ପସନ୍ଦରେ ହୋଇଛି ?

ରମାକାନ୍ତ ରଥଙ୍କର ଦୁଇଟି ପଦ ଅନେକ ସମୟରେ ଅନେକ ସନ୍ଧିକ୍ଷଣରେ, ବିଷାଦ ମୁହୂର୍ତ୍ତରେ ମନ ଭିତରେ ଦୋହରାଇଛି ଓ ସାନ୍ତ୍ୱନା ପାଇଛି । ଆଜି ଏ ଛାଇ ଲେଉଟାଣି ବେଳକୁ ମେଲାଣି ନେବାର ସମୟ ଆସିବା ବେଳକୁ ସେତକ ବାରମ୍ୱାର ମନରେ ଆସୁଛି ।

ଦୁଇଟି ଯାକରେ ମୃତ୍ୟୁ, ନାହିଁ ତୋର ତୃତୀୟ ଉପାୟ / ଅଧୈର୍ଯ୍ୟ ଦେଖଣାହାରୀ ପୁନର୍ଜନ୍ମ ଅନିଶ୍ଚିତ ବିଦାୟ ବିଦାୟ ।

Digitized by PPRACHIN, SOA

ବଂଶବୃକ୍ଷ



Digitized by PPRACHIN, SOA

ମେଲାଣିର ବେଳା ଏକ କ୍ରମବିକଶିତ ଜୀବନର ଧାରା ବିବରଣୀ ନୁହେଁ, ଯଦିଓ ଏଥିରେ ଶୈଶବ, କୈଶୋର ଓ ପରିଣତ ଜୀବନର କିଛି ସମୟାନୁକ୍ରମିକ ଘଟଣା ଓ ଅନୁଭୂତି ସାମିଲ । ଏହା ମୁଖ୍ୟତଃ ଘଟଣାବଲମ୍ବୀ; କେତେଗୁଡ଼ିଏ ମୁଖ୍ୟ ଓ ମୋଡ଼ ବଦଳାଇ ଦେଇଥିବା ଘଟଣାର ଏକ ମନବୋଧ ଚଉତିଶା ।

କର୍ମ ଓ କର୍ମଫଳର ସନ୍ଧାନ, ନିରୂପଣ ଓ ଅଧ୍ୟୟନ ଏହି ଆତ୍ମଜୀବନୀର ଏକ ମୁଖ୍ୟ ସ୍ୱର । କର୍ମରେ ଅପକର୍ମ ମଧ୍ୟ ନିହିତ । ଅପକର୍ମର ବିଚାର ଏତେ ସହଜ ନୁହେଁ । କିନ୍ତୁ ମଣିଷ ମନ ଏମିତି ଗୋଟିଏ ଜିନିଷ ଯେ ସଫେଇ ଦେବା ସତ୍ତ୍ୱେ, ବୁଝେଇ ପାରିବା ସତ୍ତ୍ୱେ, ଗୋଟିଏ ଗୋଟିଏ ତଥାକଥିତ ସଫଳ କର୍ମକୁ ମନ ଅପକର୍ମ ବୋଲି ନିଭୃତରେ ସ୍ୱୀକାର କରି ଅବଚେତନର ଗହୀରରେ ପୋତି ରଖେ । ବହୁ ବର୍ଷ ପରେ ହେଉ ବା ଅଳ୍ପ ସମୟ ଭିତରେ ହେଉ କୌଣସି କଷଣ, ଦଣ୍ଡ, ଦୁଃଖ ଭୋଗିବାକୁ ପଡ଼ିଲେ ତାକୁ ସେଇ ପୁରୁଣା ଅପକର୍ମର ପରିଣାମ ବୋଲି ଗ୍ରହଣ କରିବାକୁ ମନ ତିଆରି ହୋଇଯାଏ ।

ଘଟଣାମାନଙ୍କ ଭିତରେ ଏଇ କାରଣାତ୍ମକ ଯୋଗସୂତ୍ର ଖୋଜିବା ଏ ଆତ୍ମଜୀବନୀର ଏକ ବୈଶିଷ୍ଟ୍ୟ ।

କମଳାକାନ୍ତ ମହାପାତ୍ର

୧୦୦ ଟଙ୍କା

ଚାରି କୋଣ four corners

Digitized by PPRACHIN, SOA